ସେପ୍ଟେମ୍ବର ୨୦୨୧




Photo by Dr. Ranjit Kumar Sahu, USA

ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

କଥା ଥିଲା "ଚାକିରୀ କରିବ ପୁଲିସ, ମାଛ ଖାଇବ ଇଲିସି"। ପିଲାଦିନରୁ ଆମେ ସମସ୍ତେ ଏହି କଥା ଶୁଣି ଆସିଛୁ। ଅବଶ୍ୟ ଆଜିର କରୋନା ସଂକଟ ସମୟରେ ଆମେ ଏହି କଥାର ସତ୍ୟତା କିଛିଟା ଯୋଡି ପାରିଛୁ। କାରଣ କରୋନା ସମୟରେ ଅନେକ କମ୍ପାନୀ ବନ୍ଦ ହୋଇଯାଇଥିଲା ଆଉ ଅନେକେ ରୋଜଗାର ହରାଇଥିଲେ ମଧ୍ୟ। କିନ୍ତୁ ଏହା କେବଳ କରୋନା ମହାମାରୀ ପାଇଁ।

ସମୟକ୍ରମେ ଭାରତରେ ସରକାରୀ ଚାକିରୀ ହ୍ରାସ ହେବାରେ ଲାଗିଛି। ଆଜିକାଲିର ଯୁବା ବର୍ଗ ଆଉ ସରକାରୀ ଚାକିରୀ କରିବାକୁ ଭଲ ପାଉନାହାନ୍ତି। ସେମାନେ ବେସରକାରୀ ସଂସ୍ଥାରେ ଯୋଗ ଦେଉଛନ୍ତି ଆଉ ନିଜ ପରିଶ୍ରମ ବଳରେ ଆଗକୁ ବଢୁଛନ୍ତି। ରୋଜଗାର ମଧ୍ୟ ସରକାରୀ ଚାକିରୀ ଅପେକ୍ଷା ଅନେକ ଅଧିକ। ଆଜିକାଲି ଅନେକ ରାଜନୈତିକ ଦଳ ସରକାରୀ ଚାକିରୀ ନମିଳୁଥିବାରୁ ସରକାର ବିପକ୍ଷରେ ଆନ୍ଦୋଳନ ମଧ୍ୟ କରୁଛନ୍ତି। କିନ୍ତୁ ଆମକୁ ମନେରଖିବା ଉଚିତ ଯେ କୌଣସି ଦେଶ ଯାହାର ନାଗରିକ ସରକାରୀ ଚାକିରୀ ଉପରେ ଅଧିକ ନିର୍ଭର କରନ୍ତି, ତାହା ଉନ୍ନତି କରିପାରିନାହିଁ। ଆମେରିକା ହେଉ କିମ୍ବା ଅନେକ ଇଉରୋପ ଦେଶ ହେଉ, ଏହି ଦେଶର ଅନେକ ଦେଶର ନାଗରିକ ସରକାରୀ ଚାକିରୀକୁ ପସନ୍ଦ ମଧ୍ୟ କରନ୍ତି ନାହିଁ। ଏହା ଦ୍ୱାରା ସେମାନେ ନିଜ ନିଜ ପ୍ରତିଷ୍ଠାନ ଖୋଲନ୍ତି ଆଉ ଅନେକ ଲୋକଙ୍କୁ ରୋଜଗାର ପ୍ରଦାନ ମଧ୍ୟ କରନ୍ତି। ଏହା ଦ୍ୱାରା ସେମାନଙ୍କର ନିଜର ଉନ୍ନତି ସଙ୍ଗେ ସଙ୍ଗେ ଦେଶ ଉନ୍ନତି କରିଥାଏ।

କିନ୍ତୁ ଏଠାରେ ମନେରଖିବା ଉଚିତ ଯେ ଭାରତ ସେମାଙ୍କର ଭଳି ବିତ୍ତଶାଳୀ ନୁହେଁ । ତେଣୁ ଏଠାରେ ଆମକୁ ଲୋକଙ୍କୁ ରୋଜଗାର ଦେବାକୁ ହେଲେ **Industrial Development** ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ । ଏହା ସହିତ ଆମର ଶିକ୍ଷା ପଦ୍ଧତିକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଏକ ନୂଆ ରୂପ ଦେବାକୁ ପଡିବ ଯାହା ଦ୍ୱାରା ଯୁବପିଢ଼ୀ ପାଠ ପଢିବା ସଂଗେ ସଂଗେ ନୂଆ ନୂଆ **Innovation** ପ୍ରତି ମଧ୍ୟ ଚେଷ୍ଟା କରିବାକୁ ଆଗଭର ହେବେ । ଏହା ଦ୍ୱାରା ସେମାନେ ପାଠ ପଢିବା ପରେ ଆଉ ସରକାରୀ ଚାକିରୀ ପାଇଁ ଆଗଭର ହେବେନାହିଁ । ଅବଶ୍ୟ ଆଜିକାଲି ସରକାର ଏଥିପ୍ରତି ଧ୍ୟାନ ଦେବାକୁ ପଛେଇ ନାହାଁନ୍ତି । **StartUp India, Swavalamban Scheme, SvaNidhi Scheme, MUDRA Scheme** ଇତ୍ୟାଦି ଏହି ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ଆଉ ଆମର ଯୁବପିଢି ଏହାର ସାହାଯ୍ୟ ନେଇ ଆଗକୁ ବଢିବା ସଙ୍ଗେ ସଙ୍ଗେ ଦେଶକୁ ଆଗକୁ ବଢେଇବାରେ ସାହାଯ୍ୟ ମଧ୍ୟ କରୁଛନ୍ତି ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଈଶ୍ୱରଙ୍କ ହସ | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| କରୋନାର ତୃତୀୟ ଲହର | ଶଶଧର ମହାପାତ୍ର | ୨୬ |
| ତା ପାଇଁ କିଛି ପଦ | ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ | ୨୮ |
| ବଂଶୀ ରେ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୩୦ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୩୩ |
| ମଧୁର ଲଗ୍ନ | ପୁଷ୍ପାଞ୍ଜଳି ପଣ୍ଡା | ୪୦ |
| ବନ୍ଧୁତ୍ୱ ର ପରିଭାଷା | ଅମ୍ବିକା ସ୍ୱାଇଁ | ୪୧ |
| ସମ୍ପର୍କ | କୁଞ୍ଜବିହାରୀ ରାଉତ | ୪୩ |
| ଉଷା କିରଣ | ଡକ୍ଟର ମଧୁସ୍ମିତା ମିଶ୍ର | ୪୪ |
| ତୁଚ୍ଛ ସମ୍ପର୍କ | ଧରିତ୍ରୀ ଦାସ | ୫୩ |
| ଏମିତି ହୁଏ | ବରୁଣ କୁମାର ଦାସ | ୫୪ |
| ଜୀବନ ଶିଖା | ପ୍ରଣତୀ ରଥ | ୫୫ |
| ବନ୍ଧୁତା | ଜୟଶ୍ରୀ ପଟ୍ଟନାୟକ | ୫୭ |
| ସୃଷ୍ଟିରେ ତୁମେ ନାରୀ | ବେଣୁଧର ସୂତାର | ୫୯ |
| ଅବତାର | କମଳିନୀ ଦେବୀ | ୬୦ |
| ଜୀବନର ରଙ୍ଗ | ସ୍ନିଗ୍ଧା ସାମନ୍ତରାୟ | ୬୩ |
| ବିବାହ ବେଦୀ | ଅଳକା ମହାନ୍ତି | ୬୫ |
| କବିତା ଓ ସମାଜ | ଆଶୁତୋଷ ମେହେର | ୬୯ |
| ଅହଂକାର | କୀର୍ତ୍ତି ଦେବୀ | ୭୦ |
| କର୍ମ | ଡ. ଜ୍ଞାନେଶ୍ୱର ମିଶ୍ର | ୭୧ |
| ଲଳିତ ନିବନ୍ଧ ଲଘୁ ଆଲୋଚନା- ମିଛ ସହ ହାତାହାତି | ବଦ୍ରୀ ମହାନ୍ତି | ୭୨ |

| | | |
|---|---|---|
| ସମୟ ତାଳରେ ଜନ-ଜୀବନ | ସନ୍ତୋଷ ପଟ୍ଟନାୟକ | ୭୫ |
| ବର୍ଷାର ସ୍ମୃତିରେ | ସତ୍ୟବ୍ରତ ସାହୁ | ୭୬ |
| ପ୍ରଣୟ କାନନର ଭ୍ରମଣ ବୃତ୍ତାନ୍ତ | ଶୋଭଗିନ ବିଶି | ୭୭ |
| କ୍ଷୁଦ୍ରଗଳ୍ପ : 'ଖେପାଜାଲ' | ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ) | ୭୯ |
| ପାରିବାନ କ ଜିଣି ହୃଦୟ ? | ବିନୋଦିନୀ ଦାଶ | ୯୩ |
| ଶବ୍ଦ ର ଶବ୍ଦ | ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ | ୯୫ |
| ଭଗ୍ନ ଅବଶେଷ | ପ୍ରଦୀପ୍ତ କୁମାର ସାହୁ | ୯୬ |
| ଥରୁଟିଏ ପ୍ରଭୁ | ପ୍ରଦୀପ୍ତ କୁମାର ମିଶ୍ର | ୯୮ |
| ରକ୍ତାକ୍ତ ପ୍ରତିଜ୍ଞା | ଖଗେଶ୍ୱର ବାଗ | ୯୯ |
| ମୁଁ କବି କପରି ହେଲି ? | ରାଧାମୋହନ ପୂଜାହାରୀ | ୧୦୩ |
| ସାଗରର ଦୁଃଖ | ପ୍ରଭାତ ନଳନୀ ସାହୁ | ୧୦୫ |
| ମନ ଚୈତନ ସମ୍ବାଦ<br>କରମନ ଚଇତନକୁ ଏବ | ଡ. ଅର୍ଜୁନ ଚରଣ ବାରିକ | ୧୦୬ |
| ପେନ୍ଥାଏ ସୋରିଷ ଫୁଲ | ଅମୂଲ୍ୟ କୁମାର ପଣ୍ଡା | ୧୦୭ |
| ନାଟକ -ମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୯ |
| ତରଣି ବୁଡିଲା ବାରୁଣୀ ରେ | ଅଲେଖ ମେହେର | ୧୧୭ |
| ସେଦିନ ର ସ୍ମୃତି | ନନ୍ଦିନୀ ରାଉତ | ୧୧୮ |
| ଜଳ | ସନାତନ ମହାକୁଡ | ୧୧୯ |
| ପାଉଁଜି | ବାସନ୍ତୀ ଲତା ଜେନା | ୧୨୦ |
| ବର୍ଷା | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୨୨ |
| ପବିତ୍ର ପ୍ରାପ୍ତି | ବର୍ଷାରାଣୀ ସେଠୀ | ୧୨୩ |
| ଅଯାଚିତ | ଲକ୍ଷ୍ମୀପ୍ରିୟା ମାଇତି | ୧୨୫ |
| ଧାରାବାହିକ କାହାଣୀ "କୁସୁମ" | ବିଜୟ କୁମାର ପଣ୍ଡା | ୧୨୬ |
| ଆଉଥରେ ଗ୍ଭଲ | ଶିଶିର କୁମାର ପଣ୍ଡା | ୧୨୯ |

| | | |
|---|---|---|
| ବନ୍ଧୁତ୍ୱ | ନମିତା ଦାସ | ୧୩୦ |
| ଶ୍ରାବଣ | ମନୋରମା ମହାନ୍ତି | ୧୩୧ |
| ମାଟି କଣ୍ଢେଇ | ଶିବବ୍ରମ୍ମ ଦଳେଇ | ୧୩୨ |
| ମାଟିର ମଣିଷ | ରଞ୍ଜନ କୁମାର ଖଣ୍ଡା | ୧୩୪ |
| ବିଚଳତ | ସସ୍ମିତା ପଟ୍ଟନାୟକ | ୧୩୬ |
| ଗୁରୁ | ଦେବାର୍ଚ୍ଚନ ମେହେର | ୧୩୭ |
| ମୋ ପୁଅ ଘର! | ଅଶୋକ ମହାରଣା | ୧୩୯ |
| ନାରୀ | ଗୌରୀ ମେହେର | ୧୪୪ |
| ଏକାକୀତ୍ୱ | ଦୁର୍ଗା ମାଧବ ମହାରଣା | ୧୪୫ |
| ଚହ୍ଲିଥା ସମାଜର ଶତ୍ରୁଙ୍କୁ | ହରେବ୍ରମ ପଣ୍ଡା | ୧୪୬ |
| ଭିକାରୁଣୀ | ବିନୟ କୁମାର ଦାସ | ୧୪୭ |
| ଦୁଃଖିନୀ ମା | ଚତରଞ୍ଜନ ବେହେର୍ | ୧୫୨ |
| ଜୀବନ | ସଂଯୁକ୍ତା ମେହେର | ୧୫୩ |
| ଫେରିବାଲ୍ | ସିଦ୍ଧେଶ୍ୱର ତ୍ରିପାଠୀ | ୧୫୪ |
| ଆସନ୍ତୁ ଜାଣିବା ବୌଦ୍ଧକ୍ଷେତ୍ର କୁପାରୀ ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ କିଛି | ନରେନ୍ଦ୍ର ପ୍ରସାଦ ବେହେର୍ | ୧୫୫ |
| ଭରିଦିଅ ମନେ ତୁମରି ଭାବନା | ରାଜକଶୋର ସାଇଁ | ୧୫୯ |
| ଯଦି ତୁମେ ଫେରିଆସ ! | ରିୟା ବେହେର୍ | ୧୬୧ |
| ଅଭିନନ୍ଦନ ଭାରତୀୟ ଖେଳାଳ | ବିଷ୍ଣୁପ୍ରିୟା ଦାସ | ୧୬୩ |
| ଗୁଡମର୍ଣ୍ଣି | ଝରଣା ବାରିକ | ୧୬୪ |
| କବିତା | ତ୍ରିପତି ପ୍ରଧାନ | ୧୬୬ |
| ମୋ ବୟସର | ବିଜୟ କୁମାର ସାହୁ | ୧୬୭ |
| ଦୃଢ ନଷ୍ଟୟ | ଝିଲ୍ଲି କୁମାରୀ ସାହୁ | ୧୬୮ |
| ସର୍ବଂସହା | କାଳକଙ୍କର | ୧୭୦ |

| | | |
|---|---|---|
| ସକାଳ ମାଗୁଣି କାଳଆକୁ | କଳ୍ପନା ଗ୍ରହ୍ମ | ୧୮୦ |
| ଅଗଷ୍ଟ-୧୫ | ଧିରେନ୍ କୁମାର ବେହେରା | ୧୮୨ |
| ରବିନ୍ଦ୍ର ସ୍ମୃତିର ନୈବେଦ୍ୟ : ରବୀନ୍ଦ୍ର ଭବନ | ପ୍ରିୟବ୍ରତ ପାତ୍ର | ୧୮୫ |
| କଛି ସତ୍ୟ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୯୦ |
| କବି ଓ କବିତା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୯୨ |
| ଗୁରୁ ପୂର୍ଣ୍ଣିମା | ଜନ୍ମଜୟ ନାୟକ | ୧୯୩ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କଶୋର ମହାନ୍ତି | ୧୯୪ |
| ଶ୍ରୀଗୁରୁ | ବ୍ରଜବିହାରୀ ମେହେର | ୨୦୦ |
| ମୋ ବୋଉ | କୁନ୍ତଳା କୁମାରୀ ଦେଇ | ୨୦୧ |
| ପ୍ରତ୍ୟାଶୀ ପଥିକ | ଲକ୍ଷ୍ମଣ ମହାନ୍ତି | ୨୦୪ |
| ଆମ ପରିବେଶ ସୁରକ୍ଷା ଆମ ହାତରେ | ପ୍ରତାପ ଚନ୍ଦ୍ର ସାହୁ | ୨୦୬ |
| ଅନ୍ୟମନସ୍କ | ଡ଼ଃ. ମଧୁମିତା ଷଡଙ୍ଗୀ | ୨୧୦ |
| ଜୀବନ ରେ ଯଦି ଥରେ | ଲଲ୍‌ଟେନ୍ଦୁ ବାରିକ | ୨୧୧ |
| ନଯୁକ୍ତି | ଅଜିତ ପାଢ଼ୀ | ୨୧୨ |
| ଆଶଙ୍କା | ସଂଯୁକ୍ତା ସାହୁ | ୨୧୩ |
| ପ୍ରକୃତିର ସ୍ୱନ୍ଦର୍ଯ୍ୟ ବଢ଼ାଏ ବୃକ୍ଷ | ସସ୍ମିତ ଦାଶ | ୨୧୪ |
| ଗ୍ରାମ୍ୟ ମଣିଷ | ନରଞ୍ଜନ ସାହୁ | ୨୧୮ |
| ଦଳ ତ୍ୟାଗୀଙ୍କ ପାଇଁ ଦୁଇପଦ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୨୧୯ |
| ଭାଗ୍ୟ | ଦୀପକ କୁମାର ନାୟକ | ୨୨୧ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୨୨୨ |
| ମୋ ଭାରତ ମହାନ | ଅମରନାଥ ବାରିକ | ୨୨୮ |
| ସରିଲ୍ ଅଭିନୟ | ଶଶୀକାନ୍ତ ମେହେର | ୨୨୯ |

| | | |
|---|---|---|
| ଜୟ ଶିବ ଶଙ୍କର | ମଙ୍ଗୁଲୁ ଗୌଡ | ୨୩୦ |
| ଉପନ୍ୟାସ ସମ୍ରାଟ ମୁନସୀ ପ୍ରେମଚାନ୍ଦ | ଅସିତ ମହାନ୍ତି | ୨୩୧ |
| ରଥ ଯାତରାକୁ ଡାକୁନ କାଳିଆ | ଦୀନବନ୍ଧୁ ପୋଇ | ୨୩୫ |
| ରାବଣବାଣୀ | ରଞ୍ଜନ କୁମାର ପ୍ରଧାନ | ୨୩୬ |
| କାଳଡ୍ | ତପସ୍ୱିନୀ ରଥ | ୨୩୭ |
| କେମିତି ଭୁଲିବି | ସ୍ୱାତୀ ବନ୍ଦନା କର | ୨୩୯ |
| ପ୍ରତାରଣା | ସୁଶୀଲ୍ କୁମାର ଭୋଇ | ୨୪୦ |
| କହିଲେ କହିବ କହୁଛି | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୪୨ |
| ରେନ୍ କୋଟ | ଡଃ ମାଙ୍ଗଳିକା ମହାପାତ୍ର | ୨୪୪ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୪୭ |
| ମା | ପ୍ରତିମା ମେହେର | ୨୫୩ |
| ହେ ବର୍ଷା ରାଣୀ.. | କେଶରୀ ପ୍ରସାଦ ମହାନ୍ତି | ୨୫୫ |
| କୃଷକ | କାହ୍ନୁ ଚରଣ ସାହୁ | ୨୫୬ |
| ଦାମିନୀ-ଏକ ରୋମାଞ୍ଚକର କାହାଣୀ | ବିଶ୍ୱ ରଞ୍ଜନ ମହାନ୍ତି | ୨୫୮ |
| ତୁମେ ହିଁ ପରମ ବନ୍ଧୁ | ଗୁପ୍ତେଶ୍ୱର ଗୁନ୍ଦ | ୨୬୮ |
| ମୁଁ ଆଉ କବିତା | ମଞ୍ଜୁ ରାଣୀ ବେହେରା | ୨୭୦ |
| ବନ୍ଧନ ଆଶା | ଧନଞ୍ଜୟ ସ୍ୱାଇଁ | ୨୭୨ |
| ଲୁହ ଏକ ଶ୍ରାବଣ | ପ୍ରକାଶ ମେହେର | ୨୭୩ |
| ମୋ ସ୍କୁଲ | ଦିନେଶ ମେହେର | ୨୭୫ |
| ପୁଣି ଭାଙ୍ଗିବ | ମେନନ୍ ସାହୁ | ୨୭୬ |
| ମୋର ଆଜିକାଲି | ତାରାପ୍ରସାଦ ଜେନା | ୨୭୭ |
| ମିଛେଇ ପ୍ରେମିକା | ଚୈତନ୍ୟ ବାଗ | ୨୭୮ |
| ନବ ସକାଳର ସ୍ୱପ୍ନ | ଟୁକୁନା ସାହୁ | ୨୮୦ |
| ଅର୍ଥ ଅହଙ୍କାର | ମହେଶ୍ୱର ସାହୁ | ୨୮୧ |

| | | |
|---|---|---|
| ତୁମବିନୁ ମୁଁ ଯେ | ଅଜୟ କୁମାର ବେହେରା | ୨୮୨ |
| ଲଙ୍କେଶ୍ୱରୀ ମାଲେଶ୍ରୀ | କୁମର ଲାଲ ରଣା | ୨୮୪ |
| ଜୀବନ ନଉକା | ବିଶ୍ୱଜିତ ରଥ | ୨୮୬ |
| ବରଷା ରାଣୀ | ରାମ ଚନ୍ଦ୍ର ପ୍ରଧାନ | ୨୮୭ |
| ଲୋକ କାହାଣୀ ରେ ସାମାଜିକ ଆବେଦନ | ଚତୁର୍ଭୁଜ ରଣ | ୨୮୮ |
| ତୁମରି ଅପେକ୍ଷାରେ | ରୀକ୍ଷିରାମ ମେହେର | ୨୯୩ |
| ସୂର୍ଯ୍ୟୋଦୟ | ରାକେଶ ରତନ | ୨୯୫ |
| ପ୍ରଳୟର ପ୍ରତିଧ୍ୱନି | ପ୍ରଶାନ୍ତ କୁମାର ପାଢୀ | ୨୯୭ |
| ମୋ ସ୍ୱପ୍ନ | ଦୁଷ୍ମନ୍ତ ବେହେରା | ୨୯୮ |
| ରଜନୀ | ଶୁଭମ୍ କୁମାର ସାହୁ | ୩୦୩ |
| ଶ୍ରାବଣର ସୋମବାର | ଅକ୍ଷୟ କୁମାର ବେହେରା | ୩୦୪ |
| ବାପାଙ୍କୁ ବିନତି | ଆଲୋକ କୁମାର ପଣ୍ଡା | ୩୦୫ |
| ଚରଣାମୃତର ପ୍ରଚଳନ | ବାଲ୍ମୀକ ନାୟକ | ୩୦୬ |
| ଅଲୋଡା ପାଉଁଶ | ମନୋଜ କୁମ୍ଭାର | ୩୧୦ |
| ସମର୍ପଣ | କରଣ ମନୀଷା ମହାନ୍ତି | ୩୧୨ |
| ଗୁରୁ ମୋର | ଗୋପାଳ ଭାଟି ଯାଦବ | ୩୧୪ |
| ଚରଣାମୃତର ପ୍ରଚଳନ | ବାଲ୍ମୀକ ନାୟକ | ୩୪୫ |
| ମହାଭାରତ କଥା.. | ନରେନ୍ଦ୍ର ପ୍ରସାଦ ବେହେରା | ୩୧୯ |
| କେଶବ ଚଉତିଶା | ଆନନ୍ଦ ସାହୁ | ୩୨୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ମ୍ୟାଲେରିଆ ଜ୍ୱର ର କାରଣ ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୨୮ |

# ଆମ ହାଣ୍ଡିଶାଳ


| | | |
|---|---|---|
| ନଡ଼ିଆ ବଗ୍ ତରକାରୀ | ଅଳକା ମହାନ୍ତି | ୩୩୩ |
| ମାଟିହାଣ୍ଡି ଖେଷେଇ ପ୍ରତି ବଢୁଛି ଆକର୍ଷଣ | ଅମ୍ବିକା କାନୁନଗୋ | ୩୩୪ |
| ପ୍ରେସରରେ ପୋଡ଼ ପିଠା | ଧରିତ୍ରୀ ଦାସ | ୩୪୧ |
| ଆମ ହାଣ୍ଡିଶାଳ | ତ୍ରିପତି ପ୍ରଧାନ | ୩୪୩ |
| କଖାରୁ ଫୁଲ ପିଠଉ | ସୁଲୋଚନା ବେହେରା | ୩୪୫ |
| କାଞ୍ଜି | ସୋନାଲି ଦାସ | ୩୪୭ |
| ମିଶମିଶି ସାଦା ତରକାରୀ | ସସ୍ମିତା ପଟ୍ଟନାୟକ | ୩୪୮ |
| କରଞ୍ଜି ପିଠା | ରୁଦ୍ର ନାରାୟଣ ଦାଶ | ୩୫୦ |
| ଛଚନ୍ଦ୍ରା ପିଠୋଉ | ନମ୍ରତା ସାହୁ | ୩୫୧ |
| ଆମ ହାଣ୍ଡିଶାଳ | ଧନଞ୍ଜୟ ସ୍ୱାଇଁ | ୩୫୩ |
| ଚକୁଳ ପିଜେଟା | ଦେବଜାନୀ ସ୍ୱାଇଁ | ୩୫୫ |
| ବାଡିଆ ଡାଲମା | ବବୁଲି ତ୍ରିପାଠୀ | ୩୫୭ |
| ବାଇଗଣ ରାଇତା | ଜୟନ୍ତୀ ଦେବୀ | ୩୫୯ |


# ଆଞ୍ଚଳିକ


| | | |
|---|---|---|
| ସାବିତ୍ରୀ ଉଆସ୍ | ପ୍ରମୋଦ କୁମାର ସାହୁ | ୩୬୧ |
| ନୂଆଖାଇ | ମନୋଜ ମହାକୁଡ | ୩୬୨ |
| ଅଷାଢ ଆଏଲାନ | ଶ୍ୟାମ ସୁନ୍ଦର କୁମ୍ଭାର | ୩୬୪ |
| ନୂଆଁ ଡର୍ | ସୁନୀଲ କୁମାର ଅଗସ୍ତି | ୩୬୬ |
| ବର୍'ଷାଥିଁ ଡଂଗର୍ ତଲର୍ ଗାଆଁ | ବାଙ୍କାବିହାରି ମହାକୁର | ୩୬୭ |
| ଗୁରୁ ଦକ୍ଷିଣା | ସତ୍ୟନାରାୟଣ ମିଶ୍ର | ୩୬୯ |

# ଶିଶୁ ବିଭାଗ



| | | |
|---|---|---|
| ଛେଳ ମଧ୍ୟ ଖାଏ, ମଣିଷ ମଧ୍ୟ ! | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୨ |
| ଶ୍ରମିକ ଭାଇ | ନଗ୍‌କାର ଚଇନ | ୩୭୬ |
| ମଣିଷ ପରି ମଣିଷଟିଏ | ବିଜୟ କୁମାର ଛାଟୋଇ | ୩୭୮ |
| ଭକତି କୁସୁମ | ମୀନାକ୍ଷି ପାଢୀ | ୩୮୦ |
| ବରଷାରାଣୀ | ନୀଳମାଧବ ସାହୁ | ୩୮୧ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୮୫ |
| ମଣିଷ | ପ୍ରତୀକ୍ଷା ଶତପଥୀ | ୩୮୬ |
| ବଣ ରାଇଜରେ ଲାଗଛି ନଆଁ | ପ୍ରକାଶ କୁମାର ଗୁନ୍ଦ | ୩୮୭ |
| ଚନ୍ଦ୍ର | ସ୍ମୃତି କାଜଲ ଜେନା | ୩୮୯ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୩୯୦ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୨ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୩ |



[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ଈଶ୍ୱରଙ୍କ ହସ



ଡକ୍ଟର ବିଜ୍ଞାନୀ ଦାସ

ହୁଏତ ଈଶ୍ୱର ହସୁଥିଲେ ।

ଏତେ ସବୁ ଯୋଜନା, ଯାହା ଛନ୍ଦା ଗତ କଛିଦିନ ଧରି ଭାବି ଆସୁଥିଲା, ହଠାତ୍ ସବୁ କେମିତି ଓଲଟପାଲଟ ହୋଇଗଲା । ଜଣା ପଡୁନଥିଲା, ଏ ସମୟରେ କେଉଁ ପଥଟିକୁ ଆପଣାଇବା ଠିକ୍ ହେବ । ସିଏ ଯାହାସବୁ ଯେମିତି ଭାବେ କରିବାକୁ ସ୍ଥିର କରିଥିଲା, ଏବେତ ସେସବୁ ସେମିତି ଭାବେ କରିହେବନ । ତେଣୁ ଗତିପଥ ବଦଳାଇବାକୁ ପଡିବ । ହେଲେ କେମିତି ଭାବେ ବଦଳାଇବାଟା ଠିକ୍ ହେବ, ସେଇଟା ଥିଲା ଆଲୋଚନାର ବିଷୟବସ୍ତୁ ।

ମଣିଷ ଜୀବନରେ କେତେକେତେ ଯୋଜନା କରି ଚାଲିଥାଏ । "ଅମକ କରିବି, ସମକ କରିବି ।" ହେଲେ ସେସବୁ ସତ ହୁଏ କି? ସତ ହେଲେ ବି ଯେମିତି ଯିଏ ଚାହିଁଥାଏ, ସେମିତି କଣ ହୋଇପାରେ ? ଏମିତି ଅଚାନକ ଭାବେ ବିଭ୍ରାଟ ଆସି ଜମା ହୋଇଯାଏ ଯେ, ମଣିଷର ମନ ସେଥିରେ ଆନ୍ଦୋଳିତ ହୋଇ ଏକ ଅଜବ ପରିସ୍ଥିତିକୁ ଚାଲିଆସେ । ମୁଣ୍ଡର କଛି ପଶେନ । ସେମିତି ହିଁ ଏ ଅଗଷ୍ଟ ୧୩ ତାରିଖ ଅପରାହ୍ନର ଝଡ, ତୋଫାନ ଛନ୍ଦା ଓ ଆକାଶଙ୍କ ସମସ୍ତ ଯୋଜନାକୁ ପଣ୍ଡ କରିଦେଇଥିଲା । ସେମାନେ ବିକଳ୍ପ ଖୋଜୁଥିଲେ ଓ ସେଇ ବିଷୟରେ ଆଲୋଚନା କରୁଥିଲେ ।

ପ୍ରଥମ ପଥ - ଗୋଟିଏ ହୋଟେଲ୍ ଭଡା ନଆଯାଉ । ସେଠାରେ ସମସ୍ତେ ଶୀତତାପ ନିୟନ୍ତ୍ରିତ ପରିବେଶରେ ରହିବେ । ଭଲରେ ଗାଧୁଆ ପାଧୁଆ କରିବେ । ଏ କରୋନା ସମୟରେ ଭୋଜନାଳୟରେ ବସି ଖାଇବାଟା ତ ଠିକ୍ ହେବନ, ତେଣୁ ଖାଦ୍ୟ ମଗାଇ ଖିଆ ଯାଇପାରେ । ବଡ ଝିଅ ଚୁନକୁ ସେଠାକୁ ନିମନ୍ତ୍ରଣ କରାଯାଇପାରେ । ସାନ ଝିଅ ରିନ ଯିଏ

ଏପର୍ଯ୍ୟନ୍ତ ନ୍ୟୁର୍କରୁ ବାହାରି ନଥିଲା, ତାକୁ ହୋଟେଲ୍‌କୁ ଆସିବାକୁ କୁହାଯାଇପାରେ ।

ତେବେ ଏ ପଥରେ କଛିଟା ବିଭ୍ରାଟ ଥିଲା । ସେଇଟା ହେଲା ଝିଅ ମିନର କୁକୁର ଲିଓକୁ ନେଇ । ସବୁ ହୋଟେଲ୍ ତ ଆଉ କୁକୁରକୁ ରହିବାକୁ ଛାଡିବେନ । ଦ୍ୱିତୀୟରେ, କୁକୁର ପାଇଁ ହଠାତ୍ ଆଉ କଛି ବିକଳ୍ପ ପାଇବା ବି ଅସମ୍ଭବ । ତାପରେ ବିଜୁଳ ଯୋଗାଉଥିବା କଂପାନୀ ଲେଖୁଥିଲା ଯେ ସେଦିନ ସନ୍ଧ୍ୟା ୮ଟା ବେଳକୁ ବିଜୁଳ ଫେରିଆସିବ । ତାହେଲେ ଏ କଛି ସମୟ ପାଇଁ ଅନ୍ୟ କଛି ବ୍ୟବସ୍ଥା ହୋଇପାରିଲେ ଠିକ୍ ହେବ ।

ଆକାଶ କହିଲେ, "ମୁଁ ଗୋଟିଏ ଦ୍ୱିତୀୟ ପଥର ଯୋଜନା ଭାବୁଛି । ସେଇଟା ହେଲା, ଆମେ ଏହି ଘରେ ହିଁ ରହିଥିବା ତେବେ। ଆଶ୍ରମ ଘରକୁ ଯାଇ ଗାଧୋଇ ଆସିବା । ସେଠାରେ ମହେଶ ଠାକୁରଙ୍କ ଦର୍ଶନ ବି କରିପାରିବ । ତାପରେ ତାକୁ କଲମ୍ବିଆ ଓ ଆଖପାଖ ସହର ବୁଲେଇ ଆମେ ଘରକୁ ଫେରିଆସିବା । ଖାଦ୍ୟ ରେଷ୍ଟୁରାଣ୍ଟରୁ ମଗେଇଆଣିବା । କଛି ପାଣି ବୋତଲ ବି କଣି ଆଣିବା ଓ ବେସମେଣ୍ଟରେ କାଗଜ ପ୍ଲେଟ ରେ ଖିଆପିଆ କରିବା । ହୁଏତ ଏ ଭିତରେ ବିଜୁଳ ଆସିଯିବ ।

ଛନ୍ଦା କନ୍ତୁ ଏ ଦ୍ୱିତୀୟ ପ୍ରସ୍ତାବରେ ରାଜିହେଲାନ । "ଏ ହୁଏତ" ଯଦି ନ ହୁଏ ? ତେବେ ସବୁ ପୁଣି ଗୋଳମାଳ । ତା' ପରିବର୍ତ୍ତେ ଆମେ ଆମର ଆଜିର ଏ ମିଳନୀଟିକୁ ଟୁନ ଘରକୁ ବଦଳେଇଦେବା । ସମସ୍ତେ ସେଇଠିକୁ ଯିବା । ସେଠି ଯାହାର ଗାଧୁଆପାଧୁଆ କରିବା କଥା କରିବେ । ଘରେ ଯାହା ତରକାରୀ ସବୁ ଅଛି, ସେସବୁ ତା' ଘରକୁ ନେଇଯିବା । ସେଥିରେ ଲଞ୍ଚ୍ ହୋଇଯିବ । ରାତ୍ରିଭୋଜନ ପାଇଁ ରେଷ୍ଟୁରାଣ୍ଟରୁ କଛି ଖାଦ୍ୟ ମଗେଇଦେବା । ତା' ଭିତରେ ଯଦି ବିଜୁଳ ଆସିଲା ତ ସମସ୍ତେ ଘରକୁ ଫେରିବା, ନହେଲେ ପିଲାମାନେ ସମସ୍ତେ ସେଠି ରହିଯିବେ ଓ ଆମେ ଫେରିଆସିବା ।

ଟୁନ ସକାଳ ୯ଟା ବେଳକୁ ଫୋନ୍ କଲା । ପରିସ୍ଥିତି ବିଷୟରେ ତାକୁ ଜଣେଇ ଦିଆଗଲା । ସିଏ ବି ଛନ୍ଦାର ପ୍ରସ୍ତାବକୁ ସମର୍ଥନ କଲା । ରିନ ସେପର୍ଯ୍ୟନ୍ତ କଛି ଜଣେଇ ନଥାଏ । ତାକୁ ଫୋନ୍ କରିବା ପରେ ବି ସିଏ ଉଠେଇଲାନ । ହୁଏତ ଏପର୍ଯ୍ୟନ୍ତ ସିଏ ଶୋଇଛି କ କଣ । ଉଠୁ ତାହେଲେ ।

ରିନ ଦିନ ଦଶଟା ବେଳକୁ ଫୋନ୍ କରି କହିଲା ସିଏ ଏବେ ନ୍ୟୁର୍କରୁ ବାହାରୁଛି । ତା ସହିତ ଆଲୋଚନା କରି ଆକାଶ ଆଗାମୀ ଯୋଜନା ବିଷୟରେ ସିଦ୍ଧାନ୍ତ ନେଲେ । ମିନ ଓ

ମହେଶ କଲମ୍ବିଆ ବୁଲି ଦେଖିବାକୁ ଯାଆନ୍ତୁ । ଛନ୍ଦା ଯଦି ଯିବାକୁ ଚାହୁଁଛ, ସେମାନଙ୍କ ସହିତ ଯାଉ । ସେମାନେ ବୁଲାବୁଲି କରି ସିଧା ଆଲେକ୍ଜାଣ୍ଡ୍ରିଆ, ଟୁନ ଘରକୁ ଚାଲିଯିବେ ।

ଆକାଶ ଲିଓ ସହିତ ଘରେ ରହିଥିବେ । ରିନ ଆସିଲେ, ରିନ ସେମାନଙ୍କୁ ପିକ୍ଅପ୍ କରିବ ଓ ସେମାନେ ଯାଇ ଟୁନ ଘରେ ପହଞ୍ଚିବେ ।

ଏମିତି କଥାବାର୍ତ୍ତା ହୋଇ ସମସ୍ତେ ସେମିତି ଭାବେ ଦିନଟିକୁ କଟେଇବାକୁ ସ୍ଥିର କଲେ । ଯଦି କୌଣସି କାରଣରୁ ବିଜୁଳି ନ ଫେରେ, ତେବେ ଟୁନ ଘରେ ରହିଯିବାକୁ ମିନ ଓ ମହେଶ ସ୍ଥିର କରି ନିଜନିଜର ବ୍ୟାଗ୍ ସଜାଡିଲେ । ବିଶେଷତଃ ରବିବାର ଦିନ ୫ଟା ବେଳକୁ ମହେଶର ଫ୍ଲାଇଟ୍ ଥିଲା କାଲିଫର୍ଣ୍ଣିଆ ଫେରିଯିବାକୁ । ସେଇଟା ଥିଲା ଡଲାସ୍ ଏୟାରପୋର୍ଟରୁ, ଯେଉଁଟାକି ଟୁନ ଘରକୁ ପାଖ ।

ଏମିତି ସବୁ, ଏଇଟା ସେଇଟା ହୋଇ ମିନ, ମହେଶ ଓ ଛନ୍ଦା ଘରୁ ବାହାରିଲେ । ଛନ୍ଦା ଗୋଟିଏ ଇନ୍ସୁଲେଟେଟ୍ ବ୍ୟାଗ୍ ରଖିଦେଇ ଆକାଶଙ୍କୁ କହିଗଲା, "ତମେ ଯିବାବେଳକୁ, କୋବି ତରକାରୀ, ଦହି ବାଇଗଣ ଓ ବିନ୍ ଭଜା ଏହି ବ୍ୟାଗ୍ ଭିତରେ ଭର୍ତ୍ତି କରି ନେଇଯିବ।"

ଆକାଶ ଭ୍ୟାନରେ ସମସ୍ତଙ୍କୁ ବସେଇ ରଥରଫୋର୍ଡ ୱେ ଓ ଟେନ୍ ଓକ୍ସ୍ ରୋଡ୍ର ଛକରେ ଛାଡିଦେଲେ । ଟେନ୍ ଓକ୍ସ୍ ରୋଡ୍ର ଦୁଇପଟ ରାସ୍ତା ବନ୍ଦ ଥିଲା । ଶୁକ୍ରବାର ଦିନ ଅପରାହ୍ନରେ ଟର୍ଣ୍ଣାଡୋ ହୋଇ ବଡବଡ ଗଛ ସବୁ ଭାଙ୍ଗିଯାଇ ରାସ୍ତାରେ ପଡିଥିଲା । ଉଭୟ ପାର୍ଶ୍ୱରେ ତିନତିନଟା ହୋଇ ସମୁଦାୟ ଛଅଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇ ତାର ସବୁ ରାସ୍ତାରେ ପଡି ରହିଥିଲା । ତେଣୁ ସେ ଦୁଇ ରାସ୍ତାକୁ ବନ୍ଦ କରିଦିଆଯାଇଥିଲା । ଭାଗ୍ୟହେଉ କି ଦୁର୍ଭାଗ୍ୟ ହେଉ, ଯେଉଁ ସମୟରେ ଟର୍ଣ୍ଣାଡୋ ହେଲା, ସେ ସମୟରେ ଆକାଶ ଓ ମିନ ଦୁହେଁ ପରିବା କିଣିବା ପାଇଁ ଏଲିକଟ୍ ସିଟି ଯାଇଥିଲେ । ରାସ୍ତାର ଏତାଦୃଶ ପରିସ୍ଥିତି ପାଇଁ ସେମାନେ କୌଣସି ଦିଗରୁ ବି ଘରକୁ ଫେରିବାକୁ ସକ୍ଷମ ହୋଇନଥିଲେ । ତେଣୁ ରାସ୍ତା ନମ୍ବର ୩୨ ଥିବା ଦିଗରେ ଓକ୍ଉଡ୍ ଓଭର୍ଲୁକ୍ କୋର୍ଟ ରାସ୍ତାରେ ଗାଡି ପାର୍କ କରି ସେମାନେ ରାସ୍ତାର ବାମ ପଟେ ଥିବା ଘରର ଲନ୍ ବାଟ ଦେଇ ଚାଲିଚାଲି ଘରକୁ ଫେରିଥିଲେ। ଏବେ ସେଇ ଗାଡି ପାଖକୁ ମିନ, ମହେଶ ଓ ଛନ୍ଦା ଚାଲିଚାଲି ଗଲେ । ଯେଉଁ ବ୍ୟକ୍ତିର ଲନ୍ ରେ ସେମାନେ ଚାଲିଚାଲି ଅତିକ୍ରମ କରିବାକୁ ବସିଥିଲେ, ସେ ଦୁଇଜଣ

ଗ୍ରୁଇନଜ୍ ଆମେରିକାନ୍ । ସେମାନେ ତାଙ୍କ ଲନ୍ ସାଇଡ଼ରୁ ଟେନ୍ ଓକ୍ସ୍ ରୋଡ଼କୁ ଯିବା ପାଇଁ ପାର୍ଶ୍ୱ ପଥ ସବୁ ପରିଷ୍କାର କରିଦେଇଥିଲେ ଯେହେତୁ ଏବେ ଅନେକ ଲୋକ ସେଇପଟେ ହିଁ ଯିବାଆସିବା କରୁଥିଲେ । କୁଆଡେ ନ ଯାଇପାରୁଥିବା ସ୍ଥିତିରେ ଫସି ରହିଥିବା ବ୍ୟକ୍ତିମାନେ ସାଙ୍ଗସାଥୀଙ୍କୁ ଡାକ ସେମାନଙ୍କୁ ପିକ୍ ଅପ୍ କରିବା

ବ୍ୟବସ୍ଥା କରି ସେଇପଟେ ହିଁ ଯାଉଥିଲେ ।

ସେ ଦୁଇଜଣ ଦଂପତ୍ତି ସେଇ ରାସ୍ତା କଡରେ ଠିଆ ହୋଇଥଲେ ଓ ଅଭିବାଦନ ଜଣେଇଲେ। ସେମାନଙ୍କୁ ପ୍ରତି ଅଭିବାଦନ ଜଣେଇ ଓ ନିଜ ଲନ୍‌ରୁ ବାଟ ବାହାର କରିଥିବା ପାଇଁ ଧନ୍ୟବାଦ ଜଣେଇ, ଏ ତିନିହେଁ ଆଗକୁ ଚାଲିଲେ। ପ୍ରାୟ ପାଞ୍ଚମିନଟ୍ ପରେ ସେମାନେ ପାର୍କ କରିଥିବା କାର ଦୃଶ୍ୟମାନ ହେଲା । କାର ପାଖରେ ପହଞ୍ଚି ନିଜ ବ୍ୟାଗ ପଛ ସିଟ ରେ ରଖି ମହେଶ ସାଇଡରେ ବସିଗଲା । ମିନ ଗାଡି ଚଲେଇଲା ଓ ଛନ୍ଦା ସବୁ ରାସ୍ତାର ଦୁଇକଡକୁ ଦେଖୁଥିଲା । କାଳେ ଟର୍ଣ୍ଣାଡୋ ଆଉ କୁଆଡେ କ୍ଷୟ କ୍ଷତି କରିଥିବ ।

ମହେଶ ମିନର ବନ୍ଧୁ । ତେଣୁ ତାର ଇଚ୍ଛା ଥିଲା, ମିନର ପିଲାଦିନର ସମସ୍ତ ସ୍ମୃତିର ସ୍ଥାନ ପରିଦର୍ଶନ କରିବା । ସେଥିପାଇଁ ସିଏ ତାର ହାଇସ୍କୁଲ, ମିଡ଼ିଲ୍ ସ୍କୁଲ୍, ଏଲିମେଣ୍ଟାରି ସ୍କୁଲ୍ ଇତ୍ୟାଦି ସବୁ ଦେଖେଇଲା । ଏହା ସହିତ ପୁରୁଣା ସାହି ପଟେ ମଧ୍ୟ ଗାଡି ନେଇ ପୁରୁଣା ଘର ଦେଖେଇଲା । ସେ ଘରଟି ଛନ୍ଦା ଓ ଆକାଶଙ୍କର ଆମେରିକାରେ ପ୍ରଥମ ଘର । ଘରଟି ସମାନ ଦିଶୁଥିଲା । କେବଳ ଗୋଟିଏ ପରିବର୍ତ୍ତନ ଥିଲା ଘର ଚାରିପଟର ବାଡ । ପାଖ ଘର ଯେଉଁଟା ଟାନଆର ଘର ଥିଲା, ତା' ଚାରିପଟେ ବି ବାଡ ଥିଲା । ଯାହା ହେଉ, ସେ ଘର ଆଗରେ ଲଗେଇଥିବା ପେଅର୍ସ ଫଳ ଗଛ ସେମିତି ରହିଥିଲା ।

ଛନ୍ଦା ପାଇଁ ସବୁଠାରୁ ଅଜବ କଥା ଥିଲା, କଲମ୍ବିଆ ମଲ୍ ଚାରିପଟେ ବୁଲିବା ବେଳେ ଏତେ ସବୁ ଲୋକଙ୍କୁ ଦେଖିବା ଓ ଗାଡି ଦେଖିବା । "ଏ କରୋନା ସମୟରେ ବି ଏତେ ଗାଡି ପାର୍କ ହୋଇଛି ? ଏତେ ଲୋକ ମଲ୍ ଯାଉଛନ୍ତି ?" ପ୍ରାୟ ଦେଢ ବର୍ଷ ହେଲା ସେପଟେ ଯାଇନଥିଲା ଛନ୍ଦା । ଆଉ ଏବେ ଏତେ ଗହଳଚହଳ ଦେଖି ତା' ବିସ୍ମୟ ବଢିଗଲା । ସେମାନେ ମଲ୍ ଭିତରକୁ ନ ଯାଇ ମଲ୍ ଚାରିପଟେ ଗାଡିରେ ବୁଲିଲେ । ମିନ ସବୁର ବିବରଣୀ ଦେଇ ମହେଶକୁ ଅବଗତ କରାଉଥାଏ । ଏହା ପରେ ସେମାନେ କଟାମାକୁଠି ହ୍ରଦ ପାଖକୁ ଗଲେ ଓ ହୋଲ୍ ଫୁଡ୍ ସାମନାରେ ଗାଡି ପାର୍କ କରି କିଛି ସମୟ ବୁଲିଲେ ।

କଲମ୍ବିଆ ସହରର ଏ ସବୁ ସ୍ଥାନ ଏପର୍ଯ୍ୟନ୍ତ ଛନ୍ଦା ଦେଖିନଥିଲା । ଏତେ ସୌନ୍ଦର୍ଯ୍ୟ, ଏତେ ଆକର୍ଷଣୀୟ ମନୋମୁଗ୍ଧକର ପ୍ରକୃତି । ଅଥଚ, କେବଳ ୨୦ ମିନଟ୍ର ଦୂରତ୍ୱରେ ଥାଇ ମଧ୍ୟ ସେସବୁ ଛନ୍ଦା ପାଇଁ ଅଜଣା ଥିଲେ । ଏବେ ସେସବୁ ଦେଖି ଛନ୍ଦା କହିଲା, "ଭଲ ହେଲା, ମୁଁ ତମମାନଙ୍କ ସାଥୀରେ ଆସିଲି । ନହେଲେ କିଏ ଜାଣେ, ଏ ସବୁ ସୌନ୍ଦର୍ଯ୍ୟ ଅନାବିସ୍କୃତ ହୋଇ ମୋ ପାଇଁ ଆହୁରି କିଛି ବର୍ଷ ରହିଯାଇଥାଆନ୍ତା ।"

ସେମାନେ ଐତିହାସିକ ସାଭେଜ୍ ମଲ୍ ପାଖ ଦେଇ ଡ୍ରାଇଭ୍ କରିବା ସମୟରେ, ଆକାଶ ଫୋନ୍ କଲେ । ସେତେବେଳକୁ ସାଢେ ୧୨ଟା ବାଜିଲାଣି । ଆକାଶ କହିଲେ, "ମୁଁ ଯାହା ଭାତ ବଳଥିଲା ଓ ତରକାରୀ ଥିଲା, ସେସବୁ ମିଶେଇ ଖାଇ ସାରିଲିଣି । ମୋର ଆଉ ଖାଇବାର ନାହିଁ । ତେଣୁ ତମେମାନେ ଯଦି ଯାଉଛ, ଟୁନ ଘରକୁ ଯାଅ । ମୁଁ ନଗଲେ ଚଳିବ । ଏବେ ରିନ ସାଢେ ତିନଟାରେ ପହଞ୍ଚିବ ବୋଲି କହୁଛି । ସିଏ ଆସିଲେ ବରଂ ଆମେ ଯିବୁ ।"

ଟୁନ ଡାକକରି ପଚାରିଲା, "ରିନ ପଚାରୁଛି, ସିଏ ସିଧା ଆଲେକ୍‌ଜାଣ୍ଡ୍ରିଆ ଆସିବ ନା, ମେରୀଲାଣ୍ଡ ଯିବ ? ଏବେ ତାର ପହଞ୍ଚିବାକୁ ଡେରି ହେବ । ରାସ୍ତାରେ ଟ୍ରାଫିକ୍ ବେଶି ।"

କଣ କହିବ ବୁଝି ନପାରି ଛନ୍ଦା କହିଲା, "ତାକୁ କହିଦେ, ସିଏ ସିଧା ଆଲେକ୍‌ଜାଣ୍ଡ୍ରିଆ ଯିବ। ଆମେ ସମସ୍ତେ ସାଙ୍ଗ ହୋଇ ଟିକେ ଡେରିରେ ପହଞ୍ଚିବୁ । ତମେମାନେ ଲଞ୍ଚ ଖାଇ ଦେଇଥାଅ । ଆମେ ଏଠି କିଛି ଲଞ୍ଚର ବ୍ୟବସ୍ଥା କରିବୁ ।"

ମିନ କହିଲା, "ମୁଁ ଲିଡୋ ପିଜା ଅର୍ଡର କରିଦେଇଛି । ମହେଶ ଓ ମୁଁ ତାକୁ ଖାଇବୁ ।ତେଣୁ ଆମ ପାଇଁ ଖାଇବା ଚିନ୍ତା କରନି । ତମେ ଯଦି ଖାଇବ, ତେବେ ଘରକୁ ଯାଇ ଖାଇବ, ନହେଲେ ଆଉ କିଛି ଅର୍ଡର୍ କରିଦେବା ।"

"ମୁଁ ଗୋଟିଏ ପିଠା କରି ରଖିଥିଲି । ତୋ ପାପାଙ୍କୁ କହିବି, ସେଇଟା ନେଇ ଆସିବେ । ମୋର ସେଥିରେ ଚଳିଯିବ ।"

ପୁଣି ସବୁ ଯୋଜନା ପରିବର୍ତ୍ତନ କରାଗଲା । ମିନ ଓ ମହେଶ ଆସିବା ପୂର୍ବରୁ ଯୋଜନାରେ ଥିଲା ଯେ ସେମାନେ ଶନିବାର ଦିନ ସକାଳେ ମନ୍ଦିର ଦର୍ଶନ କରିଥାନ୍ତେ । ଏବେ ତ ଗାଧୋଇ ବି ପାରିଲେନି । ପୁଣି ମନ୍ଦିର ଦର୍ଶନ କେମିତି କରିବେ ? ତାପରେ

ସେତେବେଳକୁ ଗୋଟିଏ ବାଜିଲାଣି । ଯାହାବି ଠାକୁରଙ୍କୁ କବାଟ ଏ ପଟରୁ କ ଝରକା ପଟରୁ ଦେଖି ହୋଇଥାନ୍ତା, ହେଲେ ଠାକୁରଙ୍କର ପରଦା ପଡି ଯାଇଥିବ । ତେବେ ଅନ୍ତତଃ ସେ ସ୍ଥାନ ଦେଖାଯାଉ । ଏମିତି ଭାବି ସେମାନେ ମନ୍ଦିର ଓ ଆଶ୍ରମ ଯାଇ ବାହାରପଟୁ ବୁଲି ଆସିଲେ । ଏବେ ଟେନ୍ ଓକ୍ସ୍ ରୋଡ୍‌ର ଦୁଇପଟେ ଅନୁସନ୍ଧାନ କରି ଦେଖିବା ବେଳକୁ ଉଭୟ ପଟରୁ ରାସ୍ତା ତଥାପି ବନ୍ଦ ଅଛି । ତେଣୁ ଯେଉଁଠି ପୂର୍ବରୁ ଗାଡି ରଖିଥିଲେ, ସେଇଠି ଗାଡି ପାର୍କ କରି ସେମାନେ ଆକାଶଙ୍କୁ ଯୋଗାଯୋଗ କଲେ । ଛନ୍ଦା କହିଲା, "ମୋ ପାଇଁ ରହିଥବା ପିଠାଟିକୁ ସ୍ୟାଣ୍ଡଉଇଚ୍ ବ୍ୟାଗ୍ ଭିତରେ ଭର୍ତ୍ତି କରି ନେଇଆସିବ ।"

ଆକାଶଙ୍କୁ ଅପେକ୍ଷା କରିବା ସମୟ ଭିତରେ ମିନ ଓ ମହେଶ ସେମାନଙ୍କ ପିଜା ଖାଇଲେ । ପାଞ୍ଚ ମିନଟ୍ ପରେ ଫୋନ୍ କରି ଆକାଶ କହିଲେ, "ଏ ଲିଓ ବଡ ହଇରାଣ କରୁଛି । ଜମା ଆଗକୁ ଯାଉନ । ମିନକୁ କହ, ସିଏ ଆସୁ । ତାହେଲେ ଲିଓ ଯିବ ।"

ମିନ ତା' ଖାଇବା ଅଧାରେ ରଖି ଗଲା । କିଛି ସମୟ ପରେ ସେମାନେ ସମସ୍ତେ ଆସି ଗାଡି ପାଖରେ ପହଞ୍ଚିଗଲେ । ଆକାଶ ଆଣିଥିବା ପିଠା ଖାଇ ଛନ୍ଦା ନଜର ଭୋକ ମେଣ୍ଟେଇଲା । ଆକାଶ ଗାଡି ଚଲେଇଲେ । ମିନ ଓ ମହେଶ ଲିଓକୁ ଧରି ପଛ ସିଟ୍‌ରେ ବସିଲେ ।

ମେନ୍ ରୋଡ୍ ୨୯୫ରେ ଭିଡ ଥିଲା । ସେମାନେ ଟୁନ ଘରେ ପହଞ୍ଚୁପହଞ୍ଚୁ ସାଢେ ତିନଟା । ଟୁନର ଦୁଇଟି କୁକୁର । ସେମାନଙ୍କ ଭୁକିବା ଶବ୍ଦ ସହିତ ଲିଓର ଭୁକିବା ଶବ୍ଦ ମିଶି କାନ ଫଟେଇ ଦେଉଥାନ୍ତି । ସମସ୍ତେ ପ୍ରଥମେ ଯାଇ ଗାଧୋଇପଡିଲେ । ଦେହକୁ ଟିକେ ଶାନ୍ତି ମିଳିଲା । ଏହି ସମୟରେ ଟୁନର ସ୍ୱାମୀ ମାର୍କ ତରଭୁଜ କାଟି ରଖିଦେଲା । ସେଇ ତରଭୁଜ ଖାଇବା ପରେ ଦେହ ଓ ମନ ଟିକେ ଥଣ୍ଡା ହୋଇଗଲା । ସେତେବେଳକୁ ବାହାରର ତାପମାତ୍ରା ଖୁବ୍ ଅଧିକ । ଏ ସମୟରେ ତରଭୁଜ ଭଳି ଶୀତଳ ଫଳ ଅମୃତ ତୂଲ୍ୟ ମନେ ହେଉଥିଲା ।

ତାପରେ ବିଚାର ଚାଲିଲା, ରେଷ୍ଟୁରାଣ୍ଟରୁ କଣ ଅର୍ଡର୍ କରାଯିବ । ସମସ୍ତଙ୍କର ପସନ୍ଦ ଅଲଗା ଅଲଗା । ଆକାଶ କହୁଥାଆନ୍ତି, "ମୁଁ ଭାରତୀୟ ଖାଦ୍ୟ ଛଡା ଅନ୍ୟ ଯେ କୌଣସି ଖାଦ୍ୟ ସପକ୍ଷରେ ଅଛି ।" ତେବେ ଅନ୍ୟମାନେ ଅନେକ ଯୁକ୍ତିତର୍କ ପରେ ଭାରତୀୟ ଖାଦ୍ୟ ଖାଇବା ପାଇଁ ରାଜି ହେଲେ । ତଥାପି ସେମାନଙ୍କର ପସନ୍ଦ ଠିକ କରୁକରୁ ଅଧଘଣ୍ଟାଏ ଲାଗିଗଲା । ଆକାଶ କହିଲେ, "ମୁଁ ଯାଉଛି, କିଛି ସମୟ ବାହାରେ ବୁଲିକରି ଆସୁଛି ।"

"ହେଲେ ଏତେ ଗରମରେ ତୁମେ ବାହାରେ କାହିଁକ ବୁଲିବାକୁ ଯିବ ?" - ଟୁନ ପଗ୍ଭରିଲା ।

ମହେଶ ବି ବାହାରେ ବୁଲିବାକୁ ଯିବାକୁ ଗ୍ଭହିଁଲା । ଅତଏବ୍ ସେ ଦୁଇଜଣ ବାହାରକୁ ଗଲେ। ଛନ୍ଦା ଟିଭି ଲଗେଇ ଓଡିଆ ସିରିଏଲ୍ "ସିଂହଦ୍ୱାର" ଦେଖିବା ଆରମ୍ଭକଲା । ଟୁନ, ମାର୍କ, ମିନ ମିଶି ଗେମ୍ ଖେଳଲେ । ପନ୍ଦର ମିନଟ୍ ପରେ ଆକାଶ ଓ ମହେଶ ଫେରି ଆସିଲେ । "କଣ ହେଲା ?" - ଛନ୍ଦା ପଗ୍ଭରିଲା ।

"ବହୁତ ଗରମ ।" - ଆକାଶ କହିଲେ ।

"ସେଇଆ ତ ଆମେ ସମସ୍ତେ କହୁଥିଲୁ । ତମେ ନମାନ ଗଲ । ହଉ ଟିଭି ଦେଖ ।"

ମହେଶ ଯାଇ ଗେମ୍ ଖେଳବାରେ ଯୋଗ ଦେଲା ।

ଏ ଭିତରେ ରିନ ଓ ମିନର ସାଙ୍ଗ ଅରୁଣା ଉଭୟ ଆସି ଏକ ସମୟରେ ପହଞ୍ଚିଲେ । ଖେଳ ଭାଙ୍ଗି ଏବେ ସମସ୍ତେ ରିନ ଓ ଅରୁଣାକୁ ସ୍ୱାଗତ କଲେ । ଛନ୍ଦା ବି ଟିଭି ବନ୍ଦ କଲା । ଖାଦ୍ୟ ସବୁ ଡେଲିଭରି ହୋଇ ଯାଇଥିଲା । ମାର୍କ ସେସବୁ ଖାଦ୍ୟ ଆଣି ଟେବୁଲ୍ ଉପରେ ସଜାଡି ରଖିଲା ।

ଏବେ ସମସ୍ତେ କଥାବାର୍ତ୍ତାରେ ମଜ୍ଜି ଯାଇଥିଲେ ।

ସବୁଠାରୁ ଚମକପ୍ରଦ ଘଟଣା ଥିଲା ମିନ ଓ ମହେଶଙ୍କର ଏ ସପ୍ତାହର କାହାଣୀ । କେମିତି ହେବାର ଥିଲା ଓ କଣ ସବୁ ଘଟିଗଲା ।

ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ମିନ ଓ ମହେଶ ମଙ୍ଗଳବାର ଦିନ ଲସ୍ ଆଞ୍ଜେଲେସ୍ ଏୟାରପୋର୍ଟରୁ ରାତି ୧୧ଟାର ଫ୍ଲାଇଟ୍ ନେଇ ବୁଧବାର ସକାଳେ ନ୍ୟୁୟର୍କରେ ପହଞ୍ଚିଥାଆନ୍ତେ। ସେଠାରେ ସେମାନେ ସେଦିନ ନ୍ୟୁୟର୍କ ବୁଲିଥାନ୍ତେ, ସେଣ୍ଟ୍ରାଲ୍ ପାର୍କରେ "ସେକ୍ସ୍‌ପିଅର୍ ଇନ୍ ଦି ପାର୍କ" ସୋ ଦେଖିଥାନ୍ତେ । ଗୁରୁବାର ଦିନ ମହେଶ ସକାଳୁ

କାମ ଟେଲିଓ୍ୱାର୍କରେ କରିଥାନ୍ତା ଓ ସନ୍ଧ୍ୟା ବେଳକୁ ସେମାନେ ରିନକୁ ଧରି ଡ୍ରାଇଭ୍ କରି ଆସି ମେରୀଲାଣ୍ଡରେ ପହଞ୍ଚିଥାଆନ୍ତେ । ଶୁକ୍ରବାର ଦିନ ମହେଶ ସେମିତି ସକାଳେ କାମ କରିଥାନ୍ତା ଓ ସନ୍ଧ୍ୟାବେଳେ ସେମାନେ ସମସ୍ତେ ମିଶି ଘରେ ମୁଭି ଦେଖିଥାଆନ୍ତେ । ଶନିବାର ଦିନ ସକାଳେ ସେମାନେ ମନ୍ଦିର ଯାଇଥାଆନ୍ତେ । ଠାକୁରଙ୍କ ଦର୍ଶନ ସାରି ମିନ

ମହେଶଙ୍କୁ ନେଇ ତା ଜୀବନ ସହିତ ସଂଶ୍ଲିଷ୍ଟ ସମସ୍ତ ସ୍ଥାନ ବୁଲାଇ ଦେଖାଇଥାଆନ୍ତା । ସନ୍ଧ୍ୟା ବେଳକୁ ମହେଶର ସମ୍ମାନାର୍ଥେ ଓ ବଡ ଝିଅ ଟୁନ ଓ ମାର୍କର ବିବାହ ବାର୍ଷିକୀ ପାଇଁ ଏକ ଘରୋଇ ଉତ୍ସବ ହୋଇଥାଆନ୍ତା । ସେଥିରେ ମିନର ସାଙ୍ଗ ଅରୁଣା ବି ଯୋଗ ଦେଇଥାଆନ୍ତା । ସେଦିନର ପାର୍ଟି ପାଇଁ ସବୁ ସରଞ୍ଜାମ ଓ ମେନୁ ଠିକ୍ କରିଦେଇଥିଲା ଛନ୍ଦା। ମିନର ବରାଦ ଅନୁଯାୟୀ ପିଆଜ ଓ ଧଣିଆପତ୍ରର ପକୁଡି ହେବ । ଛନ୍ଦା ହିସାବରେ ମିଠା ପାଇଁ ନଡିଆ ପକେଇ ଖିରି ହେବ ଓ ଛୋଟ ଏକ ବିରି ପୋଡପିଠା ହେବ। ତାପରେ ଛୋଲେ ଓ କୋବି ତରକାରୀ ହେବ । ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଯଥା କୋବି ମଞ୍ଚୁରିଆନ୍ ଓ ପନର୍ ଟିକା ମସାଲ ରେଷ୍ଟୁରାଣ୍ଟରୁ ମଗାଯିବ ।

ବେସ୍‌ମେଣ୍ଟ ସଜା ହୋଇ ରଙ୍ଗୀନ୍ ଆଲୁଅ ଜଳବ ଓ ସେଇଠି ସେଲିବ୍ରେସନ୍ ହେବ ।

ହେଲେ ସବୁ କିଛି ବଦଳିଗଲା । ବଦଳିଗଲା ମିନ ଓ ମହେଶଙ୍କର ଯୋଜନା ଯେତେବେଳେ ୟୁନାଇଟେଡ୍ ଫ୍ଲାଇଟ୍ ମିନର କୁକୁର ଲିଓକୁ କ୍ୟାରିଅନ୍ ରେ ନେବାକୁ ମନା କରିଦେଲା । ସେଇ ଏୟାର୍‌ଲାଇନ୍‌ସ୍‌ର ଫ୍ଲାଇଟ୍ ମାସକ ତଳେ ସେମିତି ଭାବେ କୁକୁର ଆଣିବାକୁ ଅନୁମତି ଦେଇଥିଲା । ଏବେ ମନା କରିଦେଲା । ଅନେକ ଯୁକ୍ତିତର୍କ ପରେ ବି କିଛି ସମାଧାନର ବାଟ ନଦେଖି, ସେମାନେ ସ୍ଥିର କଲେ ଗାଡି ରେଣ୍ଟାଲ୍ ରେ ନେଇ ଡ୍ରାଇଭ୍ କରିବେ । ଏକଥା ଯେତେବେଳେ ମିନ ହ୍ୱାଟ୍‌ସ୍‌ଆପ୍ ରେ ଲେଖି ପଠେଇଲା ସେତେବେଳେ ଇଷ୍ଟକୋଷ୍ଟରେ ସମସ୍ତେ ସୁପ୍ତ । ସକାଳୁ ଉଠି ସେମାନେ ସବୁ ଯେତେ ଉପଦେଶ ଦେବାର ଦେଇଗଲେ, ହେଲେ ସେତେବେଳକୁ ରାତିସାରା ଡ୍ରାଇଭ୍ କରି ମିନ ଓ ମହେଶ ନ୍ୟୁମେକ୍ସିକୋ ରାଜ୍ୟର ଆଲ୍‌ବକର୍କ ସହର ପହଞ୍ଚିସାରିଲେଣି । ଆଲ୍‌ବକର୍କ ସହରରେ ମିନର ଜନ୍ମ । ତେଣୁ ସିଏ ଅତ୍ୟନ୍ତ ଆଗ୍ରହର ସହିତ ଓଲ୍ଡ୍‌ଟାଉନ୍‌ର କିଛି ଫଟୋ ପଠାଇଦେଲା । ତା' ସହିତ ଆକାଶ ଓ ଛନ୍ଦା ଉଭୟ କଥା ହେଲେ । ଏ କୋଭିଡ୍ ସମୟରେ ରାସ୍ତାରେ ସତର୍କତା ଅବଲମ୍ବନ କରି ରହିବାକୁ ଉପଦେଶ ଦେଲେ । ସେମାନେ ଯେହେତୁ ଗୋଟିଏ ସିଦ୍ଧାନ୍ତ ନେଇସାରିଲେଣି, ଆଉ କିଛି କରିହେବନି । ଏ ସମୟରେ କେବଳ ଭଗବାନଙ୍କୁ ପ୍ରାର୍ଥନା କରିବା କଥା । ନହେଲେ ଅନ୍ୟ ସବୁ ଆୟତ୍ତରୁ ବାହାରେ । ଏମିତି ହୋଇ ସମସ୍ତେ ଚୁପ୍‌ଚାପ୍ ରହିଲେ । ମିନ ଓ ମହେଶ ସମୟ ସମୟରେ ସେମାନଙ୍କ ସ୍ଥିତି ବିଷୟରେ ସମସ୍ତଙ୍କୁ ଅବଗତ କରାଉଥିଲେ । ଗୁରୁବାର ଦିନ ସକାଳେ ସେମାନେ ଇଣ୍ଡିଆନାପୋଲିସ୍ ରାଜ୍ୟର ଡେଲ୍ ସହରରେ ପହଞ୍ଚି ଯାଇଛନ୍ତି ବୋଲି ଜଣେଇଲେ । ସେଠି ସେମାନେ

ଗୋଟିଏ ମୋଟେଲ୍ ୬ ରେ ରହିଲେ ଓ ମହେଶ ଇଣ୍ଟରନେଟ୍ ବ୍ୟବହାର କରି ତା' କାମ କରିପାରିଲା । ସେମାନଙ୍କ ଯୋଜନା ଥିଲା, ଗୁରୁବାର ଦିନ ରାତିରେ ଡ୍ରାଇଭ୍ କରିବା ଆରମ୍ଭ କରିବେ ଓ ଶୁକ୍ରବାର ଦିନ ସକାଳେ ମେରୀଲାଣ୍ଡରେ ପହଞ୍ଚିଯିବେ ।

"ରାତିରେ ଡ୍ରାଇଭ୍ କରିବେ ? ମନ ମାନୁନ ।" - ଛନ୍ଦା ନଜର ଆଶଙ୍କା ଜଣେଇଲା ।

"ଦୁଇଜଣ ସକ୍ଷମ ଡ୍ରାଇଭର୍ । ସେମାନଙ୍କର ଯୁବା ବେଳ । ତୁ କାହିଁକି ବ୍ୟସ୍ତ ହେଉଛୁ । ସେମାନେ ନିଶ୍ଚୟ ସମ୍ଭାଳି ନେବେ ।"

ଏମିତି ଆଶଙ୍କାରୁ ମୁକ୍ତ କରି ଯେତେବେଳେ ମିନ ଓ ମହେଶ ଶୁକ୍ରବାର ଦିନ ସକାଳେ ଘର ଆଗରେ ଆଣି ଗାଡି ରଖିଲେ, ସେତେବେଳେ ଯେମିତି ଛାତି ଭିତରୁ ଗୋଟିଏ ବଡ ଚିନ୍ତା ଓହରିଗଲା ।

ପ୍ରଥମେ ନିଜ କାମ କରିବା ସ୍ଥାନ ଠିକ୍ କରି ମହେଶ କିଛି ସମୟ ଶୋଇପଡିଲା । ମିନ ବି କ୍ଲାନ୍ତ ଥିଲା ଓ ଉପରବେଳା ଯାଇ ରେଣ୍ଟାଲ୍ କାର୍ ଫେରାଇବା ସହିତ ଆକାଶଙ୍କ ସହିତ ପରିବାପନ ପାଇଁ ଦୋକାନ ଯିବାକୁ ସମୟ ନିର୍ଦ୍ଧାରଣ କରି ସିଏ ବି କିଛି ସମୟ ଶୋଇପଡିଲା ।

ଛନ୍ଦା ସେମାନଙ୍କ ପାଇଁ ସକାଳ ଖାଇବା ପ୍ରସ୍ତୁତ କରି ନିଜ ଅଫିସ୍ କାମ କଲା । ସବୁ କିଛି ଠିକ୍ ଚାଲିଥିଲା । ଛନ୍ଦା ସେମାନଙ୍କ ପାଇଁ ସାଇତି ରଖିଥିବା ବୋଇତିକଖାରୁ ଫୁଲ ବରା କଲା । ସେଇଟା ମିନର ପ୍ରିୟ । ଲଞ୍ଚ୍ ପରେ ମିନ ଓ ଆକାଶ ଘରୁ ବାହାରିଗଲେ । ମହେଶ ସନ୍‌ରୁମ୍‌ର କବାଟ ଦେଇ କାମ କରୁଥାଏ । ଏମିତି ସବୁ କିଛି ଠିକ୍ ଚାଲିଥିବା

ସମୟରେ ହଠାତ୍ ପବନର ସୁସୁ ଗର୍ଜନ ଶୁଭିଲା । ତା' ସାଙ୍ଗକୁ ବର୍ଷା ଓ ବିଜୁଳିର ଚମକ। ଏତେ ଜୋରରେ ବର୍ଷା ହେବାର ଦେଖିନଥିଲା ଛନ୍ଦା । ସିଏ ଫୋନ୍ କରି ଆକାଶ ଓ ମିନଙ୍କୁ ଜଣେଇଲା କେଉଁଠି ଅଟକିଯିବାକୁ ଓ ଝଡ ପରେ ଫେରିବାକୁ । ସେତେବେଳକୁ ଆକାଶ ଓ ମିନ ଏଲିକଟ୍ ସିଟିରେ ଲୋଟୋ ଷ୍ଟୋରରେ ଥିଲେ । ଝଡ କ୍ରମଶଃ ତୀବ୍ର ଆକାର ଧାରଣ କଲା । ଘର ପଛପଟକୁ ଦେଖିବା ବେଳକୁ ବଡ ଗଛ ଗୋଟିଏ ଉପୁଡି ଯାଇଥାଏ । ଏହି ସମୟରେ ବିଜୁଳି ଚାଲିଗଲା । ମହେଶର କାମ ବନ୍ଦ ହୋଇଗଲା । ଛନ୍ଦାର କାମ ବି । ସେମାନେ ନିଜନିଜ କାର୍ଯ୍ୟକ୍ଷେତ୍ର ଅର୍ଥାତ୍ ନିବୁଜ କୋଠରିରୁ ବାହାରି ଝରକା ବାଟ ଦେଇ

ବାହାରକୁ ଦେଖିଲେ । ବାହାର ସଂପୂର୍ଣ୍ଣ ଅନ୍ଧାର ଦିଶୁଥାଏ । ଛନ୍ଦା ଖାଲି ବାରମ୍ବାର ଫୋନ୍ କରୁଥାଏ । କିଛି ସମୟ ପରେ ମିନ କହିଲା ସେମାନେ ଆସି ଟେନ୍ ଓକ୍ସ୍ ରୋଡରେ ପହଞ୍ଚିଗଲେଣି । ଆଉ କିଛି ସମୟ ଅତିକ୍ରାନ୍ତ ହେବା ପରେ ଝଡ ଟିକେ ଥମିଗଲା । ବର୍ଷା କିନ୍ତୁ ଚାଲିଥାଏ । କୋଡିଏ ମିନଟ୍ ପରେ ମିନ ଫୋନ୍ କରି ଜଣେଇଲା ସେମାନେ ନଲ୍‌ଉଡ୍ ଅଟୋମୋଟିଭ୍ ପାଖରେ ଅଟକିଛନ୍ତି । ଟେନ୍ ଓକ୍ସ୍ ରୋଡରେ ଆଗରେ ଗଛ ପଡିଛି ଓ ବିଦ୍ୟୁତ୍ ତାର ଖୁଣ୍ଟି ପଡିଛି । କିଛି ଲୋକ ସେଠି ଜଗିଛନ୍ତି ଓ ଗାଡି ଆଗକୁ ଯିବାକୁ ଦେଉନାହାନ୍ତି । ସେମାନେ ଭାବୁଛନ୍ତି ସେଠି ଗାଡି ରଖି ଘରକୁ ଚାଲିଚାଲି ଆସିବେ । ହେଲେ ସେତେବେଳକୁ ବର୍ଷା ଛାଡିନଥିଲା । ଆଉ କିଛି ସମୟ ବର୍ଷା ଛାଡିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଛନ୍ଦା ସେମାନଙ୍କୁ କହିଲା ।

ଏମିତି ଫୋନରେ କଥାବାର୍ତ୍ତା ଚାଲିଥାଏ । ଏହା ଭିତରେ ସେମାନେ ଟେନ୍ ଓକ୍ସ୍ ରୋଡ୍‌ର ଅନ୍ୟ ପାର୍ଶ୍ୱରୁ ଆସିବା ପାଇଁ ପ୍ରଚେଷ୍ଟା କଲେ । ହେଲେ ସେ ରୋଡରେ ମଧ ସମାନ ଅବସ୍ଥା। ବାଟରେ ବିରାଟ ଗଛ ଭାଙ୍ଗି ପଡିଛି ଓ ବିଦ୍ୟୁତ୍ ତାର ଖୁଣ୍ଟି ଭାଙ୍ଗି ଯାଇଛି । ବର୍ଷା ଏବେ ଟିକେଟିକେ ଛାଡି ଆସିଲା । ଚାରିଆଡ ଫାଙ୍କା ଦିଶିଲା । ମିନ ଓ ଆକାଶ ଘରଠାରୁ ପ୍ରାୟ ଗୋଟିଏ ମାଇଲ୍ ଦୂରରେ ଗାଡି ରଖି, ରାସ୍ତା ଦୁଇପାର୍ଶ୍ୱରେ ଥିବା ଘର ମାନଙ୍କର ଲନ୍ ବାଟ ଦେଇ ଚାଲିଚାଲି ଆସି ଘରେ ପହଞ୍ଚିଲେ । ଆକାଶଙ୍କର ଗୋଟିଏ ଟ୍ରେନିଙ୍ଗ୍ ନେବାର ଥିଲା । ସିଏ ସେଲ୍ ଫୋନ୍ ଲଗେଇ ସେଥିରେ ଜୁମ୍ ମାଧ୍ୟମରେ ଟ୍ରେନିଙ୍ଗର ରେଜିଷ୍ଟ୍ରେସନ୍ ସାରିଦେଲେ ।

ବିଦ୍ୟୁତ୍ ଯୋଗାଣ କଂପାନୀ ବି.ଜି.ଇ.ର ୱେବ୍ ପେଜ୍‌କୁ ଯାଇ ତଦାରଖ କରିବାରୁ ଲାଇନ୍ ଅଗଷ୍ଟ ୧୩ ତାରିଖ ଦିନ ରାତି ୮ଟା ବେଳକୁ ଫେରିବାକୁ ଲେଖାଥିଲା । ସେଇଆକୁ ଭରସା କରି ରହିବା ଛଡା ଅନ୍ୟ ଉପାୟ ନଥିଲା । ସାଢେ ୭ଟା ବେଳକୁ ଛନ୍ଦା ଓ ଆକାଶ ଚାଲିଚାଲି ଗାଡି ପାଖକୁ ଯାଇ ଖରାପ ହୋଇଯିବାର ସଂଭାବନା ଥିବା କିଛି ପରିବାପତ୍ର ସବୁ ନେଇଆସିବାକୁ ସ୍ଥିର କଲେ । ସେମାନେ ଭ୍ୟାନ୍ ଡ୍ରାଇଭ୍ କରି ରଥର୍‌ଫୋର୍ଡ ୱେର ଶେଷ ମୁଣ୍ଡର ଛକ ପାଖରେ ରଖିଲେ । ସେଇଠାରୁ ଚାଲିଚାଲି ଗଲେ । ସେଠି ଗଛ ଭାଙ୍ଗି ପଡିଥିବା ସ୍ଥାନରେ ସାହିର କିଛି ଲୋକ ଜମା ହୋଇଥିଲେ ଓ ସେ ସ୍ଥାନ ପର୍ଯ୍ୟବେକ୍ଷଣ କରୁଥିଲେ । ସମସ୍ତଙ୍କର ସେଇ ଏକା କଥା । ଆଜି ଆଉ ଲାଇନ୍ ଆସିବାର ସମ୍ଭାବନା ହିଁ ନାହିଁ । ଏତେ ସବୁ ଭଗ୍ନ ଗଛ ଓ ଖୁଣ୍ଟିକୁ ସଜାଡିବାକୁ ତ ସମୟ ଲାଗିବ । ତେବେ କଣ କରାଯିବ, କେହି

ଚନ୍ତା କରିପାରୁନଥିଲେ । ସେଇ ସମୟରେ କଛି ଯାତ୍ରୀ, ସେଇ ବାଟେ ଯାଉଯାଉ ଆଉ ଯାଇନପାରି ଅଟକ ଯାଇଥିଲେ । ସେମାନେ ପାଖରେ ଥିବା ଏଲିମେଣ୍ଟାରି ସ୍କୁଲରେ ଗାଡି ପାର୍କ କରି ଅପେକ୍ଷା କରି ରହିଥିଲେ । କେତେବେଳେ ଅନ୍ତତଃ ଗୋଟିଏ ପାଖରୁ ରାସ୍ତା ଖୋଲିବ ଓ ସେମାନେ ନଜନଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବେ ।

ଶୁକ୍ରବାର ସେମିତି ଗଲା । ଆଉ ବିଜୁଳ ଆସିଲାନ । ଶନବାର ଦିନ ସକାଳୁ ଛନ୍ଦା ଓ ଆକାଶ ବୁଲିବୁଲି ଯାଇ କ୍ଷୟକ୍ଷତି ପରଖିଲେ । ସେତେବେଳକୁ କେହି ବି ରାସ୍ତା କାମ କରିବାକୁ ନଥାନ୍ତି । ପାଖ ସ୍କୁଲରେ ଜେନରେଟର୍ ଲାଗିଥିବାର ଶବ୍ଦ ହେଉଥାଏ । ଆକାଶ କହିଲେ, "ହୁଏତ ଏ କାଉଣ୍ଟିର କର୍ମକର୍ତ୍ତା ମାନେ ବାଟୋଇ ମାନଙ୍କ ରହିବା ଓ ଶୌଚ ପାଇଁ ସ୍କୁଲ୍ ଖୋଲି ଦେଇଛନ୍ତି ।"

ସେଠି ଆଉ ଜଣେ ଶ୍ୱେତକାୟ ବୃଦ୍ଧ ଦଂପତ୍ତି ତାଙ୍କ କୁକୁର ଧରି ବୁଲୁଥିଲେ । ସେମାନେ ସେଇକଥା କହୁଥିଲେ । "ଏତେ କ୍ଷୟ କ୍ଷତି ସଜାଡିବାକୁ ସମୟ ତ ଲାଗିବ । ଆଜି ତ ସବୁ ସଜାଡି ହୋଇଯିବାର ସମ୍ଭାବନା ଦିଶୁନ ।"

ଆଉ ଜଣେ ଏ ସାହିରେ ଘର କଣି ନୂଆ କରି ଗୃହପ୍ରବେଶ କରିଥିଲେ । ସେମାନଙ୍କର ସବୁ ଆସବାବପତ୍ର ବି ଏପର୍ଯ୍ୟନ୍ତ ପୁରୁଣା ଘରୁ ଆସିପାରିନଥିଲା । ଏବେ ଏ ଦୁଇପଟୁ ରାସ୍ତା ବନ୍ଦ ହୋଇଯିବା ଦେଖି ସେ ସ୍ତ୍ରୀ ଲୋକ ଜଣକ ଅତ୍ୟନ୍ତ ବିକଳ ହେଉଥିଲେ । ପଚାରି ବୁଝିଲେ, କେମିତି ବାହାରକୁ ଯାଇହେବକ । ଆକାଶ କହିଲେ, "ହଁ, ଡାହାଣ ପଟେ କଛି ବ୍ୟକ୍ତିଙ୍କ ଲନ୍ ବାଟ ଦେଇ ଆରପଟକୁ ବୁଲିବୁଲି ଯାଇହେବ । ସେଠି କେଉଁ ବନ୍ଧୁଙ୍କ ସାହାଯ୍ୟରେ ହେଉ କ ଟ୍ୟାକ୍ସି ଡାକ ଆପଣ ଯାଇପାରିବେ ।" ସିଏ ଆଶ୍ୱସ୍ତ ହେଲେ ।

ଘରକୁ ଫେରି ମୁଣ୍ଡ ଗରମ ହୋଇଗଲା । ଏବେ ତାହେଲେ ଆଜି ଦିନର ପ୍ରୋଗ୍ରାମ୍ ହେବ କେମିତି ?

ସେଇଠୁ ହିଁ ସବୁ ଗଡବଡ ହୋଇଗଲା ଓ ଟୁନ ମୁଣ୍ଡ ଉପରେ ସବୁ ଦାୟିତ୍ୱ ପଡିଗଲା । ତେବେ ମହେଶ ଓ ମିନଙ୍କ ପାଇଁ ବଡ ଦୁଃଖ ଲାଗୁଥିଲା । ଲସ୍ ଆଞ୍ଜେଲେସ୍‌ରୁ ଡ୍ରାଇଭ୍ କରି ରାତି ଅନଦ୍ରା ରହି ସେମାନେ ମେରୀଲାଣ୍ଡ ଆସିଲେ । ଆଉ ଏଠି ବି ଏଇ ସମୟରେ ଏମିତି ହେବାର ଥିଲା ।

ଟୁନ ଘରେ ସେଦିନ ସମସ୍ତେ ହସଖୁସିରେ ରାତ୍ର ଭୋଜନ କଲେ । ଅରୁଣା ତା' ବିବାହ ଯୋଜନା ବିଷୟରେ ଗପି ସମସ୍ତଙ୍କ ମନୋରଞ୍ଜନ କରୁଥିଲା । ସମସ୍ତେ କିନ୍ତୁ ଘଡିକୁ ଘଡି ବି.ଜି.ଇ.ର ୱେବ୍‌ସାଇଟ୍ ଦେଖୁଥାନ୍ତି ଓ କେତେବେଳେ ବିଜୁଳି ଆସିବ ଚେକ୍ କରୁଥାନ୍ତି । ଘଣ୍ଟାଏ ଆଗରୁ ଲେଖୁଥିଲା ରାତି ସାଢେ ଆଠଟା ବେଳକୁ ବିଜୁଳି ଆସିଯିବ । ହେଲେ ଏବେ ସେଇଟା ପରିବର୍ତ୍ତନ ହୋଇ ସାଢେ ଦଶ ହୋଇଗଲା । ତେଣୁ ଏମିତି ଅନିଶ୍ଚିନ୍ତତା ଭିତରେ ପିଲାମାନେ ସ୍ଥିର କଲେ ସେଇଠି ଟୁନ ପାଖରେ ରହିଯିବେ । ଆସନ୍ତା କାଲି ମହେଶର ଫେରିଯିବାର ଥିଲା । ସିଏ ଓ୍ୱାଶିଂଟନ୍ ଡିସିର ସ୍ମିଥ୍ ମ୍ୟୁଜିଅମ୍ ଦେଖିବ ବୋଲି ଟିକେଟ୍ କରିଦେଲା ଓ ଆସନ୍ତା କାଲିର ଯୋଜନା ସ୍ଥିର କରିଦେଲା । ଯେତେବେଳେ ଆଠଟା ବାଜିଲା, ଛନ୍ଦା ଓ ଆକାଶ ଫେରିଆସିବାକୁ ସ୍ଥିର କଲେ । କାଳେ ଯଦି ବାଟ ବନ୍ଦ ହୋଇଥିବ, ହୁଏତ ଦୂରରେ ଗାଡି ରଖି ଗୋଟିଏ ମାଇଲ୍ ଅନ୍ଧାରରେ ଚାଲିବାକୁ ପଡିପାରେ।

ସେମାନେ ବାହାରି ଅଧା ମାଇଲ୍ ଦୂରରେ ଗୋଟିଏ ଶପିଙ୍ଗ୍ କମ୍ପ୍ଲେକ୍ସ ଦେଖିଲେ । ସେଇଠାରୁ ପାଣି କିଣି ଆଣିବାକୁ ମହେଶ ଦୋକାନ ଭିତରକୁ ଗଲେ ଓ କାର୍ ଭିତରେ ଛନ୍ଦା ଅପେକ୍ଷା କରି ରହିଲା । ପାଣି କିଣି ସାରି ଗାଡି ଭିତରେ ରଖିବା ସମୟରେ ଆକାଶଙ୍କ ଦୃଷ୍ଟି ଗାଡିର ବାମ ପଟର ପଛ ଚକା ଉପରେ ପଡିଲା । ସେ ଚକାଟି ପଙ୍କଚର ହୋଇ ଯାଇଥିଲା। ଏବେ ପୁଣି ଲାଗିଲା ଆଉ ଗୋଟିଏ ଧନ୍ଦା । ଏବେ ସେ ଚକାକୁ ବାହାର କରି ଆଉ ଗୋଟିଏ ଚକା ଲଗାଉଲଗାଉ ସେଠି ଗଲା ଅଧଘଣ୍ଟାଏ । ମନରେ ଡର ଥାଏ । ହୁଏତ ଗାଡି ଅଧାବାଟରେ ରଖି ଚାଲିକି ଯିବାକୁ ପଡିପାରେ । ଏବେ ତ ଅନ୍ଧାର ହୋଇ ଯାଇଥିବ ।

କାହିଁକି କେଜାଣି ସବୁ ସମସ୍ୟା ଏକାବେଳେ ହିଁ ପହଞ୍ଚେ । ମଣିଷକୁ ଘୁରେଇ ଘୁରେଇ ନାକେଦମ୍ ନକଲା ପର୍ଯ୍ୟନ୍ତ, ସମସ୍ୟା ଯାଏ ନାହିଁ । ଏବେ ସେମିତି ବେଳା ହିଁ ଚାଲିଛି ।

ଘର ପାଖ ରାସ୍ତାରେ ପହଞ୍ଚି ଦେଖିବା ବେଳକୁ ଟେନ୍ ଓକ୍ସ୍ ରୋଡ୍‌ର ଡାହାଣ ପାଖ ରାସ୍ତା ଖୋଲି ଯାଇଥିଲା । ସେପଟ ସାହିର ସମସ୍ତଙ୍କ ଘରେ ବିଜୁଳି ଥିବାର ଜଣା ପଡୁଥିଲା । "ହେ ଭଗବାନ, ଆମର ବିଜୁଳି ଆସିଯାଇଥାଉ ।"

କିନ୍ତୁ ସେମିତି କିଛି ଘଟି ନଥିଲା । ସେମିତି ଅନ୍ଧକାର । ସେଲଫୋନ୍‌ର ଆଲୁଅ ଲଗେଇ ସେମାନେ ଘର ଖୋଲି ପଶିଲେ । ଟର୍ଚ୍ଚ ଲଗେଇ ଜାମାପଟା ବଦଳେଇ ସେମିତି ସେଇଠି

ସୋଫା ଉପରେ ପଡିଗଲେ । ଦେଖାଯାଉ, ଯଦି ସାଢେ ଦଶଟା ସୁଦ୍ଧା ବିଜୁଳ ଆସିଯାଏ ତ ଉଠି ଜମା ହୋଇଯାଇଥିବା ଅଇଁଠା ବାସନ ସବୁ ଡିସ୍ ଓ୍ୱାଶରରେ ଭର୍ତ୍ତି କରିଦେବେ ।

ସାଢେ ଦଶ ହୋଇ ବାରଟା ବାଜିଲା । ବିଜୁଳର ଦେଖାଦର୍ଶନ ନାହିଁ । ସେହି ଅନ୍ଧାରରେ ଆକାଶ ବେସମେଣ୍ଟକୁ ଚାଲିଗଲେ ଶୋଇବା ପାଇଁ । କାରଣ ସେଠି ଟିକେ ଥଣ୍ଡା ଲାଗେ । ଛନ୍ଦା ଉପରେ ଯାଇ ଶୋଇଲା ।

ଆଜି ଅଗଷ୍ଟ ପନ୍ଦର, ଭାରତର ସ୍ୱାଧୀନତା ଦିବସ । ହ୍ୱାଟ୍ସ୍ଆପ୍ ରେ କେତେକେତେ ମେସେଜ୍ ଓ ଭିଡିଓ ସମସ୍ତ ପ୍ରେରିତ ହୋଇ ଆସୁଥିଲା । କିନ୍ତୁ ଦେଖ ତ ଛନ୍ଦା ଓ ଆକାଶଙ୍କ ଅବସ୍ଥା । ସମୟ ଯେତେବେଳେ ଅନୁକୂଳ ଥାଏ, ସେତେବେଳେ ସବୁ ପର୍ବପର୍ବାଣୀ, ବିଶେଷ ଦିନ ମନେ ପଡେ, ସାଙ୍ଗସାଥୀ ମନେ ପଡନ୍ତି, ପୂଜା, ପାର୍ବଣ ଓ ଉତ୍ସବର ଦିନ ସମସ୍ତ ମନକୁ ଆସେ । ହେଲେ ପ୍ରତିକୂଳ ପରିସ୍ଥିତିରେ ସେସବୁ ମନକୁ ଆସିଲେ ବି ଗୌଣ ମନେ ହୁଏ । ନିଜର ସମସ୍ୟା ନିକଟରେ ସେସବୁର ପ୍ରାଧାନ୍ୟ ହ୍ରାସ ପାଇଯାଇଥାଏ । ସେଇ ଏକା ଆନନ୍ଦର ଘଟଣାମାନ ମନରେ ବିରକ୍ତି ଜଗାଏ । ସେମିତି ହିଁ ଲାଗୁଥିଲା । ପ୍ରାତଃ ଭ୍ରମଣ ସମୟରେ ସେମାନେ ଯାଇ ଟେନ୍ ଓକ୍ସ୍ ରୋଡ୍‌ର ବାମପଟେ ଥିବା ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ଓ ରାସ୍ତା ଉପରେ ପଡିଥିବା ଗଛର ଅନୁସନ୍ଧାନ କରିଥିଲେ । ସେତେବେଳେ ବି.ଜି.ଇ.ର ଦୁଇଜଣ କର୍ମଚାରୀ ସେଠାରେ ମହଜୁଦ୍ ଥିଲେ । ସେମାନେ କହିଲେ, "ସକାଳେ ଲାଇନ୍ ଆସିଯିବ ବୋଲି ତ କହିହେବନି । ତେବେ ଆଜି ହିଁ ଲାଇନ୍ ଆସିଯିବ ବୋଲି କଥା ଦେଉଛୁ ।"

ସେମାନଙ୍କଠାରୁ ଆଶ୍ୱାସନା ପାଇ ଘରକୁ ଫେରି ସେଇ ବିଜୁଳର ପ୍ରତୀକ୍ଷାରେ ସମୟ କଟେଇଲେ ଛନ୍ଦା ଓ ଆକାଶ ।

ଅପରାହ୍ନ ଚାରିଟା ବେଳକୁ ବିଜୁଳ ଆସିଗଲା । ଘରେ ଆଲୁଅ ଜଳିଲା । ପାଇପ୍ ରେ ପାଣି ଆସିଲା । ଟିଭିରେ ସମ୍ବାଦ ଦେଖିହେଲା ଓ କଂପ୍ୟୁଟରରେ କାମ କରିହେଲା । ଏବେ ଜୀବନ ପୁଣି ପୂର୍ବପରି ମନେ ହେଲା ।

ହେଲେ ସେ ଯେଉଁ ଯୋଜନା ମାନ ସବୁ ପଠ ହୋଇଗଲା, ତାକୁ କିଏ ଫେରେଇ ଆଣିହେବ?

ଫେରେଇ ଆଣି ନହେଉ, କଣ ବେଦ ଅଶୁଦ୍ଧ ହୋଇଗଲା ? ସେମାନେ ତ ଚଳେଇ ନେଲେ ନା । ପୁଣି କେବେ ଭବିଷ୍ୟତରେ ସେମିତି ଏକ ମୁହୂର୍ତ୍ତ ହୁଏତ ସୃଷ୍ଟି କରିହେବ । ବିତି ଯାଇଥିବା ଦୁର୍ଭାଗ୍ୟକୁ ସ୍ମରଣ କରି ଦୁଃଖ କରିବାରେ କଣ ଅଛି । ବରଂ ଯେତିକ ସୁଯୋଗ ହାତରେ ଅଛି, ଯେତିକ ସମୟ ହାତରେ ଅଛି, ସେସବୁର ଉତ୍ତମ ଉପଯୋଗ କରିବା ଶ୍ରେୟସ୍କର । ତାହେଲେ ଭବିଷ୍ୟତରେ ସୌଭାଗ୍ୟର ସମୟ ସୃଷ୍ଟି କରିହେବ; ଆନନ୍ଦର ମୁହୂର୍ତ୍ତମାନଙ୍କୁ ସଂଗୃହିତ କରି ହେବ ଓ ଅବିସ୍ମରଣୀୟ ଘଟଣା ସବୁକୁ ରୂପ ଦେଇ ହେବ । ତେବେ ମନେ ରଖିବାର ଅଛି ଯେ, ଯୋଜନା କରିବା ତ ମଣିଷ ହାତରେ, କିନ୍ତୁ ଯୋଜନାକୁ ସଫଳ କରିବା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ନହାତି ଲୋଡା । ତାଙ୍କ ଇଚ୍ଛା ନହେଲେ ଆମ ସ୍ୱପ୍ନ ସେମିତି ସ୍ୱପ୍ନ ହୋଇ ରହିଯିବ ସିନା, ବାସ୍ତବତାରେ ପରିଣତ ହୋଇପାରିବନି ।

ଏ ବିଜୁଳି ଭଳି ଅମୂଲ୍ୟ ନିଧିର ଆଶୀର୍ବାଦ ପାଇଁ ଛନ୍ଦା ସେ ବି.ଜି.ଇ. କର୍ମଗ୍ୱରୀଙ୍କୁ ମନେମନେ ଅନେକ ଧନ୍ୟବାଦ ଦେଲା ଓ ବିଶ୍ୱନିୟନ୍ତାଙ୍କ ପାଖରେ ପ୍ରଣତି ଜେଣେଇଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

# କରୋନାର ତୃତୀୟ ଲହର



ଶଶଧର ମହାପାତ୍ର

କରୋନାରେ ମୃତ୍ୟୁ ଦୈନିକ ହିସାବ
ଖବର ରଖୁଛି କିଏ ?
ରାଜ୍ୟ ସରକାର ଚାଳିଶି କହିଲେ
ଚାରିଶହ କିଏ କହେ
ପ୍ରଥମ ଲହର ହେୟଜ୍ଞାନ କରି
କଟକଣା ନମାନିଲେ
ଦ୍ୱିତୀୟ ଲହର ମାଡି ଆସିବାରୁ
ପୋକମାଛି ପରି ମଲେ
ଧାଡିଧାଡି ଶବ ପୋଡା ହେଉଅଛି
ବେଶୀ ଭାଇ ସହରରେ
ନିଆଁ ନଲିଭି କି ଜଳୁଅଛି ଦେଖ
ଶ୍ମଶାନରେ ନିରନ୍ତରେ
ହିନ୍ଦୁ ସମାଜରେ ଶୁଦ୍ଧି କ୍ରିୟା ଯାହା
ହେବା କଥା ବିଧିମତେ
ବାରିକ, ବ୍ରାହ୍ମଣ ନମିଳିବା ଯୋଗୁ
କାମକଲେ ନିଜ ହାତେ
ଜ୍ଞାତି, କୁଟୁମ୍ବ, ବନ୍ଧୁ, ପରିଜନ
କେତେ ଯେ ଗଲେଣି ମରି
ପରିସ୍ଥିତି ବଡ ଭୟଙ୍କର ଭାଇ

ସମସ୍ତେ ଗଲେଣି ଡରି
ମାଗଣାରେ ଟିକା ଦିଆଯିବ ବୋଲି
କହିଲେଣି ସରକାର
ନିଜ ଜୀବନକୁ ଲୋଭ ଯଦି ଅଛି
ସେ' କଥାକୁ ଚିନ୍ତା କର
ଟିକାର ଅଭାବ ରହିବନି ବୋଲି
ପ୍ରତିଶ୍ରୁତି ଦେଲେ ମୋଦି
ସେଥିପାଇଁ ପଦକ୍ଷେପ ନେଉଛନ୍ତି
ଉତ୍ପାଦନ ହେବ ଜଲ୍‌ଦି
ନାଗରିକ ଭାବେ ଦାଇତ୍ୱ ଆମର
ସଚେତନ ହେବା କଥା
ନିଜେ ସଂକ୍ରମିତ ନହେବା ସହିତ
ଅନ୍ୟପାଇଁ କର ଚିନ୍ତା
ତୃତୀୟ ଲହର ଆସୁଅଛି ବୋଲି
କଳନା କଲେଣି କିଏ
ପିଲାଠାରୁ ବୃଦ୍ଧ ବଞ୍ଚିବା ମୁସ୍କିଲ
ଅମାନିଆ ହେବ ଯିଏ
ଭ୍ୟାସିନ ନ ନେବା ଯାଏ
କିଏ ମରିବ, କିଏ ବଞ୍ଚିବ
ସମୟର ଖେଳ ଇଏ

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ତା ପାଇଁ କିଛି ପଦ



ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ସେ ଚାଲିଗଲା ଏମିତି ଯେ
ପଛକୁ ଚାହିଁଲା ନ,
କୁଆଡେ ଆଉ ଅଟକ ରଖି ପାରିଲି
ତା ପ୍ରେମ, ସ୍ମୃତି ଛଡା ତାକୁ ।

ଆଜି ସବୁ ଇତିହାସ,
ନୀରବତା ର ଶଙ୍ଖନାଦ ଏଠି
କେବଳ ଆଉ କେବଳ ପ୍ରେମରେ ବତୁରା ମନ ଟିଏ ନେଇ ଖୁବ୍
ବିବ୍ରତ ହୋଇ ଉଠୁଥିବା
ପ୍ରେମିକାଟିଏ ମୁଁ ।

ବିଶ୍ୱାସ ର ଧାରକ ମୋ
ସେ ଦେଇ ଯାଇଥିବା ଆଶା
ଓ ସମ୍ଭାବନା ।
ହଁ ଆଉ ସେଇ ଖରା, ବର୍ଷା, ଶୀତ କାକରରେ
ପଡିଥିବା ଆମ ପଦଚିହ୍ନ ।

ଚତୁଃପାର୍ଶ୍ୱରେ ଅବିଶ୍ୱାସର ଚତାଗ୍ନି
ହେଲେ ତା ଭସ୍ମରୁ ଯାଇନାହିଁ ବିଶ୍ୱାସ
କି ଯିବନାହିଁ ଆଜୀବନ ପ୍ରେମ ।

ଜାଣିଛି ତାର ଫେରିବା ଅସମ୍ଭବ
ହାତ ଛନ୍ଦି ଚାଲିବା ସ୍ୱପ୍ନ ପ୍ରାୟ
ହେଲେ ତା ଜୀବନତମାମ୍ ର ପ୍ରେମ ଗୀତ
ମୋ ହୃଦୟରେ ବୀଣା ବଜାଏ,
ନଇତି ବଞ୍ଚି ବଞ୍ଚାଇବାକୁ ଶିଖାଏ
ଏ ଅନ୍ଧକାରଛନ୍ନ ଇଲ୍‌କାରେ ।

ମୁଁ ଜାଣେ ସେ ଅଛି ସବୁବେଳେ
ଏଇଠି, ସେଇଠି,
ମନ ଓ ମସ୍ତିଷ୍କରେ,
ବିଶ୍ୱାସ ରେ, ନିଶ୍ୱାସରେ,
ଶବ୍ଦରେ, ନିଃଶବ୍ଦରେ,
ନିଦରେ, ସ୍ୱପ୍ନରେ ।

ତଥାପି ହାଉଳ ହେବା ହିଁ ସାର ହୁଏ
ସବୁ ଜାଣି ସବୁ ଶୁଣି ଅଜଣା ହୁଏ
ତାକୁ ଖୋଜେ ବର୍ଷାରେ,
ଖରାର ରୌଦ୍ରତାପରେ
ଆଉ ଶୀତର କାକରରେ ।

ତାକୁ ଖୋଜିବା ତା ଉପରେ ଅବିଶ୍ୱାସ ନୁହଁ,
ଇଏ ତ ପ୍ରେମ ଚିରନ୍ତନ ପ୍ରେମ
ତା ପାଇଁ ମୋର ।

ଓଡିଆ ଅଧ୍ୟାପିକା, ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ

# ବଂଶୀ ରେ



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ବଂଶୀ ରେ|||||||||
ଆଜି  କ ମଧୁର ଲଗନ କେଜାଣି
ବାର ବାର ଶୁଭି ଯାଉଛି ତୋ ମଧୁର ମୂର୍ଚ୍ଛନା
ସକାଳର ସୁରୁଜ ଯେବେ ମୋତେ ନିଦରୁ ଉଠେଇଲେ
ମୋ ପ୍ରାଣରେ ମୋ ରକ୍ତ ମାଂସ ହାଡ଼ର ମଜ୍ଜାରେ
ମୋ ସହସ୍ର ଲୋମକୂପରେ ତୋରି ସୁସ୍ୱର ଲେଶି ହୋଇ
ଯାଉଥିଲା, ମନ ବୃନ୍ଦାବନରେ ଫୁଟୁଥିଲା  ଶ୍ୱେତ କଦମ୍ବ
ଜଡ଼ ଶରୀରଟା  ମୋର ଛନ୍ଦିହୋଇ ଯାଉଥିଲା
ତୋ ମନ ମତାଣିଆ ସ୍ୱରରେ, ଉଚ୍ଛୁଳ ପଡୁଥିଲା
ଯମୁନାର ନୀଳ ତରଙ୍ଗବେଷ୍ଟିତ ଜଳ ରାଶି ପରି
ହୃଦୟର ବିତାନରେ ଶୁଭୁଥିଲା ରହିରହି ରାଧା ରାଧା||

ବଂଶୀ ତୁ ତ କହ୍ନେଇର
ଯିଏ ଦ୍ୱାପରରେ ଗୋପପୁରେ ଲୀଳା ରଚଥିଲା
ଯିଏ ଯଶୋଦା ମାଆ  ର ହୃଦ ଚନ୍ଦନ ଥିଲା ଜୀବର
ଜୀବନ ଥିଲା, ଯିଏ ଥିଲା  ଗୋପୀଙ୍କର ପ୍ରାଣଧନ,
ରାଧାରାଣୀ ପ୍ରେମ, ଯାହାପାଇଁ ପ୍ରେମମୟୀ ରାସେସ୍ୱରୀ
ଧାଉଁଥିଲେ ଜମୁନା କୂଳକୁ କୁଞ୍ଜ ବନକୁ,
ମଥାରେ କଳଙ୍କର ଟୀକା ନାଇ||

ଆଜି ମୁଁ କାହିଁକି ଆନମନା ତୁ କହ ବଂଶୀ
ମୁଁ ତ ନୁହେଁ ରାଧାରାଣୀ ମୁଁ ତ ନୁହେଁ ଗୋପବାଳୀ
ମୁଁ କଣ ସେଇ ଗୋପ ପୁର ଗାଇଗୋଠ ଧୂଳି
ଥର କୁ ଥର ଲାଗି ସେ କୋମଳ ପାଦରେ
ଝଡିପଡୁଥିଲି, ଛାଡିଯାଉଥିଲି,
ମୋହ ଗ୍ରସ୍ତ ସଂସାର ଭିତରେ
ତଥାପି ମୋ କର୍ଣ୍ଣ ଗହ୍ୱରରେ ବାଜିଥିଲା ବଂଶୀ
ତୋର ସେ ମିଠା ମିଠା ସୁର,
ଦଣ୍ଡେ କ ମୁହୂର୍ତ୍ତେ ହଉ ମୁଁ ବି ଭୁଲି ଯାଇଥିଲି
ସାରା ସଂସାର ମୋହକୁ, ଲାଗି ରହିବି ବୋଲି
ସେ ପଦ୍ମ ପୟରରେ।।

ଆଜି ପୁଣି ସେଇ ମହାର୍ଘ ବେଳା
ମୋ ମନ ଗହନ ବନରେ ବାଜୁଛୁ ତୁ ବଂଶୀ
ରହି ରହି,ସବୁ ବନ୍ଧନ ଆକଟ ଛିଡାଇ ମୁଁ ଏକାମ୍
ହୋଇଯିବି ତୋ ସାଥିରେ, ଯେମିତି ଗୋପଙ୍ଗନାମାନେ
ସବୁ ସର ଲବଣୀ କହ୍ନେଇକୁ ଦେଇ ହଜି ଯାଉଥିଲେ
ମଜ୍ଜି ଯାଉଥିଲେ ତୋ ସାତ ସୁରେ,ଯେମିତି ବୃଷଭନୁସୂତା
ମାନ ମୟୀ ପ୍ରେମମୟୀ ରାଧାରାଣୀ ତଲ୍ଲୀନ ହୋଇଯାଇଥିଲେ
ତୋ ତାଳ ଲୟ ଛନ୍ଦରେ, ଯେମିତି ଗଛପତ୍ର ଲତା ଗୁଳ୍ମ ମାନେ
କୁଞ୍ଜ କାନନ କଦମ୍ବମାନେ ସ୍ତବ୍ଧ ନୀରବ ନିଶ୍ଚଳ,
କେବଳ ବଂଶୀର ତାନ ମନ ବିତାନାରେ।।

ବଂଶୀ ତୋ ପାଦରେ ଶରଣ
ତୋ ପାଦେ ଜୀବନ ମୋର
ତୋ ପାଦେ ମରଣ
ତୁ ମୋର ଜନ୍ମ ସ୍ମୃତି
ତୁ ମୋର ଗତି ମୁକ୍ତି
ତୋ ବିନା ମୋ ଜୀବନ କାଳ ରାତ୍ରି
ମୋର ସବୁ ଅନ୍ଧାର ବଡପଣ ଅହଙ୍କାର
ଗାରିମା ଗୌରବ ଚୁରି ହେଇଯାଉ ତୋ ପାଦରେ।।

କେନ୍ଦ୍ରାପଡା, ଓଡିଶା

# ଅସାଧାରଣ ସୁନ୍ଦରବନ- ୧୨



ଅଶୋକ ବିଶ୍ୱାଳ

“ଗର୍ଜ୍ଜନ ବି ଶୁଣିଲିନ ।”- ପାଓଲିଙ୍କ ମନର ଥିବା ଶବ୍ଦ ବାହାରି ଆସୁଥିଲା । ପାଓଲି କଥାଟା ସେମିତି କହୁଥିଲେ । ସେ ଜାଣିଛନ୍ତି ବାଘ ଏମିତି ଗର୍ଜ୍ଜନ କରେନା । ସେ ବାଘର ବ୍ୟବହାର ଜାଣିଛନ୍ତି । କିନ୍ତୁ ମନ ଭିତରୁ ବେଳେବେଳେ କେହି କିଛି କହିଦିଏ ।

“ପାଓଲି ବାଘ ଗର୍ଜ୍ଜନ ତ ଶୁଣିବା ବଡ଼ କାଠିକର କଥା । ସେମାନେ ବେକାରରେ ସବୁବେଳେ ଗର୍ଜ୍ଜନ କରନ୍ତି ନାହିଁ । ଶିକାରମାନେ ବାଘର ଅବସ୍ଥିତି ଜାଣିଯିବେ ।”– ସପନବାବୁ କହିଲେ । କଥାଟା ପାଓଲିଙ୍କୁ କହିବା ଦରକାର ନଥିଲା । ପାଓଲି କଥାଟା ଭଲଭାବେ ଜାଣନ୍ତି । କିନ୍ତୁ କିଛି କହିବା ଦରକାର ଥିଲା । ଯେତେ ବଡ଼ ଗବେଷିକା ହେଲେ ମଧ୍ୟ ବେଳେବେଳେ କିଛି ନିଜ ହିସାବରେ ନଘଟୁଥିଲେ ମଣିଷ ହତାଶ ହୋଇଉଠେ । ପାଓଲିଙ୍କ ମନରେ ବାଘ ଦେଖିବାକୁ ବହୁତ ଇଚ୍ଛା ଥିଲା । କିନ୍ତୁ କିଛି ନିଜ ହିସାବରେ ଘଟୁନି ।

ସାଧାରଣତଃ ବର୍ଷାଋତୁ ଆସିବା ସମୟରେ ବାଘର ଗର୍ଜ୍ଜନ ଶୁଣାଯାଏ । ପରେ ଶୀତ ଆସିବାର ଆଗରୁ । ତାପରେ ପ୍ରାୟ ବାଘର ଗର୍ଜ୍ଜନ ଶୁଣାଯାଏନି । ଏ ଗର୍ଜ୍ଜନସବୁ ମିଳନ ଆଉ ଆକ୍ରମଣର ଡାକ । ବାଘୁଣୀ ଛୁଆସହ ଥିଲେ ବାଘକୁ ତଡିବାପାଇଁ ଅଳ୍ପ ଗର୍ଜ୍ଜନ କରିପାରେ । ବାଘ ଗର୍ଜ୍ଜନ ଦ୍ୱାରା ଅନ୍ୟ ବାଘକୁ ନିଜର ଉପସ୍ଥିତି ଜଣାଇ ଦିଏ । ଅନ୍ୟଥା ଏତେ ବଡ଼ ଅଞ୍ଚଳରେ ନିଜ ଉପସ୍ଥିତି କେମିତି ଅନ୍ୟ ଜଣେ ଜାଣିବ? ଏ ଡାକ ସାଧାରଣତଃ ବେଶି ସମୟରେ ମିଳନର ଡାକ ଥାଏ ।

ସପନବାବୁଙ୍କର ଆଖି ଟିକେ ଝାପ୍‌ସା ହେଇଯାଉଥିଲା । ପାଣି, କାଦୁଅ ଭର୍ତ୍ତି କାରଣରୁ ଟିକଏ ଲହଡି ନଥିଲା । ଏକ ଘସିହେଲା କଳାଧଳା ରଙ୍ଗ, ତା’ ଉପରେ କିଛି ଡାଳ ଏପଟ ସେପଟ ଆଙ୍କି ଦିଆଯାଇଛି । ଏହା ଭିତରେ ସୁନ୍ଦରବନର ବାଘ କେଉଁଠି ଲୁଚି ଯାଇଛି ।

ଖୋଜିବା କଷ୍ଟ । ସପନବାବୁ ନଜର ପୁରୁଣା ଜ୍ଞାନ ଆଉ ପଢିଥିବା କଥା ପାଓଲିଙ୍କୁ କହିଲେ। ସେମାନେ ଏପର୍ଯ୍ୟନ୍ତ ବାଘ ବା ବାଘୁଣୀକୁ ଦେଖିନାହାନ୍ତି ।

"ଏ ବାଘ ବା ବାଘୁଣୀ ପାଣିକୁ ସହଜରେ ଅତିକ୍ରମ କରି ନଥନ୍ତି । ଏ ବାଘଗୁଡିକ ଜଙ୍ଗଲରେ ଅଛନ୍ତି କେଉଁଠି?"-ପାଓଲି କହିଲେ । ସୁନ୍ଦରବନର ସବୁ ଅଞ୍ଚଳରେ ଯଦିଓ ବାଘମାନେ ବୁଲୁଛନ୍ତି ତଥାପି କିଛି ଅଂଶରେ ବାଘକୁ ବେଶି ସଂଖ୍ୟାରେ ଦେଖାଯାଏ । ବାଘର ଉପସ୍ଥିତି ଶିକାରର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ।

ବାଘମାନେ ଅପେକ୍ଷାକୃତ ବିସ୍ତୃତ ଅଞ୍ଚଳରେ ବୁଲନ୍ତି । ବାଘୁଣୀ କମ ଅଞ୍ଚଳରେ ବୁଲେ । ଏକ ପୁରୁଷ ବାଘ ଅଞ୍ଚଳରେ କିଛି ବାଘୁଣୀ ରହି ପାରନ୍ତି । ଅନ୍ୟଥା ଏକ ପୁରୁଷ ବାଘର ଅଧିକାର ଅଞ୍ଚଳରେ ଆଉ ଏକ ପୁରୁଷ ବାଘ ରହି ନପାରେ । ବାଘଛୁଆମାନେ ମା ସହ ଦୁଇରୁ ଅଢେଇ ବର୍ଷ ପର୍ଯ୍ୟନ୍ତ ରୁହନ୍ତି । ବଡହେଲା ପରେ ମାଈ ଛୁଆ ସାଧାରଣତଃ ମା'ର ଅଧିକାର କ୍ଷେତ୍ର ପାଖରେ ନଜର ବାସସ୍ଥାନ ଠିକ କରିଥାଏ ।

ବାଘର ମିଳବା ସ୍ଥାନ କିଛି ଠିକ କରି କହି ହେବନ । ସୁନ୍ଦରବନ ତ ଏତେ ବିସ୍ତୃତ ଅଞ୍ଚଳ। ବାଘର ପଦଚିହ୍ନ ଆଉ ମଳ ଇତ୍ୟାଦି ହରିଣଭଙ୍ଗା-୩, ଝିଲ୍ଲା-୧-୨-୩, ଗୁନ୍ଦଖାଲି, ବାଘମର୍, ଗୁମଟା-୪, ମାତଲ୍-୩, ପଞ୍ଚମୁଖାଣୀ, କାଠୁଆଝୁରି, ମାୟାଦ୍ୱୀପ, ପିରଖାଲି ଇତ୍ୟାଦି ଯାଗାରେ ଦେଖାଯାଇଛି । ଦୋବାଙ୍କି ଅଞ୍ଚଳର ପିରଖାଲି-୫, ସଜନେଖାଲିର ପିରଖାଲି-୧, ଝିଙ୍ଗାଖାଲି, ତୁଷାଖାଲିର କାଠୁଆଝୁରି ଇତ୍ୟାଦି ଅଞ୍ଚଳରେ ଥିବା ମଧୁରପାଣି ପୋଖରୀ କୂଳରେ ବାଘ ପଦଚିହ୍ନ ଦେଖାଯାଇଛି ।

ଅନେକ ସ୍ଥାନରେ ବାଘକୁ ଲୋକେ ବା ଏସ.ଟି.ଆର୍ ରକ୍ଷୀମାନେ ଦେଖିଛନ୍ତି । ଶୀତ ବା ଗ୍ରୀଷ୍ମ ମାସରେ ବାଘକୁ ବେଶି କୂଳରେ ଦେଖିବାକୁ ମିଳେ । ପିରଖାଲି ଅଞ୍ଚଳରେ ସବୁଠାରୁ ବେଶି ବାଘକୁ ଦେଖାଯାଇଛି । ନେତିଧୋପନୀ, ଅର୍ବେଶୀ, ପଞ୍ଚମୁଖାନୀ ଇତ୍ୟାଦି ଅଞ୍ଚଳରେ ମଧ୍ୟ ବାଘକୁ ଲୋକେ ଲକ୍ଷ୍ୟ କରିଛନ୍ତି ।

ବିଭିନ୍ନ ପରୀକ୍ଷଣରୁ ଏହା ଦେଖାଯାଇଛି ବାଘଗୁଡିକ ଦ୍ୱୀପର କୂଳ ଅଞ୍ଚଳରେ ବେଶୀ ରୁହନ୍ତି। ସେଇ କୂଳ ଅଞ୍ଚଳରେ ସେମାନେ ପରିକ୍ରମଣ କରୁଥାଆନ୍ତି । ତା'କୁ କୁହାଯାଇପାରେ ଏ ବାଘମାନଙ୍କ ପାଇଁ ଏକ ରାଜରାସ୍ତା । – ସପନବାବୁ କହିଲେ । ସେ ଟିକଏ ହସିଲେ ।

"ତୁମ କଥାରେ ଜଙ୍ଗଲରେ ତହେଲେ ଜୀବଜନ୍ତୁଙ୍କ ପାଇଁ ଚଲାଚଲ ରାସ୍ତା ଅଛି?"- ପାଓଲି ସେମିତି କହିଲେ । ତାଙ୍କ ମୁହଁରେ ହସ ଥିଲା ।

"ଆଉ ନୁହେଁ ତ କଣ । ଜୀବମାନେ ସବୁବେଳେ ଏଣେତେଣେ ବୁଲନ୍ତି ନାହିଁ । ନିଜର ଦୈନନ୍ଦିନ ଯିବା ଆସିବା ପାଇଁ ଚଲାଚଲ ରାସ୍ତା ତିଆରି କରିନେଇଥାନ୍ତି ।"- ସପନବାବୁ ବୁଝାଉଥିଲେ ।

କିଛି ନିର୍ଦ୍ଦିଷ୍ଟ କାରଣ ଅଛି । ରାସ୍ତାର ଅର୍ଥ ହେଉଛି ସହଜରେ ସ୍ଥାନାନ୍ତରଣ ଆଉ ଯାତାୟତ। ସେ ହିସାବରେ ବାଘମାନେ ନିଜର ସହଜରେ ଯାତାୟତ ପାଇଁ ରାସ୍ତା ତିଆରି କରି ନେଇଛନ୍ତି ।

"ଜଙ୍ଗଲର ବହୁତ ଭିତରେ ବାଘ ବେଶୀ ଏଣେତେଣେ ବୁଲେ ନାହିଁ । ତା'ର କାରଣ ହେଉଛି ଭିତର ଜଙ୍ଗଲରେ ଏମିତି ବି ପ୍ରାଣୀଙ୍କୁ ଗୋଡେଇ ଧରିବା କଷ୍ଟ ଆଉ ଭିତରେ କ'ଣ ଥିବ? ହୁଏତ କେତଟା ହରିଣ ବା ଜଙ୍ଗଲ ବାରହା । କିନ୍ତୁ କୂଳ ଅଞ୍ଚଳରେ ଭିତର ଅଞ୍ଚଳ ଅପେକ୍ଷା ବେଶୀ ଶିକାର ମିଳିଯାଇପାରେ । ହରିଣ, ବାରହା ତ ମିଳିବେ କାରଣ ସେମାନେ ମଧ୍ୟ କୂଳକୁ ପସନ୍ଦ କରନ୍ତି । ତା'ଛଡା ଅନ୍ୟ ଖାଇବା ପଦାର୍ଥ ଯଥା ମାଛ ବା କଙ୍କଡା ମିଳିଯାଇପାରେ । ଏଇଥିପାଇଁ ବାଘଗୁଡିକ ସାଧାରଣତଃ କୂଳ ଅଞ୍ଚଳରେ ବେଶୀ ମିଳନ୍ତି ଆଉ ସବୁବେଳେ ସେମାନଙ୍କର ଅଧିକାର ଅଞ୍ଚଳରେ କୂଳରେ ପରିକ୍ରମଣ କରୁଥାଆନ୍ତି ।"- ସପନବାବୁ ବିସ୍ତୃତଭାବେ ବୁଝାଉଥିଲେ ।

"ଆଉ ଦ୍ୱୀପ ପାରି ହୋଇଯିବାଟା?"- ପାଓଲି ପଚାରିଲେ ।

ଆଗର ଜଙ୍ଗଲ ଘଞ୍ଚା ସୁନ୍ଦରବନର ପାଣିରେ କୁମ୍ଭୀର ମଧ୍ୟ ଅଛନ୍ତି । ସେପଟ ଦ୍ୱୀପଟା ହୁଏତ ଅଧକିଲୋମିଟର ଭିତରେ । ତେଣୁ ବାଘ କ'ଣ ସତରେ ଏତେ ବଡ଼ ନଦୀକୁ ପାର ହେଇଯାଉଥିବ ? ମଣିଷ ପାଖରେ ତ ଅସମ୍ଭବ ଲାଗୁଛି । ତା' ହେଲେ ଏ ବାଘ କ'ଣ ଗୋଟିଏ ଦ୍ୱୀପରୁ ଆଉ ଗୋଟିଏ ଦ୍ୱୀପକୁ ଗାଧିଲିଯାଏ ?

"ଏମାନଙ୍କ ଉପରେ ଅନେକ ପରୀକ୍ଷଣ କରାଯାଇଛି । ବାଘ ଅନେକ ସମୟରେ ଆଉ ଗୋଟିଏ ଦ୍ୱୀପରୁ ଅନ୍ୟଦ୍ୱୀପକୁ ପ୍ରାୟ ଗାଧିଲିଯାଏ । ବାଘପାଇଁ ଅଧ କିଲୋମିଟର ଦୂରର

ଚଉଡା ନଦୀ ସେମିତି କଛି କଷ୍ଟକର କଥାନୁହଁ ।”– ସପନବାବୁ କହିଲେ । ତାଙ୍କର ଆଖି ପାଓଲି ଅନାଇଥିବା ଦ୍ୱୀପ ଉପରେ ଥିଲା ।

“ସେପଟେ ଯଦି ଦ୍ୱୀପ ଦେଖାଗଲା ତା’ ହେଲେ ବାଘ ଆର ଦ୍ୱୀପକୁ ଯିବାକୁ ଚେଷ୍ଟାକରିବ । ଗୋଟିଏ କ୍ଷେତ୍ରରେ ଦେଖାଯାଇଛି ବାଘ ଏକଦମ୍ ସମୁଦ୍ରକୂଳକୁ ଲାଗିଥିବା ଦ୍ୱୀପକୁ ଗୁଲିଯାଇଥିଲା । କନ୍ତୁ ଆଗରେ ତ ଆଉ କଛି ନଥିଲା । ଖାଲି ପାଣି । କୁଆଡେ ଯିବାକୁ ଯାଗା ନାହିଁ । ତେଣୁ ବାଘ ପୁଣି ନଜ ଦ୍ୱୀପକୁ ଫେରିଆସିଲା ।”- ସପନବାବୁ ବୁଝାଉଥିଲେ ।

ବାଘ ପ୍ରାୟ କୋଡିଏ କଲୋମିଟର ପର୍ଯ୍ୟନ୍ତ ପହଁରି ଯିବାର ଦୃଷ୍ଟାନ୍ତ ଅଛି । ବାଘଟିଏ ଗୋଟାଏ ଦ୍ୱୀପରୁ ଆଉ ଗୋଟାଏ ଦ୍ୱୀପ ପଯ୍ୟନ୍ତ କେତେ ନାଳ ନଦୀ ପାରି ହୋଇ ପହଁରିଥିଲା । ଏକ ସମସ୍ୟା କରୁଥିବା ବାଘକୁ କାବୁ କରାଯାଇ ଦୂର ସମୁଦ୍ରକୂଳର ଦ୍ୱୀପରେ ଛାଡି ଦିଆଯାଇଥିଲା । କନ୍ତୁ ସେହି ବାଘ ଏକମାସ ପରେ ନଜର ପୂର୍ବ ବାସସ୍ଥାନକୁ ଫେରି ଆସିଲା । ବାଘ ଶହେ କଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିଯାଇଥିଲା । ସେ ଭିତରେ ବାଘ ଅଗଣିତ ପାଣି ନାଳ ଆଉ ନଦୀ ପହଁରିଥିବ । ଥରେ ଏକ ବାଘ ବିଦ୍ୟା ନଦୀରେ ପ୍ରାୟ ତିନ ଘଣ୍ଟା ପର୍ଯ୍ୟନ୍ତ ନରହି ପହଁରୁଥିବା ଏସ.ଟି.ଆର ଲୋକମାନେ ଲକ୍ଷ୍ୟ କରିଥିଲେ । ବାଘପାଇଁ କ ଦିନ କ ରାତି କଛି ନୁହେଁ । ଯଦି ପାଖରେ ଲୋକେ ନାହାନ୍ତି ତେବେ ବାଘ ଦିନରେ ମଧ୍ୟ ନଦୀ ପହଁରି ପାର ହୋଇଯାଏ ।

ବାଘପାଇଁ ହରିଣଭଙ୍ଗା ବା ରାଇମଙ୍ଗଳ ଭଳି ଚଉଡା ନଦୀ ମଧ୍ୟ ଏକ ବଡ଼ ବାଧା ନୁହେଁ । ହରିଣଭଙ୍ଗା ଓ ରାଇମଙ୍ଗଳ ଭାରତ ଆଉ ବାଙ୍ଗଲାଦେଶର ସୀମାନ୍ତ ନଦୀ ଆଉ ବେଶ ପ୍ରଶସ୍ତ। ଏକ ବାଘକୁ କାବୁ କରାଯାଇ ତା’ର ବେକରେ ରେଡିଓ କଲାର ଲଗାଇ ଦିଆଯାଇଥିଲା । ପରେ ସେ ବାଘ ହରିଣଭଙ୍ଗା ନଦୀକୁ ଅତିକ୍ରମ କରି ବାଙ୍ଗଲାଦେଶ ପଟ ତାଳପଟ୍ଟୀ ଦ୍ୱୀପରେ ରହିବାକୁ ଲାଗିଲା । ରେଡିଓ କଲାରରୁ ମିଳଥିବା ସିଗନାଲରୁ ସ୍ପଷ୍ଟ ଜଣାପଡିଲା ଯେ ବାଘପାଇଁ ହରିଣଭଙ୍ଗା ଭଳି ଚଉଡା ନଦୀ ମଧ୍ୟ ଏକ ବଡ଼ ବାଧା ନୁହେଁ ।

ସୁନ୍ଦରବନ ଜଙ୍ଗଲରେ ବାଘକୁ ଖୋଜିବା କଷ୍ଟକର । କନ୍ତୁ ଏମିତି ବୁଲି ବୁଲି ଆଉ କଛି ପରୀକ୍ଷଣକରି ସେମାନେ ବାଘ ଉପରେ ଅନେକ ତଥ୍ୟ ସଂଗ୍ରହ କରିନେଇଥିଲେ । ସେଇ କଥାସବୁ ସେମାନେ ଆଲୋଚନା କରୁଥିଲେ ।

"ଥରେ ଏକ ବାଘୁଣୀକୁ ପାଣିରେ ଦେଖାଯାଇଥିଲା । ସେ ବାଘୁଣୀ ଜୋରରେ ପହଁରୁଥିଲା ଆଉ ମାଟିରେ ଗୋଡ ଲାଗୁ ଲାଗୁ ଦୌଡିବାକୁ ଚେଷ୍ଟାକରୁଥିଲା । ତା' ଦେହରୁ ଥପ୍ ଥପ୍ ହେଇ ପାଣି ବାହାରୁଥିଲା । ଶରୀର କାଦୁଅରେ ରହୁଥିଲା କିନ୍ତୁ ବାଘୁଣୀ କେତଟା କ୍ଷେପାରେ କାଦୁଅ ହୋଇ ଜଙ୍ଗଲରେ ଲୁଚଗଲା । ଜଙ୍ଗଲ ଭିତରେ କିନ୍ତୁ ବାଘକୁ ଦେଖିବା ବଡ଼ କଷ୍ଟ।"- ସପନବାବୁ କହୁଥିଲେ ।

"ତାହେଲେ ସମୟଟା । ଶିକାର ସମୟରେ ବାଘକୁ ନିରୀକ୍ଷଣ କରାଯାଇପାରେ । କେଉଁ ସମୟରେ ବାଘ ଏଠାରେ ପ୍ରାୟ ଶିକାର କରେ?"- ପାଓଲି ପଚାରିଲେ ।

"ଏଇ ବାଘଗୁଡିକ ଅନ୍ୟ ବାଘମାନଙ୍କ ଅପେକ୍ଷା ଟିକଏ ଅଲଗା । ଅନ୍ୟ ବାଘଗୁଡିକ ପ୍ରାୟ ରାତିରେ ଶିକାର କରନ୍ତି କିନ୍ତୁ ଏଠିକାର ବାଘ ସନ୍ଧ୍ୟା ପରିବର୍ତ୍ତେ ଅନେକ ସମୟରେ ସକାଳେ ଶିକାର କରିବାକୁ ବେଶୀ ପସନ୍ଦ କରେ ।ଏଇଟା ଏକ ବଡ଼ ପ୍ରଭେଦ ।"- ସପନବାବୁ କହୁଥିଲେ ।

ସେମାନେ ନିଜର ସଂଗ୍ରହ କରିଥିବା ତଥ୍ୟଗୁଡିକୁ ଏକାଠି କରିନେଲେ ଆଉ ଆଲୋଚନା କରିବାକୁ ଲାଗିଲେ ।

ସୁନ୍ଦରବନର ବାଘ ଜଙ୍ଗଲ ଭିତରେ ମଣିଷକୁ ମୋଟେ ଡରେ ନାହିଁ ଆଉ ଆକ୍ରମଣ କରେ । ଏତେ ଆକ୍ରମଣମୁଖୀ ହେବାର କିଛି କାରଣ ଥାଇପାରେ । ଏହିସବୁ କାରଣ ନିମ୍ନମତେ ହୋଇପାରେ ।

ଲୁଣାପାଣି - ମଣିଷ ଶିକାରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମଣିଷ ଶିକାରର ବେଶି ପରିମାଣ ଅଧିକା ଲୁଣାପାଣି ଅଞ୍ଚଳରେ ଘଟୁଛି । କମ ଲୁଣା ଅଞ୍ଚଳରେ ଅପେକ୍ଷାକୃତ କମ ଆକ୍ରମଣ ଘଟିଛି । ବୋଧହୁଏ ଏମିତିଆ ଲୁଣାପାଣି ପିଇବା ଦ୍ୱାରା ବାଘ ସବୁବେଳେ ଉତ୍ତେଜିତ ରହୁଥିବା । କିନ୍ତୁ ଏହା ବିଜ୍ଞାନ ସମ୍ମତ କି ନୁହେଁ ତା'ହା ପ୍ରମାଣ କରାଯାଇ ପାରିନି । ଗୁମଟା, ଗୁନ୍ଦଖାଲି, ଆଉ ପିରଖାଲି ଅଞ୍ଚଳରେ ବହୁତ ଅଧିକ ପରିମାଣରେ ବାଘ ଆକ୍ରମଣ ଘଟିଛି । ଏ ସବୁ ଅଞ୍ଚଳରେ ପାଣି ଅପେକ୍ଷାକୃତ ଅଧିକ ଲୁଣା । ଏମିତି ଗୋଆସାବା ଆଉ ମାତଲା ବ୍ଲକ ଅଞ୍ଚଳରେ ପାଣି ମଧ୍ୟ ଅଧିକ ଲୁଣା । ଏ ଅଞ୍ଚଳରେ ବାଘର ଆକ୍ରମଣ ଅନେକ କମ । ଏଣୁ ବାଘ ଆକ୍ରମଣ ପାଣିର ଲୁଣା ଅଂଶ ଯୋଗୁ ଅଧିକ

ମାତ୍ରାରେ ହୋଇପାରେ ଏ କଥା ଠିକଭାବରେ କୁହାଯାଇ ପାରିବ ନାହିଁ । ଏ ଲୁଣା ପାଣି ସହ ବାଘର ଆକ୍ରମଣର ସମ୍ବନ୍ଧ ଉପରେ ଆହୁରି ଅଧିକ ଗବେଷଣା ଆବଶ୍ୟକ ।

**ବୃକ୍ଷଲତାର ବିସ୍ତାର-** ହେନ୍ତାଳ ଆଉ ସେହି ପ୍ରକାରର କିଛି ଜଙ୍ଗଲରେ ବେଶି ବାଘ ଆକ୍ରମଣ ଘଟିଛି । ଏହି ଜଙ୍ଗଲରେ ଗଛମାନ ଛୋଟ । ବେଶି ଶ୍ୱାସମୂଳ ନାହିଁ । ବାଘକୁ ବେଶି ସମୟ ଛପିବାରେ ଏ ପ୍ରକାରର ଜଙ୍ଗଲ ଭଲ ସାହାର୍ଯ୍ୟ କରେ । ବାଘ ବେଶ ସହଜରେ ଛପି ଛପି ପାଖେଇ ଆସେ ଆଉ ସୁଯୋଗ ଦେଖି ଆକ୍ରମଣ କରେ । ଏଣୁ ଏ ଜଙ୍ଗଲରେ ବେଶି ଆକ୍ରମଣ ଘଟିବାର ସମ୍ଭାବନା ଅଛି ।

**ବେଶି ଲୋକ ଯାତାୟତ-** ସୁନ୍ଦରବନ ଭିତରକୁ ଲୋକମାନେ ସବୁଆଡେ ପଶିଯାଉଛନ୍ତି । ମହୁ ସଂଗ୍ରହ ସମୟରେ ଲୋକମାନେ ଏଣେତେଣେ ପଶିଯାଆନ୍ତି । ଯେତେ ଲୋକ ଜଙ୍ଗଲରେ ପଶିବେ, ବାଘ ଆକ୍ରମଣର ସମ୍ଭାବନା ସେହି ଅନୁପାତରେ ବଢିଯିବ । ତା'ଛଡା ଏ ଲୁଣା ଜଙ୍ଗଲରେ ବେଶି ଶିକାର ମଧ୍ୟ ନାହିଁ । ୧୯୮୫-୮୬ ରୁ ୨୦୦୯-୧୦ ପର୍ଯ୍ୟନ୍ତ ତଥ୍ୟ ବିଶ୍ଳେଷଣ କରିବା ଦ୍ୱାରା ଜଣାଯାଏ ଯେ ମାଛ ଧରୁଥିବା ଲୋକମାନେ (ପ୍ରାୟ ୭୫ ପ୍ରତିଶତ) ସବୁଠାରୁ ବେଶି ବାଘ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି । ଏହାଛଡା ମହୁ ସଂଗ୍ରହକାରୀମାନେ (ପ୍ରାୟ ୧୭ ପ୍ରତିଶତ), କାଠ କଟାଳୀମାନେ (ପ୍ରାୟ ୬ ପ୍ରତିଶତ), ଜଙ୍ଗଲ ରକ୍ଷୀ ଆଉ ଜଙ୍ଗଲରେ କାମ କରୁଥିବା ଶ୍ରମିକମାନେ (ପ୍ରାୟ ୨ ପ୍ରତିଶତ) ବାଘର ଶିକାର ହୋଇଛନ୍ତି । ଏବେ ଅବଶ୍ୟ ଆଉ ଜଙ୍ଗଲରୁ କାଠ କଟାଯାଉନ । କାଠକଟା ନିଷିଦ୍ଧ କରାଯାଇଛି । କେଉଟମାନେ ପ୍ରାୟ ଦଶମାସ ମାଛ ଧରନ୍ତି । ସେମାନେ ଅନେକ ସମୟରେ ଗ୍ଲେରପତା ଜାଲ ଲଗାଇବାକୁ ଜମିକୁ ଆସନ୍ତି । ଜମିରେ ଏ ଜାଲ ଲଗାଇବା ସମୟରେ ସେମାନେ ପ୍ରାୟ ବାଘ ଆକ୍ରମଣର ଶିକାର ହୋଇଥାନ୍ତି । ମହୁ ସଂଗ୍ରହକାରୀମାନେ ପ୍ରାୟ ଦୁଇମାସ ମହୁ ସଂଗ୍ରହ କରନ୍ତି । ଏ ସମୟରେ ସେମାନେ ଜଙ୍ଗଲର ଅନ୍ଦିକନ୍ଦି ବୁଲୁଥାନ୍ତି । ଆକ୍ରମଣର ବିଶ୍ଳେଷଣ କରାଯିବାରୁ ଜଣାପଡେ ଯେ ପ୍ରାୟ ୪୬ ପ୍ରତିଶତ ଆକ୍ରମଣ ଅପରାହ୍ନ ବା ସଂନ୍ଧ୍ୟା (୩ ଟାରୁ ୮ଟା) ସମୟରେ ଘଟିଛି । ୨୫ ପ୍ରତିଶତ କ୍ଷେତ୍ରରେ ଆକ୍ରମଣ ସକାଳ (୫ ଟାରୁ ୧୦ଟା) ସମୟରେ ଘଟିଛି । ୧୮ ପ୍ରତିଶତ ଆକ୍ରମଣ ଦିନରେ (୧୦ ଟାରୁ ୩ ଟା) ଘଟିଛି । ଆଉ ରାତିରେ (୮ ଟାରୁ ୩ ଟା) ଆକ୍ରମଣ ପ୍ରତିଶତ ୧୧ ପ୍ରତିଶତ ଘଟିଛି । ସକାଳ ଆଉ ସଂନ୍ଧ୍ୟାକୁ ଦେଖିଲେ ବାଘର ୭୧ ପ୍ରତିଶତ କ୍ଷେତ୍ରରେ ଆକ୍ରମଣ କରିଛି ।

ଜୁଆର ଯୋଗୁ ବାଘର ମୂତ୍ରର ଗନ୍ଧ ଧୋଇ ହୋଇଯାଏ । ବାଘ ନିଜ ସ୍ଥାନକୁ ମୂତ୍ର ଆଉ ଗନ୍ଧ ଦ୍ୱାରା ଚିହ୍ନିତ କରିଥାଏ । ଏ ସବୁ ଗନ୍ଧ ଧୋଇଯିବାଦ୍ୱାରା ବାଘ ନିଜ ଅଞ୍ଚଳରେ ବେଶ ପଇଁତରା ମାରେ । ଫଳରେ ମଣିଷ ସହ ସାକ୍ଷାତର ସମ୍ଭାବନା ବଢିଯାଏ । ନିଜ ଅଞ୍ଚଳରେ ଆଉ କାହାର ଉପସ୍ଥିତିକୁ ବାଘ ସହି ପାରେ ନାହିଁ ।

ଏ ସବୁ କାରଣମାନଙ୍କୁ ଦେଖିଲେ ପ୍ରତୀତ ହୁଏ ଯେ ଖାଦ୍ୟର ଅଭାବ ବାଘକୁ ଏତେ ଆକ୍ରମଣାମୁଖୀ କରିଦେଇଛି । ସୁନ୍ଦରବନର ଗ୍ରାମପଟେ ଏତେ ଲୋକ ରହୁଛନ୍ତି । ସମସ୍ତଙ୍କପାଇଁ ଖାଦ୍ୟାଭାବ । ବାଘପାଇଁ ଖାଦ୍ୟ ମଧ୍ୟ ଏକ ବଡ଼ ସମସ୍ୟା । ଖାଦ୍ୟପାଇଁ ମୁଖ୍ୟତଃ ବାଘ ଆଉ ମଣିଷ ମଧ୍ୟରେ ସଂଘର୍ଷ ଘଟୁଛି ।

ସେମାନେ ବାଘ ଉପରେ ନିଜର ଜାଣିଥିବା ତଥ୍ୟକୁ ଏକାଠି କରିନେଲେ । ଏହା ପ୍ରାୟ ସବୁ ପ୍ରକାରର ବ୍ୟାଘ୍ର ପ୍ରଜାତି ପାଇଁ ପ୍ରଯୁଜ୍ୟ ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# ମଧୁର ଲଗ୍ନ



ପୁଷ୍ପାଞ୍ଜଳ ପଣ୍ଡା

ହୃଦୟ ବୀଣା ମୂର୍ଚ୍ଛନା ତୋଳେ
ଉଲ୍ଲସି ଯାଏ ପ୍ରାଣ
କଏ ସେ ଅଛି କେଉଁଠି ସତେ
ଶୁଭୁଛି ବଂଶୀ ସ୍ୱନ ।।
ମୋହ ଲଗାଇ ଭୂଲ୍ ଇଦିଏ
ତୃଷିତ ପ୍ରାଣ ତୃଷ୍ଣା
ନିଦାଘ ବେଳେ ବରଷାଜଳେ
ଅମୃତ ଢାଳେ ଜ୍ୟୋସ୍ନା ।।
ପ୍ରେମର ସ୍ୱର୍ଶେ ପାପୁଲି ପୂର୍ଣ
ହୃଦୟ ପ୍ରୀତି ଯୁକ୍ତ
ବିଭୋର ହୋଇ ବହୁଛି ନଈ
ନୃତ୍ୟ ତା ଛନ୍ଦମୁକ୍ତ ।।
ବର୍ଷାଧାର୍‌  ଆଲିଙ୍ଗନରେ
ଇନ୍ଦ୍ର ଧନୁ ଖେଳେ
ସ୍ମିତହାସ୍ୟ ରେ ଚହଟିଯାଏ
ମଧୁର ଲଗ୍ନ ବେଳେ ।।

ମନଭୁଲ୍ ସେ ଓଷ୍ଠଧାର
ତପ୍ତ ତୃଷାର୍ତ୍ତ ଜିହ୍ୱା
ପ୍ରେମାପ୍ଲୁତେ ତଲ୍ଲୀନ ହୁଏ
ଚକ୍ରବାତ ରେ ହିଆ ।।
ଜୀବନ ଆଶା ଉଜ୍ଜୀବିତ
କରେ କଏସେ କାହିଁ
ପାହାନ୍ତି ବେଳା ଉପଗତ
ବୁଝି ବି ହେଉନାହିଁ ।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ବନ୍ଧୁତ୍ୱ ର ପରିଭାଷା



ଅମ୍ବିକା ସ୍ୱାଇଁ

ମନୁଷ୍ୟ ଜନ୍ମରୁ ମୃତ୍ୟୁ ଯାଏ
ଜୀବନ ରେ ଆସେ
କେତେ ଲୋକଙ୍କ ସଂସ୍ପର୍ଶରେ...
କେତେ ଲୋକଙ୍କ ସହ
ଯୋଡି ହୁଏ ସଂପର୍କ....
କେତେ ଚହ୍ନା ପରିଚୟ
ସାଙ୍ଗ ସାଥି ବନ୍ଧୁ ବାନ୍ଧବ...
ଅନେକ ବନ୍ଧୁତ୍ୱ ର ସମ୍ପର୍କ....
ହେଲେ,
ସମସ୍ତେ କ'ଣ ହୋଇ ପାରନ୍ତି ଆତ୍ମୀୟ...?
ବେଳେ ବେଳେ ମଣିଷ ଜୀବନ ରେ
ହଠାତ କେହି ଜଣେ ଆସିଯାଏ
ହୋଇଯାଏ ଅତି ନଜର, ଅତି ଆପଣାର.....
ଦୁହେଁ ଦୁହିଁଙ୍କୁ ଭଲ ଭାବରେ ବୁଝନ୍ତି,
ରାଗ, ରୋଷ ଅଭିମାନ
ବି କରନ୍ତି,
ପୁଣି ପରସ୍ପରକୁ
ବୁଝାନ୍ତି.......
ମନରେ....ହୃଦୟ ରେ....ଆତ୍ମାରେ....
ବ୍ୟାକୁଳତା ପଣରେ....

ଦୁଃଖ, ସୁଖ, ଭଲ,
ମନ୍ଦକୁ ବାଣ୍ଟି ଗ୍ଭଲନ୍ତି,
ପରଷ୍ପରେ ....
ବିପଦ, ଆପଦ
ଅଭ୍ଵବ ଅସୁବିଧାରେ
ସାଥ ଦିଅନ୍ତି.....
ପାଖରେ ଠିଆ ହୁଅନ୍ତି....
ଉଭୟ ଉଭୟଙ୍କ ପାଇଁ
ସାହାଯ୍ୟ ସହାନଭୂତି ର ହାତ ବଢାନ୍ତି....
ବିନା ସ୍ୱାର୍ଥରେ...ବିନା ସର୍ତ୍ତରେ...
ସମୟ ଓ ଅସମୟ ରେ.....
ଏହି ବନ୍ଧୁତ୍ୱ ସବୁଠୁ ମଧୁର
ସ୍ୱର୍ଗୀୟ ଚନ୍ଦ୍ରା, ଚେତନାର.....!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ସମ୍ପର୍କ



କୁଞ୍ଜବିହାରୀ ରାଉତ

ସମ୍ପର୍କ ସୃଷ୍ଟିହୁଏ
ହୃଦୟର ଖୋଲା ହସ ଟିରେ
ଶତ୍ରୁବି ବାନ୍ଧିହୁଏ ଆପଣାପଣରେ.....
ସମ୍ପର୍କକୁ ଉପେକ୍ଷା
ଅବା ହାତରେ ସମୟ ନାହିଁ
ଯିଏବି କହଇ
ତା ପାଇଁ ଆପଣାବି
ପର ହୋଇଥାନ୍ତି
ଅତି ନଜରବି ସନ୍ଦେହ କରନ୍ତି
କାରଣ ସମ୍ପର୍କ ଉପେକ୍ଷାକୁ
ପାରେ ନାହିଁ ସହି.........
ତେଣୁ ସମ୍ପର୍କ ଭାଙ୍ଗିବା ପୂର୍ବରୁ
ଆଉ ଥରେ ଭାବିନଅ
ହୁଏତ ଖୋଜିଲା ବେଳକୁ
ସମ୍ପର୍କ ହାତ ପାହାନ୍ତାରୁ
ଦୂରକୁ ଚାଲିଯାଇଥିବ
ସେତେବେଳେ ମନକୁ ହେଜି ହଉଥିବ
ଜୀବନଟା ମରୁଭୂମି ପାଲଟିବ........
ତେଣୁ ସମ୍ପର୍କର ମୂଲ୍ୟକୁ
ଅର୍ଥରେ ତଉଲିବାକୁ ନକର ପ୍ରଚେଷ୍ଟା
ଭାବର ଆଦାନପ୍ରଦାନ ହିଁ
ସମ୍ପର୍କର ମୂଳଦୁଆ ପକାଇବ
ଆଉ ଉପେକ୍ଷା,
ସମ୍ପର୍କର ସେତୁ ଭାଙ୍ଗିଦେବ
ତେବେ କୁହ ବନ୍ଧୁ
ସମ୍ପର୍କ ନା ଉପେକ୍ଷା
କାହାକୁ ବାଛିବ ???

ପ୍ଲଟ-୧୪୮/୫, ହମିରପୁର,
ରାଉରକେଲା-୩

# ଉଷା କରଣ



ଡକ୍ଟର ମଧୁସ୍ମିତା ମିଶ୍ର

ଲଳତା ବସିଥିଲେ। ଦୂର ଦିଗବଳୟ ରେ ସୂର୍ଯ୍ୟ ଅସ୍ତ ଯାଉଥିଲେ। ପଛ ପାଖ ଆମ୍ବ ବଗିଚ୍ଚାରୁ ସକାଳର ଭ୍ରମ ଭାବି କୋଇଲି କୁହୁକୁହୁ କରୁଥିଲା, ଭ୍ରମଣ ପାଇଁ ବାହାରି ନଇ ବନ୍ଧରେ ଚାଲୁ ଚାଲୁ ବେଶ କଛି ବାଟ ଆଗେଇ ଯାଇଥିଲେ। ହାତରେ ନ ଥିଲା ଘଣ୍ଟା। ନେଇ ମଧ୍ୟ ନଥିଲେ ସାଙ୍ଗରେ ମୋବାଇଲ ଫୋନ୍। ତେଣୁ ଫେରିବା ବାଟରେ ଗୋଡ କାଟିବାରୁ ପାଖ ବିଲ ହୁଡାରେ ବସି ଯାଇଥିଲେ। ପ୍ରକୃତିସ୍ଥ ହୋଇ ଅନୁମାନ କରୁଥିଲେ, ରାସ୍ତା ଶେଷ ହେଇନ। ଆହୁରି ବାକ ଅଛି।

ଜୀବନର ରାସ୍ତା ବି ଅବଶିଷ୍ଟ ଅସରନ୍ତି ଯାହାକ ପରିଣତ ବୟସରେ ବେଶ ବଡ ଓ ଲମ୍ବା ମନେ ହେଉଛି। ଜୀବନରେ ଜୀବନଠାରୁ ବଡ ପ୍ରେମ, ପ୍ରେମ ଠାରୁ ବଡ ବନ୍ଧୁତ୍ୱ, ଯାହା ଠାରୁ ବଳ ଅଧିକ ସମ୍ପର୍କ, ଯେଉଁ ସମ୍ପର୍କକୁ ଧରି ବସିଲେ ସମସ୍ତେ ନଜର ହୋଇ ଯାଆନ୍ତି, ଆଉ ଯେଉଁ ଦିନ ନାରଇ ସମ୍ପର୍କକୁ ଭୁଲି ନଜକୁ ଅନ୍ୱେଷଣ କରେ, ସେଦିନ ସମସ୍ତେ ପର ହେଇଯାଆନ୍ତି, ସମ୍ପର୍କ ସ୍ୱପ୍ନରେ ପରିଣତ ହୁଏ।

ହଳଆ ଧରମୁର ଡାକରେ ଲଳତା ହୋସ ଫେରି ପାଇଲେ। ହଳ, ବଳଦ ଧରେ ବିଲରୁ ଫେରୁଛି।

ଅପା, ଅନ୍ଧାର ହେଲାଣି ପରା, ଏଠେଇ କଣ ବଇଚ। ଚାଲ ଘରକୁ ଯିବା, ବେଳ ଉଛୁର ହେଲାଣି।

ଲଳତା ଉଠିଲେ। ହଁ ଚାଲ। ଧରମୁ ସଂଗେ ପାଦେ ପାଦେ ଫେରିଲେ ଲଳତା।

ଅପା, ତେମେ ଆପଣେ ଏ ଘରେ ଆଉ କେତେଦିନ ରହିଯାଅ। ମାଳ କହୁଥିଲା, ତେମେ ଆପଣେ ରହିଲେ, ଘରଟା ଭଲ ଲାଗୁଛି। ଚାଲୁ ଚାଲୁ କହୁଥିଲା ଧରମୁ।

ଦେଖେ କେତେଦିନ ରହି ପାରୁଛି । ଖୁଲୁ ଖୁଲୁ ଶୁଖିଲା ହସ ହସି କହିଲେ ଲଳତା ।

ଗାଁ କୁ ଆସିବାର ଅନ୍ୟୁନ ଦୁଇ ତିନ ମାସ ହୋଇଗଲାଣି । ଘର ପାଖକୁ ଆସି ବାଉଁଶ ତିଆରି ଗେଟକୁ ଠେଲି ଦାଣ୍ଡ ଅଗଣା ପାରି ହୋଇ ଘର ଦୁଆର ର ତାଲା ଖୋଲିଲେ । କୂଅକୁ ଲାଗିଥିବା ଟିଉବଓଏଲ ରେ ଗୋଡ ଧୋଇ ବାରଣ୍ଡା ଆଲୁଅ ଲଗାଇଲେ । ବାପା ବୋଉ ଗ୍ଲଲିଯିବା ପରେ ଏକମାତ୍ର କନ୍ୟା ଭାବରେ ଉତ୍ତରାଧିକାର ସୂତ୍ରରେ ପାଇଥିବା ଘର, ଜମିକୁ ଅନ୍ୟୁନ ସତର ଅଠର ବର୍ଷ ପରେ ମନେ ପକାଇଥିଲେ ।

ଲୁଗାପଟା ବଦଳାଇ ସନ୍ଧ୍ୟା ଧୂପ ଦେଲେ । ଚଉରା ପାଖରେ ସଞ୍ଜବତୀ ଦେଲାବେଳକୁ ନିଜ ଅଜାଣତ ରେ ତାଙ୍କ ଦୃଷ୍ଟି ଖ୍ଲଲିଯାଇଥିଲା । ଆଖି ଖୋଜୁଥିଲା ଜଣକୁ, ମନ ଦେଖୁଥିଲା ଅଦୃଶ୍ୟମାନ ଅତୀତର ଅତି ଆପଣାର ପରିଚତକୁ । ଲଳତା ସ୍ମୃତିର ପଣତକାନରେ ଅତୀତର ଲୁହ ଭିଜା ଆଲେଖ କୁ ଲିଭାଇବାକୁ ଯାଇ ଲେସି ହେଇଯାଇଥିବା ଘଟଣାବଳୀକୁ ମନେ ପକାଉଥିଲେ । କିଛି ସ୍ପଷ୍ଟ, କେତେ ଅସ୍ପଷ୍ଟ, ପୁଣି କେତେ ଝାପସା କିନ୍ତୁ ସତ ।

ଅପା, ଆସ ଚା, ମୁଢୀ ଭୁଜା ଦିଟା ପାଟିରେ ପକାଅ । ମୁଁ ଟିଭି ଟା ଲଗାଉଛି । ମାଳ ଡାକୁଥିଲା ।

ଲଳତା ଯାଇ ଆଟୁ ତଳ ଚଉରାରେ ଥିବା ସିମେଣ୍ଟ ବେଞ୍ଚ ଉପରେ ବସିଲେ, ଚା କପ୍ ହାତରେ ଥିଲା । ଯେତେ ଭାବୁଥିଲେ ଭାବିବେନି ବୋଲି, ଅତୀତ ତାଙ୍କ ମନ ଭିତରେ ସେତିକି ଜୋରରେ ଉଙ୍କି ମାରୁ ମାରୁ ଧସେଇ ପଶି ଆସୁଥିଲା । ଭୁଲ୍ ଠିକ୍ ର ଦ୍ୱନ୍ଦ୍ୱ ଭିତରେ ସେ ଧନ୍ଦି ହେଉଥିଲେ ।

ଏମିତି କାହିଁକି ହୁଏ, କେମିତି ହୋଇଯାଏ, ମନ ଯାହା ଜାଣିଥାଏ, ହୃଦୟ କାହିଁକି ତାକୁ ସହଜରେ ଶୀଘ୍ର ଗ୍ରହଣ କରେନି ।

ବାପା ବୋଉଙ୍କର ଅଲିଅଳୀ ଏକମାତ୍ର ଅସମାନ୍ୟା ସୁନ୍ଦରୀ କନ୍ୟା ଥିଲେ ଲଳତା, ଗୋଟିଏ ବାହାଘର ଭୋଜି ସେ ଯାଇଥିବାବେଳେ ସୌମେନ୍ ଙ୍କ ବାପା ମାଆ ତାଙ୍କୁ ଦେଖି ବୋହୁ କରିବାକୁ ବାଛିଥିଲେ । ପ୍ରଥମ ବର୍ଷ ବି.ଏ. ରେ ନାଁ ଲେଖା ହେଇଥିଲା । ପାଠରେ ଡୋରି ବନ୍ଧା ହୋଇଥିଲା ।

ଏତେ କମ ବୟସରେ ବିବାହ ପାଇଁ ଅମଙ୍ଗ ହେଉଥିବା ଲଳତାଙ୍କୁ ତାଙ୍କ ବୋଉ ବୁଝାଇ ଦେଇଥିଲେ ଯେ ନାରୀ ଜୀବନର ସାମାଜିକ ସ୍ୱୀକୃତି ଓ ସୁରକ୍ଷିତ ଭବିଷ୍ୟତ ଏକମାତ୍ର ଧେୟ ହେବା ଆବଶ୍ୟକ ଯାହା ସମ୍ପର୍କର ଭିତ୍ତିଭୂମି ଉପରେ ଆଧାର କରି ସମ୍ମାନର ସହ ଲାଭ କରିବାକୁ ହୁଏ ।

ଲଳତାଙ୍କ ପାଠରେ ଡୋର ବନ୍ଧା ହେଇଥିଲା । ଆଦ୍ୟ ଯୌବନର ଅଙ୍କୁରିତ ପ୍ରେମ ଫଳପ୍ରସୂ ହୋଇ ନଥିଲା । ପଡିଶା ଘରର ରାମହରି ମଉସାଙ୍କର ଏକମାତ୍ର ପୁଅ ସମର ଭାଇ ସହ ଚଠି ଦିଆନଆ, ଲୁଚଛପି ଦେଖା କରିବାରେ ଇତି ହୋଇଥିଲା ।

ସେତେବେଳେ ଅର୍ଦ୍ଧ ବିକଶିତ ଚନ୍ତନ ଓ ମନରେ ଲଳତାଙ୍କ ପାଇଁ ଅନେକ କଛି ବୋଧଶକ୍ତି ର ବାହାରେ ଥିଲା । ଗୁହୁଁ ଗୁହୁଁ ଟୁନୁ ଗୁନୁ ଦୁଇଟି କନ୍ୟା ସନ୍ତାନ କୋଳକୁ ଆସିଥିଲେ । ବିବାହର ଚ୍ରାରି ବର୍ଷ ଭିତରେ ତାଙ୍କ ପୃଥିବୀର ସୀମାରେଖା ପରିବର୍ତ୍ତିତ ହେଇଥିଲା । ସୌମେନ ପ୍ରଶାସନକ ସେବାରେ ପାହାଚ ପରେ ପାହାଚ ଚଢୁଥିଲେ । ସମାଜରେ ଅନେକଙ୍କ ପାଇଁ ଉଦାହରଣ ଯୋଗ୍ୟ ଆଦର୍ଶ ଦମ୍ପତ୍ତି ଭାବରେ ସୌମେନ୍ ଲଳତାଙ୍କ ଯୁଗଳବନ୍ଦୀ ପ୍ରତିଷ୍ଠି ହୋଇଥିଲେ । ଧୀରେ ଧୀରେ ଶାଶୁ ଶ୍ୱଶୁର ଜଣଙ୍କ ପରେ ଜଣେ ଡକାଡକ ହେଇ ଚ୍ରାଲିଯାଇଥିଲେ । ଏକ ଦୁର୍ଘଟଣା ରେ ନଜ ବାପା ବୋଉଙ୍କୁ ହରାଇଥିଲେ ।

ଭାବିଲେ କେହି ନଜର ନୁହଁନ୍ତି । ବୁଝିଲେ କେହି ପର ନୁହଁ ଭାବରେ ଲଳତା ଜୀବନ ଦୌଡରେ ଦଉଡି ଚ୍ରାଲିଥିଲେ । ଝୁନୁ, ଗୁନୁ ବଡ ହେଇ ଯେ ଯାହା ବାଟ ଦେଖିଥିଲେ । ଲଳତା ଶୁଣୁଥିଲେ, ମମ୍ମି ତୁ ବୁଝୁନୁ, ତୁ ବୁଝି ପାରୁନୁ । ତୋର ଏତେ ସବୁ କଥା ବୁଝିବା ଦରକାର ନାହିଁ । ସୌମେନ୍ ଅଫିସ କାମରେ ବ୍ୟସ୍ତ ରହୁଥିଲେ । ଅଫିସରେ ବା ସାମାଜିକ ଭୋଜିଭାତ, ଗେଟ ଟୁଗେଦର ରେ ଟ୍ରଫିଂ ଓ୍ୱାଇଫ ଭାବରେ ସୌମେନଙ୍କର ପତ୍ନୀ ଯୋଗଦେବା, ହସି ହସି କଥା କହିବା ଅତି ସାଧାରଣ କଥା ଥିଲା । ଯଦି କେବେ ଉଦାସ ହେଇ ଘର ବାଲକୋନ ରେ ବସୁଥିଲେ, ସୌମେନ୍ କହୁଥିଲେ ଲାଲି ତୁମେ ବୁଝୁନ କାହିଁକ । ମିଳୁଥିବା ସମୟରୁ ଖୁସି ସାଉଁଟିବା କଥା, ଆମେ ଯଦି ଭଲ ସମୟର ରାସ୍ତା ଦେଖିବା ତେବେ ପୁରା ଜୀବନ ମଧ୍ୟ ଆମ ପାଇଁ ଛୋଟ ମନେ ହେବ ।

ସୌମେନ୍ ଲଳତାଙ୍କୁ ଡାକୁଥିଲେ ଲାଲି । ଲଳତା ବେଳେବେଳେ ଚନ୍ତା କରନ୍ତି ଝିଅ ଦିନେ ବୋଉ କହୁଥିଲା ତୁ ବୁଝୁନୁ କାହିଁକ, ବାହାଘର ପରେ ସୌମେନ୍ ବେଳଅବେଳରେ ଖୁଞ୍ଚା

ଦିଅନ୍ତି ସେ କଛି ବୁଝିନ ବା ବୁଝିପାରୁନ। ଆଉ ଝିଅମାନେ ମୁଣ୍ଡକୁ ହାତ ପାଇଗଲା ପରେ ମମ୍ମି ତୁ ଚୁପ୍ ରହ ଏସବୁ ତୁ ବୁଝି ପାରିବୁନ।

ଲଳତା ଅନ୍ୟମନସ୍କ ହୋଇଯାଆନ୍ତି। ସେ ଯଦି କଛି ବୁଝନ୍ତିନ, ବୁଝିପାରନ୍ତିନ, ତେବେ ପିଲାମାନେ କଣ ମନକୁମନ ମଣିଷ ହେଇଗଲେ। ଆପଣାଛାଏଁ ସୌମେନ୍ ଙ୍କୁ ସାମାଜିକ ପ୍ରତିଷ୍ଠା, ଆଭିଜାତ୍ୟ ଓ ସମ୍ମାନ ସ୍ୱୀକୃତି ସବୁ କଛି ଖାଲିଟାରେ ମିଳଗଲା। ଏସବୁ ପଛରେ ତାଙ୍କର କଣ କଞ୍ଚିତ୍ ମାତ୍ର ଅବଦାନ ନଥିଲା। ଅସରନ୍ତି ପ୍ରଶ୍ନ ସବୁ ଲମ୍ବା ଧାଡିରେ ଗୋଟିକ ପରେ ଗୋଟିଏ ପଛକୁ ପଛ ତାଙ୍କ ମନରେ ଅସମାହିତ ହୋଇ ଠିଆ ହୋଇ ରହନ୍ତି। ବେଳେବେଳେ ତାଙ୍କୁ ଅଣନିଃଶ୍ୱାସୀ ଲାଗେ।

ହଠାତ୍ ଦିନେ ବଜାରରେ ଗୋଟିଏ ଛୋଟିଆ ଦୋକାନରୁ ବିସ୍କୁଟ, ମିକସଚର ଆଣିବା ବେଳେ ଲଳତା ଶୁଣିଲେ, ଆପଣଙ୍କ ଦୋକାନରେ କମଳା ମିଠାଇ ଅଛି କ? ଲଳତା ସ୍ୱର ବାରି ପାରୁନଥିଲେ। କନ୍ତୁ ମାଗୁଥିବା କମଳା ମିଠାଇ ଶୁଣି ସତେ ଯେପରି ତାଙ୍କୁ ଇଲେକଟ୍ରିକ୍ ସକ୍ ମାରିବା ପରି ଲାଗିଥିଲା।

ଦୋକାନୀ କହୁଥିଲା, ଆଜିକାଲି ମ୍ୟାଙ୍ଗୋମୁଡ୍ ଜମାନାରେ କମଳା ମିଠାଇ କଏ ଖୋଜୁଛି? ହଉ ଠିକ୍ ଅଛି, ଆପଣ ତ ଏତେ ବର୍ଷର ଗରାଖ। ସବୁବେଳେ ଆପଣ ସେହି କମଳା ମିଠାଇ ହିଁ ମାଗିବେ। ଆପଣଙ୍କ ପାଇଁ ଖୋଜାଖୋଜି କରି ଯୋଗାଡ କରୁଥିଲି। କନ୍ତୁ ଗଲା ବର୍ଷେ ଖଣ୍ଡେ ହେବ ଆପଣ ତ ଦେଖା ନଥିଲେ କ ଆସି କମଳା ମିଠାଇ କଣିବାକୁ ମାଗୁ ନଥିଲେ। ହଉ, ଏଥର ଖୋଜିବି। ମୋବାଇଲ ନମ୍ବରଟା ଦେଇ ଯାଆନ୍ତୁ। ମିଳଲେ ଆପଣଙ୍କୁ ଫୋନ୍ ରେ ଜଣାଇଦେବି।

ଲଳତା ଠିଆହେଇ ଭଦ୍ରବ୍ୟକ୍ତିଙ୍କୁ ଦେଖୁଥିଲେ। ଘରକୁ ଫେରି ଭାବି ହେଲେ, ଡେଙ୍ଗା, ପତଳା ହେଇ ମଣିଷ ଜଣେ। ପଞ୍ଚାବନ, ଷାଠିଏ ବର୍ଷ ବୟସ ହେବ କ କଣ। ମୁହଁରେ ଫ୍ରେଞ୍ଚକଟ୍ ଦାଢୀ, ଆଖିରେ ଗୋଲଡ୍ ଫ୍ରେମ ଚଷମା। କଣ ଭାବି ଭଦ୍ରବ୍ୟକ୍ତି ଗ୍ଲଲିଯିବା ପରେ ଦୋକାନୀ ଠାରୁ ତାଙ୍କର ଫୋନ୍ ନମ୍ବରଟି ଆଣିଥିଲେ। ମନେ ହେଉଥିଲା ସେ ଆଉ କେହି ନୁହଁନ୍ତି। ସମର ଭାଇ। ପିଲାଦିନ କଥା ମନେ ପଡୁଥିଲା। ତାଙ୍କୁ କମଳା ମିଠାଇ ଭଲଲାଗେ ବୋଲି ପ୍ରତିଦିନ ସ୍କୁଲରୁ ଫେରିବା ବେଳକୁ ସମର ଭାଇ ଚୁଟ୍ କନା ଆସି ତାଙ୍କ ହାତରେ କମଳା ମିଠାଇ ଗୁଡା ହେଇଥିବା କାଗଜ ପୁଡିଆଟି ଗୁଞ୍ଜିଦେଇ ସାଇକେଲ ଛୁଟାଇ

ଦିଅନ୍ତି । ସ୍କୁଲ ଛାଡିବା ପରେ ମଧ୍ଯ ଏହି ଅଭ୍ୟାସ କଲଜରେ ଅଳ୍ପ କଛି ଦିନ ପାଠପଢା କାଳରେ କେଲଜ ବାରଣ୍ଡାରେ ଥିବା ପୋଷ୍ଟ ଅଫିସ କୁ ଲାଗିଥିବା ଛୋଟ ଖାଲି ଜାଗାରେ ଗ୍ଲୁ ରହିଥିଲା । ସମରଭାଇ ଲଳତାଙ୍କ ଠାରୁ ଦୁଇ ଶ୍ରେଣୀ ଉପରେ ପଢୁଥିଲେ । ନଜ ବାହାଘର ପରେ ଲଳତା ଆଉ କଛି ଖବର ରଖି ପାରିନଥିଲେ ।

ଘରକୁ ଫେରି ବାଲକୋନୀ ରେ ବସି ରହିଥିଲେ । ସୌମେନ୍ ଫେରି ଲାଇଟ୍ ଲଗାଇଲେ ।

ଅନ୍ଧାରଟାରେ କାହିଁକ ବସିଛ ପଗ୍ଲରିପାରେ କ**?** ସ୍ୱରଟା ବଡ ଗମ୍ଭୀର ଓ ଉଚ୍ଚ ତଥା ବିରକ୍ତିପୂର୍ଣ୍ଣ ଶୁଭୁଥିଲା । ସବୁଥର ତ ଯାଉଥିଲ । ସାର୍ଟ ବୋତାମ ଖୋଲୁଖୋଲୁ କହିବା ଗ୍ଲୁ ରଖିଥିଲେ । ସବୁଥର ତ ଯାଉଥିଲ । ଗୋଲଡେନ କପଲ୍ ର ତାଜ ଟା ପିନ୍ଧିବା ଗୋଟିଏ ଗତାନୁଗତିକ ପାରମ୍ପରିକ ଅଭ୍ୟାସରେ ପଡି ଯାଇଥିଲା । ଆଜି ତୁମର ଅନୁପସ୍ଥିତି ଯୋଗୁଁ ହରିଶ ଓ ତା ସ୍ତ୍ରୀ ବାଜି ମାରିନେଲେ । ଯେଉଁ ସ୍ଥାନକୁ ବଦଳ ହେଲେ ବି ଦୀର୍ଘ ଦଶ ବର୍ଷ ଧରି ଏହି ସମୟରେ ଆମେ ଗୋଲଡେନ କପଲ୍ ଆୱାର୍ଡ ଜିତି ଆସୁଥିଲେ । ତୁମର ଏତେ ଜିଦି କାହିଁକ**?** ସବୁ ମନମାନର ଗୋଟାଏ ସୀମା ଥାଏ । ମୋ ମୁହଁ ତଳକୁ ହେଇଗଲା । ମୁଁ ପଗ୍ଲରୁଛି କାହିଁ ଗଲନ ଆଜି ମୋ ସହ । ଏତେ ଗର୍ବ**,** ଅହଙ୍କାର କାହା ପାଇଁ**,** କେଉଁ କାରଣକୁ ନେଇ ।

ସୌମେନ ଏକ ଲହସ ରେ କହି ଗ୍ଲିଥିଲେ । ଲଳତା ଶୁଣୁଥିଲେ । ନରୁତ୍ତର ଥିଲେ । ମନେ ମନେ ଭାବୁଥିଲେ କାହିଁ ମୁଁ କଣ ମଣିଷ ନୁହେଁ**,** ମୋର କଣ ମନ ନାହିଁ । ଆଦର୍ଶ ଦମ୍ପତ୍ତିର ମୁଖା ପିନ୍ଧି ପିନ୍ଧି ମୁଁ ଅଣନଃଶ୍ୱାସୀ । ମୋର ଏହି ଛଳନାମୟ ଦୁନଆରେ ନଃଶ୍ୱାସ ରୁଦ୍ଧ ହେଉଛି । ତାଙ୍କର ମଧ୍ୟ ପାଲଟା ଚତ୍କାର କରିବାକୁ ଭାରି ଇଚ୍ଛା ହେଉଥିଲା । କହି ଦିଅନ୍ତେ କ**?** ଜୀବନଯାକ ଖାଲି ମୁଁ ସମସ୍ତଙ୍କୁ ଶୁଣିଛି**,** ଶୁଣୁଛି । ମତେ ତମେ ସ୍ୱାମୀ ହିସାବରେ ବା ଝିଅମାନେ ମା ଭାବରେ କେବେ ଶୁଣିଛ କ**?** କେଉଁଦିନ ପଗ୍ଲରିଛ କ ମୋ ମନକଥା । ହଁ ଗର୍ବ**,** ଅହଙ୍କାର ଦେଖାଇନ ବୋଲି ଆଜି ସମସ୍ତଙ୍କ ପାଇଁ ମୁଁ ତୁଠ ପଥର ପାଲଟିଯାଇଛି । ଯଦି ମୂଳରୁ ନଜର ଦମ୍ଭ ଅଭିମାନ ଜାହିର କରିଥାନ୍ତିତ ତେବେ ଆଜି ଏ ଦିନ ଦେଖିବାକୁ ମିଳନଥାନ୍ତା ।

ନା ସେ ପଡଟିଏ ମଧ୍ୟ ପାଟି ଖୋଲି ନଥିଲେ । ସୌମେନ୍ ଯିଏ କି ସାଧାରଣତଃ ସ୍ୱଳ୍ପଭାଷୀ, ହଠାତ୍ ରାଗିଯାଇ ଏତେ କଥା କହିଦେଇ ହାତରେ ଧରିଥିବା ପାଣି ବୋତଲଟା ଡାଇନିଂ ଟେବୁଲ ଉପରେ ଫୋପାଡି ଦେଇ ଚାଲିଗଲେ ।

ଲଳିତା ହସିଲେ । କ୍ଷୋଭ, ଦୁଃଖ, ଅପମାନର ହସ ନଥିଲା । ବରଂ ତାଙ୍କୁ ନିଜେ ଗଡ ଜିତିଗଲା ପରି ଲାଗୁଥିଲା ।

କେଉଁଠି ଗୋଟାଏ ପଢିଥିଲେ, ଜୀବନରେ ଜୀଇଁବାକୁ ହେଲେ ସବୁ କିଛି ଗ୍ରହଣ କର । ଯଦି ଗ୍ରହଣ କରି ନପାରୁଛ ତେବେ ସେଥିରେ ପରିବର୍ତ୍ତନ ଆଣ । ଯଦି ମଧ୍ୟ ପରିବର୍ତ୍ତନ ଆଣି ପାରୁନ, ତେବେ ସମସ୍ୟାକୁ ତ୍ୟାଗ କର ।

ମନରେ ସ୍ଥିର କଲେ ସମୟ ସହ ବଦଳିବାକୁ ହୁଏ । ନିଜର ପରିସ୍ଥିତିରେ କବଳିତ ନ ହୋଇ ସ୍ୱୀୟ ସ୍ଥିତିକୁ ବଦଳାଇବାକୁ ହେବ । ସୁଦୃଢ କରିବାକୁ ହେବ । ଭ୍ୟାନିଟି ବ୍ୟାଗରୁ କାଗଜଟିଏ କାଢି ଫୋନ୍ ଲଗାଇଥିଲେ । ଚାରି ପାଞ୍ଚଥର ରିଂଗ ଯିବା ପରେ ହ୍ୟାଲୋ କିଏ କହୁଛନ୍ତି, ଗୋଟିଏ କ୍ଷୀଣ କିନ୍ତୁ ଓଜନିଆ ସ୍ୱର ସେପଟୁ ଭାସି ଆସିଥିଲା ।

ଆପଣ କିଏ କହୁଛନ୍ତି? ପଚାରିଲେ ଲଳିତା । ଆଚ୍ଛା ଲୋକ ମାଡାମ୍, ଆପଣ ଫୋନ୍ କରୁଛନ୍ତି । ମୁଁ କଣ ଆପଣଙ୍କୁ ପଚାରିବି ଆପଣ କିଏ, କାହିଁକି ଫୋନ୍ କରିଛନ୍ତି? ଓଲଟା ଆପଣ ପଚାରୁଛନ୍ତି ମୁଁ କିଏ । ଆଚ୍ଛା ହେଉ । ମୁଁ ସମର ମହାପାତ୍ର କହୁଛି । ଏବେ ଜାଣିପାରେ କି ଆପଣ କିଏ?

ସମର ଭାଇ, କାଦୁଆ ପଡାର ସମରଭାଇ ତ?

ଆରେ ଆପଣ ତ ମୋ ଗାଁ ନାଁ କହିଲେଣି । କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନି ପାରିଲିନି ।

ସମରଭାଇ ମୁଁ ଲତା, ଲଳିତା, ତୁମ ଘର ପାଖ ରଘୁ ମାଷ୍ଟ୍ରଙ୍କ ଝିଅ ।

ଆରେ କମଳା ମିଠେଇ । ତୁ କେମିତି ମୋତେ ଫୋନ୍ କଲୁ? ମୋତେ ମନେ ରଖିଛୁ? ମୋ ଫୋନ୍ ନମ୍ବର କେଉଁଠୁ ପାଇଲୁ ।

ପରେ ଅନେକଥର, ବହୁ ପ୍ରକାର କଥାବାର୍ତ୍ତା । ସମର ସଂଗେ କଥା ହେଇ ଲଳିତା ଯେମିତି ନିଜକୁ ଖୋଜି ପାଇଥିଲେ । ସୁନ୍ଦରୀ ତ ସେ ଅସମାନ୍ୟା ଥିଲେ । ଏମିତିରେ ଅର୍ଦ୍ଧ ଶତକ

ଉର୍ଦ୍ଧ୍ୱ ବୟସରେ ସାମାନ୍ୟ ସ୍କୁଲ ଶିକ୍ଷାପ୍ରାପ୍ତ ନାରୀ ଥିଲେ ଲଳତା, ଯାହାଙ୍କର ଗୁଣାବଳୀର ପରିମାପକ କେବଳ ତାଙ୍କର ସୌନ୍ଦର୍ଯ୍ୟ ହିଁ ଥିଲା ।

ସୌମେନ୍ ଲକ୍ଷ୍ୟ କରୁଥିଲେ ଲଳତାଙ୍କର ହାବଭାବ, ଗୁଲଚଳନ ସବୁ କିଛି ବଦଳ ଯାଇଥିଲା । କୌଣସି ଆକ୍ଷେପ ପ୍ରତି ଲଳତାଙ୍କର ଯେମିତି କିଛି ବି ଭ୍ରୁକ୍ଷେପ ନଥିଲା ।

ଝିଅମାନେ ବେଳ ଅବେଳରେ ଫୋନ୍ କରି ପଚାରୁଥିଲେ, ମମ୍ମି ସହ ଟିକିଏ କଥା ହେଇ ପାରୁନୁ । ସବୁବେଳେ ତା ଫୋନ୍ ବ୍ୟସ୍ତ ରହୁଛି ବୋଲି ଜଣାପଡୁଛି । କାହା ସହ ଏତେ ଗପୁଛି ।

ଏମିତି ଗୋଟିଏ ଦିନ ସୌମେନ୍ ପଚାରିବାରୁ ଲଳତା ତାଙ୍କୁ ସମରଙ୍କ ବିଷୟରେ କହିଥିଲେ, ପିଲାଦିନର ଘନିଷ୍ଠତା, ବାଲିଘର ଖେଳ, ଗାଁରେ କବାଡି ଖେଳ, କମଳା ମିଠାଇ ଇତ୍ୟାଦି ଗୋଟିଏ ଗୋଟିଏ କଥା କହିଥିଲେ । ଠିକ୍ ଅଛି । ସେଥିପାଇଁ ବୋଧହୁଏ ତୁମେ ଆଜିକାଲି ଏତେ ଖୁସି ଅଛ, ସୌମେନ୍ କହିଥିଲେ ।

ବୁଝିଲ, ଜୀବନ ଏମିତିରେ ଈଶ୍ୱରଙ୍କର ବରଦାନ । ଜୀବନକୁ ପ୍ରର୍ଯ୍ୟାପ୍ତ ପରିମାଣରେ ଖୁସିରେ ଜୀଇଁବା ମଣିଷର ଇଚ୍ଛା ଉପରେ ନିର୍ଭର କରେ । ସମର ଭାଇ କୁହନ୍ତି, ହସିବା ପାଇଁ କୌଣସି କରଣ ଖୋଜିବା ଦରକାର ନାହିଁ । ବେଳେବେଳେ ବିନା କାରଣରେ ହସିଲେ, ଆମର ଜୀବନ ମଧ୍ୟ ଆମ ସହ ହସି ଉଠିବ । ଲଳତା କହି ଚାଲୁଥିଲେ, ସୌମେନ୍ ଶୁଣୁଥିଲେ ।

ଅଫିସରୁ ଫେରି ଦିନେ ସୌମେନ୍ ଦେଖିଥିଲେ, ବେଡରୁମ୍ ଖଟ ଉପରେ ଦୁଇଧାଡି ଲେଖା ହେଇ ଚିଠିଟିଏ ପଡିଥିଲା, "ମୁଁ ନିଜକୁ ଖୋଜିବା ପାଇଁ ଯାଉଛି । ମୋତେ ଖୋଜିବା ଦରକାର ନାହିଁ" ।

ସମାଜରେ ତାଙ୍କୁ, ତାଙ୍କ ପରିବାରକୁ ଆଦର୍ଶ ପରିବାର, ଆଦର୍ଶ ଦମ୍ପତ୍ତି ଭାବରେ ଲୋକେ ମାନୁଥିଲେ । ସୌମେନ୍ ଭାବୁଥିଲେ ତାଙ୍କ ଉପରେ, ତାଙ୍କ ପରିବାର ଉପରେ କାହାର ନଜର ଲାଗିଗଲା ।

ସୌମେନ୍ ଙ୍କ ଦୁନିଆଁ ଉଜୁଡି ଯାଇଥିଲା । ଝିଅମାନେ ଜ୍ୱାଇଁ ଓ ପିଲାମାନଙ୍କୁ ନେଇ ଆସିଥିଲେ । ଘର କାମବାଲୀ କମ୍ମ ସଭିଙ୍କ ଘର ହାଣ୍ଡିଶାଳରେ ପ୍ରଚାର ଜାରି ରଖିଥିଲା । ଷଡଙ୍ଗୀବାବୁଙ୍କ ସୁନ୍ଦରୀ ସ୍ତ୍ରୀ ଲତା ମାଡାମ୍, ଯେଉଁ ପ୍ରେମିକ ଙ୍କ ସହ ଘଣ୍ଟା ଘଣ୍ଟା ଧରି ଗପୁଥିଲେ, ତାଙ୍କ ସହ କୁଆଡେ ଫେରାର ହୋଇଯାଇଛନ୍ତି ।

ନିନ୍ଦା, ଅପମାନ, କୁତ୍ସାରଟନାର ଆବର୍ତ୍ତରେ ସୌମେନ୍ ଉବୁଟୁବୁ ହେଉଥିଲେ । ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ପରିଣତ ବୟସରେ ଅବସର ନେବା ସମୟରେ ନିଃସଙ୍ଗତାର କୋଳାହଳ ତାଙ୍କୁ କାଟି ଗୋଡାଉଥିଲା ।

ଏହା ଭିତରେ ଦୁଇମାସ ବିତିଯାଇଛି । ଘର ଛାଡିବା ପରେ ଦୁଇଦିନ ତଳେ ହଠାତ୍ ମହାଦେବ ମନ୍ଦିର ମୋଡରେ ପିଲାଦିନର ସାଙ୍ଗ ରେଣୁ ସହ ଦେଖା ହେଇଗଲା । ତା ଠାରୁ ସବୁ ଖବର ମାନେ ସୌମେନ୍ ଙ୍କ ଖବର, ମନସ୍ତାପ, ପିଲାମାନଙ୍କ ପ୍ରତିକ୍ରିୟା ସହ ସାହି ପଡିଶାଙ୍କ ପ୍ରତ୍ୟାରୋପାଦି ଶୁଣି ବିଚଳିତ ହେଲେ ।

ଭାଳି ହେଲେ, ତାଙ୍କର କ୍ଷଣିକ ନିଷ୍ପତ୍ତିର ପରିଣାମ କଣ ଏତେ ଭୟାବହ ହେଇପାରେ ବୋଲି ସେ କେବେ ଚିନ୍ତା କରିଥିଲେ । ଗୋଟିଏ ମୁହୂର୍ତ୍ତରେ ଜୀବନକୁ ବଦଳାଇ ହୁଏନି କିନ୍ତୁ ଗୋଟିଏ ମୁହୂର୍ତ୍ତରେ ନିଆଯାଇଥିବା ନିଷ୍ପତ୍ତି ଜୀବନର ସବୁକିଛି ବଦଳାଇ ଦେଇପାରେ । ତେଣୁ କୁହାଯାଏ ମନକୁ ଶାନ୍ତ ରଖି ଯେ କୌଣସି ନିଷ୍ପତ୍ତି ନିଆଯାଇ ଜୀବନକୁ ଆଗେଇ ନେବା ବିଧେୟ ।

ଲଳିତା ନିଜେ ନିଜକୁ ପଚାରୁଥିଲେ । ମନେମନେ ଧିକ୍କାର କଲେ । ମନେ ପଡୁଥିଲା, ପାହାନ୍ତିଆରୁ ଥାଇରଏଡ୍ ଔଷଧ ଦେବାଠାରୁ ଆରମ୍ଭ କରି ତାଙ୍କୁ ଭଲ ଲାଗେ ବୋଲି ମାସକରେ ଥରେ ଦୁଇଥର ସୌମେନ ଗର୍ବଡୁ ଦୋକାନରୁ ଗରମ ଗରମ ଜିଲାପି ଆଣି ଦିଅନ୍ତି । ସମସ୍ତେ ଯେତେବେଳେ ଆଦର୍ଶ ଦମ୍ପତ୍ତି ଓ ଝିଅମାନଙ୍କର ପ୍ରଶଂସା କରନ୍ତି, ସୌମେନ୍ କେବେ ବି ଭୁଲନ୍ତି ନାହିଁ କହିବାକୁ, ଆଜି ଆମେ, ଆମ ଝିଅମାନେ ଯାହା କିଛି ସଫଳତା ପାଇଛୁ, ସେ ସମସ୍ତ ର ଶ୍ରେୟ ଆମ ଲାଲୀ ମାଡାମ୍ ଙ୍କୁ ଯାଉଛି ।

ରାତିସାରା ଲଳିତା ଖଟରେ ଏପଟ ସେପଟ ହେଉଥିଲେ । ଆତ୍ମ ନିରୀକ୍ଷଣ କରୁକରୁ ଭାବୁଥିଲେ, ଏତେ ସ୍ୱାର୍ଥପର ସେ କେମିତି, କେବେ ହେଇଗଲେ । ଜୀବନର ଅପରାହ୍ନ ରେ, ଉତ୍ତରାର୍ଦ୍ଧରେ ସୌମେନ୍ ଙ୍କୁ ଏକୁଟିଆ କରିଦେଇ କେମିତି ସେ ଚାଲିଆସିଲେ । କାହିଁକି ବା

ଘୁଲିଆସିଲେ । "ମୁଁଡ଼୍" ର ଅହଙ୍କାରରେ ସେ କଣ ସତରେ ଅନ୍ଧ ପାଲଟି ଯାଇଥିଲେ । ସୌମେନ୍ ଙ୍କ ସମ୍ମାନକୁ ଅସମ୍ମାନ କରିବା ତାଙ୍କ ଭୁଲ ବିଗ୍ଭର ଓ ଆସ୍ପର୍ଦ୍ଧାର ପରିଣାମ ନୁହେଁ ତ ଆଉ କଣ**?**

ପାହାନ୍ତିଆରୁ ନିଦ ଲାଗିଯାଇଛି । ଝରକା ବାଟରେ କେତେବେଳୁ ଖରା ଆସି ଖଟ ଉପରେ ପଡିଲାଣି । ମାଳ ଆସି ଥରକୁଥର କବାଟ ବାଡେଇ ଡାକ ଗଲାଣି । କେମିତି ବା ସେ ସୌମେନ୍ ଙ୍କୁ ମୁହଁ ଦେଖାଇବେ ଜାଣି ପାରୁନାହାନ୍ତି ।

ଧଡକନା ଉଠି ବସିଲେ । ଏ ଯେ ସୌମେନ୍ ଙ୍କ କାର ରହିବା ଶବ୍ଦ ।

ଏଇଟା ରଘୁ ମାଷ୍ଟ୍ରେଙ୍କ ଘର ତ**?** ଘର ପାଖରେ ଠିଆ ହୋଇଥିବା ପିଲାଟିକୁ ପଗ୍ଭରୁଥିଲେ ସୌମେନ୍ । ଲତା ଅପାଙ୍କୁ ଟିକେ ଡାକ ଦେବ କ**?**

Madhu1691@gmail.com

# ତୁଚ୍ଛ ସମ୍ପର୍କ



ଧରିତ୍ରୀ ଦାସ

ତୁଚ୍ଛ ସମ୍ପର୍କର ଦ୍ୱାହିରେ ପାଗଳ
ଆଜି ଏ ମଣିଷ ଜାତି
ନବୁଝି ଯେବେରେ କରିବ କରମ
କାହୁଁବା ମିଳବ ଖ୍ୟାତି।
ସମ୍ପର୍କର ମାୟା ଜାଲେ ଛନ୍ଦିଦେଇ
ପ୍ରଭୁ ନିରାକାର ସ୍ୱାମୀ
ନିଶ୍ଚିନ୍ତରେ ବସି ନୀଳାଚଳ ଧାମେ
ପାଳୁଛନ୍ତି ଲୀଳା ଭୂମି।
ତୁଚ୍ଛ ସମ୍ପର୍କରେ ଭୋଳ ହୋଇ ଯେବେ
ହରି ନାମକୁ ନ ଭଜ
ମାୟାରେ ଭ୍ରମିବ ନର୍କଗାମୀ ହେବ
ଏକଥା ମନରେ ହେଜ।
ସମ୍ପର୍କର ମାନେ କିଛି ନାହିଁ ଏଠି
ସବୁ ଖାଲି ମିଛ ମାୟା
ବୁଝି ଶୁଝି କର୍ମ ନକଲେ ବାବୁରେ
ହୋଇଯିବୁ ତୁହି ବାୟା।
ବେଳ ଥାଉଁଥାଉଁ ହୁସିଆର ହୁଅ
ବିଭୁପାଦେ ଲୟ ରଖ
ତାଙ୍କରି ଦୟାରେ ଜୀବନ ଜଞ୍ଜାଳୁ
କଟିଯିବ ସବୁ ଦୁଃଖ।

ରାଉତରା ପୁର, ପହଙ୍ଗା, ଯାଜପୁର

# ଏମିତି ହୁଏ



ବରୁଣ କୁମାର ଦାସ

ଆଖିର ଆଖିଏ କଥା
ଉତୁରିପଡ଼େ
ବାକଶୂନ୍ୟ ବନଯାଏ
ଓଠର ବର୍ଣ୍ଣମାଳା।
ଅନ୍ଧାର ତୋଳଧରେ
ନଜ ଭିତରେ ବ୍ୟବଧାନ
ଅଭିମାନ ଟାଣିଧରେ
ଇଙ୍ଗିତ ମାନଙ୍କୁ ।
ଆଗକୁ ବଳ ପାରେନା
କ୍ଲାନ୍ତ ଆକର୍ଷଣର ପାଦ
ଶୁଖିଯାଏ ବଢିଲ୍ ନଇଧାର
ଶୋଷ ଭିତରେ ହଜିଯାଏ
ପରିଣତ ଶୋଷ ।
ସମ୍ପର୍କ ରୂପନଏ ଗ୍ଲେରବାଲି
ଟାଣି ହୋଇଯାଏ ଟାଣପଣ
ତଳକୁ ତଳକୁ,
ବାହାରକୁ ବାହାରି ଆସିବାର
ଅଦମ୍ୟ ଇଛାସବୁ
ବାରମ୍ବାର ଅଟକ ଯାଉଥାଏ
ଭିଡି ଧରିଥିବା ବନ୍ଧନର
ନାଗଫାସ ଭିତରେ ।

ପାଲୁସିଆ, ଭୋଗରାଇ, ବାଲେଶ୍ବର

# ଜୀବନ ଶିଖା



ପ୍ରଣତୀ ରଥ

ଜଳୁ ଜଳୁ ଖୋଲା ଆକାଶ ଆଖିରେ
କେତେବେଳେ ଲିଭିଯିବ
ତା'ର ଠିକଣା ନାହିଁ,
ସ୍ପନ୍ଦନ ଟିକକ ଧୁକୁ ଧୁକୁ ତା'ର
କେତେବେଳେ ବନ୍ଦ କରିଦେବ
ତା'ର ଠିକଣା ନାହିଁ ।
ମୃତ୍ୟୁ ଏ ତ ଅଭିମନ୍ତ୍ରିତ
ଏହାକୁ ସାମ୍ନା କରିହେବ ନାହିଁ ।
ଜୀବନ ଯାତ୍ରାରେ କେତେ ରଙ୍ଗକୁ
ସାମ୍ନା କରିବାକୁ ପଡେ
ପ୍ରତିଟି ରଙ୍ଗରେ ନିଜକୁ ରଙ୍ଗେଇବାକୁ ହୁଏ,
ମନ ଗ୍ରହୁଁ ନ ଗ୍ରହୁଁ,
ଇଚ୍ଛା ଥାଉ ନ ଥାଉ ଜିଇଁବାକୁ ହୁଏ
ପ୍ରତିଟି କ୍ଷଣକୁ ।
ଯନ୍ତ୍ରଣା, ତାଡନା, ପ୍ରୀତି ଅବା ତର୍କଣା ପଥରେ
ଗୌରବ ମଣ୍ଡିତ କ୍ଷଣକ ଖୁସି ମଧ୍ୟରେ
ନିଜକୁ ସଜେଇବାକୁ ପଡେ
ଏକ ଭିନ୍ନ ଢଙ୍ଗରେ
ପ୍ରତିଟି ସମ୍ପର୍କ ଯୋଡିବାକୁ ପଡିଥାଏ
ଜୀବନ ଯାତ୍ରାର ଐଶ୍ୱର୍ଯ୍ୟ ପଥରେ ।
ବେଳେବେଳେ ସ୍ୱପ୍ନ ଭାଙ୍ଗିଗଲେ
ଛି, ଲାଗେ ଜୀବନଟିକୁ

ହେଲେ,
ଜୀବନ ଥିଲେ ସଜାଡି ହୁଏ
ନୂତନ ସ୍ୱପ୍ନଟେ
ସଜାଡି ହୁଏନ ଜୀବନ ଗଳ୍ପରେ ।
ପ୍ରତିଟି ଓଠରେ ହସ ଭରି ନଜେ ଏ
ଜୀବନକୁ ହସାଇବାରେ ଅଛି ମାଦକତା
ଜନ୍ମୁ ଜନ୍ମୁ ଏତ କେବେ ଲିଭିଯିବ
ତା'ର ଠିକଣା ନାହିଁ
ହେଲେବି, ଲିଭୁ ଏମିତି
ଯେମିତି ଲିଭିବି ଗାଉଥିବ ଅମର ଗାଥା ।

ରାଉରକେଲା, ସୁନ୍ଦରଗଡ

# ବନ୍ଧୁତା



ଜୟଶ୍ରୀ ପଟ୍ଟନାୟକ

ଦୀପକ ଆଉ ମୁଁ ଦୁହେଁ କଲେଜରେ ଏକା କ୍ଲାସରେ ପଢୁଥିଲୁ । କିଛିଦିନର ଦେଖା ସାକ୍ଷାତ ପରେ ଦିନେ ସେ ମୋତେ ଭଲପାଏ ବୋଲି କହିଲା । ମୁଁ କିନ୍ତୁ ସେସବୁ ଚକ୍କରରେ ପଶିବାକୁ ଇଚ୍ଛା କରି ନ ଥିଲି । ମୋ ମତରେ ବନ୍ଧୁତା ଥାଉ ପ୍ରେମ ନ ହେଉ । କାରଣ ପ୍ରେମ କଲେ ଯନ୍ତ୍ରଣା ମିଳେ ବୋଲି କିଛି ସାଙ୍ଗମାନଙ୍କ ଠାରୁ ଅନୁଭୂତି ସାଉଁଟିଥିଲି । ତେଣୁ ସେ ଦିଗକୁ ଯିବାକୁ ମନ ବଳେଇ ନ ଥିଲି । ମୋତେ ନୋଟ କି ବହି ମାଗିଲେ ଦେଉଥିଲି କାରଣ ସେ ସେତେ ଭଲ ପାଠ ପଢେନାହିଁ ଆଉ ଯେତେବେଳେ ଦେଖ ସାଙ୍ଗ ମାନଙ୍କ ସହିତ ଚକ୍କର କାଟିବାରେ କୁଣ୍ଠାବୋଧ କରେନାହିଁ ।

କଲେଜରେ ଗୋଟେ କୃଷ୍ଣଚୂଡ଼ା ଗଛ ଥିବା ଗୁନ୍ଦିନୀ ଉପରେ ବସି ମୁଁ ବସକୁ ଅପେକ୍ଷା କଲାବେଳେ ସେ ଆସିକି ମୋ ପାଖରେ ବସିବାକୁ ଭଲପାଏ । ମନଭରି ଗପେ । ତା ମନର ପ୍ରେମକୁ ସମର୍ପି ଦିଏ । ମୁଁ କିନ୍ତୁ ପ୍ରେମ ବଦଳରେ ବନ୍ଧୁତାକୁ ଭଲ ପାଉଥିଲି କାରଣ ପ୍ରେମ କରିବା ସହଜ । ପ୍ରେମରେ ବାନ୍ଧିହୋଇ ରହିବା ସହଜ ହେଲେ ଯଦି ପ୍ରେମ ପୂର୍ଣ୍ଣାଙ୍ଗ ରୂପ ନ ପାଇଲା ତେବେ ବିରହ ହୃଦୟକୁ ଜାଳି ପୋଡି ନଷ୍ଟ କରିଦିଏ । ସାରା ଜୀବନ ଗୋଟିଏ ଝୁରା ମନକୁ ଆଖିର ଲୁହରେ କିଏ ସାନ୍ତ୍ୱନା ଦେବ ? ସାଙ୍ଗମାନେ ମିଶି ପ୍ରେମ ଜୀବନକୁ ସୁଖପାଠ୍ୟ କରିଦିଅନ୍ତି ହେଲେ ଯେତେବେଳେ ବିରହର ନିଆଁ ଜଳୁଥାଏ ସେତେବେଳେ ତାକୁ ଭୁଲିଯା କହି ସହଜ କରିଦିଅନ୍ତି କଥାକୁ ।

ତା ଛଡା ସେ ଅନ୍ୟ ଜାତିର ମୁଁ ଅନ୍ୟ ଜାତିର । ଆମ ସମାଜ ପ୍ରେମ କରୁଥିବା ଦୁଇ ପ୍ରେମୀଙ୍କୁ ସହଜରେ ଗ୍ରହଣ କରି ନଥାଏ । କିଛି ଈର୍ଷା କିଛି ଦୁଃଖ, କିଛି ଟାହି ଟାପରା ବି ଶୁଣିବାକୁ ପଡିଥାଏ ସେମାନଙ୍କୁ । ତେଣୁ ମୁଁ ବନ୍ଧୁତାରେ ବିଶ୍ୱାସ ରଖେ । ସେ ବର୍ଷ କଲେଜ ପରୀକ୍ଷାରେ ମୁଁ ଅନର୍ସ ରଖି ପାସ କଲି ଆଉ ସେ ଫେଲ ହୋଇଗଲା । ସମୟ କ୍ରମେ ମୁଁ

ଉଚ୍ଚ ଶିକ୍ଷା ଲାଭ କରି ଗୁକରୀ ଟିଏ ସମ୍ପାଦି ପାରିଥିଲି । ସେ ସେତକ ବି କରି ପାରି ନ ଥିଲା । କଣ ଦି ଗୁରି ମାଣ ବିଲ ଥିଲା ସେଥିରୁ ଯାହା ଅମଳ ହେଉଥିଲା ତାକୁ ଖାଇ ପରିବାର ଲୋକେ ଚଳୁଥିଲେ । ଦିନେ ଜାଣିବାକୁ ପାଇଲି ତା ସାନ ଭଉଣୀ ପାଖରୁ କି ସେ ଗୋଟେ ମଟର କମ୍ପାନୀ ରେ କାମ କରୁଛି । ଦରମା ତ ଯାହା ପାଉଛି ତା ସାଙ୍ଗକୁ ମଦ ପିଇବା ବି ଶିଖିଯାଇଛି । ଦିନେ ଖୁବ ବର୍ଷା ସମୟରେ ତା ଭଉଣୀ ମୋ ପାଖକୁ ଆସିଥିଲା। ଅସୁବିଧାରେ ପଡିଛୁ କିଛି ଟଙ୍କା ଦରକାର ବୋଲି କହିଲା । କିଛିମାସ ପରେ ବିଲ ବିକି ଫେରେଇଦେବୁ । ଏଇ ପଦେ କଥାରୁ ଜାଣିପାରିଲି ସେମାନଙ୍କ ଅବସ୍ଥା କଥା । ମୋ ପାଖରୁ କିଛି ଟଙ୍କା ନେଲା ବନ୍ଧକ ରଖିଥିବା ଘର ମୁକୁଳେଇବାକୁ । ଭାବିଲି ଦୀପକର ବୋଧେ ମୋ ଆଖି ସହିତ ଆଖି ମିଶେଇ ଛିଡା ହେବାର ଦମ୍ଭ ନ ଥିଲା ତେଣୁ ସେ ନ ଆସି ଭଉଣୀକୁ ପଠେଇଛି । ଦିନେ ଅଧେ ଫୋନ କଲେ ଧରିବାକୁ ଆଭଏଡ଼ କରେ । ବୋଧହୁଏ ବାକିରେ ନେଇଥିବା ଟଙ୍କା ମାଗିଦେବି ସେହି ଭୟରେ । ବାସ ସେତିକି । ତାପରେ କେବେ ମନେପଡିନ ତାର ବୋଧେ ମୋ ସାହାଯ୍ୟ କଥା କି ନିଜ ଗରିବୀ ଭାରରେ ମୋ ଠାରୁ ମାଗି ନେଇଥିବା ଟଙ୍କା ପରିଶୋଧ କରିବାରେ ଅସମର୍ଥ ଥିଲା ସେ କଥା କିଛି ବୁଝି ହେଲାନ । କାରଣ କଲେଜ ଛାଡିବା ଦିନରୁ ଆମେ ପରସ୍ପରକୁ କେବେ ଭେଟିନୁ ଯଦିବା ଆମେ ଅନ୍ତରଙ୍ଗ ବନ୍ଧୁ ଥିଲୁ । ଆମ ଭିତରେ ଭଲ ସଂପର୍କ ବି ଥିଲା । ପରସ୍ପର ଦୁଃଖକୁ ବୁଝି ପାରୁଥିଲୁ । ମୋ ଅନୁମାନ ବୋଧ ହୁଏ ଠିକ ଥିଲା ଜୀବନରେ ପ୍ରେମ ଅପେକ୍ଷା ବନ୍ଧୁତାକୁ ଶ୍ରେୟ ଦେଲେ ଦୁଃଖ ଲାଗିବନ । ପ୍ରେମ କରି ଯନ୍ତ୍ରଣା ପାଇବା ଅପେକ୍ଷା ବନ୍ଧୁତାର ସୂତ୍ରରେ ବାନ୍ଧିହେଲେ ମନ କେବେ ଦୁଃଖ ହେବନାହିଁ ।

ଗଙ୍ଗନଗର, ଭୁବନେଶ୍ୱର

# ସୃଷ୍ଟିରେ ତୁମେ ନାରୀ

ବେଣୁଧର ସୂତାର

ସ୍ରଷ୍ଟାର ତୁମେ ଶ୍ରେଷ୍ଠ ଅବଦାନ
ସୃଷ୍ଟିରେ ତୁମେନାରୀ
ଅନ୍ତରେ ତୁମ ବିଶ୍ୱକଲ୍ୟାଣ
ବିଧାତା ଦେଇଛି ଭରି
ସୃଷ୍ଟି ସର୍ଜନାର ତୁମେତ ଆଧାର
ସଞ୍ଜିବନୀ ସୁଧା ଧାରୀ
ସୃଷ୍ଟିରେ ତୁମେ ନାରୀ......
ତୁମେ ସୃଜନର ସମ୍ଭାବନା ସୁର
ମମତାର ସୁର ଧୁନୀ
ଅୟୀ ପ୍ରକୃତିର ପରିପୂର୍ଣ୍ଣ ରୂପ
ବିଶ୍ୱରୂପା ସନାତନୀ
ତୁମବିନା ସ୍ଥିତି ଶୂନ୍ୟ ପରିସ୍ଥିତି
ସୃଷ୍ଟି ହୁଏ ହତଶିରୀ
ସୃଷ୍ଟିରେ ତୁମେ ନାରୀ .......
ସୃଷ୍ଟିମୟୀ ତୁମେ ନଖିଳ ସୃଷ୍ଟିର
ପୁଣ୍ୟମୟୀ ତେଜସ୍ୱି ନୀ
ପବିତ୍ର ପ୍ରେମର ଧର୍ମ ଧାରିଣୀ
ମମତାର ସ୍ରୋତସ୍ୱି ନୀ
ତୁମ ବ୍ୟତିରେକ ଏସୃଷ୍ଟିର ସୂତ୍ର
ନଥର ଶୂନ୍ୟତା ପରି
ସୃଷ୍ଟିରେ ତୁମେ ନାରୀ........

ତୁମେ ସୃଜନର ଶାଶ୍ୱତ ସ୍ୱରୂପ
ସୃଷ୍ଟିର ଆଦିମ ଧାତ୍ରୀ
ବକ୍ଷରେ ତୁମର ମମତା ମଧୁର
ପ୍ରାଣ ସଞ୍ଜିବନୀ ଭତ୍ରୀ
ତୁମେ ଆଦିମାତା ସୃଷ୍ଟିର ସଂହିତା
ବିମୋହିନୀ ରୂପଧାରୀ
ସୃଷ୍ଟିରେ ତୁମେ ନାରୀ.......
ଜନନୀ ଭଗିନୀ କନ୍ୟା ପ୍ରଣୟିନୀ
ଏ ସୃଷ୍ଟିର ଗ୍ୱରି ରୂପ
ପ୍ରକୃତି ରୂପିଣୀ ତୁମେ ନାରାୟଣୀ
ମାତୃତ୍ୱ ମଙ୍ଗଳ ଦୀପ
ମାଆ ତୁମେ ଏଇ ଅନନ୍ତ ବିଶ୍ୱର
ନମୋ ନମୋ ଗର୍ଭଧାରୀ
ସୃଷ୍ଟିରେ ତୁମେ ନାରୀ.......

କେଶଦୁରାପାଳ, କେନ୍ଦୁଝର

# ଅବତାର



କମଳିନୀ ଦେବୀ

ଦ୍ୱାପରେ ଗୋପରେ ତୁମେ ମୋ କାହ୍ନା ହେ
କରିଲ ଲବଣୀ ଚୋରି
ଗୋପୀ ବାସ ଚୋର୍, ରାଇହୃଦ ଚୋର୍
ଗୋପାଳୁଣୀ ଦଧିଚୋରି ॥

ଏତେ ଚୋରି କରି ମାନଲ୍‌ନ ମନ
କଲ ପୁଣି ନାରୀ ଚୋରି
ସେଥିପାଇଁ ଗୋପୀ କଳା ବୋଳଦେଲେ
ନିପଣ୍ଡ କାଳିଆ କରି ॥

କଳରେ ଚହ୍ନିବେ ନଟ ନାଗରଙ୍କୁ
କଳାରେ ଅଛତ ଭରି
ନୀଳାଚଳ ଧାମେ ବିରାଜିତ ହୋଇ
ମନକୁ ନଅତ ହରି ॥

ସେହି କର୍ମଫଳ ଭୋଗୁଛ କି ଏବେ
ହସ୍ତପଦ ହୀନ ହୋଇ
ଖଣ୍ଡିଆ ହାତକୁ ଦେଖାଅ ଜଗତେ
ଅବତାର ବୋଲି କହି ॥

ପାଦସ୍ପର୍ଶ ଦେଇ ପାଷାଣକୁ ତୁମେ
କରିଲ ସୁନ୍ଦରୀ ନାରୀ
ଦଶରଥ ସୂତ ମର୍ଯ୍ୟାଦା ପୁରୁଷ -
ରୂପେ ହେ କୋଦଣ୍ଡଧାରୀ ॥

ବିନାଦୋଷେ କବା ବଳ କୁ ଛଳଲ
ତିନପାଦ ଦାନ ନେଇ
ଗୃପିଲ ପାତାଳେ ବଳୀ ରାଜନକୁ
ଦୋଷ ତହିଁ ଥିଲା ବହି ॥

ଲକ୍ଷ୍ମୀମାତା ତୁମ୍ଭ ପଦସେବା ନତ୍ୟ
କରୁଥାନ୍ତି ମଞ୍ଜାଳନ
ଅନନ୍ତ ଶୟନେ ମୁଦ୍ରିତ ନୟନେ
ନଶ୍ଚିନ୍ତେ କର ଶୟନ ॥

ସେଇଦୋଷ ଫଳ ଭୋଗୁଅଛ ତୁମ୍ଭେ
ପାଦପଦ୍ମ ତୁମ ନାହିଁ
ବସିଛ ନଶ୍ଚଳେ ପଥର ଦେଉଳେ
ଜଗତ ମୋହିବା ପାଇଁ ॥

ପଲକ ବିହୀନ ଚକାଆଖିରେ ଯେ
ସଦା ବସିଅଛ ଚେଇଁ
ନୀଳଗିରୀ ନାଥ ହୋଇ ଦାରୁଭୂତ
ଆହେ ଜଗତର ସାଇଁ ॥

କଂସ ବନ୍ଦୀଶାଳେ ଜଣାର୍ଦ୍ଧର କାଳେ
ଆପେ ଜନ୍ମେ ହେଲ ଗ୍ରେରି
ବସୁଦେବେ କହି ନନ୍ଦ ମନ୍ଦିରରେ
ଲୁଚଲ ହେ ଦଇତାରୀ ॥

ଗୋବର୍ଦ୍ଧନ ଟେକ କାଳୟ ଦଳଲ
ଇନ୍ଦ୍ର ଗରବ ଗଞ୍ଜିଲ
ଧନୁଯାତ୍ରା ଛଳେ ବ୍ରଜପୁର ଛାଡି
ମଥୁରାକୁ ପଳାଇଲ ॥

ନନ୍ଦ ଯଶୋଦାଙ୍କୁ ଦୁଃଖ ଦେଇ ସାଥେ -
ଗୋପୀ ଗୋପାଳ କନ୍ଦାଇ ସେହି ଦୋଷ
ଏବେ ଘୋଟିଲ୍ କ ସତେ
ଶୀଳାଗୃହେ ହେଲ ବନ୍ଦୀ
ଦିବସ ଶର୍ବରୀ ପ୍ରତି ପ୍ରହରରେ
ଜଗନ୍ତି ପଣ୍ଡା ପ୍ରହରୀ ॥

ଇଉନଟ୍-୬, ଭୁବନେଶ୍ୱର

# ଜୀବନର ରଙ୍ଗ

ସ୍ନିଗ୍ଧା ସାମନ୍ତରାୟ

ତ୍ରିଗୁଣ ରଙ୍ଗରେ ପୂର୍ଣ୍ଣ ସେ ପାଚେରୀ
ସ୍ନିଗ୍ଧ ମୁଗ୍ଧ ସତ୍ୟ ଖଳା
ଜନ୍ମ ମୃତ୍ୟୁ ଦୁଇ ଭାଇଙ୍କ କାହାଣୀ
ଗୁଳଇ କ୍ଷଣିକ ଲୀଳା ।

ଜୀବନ ଉଦ୍ୟାନେ ଭିନ୍ନ ରଙ୍ଗ ପୁଷ୍ପେ
ସୁରଭି ପରଶ ଖୋଜେ
ସମ୍ପର୍କର ଶଯ୍ୟା ଘନ ଅନ୍ଧକାରେ
ସର୍ବଦା ଅମାରେ ହଜେ ।

ଛଳ ଛଳ ହୁଏ ଅବାଧ କୁମନ
ତିଥି ବାର ଲୋଡା ନାହିଁ
ଗରବ ଉର୍ମିର ମୁଁକାର ପଥରେ
କ୍ଷଣିକ ଜୀବନ ଯହିଁ ।

ସତ୍ୟ ମୁଦ୍ରା ଚତୁଃପାର୍ଶ୍ୱରେ ଭ୍ରମର
କୁଟିଳ ଚୁମ୍ବନ ଦେଇ
ସ୍ୱପ୍ନର ବୋଇତ ଭାସେ ଦରିଆରେ
ଜନ୍ମ ମୃତ୍ୟୁ ଗୀତି ଗାଇ ।

ଋତୁ ପରି ପରିବର୍ତ୍ତନ ଜୀବନ
ଗ୍ଭରି ସ୍ତରେ ରଙ୍ଗ ଭିନ୍ନ
ରଙ୍ଗର ପସର୍‌ ମେଲ୍‌ଇ ଦେଇଛି
ଚୁକ୍ତି ସାକ୍ଷର ଜୀବନ ।

ବସନ୍ତ ରଙ୍ଗକୁ ଆପଣେଇ ନେଲେ
ସବୁ ରଙ୍ଗ ଫିକା ଦିଶେ
ମୁଁ କାର' ରଙ୍ଗଟି ଧୌତ ହୋଇଗଲେ
ଶାନ୍ତି ରଙ୍ଗେ ଚଉ ବାସେ ।

ରଙ୍ଗ ମଞ୍ଚରେ ଜୀବନ ଫରୁଆଟି
ନିର୍ବାଣ ଆସକ୍ତି ମଧ୍ୟେ
କାମନା ବିନାଶେ ଦୁଃଖର ବିନାଶ
ମଗ୍ନ ବୁଦ୍ଧତ୍ୱ ସାନ୍ନିଧ୍ୟେ ।

ଚୂନଭଟି, ଗୋପାଳ ଗାଁ,
ବାଲେଶ୍ୱର

# ବିବାହ ବେଦୀ



ଅଳକା ମହାନ୍ତି

ଆଜି ସୁରଭି କୁ ଦେଖା କରିବାକୁ ଅଂଶୁମାନ ର ମା ବାପା ଆସିବେ। ଅଂଶୁ ଫୋନ୍ କରୁଥିଲେ,

- ସୁଭି, ରେଡ଼ି ଥିବୁ ରେ। ମାମା ପାପା ଆସିବେ। ଆଉ ଅଙ୍କଲ୍ ଆଣ୍ଟି କୁ କହିଦେବୁ।

ବହୁତ୍ ଦିନରୁ ଗୃକରୀ କରିବା ପରେ ସୁରଭି ଆଉ ଅଂଶୁମାନ ଦୁହେଁ ସୁଖ ଦୁଃଖର ସାଥୀ ହୋଇ ରହିବେ ବୋଲି  ମନସ୍ଥ କରି ନେଇଛନ୍ତି। ଅନେକ ପ୍ରସ୍ତାବ ଅଂଶୁମାନ ପାଇଁ ଆସିଛି। ଅନେକ ଯାକ ଯୌତୁକ ଦେବା ର ପ୍ରଲୋଭନ ବି ଲୋକ ଦେଖାଇଛନ୍ତି। ହେଲେ ଦୁଇ ଜଣ ଯାକ ଇଂଜିନିୟରିଂ କରି ଗୃକରି କଲା ପରେ ମନସ୍ତ କଲେ ବିବାହ କରିବେ, ପିତା ମାତା ଗୁରୁଜନ ଙ୍କ ଆଶୀର୍ବାଦ ନେବେ। ହେଲେ ବିବାହ ଏକ ଭିନ୍ନ ସ୍ୱାଦ ର ହେବ ।

ସେଦିନ  ଅଂଶୁମାନ ଙ୍କ ଫୋନ୍ ପରେ ପରେ ତାଙ୍କ ପାପା  ଚୌଧୁରୀ ବାବୁ ଙ୍କ ଫୋନ୍ ଆସିଲା ଶୁଭି ର ବାପା ଉତ୍ତମ କୁମାର ଙ୍କ ପାଖକୁ,

-- ଆଜ୍ଞା ନମସ୍କାର ! ଆପଣ କେମିତି ଅଛନ୍ତି ?? ଆଜି ଘରେ ଅଛନ୍ତି କ?? ସନ୍ଧ୍ୟା ରେ ଟିକେ ଦେଖା କରିବାକୁ ଇଚ୍ଛା ଅଛି। ପୁଅ ସହିତ ଆମେ ଦି ଜଣ ଆସିବୁ ବୋଲି ଭାବୁଛୁ।

-- ନମସ୍କାର ଆଜ୍ଞା। ଆସନ୍ତୁ । ଆମେ ଫ୍ରି ଅଛୁ ଆଉ ସୁଭି ବି ଘରେ ଅଛି। ଆସନ୍ତୁ ତାହାଲେ।

ଖିଆପିଆ ସରିବା ପରେ ଖରାବେଳେ ଟିକେ ଗଡୁ ଗଡୁ ସ୍ତ୍ରୀ  ଅନୁରାଧା କହିଲେ,

- କେତେ କଣ କହିବେ କେଜାଣି। ବାପା ଗୋଟେ କମିଶନର। କେଜାଣି କେତେ ଜମି ବାଡ଼ି କୋଠା ବାଡେଇ ଦେଇଛି କଟକ ଭୁବନେଶ୍ୱର ଆଉ ମୁମ୍ବାଇ ରେ। ଗୋଟେ ବୋଲି ପୁଅ। ଝିଅ କୁ ତ ବାହା କରାଇ ଦେଇଛନ୍ତି। କଣ କହିବେ କେଜାଣି। କଥାରୁ ତ ତାଙ୍କ

ମାଆ ବହୁତ୍ ସୋଫିଷ୍ଟିକେଟଡ ଲାଗୁଛନ୍ତି। ବହୁତ୍ ସ୍ମାର୍ଟ୍ ବି ଅଛନ୍ତି। ଭଲ। ଉଚ୍ଚ ଶିକ୍ଷିତ ଲୋକ ସେମାନେ। ଭଦ୍ର ଆଉ ସମ୍ଭ୍ରାନ୍ତ ବି ଲାଗୁ ଛନ୍ତି ।

-ଯାହା ହେଉ। ମିଆଁ ବିବି ରାଜି ତୋ କ୍ୟା କରେଗା କାଜି ? ଦେଖିବା କଣ ଆଜି ଆଲୋଚନା ହେଉଛି। ସୁଭି ତ ପୁରା ଯୌତୁକ ବିରୋଧୀ। ସେମାନେ କଣ କହିଲେ ତାର କଣ ପ୍ରତିକ୍ରିୟା ହେବ କେଜାଣି।

ଆରେ ଅନୁ, ତୁମେ ନଇ ନ ଦେଖୁଣୁ ଲଙ୍ଗଳା କାହିଁକ ହେଉଛ ? ଏତେ ଆଗତ ପାଞ୍ଚ ବନ୍ଦ କରିଯାଅ, ତାଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କର। ଆସିବା ଆସିବା ହେଉଥିବେ ସେମାନେ। କଛି ଭାବିବା ଦରକାର ନାହିଁ । ସୁଭି କଛି ମୂର୍ଖ ଅଶିକ୍ଷିତ ନୁହେଁ। ଆଉ ଅଂଶୁମାନ ତାକୁ ୬/୭ ବର୍ଷ ରୁ ଜାଣିଛି। ସେମାନେ କଣ ଛୁଆ ହୋଇଛନ୍ତି ?? ଆମେ ଯାହା କହିବୁ ସେଇୟା କରିବେ।

ବିବାହ ଏକ ପବିତ୍ର ଅନୁଷ୍ଠାନ, ଏହା ଦୁଇ ଆତ୍ମା ସହିତ ଦୁଇ ପରିବାର ର ମିଳନ କରାଇ ଥାଏ। ଦୁଇ ଟି ଆତ୍ମା ଏକାକାର ହୁଏ ସାତ ଜନ୍ମ ପାଇଁ । ବନ୍ଧୁ ବାନ୍ଧବ ଆତ୍ମୀୟ ସୋଦର ଙ୍କ ଆଶିର୍ବାଦ ରେ ଦୁଇଟି ଜୀବନ କୁଳ ମର୍ଯ୍ୟାଦାକୁ ସମ୍ମାନ ଦେଇ କୁଳକୁ ଆଗେ ବଢାଇ ନଅନ୍ତି। ସେଥିରେ ସ୍ୱାର୍ଥ, ଅବିଶ୍ୱାସ ନରହିବା ଭଲ। କେଜାଣି ସେମାନେ ଆମକୁ କେତେ ବିଶ୍ୱାସ କରୁଛନ୍ତି ??

-- ଅନୁ, ତୁମେ ଯେମିତି ଭାବୁଛ ସେ ଆମକୁ ବିଶ୍ୱାସ କରିବା କଥା, ସେମାନେ ବି ସେଇୟା ଭାବୁଥିବେ। ସେମାନେ ଚର ଦିନ ପାଇଁ ଘରକୁ ଗୋଟେ ବୋହୂ ନେବେ। ତାଙ୍କର ବି ମନରେ କେତେ ସଂଶୟ ଥିବ। ଆମେ ଝିଅ ର ବାପା ମା ହୋଇ ଯେତିକ ଚନ୍ତିତ, ସେମାନେ ବି ତାଙ୍କ ଭବିଷ୍ୟତ ପାଇଁ ସେତିକ ଚନ୍ତିତ ଥିବେ। ଆମେ ତାଙ୍କୁ ବି ନର୍ମଳ ହୃଦୟ ରେ ଆମର ବନ୍ଧୁ ବୋଲି ଗ୍ରହଣ କରିବାର ଅଛି। ତାଙ୍କୁ ନଷ୍କପଟ ହୃଦୟ ରେ ଭଲ ପାଇବାର ଅଛି। ନଜେ ଭଲ ଥିଲେ ଦୁନଆ ଆପେ ଆପେ ଭଲ ହୋଇ ଯିବ। ତୁମେ ଯାଅ। ଭଲ କ ତୁମ ହାତ ତିଆରି ସମୋସା, ଆଳୁ ଚପ, ଦହିବରା ସବୁ ରେଡ଼ି କରିଦିଅ। ବି ପଜିଟିଭ ଡିଅର!!

ତା ରୁମ୍ ରୁ ସୁରଭି ବାହାରି ଆସି କହିଲା,- ମାମା, ତୋ ଦହିବରା ଆଳୁ ଦମ ବେଶୀ କରି କରିଥିବୁ, ଅଂଶୁ କହିଛି - ବେଶୀ ଖାଇବ।

ସମସ୍ତେ ହସା ହସି ହେଉ ଥିଲେ।

ଅନୁ ଅସୁମାରୀ ସ୍ୱପ୍ନ ନେଇ କଚେନ୍ କୁ ଗ୍ଭଲି ଯାଉ ଯାଉ ସୁରଭି କୁ କହିଗଲେ, ମାମା ରେ ଭଲକ ଟିକେ ଡ୍ରେସ ଅପ ହୋଇଯା।

-- ମାମା, ସେ ତୁମ ସହିତ କଥା ହୋଇ ଆମ ସାଦି ଡେଟ୍ ଫିକ୍ସ କରିବାକୁ ଆସୁଛନ୍ତି । ମୋ ଚେହେର୍ ଦେଖିବାକୁ ନୁହେଁ, ମା। ସେ ମୋତେ ଜାଣିଛନ୍ତି । ମୁଁ କଣ ନୂଆ କ ତାଙ୍କ ପାଇଁ ?? କହି କହି ହସୁଥିଲ୍ ବାପା ମୁହଁ କୁ ଗ୍ଭହିଁ। ଦୁହେଁ ମୁରୁକ ହସା ଦେଉଥିଲେ।

ସନ୍ଧ୍ୟା ରେ ତିନ ଜଣ ଯାକ ପହଞ୍ଚି ଗଲେ।

ହସ ଖୁସି ରେ ଗ୍ଭ ନାସ୍ତା ର ଆସର ଜମିଥାଏ। ଚୌଧୁରୀ ବାବୁ କଥା ଭଙ୍ଗି ଆରମ୍ଭ କରିଦେଲେ।

-ଉତ୍ତମ ବାବୁ! ଯଦି ଆସିଛି ସେଇ କଥା ଆଲୋଚନା କରିବାକୁ ସେଥିରେ ଡେରି କରି ଲ୍ଭ କଣ? ଆସନ୍ତା ଡ଼ିସେମ୍ବର ମାସରେ ବାହାଘରଟା କଲେ ଭଲ ହେବ। ମୌସମ ବି ଥିବ। ଲୋକ ଖୁବ୍ ମଜା ଉଠାଇବେ। ଖାଇବା ପିଇବା, ନାଚ ଗୀତ, ବେଶ ପୋଷାକ ରେ କଛି ଅସୁବିଧା ହେବନ।

--- ହଁ ଆଜ୍ଞା ଠିକ୍ କଥା । ଡ଼ିସେମ୍ବର ଟା ଭଲ।

ଉତ୍ତମ ବାବୁ ନମ୍ରତା ର ସହିତ ସମ୍ମତି ଦେଇଦେଲେ।

ତାପରେ ଅଂଶୁମାନ ଙ୍କ ମା ତନୁଶ୍ରୀ କହିଲେ, ଆପଣ ଯାହା ଗ୍ଭହିବେ ଆପଣଙ୍କ ଝିଅ କୁ ଦେବେ । ଅମର କଛି ଦରକାର ନାହିଁ। ଟିକେ ଭଲରେ ସ୍ୱାଗତ କରିଦେଲେ ଚଳବ।

-- ଆଜ୍ଞା ଆମେ ସବୁ ଇଭେଣ୍ଟ ମ୍ୟାନେଜର କୁ ଦେଇ ଦେଇଛୁ। ସେଥିରେ କଛି ଊଣା ହେବ ନାହିଁ। ଆମେ ଦୁଇ ଝିଅଙ୍କ ପାଇଁ ଆଗରୁ ସବୁ ତିଆରି କରି ଦେଇଛୁ। ଆଉ ଅଂଶୁମାନ ଙ୍କୁ କଣ କଣ ଦରକାର କହିଲେ ଆପଣ କହିବେ, ବୋଲି ଅନୁଗ୍ଭଧା କହିଲେ।

--ଯୁଗ ବଦଳବା ସହିତ ସାମାଜିକ ରୀତି ନୀତି ବି ବଦଳୁଛି। ଆଜି କାଲି ପିଲ୍ ସବୁ ସିନେମା ଦେଖି ଶିଖୁଛନ୍ତି। ତେଣୁ ଆମେ ସେମିତି ଆଧୁନକ ଢଙ୍ଗରେ ସବୁ କରିବୁ। ସମସ୍ତଙ୍କୁ ସ୍ୱାଗତ କରିବା, ଗିଫ୍ଟ ଦେବା ଖାଇବା ପିଇବା ସବୁ ଇଭେଣ୍ଟ ମ୍ୟାନେଜର ସମ୍ଭାଳବ। ତାକୁ ଆମେ ସବୁ ଲିଷ୍ଟ ଧରେଇ ଦେବୁ।

ଅଂଶୁମାନ ସୁରଭି ଭିତରେ ବସି ଦହିବଗ୍ ଆଳୁ ଦମ ର ମଜା ନେଉ ଥାଆନ୍ତି। ଟିକେ ପରେ ସବୁ ଆଲୋଚନା ଭିତରେ ଆସି ପହଞ୍ଚି ଗଲେ। ଅଂଶୁମାନ ସମସ୍ତଙ୍କ ଆଜ୍ଞା ନେଇ କହିଲେ,

-ପାପା ମାମା, ଅଙ୍କଲ ଆଣ୍ଟି, ଯଦି ଆପଣଙ୍କ କଥା ସରିଥାଏ  ଆମେ କଛି କହିବୁ ବୋଲି ଆପଣଙ୍କ ଠାରୁ ଅନୁମତି ନେଉଛୁ। ଆମେ ଦୁଇଜଣ ଆଧୁନକତା ଆଉ ସମାଜର ପରିବର୍ତ୍ତନ କୁ ଗ୍ରହଣ କରୁଛୁ। ଯଦି ପରିବର୍ତ୍ତନ ସମସ୍ତଙ୍କ ପାଇଁ ମଙ୍ଗଳମୟ ହୁଏ ତେବେ ତାକୁ ଗ୍ରହଣ କରିବା ଉଚତ୍। ଆମେ ଦୁଇ ଜଣ ଆଗ କୋର୍ଟ ରେ ମାରେଜ ରେଜିଷ୍ଟ୍ରେସନ୍ କରିବୁ, ତାପରେ ତିଥି ଅନୁସାରେ ଯେଉଁ ଦିନ ବାହାଘର ହେବା କଥା ହେବ। ଅତିଥି ମନେ କଛି  ଉପହାର ଆଣି ଆସିବେନ କ ଆମେ ତାଙ୍କୁ ଦେବୁନାହିଁ। ବାହାଘର ରେ ଯାହା ଖର୍ଚ୍ଚ ହେବ ଦୁଇ ପକ୍ଷ ଅଧା ଅଧା ଦେବେ। ବିଶେଷ ଆଡମ୍ବର ରେ କଛି କରିବାର ନାହିଁ। ମୋତେ ଯେମିତି ଗୋଟେ ସ୍ତ୍ରୀ ଦରକାର, ସୁରଭି କୁ ସେମିତି ସ୍ୱାମୀ। କେହି କଛି ଦୋଷ କରି ନାହାନ୍ତି ଯେ ଯୌତୁକ ଜୋରିମାନା ଦେବେ। ମୁଁ ଯେମିତି ଗେହ୍ଲା ରେ ବଢ଼ି ପାଠ ପଢ଼ିଲି, ସୁରଭି ବି ସେତିକ ଅଲିଅଳ। ସେତିକ ତାର ବି ଯୋଗ୍ୟତା ଅଛି। ତାର ସମାଜ ରେ ସେତିକ ମାନ୍ୟତା, ଅଧିକାର ଅଛି ଯେତିକ ମୋର। ତେଣୁ କାହାକୁ କଛି ବେଶୀ ଚନ୍ତା କରିବାର ନାହିଁ। ବିବାହ ଆମର। ଜୀବନ ଅମର । ଆମେ କେବଳ ଆପଣ ମାନଙ୍କ ଆଶୀର୍ବାଦ ଗୃହୁଁଛୁ ଯାହାକୁ ନେଇ ଆମେ ଆପଣଙ୍କ ଦେଖା ଶୁଣା ଭଲରେ କରି ପାରିବୁ। ବାସ ଏତିକ ଦରକାର। ମୁଁ ସୁରଭି ଘରେ ଗୋଟେ ପୁଅ ଆଉ ସୁରଭି ଆମ ଘର ର ଝିଅ। ଦୁଇ ଜଣ ଆମେ ଆମ ଦାୟିତ୍ୱ ଭଲରେ ନେଲେ ସମାଜ ଓଲଟା ଆମକୁ ଅନୁକରଣ କରିବ। ତେଣୁ ସେ ବହୁ ଆଡମ୍ବର କରି ଆପଣ ମାନଙ୍କ ବୁଢ଼ାପା ର  ଯେ ଉଁ ସମ୍ବଳ ଅଛି ତାକୁ ବୃଥା ଟା ରେ ଖର୍ଚ୍ଚ କରନ୍ତୁ ନାହିଁ। ନଜେ ଏନଜୟ କରନ୍ତୁ।

ମାଆ ବାପା ଗୁରିଜଣ ଉଚ୍ଚ ଶିକ୍ଷିତ ଥିଲେ। ହେଲେ ଆଜି ତାଙ୍କ ପୁଅ ଝିଅ ତାଙ୍କ ଆଖି ଫିଟାଇ ଦେଲେ। ସେମାନେ କୁହକୁହି ହେଉଥିଲେ, ସତରେ ଆମେ ଆମ ପିଲାଙ୍କୁ ପ୍ରକୃତ ଯୋଗ୍ୟ ବନାଇଛୁ।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# କବିତା ଓ ସମାଜ



ଆଶୁତୋଷ ମେହେର

କବିତା ଫୁଟାଏ ମଣିଷ ସମାଜେ ଭ୍ଷାର ସର୍ଗ ହସ
ମାଁ କୋଳ ଭର୍ ସେ ଦର୍ଗେଟି କଥାର ସତେ କ ଅମୋଘ ରସ ।
ଯୁଗଯୁଗ ଧରି ମଣିଷ ଶୁଣିଛି ଗାଇ ସେ କଲ୍ଲୋଳ କଥା
ପୁରପୁର କରି ଭଣିତା କାହାଣୀ ଦୁଃଖସୁଖ ମନ ବ୍ୟଥା ।।

ଲୁହ କାନ୍ଦ ଭର୍ ଜୀବନ ଜଂଜାଳ ସମାଜର କୋଣେ କୋଣେ
ମାଁ ମମତା ଭର୍ ପରିପୁଟ ପାଏ ପଣତ ସାହାର୍ ଧନେ ।
ସେଇ ଆଶୀଷ ହିଁ କବିତା ରୂପରେ ଜନମେ ସମାଜ ଦେହେ
ମଣିଷର ଭ୍ଷା ହୃଦ କନ୍ଦରେ ସୁଗନ୍ଧ ଲ୍ଳତ୍ୱେ ଶୋହେ ।।

କବିତା ଦେଖାଏ ଅଭୁଲ୍ ବାଟକୁ ଭଟକେ ଏ ମନ ଯେବେ
ପର୍ଣ ଆମୃତ ଢାଳ ଦେଉ ଥାଏ ମନକୋଣ ଅନୁଭବେ ।
କାହିଁ କେତେ କାଳୁ ମଣିଷ ପାଇଛି କବିତାର ସମାଦର
ମାତୃଭ୍ଷା ସିଏ ଜୀବନ ଖଳାରେ ସଦା ରହେ ଆଗଭର ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ଅହଂକାର



କୀର୍ତ୍ତି ଦେବୀ

ସର୍ବଦା ବିବାଦକୁ ମୁଣ୍ଡାଇ ଥାଉ ତୁ
ତୋ ଭାବ ଗମ୍ଭୀର ଚେହେରାକୁ
ଦେଖିଲେ ସାଧୁ ବି ମଥା ନତ କରିଦିଏ ।
ତୋ ରୂପ, ରସ, ଗନ୍ଧରେ ଯିଏ ଭାସେ
ତା ପାଇଁ ଗହୀର ଗାତ ଖୋଳେ ।
ସେଇ ଦିନ ତୋର କାଳ ସରିବ
ଯେଉଁଦିନ ଈଶ୍ୱର ତୋ ଗୁମର ଫିଟାଇବେ ।
ପ୍ରତ୍ୟେକ ମନରୁ ତୁ ଗ୍ଳଳିଯା ଦୂରଦିଗନ୍ତକୁ ॥

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# କର୍ମ



ଡ. ଜ୍ଞାନେଶ୍ୱର ମିଶ୍ର

ମନ ଲଗାଇ ପାଠ ନ ପଢିଲେ
ପରୀକ୍ଷାରେ ଫେଲ୍ ହେବ
ଭାଗ୍ୟରେ ନଥିଲା, ଫେଲ ହୋଇଗଲି
ମନକୁ ବୁଝାଇଦେବ
ଏଣୁତେଣୁ ଖାଦ୍ୟ ଖାଇଲେ
ପଡିବ କଷ୍ଟେ ରୋଗରେ,
ମନକୁ ବୁଝାଇ କହିବ
ଭୋଗିବାକୁ ଥିଲା ଭାଗ୍ୟରେ ॥
କୃଷିବାସ ନକରି ବସି ରହିଲେ
ଫସଲ କପରି କାଟିବ
ଭାଗ୍ୟରେ ଲେଖା ଅଛି
ଯାହା ଘଟିବା କଥା ତ ଘଟିବ ॥
ଗଛ ଲଗାଇ ଯତ୍ନ ନେଲେ ସିନା
ଫଳର ସୁଆଦ ଜାଣିବ
କିଛି ନକରି ପିଣ୍ଡାରେ ବସି
ନିଜ ଭାଗ୍ୟକୁ ନିନ୍ଦିବ ॥
କର୍ମ ମୂଳଧର୍ମ ସବୁର ଆଧାର
କର୍ମ ନିଜେ ହିଁ ଈଶ୍ୱର
ଭାଗ୍ୟ ଖାଲି ଏକ ସାନ୍ତ୍ୱନା ଶବ୍ଦ
କର୍ମଭୀରୁ ଅପାରଗ ମଣିଷର ॥

୪୯/୫, କାର୍ଲମାର୍କ୍ସ ସରଣୀ, ଖିଦିରପୁର, କଲିକତା

# ଲଳିତ ନିବନ୍ଧ
# ଲଘୁ ଆଲୋଚନା-
# ମିଛ ସହ ହାତାହାତି



ବଦ୍ରୀ ମହାନ୍ତି

ହାତେଇ ନେବା ଓ ଖୋଜିବା ସଭିଙ୍କ କପାଳରେ ନଥାଏ। ଥୋକାଏ ସାରା ଜୀବନ ଅଣ୍ଡାଳି ଅଣ୍ଡାଳି ସବୁ ପଥ ସବୁ ମତ ଶେଷ କରି ଦିଅନ୍ତି ପଛେ ଥକି ଯାଆନ୍ତି ନାହିଁ। ଅନ୍ୟ ଥୋଡାଏ କବଜା କରି ନିଅନ୍ତି ମହାର୍ଘ୍ୟ ବସ୍ତୁ ଠାରୁ ବର୍ଜ୍ୟ ବସ୍ତୁ ପର୍ଯ୍ୟନ୍ତ ତାର ଉପାଦେୟତା ଓ ଗ୍ରହଣୀୟତାକୁ ଭ୍ରୁକ୍ଷେପ ନକରି। ପ୍ରାପ୍ତି ଓ ଅପ୍ରାପ୍ତିର ମଝିଛକରେ ଛିଡ଼ାହୋଇ ଶୂନ୍ୟ ଆକାଶକୁ ଚାହିଁ ରହିବା ଲୋକଙ୍କ ସଂଖ୍ୟା ମଧ କୌଣସି ଗୁଣରେ କମ ନୁହେଁ। କପାଳକୁ ନିନ୍ଦିବା, ବଂଶ ପରମ୍ପରାକୁ ଦୋଷ ଦେବା ଓ ଗଲା ଜନ୍ମର କଥା ଦୋହରେଇବା ଅଥବା ନିଜ ପିତାମାତାଙ୍କ ସଂସ୍କାରକୁ ପ୍ରତିଫଳ ବୋଲି ଜ୍ଞାନ କରି ଥୋକାଏ ନିରୋଳାରେ ବସି ଯାଆନ୍ତି । କଠିନ ଶ୍ରମ ଓ ଧନାତ୍ମକ ଚୈତନ୍ୟ ଭଳି ସର୍ବଜନଗୃହୀତ ଦର୍ଶନଟି ଉପରୋକ୍ତ ବ୍ୟକ୍ତିଙ୍କ ଭାବନାକୁ କସ୍ମିନକାଳେ ଶୋଭାମଣ୍ଡିତ କରିପରେ କି ନା ସନ୍ଦେହ।

କହିବା, ଲେଖିବା ଓ ବସଉଠ ହେବାର ପ୍ରମୁଖ ଅସ୍ତ୍ର ରୂପେ ମିଛକୁ ଆପଣାର କରିବାରେ ସାମାଜିକ କର୍ମକର୍ତ୍ତାଙ୍କ ମଧ୍ୟରୁ ରାଜନୀତି କରୁଥିବା ପ୍ରାଣୀ ସର୍ବାଧିକ। ନାନାଦି ନୀତିର ଗବେଷଣା ଓ ପ୍ରୟୋଗଶାଳା ରୂପେ ରାଜନୀତିକୁ ସର୍ବଶ୍ରେଷ୍ଠ ଓ ସର୍ବମାନ୍ୟ ନୀତିରୂପେ କେଉଁ ଅନନ୍ତକାଳରୁ ସ୍ୱୀକାର କରାଯାଇଛି। ମିଥ୍ୟାର ସଫଳ ବିନିଯୋଗ ଓ ତତଜନିତ ଫଳପ୍ରାପ୍ତି ସର୍ବାଧିକ ଥିବାରୁ ଏହାର ପରିସୀମା କୌଣସି ରାଜନୀତି କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିର୍ଣ୍ଣୟ କରିନଥାନ୍ତି। ଆକାଶଠାରୁ ଉର୍ଦ୍ଧ୍ୱ ଓ ସମୁଦ୍ରଠାରୁ ଗଭୀର ରହି ଆସିଛି ଏ ମହାନୁଭବଙ୍କର ମିଥ୍ୟାଚନ୍ତନ। କୌଣସି କୌଣସି ଅଭିଧାନରେ 'ନିପରିଲାପଣ' ଓ 'ନାହିଁ' ଶବ୍ଦ ନଥିବାରୁ ଅନାୟସରେ ମିଛକୁ ଭାବରେ ଓ ବସ୍ତୁରେ ଖଟେଇ ଚଉକି ଓ ପଦବୀ ସିଡ଼ିକୁ ଚଢି ଯାଇଥାନ୍ତି। ମିଛ ସହ ହାତାହାତି ହେବାର କୌଣସି ସୁଯୋଗ ଛାଡୁନଥିବା

ସମାଜ ଜୀବନର ଏ ଜାତୀୟ ମଙ୍ଗଧର୍ମ ଚରକାଳ ଅବସ୍ଥା ଓ ବ୍ୟବସ୍ଥା ବଦଳେଇବାରେ ସତତ ମୁଖର।

ସଂସାର ବୃକ୍ଷକୁ ମିଛମାୟା ରୂପେ ଅନ୍ତଃକରଣରେ ସ୍ଥାପନ କରି ଆସିଥିବା ମହାପୁରୁଷ ଏକ ନିର୍ଦ୍ଧାରିତ ସୀମା ଭିତରେ ଅବସ୍ଥାନ କରୁଥିବା ସାଧାରଣରେ ପରିଦୃଶ୍ୟ ହୋଇଥାଏ। ଅନାଦି କାଳରୁ ସୃଷ୍ଟିର ରହସ୍ୟ ପରି ଜୀବନର ସତ୍ୟ ଅନୁସନ୍ଧାନ କରୁ କରୁ ସମୟ ସରିଯାଏ। ଅସମାହିତ ଓ ଅପୂର୍ଣ୍ଣାଙ୍ଗ ରହେ ରହସ୍ୟ। ବର୍ଣ୍ଣବିଭ ଓ ଅଫୁରନ୍ତ ଐଶ୍ୱର୍ଯ୍ୟମୟ ସଂସାରକୁ ମିଛର ଏକ ସାଧାରଣ ଇସ୍ତାହାର ବୋଲି ବର୍ଣ୍ଣନାକାରୀଙ୍କ ସହିତ ହାତାହାତି ହେବାର ନଜିର ନାହିଁ।ବାଇ ମହାନ୍ତି ଅନେକ ନିର୍ଜନ ମୁହୂର୍ତ୍ତରେ ଇଚ୍ଛା କରନ୍ତି-ଥରୁଟିଏ ଏ ଦର୍ଶନ ସହିତ ହାତାହାତି ହୁଅନ୍ତାକ ? ହୁଏତ ସଂଗୋପିତ ରହସ୍ୟମୟ ଦୁନିଆର ସର୍ବଜନଗୃହୀତ ବ୍ୟବସ୍ଥାଟି ଖୋଲି ଯାଆନ୍ତା ! ମାତ୍ର ସମ୍ଭବ ହୁଏନା । ନିର୍ଦ୍ଧାରିତ ସୀମା ଭିତରେ ଥାଇ ହାତାହାତି ହେବାର ସୂକ୍ଷ୍ମ କଳ୍ପନାଟି ସ୍ୱପ୍ନ ଭିତରେ ଇ ରହିଯାଏ।

ପ୍ରତି ମୁହୂର୍ତ୍ତରେ ମିଛର ସୀମା ଲଂଘନ କରୁଥିବା ଅସହାୟ କଳାକାରଟିଏ ହାତାହାତି ହେବାର ଦିବାସ୍ୱପ୍ନଟିଏ ସୁଦ୍ଧା ଦେଖି ପାରେନା। ଭବ ଓ ଦୃଶ୍ୟସଜ୍ଜାକୁ ଅପଣେଇଥିବା ଏ ମଣିଷଟି କେବଳ ସାମ୍ନାକୁ ଦେଖେ। ଆଖି ସମ୍ନାର ଇଛା ଅନିଚ୍ଛା ଓ ଅପହଞ୍ଚମାନଙ୍କୁ ନିକଟତର କରାଇ ମନପ୍ରାଣ ଓ ହୃଦୟକୁ ବିବିଧ ତରଙ୍ଗ ସହିତ ପ୍ରବାହିତ କରିଦିଏ। ତାର ଏକମାତ୍ର ଅଙ୍ଗୀକାର ସାମ୍ନାକୁ ଆନନ୍ଦମୟ କରି ଭୌତିକ ଚେତନରୁ ଉର୍ଦ୍ଧ୍ୱକୁ ନେଇଯିବା। ମିଥ୍ୟା ପ୍ରତିବେଦନ ତା ପାଇଁ ଏକ ଗୌଣ ବସ୍ତୁ।

ଖୋଲା ପଡ଼ିଆରେ ମୁକ୍ତ ବିଚରଣକାରୀ କୌଣସି ସ୍ଥିତିରେ କୌଣସି ଅବସ୍ଥାରେ ମିଛକୁ ପାଥେୟ କରି ଦରିଆ ପାରି ହୋଇ ଯାଉଥାଏ। କ୍ଷଣକୁ କ୍ଷଣ ହାତାହାତି ହୋଇ ଲହୁ ଲୁହାଣ ହେବା ପରେ ସୁଦ୍ଧା ନିଜ ମୁଣାରେ ମିଛର କାବ୍ୟ କବିତା ପୂର୍ଣ୍ଣ କରି ରଖିଥାଏ। ଖୋଇପେଇ ପରାଙ୍ଗପୁଷ୍ଟ କରିବାରେ ଏତାଦୃଶ ଭୂମିକାକୁ କୌଣସି ଯୁଗ ଅସ୍ୱୀକାର କରିନାହିଁ।ଥୋଡ଼ାଏ ଦାବୀ କରନ୍ତି- ଆମର ଅର୍ଥନୀତି ଦୃଢ ହୋଇଛି, ଅର୍ଥସାମ୍ରାଜ୍ୟ ବିସ୍ତାର ଲାଭ କରିଛି ଓ ରାଷ୍ଟ୍ରୀୟ କୋଷାଗାର ଗଚ୍ଛିତ ଅର୍ଥରେ ଉଛୁଳ ପଡିଛି ମିଛର ସୀମା ଲଂଘନ ଓ ସାଲିସ

ମନୋଭାବ ଯୋଗୁଁ। କନ୍ଦୁକ ପ୍ରାଣୀଏ ଏହାକୁ ବିବଦମାନ ରୂପେ ଚହ୍ନିତ କରୁଥିଲେ ସୁଦ୍ଧା ଏହା ସାର୍ବଜନୀନ ଗ୍ରହଣୀୟତାର ଅପେକ୍ଷା ରଖେ।

ଆମ ଗ୍ରହର ଅଧିବାସୀମାନଙ୍କ ମଧ୍ୟରୁ ବହୁଳ ଭାଗ ବ୍ୟବସ୍ଥାର ଠିକଣା ଅଙ୍କକୁ ପ୍ରତ୍ୟକ୍ଷ କରିପାରୁଛନ୍ତି ସତ, ନିଜ ଗ୍ଯରି ପାଖରେ ବେଢ଼ି ରହିଥିବା ସୀମାକୁ ପରଖି ପାରୁନାହାନ୍ତି। ନିଜକୁ ନିରାପଦ ଓ ଦୁର୍ଘଟଣାମୁକ୍ତ ରଖିବାପାଇଁ ଚିରକାଳ ସୀମା ଭିତରେ ଇ ରଖିଥାନ୍ତି। ଅନ୍ୟ ଅନେକ ଖଞ୍ଜ ତୁଲ୍ୟ ମିଛ କାହାଣୀ ଓ ମିଛ ପ୍ରଯୋଜନାକୁ ବିଶେଷ ଧ୍ୟାନ ନଦେଇ ବହୁଦୂରକୁ ବିଭାଜନ ରେଖା ଖୋଜନ୍ତି। ସ୍ପର୍ଶ କରିବା ତ ଦୂରର କଥା, ଯଦି କୌଣସି କାରଣ ବଶତଃ ସୀମା ଲଂଘନ ହୋଇଯାଏ; ତୁରନ୍ତ ପୂର୍ବ ସ୍ଥାନକୁ ଫେରିଆସି ପୂଜାର୍ଚ୍ଚନା, ମନସ୍ତାପ ଓ ପଶ୍ଚାତାପ ଭିତରେ ବୁଡାଇ ରଖିବାକୁ ଶ୍ରେୟ ମଣନ୍ତି।ଏ ଦୃଶ୍ୟ ଦେଖି ବାଇ ମହାନ୍ତିଙ୍କ ଆଖିରେ ଲୁହ ଜକେଇ ଆସେ। ଆପାତତଃ ସମାଧାନ ଓ ସଂସ୍ଥାପନର ସୁଯୋଗ ନଥିବାରୁ ବାଇ ମହାନ୍ତି ମୁହ୍ୟମାନ ହୋଇ କହିଉଠନ୍ତି-ଭୋ ପ୍ରାଣୀଏ ! କୌଣସି ସମ୍ଭାବନା ପାଇଁ ମିଛ କୁହ, ମିଛ ପିନ୍ଧ, ମିଛକୁ ଶ୍ୱାସ ପ୍ରଶ୍ୱାସରେ ନିଅ ପଛେ ସମୟ ମିଳିଲେ ତା ସହିତ ହାତାହାତି ହୁଅ। ଲହୁ ଲୁହାଣ କର। ମାତ୍ର ସୀମା ଲଂଘନ କରନାହିଁ। ପରିସୀମା ଭିତରେ କାଙ୍କୁରି କୁଙ୍କୁରି ସମାଜ ଜୀବନ ପାଇଁ କିଛି ନୂଆ କଥା କଲେ ସିନା ଏ ମହାର୍ଘ୍ୟ ବସ୍ତୁଟିର ସଫଳ ବିନିଯୋଗ ହୋଇଛି ବୋଲି କୁହାଯିବ।

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ୱର-751028

# ସମୟ ତାଳରେ ଜନ-ଜୀବନ

ସନ୍ତୋଷ ପଟ୍ଟନାୟକ

ସମୟ ତାଳରେ ଜନ-ଜୀବନ
ପାଶ୍ଚାତ୍ୟ ଶିକ୍ଷାରେ ସଭିଏଁ ମଗ୍ନ
ସ୍ୱର୍ଣ୍ଣିମ ମୁହୁର୍ତ୍ତ ସ୍ମୃତିରେ ଲୀନ
ସହରୀ ମୋହରେ ପଲ୍ଲୀ-ଜୀବନ ।

ବୟସ ବୀଣାରେ ହଜିଲ୍ ସ୍ମୃତି
ଫଟାକାଚ ସମ ବିବଶ ମତି
ଭବ ବନ୍ଧନରେ ଖଞ୍ଜଣି ତାଳ
ଲୁକ୍କାୟିତ ଆଜି ଲଣ୍ଠନ ମାଳ ॥

ଜିତିବା ନଶାରେ ମାନବ ମନ
ଆବଶ୍ୟକତାର ବଳେ ବିଜ୍ଞାନ
ବିଜୁଳି ଶକ୍ତି ଅସୀମ ପ୍ରଭନ
ଅସ୍ତିତ୍ୱ ହରାଇ ସ୍ଥାଣୁ ଲଣ୍ଠନ ॥

ଭକ୍ତି ରସଠାରୁ ବିରତି ମନ
ଖଞ୍ଜଣିର ତାଳ ସାତ ସପନ
ଫଟାକାଚ ସ୍ୱର୍ଶେ ଯେହ୍ନେ କ୍ଷତଜ
ବିଭୁକୃପା ବିନା ବିଷମ ପ୍ରାଣ ॥

ପ୍ରତି ପ୍ରାଣେ ଭରୁ ନବ-ଜୀବନ
ଅକ୍ଷୟ ରହୁ ସେ' ଶ୍ରଦ୍ଧା ସୁମନ
କୃପାକର ବାରେ ନନ୍ଦନନ୍ଦନ
ଆନନ୍ଦ ଲଭନ୍ତୁ ଜଗତ ଜନ ॥

--×--

**ଶବ୍ଦାର୍ଥ:**

ପ୍ରଭନ ; ଦୀପ୍ତି, ଜ୍ୟୋତିଃ, ଆଲୋକ
କ୍ଷତଜ; ରୁଧିର, ରକ୍ତ

ତିରିଡ଼ା, ଗଞ୍ଜାମ

# ବର୍ଷାର ସ୍ମୃତିରେ



ଶ୍ରୀ ସତ୍ୟବ୍ରତ ସାହୁ

ବର୍ଷା ଆସିଲେ..
ଆମ ବାଡ଼ିରେ ଆପେ ଆପେ ଉଠିପଡେ
ଓଲ ଗଛ ଓ ହଳଦୀ ଗଛ
ମୁଣ୍ଡ ଟେକନ୍ତି ଆହୁରି ଅନେକ ଅନାବନା ଗଛ,
ବୋଉ ପୋତିଦିଏ ଖଡା, ପୋଇ ଓ ଛଚନ୍ଦ୍ରା
ବାପା ତିଆରି କରିଦିଅନ୍ତି ମଞ୍ଚା
ପିଲ୍‌ଦିନେ ଓହଳଥିବା ଛୋଟ ଛଚନ୍ଦ୍ରା ଲ୍ଞ୍ଜରେ ମୁଁ ବାନ୍ଧିଦିଏ ଛୋଟ ଇଟା ଖଣ୍ଡେ,
ଛଚନ୍ଦ୍ରା ଲମ୍ବା ହେବ ବୋଲି ।

ବର୍ଷାକୁ ନେଇ ଅନେକ ସ୍ମୃତି ..
କାଗଜ ଡ଼ଙ୍ଗା, ପାଣି ଫୋଟକା, ଓଦା ଓଦା ସ୍କୁଲ ଫେରନ୍ତା ସମୟ..
ଏବେ ଆଉ ସେମିତି ବର୍ଷା ନାହିଁ ଯେମିତି ଥିଲ୍ ମୋ' ପିଲ୍‌ଦିନେ ।
ଏବେ ତ ଶ୍ରାବଣରେ ବି ଲୋଡା ପଡୁନ ଛତା କ ପକ୍ଷୀଆଟିଏ
ଅଥଚ ମୁଁ ବର୍ଷାଦିନେ ରଖିଥାଏ ବର୍ଷାତିଟିଏ ମୋ' ବ୍ୟାଗରେ ।
ସେଦିନ କଲେଜରୁ ଫେରୁଥିବା ବେଳେ ବର୍ଷାର ଦାଉ ସହିନପାରି ରାସ୍ତା ତଳକୁ
ପଡିଯାଇଥିବା ଝିଅ ବର୍ଷାର ସ୍ମୃତି ପରି ଏବେ ବର୍ଷା ସ୍ମୃତିଟିଏ ।
ଏବେ ବର୍ଷା ପାଇଁ କବିତା ମନେପଡୁନ,
ମନେପଡୁଛି ସେହି ଝିଅ ବର୍ଷାର ସ୍ମୃତିରେ ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬

# ପ୍ରଣୟ କାନନର ଭ୍ରମଣ ବୃତ୍ତାନ୍ତ



ଶୋଭାଗିନ ବିଶି

ବୁଲୁଥିଲି ଦିନେ ପ୍ରଣୟ କାନନେ, ଅସୁମାରି ଭାବ ଭରି ।
ପ୍ରଣୟ କାନନ ଚର କୁସୁମିତ, ଦେଲି ନଜକୁ ପାସୋରି ॥
କାନନର ଶୋଭା ଆହା ମନଲୋଭା, ନୟନ ହୁଏନ ଫେଇ ।
ପ୍ରଣୟ ସୁବାସ ଭରି ଅବିରତ, ଚଉଦିଗ ଚହଟଇ ॥
ସେ ପ୍ରେମ କାନନେ ପ୍ରଥମ କରିଣ, ପାଦ ଥାପିଲଇଁ ମୁହିଁ ।
ମୃଗତୃଷ୍ଣା ସମ ପ୍ରଣୟ କୁସୁମ, ମନ ମୋରନେଲେ ମୋହି ॥
ମନ୍ଦ ମନ୍ଦ ଗତି ଚରଣ ଯୁକତି, ହୃଦସ୍ପର୍ଶୀ ସୁନ୍ଦରତା ।
ମୃଗୁଣୀ ନୟନା ମୋ ଚକ୍ଷୁଯୁଗଳ, ଖୋଜନ୍ତି ବ୍ରହ୍ମ ବାରତା ॥
ଦୂରରୁ ଶୁଭଇ କୁଳୁକୁଳୁ ନାଦ, ମନ୍ଦ ଗତି ମଳୟର ।
ସଙ୍ଗୀତର ସୁରେ ଡାକେ ମତେ କଏ, ଅବା ରାବ କୋକିଳର ॥
ପାଦ ଗୃପି ଗୃପି ଗଲି ଲୁଚଛପି, ଦେଖିଲି ଅପୂର୍ବ ଦୃଶ୍ୟ ।
ଶିଖୀ ଯୁଗଳଏ ନୃତ୍ୟରତ ଥାନ୍ତି, ଟେକଦେଇ ତାଙ୍କ ପୁଚ୍ଛ ॥
କାଚକେନ୍ଦୁ ସମ ପୟଧାର ଯାଏ, କୁଳୁକୁଳୁ ନାଦେ ବହି ।
ପଥର ଉପରେ ବସିଛନ୍ତି କେହି ଶିଖୀପୁଚ୍ଛ ଶିରେ ଥୋଇ ॥
ଅପରୂପ ତାଙ୍କ ତନୁଶ୍ରୀର ଜ୍ୟୋତି, ପ୍ରଥମ ରବି କରଣ ।
ମଳୟ ପରଶେ ଚନ୍ଦନର ବାସ, ହୁଏ ତହିଁ ବିଚ୍ଛୁରଣ ॥
ନୟନ ଯୁଗଳ ସଜଳ କମଳ, ଗୋଲାପି ଓଠର ଧାରେ ।
ପଦ୍ମୁଁ ପଦେଭରେ ଶତ ଶତ ଭାବ, ବଇଁଶୀ ବାଦନ ସୁରେ ॥
ପାଟ ପିତାମ୍ବରୀ ବସନ ସାଥିରେ, ଶୋଭଇ କର୍ଣ୍ଣକୁଣ୍ଡଳ ।
ହୋଇଲୁ ସ୍ତବଧ ଭାବେ ଗଦ ଗଦ, ଦେଖି ଚରଣ ଯୁଗଳ ॥
ସଂଯମ ହରାଇ ଗଲି ଧାଇଁ ଧାଇଁ, ହୃଦକରି ନରିମଳ ।

ରହିଗଲି ଦଣ୍ଡେ ଆଶ୍ଚର୍ଯ୍ୟ ଚକିତେ, ହୋଇଗଲି ଭାବେ ଭୋଳ ॥
ଲାଗିଲା ସତେକ ମାଧବ ଦର୍ଶନ ଅଭିଳାଷ ଥିଲା ଅଧା ।
ପୂରଣ ହୋଇଲା ତପଃ ଅପେକ୍ଷାର, ଦୂରିତ ହୋଇଲା ଦ୍ୱିଧା ।
ପଦଧୌତ ପାଇଁ ଥିଲା ଯେ ସାଇତା, ଅଶ୍ରୁରୂପୀ ଗଙ୍ଗାଜଳ ।
ସ୍ୱୟଂକୁ ବ୍ରହ୍ମରେ କରି ଏକାକାର, ସଜେଇ ଭକତି ଥାଳ ॥
ସାଉଁଟି ଆଣିଲି ଭାବ ଦୁବଘାସ, ଜାତି ଜାତି ପୁଷ୍ପ ଫଳ ।
ଭକ୍ତିରୂପୀ ଦୀପ କଲି ପ୍ରଜ୍ୱଳତ, ହୋଇ ମୁଁ ଭାବ ବିହ୍ୱଳ ॥
ଲାଗୁଥିଲା ସତେ ପାଇଛି ସର୍ବସ୍ୱ, ସମର୍ପି ସର୍ବସ୍ୱ ମୋର ।
ଆତ୍ମା ପରମାତ୍ମା ମିଳନର ଘଡି, ଅଟେ ଆନନ୍ଦ ଅପାର ॥
ଏ କେମନ୍ତେ ହେଲା କାହିଁ ଗଲିଗଲା, ପ୍ରଣୟ କାନନ ଛବି ।
ପର୍ାଣବିହୀନ ଅଛି ଅବଶେଷ, ଯେହ୍ନେ ଦିବସରୁ ରବି ॥
ଅଳସୀ ର୍ାତିର ସପନର୍ାଇଜ, ହୋଇ ଯାଆନ୍ତା କ ସତ ।
ପ୍ରଣୟ କାନନେ ବୁଲନ୍ତି ମୁଁ ସଦା, ପ୍ରଣମନ୍ତି ଶତ ଶତ ॥

ଗ୍ରାମ-ଦୁଆନ ପାଲି,
ସୋହେଲା, ବରଗଡ଼

# କ୍ଷୁଦ୍ରଗଳ୍ପ :
# 'ଖେପାଜାଲ'



ବିନୟ ଭୂଷଣ ପାଣିଗ୍ରାହୀ (ମିଟୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟର ପରିସଂଖ୍ୟାନ ଅଧିକାରୀ ଅମୀୟ ରଞ୍ଜନ ଦାସ ଚାକିରୀ ଆରମ୍ଭରୁ କାଠଗଡା ସାହିରେ ଭଡାଘରେ ରହିଆସୁଥିଲେ। ଘରଭଡା ଏବଂ ବଜାରରେ ପାଇକାରୀ ମୂଲ୍ୟ ପ୍ରତିବର୍ଷ ଯେଉଁ ହାରରେ ବଢୁଥିଲା, ଦରମା ସେଇ ଅନୁପାତରେ ବଢୁନଥିଲା। ତା'ସହିତ, ପିଲାମାନଙ୍କର କଲେଜ ପଢ଼ା ସରିଲାପରେ ଏତେ ଘରଭଡା ଦେଇ ସହର ଭିତରେ ରହିବା ମଧ୍ଯ ସେତେ ଜରୁରୀ ନଥିଲା ବୋଲି ହୃଦବୋଧ ହେଲାରୁ ଗତବର୍ଷ ଜଗତପୁର ଛକରୁ ଦୁଇ କିଲୋମିଟର ଦୂର ଇମାମନଗର ବଜାର ପାଖରେ ଚାରିଗୁଣ୍ଠର ଜାଗାଖଣ୍ଡେ କିଣି ବ୍ୟାଙ୍କରୁ ଋଣ ନେଇ ଏକ ମହଲା ଘରଟିଏ କରି ରହୁଛନ୍ତି। ଠାକୁରଘର, ରୋଷେଇ ଘର, ଗାଧୁଆଘର, ବୈଠକ ଘର ସହିତ ଭୋଜନସ୍ଥାନ ମଧ୍ଯ ରହିଛି। ଚଳବାପାଇଁ ଘରଟି ବେଶ ପ୍ରଶସ୍ତ । ତେବେ, ତାଙ୍କର ଭାରୀ ଇଚ୍ଛାଥିଲା ବଡ଼ ଜାଗାଖଣ୍ଡେ କିଣିଥାନ୍ତେ, ଘର ସାମ୍ନାରେ ଛୋଟିଆ ବଗିଚାଟିଏ କରିଥାନ୍ତେ ଏବଂ ପଛ ପଟରେ ପୋଖରୀଟିଏ ଖୋଳି ତହିଁରେ ଯାଆଁଳ ଛାଡ଼ିଥାନ୍ତେ। ପୋଖରୀ ହୁଡ଼ାରେ ନଡ଼ିଆ ଗଛ, ଗୁଆଗଛ, ଆମ୍ବଗଛ, ଡାଳମ୍ବଗଛ ଓ ପିଜୁଳିଗଛ ସହିତ ସଜନା ଛୁଇଁ ଏବଂ ଓଉଗଛ ଗୋଟେ-ଯୋଡ଼େ ଲଗେଇଥାନ୍ତେ। ଛୋଟିଆ ପକ୍କାଘାଟରୁ ପୋଖରୀ ଭିତରକୁ ଓହ୍ଲେଇ ଯାଇଥାନ୍ତା ପାହାଚ କେଇଟା। ସେତକ କରି ନପାରିବାର ଦୁଃଖ ମନ ଭିତରେ କେଉଁଠି ନା କେଉଁଠି ଗୋଟେ ମୋଡିଯାକ ହେଇ ରହିଯାଇଛି ନିଶ୍ଚୟ।

ସୀମିତ ଆୟରେ କଟକ ଭଳି ସହରରେ ଆଠ'ପ୍ରାଣୀର କୁଟୁମ୍ବକୁ ଚଳାଇବା ଯେଉଁ କାଠିକର ପାଠ ତାରି ଭିତରେ ପୁଣି ଚାରି-ଚାରିଟା ପିଲାଙ୍କୁ ପାଠ ପଢେଇ ଉଚ୍ଚଶିକ୍ଷିତ କରିବା ତାଙ୍କପାଇଁ କୌଣସି ଯୁଦ୍ଧର ଆହ୍ୱାନ ଠାରୁ କିଛି କମ ନଥିଲା। ଚାକିରୀ କରିବା ପରେ ରୋଗାକ୍ରାନ୍ତ ବାପାଙ୍କର ଧରାବନ୍ଧା ଔଷଧ ବାବଦକୁ ଦରମାର ଚଉଥେ ପାଖାପାଖି


www.vedantimagazine.com

ଗ୍ଭଲିଯାଉଥିଲା। ତାଙ୍କର ଆୟ ଓ ବ୍ୟୟକୁ ଦେଖି ମାଆର ଦେହ'ପା କଛି ହେଲେ ଦାନ୍ତ କାମୁଡି ସହିଯାଉଥିଲା ସିଏ । କହୁଥିଲା, ମାରି ପକେଇଲେ ବି ସେ ଏସବୁ ବଟିକା-କ୍ୟାପସୁଲ ଖାଇବନାହିଁ କ ଇଂଜେକସନ ନବନାହିଁ। ଅତି ଅସୁବିଧା ହେଲେ ଟଂକାଏ ଦୁଇଟଙ୍କାର ହୋମିଓପ୍ୟାଥିକ ଔଷଧ କଣିଆଣିବା ପାଇଁ କହେ। ପାଞ୍ଚବର୍ଷ ତଳେ ଛ'ମାସ ପାଖାପାଖି ଶଯ୍ୟାଶାୟୀ ହେଇ ଶେଷରେ ବାପା ଦୁନଆ ଛାଡିଲେ। ବାପା ଥିଲାବେଳେ ତାଙ୍କର ପ୍ରତିକଥାରେ ଚଡି ଚବିଶି ଘଣ୍ଟା ଗଜର ଗଜର ହେଉଥିବା ମାଆ ତାଙ୍କ ଗ୍ଭଲିଯିବା ପରେ ଏତେ ଏକୁଟିଆ ହେଇଗଲା ଯେ ମନେମନେ ତାଙ୍କୁ ଝୁରିଝୁରି ଗ୍ଭରିମାସ ପରେ ସିଏ ବି ବାଟ କାଟିଲା।

ସେତେବେଳକୁ ବଡଝିଅ ଶ୍ରୀୟାକୁ ଅଠେଇଶି ପୁରି ଅଣତିରିଶି ଗ୍ଭଲିଲାଣି। ଆଉ ଡେରିକଲେ ବିବାହ ବୟସ ଗଡ଼ିଯିବ। ବାପାଙ୍କ ଚକସ୍ରା ଓ ବାପା'ମା ଦୁହିଁଙ୍କର କ୍ରିୟାକର୍ମରେ ଭବିଷ୍ୟନଧି ପାଣ୍ଠି ଶୁନ ହେଇଯାଇଥିବାରୁ ଗାଁ କଶୋର ନଗରରେ ଥିବା କାହିଁ କେତେ ପୁରୁଷର ପୈତୃକ ଘରଡିହ ଖଣ୍ଡକ ବିକ୍ରି ନକରିବାର କୌଣସି ବିକଳ୍ପ ନଥିଲା। ଘରଡିହ ବିକବା ବେଳେ ଯେତେକଷ୍ଟ ହେବାକଥା ତାଠାରୁ କାହିଁ କେତେ ଅଧିକ କଷ୍ଟ ହେଇଥିଲା ତାଙ୍କୁ ଘରପଛରେ ଥିବା ବାରି ପୋଖରୀ ମଧ ତା ସହିତ ବିକ୍ରି ହେଇଗଲା ବୋଲି। ସେଇ ପୋଖରୀରେ ପହଁରିବା, ଖରାବେଳେ ସାଙ୍ଗ ମାନଙ୍କ ସହ ବୁଡାବୁଡି ଖେଳବା ଏବଂ ଖେପାଜାଲ ପକେଇ ମାଛ ଧରିବାର ସେଇ ସୁଖକର ଅନୁଭୂତି ମନେପଡି ଭୀଷଣ ମାନସିକ ପୀଡା ଦେଉଥିଲା ଅମୀୟବାବୁଙ୍କୁ। ବିଶେଷକରି, ସନ୍ଧ୍ୟା ସମୟରେ କୁଣ୍ଡା-ଗୋବରର ମଳା ଦେଇ କଛି ସମୟ ପରେ ଖେପାଟେ ମାରିଦେଲେ ଅଧାଘଣ୍ଟାରୁ ଅଧିକ ସମୟ ଧରି ମାଇମାଛ ଓ ମିଠା କଣ୍ଟିଆ ଝାଡ଼ିଝାଡି ବାହାର କରିବାର ଆନନ୍ଦ ଟିକକ ଘରଡିହ ସାଥିରେ ପରହାତକୁ ଗ୍ଭଲିଗଲା ସବୁଦିନ ପାଇଁ।

ଏବେ ଆଉ ସେ ସମୟ ଫେରିଆସିବନାହିଁ ସତ ମାତ୍ର, ଗ୍ଭହିଁଲେ କଛି ଅନୁଭବକୁ ଉଜ୍ଜୀବିତ କରିବା କଞ୍ଚିତ ସମ୍ଭବ ହେଇପାରିଥାନ୍ତା ଯଦି ନୂଆଘର ପଛପଟେ ପୋଖରୀଟିଏ ଖୋଳେଇ ପାରିଥାନ୍ତେ। ଗାଁ ପୋଖରୀ ଠାରୁ ଟିକେ ଛୋଟ ହେଇଥିଲେ ବି ଚଳଥାନ୍ତା। ହେଲେ, ସେତକ ବି କୋଉ ହେଇପାରିଲା !

ବଡ଼ପୁଅ ସନ୍ତୋଷ ତେରସ୍ତାବର୍ଷ ଇଂଜିନୟରିଂରେ ସ୍ନାତକ କରିସାରି ନୋଇଡା ସ୍ଥିତ ଏକ ଘରୋଇ କାରଖାନାରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗଦେଇଛି। ତା'ତଳେ ଝିଅ ସ୍ମୃତି ଏବଂ ସାନପୁଅ ଦେବାଶିଷ। ସ୍ମୃତି ଯୁକ୍ତ ତିନ ପାସ କରିସାରି ବ୍ୟାଙ୍କ ଚାକରିପାଇଁ ପ୍ରସ୍ତୁତି ଚଳେଇଛି ଆଉ ଦେବାଶିଷ ଯୁକ୍ତଦୁଇ ପରେ ବ୍ୟାଙ୍କରୁ ଷ୍ଟଡି ଲୋନ କରି ଚେନ୍ନାଇର ଏକ ନାମକରା ସରକାରୀ ବୈଷୟିକ ମହାବିଦ୍ୟାଳୟରେ ଏ.ଏମ.ଆଇ.ଇ. ପଢୁଛି।

ଆଜିକାଲି ସହରରେ ମୁଣ୍ଡ ଗୁଞ୍ଜିବା ପାଇଁ ଯାହାର ନିଜସ୍ୱ ଘରଖଣ୍ଡେ ନାହିଁ ତା'ର କିଛିନାହିଁ କହିଲେ ଚଳେ। ସହର ଭିତରେ ତ ଜାଗା ନାହିଁ, ଯଦି କିଣିବ ତେବେ ଦୁଇମହଲା ଘର କିଣିବ ନହେଲେ ବହୁତଳ ଆବାସସ୍ଥଳୀରେ ଖଞ୍ଜା କିଣିବ। ଘର କିମ୍ବା ଖଞ୍ଜା କିଣିବା ସମସ୍ତଙ୍କ ଭାଗ୍ୟରେ ନଥାଏ। ସହର ଠାରୁ ସାଇକେଲରେ ଘଣ୍ଟେ ଦେଢଘଣ୍ଟା ଦୂରରେ ଜାଗାଖଣ୍ଡେ କିଣିପାରିବାଟା ବି କିଛି କମ ଭାଗ୍ୟର କଥାନୁହେଁ। କଟକ-ଭୁବନେଶ୍ୱର ଭଳି ବଡ଼ ସହର ନହେଲେ ବି ଛୋଟକାଟିଆ ବଜାରକୁ ଲାଗିଥିବା ରାସ୍ତାପାଖିଆ ଜାଗାଖଣ୍ଡେ କିଣି ନିଜ ମନକୁ ବୁଝେଇଦେବା କଥା। ତାପରେ, ଆଜିକାଲି କେବଳ ସହରରେ କାହିଁକି, ସହର ପରିସର ବାହାରେ ଟିକିଏ ଦୂରରେ ହେଉପଛେ ରାସ୍ତାଘାଟ ଓ ଯୋଗାଯୋଗ ଥିବା ମଫସଲରେ ମଧ୍ୟ ଜାଗାବାଡିର ଭାଉ ଯେଉଁହାରରେ ବଢୁଛି ଆଚ୍ଛାଆଚ୍ଛା ରୋଜଗାରିଆମାନେ ସୁଦ୍ଧା ସାହସ କରିପାରୁନାହାନ୍ତି ଜାଗା ଖଣ୍ଡେ କିଣିବାପାଇଁ। କଥାରେ ଅଛି, 'ଗୋରୁ, କନ୍ୟା, ଭୂମି ଭାଗ୍ୟ ପରାପତ'। ଭାଗ୍ୟରେ ଥିଲା ବୋଲି ସେତକ ଜାଗା ଜୁଟିଛି ତାଙ୍କ କପାଳରେ। ନହେଲେ, ଆଉ ମାସ ଦି'ଟା ପରେ ଅବସର ଉପରାନ୍ତ ବିଲେଇ ଭଳି ବାର ଓଳି ତେର ପିଣ୍ଡା ହେବାକୁ ପଡ଼ିଥାନ୍ତା। ଏଇକଥା ମନକୁ ଆସିଲେ ଅମୀୟବାବୁଙ୍କର ଦୁଇହାତ ଯୋଡ଼ିହେଇ ସ୍ୱତଃ କପାଳକୁ ଛୁଏଁ।

ଅମୀୟବାବୁ ନିଜଘରକୁ ଆସିବା ପରେ ସାଇକେଲରେ ଅଫିସକୁ ଯା'ଆସ କରୁଥିଲେ। ଏ ରାସ୍ତା ଉପରେ ଗାଡିଘୋଡା ସଂଖ୍ୟା ସାଙ୍ଗକୁ ଅଣସତର୍କ ବାଇକ ଚାଳକ ମାନଙ୍କ ସଂଖ୍ୟା ଦେଖି ଶଙ୍କିଗଲେ କି କଣ ସେବେଠାରୁ ଗଲାବେଳେ ଇପିକଲ ଛକ ପର୍ଯ୍ୟନ୍ତ ଚାଲିଚାଲି ଆସି ସେଇଠୁ ଟାଉନବସରେ ଉଠନ୍ତି। ଫେରିଲାବେଳେ ବର୍ଷା ହେଉନଥିଲେ ଜଗତପୁର ଛକରେ ଗାଡିରୁ ଓହ୍ଲେଇ ପଡି ଚାଲିଚାଲି ଆସନ୍ତି ଘର ପର୍ଯ୍ୟନ୍ତ। ଘରେ ପଚାରିଲେ କୁହନ୍ତି, 'ଚାଲାବୁଲା କରିବାକୁ ତ ସମୟ ନାହିଁ। ଆଉ, ଯମାରୁ ନଚାଲିଲେ ଆଣ୍ଠୁଗଣ୍ଠି ଜାମ

ହେଇଯିବନ**?'**

ଜଗତପୁର ରୁ ପୀରବଜାର ଆଡ଼କୁ ମୁହଁକରି ଗ୍ଭଲିକରି ଆସିଲ୍ ବେଳେ ଇପିକଲ ଛକ ପରେପରେ ଖଇର୍ ପୋଲ ପାର ହେଉହେଉ ଡାହାଣ କଡ଼କୁ ଗ୍ଭହିଁଲେ ଅମୀୟବାବୁ ଦେଖନ୍ତି କେନାଲ ବନ୍ଧ ଉପରେ ପାଖାପାଖି ଦୁଇଶ ଗଜ ଦୂରରେ ବରଷକ ଆଠକାଳୀ ବାରମାସୀ ଜଣେ ବ୍ୟକ୍ତି ଗୋଟିଏ ଗ୍ଭକୁନ୍ଦା ଗଛଡାଳରୁ ଆଠ-ଦଶଟି ଖେପାଜାଲ ଓହଳେଇ ଦେଇ ସେଇ ଗଛ ଛାଇରେ ବସି ନୂଆଗୋଟେ ଜାଲ ବୁଣିବାରେ ବ୍ୟସ୍ତ ରହିଥାଏ। ତାଙ୍କର ଇଚ୍ଛାହୁଏ, ପାଖକୁ ଯାଇ ଜାଲ ସବୁକୁ ଭଲକରି ଦେଖନ୍ତେ, କେନାଲରେ ପକେଇ ଯେଉଁ ଜାଲ ଭଲ ଖୋଲୁଥିବ ମୁଲଗ୍ଭଲ କରି ସେଇଟିକୁ କଣନ୍ତେ । ନଜ ପୋଖରୀ ନହେଲ୍ ନାହିଁ କେବେକେବେ ଟିକେ ଦୂରକୁ ଯାଇ ମହାନଦୀରେ ମନଭରି ଜାଲ ପକାନ୍ତେ। ତେଣିକ ମାଛ ପଡୁ କ ନପଡୁ, ମନବୋଧ ହେଇଯାଆନ୍ତା। ଅନ୍ୟଦିନ ମାନଙ୍କ ପରି ଆଜି ଗ୍ଭଲୁଗ୍ଭଲୁ ଗ୍ଭକୁନ୍ଦାଗଛରେ ଟଙ୍ଗା ହେଇଥିବା ଜାଲମାନଙ୍କ ଉପରେ ଦୃଷ୍ଟି ପହଁଗ୍ଭଇ ନେଇ ଆଗକୁ ପାଦ ବଢ଼େଇ ନେଇପାରିଲେ ନାହିଁ ଅମୀୟବାବୁ। ଗ୍ଭସ୍ତାର ଉଭୟ ପଟକୁ ଗ୍ଭହିଁ ସତର୍କତାର ସହ ଗ୍ଭସ୍ତା ପାରିହେଇ ଗ୍ଭକୁନ୍ଦାଗଛ ମୂଳରେ ପହଞ୍ଚି ଜାଲଗୁଡିକୁ ଭଲକରି ଦେଖିଲେ। ଏକ ନମ୍ବର ମସୃଣ ଫିସେରି ସୂତାରେ ବୁଣାଯାଇଛି, ତିନ ଇଞ୍ଚର ଘାଇ, ଘର୍ ଗୁଡିକ ବେଶୀ ବଡ଼ ନୁହେଁ କ ସାନ ନୁହେଁ, ପ୍ରତି ଜାଲରେ ହାଗ୍ଭହାରି ପାଞ୍ଚକଲ୍ ଓଜନର ଗୋଡି ଲ୍ଗିଛି। ମାଳଘର ଗୁଡିକର କ୍ରମ ଦେଖି ବୁଝିଗଲେ ଯେ ଜାଲଟି ସମ୍ପୂର୍ଣ୍ଣ ମେଲିବ। ଗୋଟେ ଜାଲକୁ ନର୍ଦ୍ଦିଷ୍ଟ କରି ଆଙ୍ଗୁଠି ଠାରରେ ଜାଲ ବିକାଳୀକୁ ସେଇଟିକୁ କାଢ଼ିବାପାଇଁ କହିଲେ ଅମୀୟବାବୁ। ଦୋକାନୀ ସେଇ ଜାଲର ଘାଇ ଉପରକୁ ମୁଠୁଣେ ଛାଡି ଗୋଛାଇ ଧରି ଗୋଡ଼ପାଖ ଖୁଣ୍ଟିରେ ବନ୍ଧାଥିବା ଦାଉଣୀର ଫାସକୁ ଖୋଲିଦେଲ୍ ଏବଂ ଜାଲଟିକୁ ଅମୀୟବାବୁଙ୍କ ହାତକୁ ବଢ଼େଇଦେଇ କହିଲ୍, 'ଗୋଟେ ଖେପା ବେକାର ଜିବନ ବାବୁ, ଛତା ମେଳଲ୍ ଭଳ ଖୋଲିବ, ଛଅକଲ୍ ସୀସା ଲ୍ଗିଛି, ପାଣିରେ ପଡୁପଡୁ ତଳ ଧରିବ। ଘାଇ ଦେଖନ୍ତୁ, ପୁର୍ ଆଠ ଆଙ୍ଗୁଳ, ଯେଡ଼େ ମାଛ ହେଉ ଥରେ ଏ ଘାଇ ଭିତରେ ପଶିଲେ ବାହାରିବା ମୁସ୍କିଲ।'

ଦାଉଣି ଫାସରେ ହାତ ପୁରେଇ ଡାହାଣ ହାତରେ ଜାଲର ଚୁଳଆଡୁ ଭଙ୍ଗକରି ଧରି ତଳପଟୁ ବାଁ'ହାତକୁ ଜାଲ ଭିତରେ ପୁରେଇ ଉଭୟ ହାତମୁଠାରେ କୁଂଚକୁ ସମାନ କରି

ଧରି ଥରେ ଦୁଇଥର ଆଗପଛ କରି ଦେଖିଲେ, ହାତ ମୁଠାରୁ ନ ଖୋଲୁଣୁ ପୁରା ମେଲିଯାଉଛି ଖେପା। ଜାଲକୁ ନେଇ ମନରୁ ସବୁ ଦ୍ୱନ୍ଦ ଦୂରହେଲାପରେ ପଚାରିଲେ, 'କେତେ ପଡିବ ଭାଇ?'

'ମୂଲଚାଲ ନକରି ନେବେ କହିଲେ କାଟିକୁଟିକ ଫାଇନାଲ ରେଟ କହିବି ବାବୁ।', ଜାଲ ବିକାଳୀ କହିଲା।

'ହେଲା ଭାଇ, ଠିକ ରେଟ କହିଲେ ମୁଁ ଆଉ କଟାକଟି କରିବି କାହିଁକି। ସହରରେ ସିନା ରହୁଛି ହେଲେ ମୁଁ ବି ତମପରି ଖାଣ୍ଟି ଗାଁ'ଲୋକ। ଜାଲରେ ହାତମାରି କହିଦେବି କେତେ ସୂତା ଲାଗିଛି, କେତେ ସୀସା ଲାଗିଛି। ଆଉ ରହିଲା ବୁଣା ମଜୁରୀ। ତାକୁ ହିସାବ କଲେ କଏ ବା ତାର ମୂଲ ଦେଇପାରିବ ଯେ। ଭାବିଚନ୍ତି ନବାଦବା ଦାମ୍ କୁହ।' ଅମୀୟବାବୁ କହିସାରି ଜାଲ ବିକାଳ ମୁହଁକୁ ଚାହିଁଲେ।

'ବାରଶ ଟଙ୍କାରେ ବିକୁଛି ଆଜ୍ଞା। ତେବେ, ଆପଣଙ୍କ ପାଇଁ ଏଗାରଶ ହେବ। ତା'ଠାରୁ ଆଉ ଟଙ୍କାଟିଏ କମେଇ ପାରିବିନାହିଁ ଆଜ୍ଞା।', ଜାଲୁଆ କହିଲା।

ଅମୀୟବାବୁ ଚାମବିଷ୍ଟୁ କିଛି ବି ନକହି ପକେଟରୁ ପର୍ସ କାଢି ତହିଁରୁ ଏଗାରଶ ଟଙ୍କା ବାହାରକରି ଭଲକରି ଗଣି ବଢ଼େଇଦେଲେ। ଜାଲବିକାଳ ଟଙ୍କା ତକ ଗଣି ଅଣ୍ଟାରେ ଗୁଞ୍ଜିସାରି ପ୍ରସନ୍ନତାର ସହ ଜାଲଟିକୁ ଭଲକରି ବାନ୍ଧି ଅମୀୟବାବୁଙ୍କ ବ୍ୟାଗ ଭିତରେ ଥୋଇଦେଲା। ବହୁ ପ୍ରତିକ୍ଷିତ ଅଭିଳାଷଟିଏ ପୂରଣ ହେଇଥିବାରୁ ଏକ ଅନାବିଳ ଆନନ୍ଦ ଅନୁଭବ କରୁଥିବାରୁ ଘରକୁ ଫେରିବାବେଳେ ତାଙ୍କର ପାଦଦ୍ୱୟ ବହୁତ ଚଞ୍ଚଳ ହେଇଉଠୁଥିଲା ସେଦିନ। ଘରେ ପହଞ୍ଚୁ ପହଞ୍ଚୁ ପତ୍ନୀ ଯଶୋଧାରାଙ୍କୁ ଡାକ ସବୁକଥା କହିସାରି ଜାଲ ଥିବା ବ୍ୟାଗଟିକୁ ଟଙ୍ଗେଇବା ପାଇଁ କାନ୍ଥରେ ପିଟିବାଲାଗି ସିଡିଘର ତଳେଥିବା ଟିଣବାକ୍ସରୁ ଛ'ଇଁଚଆ ଛତି କଣ୍ଟାଟିଏ ଆଣିବାପାଇଁ କହି ଗୋଡ଼ହାତ ଧୋଇବାପାଇଁ ଗାଧୁଆଘର ଆଡକୁ ପାଦ ବଢ଼େଇଲେ। ସ୍ୱାମୀଙ୍କ ମନରେ ଏତେବର୍ଷ ପରେବି ଖେପାଜାଲ ପ୍ରତି ରହିଥିବା ଦୁର୍ବଳତା ଅପରିବର୍ତ୍ତିତ ଥିବାର ଦେଖି ଯଶୋଧାରା ଯେତିକି ଆଶ୍ଚର୍ଯ୍ୟ ହେଲେ ତାଙ୍କ ମନରେ ସେତିକି ଦୁଃଖ ମଧ୍ୟ ହେଲା। ତାଙ୍କର ମନେ

ପଡ଼ିଗଲା, ବାହାଘର ପରେ କଟକ ଆସିବା ଆଗରୁ ଯେଉଁ ବର୍ଷେ ଦେଢ଼ବର୍ଷ ଗାଁରେ ଥିଲେ ସେତେବେଳେ ଶନିବାର ଦିନ ସନ୍ଧ୍ୟାରେ ଆସି ଘରେ ପାଦ ଦେଉଦେଉ ଅତର୍ଛା ଲୁଙ୍ଗିଖଣ୍ଡେ ପିନ୍ଧି ଅଣ୍ଟାରେ ଗାମୁଛା ବାନ୍ଧି ଖେପାଜାଲ ଖଣ୍ଡକ ଧରି ପତିଦେବ କେମିତି କ୍ଷେପି ଯାଆନ୍ତି ପୋଖରୀ ପାଖକୁ। ହେଲେ, ଏବେ ଏଇଠି ଜାଲ କଣ କରିବେ ସେ ! ଗାଁ ଭଳି ଏଠି ତ ଆଉ ନଜର ପୋଖରୀଟିଏ ନାହିଁ !!!

ଧୁଆପୋଛା ସାରି ଗାଧୁଆଘରୁ ବାହାରିବା ବେଳକୁ ଯଶୋଧାର୍ ମେଜ ଉପରେ ଚା'କପ ଥୋଇ ତା'ପାଖରେ ଛତିକଣ୍ଟା ଏବଂ ଚୁଟା ରଖିସାରିଥିଲେ। ଚା' ପିଇଲା ବେଳେ ରତ୍ନାକରବାବୁ କାନ୍ଥ ଉପରେ ଦୃଷ୍ଟି ଚାଳନା କରିଚାଲିଥିଲେ। ଦୀର୍ଘବର୍ଷ ଧରି ଭଡାଘରେ ରହିଆସିଥିବାରୁ କାନ୍ଥରେ କଣ୍ଟା ନପିଟିବାର ପ୍ରତିବନ୍ଧକୁ ନଜର ନୀତି ମାନିନେଇଥିବା ରତ୍ନାକରବାବୁ ଜାଲ ଟାଙ୍ଗିବା ପାଇଁ କଣ୍ଟା ବାଡେଇବାର ଆବଶ୍ୟକତାକୁ ଅତ୍ୟାବଶ୍ୟକୀୟ ଶ୍ରେଣୀଭୁକ୍ତ କରି କିଛି ସମୟ ପାଇଁ ସେଇ ନୀତିର ବନ୍ଧନରୁ ନିଜକୁ ମୁକୁଳେଇନେଇ ସଠିକ ବିନ୍ଦୁଟିଏ ସ୍ଥିର କରିନେଲେ। ଶେଷ ଚୁମ୍ବନ ସହ ଚା'କପ ସହ ସମ୍ପର୍କ ବିଛିନ୍ନ କରି ଗୋଟିଏ ହାତରେ ଛତିକଣ୍ଟା ଓ ଆର ହାତରେ ଚୁଟାଟିକୁ ଧରି ନିର୍ଦ୍ଧାରିତ ବିନ୍ଦୁରେ କଣ୍ଟାଟିକୁ ବେଶ ଯତ୍ନ ସହକାରେ ପିଟିଦେଲା ପରେ ଜାଲଟିକୁ ଥଳିଆରୁ ବାହାରକରି ସେଇ କଣ୍ଟାରେ ଓହଳେଇ ଦେଇ ଏକ ପରିତୃପ୍ତ ଦୀର୍ଘଶ୍ୱାସ ଛାଡିଲେ।

ଖେପାଜାଲ କିଣିବାପରେ ୟା'ଭିତରେ ଦୁଇମାସରୁ ଅଧିକ ସମୟ ଅତିକ୍ରାନ୍ତ ହେଇଗଲାଣି। ପଦାର୍ଥଟେ ନଥିବ ନାହିଁ ମାନ୍ଦ, ଘରେ ଥିବା ପଦାର୍ଥର ଉପଯୋଗ ନକରିପାରିବା ବାସ୍ତବରେ ଯନ୍ତ୍ରଣାଦାୟକ। ଜାଗ୍ରତ ଅବସ୍ଥାରେ ହେଉ ଅବା ଅବଚେତନ ଅବସ୍ଥାରେ, ମାନସିକ ଯନ୍ତ୍ରଣାର ଉପଶମ ନିମନ୍ତେ ନିରନ୍ତର ଉପାୟ ଅନ୍ୱେଷଣ କରିବା ମଣିଷ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ। କାଲିଠାରୁ ଦୋଳପୂର୍ଣ୍ଣିମା ଓ ହୋଲି ଦୁଇଦିନ ଛୁଟି ସାଥିରେ ଯୋଖିହେଇ ମାସର ଅନ୍ତିମ ଶନିବାର ଏବଂ ରବିବାର। ଲଗାତାର ଚାରିଦିନ ଛୁଟି। ଶୋଇବା ଆଗରୁ ଜାଲ ପକେଇବା ପାଇଁ ଏକ ଉପଯୁକ୍ତ ସ୍ଥାନ ବିଷୟରେ ଚିନ୍ତା କରୁଥିଲେ ଅମୀୟବାବୁ।

ଖପୁରିଆ ଶିଳ୍ପାଞ୍ଚଳ ନିକଟ ମହାନଦୀକୂଳରେ ଯେଉଁଠି ପଞ୍ଚମୁଖୀ ହନୁମାନ ମନ୍ଦିର ଅଛି ସେଇଠୁ ବାମପାର୍ଶ୍ୱକୁ କଛିବାଟ ଚାଲିଗଲେ ନଦୀ ଟିକେ ଗଭୀର। ବର୍ଷସାରା ପ୍ରାୟ ପାଣି ରହେ ସେଠି। ସେ ଜାଗାକୁ ଆଗରୁ କେଇଥର ଯାଇଛନ୍ତି ଅମୀୟବାବୁ। ସେଠି ସହରର କୋଳାହଳ ନାହିଁ, ଅଛି ଗାଁ ପରିବେଶର ଏକ ସୀମିତ ଅନୁଭବ। ସକାଳେ ପାଖପଡ଼ିଶାର କେହି ଉଠିବା ଆଗରୁ ବ୍ୟାଗରେ ଜାଲ ଖଣ୍ଡିକ ଓ ଲୁଙ୍ଗି ଖଣ୍ଡେ ପୁରେଇ ସେଇଠିକୁ ଚାଲିଗଲେ ମନଭରି ଜାଲ ପକାଇହେବ। ଏତକ ଭାବି ସ୍ଥିର କରିଦେଲା ପରେ ନିଜର ସୂକ୍ଷ୍ମ ଭାବନାକୁ ବାହାବା ଜଣାଇ ବିଛଣା ଉପରେ ଶରୀରକୁ ଲମ୍ବେଇ ଦେଲେ ଅମୀୟବାବୁ।

ଗାଆଁରେ ଯାହାର ଘରଡିହ ନାହିଁ, ଯେଉଁଠିକୁ ଗଲେ ରାତିକ ପାଇଁ ମୁଣ୍ଡ ଗୁଞ୍ଜିବା ଲାଗି ନିଜସ୍ୱ ବାସଖଣ୍ଡେ ନାହିଁ ତା'ର ଗାଆଁକୁ ଯିବାର ଉନ୍ମତ୍ତ ଇଚ୍ଛା ସବୁ ଚଳତ୍ ଶକ୍ତି ହୀନ ଶିଳାପିଣ୍ଡ ସଦୃଶ। ଘରବାଡି ବିକ୍ରି ହେଇଯିବା ପରେ ଅନେକ ଥର ଇଚ୍ଛା ହେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଥରୁଟିଏ ଯାଇପାରିନାହାନ୍ତି ଗାଆଁକୁ। ତେବେ, ତାଙ୍କର ଘରଡିହ କିଣିଥିବା ପ୍ରଧାନ ମଉସା ଯେକୌଣସି କାମରେ କଟକ ଆସିଲେ ଅମୀୟବାବୁଙ୍କ ଘରକୁ ଆସି ବୁଲିଯିବାକୁ କଦାପି ଭୁଲନ୍ତିନାହିଁ। ବାରିପୋଖରୀର ମାଛ ପ୍ରତି ଅମୀୟବାବୁଙ୍କ ମନରେ ଥିବା ବିଶେଷ ଦୁର୍ବଳତା ବିଷୟରେ ଉତ୍ତମ ରୂପେ ଅବଗତ ହେଇଥିବାରୁ କଞ୍ଚା ହେଉ କି ଭାଜିକରି ହେଉ କଲେ-ଦେଢସେର ସରିକି ମାଛ ନିଶ୍ଚୟ ଆଣିକରି ଆସିଥାନ୍ତି ପ୍ରଧାନ ମଉସା। ଖାସ ସେଇଥିପାଇଁ ବୋଧହୁଏ ଅଧିକାଂଶ ସମୟରେ ଆମିଷ ବାର ଦେଖି ଆସନ୍ତି। ଆସିବା ଆଗଦିନ ଛକରେ ଥିବା କୁନିଆ ଟେଲିଫୋନ ବୁଥରୁ ଫୋନ କରି ଜଣାଇଦିଅନ୍ତି। ଭାରି ଖୋଲାମନର ମଣିଷ ସିଏ, ସ୍ନେହୀ ମଧ୍ୟ। ଅମୀୟବାବୁ ମଧ୍ୟ ମଝିରେ ମଝିରେ କୁନିଆ ପାଖକୁ ଫୋନ କରି ମଉସାଙ୍କର ଭଲମନ୍ଦ ପଚାରିନିଅନ୍ତି। ଗଲା କିଛିଦିନ ହେବ ମଉସାଙ୍କର ଦେହ ଭଲ ରହୁନାହିଁ ବୋଲି ଅମୀୟବାବୁ ତା'ରି ପାଖରୁ ଶୁଣିଥିଲେ।

ଦୋଳପୂର୍ଣ୍ଣିମା ଦିନ ସକାଳ ଦଶଟା ପାଖାପାଖି ଅମୀୟବାବୁ ପିଣ୍ଡାଉପରେ ଚକାପାରି ଖବରକାଗଜ ପଢୁଥିଲେ। ଘର ସାମ୍ନାରେ ଅଟୋରିକ୍ସାଟିଏ ଆସି ଅଟକିଲା। ଅମୀୟବାବୁ ଖବରକାଗଜରୁ ଆଖି ଉଠେଇ ସିଆଡକୁ ଚାହିଁଲେ। ଭାବୁଥିଲେ, 'କିଏ ଆସିଲାକି? ଆଜିତ ସେମିତି କେହି ଆସିବାର ନଥିଲା !' ଜଣେ ଅଳ୍ପବୟସ୍କ ହୃଷ୍ଟପୁଷ୍ଟ

ଯୁବକ ଓହ୍ଲେଇ ପଡି ଅଟୋର ବାଁ ପଟକୁ ଯାଇ ବାହାକୁ ଧରି ଜଣେ ବୁଢ଼ାଲୋକକୁ ତଳକୁ ଓହ୍ଲାଇ ଆଣିଲେ।

'ଆରେ ,ଇଏ ତ ଆମ ପ୍ରଧାନ ମଉସା! ଯୁବକ ଜଣକ ତାଙ୍କର ପୁଅମାନଙ୍କ ଭିତରୁ ଜଣେ ହେଇଥିବ ନିଶ୍ଚୟ।', ମନେମନେ କହୁକହୁ ଖବରକାଗଜକୁ ଚଉତି ଥୋଇଦେଇ ଉଠିଆସିଲେ ଅମୀୟବାବୁ। ନମସ୍କାର ପକାଇ ପ୍ରଧାନ ମଉସାଙ୍କ ଡାହାଣ ହାତକୁ ଧରି କାନ୍ଧର ସାହାରା ଦେଇ ଘର ଭିତରକୁ ନେଇଆସିଲେ। ପଗ୍ଚରି ଜାଣିଲେ ଯେ ମଉସାଙ୍କୁ ଦେଢ଼ମାସ ହେଲାଣି ଜ୍ୱର। ଯେତେ ଯାହା ଔଷଧପତ୍ର ଖାଇଲାପରେ ଭଲ ହେଉନାହିଁ। ପୁଅମାନେ ବିଦେଶରେ। ସମସ୍ତେ ନିଜ ନିଜର ଗ୍ଚକରିବୃତ୍ତି, ପିଲାପିଲି ଜଞ୍ଜାଳକୁ ନେଇ ବ୍ୟସ୍ତ। ଯେଉଁ ପୁଅ ପାଖକୁ ଵେଉର୍ ଦେଲେ ସିଏ କିଛି ନା କିଛି ଅସୁବିଧା ଦର୍ଶାଇ ଆସିଲାନାହିଁ। ମାଉସୀଙ୍କର ଅବସ୍ଥା ଏମିତି ଯେ ବସିକି ଉଠିଲା ବେଳକୁ ଆଣ୍ଠୁ ସିଧାକରିବାକୁ ବଖତ ଲାଗୁଛି। ସେଇଥିରେ ପୁଣି ଦୁଇପ୍ରାଣୀଙ୍କ ପାଇଁ ଗ୍ଚଉଳ ଦି'ମୁଠା ଫୁଟାଇବାକୁ ପଡୁଛି। ପିଲାମାନେ କେହି ଆସି ନପାରିବାରୁ ଶେଷରେ ପଡ଼ିଶାଘରର କଲେଜପଢୁଆ ପୁଅ ଶଙ୍କରର ସାହାରା ନେଇ ଆସିଛନ୍ତି ତାଙ୍କ ପାଖକୁ। କଟକ ସହରରେ ଡାକ୍ତର ଦେଖା ଏବଂ ଔଷଧପତ୍ର କିଣାକିଣି ପାଇଁ ଅଧିକ ଖର୍ଚ୍ଚ ହେବ ବୋଲି ମଉସାଙ୍କୁ ଜଣା। ସେଥିପାଇଁ ଆଗୁଆ ଆକଳନ କରି ଆବଶ୍ୟକୀୟ ଅର୍ଥ ସାଥିରେ ଧରି ଆସିଛନ୍ତି। ମଉସାଙ୍କର ପୂର୍ଣ୍ଣ ବିଶ୍ୱାସ, ବଡ଼ ଡ଼ାକ୍ତରଖାନାରେ ଟିକେ ଦେଖେଇଦେଲେ ଜମାରୁ ଛାଡୁନଥିବା ଏ ଜ୍ୱର ଦିନେ ଦି'ଦିନରେ କୁଆଡେ ଯିବ।

ଜ୍ୱର ଯୋଗୁଁ କିଛି ଟିକେ ପାଟିକୁ ନେଲେ ଉକାଳ ଆସୁଛି ବୋଲି ଜଳଖିଆ ପାଇଁ ମୂଳରୁ ମନାକରିଦେଇ ଖାଲି ଅଦା'ଗ୍ଚ ଟିକେ ପିଇଦେଇ ଅମୀୟବାବୁଙ୍କୁ କହିଲେ,' ଆରେ ବାବା ଅମୁ, କାଲି ସକାଳେ ମୋତେ ଟିକେ ତୋ ଜଣାଶୁଣା ଭଲ ଡାକ୍ତର ପାଖକୁ ନେଇଯିବୁ।' ଅମୀୟବାବୁ ରୋଗବ୍ୟାଧି କ୍ଷେତ୍ରରେ ଟାଳଟୁଳ କରିବାକୁ ଭାରି ନାପସନ୍ଦ କରନ୍ତି। ରୋଗବାଗ କଥା, ଯାହା କରିବ ତୁରନ୍ତ କରିବ। ମଉସାଙ୍କ କଥା ସରୁସରୁ ସେ କହିଲେ,' ନାଇଁମ ମଉସା, କାଲିକି କାହିଁକି ପୁଣି ଅପେକ୍ଷା କରିବା, ଏବେ ବାହାରିଗଲେ ଭଲ ହେବ। ମୁଁ ପ୍ୟାଣ୍ଟ ସାର୍ଟ ପିନ୍ଧିନିଏ ବହାରିଯିବା।' ଏତକ ଶୁଣି ମଉସାଙ୍କ ଯନ୍ତ୍ରଣା କାତର ମୁହଁ ଉପରେ ପରିତୃପିର ରେଖାଟିଏ ଉଜ୍ଜ୍ୱଳ ହେଇଉଠିଲା ନିମିଷକ ପାଇଁ।

'ତୁ ନଷ୍ଟେ କୋଉ ଜନ୍ମରେ ମୋର ପୁଅ ଥିଲୁ ବାବା। ଜନମ କଲ୍ ପୁଅ ଆହାପଦ କହୁନାହାଁନ୍ତି ଅଥଚ ତୁ ବସିଲ୍ ଥାନରୁ ଉଠିଆସୁଛୁ।', କହୁକହୁ ମଉସାଙ୍କ ଆଖିରୁ ଦୁଇଧାର ଲୁହ ନଗିଡି ଆସିଲା ତଳକୁ ।

'ଇଏ କେମିତିକା କଥା କହୁଛ ମଉସା, ମୁଁ କଣ ତମର ପୁଅଟିଏ ନୁହେଁକି? ତାପରେ, ଆଜିକାଲି ବିଦେଶରେ ପିଲାମାନଙ୍କର କେତେ ଜଞ୍ଜାଳ ସେକଥା ସେମାନଙ୍କ ଛଡା ଆଉକେହି ବୁଝିପାରିବନାହିଁ। ସେସବୁ ଭାବନା ବିଲକୁଲ ମନକୁ ଆଣନା।', ଆଶ୍ୱାସନା ଦେବା ଭଙ୍ଗୀରେ ଅମୀୟବାବୁ କହିଲେ।

ପ୍ରସିଦ୍ଧ ମେଡ଼ିକାଲ ସ୍ପେଶାଲିଷ୍ଟ ତଥା ରିଟାୟାର୍ଡ ପ୍ରଫେସର ଡ଼ଃ. ମନ୍ମଥ ମିଶ୍ରଙ୍କ କାଠଗୋଲା ସାହିସ୍ଥିତ କ୍ଲିନିକରେ ପହଂଚିଲା ବେଳକୁ ସେ ଶେଷରୋଗୀକୁ ଦେଖୁଥିଲେ। ଅମୀୟବାବୁଙ୍କ ସହ ଆଗରୁ ପରିଚିତ। ତାଙ୍କୁ ଦେଖି ଡାକ୍ତର ବାବୁ କହିଲେ,' ଆରେ ଅମୀୟବାବୁ, ବହୁତଦିନ ପରେ ଦେଖାଦେଲେ ! ସବୁ ଠିକଠାକ ଚାଲିଛି ତ?'

ଅମୀୟବାବୁ ତାଙ୍କର ସେଇ ଚିରାଚରିତ ନମ୍ରତାର ସହିତ କହିଲେ, 'ଆଜ୍ଞା ସାର୍, ଈଶ୍ୱରଙ୍କ କୃପାରୁ ଚାଲିଛି ସବୁକିଛି ଏକପ୍ରକାର। ସକାଳୁ ସକାଳୁ ଗାଆଁରୁ ଆସି ମଉସା ପହଁଚିଲେ। ପୁଅ ପରି ସ୍ନେହ ଆଦର କରନ୍ତି ମୋତେ। ପିଲାମାନେ ସବୁ ବିଦେଶରେ, ଦେଖାଶୁଣା କରିବାକୁ ପାଖରେ କେହି ନାହିଁ। ଦେଢ଼ମାସ ହେଲାଣି ଜ୍ୱର, ଜମା ଛାଡୁନାହିଁ। ବୁଢ଼ାଲୋକ ବହୁତ କଷ୍ଟ ପାଇଲେଣି। ତେଣୁ, ଡେରି ନକରି ନେଇଆସିଲି ଆପଣଙ୍କ ପାଖକୁ ଟିକେ ଭଲକରି ଦେଖିବେ ବୋଲି।'

ଶେଷ ରୋଗୀଟିକୁ ବିଦା କରିସାରି ଡାକ୍ତର ବାବୁ ମଉସାଙ୍କୁ ଭଲକରି ଦେଖିଲେ। ଜ୍ୱର ବାବଦରେ ଟିକିନିଖି ପଚାରି ବୁଝିବାପରେ ଚଠାଟିଏ ଅମୀୟବାବୁଙ୍କ ହାତକୁ ବଢ଼େଇଦେଇ କହିଲେ, 'ଦି'ଦିନ ପାଇଁ ଔଷଧ ଲେଖିଦେଇଛି କିଣିନେବେ ଆଉ ରକ୍ତର କେଇଟା ପରୀକ୍ଷା ପାଇଁ ଲେଖିଛି, ସେସବୁ ଟେଷ୍ଟ ରିପୋର୍ଟ କାଲି ସଂଧ୍ୟାସୁଦ୍ଧା ଆଣି ଦେଖାଇଲେ ଯଦି ଆବଶ୍ୟକ ହୁଏ ତେବେ ଔଷଧ ପରିବର୍ତ୍ତନ କରିବି।' ଡାକ୍ତରଙ୍କୁ କୃତଜ୍ଞତା ପୂର୍ବକ

ଧନ୍ୟବାଦ ଜଣାଇ, ନମସ୍କାର କରି, ମଉସାଙ୍କୁ ଧରି ପଦାକୁ ବାହାରିଆସିଲେ ଅମୀୟବାବୁ। ଔଷଧ ପତ୍ର କଣିସାରି ପାଥୋଲ୍ୟାବରେ ରକ୍ତ ନମୁନା ପଇଠ କରେଇ ମଉସାଙ୍କୁ ଧରି ଅଟୋରେ ବସିଲେ । ଘରପାଖରେ ପହଂଚ ଅଟୋରୁ ଓହ୍ଲେଇ ପାଉଣା ପରିଶୋଧ କରି ପରଦିନ ସକାଳ ଆଠଟା ସୁଦ୍ଧା ଆସି ପହଂଚବା ପାଇଁ ଡ୍ରାଇଭରକୁ କହିଦେଲେ।

ତହିଁଆରଦିନ ସକାଳେ ମଉସାଙ୍କୁ ସାଥିରେ ଧରି ମଙ୍ଗଳାବାଗରେ ପହଞ୍ଚିବା ବେଳକୁ ପାଥୋଲ୍ୟାବ ଖୋଲିସାରିଥିଲା। ଟେଷ୍ଟ ରିପୋର୍ଟ ସଂଗ୍ରହ କରି ତୁରନ୍ତ ଦାସ କ୍ଲିନକ ମୁହାଁ ହେଲେ। ଡେରି ହେଲେ ଭିଡ଼ ହେଇଯିବ, ଆଗୁଆ ପହଂଚଯିବା ଭଲ। ସୌଭାଗ୍ୟବଶତଃ ସେଠି ପହଂଚଲ୍ୟାବେଳକୁ ଆଉକେହି ବି ଆସିନଥିଲେ। ପାଞ୍ଚ-ସାତ ମିନଟ ଅପେକ୍ଷା କରିବାପରେ ଡାକ୍ତର ବାବୁ ଆସିବାର ଦେଖି ମଉସା ଉଠୁଥିଲେ, ଡାକ୍ତରବାବୁ ତାଙ୍କୁ ସେଇଠି ବସିବାପାଇଁ କହି ତାଙ୍କ ପ୍ରକୋଷ୍ଠ ଭିତରକୁ ପଶୁପଶୁ ରିପୋର୍ଟ ନେଇ ଭିତରକୁ ଆସିବାପାଇଁ ଅମୀୟବାବୁଙ୍କୁ ଇସାର୍ଦେଲେ। ରିପୋର୍ଟ ଉପରୁ ଆଖି ବୁଲେଇ ଆଣି କେମିତି ଏକ ଉଦାସ ଆଖିରେ ଗ୍ୱହିଁ ଦୀର୍ଘଶ୍ୱାସଟିଏ ନେଲେ।ଅମୀୟବାବୁ କଛି କହିବା ଆଗରୁ ଡଃ.ମିଶ୍ର ତାଙ୍କ ନଜ ଆଡୁ କହିଲେ, 'ବୁଝିଲେ ଅମୀୟବାବୁ, ଆଜି କ୍ଲିନକ ବନ୍ଦ। କେବଳ ଆପଣଙ୍କ ମଉସାଙ୍କ ପାଇଁ ଆସିଥିଲି। ଆପଣଙ୍କର ଦୁର୍ଭାଗ୍ୟ, କାଲି ରୋଗୀଙ୍କୁ ଦେଖିଲ୍ୟାବେଳେ ଯାହା ସନ୍ଦେହ କରୁଥିଲି ତାହା ଠିକ।'

ବହୁକଷ୍ଟରେ ସାହସ ଯୋଗାଡି ଏକପ୍ରକାର ଆତଙ୍କିତ ସ୍ୱରରେ ଅମୀୟବାବୁ ପଗ୍ଚରିଲେ, 'କଣ ହେଇଛି ଆଜ୍ଞା ମଉସାଙ୍କର?'

'ବ୍ଲଡ଼ କ୍ୟାନ୍ସର, ଲ୍ୟଷ୍ଟ ଷ୍ଟେଜ।' ଏତିକ କହିସାରି କ୍ଷଣକ ପାଇଁ ନରବ ରହି ଅମୀୟବାବୁଙ୍କ ଆଡକୁ ଗ୍ଚହିଁଲେ ଡକ୍ଟର ମିଶ୍ର। ଅମୀୟବାବୁ କଛି ପଗ୍ଚରିବାକୁ ଗ୍ଚହୁଁଥିଲେ ମାତ୍ର କଛି ପଗ୍ଚରି ପାରୁନଥିଲେ। ତାଙ୍କୁ ଲ୍ୟଗୁଥିଲ୍ୟ ସତେ ଯେପରି ତାଙ୍କ ଉପର ଓଠଟି ଅସ୍ୱାଭାବିକ ଅତ୍ୟଧିକ ଭାରିହେଇ ଲଦି ହେଇଯାଉଥିଲ୍ୟ ତଳ ଓଠ ଉପରେ। ତାଙ୍କ ମନର ବ୍ୟସ୍ତତାକୁ ବେଶ ଭଲକରି ପଢିପାରୁଥିଲେ ଅଭିଜ୍ଞ ଡକ୍ଟର ପ୍ରଫେସର ମନ୍ମଥ ମିଶ୍ର। ଅମୀୟବାବୁଙ୍କ ଥରଥର ହାତପାପୁଲି ଉପରେ ହାତରଖି ଏକ ନଷ୍ଫଳ ଶାନ୍ତ୍ୱନା ଦେବାର ପ୍ରୟାସ କରି ହାଲକା କଣ୍ଠରେ କହିଲେ, 'ଯେଉଁଥିରେ କଛି କରିବାକୁ କଛି ବାକ ନାହିଁ ସେଥିପାଇଁ ବହୁତ

ବ୍ୟସ୍ତ ହେଇ କଣ ଲାଭ ମିଳିବ ଅମୀୟବାବୁ। ବରଂ, ତାଙ୍କ ହାତରେ ଥିବା ବାକି କିଛିଦିନ ତାଙ୍କ ଅଜାଣତରେ ସେମିତି ବଞ୍ଚିବାକୁ ଦେବା ଉଚିତ ହେବ।' ପାଦ ଦୁଇଟି ପଥର ହେଇ ଭୂଇଁ ଉପରେ ସ୍ଥିର ହେଇଯିବା ଆଗରୁ ଉଠି ଛିଡାହେଇଗଲେ ଅମୀୟବାବୁ। ପ୍ରକୋଷ୍ଠ ବାହାରକୁ ବାହାରି ଆସି ମଉସାଙ୍କ ହାତ ଧରି ଛିଡା କରେଇଦେଇ କହିଲେ, 'ଚାଲନ୍ତୁ ମଉସା, ଘରକୁ ଯିବା।'

ଅଟୋରେ ବସିସାରିବା ପରେ ମଉସା ପଚାରିଲେ, 'ଡାକ୍ତରବାବୁ କଣ କହିଲେ ପୁଅ, ରିପୋର୍ଟରେ ସବୁ ଠିକ ଅଛିତ?'

ମଉସାଙ୍କ ମୁହଁକୁ ଚାହିଁବାପାଇଁ ସାହସ ହେଉନଥିଲା ତାଙ୍କର। ବାହାରେ ଦୂର ଗାଁ ପାଖ ଆକାଶକୁ ଛୁଉଁଥିବା ତାଳବଣ ଆଡକୁ ଚାହିଁ ମଉସାଙ୍କ ହାତପାପୁଲିକୁ ଧରି ବହୁକଷ୍ଟରେ କହିଲେ, 'ହଁ ମଉସା, ସବୁ ଠିକ ଅଛି। ସେଇ ଔଷଧ ଖାଇଲେ ଟିକଏ ଡେରିରେ ହେଉପଛେ ଜ୍ୱର ଭଲ ହେଇଯିବ।' ସଂକ୍ଷିପ୍ତ ବାକ୍ୟଟି କହିସାରି ଆଖି ଫେରାଇ ଦେଖିଲେ ମଉସାଙ୍କ ମୁହଁ ଉପରେ ଯନ୍ତ୍ରଣାର ଅଗାଧ ଜଳରାଶି ଉପରେ ଆଶାର ଏକ ଛୋଟ ଢେଉ ଉଠି ଓଠ ଆଡକୁ ମନ୍ଥର ଭାବେ ଗତିଶୀଳ ହେଉଥିଲା। ଅପରପକ୍ଷେ, ମୃତ୍ୟୁ ଆଡକୁ ଦ୍ରୁତ ଗତିଶୀଳ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପ୍ରବୋଧନା ଦେବାର ଅସତ ପ୍ରୟାସ କରି ଏତେବଡ଼ ମିଛକଥାଟିଏ କହିଥିବାରୁ ଅମୀୟବାବୁ ନିଜକୁ ଧିକ୍କାର କରିଚାଲିଥିଲେ।

ଅଟୋ ଇପିକଲ ଛକ ପାରେଇ କେନାଲ ମୁଣ୍ଡ ଧରିବାମାତ୍ରେ କେମିତି କେଜାଣି ମଉସାଙ୍କ ଦୃଷ୍ଟି ଲମ୍ବିଗଲା ଚାକୁନ୍ଦାଗଛରୁ ଓହଳଥିବା ଖେପାଜାଲ ଗୁଡିକ ଆଡକୁ। ଏବେ ପର୍ଯ୍ୟନ୍ତ ନୀରବ ଥିବା ମଉସା କହିଲେ, 'ଆରେ, ଏ ବାପା ଅମୁ, ଟିକଏ ଗାଡି ଅଟକାଇଲୁ ବାବା, ଜାଲଖଣ୍ଡେ ଦେଖିବା। ଘରେ ଥିବା ଜାଲ ଖଣ୍ଡକର ଘାଇ ସବୁ ଛିଣ୍ଡିଯାଇଛି ବୋଲି ଏଥର ଆଇଲାବେଳେ ଖେପାଟେ ପକାଇ ତୋ ପାଇଁ ମାଛ ଟିକେ ଆଣିପାରିଲି ନାହିଁ ବୋଲି ମନଟା ଜମାରୁ ସୁଖ ଲାଗୁ ନାହିଁ।'

ଅଚାନକ ଅମିତବାବୁଙ୍କ ଭାବନାର ଖିଅ ଛିଣ୍ଡିଗଲା, ସତେ ଯେମିତି ମଉସାଙ୍କ ଖେପାଜାଲର ଆଉଗୋଟେ ଘାଇ ଛିଣ୍ଡିଗଲା। ବହୁକଷ୍ଟରେ ନିଜକୁ ସମ୍ଭାଳି ନେବାକୁ ଉଦ୍ୟମ କରିବା

ବେଳକୁ ତାଙ୍କ ମୁହଁରୁ ସ୍ୱତଃସ୍ଫୁର୍ତ୍ତ ଭାବେ ବାକ୍ୟଟିଏ ବାହାରି ଆସିଲା, 'ନାଇଁ ମଉସା, ମୁଁ ପରା ଖାସ ତମକୁ ଦବାପାଇଁ ପହରଦିନ ବାଛିବାଛି କରି ନୂଆ ଜାଲଖଣ୍ଡେ ଏଇଠୁ ନେଇ ରଖିଛି। ଘରେ ପହଁଚଲେ ଦେଖିବ।' କହିସାରିବା ବେଳକୁ ତାଙ୍କ ଆଖି ଭିତରେ ପଥହରା ହେଇ ବୁଲୁଥିବା ଲୁହ ଦୁଇଧାର ହେଇ ଓହ୍ଲେଇ ଆସିଲା ତଳକୁ। ସେଇ ଲୁହକୁ ମଉସାଙ୍କ ଆଖିରେ ନପଡିବାକୁ ଦେବାପାଇଁ ସ୍ୱୟଂଚାଳିତ ଭାବେ ତାଙ୍କର ସ୍କନ୍ଧ ଆବୃତ୍ତ କରୁଥିବା ସାର୍ଟ ଏବଂ ଲୁହ ଅଜାଡୁଥିବା ଚକ୍ଷୁଦ୍ୱୟ ଘନଘନ ପରସ୍ପରକୁ ଚୁମି ଚାଲିଥିଲେ। ଲାଗୁଥିଲା, ମଉସା ଯେମିତି ଏକ କାଳ୍ପନିକ ଆଶ୍ୱସ୍ତିର ଅନୁଭବକୁ ଆସ୍ୱାଦି କଞ୍ଚିତ ଆନନ୍ଦ ଅନୁଭବ କରଚାଲିଥିଲେ।

ଘରେ ପହଞ୍ଚୁ ପହଞ୍ଚୁ ଯଶୋଧାରା ଏକସଙ୍ଗେ ଏକାଧିକ ପ୍ରଶ୍ନ ପଚାରିଗଲେ, 'ଡକ୍ଟର କଣ କହିଲେ? ମଉସା ଶୀଘ୍ର ଭଲ ହେଇଯିବେନା? ରିପୋର୍ଟ ସବୁ ଠିକ ଥିବ, ନୁହେଁ?' ପୋଷାକ ବଦଳେଇବା ଭିତରେ ପତ୍ନୀଙ୍କ ମୁହଁକୁ ନଚାହିଁ ଅମୀୟବାବୁ ସାମାନ୍ୟ ଦମ୍ଭିଲା ସ୍ୱରରେ କହିଲେ, 'ଆରେ ବାବା, ସବୁ ଠିକ ଅଛି। ଔଷଧ ଖାଇଲେ ଦି'ତିନିଦିନ ଭିତରେ ମଉସାଙ୍କ ଦେହ ସମ୍ପୂର୍ଣ୍ଣ ଭଲ ହେଇଯିବ। ପିଲାଟା ତରବର ହେଇ ପଳେଇଗଲା, ଥିଲେ ଆଜି ମଉସାଙ୍କୁ ନେଇ ଗାଁ'କୁ ଚାଲିଯାଇଥାନ୍ତା। କିଛି କଥାନାହିଁ, କାଲି ତ ମୋର ଛୁଟି ଅଛି, ମୁଁ ନିଜେ ନେଇ ଛାଡ଼ିଦେଇ ଆସିବି।'

ସନ୍ଧ୍ୟାବେଳେ ମଉସାଙ୍କୁ ଟିକେ ଭଲ ଲାଗିଲା କି କଣ କହିଲେ, 'ବାପା ଅମୁ, ଜାଲ ଦେଖେଇବୁ ବୋଲି କହୁଥିଲୁ ପରା, ଆଣିଲୁ ବାବା ଦେଖିବା ଟିକଏ।'

କ୍ଷଣ ବିଳମ୍ବ ନକରି ଅମୀୟବାବୁ ଚଉକିଟିଏ ଟାଣିନେଲେ କାନ୍ଥପାଖକୁ। ଜାଲଟିକୁ ବାହାର କରିଆଣି ଦଅଣ ଖୋଲିଦେଇ ମଉସାଙ୍କ ସାମ୍ନାରେ ଥୋଇଦେଇ ଜାଲର ଚୁଳ ପାଖରୁ ଟେକ ଧରିଲେ। ଜାଲର ଗଣ୍ଠି ଏବଂ ଘାଇବନ୍ଧାକୁ ହାତମାରି ଭଲକରି ଦେଖିଲାପରେ ମଉସାଙ୍କ ମୁହଁ ଉପରେ ଯେଉଁ ପ୍ରସନ୍ନତା ଫୁଟିଉଠିଲା ତାହାଦେଖି ଅମୀୟବାବୁ ଅନୁଭବ କଲେ ଯେ ତାଙ୍କର ସେଇ ଜାଲ ଖଣ୍ଡକ କଣିବାର ନିଷ୍ପତ୍ତି କେତେ ସଠିକ ଥିଲା ସେଦିନ। ଖେପାଜାଲ ପକେଇ ବାଡ଼ି ପୋଖରୀରୁ ଆଗରୁ କାହିଁକେତେ ମାଛ ଧରି ଯେତେ ଖୁସି ହେଇନଥିଲେ ସେ ଆଜି ପୋଖରୀ ପାଖରୁ ଏତେ ଦୂରରେ ରହି, ପାଣିରେ ନପଶି ସେଇ

ଜାଲରେ ତାଠାରୁ କାହିଁ କେତେଗୁଣା ଆନନ୍ଦ ଛାଣି ଆଣିପାରିଛନ୍ତି ସତରେ ! ସେ ଦେଖୁଥିଲେ, ହେଉପଛେ କେଇକ୍ଷଣ ପାଇଁ, ମଉସା ଆନନ୍ଦରେ ଗଦଗଦ ହେଇ ସମ୍ପୂର୍ଣ୍ଣ ବିସ୍ମରି ଯାଇଥିଲେ ତାଙ୍କ ଦେହକୁ ଗୋଟାପଣ ଆପଣାଇ ନେଇଥିବା ନଛୋଡବନ୍ଧା ଜ୍ୱରକୁ। ଏଠିକୁ ଆସିବା ପରେ ପ୍ରଥମଥର ତାଙ୍କ ଶୀର୍ଣ୍ଣ ମୁଖମଣ୍ଡଳରେ କ୍ଷୀଣ ହସ ଟିକେ ଚହଟି ଉଠିଲା ଅସ୍ତଗାମୀ ସୂର୍ଯ୍ୟଙ୍କର ଅନ୍ତିମ କରଣ ପରି। 'ଏମିତି ଖେପାଜାଲ ଖଣ୍ଡେ କେବେଠୁ ଖୋଜୁଥିଲି ବାବା, ହେଲେ କୋଉଠି ପାଉନଥିଲି। ଶେଷରେ ମୋର ସେ ଇଚ୍ଛାଟିକୁ ମଧ ପୂରଣ କରିଦେଲୁ ତୁ। ଏ ବାପା ଅମୁ, ଈଶ୍ୱର ମୋତେ ତୋ ପରି ଗୋଟିଏ ପୁଅ ଦେଇଥିଲେ ମୁଁ ଏ ଦୁନିଆର ସବୁଠାରୁ ସୁଖୀ ବାପ ହେଇଥାନ୍ତି । ପ୍ରଭୁଙ୍କୁ ପ୍ରାର୍ଥନା କରୁଛି ଆରଜନ୍ମରେ ତୋତେ ହିଁ ମୋର ଏକମାତ୍ର ପୁଅ କରି ଜନ୍ମ ଦିଅନ୍ତୁ।' ଏକାନଶ୍ୱାସରେ କହିସାରି ଦି'ହାତ ପାପୁଲିରେ ଛଳଛଳ ଆଖିରୁ ଲୁହ ପୋଛିପକାଇଲେ ମଉସା। ଅମୀୟବାବୁ ନିଜକୁ ସମ୍ଭାଳ ପାରିବା ସ୍ଥିତିରେ ନଥିଲେ। ଦାଣ୍ଡ ଦୁଆର ଖୋଲିଦେଇ ଏକପ୍ରକାର ଦୌଡ଼ି ଦୌଡ଼ି ଗେଟ ବାହାରକୁ ଚାଲିଗଲେ ଅମୀୟବାବୁ। ବେଶ କିଛିଦୂର ଆସିବା ପରେ ରାସ୍ତା କଡରେ ବସିପଡି ଛୋଟପିଲାଟିଏ ପରି ଭେଁଭେଁ କରି କାନ୍ଦିବାକୁ ଲାଗିଲେ । ତାଙ୍କର ମନ କହୁଥିଲା ସକାଳେ ମଉସାଙ୍କୁ ନେଇ ଗାଁ'କୁ ଛାଡିବାକୁ ଯିବା ଆଗରୁ ନିଜ ଆଖିର ସବୁଯାକ ଲୁହକୁ ସେଇଠି ନିଗାଡ଼ି ଦେବାପାଇଁ।

ଗାଁରେ ପହଂଚବା ମାତ୍ରେ ଅମୁକୁ ଦେଖି ମାଉସୀ ବହୁତ ଖୁସି ହେଇଗଲେ। ପିଲାପିଲି ମାନଙ୍କ ଦେହପା, ଭଲମନ୍ଦ ପଚାରି ସାରି କହିଲେ, 'ଏତେଦିନ ପରେ ଗାଁ'କୁ ଆସିଛୁ ପୁଣି ଛୁଟି ଅଛି ଯେତେବେଳେ ଅତିକମରେ ଦିନଟିଏ ରହିକରି ଯିବୁ ବାପା। ନହେଲେ ମଉସା ମନ ଖରାପ କରିବେ। ଜାଲ ଛିଣ୍ଡିଯାଇଥିଲା ବୋଲି ଗଲାବେଳେ ମାଛଟିକେ ନେଇ ଯାଇପାରିଲେ ନାହିଁ ବୋଲି କେତେ ମନସ୍ତାପ କରୁଥିଲେ। ଏମିତି ଅବସ୍ଥାରେ ମଉସା କୋଉଁ ପାରିବେ, ସକାଳେ ତୁ ନିଜେ ଜାଲ ପକେଇ ଭଲ ମାଛ ଦି'ଟା ଧରି ବୋହୂ ଆଉ ପିଲାମାନଙ୍କ ପାଇଁ ନେଇକରି ଯିବୁ।"

ଅମୀୟବାବୁ ଚାହୁଁନଥିଲେ ମାଉସୀଙ୍କ ସହ ବଞ୍ଚିବା ପାଇଁ ମଉସାଙ୍କ ହାତରେ ଥିବା ଏତେ ସୀମିତ ସମୟରୁ ମୁହୂର୍ତ୍ତଟିଏ ତାଙ୍କ ନିଜପାଇଁ ବ୍ୟୟ କରିଦେବାପାଇଁ। ବେଶୀ କିଛି କହିବାପାଇଁ ତାଙ୍କ ଭିତରେ ଆବଶ୍ୟକୀୟ ବଳ ମଧ ନଥିଲା। ଦୁଇହାତରେ ମଉସା ଓ

ମାଉସୀଙ୍କ ହାତଧରିପକେଇଲେ ସେ। ' ମୋ ଆସିବା ଯିବା ପାଇଁ ଅନେକ ସମୟ ଅଛି ମାଉସୀ, ସେପାଇଁ ଜମାରୁ ମନ ଊଣା କରନା। ଭଲକରି ଟିକେ ମଉସାଙ୍କର ଦେଖାଶୁଣା କର। ମୁଁ ଏବେ ଆସୁଛି ମଉସା।'; ଉଡ଼ନ୍ତା କାଶତଣ୍ଡି କେଶର ପରି ହାଲକା ସ୍ୱରରେ କେବଳ ଏତିକ କହି ଦୁଆର ବାହାରକୁ ପାଦ ବଢେଇଲେ ଅମୀୟବାବୁ। ବାଡି ପୋଖରୀରେ ଖେପାଜାଲ ପକାଇବାର ଇଚ୍ଛା ମୁଣ୍ଡରୁ ବୋହିଆସୁଥିବା ଝାଳରେ ଧୋଇ ଯାଉଥିଲା ଭାବନା ଭିତରୁ ସବୁଦିନ ପାଇଁ।

ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ-୭୫୬୧୩୧

# ପାରିବାନ କି ଜିଣି ହୃଦୟ ?

ବିନୋଦିନୀ ଦାଶ

ଚେତନା ଶକତି ଭରିଦେଇ ସ୍ରଷ୍ଟା
ସୃଷ୍ଟିରେ ଚେତନ ମଣିଷ ଭାବେ,
ଜନମ ଦେଇଣ ନାନା କର୍ମ ଗୁଣେ
ଶ୍ରେଷ୍ଠତ୍ୱ ପ୍ରଦାନ ଅଛନ୍ତି ଭବେ,
ତେଣୁ ସଦା ଗାଇ ତାଙ୍କର ଜୟ
ବାଣ୍ଟି ପ୍ରିତି ମୈତ୍ରୀ ଏକରୁ ଅନେକ
ପାରିବାନ କଆଁ ଜିଣି ହୃଦୟ ?

ନଷ୍ଟୟ ପାରିବା ଚନ୍ତା ଚେତନାକୁ
ବିନଯୋଗ କରି ସତ୍ପଥରେ,
ଶାନ୍ତ, ସୁଶୀଳତା, ମଧୁର ବଚନ
ସଙ୍ଗେ ସଜ୍ଜିତ ନମ୍ରତା ସାଜରେ,
ବାନ୍ଧି ଆନକୁ ଆପଣାପଣରେ,
ଈର୍ଷା, ଦ୍ୱେଷ, ହିଂସା, ଗର୍ବ, ଅହଂକାର
ନ ଧରିଣ କେବେ ନଜ ମନରେ ।

ଭୁଲି ଯାଇ ଆମେ ବର୍ଣ୍ଣ ବୈଷମ୍ୟ,
କେ ପର ଆପଣା, ଧନୀ ଗରିବ,
ସୃଷ୍ଟିକୁ ଏକତ୍ୱ ସୂତ୍ରରେ ବାନ୍ଧିଣ
ଚନ୍ତିଣ ସର୍ବଦା ସଭିଙ୍କ ଶୁଭ,
ଯେମିତି ହୋଇବ ସଭିଙ୍କ ଲାଭ,

ସକଳ ହିତାର୍ଥେ କର୍ମ ସାଧନାରେ
ବ୍ରତୀ ହେବା ରଖି ହୃଦୟେ ଭାବ ।

ସାଜି ଜଣେ ଜଣେ ଦକ୍ଷ ବିନ୍ଧାଣି
ଶାନ୍ତିର ସୌଧ ଗଢ଼ିବା ତୋଳ,
ପ୍ରତ୍ୟେକ ଅଗଣା ତୃପ୍ତି-ସନ୍ତୋଷର
ଫୁଲରେ ହସିବ ଆନନ୍ଦେ ଝୁଲି,
ରାଗ, ଦ୍ୱେଷସବୁ ପଛକୁ ଠେଲି,
ତୋଳଣ ଝଂକାର ଓଁକାର ଧ୍ୱନର
ନାଦେ ପ୍ରସ୍ଫୁଟିତ ଭାବର କଳ ।

କୁରୁଆଁ, ମୁଗପାଳ, ଯାଜପୁର

# ଶଢ ର ଶବ୍ଦ



ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ

ଦର୍ପଣ ରେ
ନଜ ପ୍ରତିବିମ୍ବ କୁ ବାରମ୍ବାର
ଥଣ୍ଟ ମାରୁ ଥାଏ
ମନେ ପଡ଼ି ଯାଏ:
ମାଂସ ଖଣ୍ଡ ଧରି କୁକୁର
ପୋଲ ଉପରେ ଯାଉ ଯାଉ
ବାଟ ବଣା ର କଥା ।
'କେତେ ଗର୍ବ!ବାଃ!
ତୁ ମୋ ସଂଗେ
ପ୍ରତିଯୋଗିତା କରିବୁ
ଖୋଲ୍ ଥଣ୍ଟ ର
ଯେଉଁ ବ୍ୟବଧାନ
ତା'ଭିତରେ ସବୁତକ ସାଫଲ୍ୟ
ବାନ୍ଧି ରଖିବା ର ଚେଷ୍ଟା !

କୋଲନଗ୍ର ,
ରାୟଗଡ଼ା ଜିଲ୍ଲା

# ଭଗ୍ନ ଅବଶେଷ



ପ୍ରଦୀପ୍ତ କୁମାର ସାହୁ

ବାକି ଅଛି ଏକ ପାଂଶୁଳ ଅନୁଭୂତି
ଧୂଆଁଳିଆ ଆସ୍ତରଣ ତଳେ
ଯାହା ସମୟ ଯାଇଛି ଲେଖି
ଅଦୃଶ୍ୟ ତା ଚଲ୍‌ପଥ ଧାରେ ଧାରେ
ଆଉ କଛି ଭଗ୍ନ ଅବଶେଷ
ଅବକ୍ଷୟ ହେଲ୍‌ପରେ
ଋତୁ ପରେ ଋତୁ ଦେଇଛି ଉତାରି
ନିୟତିର "ନିଃଶବ୍ଦ" ତୂଳୀରେ

ମୋ ଶୈଶବରୁ କୈଶୋର ଯାତ୍ରା....
ଅବୁଝା ଅବୁଝା ଦିନ କେତେ,
କେତେ ଦରଗଢା ସ୍ୱପ୍ନ,
ଆଖିରେ ଆଖିଏ ଆକାଶ
ଆଉ ଆଞ୍ଜୁଳାଏ ପୃଥିବୀ
ସବୁ ଆଜି ଧୂଳି ଧୂସରିତ
କାଲିର ସେ ମୃଣ୍ମୟ ମନ୍ଦିରେ
ଖୋଜୁଛି ଯେ ନିଜ ସତ୍ତା ଆଜି
ସିମେଣ୍ଟ ଓ କଂକ୍ରିଟ ବଣରେ

ମାଟିର ମହକ, ଗୋମୟର ଲେପ
ସବୁଠାରେ ଥିଲା ଦିନେ
ମୋ ମା' ହାତ ଛାପ
ଅଗଣାରେ ରଙ୍ଗୋଲି,
ଆଉ ତୁଳସୀ ଚଉରା
ଗୀତି ଥିଲା ଚୁପ୍ ଗପ୍
ହେଲେ ସଞ୍ଜ ଥିଲା ମୁଖରା
ଶୋଉଥିଲା ଗାଁ ଦିନେ ଅନ୍ଧାର ବଢିଲେ
ନିଦ ଭାଙ୍ଗୁଥିଲା ଯେବେ ସିନ୍ଦୁରା ଫାଟିଲେ

କାନ୍ଥସାରା ଝୋଟିଚିତା, କପଡା ବନ୍ଧେଇ ଫଟ
ଘର କୋଣେ ପାଖାପାଖି ଆମ ଷଠୀଘର,
ପୁରୁଣା କାଠର ସିନ୍ଧୁକ,
ବାପାଙ୍କର ଦଉଡିଆ ଖଟ
ସବୁଥିଲା ଦିନେ ମୋ ପହଞ୍ଚରେ,
ହେଲେ ମଥାନରୁ ଝୁଲୁଥିବା ଶିକାରେ
ଥିଲା ଅବା ଅସରତି କଛି,
ଯାହା ଲେଉଟାଣି ଚଲାବାଟେ
ଆଜି ବି ଏ ମନ ଖୋଜୁଛି

ପ୍ରାଚୀ ବିହାର,
ଭୁବନେଶ୍ୱର

# ଥରୁଟିଏ ପ୍ରଭୁ

ପ୍ରଦୀପ୍ତ କୁମାର ମିଶ୍ର

ଥରୁଟିଏ ପ୍ରଭୁ ଜଗନ୍ନାଥ ଦେଖତବ
ସୃଷ୍ଟି ଆଜି କେମିତି ହୁଏ ଅସ୍ତବ୍ୟସ୍ତ
ତବ ପ୍ରାଚ୍ୟର ଭୂମିରେ ଅଜବଅଜୀବ
କରୁଅଛି କେମିତି ମୃତ୍ୟୁ ର ନୃତ୍ୟ।

କପରି ନୀରବ ରହିଛଯେ ଚକାଆଖି
ମାନୁଛୁ ଅଜ୍ଞାନଜ୍ଞାନରେ ହୋଇଛୁ ଅନ୍ଧ
ସୃଷ୍ଟି ର ଶୃଙ୍ଖଳ ପ୍ରଭୁ ଦିଗହର୍ା ହୁଏ
ଏମାନବ ପାଏନ ତାର ବଞ୍ଚିବା ଫାନ୍ଦ।

ଏହି ବଡ଼ ବିପଦରେ ସାହାହୁଅ ନାଥ
ଏ ଅନ୍ଧାର ହୋଇଯାଉ ପୂର୍ଣ୍ଣ ବିଲୋପ
ଦିବ୍ୟ ଆଲୋକରେ ଆଲୋକତହେଉ
ଭକତ ଓଠରେ ଶୁଭୁପୁଣି ହସ ପ୍ରଳାପ।

ଉଡୁଥାଉ ସେପରି ତମ ପତିତପାବନ
ପୁଣି ଭକତଙ୍କ ତୁଣ୍ଡେବାଜୁ ଅବଢ଼ା ଅନ୍ନ
ଲୋପହେଉ ସଭ୍ୟତାରୁ ଭୁତାଣୁ ଆତଙ୍କ
ସବୁଠାରେ ଗୁଞ୍ଜିଉଠୁ ପ୍ରଭୁ ତମରି ନାମ।

ଉତ୍ତଙ୍ଗର୍ ହାଇସ୍କୁଲ୍, ଯାଜପୁର

# ରକ୍ତାକ୍ତ ପ୍ରତିଜ୍ଞା



ଖଗେଶ୍ୱର ବାଗ

ସୁକୋମଳ ହସ୍ତଦ୍ୱୟରେ କାଚର ଶଙ୍ଖା। ପ୍ରସ୍ଫୁଟିତ କୁସୁମ ସଦୃଶ ପାଦ ଦୁଇଟିରେ ନାଲି ଅଳତା। ନୀରଦର ଚପଳା ପରି ସୀମନ୍ତରେ ସିନ୍ଦୂର। ନୀଳ ଆକାଶର ଶୁଭ୍ର ଓ ସ୍ୱଚ୍ଛ ଚନ୍ଦ୍ରମା ଭଳି କେଶରାଶିରେ କୁଣ୍ଡଳ। ବକ୍ଷଦେଶରେ ରଜତ ମାଳା, ଓଠଦ୍ୱୟରେ ଗୋଲାପୀର ଆସ୍ତରଣ। ସତରେ ଚମତ୍କାର ଦିଶୁଛି ଏସବୁ ଆଭୂଷଣରେ। ହଂସଗାମିନୀ ଢଳ ଢଳ ଚାଲି ଆସେ କେହି ଜଣେ ଅଶ୍ୱାରୋହୀକୁ ପଥରେ ଦେଖି। ଏକ ସଂକ୍ଷିପ୍ତ ହସଟି ଫୁଟାଇ ଦେଇ କୋକିଳ ନିନ୍ଦିତ କଣ୍ଠରେ କହେ, "ଦୟାକରି ମୋତେ ଏ ବଣର ଆରପାରିରେ ଛାଡିଦେବ?" ସେହି ଲୋଭନୀୟ ଚେହେରାଟିକୁ ଦେଖି ଯେ କେହି ଅଶ୍ୱାରୋହୀ ଭୁଲିଯାଏ ତା'ର ଏଠାରେ ଏକାକୀ ଥିବାର କାରଣ।ଅଶ୍ୱ ପୃଷ୍ଠେ ତା'କୁ ଆଗରେ ବସାଇ ଧୀରେ ଧୀରେ ଛୁଟେଇ ଦିଏ ଘୋଡାଟିକୁ।

ବଣ ମଧ୍ୟରେ ଶୁଭେ ଝରଣାର କଳକଳ ନାଦ। ଯୁବତୀ ଜଣକ ସେଠାକୁ ଅଶ୍ୱବାହୀ ନେବା ନିମିତ୍ତ ଅନୁରୋଧ କରେ। ଜଳ ପାନ କରି ଅଗ୍ରସର ହେବାର ପ୍ରସ୍ତାବ ଦିଏ। ଅଶ୍ୱରୋହୀ କେବେହେଲେ ତା'ନିବେଦନକୁ ପ୍ରତ୍ୟାଖ୍ୟାନ କରି ପାରେନା। ଘଞ୍ଚ ଅରଣ୍ୟ ଭିତରକୁ ଘୋଡାଟି ନେଇ ଯାଇ ଝରଣାର ପାଦଦେଶରେ ପହଞ୍ଚାଇଦିଏ ।

ଯୁବତୀ ଜଣକ ଅଶ୍ୱ ପୃଷ୍ଠରୁ ଓହ୍ଲାଇ ଆସି ଜଳପାନ ନିମନ୍ତେ ଝରଣା କୂଳରେ ଯାଇ ପହଞ୍ଚେ। ଅଶ୍ୱରୋହୀ ଆଡକୁ କଟାକ୍ଷ ନୟନରେ କିଛି ସମୟ ଚାହିଁ ଗର୍ଜିଉଠେ, "ରେ ମୂର୍ଖ, ତୁ କ'ଣ ଭାବୁଛୁ? ନାରୀ କେବଳ ଉପଭୋଗର ପାତ୍ର? ଛୁଆ ଉତ୍ପାଦନର ଯନ୍ତ୍ର? ତୋ ଇଚ୍ଛା ହେଲେ ଉପଭୋଗ କରି ପର ମୂହୁର୍ତ୍ତରେ ଆବର୍ଜନା ଭଳି ଫୋପାଡି ଦେବୁ? ନା, ତୁମ ଭଳି ଲମ୍ପଟ ପୁରୁଷମାନଙ୍କୁ ମୁଁ ଘୃଣା କରେ। ଯିଏ ନିଜର ଅର୍ଦ୍ଧାଙ୍ଗିନୀମାନଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରୁଛ, ବାପ ଘରୁ ଟଙ୍କା ଆଣିବା ପାଇଁ ଶାରୀରିକ ତଥା ମାନସିକ ଯାତନା ଦେଉଛ, ନାରୀ ଉପରେ ଏପରି ଅଯାଚିତ ଯାତନା କେବେହେଲେ ପୌରୁଷତ୍ୱ ନୁହେଁ।

ତୁମମାନଙ୍କ ନୀଚ ମନେ ଗଢା ଶରୀରରେ ଆସୁରିକ ପ୍ରକୃତି ବ୍ୟତୀତ କ'ଣ ଆଉ ଥିବ? ହେଲେ କଦାପି ଭାବ ନାହିଁ ନାରୀ ଦୁର୍ବଳା ବୋଲି। ତୁମ ପରି କଳଙ୍କିତ ପୁରୁଷମାନଙ୍କୁ ଦେଖିଲେ ପ୍ରତିଶୋଧ ପରାୟଣ ହୋଇ ଉଠେ ମୋ ଭଳ ଶତାଧିକ ପ୍ରେତାତ୍ମା।" ଏତକ କହି ପ୍ରେତାତ୍ମାଟି ଅଶ୍ୱାରୋହୀ ଆଡକୁ କ୍ଷୀପ୍ର ଗତିରେ ଅଗ୍ରସର ହୋଇ ଆକ୍ରମଣ କରେ। ଅଶ୍ୱାରୋହୀର ଆକୁଳ ଚତ୍କାର ଅରଣ୍ୟରେ ପ୍ରତିଧ୍ୱନତ ହୋଇ ମିଳେଇ ଯାଏ କେଉଁ ଆଡେ।

ଏହିପରି ଯୁବତୀ ଜଣକ ପଥ ମଧ୍ୟରେ ତା'ନଜରକୁ ଆସୁଥିବା ପୁରୁଷମାନଙ୍କୁ ସାଙ୍ଗରେ ନେଇଯାଏ। ଝରଣାରେ ଜଳପାନର ବାହାନା କାଢେ । ସମଗ୍ର ଅବୟବରୁ ପରିଧାନ ଖୋଲି ଉତ୍ତେଜିତ କରାଏ ଏବଂ ଆକ୍ରମଣ କରି ମାରି ଦିଏ।

ଦିନେ ଗୈରିକ ବସ୍ତ୍ର ପରିଧିତ ବୃଦ୍ଧ ଅଶ୍ୱାରୋହୀ ଅପ୍ରତ୍ୟାଶିତ ଭାବେ ଯୁବତୀ ଜଣକୁ ଦେଖିଲେ ଓ ତା'ର ବିନମ୍ର ଅନୁରୋଧ ଶୁଣି ହତ ଚକତ ହୋଇଗଲେ। କ୍ଷୀଣ କଣ୍ଠରେ କହିଲେ, "କଏ ତୁମେ ମା'? ଏଇ ଅରଣ୍ୟରେ ଏକାକୀ ବୁଲୁଥିବାର ଅଭିପ୍ରାୟ ମୁଁ ଜାଣିବାର ଧୃଷ୍ଟତାପୋଷଣ କରୁଛି।"

"ମାଆ ବୋଲି ସମ୍ବୋଧନ କରି ମୋତେ ଉପହାସ କରନ। ମୁଁ ହତଭାଗିନୀ। ମୋ ସ୍ୱାମୀ ଯୌତୁକ ଜନତ ନର୍ଯ୍ୟାତନା ଦେଇ ମୋତେ ପରିତ୍ୟାଗ କରିଛନ୍ତି। ଏଇ ଜଙ୍ଗଲର ଆର ପାରିରେ ମୋ ମାଆ ଘର। ସେଠାକୁ ମୁଁ ଯାଉଛି। ଦୟା ପରବଶ ହୋଇ ତୁମ ଅଶ୍ୱ ପୃଷ୍ଠରେ ବସାଇ ମୋତେ ବଣ ସେପଟେ ଛାଡି ଦିଅନ୍ତୁ।" ଯୁବତୀ ଜଣକ ଦୁଃଖ ପ୍ରକାଶ କରି କହିଲା। "ଠିକ୍ ଅଛି, ଆସନ୍ତୁ ମାଁ ଅଶ୍ୱ ପୃଷ୍ଠରେ ବସନ୍ତୁ । ମୁଁ ଅଶ୍ୱଟିକୁ ଧରି ଚାଲି ଚାଲି ବଣ ପାର କରି ଦେଉଛି।" ବୃଦ୍ଧ କହିଲେ।

ଯୁବତୀ କହିଲା, "ମୋତେ ତୁମ କୋଳରେ ବସାଇ ଗୋଟିଏ ସୁଗଠିତ ତନୁଶ୍ରୀର ଅପୂର୍ବ ପରଶରେ ସ୍ୱର୍ଗ ସୁଖ ଲାଭ କରିବ। ଆସ ମୋତେ ଆଲିଙ୍ଗନ ପୂର୍ବକ ଅଶ୍ୱକୁ ଝପଟାଇ ନଅ। ପତି ପରିତ୍ୟକ୍ତା ମୋ ବିରହି ମନଟି ମିଳନ ପାଇଁ ବ୍ୟାକୁଳ ହୋଇ ଉଠୁଛି। ଆଉ ବିଳମ୍ବ କର ନାହିଁ। ଥରେ ମୋତେ ତୁମ କୋଳକୁ ଟାଣି ନଅ।"

ବୃଦ୍ଧ ଲଜ୍ଜିତ କଣ୍ଠରେ କହିଲେ, "ନା ମାଆ,ଆପଣ ଜଣେ ବିବାହିତା ସ୍ତ୍ରୀ। ପୁନଶ୍ଚ ପର ଦାରାକୁ ସ୍ପର୍ଶ କରିବା ତ ଦୂରର କଥା ତା'ଙ୍କୁ ଖରାପ ଦୃଷ୍ଟିରେ ଦେଖିବା ମୋ କଳ୍ପନାର ବାହାରେ। ଦୟାକରି ଆପଣ ମୋତେ ଲଜ୍ଜିତ କରନ୍ତୁ ନାହିଁ।"

ଗନ୍ତବ୍ୟରୁ କଛି ଦୂର ଅତିକ୍ରମ କଲା ପରେ ଯୁବତୀ ତୃଷ୍ଣା ନିବାରଣ ନିମନ୍ତେ ଅନତି ଦୂରରେ ଥିବା ନିର୍ଝରଣୀ ନିକଟକୁ ଅଶ୍ୱ ନେଇଯିବା ପାଇଁ ବୃଦ୍ଧଙ୍କୁ ଅନୁରୋଧ କଲେ। ତ୍ରିକାଳ ଦ୍ରଷ୍ଟା ସନ୍ନ୍ୟାସୀ ଜଣକ ମୂହୁର୍ତ୍ତକ ପାଇଁ ଆଖି ବୁଜି ଜଳ ସ୍ରୋତଟିକୁ ମାନସ ପଟରେ ଠାବ କଲେ। ଦିବ୍ୟଚକ୍ଷୁରେ ଦେଖିଲେ ସେଠାରେ ପଡ଼ିଛି କେତେକ ମଣିଷ କଙ୍କାଳ। ଗଭୀର ଚନ୍ତନ କରି ଜାଣିଗଲେ ତାଙ୍କର ଅଶ୍ୱପୃଷ୍ଠରେ ବସିଥିବା ଯୁବତୀ ଜଣକ ସେମାନଙ୍କ ସଂହାରକର୍ତ୍ତୀ। କଛି ସମୟ ପରେ ଆଖି ଖୋଲି କହିଲେ, "ଚାଲନ୍ତୁ ମାଁ, ମୁଁ ଆପଣଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏକ ଝରଣା କୂଳକୁ ନେଇ ଯାଉଛି।"

ଯୁବତୀ ଜଣକ ଅଶ୍ୱାରୋହୀ ସହିତ ଝରଣା କୂଳରେ ଉପସ୍ଥିତ ହେଲା। ପୂର୍ବ ଭଳି ଝରଣାର ତଟ ଦେଶରୁ କଟାକ୍ଷ ନୟନରେ ବୃଦ୍ଧକୁ ଚାହିଁ କହିଲା, "ହେ ଅଶ୍ୱାରୋହୀ ମୋତେ କାମନାର ତୃଷ୍ଣା ଜଳେଇ ଦେଉଛି। ଆସ ଥରୁଟିଏ ପାଇଁ ଆଲିଙ୍ଗନ କରି ମୋର ଅବଶୋଷ ପୂରଣ କର।" ଏତକ କହି ଯୁବତୀ ନିଜର ବାହ୍ୟ ଆବରଣ ଖୋଲିବାରେ ବ୍ୟସ୍ତ।

ବୃଦ୍ଧ ସନ୍ନ୍ୟାସୀ ଜଣକ ଗୁରୁ ଗର୍ଜନ ସ୍ୱରରେ କହିଲେ, "ରେ ପିଶାଚୀ, ତୋ ଅଭିନୟ ଶେଷ ହୋଇଛି। ଏଠାକୁ ପଥିକମାନଙ୍କୁ ଟାଣି ଆଣି ସେମାନଙ୍କୁ ତୁ ହତ୍ୟା କରି ଚାଲିଛୁ। ତତେ ଦେଖିଲା ବେଳୁ ମୁଁ ମୋ ଅନ୍ତଃଚକ୍ଷୁରେ ସମସ୍ତ ଘଟଣା ଦର୍ଶନ କରି ସାରିଥିଲି। ଯୌତୁକ ନିର୍ଯ୍ୟାତନା ଆଳରେ ତୁ ପର ପୁରୁଷକୁ ମାରିବାର ଅନ୍ୟାୟ କରିଛୁ। ତୁ କୁଳ କଳଙ୍କିନୀ। ନିଜର ପତି ଦେବତା ଥାଇ ପର ପୁରୁଷ ଠାରେ ମନ ଦେଇଥିଲୁ। ତୁ କ'ଣ ଭାବିଛୁ ଏମିତି ପୁରୁଷମାନଙ୍କୁ ପ୍ରଲୋଭିତ କରି ମାରି ଚାଲିଥିବୁ? ନା, ତାହା କଦାପି ହେବ ନାହିଁ। ମୁଁ ଈଶ୍ୱରଙ୍କ ନାଁ ନେଇ କହୁଛି ତୋ'ର ଅନ୍ୟାୟ ଏଠି ଶେଷ ହେବ।" ଏତକ କହି କମଣ୍ଡଳରୁ ଜଳ ଅଞ୍ଜୁଳାଏ ଢାଳଲେ। ପ୍ରେତାତ୍ମା ଆଡକୁ ମନ୍ତ୍ର କରି ଜଳ ସିଞ୍ଚନ ପୂର୍ବକ କହିଲେ, "ରେ ପିଶାଚୀ, ତୁ ଯଦି ସତରେ କୁଳ ମର୍ଯ୍ୟାଦା ଉଲଂଘନ କରି ପରିତ୍ୟକ୍ତା ହୋଇଥାଉ, ପର ପୁରୁଷରେ ମନ ଦେଇ ବ୍ୟାଭିଚାର କରିଥାଉ, ପ୍ରତିଶୋଧ ପରାୟଣ ହୋଇ ପୁରୁଷ ଉପରେ ସର୍ବଦା ଜଳୁଥାଉ ତେବେ ଏହି ଠାରେ ଏଇ ମୂହୁର୍ତ୍ତରେ ପାଷାଣ ହୋଇ ଯାଅ।"

ପ୍ରେତାତ୍ମାଟି ତ୍ରିକାଳଜ୍ଞ ସନ୍ନ୍ୟାସୀ ଜଣକୁ ବ୍ୟାକୁଳ ଚିତ୍ତରେ ନିବେଦନ କରୁଥାଏ। ଏଇ ପାପର ପ୍ରାୟଶ୍ଚିତ ସ୍ୱରୂପ ସେ ଭଳି କଠୋର ଦଣ୍ଡ ନଦେବାକୁ ଶତ ଅନୁରୋଧ କରେ। ମାତ୍ର----, ସନ୍ନ୍ୟାସୀ ଜଣକ ଉନ୍ମୁକ୍ତ ଆକାଶ ଆଡକୁ ବିସ୍ମିତ ବିସ୍ଫାରିତ ନୟନରେ ଥରେ ଚାହିଁଲେ। ପୁଣି ଦୃଷ୍ଟି ଫେରାଇ ଆଣିଲେ ପ୍ରେତାତ୍ମା ପାଷାଣ ଉପରକୁ। ନିକଟରେ ପ୍ରବାହିତ

ଝରଣାଟି ସତେ ଯେପରି କାତର ଦୃଷ୍ଟିରେ ସନ୍ନ୍ୟାସୀଙ୍କୁ ଅନେଇ କହୁଛି, "ହେ ମହାତ୍ମା, ଏଥିରେ ମୋର ଆଦୌ ଦୋଷ ନାହିଁ। ମୁଁ କଛି ବି ଦେଖି ନାହିଁ।। ମୁଁ ଚର ପ୍ରବାହିତ। ମୋର କାର୍ଯ୍ୟରେ ମୁଁ ସର୍ବଦା ସଚେତନ। ତେଣୁ ଅନ୍ୟ ପଟେ ମୋର ଦୃଷ୍ଟି ଯାଇନାହିଁ।"

ସନ୍ନ୍ୟାସୀ ଜଣକ ଝରଣାର ଭୟାତୁର ଭଙ୍ଗୀ ଦେଖି ଏକ ସ୍ମିତହାସ୍ୟ ପ୍ରକାଶ କରିଦେଲେ। କଙ୍କାଳଗୁଡିକ ସତେ କ ସନ୍ନ୍ୟାସୀଙ୍କ ସ୍ପର୍ଶରେ ପୁନଃ ଜୀବନ୍ୟାସର କ୍ଷୀଣ ଆଶା ନେଇ ଗୃତକ ପର୍‌ଏ ଗୃହିଁଛନ୍ତି। କାମୀକ କଙ୍କାଳର ହୀନ କାର୍ଯ୍ୟ ସ୍ମରଣ କରି ଧିକ୍କାର କଲେ। ତା'ପରେ ଅଶ୍ୱାରୋହଣ ପୂର୍ବକ ପାଷାଣ ପ୍ରେତାତ୍ମା ନକଟରୁ କ୍ରମଶଃ ଦୂରେଇ ଗଲେ ନଘଞ୍ଚ କାନନ ଭିତରକୁ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ମୁଁ କବି କିପରି ହେଲି ?



ରାଧାମୋହନ ପୂଜାହାରୀ

ଅଦିନିଆ ମେଘ ସାଜି
ସ୍ମୃତି ସବୁ ବୁନ୍ଦା ପରି,
ମୋର ଶୁଷ୍କ ଓଷ୍ଠେ ଯେବେ
ଅବେଳରେ ପଡ଼େ ଝରି,
ହୃଦୟରେ ଆଙ୍କିହୁଏ
କଳ୍ପନାର ଇନ୍ଦ୍ରଧନୁ,
ଭାବନାର ଶବ୍ଦଛିଟା
ଭାସିଉଠେ ଅନ୍ତର୍ମନୁ ।

ଶବ୍ଦ ତୋଳି ରଖୁଥାଏ
ମସ୍ତିଷ୍କର ସ୍ମୃତି ଘରେ,
ସେ ସବୁକୁ ସାଉଁଟେ ମୁଁ
ନିଜ ହସ୍ତେ ଆଦରରେ,
ଧୈର୍ଯ୍ୟହରା ମନ ଯଦି
ଯନ୍ତ୍ରଣାରେ କଷ୍ଟ ପାଏ,
ମଗ୍ନ ରହେ ଶବ୍ଦ ଖେଳେ
ବିଶ୍ୱ ଯେବେ ନିଦ୍ରା ଯାଏ ।

ମନ ହୁଏ ପୁଲକିତ
କହେ ମୋତେ ତୋଳିଧର,
ସୃଜନର ଶୁଭାରମ୍ଭେ
ଶବଦର କଷି କଢ଼,
ବୃକ୍ଷ ରୂପୀ ଶବ୍ଦକୋଷେ
ଶବ୍ଦ କଳି ଖୋଜୁଥାଏ,
ବଛା ବଛା ଶବ୍ଦ ସବୁ
ମନଲାଖି ତୋଳୁଥାଏ ।

ଶୋଷଣ ଓ ଅତ୍ୟାଚାର
ସବୁ ସୀମା ଲଙ୍ଘେ ଯେବେ,
ସତ୍ୟ ଏବଂ ଅହିଂସାର
ମେରୁଦଣ୍ଡ ଭାଙ୍ଗେ ତେବେ,
ଏ ଦୃଶ୍ୟେ ଅତିଷ୍ଠ ହୋଇ
କବି ରଚେ ନିଜ କର୍ମ,
ଖଡ୍ଗ ରୂପୀ କଲମେ ସେ
ପାଳୁଥାଏ କବି ଧର୍ମ ।

ମନେ ଆଶା ବାନ୍ଧି କରେ
ନବ ସମାଜର ସୃଷ୍ଟି,
ତା' ଉନ୍ନତି ପାଇଁ କବି
କରିଗଲେ କାବ୍ୟ ବୃଷ୍ଟି,
ମୋର ସବୁ ଦୁଃଖ ଯେବେ
ଯନ୍ତ୍ରଣାର ରୂପ ନେଲା,
ବ୍ୟାକୁଳ ମନକୁ ମୋର
କବିତା ହିଁ ପଥ ଦେଲା ।

ସେ ପଥେ ମୁଁ ଅଗ୍ରସର
ହେଲି ପଥିକଟେ ସାଜି,
ଆତ୍ମତୃପ୍ତି ପାଇଁ ନିଜ
ହସ୍ତେ କୃତି ରଚେ ଆଜି,
ଜୀବନାନୁଭବ କୁ ମୁଁ
କୃତି ରେ ମୋ ସ୍ଥାନ ଦେଲି,
ନିଜ ପାଇଁ ନିଜେ ଆଜି
କବି ରୂପେ ଉଭା ହେଲି ।

ବାଗମାରୀ, ବୀରମହାରାଜପୁର
ସୋନପୁର (ଓଡ଼ିଶା)

# ସାଗରର ଦୁଃଖ



ପ୍ରଭାତ ନଳିନୀ ସାହୁ

ଅସରା ଦୁଃଖ କ ତୁମରି ଅନ୍ତରେ
କରୁଅଛି ବିଗଳିତ,
ଗୁମୁରି ଉଠୁଛ ସେପାଇଁ ଜଳଧି
ହୋଇ ଉଦ୍ବିତ ପତିତ।
ରତ୍ନଗର୍ଭା ହୋଇ ରତ୍ନର ଭଣ୍ଡାରେ
ସଦା ପରିପୂର୍ଣ୍ଣ ତୁମେ,
ତଥାପି କମ୍ପାଇ ଗରୁ ଗରଜନେ
କମ୍ପାଉଛ ବେଳାଭୂମେ?
ମନର ବେଦନା ପ୍ରଶମନ ପାଇଁ
ତୁମରି ତଟରେ ଜନେ,
ହୟତ ଆସନ୍ତି କ୍ଷଣକେ ଭୁଲନ୍ତି
ତୁମ ରୂପ ଦରଶନେ।
ନୀଳକଣ୍ଠ ସାଜି ସବୁରି ଦୁଃଖକୁ
ତୁମେ କ କରୁଛ ପାନ,
ହଳାହଳ କୋପେ ବ୍ୟଥିତ ପରାଣ
କରେ ନିତି ଗରଜନ?

ତୁମରି ସାନ୍ଧ୍ୟ ସାନ୍ତ୍ୱନାର ଉତ୍ସ
ତଟର ବାଲୁକା ରାଶି,
ବିଜନ ବେଳାରେ କ ମଧୁ ଲେପଇ
ମୂହୁର୍ତ୍ତେ ଗଲେ ବସି।
ଶତ ତରଙ୍ଗର ମାଳା ନାଚୁଥାଏ
ତୁମ ପ୍ରଶସ୍ତ ବୁକୁରେ,
ଉଦାର ହୃଦୟେ ବକ୍ଷେ ତୋଳଧର
ମହନୀୟତା ଗୁଣରେ।
ଧନ୍ୟ ହେ ସାଗର,ଧନ୍ୟ ତୁମ ତୀର
ଦେଉଛ ସମାଜେ ଶିକ୍ଷା,
ପ୍ରଶାନ୍ତ, ଗାମ୍ଭୀର୍ଯ୍ୟ, ଔଦାର୍ଯ୍ୟରେ ପୂର୍ଣ୍ଣ
ହେଉ ସଦା ଆମ ଦୀକ୍ଷା।।

ଛେଣ୍ଡ କଲୋନୀ, ରାଉରକେଲା

# ମନ ଚୈତନ ସମ୍ବାଦ
# କରମନ ଚଇତନକୁ ଏକ



ଡ. ଅର୍ଜୁନ ଚରଣ ବାରିକ୍

କରମନ ଚଇତନକୁ ଏକ । ଖଗ ପରେ ଖଗ ପତିଙ୍କୁ ଦେଖ ॥୧॥
ଗରୁଡ ଆସନ ଶ୍ୟାମଳ ତନୁ । ଘନ ବରଣ କ କୋଟି ଅତନୁ ॥୨॥
ଉମାଶଙ୍କର ଚନ୍ତନ୍ତି ଯାହାଙ୍କୁ । ଚନ୍ଦ୍ର ଦିବାକର ଚକ୍ଷୁ ମୁହଁକୁ ॥ ॥
ଛତିଶା ନଯୋଗୀ ସେବକ ଯାର । ଜଗନ୍ନାଥ ନାମ ଅଟେ ତାହାର ॥୪॥
ଝସ ଅବତାର ଅଟେ ଯାହାର । ନଥିବ ନାହିଁ ଏମନ୍ତ ଠାକୁର ॥୫॥
ଟାଣପଣ ଯା ସଂସାରେ ବିରାଜେ । ଠକଣ ରାଧାକୁ ଶ୍ରୀକ୍ଷେତ୍ରେ ବିଜେ ॥୬॥
ଡାକୁଙ୍ଗର ଅଗ୍ରଗଣ୍ୟ ପୁରୁଷ । ଢାଙ୍କି ରହି ଅଛି ସେ ଦଶଦିଶ ॥୭॥
ନାହିଁ ତାର ସମ ସାମନ୍ତ ଜଣେ । ତାମରସ ମୁଖ ବେଦବଖାଣେ ॥୮॥
ଥରେ ଗ୍ରହିଁଲେ ତା କଳା ଶ୍ରୀମୁଖ । ଦାରୁଣ ଶମନ ନମାଡେ ପାଖ ॥୯॥
ଧରଣୀରେ ନାହିଁ ଏମନ୍ତ ଦିଅଁ । ନପାରେ ଦେଇ ନାହିଁ କଛି କୁହ ॥୧୦॥
ପରବତ ଟେକା ଚକାନୟନ । ଫାଶ ପାତିପାରେ ତିନ ଭୁନନ ॥୧୧॥
ବରଷକେ ଥରେ ନନ୍ଦିଘୋଷରେ । ଭରି ସରାଗତା ଶ୍ରୀଗୁଣ୍ଡିଗ୍ରରେ ॥୧୨॥
ମଧ୍ୟରେ ବସିଛି ଭଦ୍ରା ଭଗିନୀ । ଯାର ପାରୁଶେ ବିଜେ ହଳପାଣୀ ॥୧୩॥
ରଙ୍କରତନ ସେ ଦୁଃଖିର ଧନ । ଲବେ ଦେଖିଲେ ହରେ ଦୁଃଖମାନ ॥୧୪॥
ବସନପୀତ ନାମ ପୀତବାସ । ସକଳ ପ୍ରାଣୀଙ୍କର ପୁରାନ୍ତି ଆଶ ॥୧୫॥
ଶମନର ଡର ନାହିଁ ଯାପୁର । ଷାଠିଏ ପଉଟି ନତି ଆହାର ॥୧୬॥
ହରଣ କରଇ ସର୍ବ ପାତକ । କ୍ଷମା ସାଗର ସେ ପଙ୍କଜ ମୁଖ ॥୧୭॥
ଯଶ ବାନା ଉଡଇ ଫରଫର । ଲଙ୍କା ଭୁବନ ରାଜା ଦର୍ପହର ॥୧୮॥

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି -କେନ୍ଦ୍ରାପଡା

# ପେନ୍ଥାଏ ସୋରିଷ ଫୁଲ



ଅମୂଲ୍ୟ କୁମାର ପଣ୍ଡା

ଫୁଲ :-

ସୋରିଷ ଫୁଲର ମହକ ପାଇକ
ଭ୍ରମର ଉଡଇ କ୍ଷେତର ସାର୍
ଯେମିତି ଆକାଶେ ଫୁଲ ସମ ହୋଇ
ଚକ୍ ମିକ୍ କରେ ଅସଂଖ୍ୟ ତାର୍
ମନ ନଏ କଣି ସୋରିଷ ଫୁଲ
ଗୃଷୀ ଭଇ ଶ୍ରମ ସୁନ୍ଦର ଦିଶଇ
କଏ ଅବା ଦେବ ତାହାର ମୂଲ ।

କଆରୀ :-

ସତେକ ହଳଦୀ ପାଟ ଶାଢ଼ି ପିନ୍ଧି
ସୋରିଷ କଆରୀ ସୁନ୍ଦର ଦିଶେ
ନବ ବଧୁ ସମ ଲାଜେଇ ଲାଜେଇ
ମୁରୁକ ହସଇ ହଳଦି ବେଶେ
ସୁନା ଚକ୍ ଚକ୍ ସୋରିଷ କ୍ଷେତ
ମନେ ହୁଏ ସତେ ଲହର୍ ଫୁଲଟି
ଉଡାଉଛି ସତେ ସରଗ ନେତ ।

ପ୍ରଜାପତି :-

ସୋରିଷ ଫୁଲର ହୃଦୟକୁ ଛୁଇଁ
ପ୍ରଜାପତି ଯେବେ ଖେଳଇ ଦୋଳ
ହଳଦିଆ ରଙ୍ଗ ଛିଟ ଦେହେ ତାର
ଧୀରେ ଧୀରେ ପୁର୍ବ ହୁଅଇ ବୋଳ
ଦୁଇ ସୁନ୍ଦରତା କ୍ଷେତରେ ମିଶେ
ସରଗ ବକ୍ଷରେ ପାରିଜାତ ସମ
ସୁନ୍ଦର ଦୁର୍ଲଭ ମର୍ତ୍ତ୍ୟରେ ଦିଶେ ।

କାକର :-

ସୋରିଷ କ୍ଷେତରେ କାକରର ଟୋପା
ଫୁଲପରେ ଯେବେ ଝଟକୁ ଥାଏ
ସତେ ସୁନା ଦେହେ ହୀରାର ପଥର
ଚକ ମିକ କରେ ଛାଏଁ କୁ ଛାଏଁ
ବାଟ ଗଲା ଲୋକ ଆନନ୍ଦେ ଦେଖେ
କବି ଓ ଭାବୁକ ଦେଖିଦେଲେ ତାକୁ
ମାନସ ପଟରେ କବିତା ଲେଖେ

ଅରଙ୍ଗାବାଦ, ବରୀ, ଯାଜପୁର

# ନାଟକ

## ||ରାମ ରାବଣ ରାମାୟଣ||



ସୁଧାଂଶୁ ଶେଖର ଦ୍ୱିବେଦୀ

### || ୭ମ ଦୃଶ୍ୟ ||

(ଦଶରଥ ସିଂହଙ୍କ ବଙ୍ଗଳା। ସ୍ୱୟଂ ସେ ଚନ୍ତାମଗ୍ନ ଭାବେ ଟହଲ ମାରୁଥାନ୍ତି। ପ୍ରବେଶ ପଥେ ମ୍ୟାନେଜର ସୁମନ୍ତ ରାୟ ହାତରେ ଫାଇଲ ଧରି ଠିଆ ହୋଇଥାନ୍ତି।)

ସୁମନ୍ତ- ସାର! ମୁଁ ଭିତରକୁ ଆସିପାରେ?

ଦଶ- ଓ ସିଓର। ଆସନ୍ତୁ ଆସନ୍ତୁ ମ୍ୟାନେଜର। ବିନା ଦ୍ୱିଧାରେ ଆସି ପାରନ୍ତି।

ସୁମନ୍ତ-(ପ୍ରେବେଶି)ସାର! ଏଇ ସେ ବାସନ୍ତୀ ଜଙ୍ଗଲର ଲିଜ ପେପର। ସବୁ ପେପରରେ ଆପଣଙ୍କୁ ସାଇନ କରିବାକୁ ହେବ।

(ଦଶରଥ ପେପର ନେଇ ନରିଖେଇ ଦେଖନ୍ତି)ହୁଁ-ଠିକଅଛି, ଆଛା ଆଉ କଛି ପ୍ରବ୍ଲେମ ହୋଇନାହିଁ ତ?

ସୁମନ୍ତ- ନା ସାର, ସେମିତି କଛି ପ୍ରବ୍ଲେମ ହୋଇନାହିଁ ତେବେ ରାଣା ସାମନ୍ତରାୟ କଛି ଗୁଣ୍ଡାଙ୍କ ଦ୍ୱାରା ମୋ ଉପରେ ଏଟାକ କରିବାକୁ ଆସିଥିଲା। କନ୍ତୁ ଠିକ ସମୟରେ ପୋଲିସ ଫୋର୍ସ ପହଞ୍ଚି ଯିବାରୁ ସବୁ ସମାଧାନ ହେଇଗଲା।

ଦଶ- ହାଓ ଷ୍ଟ୍ରେଞ୍ଜ! ଲୋକଟା ନଜକୁ ନଜେ ରାଜା ବୋଲି ମନେ କରୁଛି। ଏବେ ତା ଖେଳ ଶେଷ। ବାସନ୍ତୀ ଜଙ୍ଗଲ ମୋ ହାତ ମୁଠାରେ। ସେଠାରୁ ସେ ଗୋଟେ ବି ପତ୍ର ଛିଡେଇ ପାରିବ ନାହିଁ।

କୈକେୟୀ- (ହାତରେ ମିଠା ପ୍ୟାକେଟ ଧରି ପ୍ରବେଶ) ଶୁଣୁଛ? ଦେଖି ଦେଖି ଆଁ କଲ।

ଦଶ- ସମୟ ବାହାର କରି ମୁଁ ଏ ପେପରରେ ସାଇନ କରି ଦେବି । ତୁମେ ଏବେ ଆସିପାର ମ୍ୟାନେଜର।

ସୁମନ୍ତ- ଓକେ ସାର ଗୁଡ଼ ନାଇଟ।(ପ୍ରସ୍ଥାନ)

ଦଶ- ଆରେ କିଛି କଥା ନାହିଁ ବାର୍ତ୍ତା ନାହିଁ ଆଁ କର। କଥା କଣ? ତୁମେ ଏମିତି ଖୁସିରେ ଫାଟି ପଡୁଛ କଣପାଇଁ?

କୈକେୟୀ- ଖୁସି କଥାଟା ପରେ ପ୍ରଥମେ ମୁହଁ ଖୋଲି ମିଠା ଖାଇସାର ତାପରେ ଖୁସିରେ ତୁମେବି ନାଚ ଉଠିବ।

ଦଶ-ଆଛା! ଏମିତି କ କଥା ଯେ ମୁଁ ଖୁସିରେ ନାଚଉଠିବି?

କୈକେୟୀ- ଓଃ ହୋ ତୁମେ ତ ଜିଦ୍‌ରୁ ଶିର୍ ବାହାର ନକଲ୍ ଯାଏ ନା ମୋ କଥା ଶୁଣିବ ନା ମିଠା ଖାଇବ।

ଦଶ- ନା ନା ଏତେ ସର୍‌ଗରେ ମିଠା ଖୋଇବ ବୋଲି ଆସିଛ ମାନେ ତୁମ କଥା ତ ଆଗେ ମାନବାକୁ ହେବ। ହଉ ମୁହଁ ଖୋଲିଲି ଦିଅ।

କୈକେୟୀ- (ମିଠା ଖୋଇସାରି) ହୁଁ କେମିତି ଲ୍‌ଗୁଛି?

ଦଶ- ମିଠା କେବେ ଖଟା ଲ୍‌ଗେନା କଣ? ହଉ ତୁମେ ମୋ ସାଙ୍ଗରେ ଆଉ ସେ ପହେଳ ନକରି ଶୀଘ୍ର କହିଲ ଖୁସି ଖବର ଟା କଣ?

କୈକେୟୀ- ଖାଲି କଣ ସେମିତି ସେମିତି କହିଦେବି?

ଦଶ - ତାହେଲେ ମୋତେ କିଛି ପଇଠ କରିବାକୁ ପଡିବନା କଣ?

କୈକେୟୀ- ମୁଁ ଯାହା ମାଗିଲେ ମୋତେ କଣ ସେଇୟା ଦେଇ ପାରିବ?

ଦଶ - ଥରେ ମାଗି ଦେଖ ଦଶରଥ ସିଂହ ଯାହାକୁ ଥରେ କଥା ଦିଏ ସେ କଥାର ଖିଲାପ ହୁଏନାହିଁ।

କୈକେୟୀ- ହଉ ହେଲା ସମୟ ସୁବିଧା ଦେଖି ମୁଁ ତୁମଠାରୁ କେବେ କଛି ମାଗିନେବି। କନ୍ତୁ ଏବେ ଯେଉଁ ଖୁସି ଖବରଟା ମୁଁ କହିବି..... ।

ଦଶ - କଣହେଲା ଅଟକ ଗଲ କାହିଁକ**?** କଣ କହିବା କଥା କହୁନ**?..**

କୈକେୟୀ- ନା ବାବା ନା କାନ୍ଥର ବି କାନ ଅଛି। କଏ ଯଦି ଶୁଣିନେବ**?**

ଦଶ - ତମ ମୋ ବ୍ୟତୀତ ଏଠି ଆଉ କଏ ଅଛି କହିଲ**?** ପ୍ଲିଜ କୁହନା କୈକେୟୀ।

କୈକେୟୀ- ତୁମେନା**....**

ଦଶ - ଆରେ କୁହ କୈକେୟୀ ଏମିତି ନାଟକ କଣପାଇଁ କରୁଛ**?**

କୈକେୟୀ- ତୁମେ **....**

ଦଶ - ହଁ ମୁଁ**....**

କୈକେୟୀ- ତୁମେ ବାପା ହେବାକୁ ଯାଉଛ।

ଦଶ - ହ୍ୱାଟ**???...**

କୈକେୟୀ-ଇଏସ ତମେ ଆଉ କଛିଦିନ ପରେ ବାପା ହୋଇ ଯିବ।

ଦଶ - କୈକେୟୀ ଇଉ ଆର ଗ୍ରେଟ। ସତରେ ତୁମେ ମୋ ବଂଶର ମାନ ମର୍ଯ୍ୟାଦାକୁ ରଖିଦେଲ। **(**ଆନନ୍ଦରେ ଉଲ୍ଲସିତହୋଇ କୈକେୟୀଙ୍କୁ ଟାଣି ଆଣି କସ ଦେବା ସମୟରେ**)**

କୈକେୟୀ- ଆରେ -ରେ ଏ କଣ କରୁଛ**?** ତୁମର ଏ ପୁରଷ୍କାର ର ହକଦାର ମୁଁ ନୁହେଁ ଅପା।

ଦଶ - ତାମାନେ କୌଶଲ୍ୟା**....**

କୈକେୟୀ- ହଁ ଡକ୍ଟର ଏବେ ଅପାଙ୍କୁ ଚେକଆପ କରି କହି ଗଲେ ଆଉ ୭ ମାସ ପରେ ଏ ବଂଶକୁ ଜଣେ ନୂଆ ଅତିଥି ଆସିବ।

ଦଶ - ହେ ଭଗବାନ! ଏସବୁ କଣ ହେଇଯାଉଛି? ମଣିଷ ଯାହା ଭାବିଥାଏ ତାର ବିପରୀତ ହେବାଟା କଣ ନହାତି ଆବଶ୍ୟକ? ଅପେକ୍ଷାର ଶେଷ ସୀମାରେ ପହଞ୍ଚି ପୁଣିଥରେ ପାଣି ଗ୍ରହଣ କଲି। କନ୍ତୁ ଯାହାପାଇଁ ଅପେକ୍ଷା କରିଥିଲି ସେଇହିଁ ପୁଣି ଆଶା ର ଆଲୋକ ଜାଳୁଛି। ତୁମର ଖୁବ ଚମତ୍କାର ଲୀଳା ପ୍ରଭୁ। ଖୁବ ଚମତ୍କାର ଲୀଳା।

କୈକେୟୀ- ଆରେ ଏ ଖୁସିର ଦିନରେ ମନ ଦୁଃଖ କାହିଁକ କରୁଛ?

ଦଶ - ଅତିରିକ୍ତ ଖୁସି ବହୁତ ଗୁଡିଏ ଦୁଃଖର କାରଣ ହୋଇ ଥାଏ କୈକେୟୀ। ସେଇଥିପାଇଁ ହୁଏତ ଖୁସିକୁ ଆଣ୍ଡାଳବା ବେଳେ ଦୁଃଖର କଛି ଅଶ୍ରୁ ନଗିଡି ପଡିଛି।

କୈକେୟୀ- ଏଥିରେ ନା ତୁମର ଦୋଷ ନା ମୋର ଦୋଷ? ଯାହା ଆମପାଇଁ ଲେଖା ଅଛି ତାକୁଇ ଅକ୍ଷରେ ଅକ୍ଷରେ ପାଳନକରିବାକୁ ହେବ।

ଦଶ - ହଁ ତା ବ୍ୟତୀତ ଆଉ ଉପାୟ କଣ ଅଛି ଯେ...

କୈକେୟୀ-ଶୁଣ ମୋ କଥା ମାନ ଅପାଙ୍କ ପାଖକୁ ଯାଅ। ସେ ତୁମକୁ ଏକଥା ଶୁଣେଇବାକୁ କେତେବେଳରୁ ଅପେକ୍ଷା କରିଛନ୍ତି। ଚ୍ଲଲିଲ, ମୋ ସାଙ୍ଗରେ ଚ୍ଲଲ।

**(ଦୁହେଁ ଯିବାକୁ ଉଦ୍ୟତ)**

**(ମଞ୍ଚ ଅନ୍ଧାର)**

## || ୮ମ ଦୃଶ୍ୟ ||

**(**ଦ୍ୱିତ ମଞ୍ଚରେ ବାସନ୍ତୀ ଜଙ୍ଗଲର ଦୃଶ୍ୟ।ଦଳେ କାଠୁରିଆ ଗଛ କାଟୁଥାନ୍ତି। ସେମାନଙ୍କୁ ଗାବରୁ ଗାଇଡ଼ କରୁଥାଏ। ପ୍ରଥମ ମଞ୍ଚ ରେ ରାଣା ସାମନ୍ତରାୟ ସିଗାରେଟ ଟାଣିବା ସହିତ ନଜେ ନଜେ କହୁଥାନ୍ତି**)**

ଗ୍ରଣା- ଫସେଇଦେବ....(ହସ) ହୁଁ ଜଙ୍ଗଲ କଣ୍ଟ୍ରାକ୍ଟର ଗ୍ରଣା ସାମନ୍ତ ରାୟକୁ ଫସେଇବା ଏତେ ସହଜ ନୁହେଁ। ହାର୍‌ମଜାଦା ଦଶରଥ ସିଂହ ତୁ ଜାଣିନାହୁଁ ଏ ଜଙ୍ଗଲ ମୋର। ମୁଁ ଗ୍ରଣା ସାମନ୍ତରାୟ ଦୃଢ଼ କଣ୍ଠରେ ଚକ୍ରାର କରି କହୁଛି ଏ ଜଙ୍ଗଲ ମୋର। ମୋ ବଂଶଧର ମାନଙ୍କର, ମୋ ସାତ ପିଢ଼ିର। ଜଙ୍ଗଲ ମୋର ଥିଲା ମୋର ହୋଇ ରହିବ। ମୋତେ କେହି ଫସେଇ ପାରିବେନାହିଁ। ଆବେ ହେ ଗାବରୁ... !

ଗାବରୁ- (ଦ୍ରୁତ ମଞ୍ଚରୁ) ଜୀ ମାଲିକ!

ଗ୍ରଣା- ଆବେ ଠିଆ ହୋଇ କାହା ସାଙ୍ଗରେ ଗପୁଛ ବେ-ଆବେ କାମ କର। ଗାନ୍ଧୀ କହିଥିଲା ତମମାନଙ୍କର ମନେ ନାହିଁ କାମ ନକଲେ ଖାଇବା ବନ୍ଦ, ହାତ ନଚଳଲେ ଭାତ ବନ୍ଦ। ଆଉ ତୁମେ ଶଳା ଠିଆ ହୋଇ ଗପରେ ମାତିଛ। ଆଜିରେ ସବୁ ଗଛକୁ କାଟି, ସାଇଜ କରି ସ-ମିଲକୁ ପଠାଇଦିଅ। (ଦ୍ରୁତ ମଞ୍ଚ ରେ ସମସ୍ତେ ପୁଣି ଗଛ କାଟିବାକୁ ଲାଗିଲେ।) ଶଳା କାହିଁ କୋଉ ଯୁଗରୁ ମୋ ବାପ ଅଜା ଅମଳରୁ ବାସନ୍ତୀ ଜଙ୍ଗଲରୁ କାଠ, ହାତୀ ଦାନ୍ତ, ବାଘ ନଖ, ହରିଣ ସିଙ୍ଘ, ଛାଲର ବ୍ୟବସାୟ କରୁଛୁ। ଆଉ ଆଜି ଶଳା ନୂଆ ଭୂଆଶୁଣି ହୋଇ ଦାବି କରି କହିବ ବାସନ୍ତୀ ଜଙ୍ଗଲ ତାର। ନୋ ନେଭର, ବାସନ୍ତୀ ଜଙ୍ଗଲ ମୋର। ଆଉ କାହାରି ନୁହେଁ କ ଆଉ କାହାର ହେବାକୁ ଦେବି ନାହିଁ। ଏଠାକାର ସ୍ଥାବର ଅସ୍ଥାବର ସ୍ଥାନର ସତ୍ତ୍ୱାଧିକାରୀ ଗ୍ରଣା ସାମନ୍ତରାୟ।

ଗାବରୁ- ମାଲିକ-ମାଲିକ (ଭୟରେ ଦୌଡ଼ି ଦୌଡ଼ି ଆସେ)

ଗ୍ରଣା- କ ବେ ଏମିତି ଡ଼ରକୁଳା ବିଲୁଆ ଭଳ ଧାଇଁଛୁ କାହିଁକ?

ଗାବରୁ- ସବ ଗଡ଼ବଡ଼ ହୋ ଗୟା ମାଲିକ।

ଗ୍ରଣା- କ୍ୟା ହୁଆ?

ଗାବରୁ- ଓ ଦେଖିଏ (ଆଙ୍ଗୁଳ ନର୍ଦ୍ଦେଶରେ ଦେଖାଏ। ଦ୍ରୁତ ମଞ୍ଚ ରେ ଫରେଷ୍ଟର କନେଷ୍ଟବଳ ଗୁଣ୍ଡୁଚ ସହିତ କାଠୁରିଆ ମାନଙ୍କୁ ଗଛ ନକାଟିବାକୁ ନବର୍ତ୍ତାଉଥାନ୍ତି।)

ଗ୍ରଣା- ଆବେ ଶଳା, ଏ ଫରେଷ୍ଟରଟା କୋଉଠୁ ଆସିଲା ବେ?

ଫରେଷ୍ଟର- (ପ୍ରବେଶୀ) ଗ୍ରଣା ସାମନ୍ତରାୟ ଆପଣଙ୍କର ସମସ୍ତ ଅବୈଧ କାରବାର ବିଷୟରେ ଦଶରଥ ସିଂହ ଫରେଷ୍ଟ ଅଫିସ ରେ ରିପୋର୍ଟ ଦେଇଛନ୍ତି। ତେଣୁ ଆପଣ ଆଇନ ଦୃଷ୍ଟିରେ ଜଙ୍ଗଲ ନଷ୍ଟ କରିବା ସହିତ ବନ୍ୟ ଜୀବଜନ୍ତୁଙ୍କୁ ମାରି ବ୍ୟବସାୟ କରୁଥିବା ଅପରାଧରେ ଆପଣଙ୍କୁ ଓ ଆପଣଙ୍କ ୱାର୍କର ମାନଙ୍କୁ ଏରେଷ୍ଟ କରିବାକୁ ବାଧ୍ୟ ହେଉଛି।

ଗ୍ରଣା- ଫସେଇଦେଲ୍‌ବେ ଗାବରୁ। ଦେଖନ୍ତୁ ମୋତେ ସେ ଆଇନ ଫାଇନ ପାଠ ପଢ଼ାନ୍ତୁ ନାହିଁ। ଆଇନ ପାଠ ଆପଣଙ୍କ ଅଫିସରେ ବିସି ପଢିବେ ଯାଆନ୍ତୁ। ଏଇଟା ଜଙ୍ଗଲ। ଏ ଜଙ୍ଗଲ ମୋର। ଏଠି କେବଳ ଗ୍ରଣା ସାମନ୍ତରାୟର ଆଇନ ଗ୍ଲେ।

ଫରେଷ୍ଟର-ତାମାନେ ଆପଣ ମୋତେ ଧମକ ଦେଉଛନ୍ତି?

ଗ୍ରଣା- ନା ନା ଧମକ ନୁହେଁ ଗିଫ୍ଟ ଦେବାକୁ ଗ୍ହୁଁଛି। ଏଇ ନଅନ୍ତୁ ପୁରା ପଗ୍ଶ ଅଛି। (ଟଙ୍କା ବଣ୍ଡଲ ଯାଚେ)

ଫରେଷ୍ଟର- ଆପଣ ମୋତେ ଲାଞ୍ଚ ଦେବେ?

ଗ୍ରଣା- ଫସେଇବା କଥା କହୁଛନ୍ତି ଆପଣ। ଆରେ ଏଇଟା ଲାଞ୍ଚ ଫାଞ୍ଚ କଛି ନୁହେଁ। ଗଙ୍ଗାରେ ବୁଡ଼ ପକେଇବାକୁ ହେଲେ କଛି ଦକ୍ଷିଣା ଦେବାକୁ ହୁଏ ବୋଲି ମୁଁ ଜାଣେ। ସେଇ ଦକ୍ଷିଣା ସ୍ୱରୂପ କଛି ଦେଉଛି ରଖି ଦିଅନ୍ତୁ।

ଫରେଷ୍ଟର- ଇଉ ସେଟଅପ! ଆପଣ ମୋତେ କଣ ଭାବିଛନ୍ତି? ଲାଞ୍ଚଖୋର? ଆଉ କାହାକୁ ହୁଏତ ଆପଣ ଲାଞ୍ଚ ଦେଇ ଭୁଲେଇ ପାରନ୍ତି କନ୍ତୁ ମୁଁ ଏଠିକୁ ଆସିଛି ଆପଣଙ୍କ ହାତରେ ହେଣ୍ଡକପ ଲଗାଇବି।

ଗ୍ରଣା- ଫେର ଫସେଇଦେଲ୍‌ରେ ଗାବରୁ। ହେଲେ ମୁଁ ଫସିବି ନାହିଁ କ ଏରେଷ୍ଟ ହେବିନାହିଁ।

ଫରେଷ୍ଟର- ଏଭଳ ଅଭିନୟ କୌଣସି ନାଟକରେ କଲେ ଆପଣଙ୍କୁ ଶୋଭା ଦେବ। କନେଷ୍ଟବଳ..

ଗୁଣ୍ଡୁଚ- ଇଏସ ସାର!

ଫରେଷ୍ଟର- ଏରେଷ୍ଟ ହିମ।

ଗ୍ଣା- ଏ ଫରେଷ୍ଟର! ଇଚ୍ଛାକଲେ ମୁଁ ତୋତେ ଏଇଠି ଏଇ ମୁହୂର୍ତ୍ତରେ କାଟି କୁଟେଇ ମୁଦୁକ ଗୁଳା କରିଦେବି। କିନ୍ତୁ ନା ଏତେଟା ନିର୍ଦ୍ଦୟୀ ହେବା ଠିକ ନୁହେଁ। ଶୁଣିଛି ତୁ ଜଣେ ଭଲ ଫେମିଲି ମେଣ୍ଟେନାନ୍ସ। ଏଇ ଜଷ୍ଟ କିଛିଦିନ ତଳେ ନୂଆ ନୂଆ ସାଦି ହୋଇଛି।

ଫରେଷ୍ଟର- ମୋ ଫେମିଲି ହିଷ୍ଟ୍ରି ଶୁଣେଇବାକୁ ମୁଁ ଏଠିକୁ ଆସିନାହିଁ।

ଗ୍ଣା- ମୁଁ ଜାଣେ ତୁ କଣପାଇଁ ଏଠିକୁ ଆସିଛୁ। ସେଇଥିପାଇଁତ ପଚ୍ଚଶ ଦେଉଛି। ନେ ରଖିଦେ..।

ଫରେଷ୍ଟର- କାର୍ଯ୍ୟସିଦ୍ଧି ପାଇଁ ଭଗବାନ ଶ୍ରୀକୃଷ୍ଣ ହୁଏତ ଗଧ ପାଦ ଧରିପାରନ୍ତି କିନ୍ତୁ ମୁଁ ନ୍ୟାୟ ବିରୁଦ୍ଧରେ ଅନ୍ୟାୟ ଆଚରଣ କରି ଲାଞ୍ଚ ନେଇ ପାରିବି ନାହିଁ। କନେଷ୍ଟବଳ ହେଣ୍ଡକପ ଲଗାଅ (ସହସା ଏକ ଛୁରୀକୁ ଫରେଷ୍ଟର ଗଳାରେ ଲଗାଇ)

ଗାବରୁ- ଖବରଦାର! ଆପ ହମାର୍ ମାଲିକ କେ ହାଥ ମେ ହାଥକଡି ଲଗାନେ ସେ ପହଲେ ଆପକୋ ମେ ଖତମ କରଦୁଙ୍ଗା।

ଗ୍ଣା- ବ୍ରାଭୋ- ବ୍ରାଭୋ ମାଇଁ ଗାବରୁ। କଣ କଲୁ ତୁ! ଫରେଷ୍ଟର ମୋତେ ଏବେ ପିସ୍ତଲ ଦେଇଦିଅ। (ସ୍ୱୟଂ ଫରେଷ୍ଟର ହାତରୁ ପିସ୍ତଲ ଛଡେଇ ଆଣନ୍ତି।)

ଫରେଷ୍ଟର-ଗ୍ଣା ସାମନ୍ତରାୟ....(ଚତ୍କାର)

ଗ୍ଣା- ମୁଁ ଜାଣେ ତୁ ଚଲେଇବୁ, ମୋତେ ଗାଳିଦେବୁ ହେଲେ ନିରୁପାୟ। ବିଚରା ତୁଛାଟାରେ ଫଁ ଫଁ ହେଉଛୁ। ତୋ ବିଷଦାନ୍ତ ପରା ମୋ ହାତରେ। ମାନିଯା ଦକ୍ଷିଣା ନେଇ ଚ୍ଲିଯା। ମୋତେ ଆଉ ଫସାନା।

ଦଶ- (ଗ୍ଣା ପିଠିରେ ପିସ୍ତଲ ଲଗାଇ) ବି କେୟାରଫୁଲ ଗ୍ଣା ସାମନ୍ତରାୟ। ସୁନାପିଲା ପରି ଫରେଷ୍ଟରଙ୍କ ପିସ୍ତଲ ଦେଇଦିଅ ଓ ଗାବରୁକୁ କୁହ ଛୁରୀ ହଟେଇନେବ। ନହେଲେ ମୋତେ ଗୋଟେ ସେକେଣ୍ଡ ଲାଗିବନାହିଁ ପିସ୍ତଲରୁ ଗୁଳି ଫୁଟେଇବାକୁ।

ଗ୍ଣା- ଗାବରୁ ଛାଡ଼ିଦେ ଛାଡ଼ିଦେ ତାକୁ। (ଗୁଣ୍ଡୁଚ ଗାବରୁ ହାତରୁ ଛୁରୀ ଜବତ କଲ )

ଦଶ - ଏଥର ଆପଣ ଏମାନଙ୍କୁ ଏରେଷ୍ଟ କରିପାରନ୍ତି ଫରେଷ୍ଟର।

ଫରେଷ୍ଟର- କନେଷ୍ଟବଳ ସମସ୍ତଙ୍କ ହାତରେ ହେଣ୍ଡକପ ଲଗାଅ (କନେଷ୍ଟବଳ ଗୁଣ୍ଡୁଚ ଦୁହିଁଙ୍କ ହାତରେ ହାତକଡି ଲଗାଏ)

ଗ୍ଣା- ମାଲଓ୍ୱାର ଲୋକକଥା ଶୁଣିଛ ଦଶରଥ ବିରୁଡି ବସାକୁ ଟେକା ମାରିବା ଯାହା ମୋ ବିରୁଦ୍ଧରେ ରିପୋର୍ଟ ଲେଖି ପୋଲିସ ହାତରେ ଧରେଇ ଦେଇ ଫସେଇ ଦେବା ସେଇୟା।

ଦଶ - ତୁମେ କଣ ଭାବିଥିଲ ବାସନ୍ତୀ ଜଙ୍ଗଲରୁ ଅବୈଧ ଗଛ କାଟିବ ଜିବଜନ୍ତୁଙ୍କ ଦାନ୍ତ, ଚମଡା, ନଖ ଓ ଆହୁରି ଅନେକ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରି କଳା ବଜାର କରିଥାନ୍ତ? ସେ ସମୟ ଆଉ ନାହିଁ ଗ୍ଣା ସାମନ୍ତରାୟ। ଏବେ ଏ ଜଙ୍ଗଲ ମୋର। ମୁଁ ଦୀର୍ଘଦିନ ଯାଏ ଏହାକୁ ଲିଜ ନେଇଛି। ମୋ ଜଙ୍ଗଲରୁ କେହି ପତ୍ରଟିଏ ବି ନେଇପାରିବେ ନାହିଁ।

ଗ୍ଣା- ଥରେ ଥରେ ତୁମରି ଭଳି ମଣିଷମାନେ ବରଫରେ ମୂର୍ତ୍ତି ଗଢ଼ନ୍ତି। ଅଥଚ ସେଇଟା ତରଳଗଲେ ସେମାନେ କାନ୍ଦିବା ଆରମ୍ଭ କରି ଦିଅନ୍ତି।ଏଭଳି କଥାର ତାତ୍ପର୍ଯ୍ୟ କଣ ମୁଁ ଜେଲରୁ ଫେରିଲେ ପ୍ରଥମେ ତୁମକୁ ଜଣାଇବି।

ଦଶ - ଓକେ ମୁଁ ମଧ୍ୟ ସେଇ ଦିନକୁ ଅପେକ୍ଷା କରି ରହିବି।

ଗ୍ଣା- ଦଶରଥ ସିଂହ! ଆଉ ଗୋଟେ କଥା ଭଲଭାବେ ମନେ ରଖିଥିବ ବାଘକୁ ଜନ୍ତାରେ ପଶିବା ଦେଖି ସମସ୍ତେ ହସନ୍ତି। କିନ୍ତୁ ଘାଇଲା ବାଘ ଯେତେବେଳେ ଜନ୍ତାରୁ ବାହାରେ ସେତେବେଳେ ସମସ୍ତେ କାନ୍ଦନ୍ତି। (ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି -୭୪, ସେକ୍ଟର-୧,

ସଲ୍ଟ ଲେକ୍, କୋଲକତା

email-dwibedysudhansu@gmail.com

# ତରଣି ବୁଡିଲା ବାରୁଣୀ ରେ

ଚମ୍ପୁ ରାଗ-କାମୋଦୀ



ଅଲେଖ ମେହେର

ତରଣି ବାରୁଣୀରେ ବୁଡିଲା ରେ, ତନୟମଣୀ କାୟା ତେଜିଲା ରେ।
ତରାଟି ଇକ୍ଷଣ କରିଲେ ବିକ୍ଷଣ ବିହାୟସେ ତୋର କାନ୍ତି  ଛାଇଗଲା ରେ ।ପଦ
ତରୁଣ ନୋହିଲୁ କଶୋରେ ଛାଡିଲୁ କସ ଅପରାଧ କରିଅଛି ଭଲା,
ତତଲା ଲୁହାରେ ଭିଜଇ ଚବୁକ ଦଶନବସନ ମୌନେ ବସିଲା ରେ।୧
ତରୁକଳ୍ପ ଆମ୍ରର ବଏଶାଖିରେ ଅଚଳା ଗର୍ଭରୁ ଓପାଡି ଫିଙ୍ଗିଲା,
ତିରସ୍କାରି ବିହି ମରଣ ଲିହିଲା ପଦାବ୍ଜେ ବିନତୀ ସ୍ୱିକାର ନୋହିଲା ରେ।୨
ତରଣୀ ତଟକୁ ଲାଗିବା ନୋହିଲା ଭବାର୍ଣ୍ଣବେ ଲୁପ୍ତ ବିଧ୍ୱଂଶିତ ହେଲା,
ତଥାପି ବଞ୍ଚାଇ ରଖିଛି ବିରଞ୍ଚି କପାଳ ଫଟେଇ ଭରିଅଛି କଳା ରେ।୩
ତମ ଘୋର ଛାଇ କକୁଭ ଉଭେଇ ଐରେୟ ଜ୍ୟୋତି ହୃଦରୁ ଛଡାଇଲା,
ତପ୍ତବାଲି ଶେଜ ବିଛାଇ ନୟତୀ ବସ୍ୱର ଅମୂଲ ରତନ  ହରିଲା ରେ।୪
ତାତ ହୋଇ ବ୍ରହ୍ମାଣ୍ଡର ହେଲ ଶିଳା ଭଜି ତୁମ୍ଭ ନାମ  ମୋ'ବଂଶ  ବୁଡିଲା,
ତୁଟିଲା ଆସ୍ତିକ ସାଜିଲି ନାସ୍ତିକ  ଯାଯାବର ଭାଗ୍ୟରେ  ପୁନ୍ର ନୋହିଲା ରେ ।୫

ସୋହେଲା, ବରଗଡ

# ସେଦିନ ର ସ୍ମୃତି



ନନ୍ଦିନୀ ରାଉତ

ମନ ଉପବନେ ମଧୁପ ସାଜିଣ
  ଦିବାନିଶି ବୁଲୁ ଥିଲ
ସମୟ ସ୍ରୋତ ରେ ଭସି ଯାଇ କବା
  ସବୁ ଆଜି ଭୁଲି ଗଲ...... 1
କେଉଁ ଲଗନ ରେ ପ୍ରଥମ ଦେଖାରେ
  ପାଇଥିଲି ମୁଁହି ଭଲ
ସ୍ନେହ ପ୍ରେମ ସବୁ ପିୟୁଷ ଯେ ଥିଲ୍
  ତୁମେ ମୋ ପରାଣ ଥିଲ..... 2
ପ୍ରଜାପତି ପରି ଉଡି ବୁଲୁଥିଲି
  ହୃଦୟେ କରିଲ ବନ୍ଦୀ
ପାଦରେ ମୋହର ବେଡୀ ପକାଇଲ
  ତୁମ  ପାଶେ ହେଲି ଛନ୍ଦି..... 3
ପ୍ରତି ମୁହୂର୍ତ ରେ ପ୍ରେମ ଅଗଣା ରେ
  ବୁଲୁଥିଲେ ଆମେ ଦୁଇ
ପାରିଜାତ ପୁଷ୍ପ ସରଗ ରାଇଜୁ
  ଆଣୁଥିଲ  ମୋର ପାଇଁ.... 4

ଗୃନ୍ଦ କୁ କରିଲ ଟିକଲି ମୋହର
  ବଉଦ କଜଳ ଗାର
ସାଗର ମୋପାଇଁ କାଳୀ କରିଥିଲ
  ପର୍ବତ ମସୀ ତୁମର.... 5
ହୃଦୟ ସ୍ପନ୍ଦନ ଖୋଜୁଥିଲ୍ ସଦା
  କାହିଁ ଗଲ୍ ସେହି ଦିନ
ପ୍ରେମ ପ୍ରୀତି ସ୍ନେହ ମିଛ ହେଲ୍ ସବୁ
  ସତେକି ଦିବା ସପନ.... 6

ବାଲିପଙ୍ଗା, ଅନୁଗୁଳ

# ଜଳ



ସନାତନ ମହାକୁଡ

ରଂଗହୀନ ବୋଲି
ରଂଗେଇ ପାରେ କେହି
ଆକାର ନ ଥାଇ
ବହିଯାଲେ ହହୁଦୂର
ଅଂକେଇ ବଂକେଇ ।

କଏ କହେ ମୁଁ ହିଁ ଜୀବନ
ମୋ ବିନା ସୃଷ୍ଟି ଅସମ୍ଭବ
ମରୁଡି ଅବା ବନ୍ୟା
ଜୀବନ ଦେବା ନେବା
ସବୁ ମୋର ଅଭିନୟ,
ଭିଜାଇ ତନୁମନ କରଇ ପବିତ୍ର
କେବେ ଖାଦ୍ୟ
କେବେ ଔଷଦ
କେବେ ପଦୋଦକ ।

ମୁଁ କନ୍ଦାଏ ଗ୍ଳଳରୁ ଗଡି
ମୁଁ ହସାଏ ମାଟିରୁ ଝରି
ଇଚ୍ଛା ଇତି ହେଲେ ହୁଏ ବାଷ୍ପ
ଅତି ଘନାଇଲେ ପାଲଟେ ବରଫ ।

ତେଣୁ ସ୍ଥାନ ମୋର
ଶିବଙ୍କ ଜଟରେ
ହିମାଳୟ ଶିରେ
ଆଉ ତୃଷାର୍ତ୍ତ କଣ୍ଠରେ ।

ବେରୁଆଁବାରୀ, ନୟାଗଡ, ଓଡିଶା
ଦୂରଭାଷ: ୯୩୩୯୬୧୦୧୬୮

# ପାଉଁଜି



ବାସନ୍ତୀ ଲତା ଜେନା

ପୁରାତନ ଯୁଗରୁ ଆଧୁନକ ଯୁଗ ଯାଏ ନାରୀ ଅଳଙ୍କାର ପ୍ରିୟ । ଯେତେ ବେଳେ ଝିଅଟିଏ ବାଲ୍ୟ ଅବସ୍ଥାରେ ସାଙ୍ଗ ସାଥି ମାନଙ୍କ ସହିତ କଣ୍ଢେଇ ଧରି ଖେଳୁ ଥାଏ, ସେତେବେଳେ ମିଛି ମିଛିକା କଣ୍ଢେଇ ବାହାଘର କରେ । କଣ୍ଢେଇକୁ ବଧୂ ବେଶରେ ସଜାଏ ପତ୍ର ଫୁଲରେ । ପାଦରେ ପାଉଁଜି, ନାକରେ ନୂଥ, ହାତରେ ଚୁଡ଼ି, ବେକରେ ହାର । ନାଲି ରଙ୍ଗର କପଡା ପିନ୍ଧାଇ ନୂଆ ବହୂ ଭଳ ସଜାଇ ଖୁସି ହୁଏ । ବାଲି, ନଡ଼ିଆ ସନ୍ଦେଇରେ ଭାତ ତିଅଣ ରାନ୍ଧି ଖେଳେ । ବନ୍ଧୁ ଚର୍ଚ୍ଚା କରେ ।

ଦଶହରା ମାସ ସମୟର କଥା । ସୁନ୍ଦର ପୁର ଗାଁରେ ଗୋପାଳ କୃଷ୍ଣ ସେନାପତିଙ୍କ ଘର । ଡାକ୍ତର ଖାନାରେ କରାଣୀ ଭାବରେ କାମ କରନ୍ତି । ଗୋପାଳକୃଷ୍ଣଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ । ବାପା ମା ସ୍ତ୍ରୀକୁ ନେଇ ତାଙ୍କର ସୁଖି ପରିବାର ।

ଦିନେ ଗୋପାଳକୃଷ୍ଣଙ୍କର ପତ୍ନୀ ପ୍ରତିମା କହିଲା, ତୁମ ପାଖରେ ପଇସା ଅଛି ? ବଡ଼ ଝିଅ (ଅନତା) ପାଇଁ ପାଉଁଜି ହଳେ କିଣି ଥାନ୍ତି । ଏ କଥା ଶୁଣି ଅନୀତାର ଜେଜେମା କହିଲେ ହଁ ରେ ବାବୁ, ଦୁଇ ଝିଅ ପାଇଁ ଦୁଇ ହଳ ପାଉଁଜି ଆଣିଦେ । ଖାଲି ପାଦ କରି ବୁଲୁଛନ୍ତି । ଭଲ ଲାଗୁନ । ହଁ, ପାଉଁଜିର ଘୁଙ୍ଗୁର ଲାଗିଥିବ ଯେମିତି । ଚାଲିଲେ ରୁଣୁଝୁଣୁ ଶୁଭୁ ଥିବ । ପ୍ରତିମା ତାର ଶାଶୁଙ୍କୁ କହିଲା ମା' ଅନତା ପାଇଁ ଆଣନ୍ତୁ, ପରେ ସୁନତା ପାଇଁ ଆଣିବେ । ଏକାବେଳେକେ ଦୁଇ ଜଣଙ୍କ ପାଇଁ ଆଣିବାକୁ ପଇସା ହବନ । ଗୋପାଳ ବାବୁ ସବୁ ଶୁଣୁ ଥାନ୍ତି । କିଛି ନ କହି ହସି ଦେଇ ଚାଲି ଗଲେ । ଏ କଥାକୁ ସେ ମନେ ରଖିଥାନ୍ତି ।

ମାସ ଶେଷରେ ଟଙ୍କା ଆସିବ କୁଆଡୁ ଯେ ସଙ୍ଗେ ସଙ୍ଗେ ପାଉଁଜି ଆଣିଦେବେ ? ମାସ ପୂରିଲା । ପଞ୍ଚ ତାରିଖରେ ଦରମା ଟଙ୍କା ହାତକୁ ଆସିଲା । ଗୋପାଳ ବାବୁ ଦୁଇ ଝିଅଙ୍କ ପାଇଁ ପାଉଁଜି କିଣିଲେ ।

ଘରକୁ ଆସି ମାଙ୍କ ହାତରେ ଦେଇ କହିଲେ, ମା । ଏଇ ନେ । ତୋ ନାତୁଣୀ ପାଇଁ ପାଉଁଜି ଆଣି ଦେଇଛି । ତାଙ୍କୁ ନେଇ ଦିଅ । ଜେଜେମା ଖୁସି ହୋଇଗଲ୍ । ଦୁଇ ଭଉଣୀଙ୍କୁ ଏକା ଥରେ ଡାକ ପକାଇଲ୍ । ଅନତା, ସୁନତା, ଅସଲେ । ତୁମ ପାଇଁ ତୁମ ବାପା ପାଉଁଜି ଆଣିଛି । ଜେଜେମାର ଡାକ ଶୁଣି ଅନତା ସୁନତା ଦୌଡ଼ି ଆସିଲେ । ଶାଶୁ ପଦ୍ମା ତାର ବୋହୂକୁ କହିଲ୍, ଏଇ ନେ ! ଦୁହିଁଙ୍କୁ ପିନ୍ଧାଇ ଦେ । ଯେମିତି ପାଦରୁ ନ ଖସି ଯିବ । ପ୍ରତିମା ପାଉଁଜି ଦୁଇ ଝିଅଙ୍କୁ ପିନ୍ଧାଇ ଦେଲ୍ । ପଦ୍ମା ଅଳତା କାଚ ଆଣି ପ୍ରତିମାକୁ ଦେଲ୍ । କହିଲ୍, ଆଜି ଦେବୀ ମାଙ୍କର ସପ୍ତମୀ ପୂଜା । ଅନତା ସୁନତାକୁ ଅଳତା ପିନ୍ଧାଇ ଦେ । ତୁ ବି ଟିକେ ଅଳତା ପିନ୍ଧିପକା ।

ପ୍ରତିମା ଦୁଇ ଝିଅଙ୍କୁ ଅଳତା ପିନ୍ଧାଇ ଦେଲ୍ । ଜେଜେମା କହିଲ୍, ମୋ ନାତୁଣୀର ପାଦ କେଡେ ସୁନ୍ଦର ଦିଶୁଛି । ଚମ୍ପା ଫୁଲିଆ ଗୋର୍ ପାଦକୁ ନାଲି ଅଳତା । ଧଳା ପାଉଁଜି ଭାରି ମାନୁଛି । ତାକୁ ଟିକେ କଳା ଟୀକା ଲଗାଇ ଦେଲେ । ନ ହେଲେ ଦୃଷ୍ଟି ପଡିଯିବ । ଅନତା କହିଲ୍ ମା, ମୁଁ ଯାଉଛି ମୋ ସାଙ୍ଗ ବିମଳାକୁ ଦେଖଇ ଆସିବି । କହି ଗ୍ଲଲିଗଲ୍ ସାହି ଭିତରକୁ । ଖାଲି କଣ ବିମଳାକୁ ଦେଖାଇଲ୍ ? ତାହା ନୁହେଁ । ସାହିର କେତେ ଜଣ ପରିଚତ ଘରକୁ ଯାଇ କହିଲ୍, ଦେଖ ମୋ ବାପା ମୋ ପାଇଁ ପାଉଁଜି ଆଣି ଦେଇଛନ୍ତି । କଏ ଯଦି କହି ଦେଉଥିଲ୍, ହଁ ଲେ୍ ଝିଅ । ତୋ ପାଦକୁ ସୁନ୍ଦର ଦିଶୁଛି । ସେ ଖୁସିରେ ଅଧିର୍ ହୋଇ ଯାଉ ଥିଲ୍ । ଆଜି ଅନତା ବଡ଼ ହୋଇ ଯାଇଛି । କନ୍ତୁ ଭୁଲି ପାରିନ ସେ ବାପା ଆଣିଥିବା ପ୍ରଥମ ପାଦ ପାଉଁଜିକୁ । ଛୋଟ ଛୋଟ ଜିନଷର ସେ ବହୁତ ଆନନ୍ଦ ପାଉଥିଲ୍ । ପିଲ୍ ଦିନର ସ୍ମୃତି ସତରେ ଅବିସ୍ମରଣୀୟ । ନା ମନରେ ଥାଏ ଛନ୍ଦ କପଟ । ନା ବେଶୀ କଛି ପାଇବାର ଆଶା । ଯାହା ମିଳୁ ଥିଲ୍, ଯେତିକ ମିଳୁଥିଲ୍, ସେତିକରେ ଖୁସି ହୋଇ ଯାଉଥିଲ୍ । ଆଜି ବଡ଼ ହୋଇ ଯାଇଛି ସେ, ଖୁସି ମିଳୁନ କାହିଁକ ? ଅନତା ମନେ ମନେ ଭ୍ବି ବସିଛି ।

ଗାନ୍ଧୀନଗର, ନବରଙ୍ଗପୁର

# ବର୍ଷା



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଟପଟପ ପଡଇ ବରଷା ପାଣି
ଖୁସିରେ ନାଚଇ ଧରଣୀ ରାଣୀ
ସବୁଜ ଓଢଣୀରେ ଢାଙ୍କି ହୋଇଛି ଧରା
ଚଉଦିଗ କେଡେ ସୁନ୍ଦର ଦିଶଇ ପରା
ମେଘୁଆ ଆକାଶେ ପଡଇ ଇନ୍ଦ୍ରଧନୁ
ଦେଖିଲେ ପାଶୋରି ହୁଏନ ମନୁ
କୋମଳସବୁଜ ଘାସ ଗାଲିଚା ଉପରେ
ନାଲି ଟୁକୁଟୁକୁ ସାଧବବୋହୂ ଚାଲେ ଧୀରେଧୀରେ
ଆକାଶୁ ଝରୁଛି ବରଷା ରାଣୀ
ଝିଙ୍କାରି ଗାଏ ସଙ୍ଗୀତ ବରଷା ରାତିରେ
ପିଲାଏ ଭସାନ୍ତି କାଗଜ ଡଙ୍ଗା କୁନକୁନ ହାତରେ
ଝିପିଝିପି ମେଘ ବରଷେ ଯେବେ
ମୟୂର ନାଚଇ ଖୁସିରେ ସେବେ
ମନ୍ଦମନ୍ଦ ବହେ ଶୀତଳ ସମୀରଣ
ସେହି ସମୀରଣେ ଶିହରୀ ଉଠେ ତନୁମନ

ମଠସାହି, ତୁଳସିପୁର

# ପବିତ୍ର ପ୍ରାପ୍ତି



ବର୍ଷାରାଣୀ ସେଠୀ

ଚତୁଃଦିଗକୁ ଆପଣା ସ୍ବର୍ଶେ ଆନନ୍ଦ, ଶାନ୍ତି ପ୍ରଦାନକାରୀ ବାରିଧାର୍‌ରେ
ମହୀପାଏ ନୂତନ ନାମ ପବିତ୍ରତାରେ
ସେହି ସ୍ଥାନେ ହୃଦେ ବାସ କରନ୍ତି ଆଦିତେୟ
ତାଙ୍କର ଯେ, ସତେ ଅନନ୍ତ ପ୍ରଣୟ
ଯାହାଠାରେ ଚଉ ସମ୍ପୂର୍ଣ୍ଣ ଆପ୍ତ
ମନ ମଧ୍ଯେ ତାହା ଚଉପାଶେ ବ୍ୟାପ୍ତ ।
ସମଗ୍ର ବସୁନ୍ଧର୍‌କୁ ସ୍ୱ ଅମ୍ବୁ ମଧ୍ଯେ ବଳାହକ ପଖାଳ
ପବିତ୍ରତା ଲ୍‌ଭ କରି
ଏହି ନାମଧାରୀ ଅଭିସାରିକା
ଆଜି ତାଙ୍କ ଅନ୍ୱେଷଣରେ
ପହଞ୍ଚିବ ସେ ପ୍ରୟତ ସମୀପେ ପ୍ରବେଶିବ
ପଛେ ଥାଉ ଯେତେ କ୍ଷୁଧା
ବଙ୍କିମା ପ୍ରତୋଳୀ ମଧ୍ଯେ ଗମିବାରେ ନାହିଁ
ତାର ତିଳେମାତ୍ର ଦ୍ୱିଧା
ଚନ୍ଦ୍ରବିହୁନେ ର୍‌ତ୍ର ଯେହ୍ନେ ପ୍ରଭ୍‌
ଯଦି ନ ଭେଟେ, ହୃଦ ଯେ ହେବ
ରକ୍ତପଲ୍ଲବର ଆଭ୍‌ ।
ସତେକି ବାସ୍ତବ ହେବ,
କିବା କଳ୍ପନା ଯେ ରୂପନେବ
ମନପ୍ରବର ଯେ, ହୁଏ ବାଟବଣା।

ତୁମ ସହ ଭେଟ ଭାବନା ହୁଏ
ପୀପୁସ ରୁପୀ ଝରଣା ।
ନକଟବର୍ତ୍ତୀ ହେବାପାଇଁ ଯହାକୁ ସାହାଗ୍ କଲି
ତୁମ ସହ ହେବାପାଇଁ ସାଥୀ
ସେ ଯେ ଥିଲ୍ ପଥ, ତରୁଲତା ରୂପୀ କଣ୍ଟାର କଲୁଷ
ସୁଧା mAମ୍ନୀ ବିଶୁଆସେ ଦେଲ୍ ବିଷ ।
ଉଭୟ ପ୍ରାପ୍ତିରେ ନଥିବ ତ ସତେ
ମିଥ୍ୟା ପ୍ରତିଶ୍ରୁତି ଅବା ପ୍ରବଞ୍ଚନାର ସ୍ପର୍ଶ
ତଥାପି କାହିଁକ ଆଜିହୁଏ
ଇର୍ଷା ପର୍ୟଣ ଏ ସମାଜ ।
କେତେ ଅବା ପ୍ରକାଶିବି ଯୁଦ୍ଧ କରିଣ ସଂକ୍ଷେପେ
ତଥାପି ବାକରହେ ଆଶା ପଶ୍ଚାତାପେ ।
ଆଶା ଯେ ହେବନ
ହତାସାର ଧ୍ୱସରିତ
କୃପାଳୁ ହୁଅ ଏହି ପ୍ରେପସା ଦ୍ୟୁମଣି
ତୁମ୍ଭ ସମୀପେ ଏତିକ ମାଗୁଣି ।

ପାର୍‌ଦ୍ୱୀପ, ଜଗତସିଂହପୁର

# ଅଯାଚିତ



ଲକ୍ଷ୍ମୀପ୍ରିୟା ମାଇତି

କେମିତି ଲୁହ ବୁହାଇଲ ଯେ...
ତମ ସହରରୁ...
ଆମ ଗାଆଁ ଯାଏଁ ବହି ଆସିଲା!
ଆମର ଏଠି ବନ୍ୟା
ଭାସିଲେଣି ଆବାଳ ବୃଦ୍ଧା ବନୀତା
ଋତୁମତୀ ସାଜିଲେଣି ବାଳକା
ସବୁ ଅସମ୍ଭାଳ ପ୍ରାୟ|
ମୋର ଜମା ଧୋଇ ନାହିଁ
ଜମି ବାଡ଼ି, ଘରଦ୍ୱାର,
କମ୍ବା ଫସଲ-ଫୁସୁଲ୍
ହେଲେ ହୃଦୟରେ ବଡ଼ ଗାଡ
ଯନ୍ତ୍ରୀ କହିଲେଣି
ପୋତିବାକୁ ହେଲେ
ଦରକାର ତମ ବାସ୍ତୋର ଦୁମୁଠା ମାଟି
କନ୍ତୁ ତମ ଘଟିକ ମୋତେ
ଯିବା ପାଇଁ ଶାସ୍ତ୍ରୀୟ ମନା|
ଏବେ ମୁଁ ଜର୍‌ଜୀର୍ଣ୍ଣ
ତମ ଧୋଇ ...ମୋ ମରୁଡିରେ
ଶଯ୍ୟା ପ୍ରାୟ ମୁହୁର୍ତ୍ତ ରେ
ତଥାପି ଦେଖୁଛି
ତମ ସେ ଶ୍ରାବଣର ବେଗ
ଘଣ୍ଟା ପ୍ରତି କେତେ ଥିଲା
କୋଉ ପାଣିପାଗ କହିପାରେ!!

ଏରସମା, ଜଗତସିଂହପୁର

# ଧାର୍‌ବାହିକ କାହାଣୀ

## "କୁସୁମ"



ବିଜୟ କୁମାର ପଣ୍ଡା

【ଉପକ୍ରମ : ବିଂଶ ଶତାବ୍ଦୀର ଅତ୍ୟାଧୁନକ ବୈଜ୍ଞାନକ କୌଶଳ ତଥା ଯାନ୍ତ୍ରିକ ଦୁନଆରେ ଅବତୀର୍ଣ୍ଣ ମାନବ ସମାଜରେ, ନାରୀ ଏବେ କେତେ ସୁରକ୍ଷିତ । ଗର୍ଭରେ ରହିବା ଠାରୁ ଜନ୍ମ ଦେଲାଯାଏଁ ମା'ଟିଏ କାଳେ ତାର କନ୍ୟା ସନ୍ତାନଟିଏ ହେଲେ ତାକୁ କେତେ ହତାଦର କରାଯିବ ଏକଥା ଅଗଣିତ ଥର ଚନ୍ତା କରିବାକୁ ବାଧ ହେଉଛି, ପାରି ପାର୍ଶ୍ଵିକ ପରିସ୍ଥିତିକୁ ନେଇ ।

ଅନେକ ସମୟରେ ମା' ଟିଏ ଏକା ଏକା ପିଲାର ଲାଳନ ପାଳନ କରିବାକୁ ବାଧ ହେଉଛି । କେବେ ପାରିପାରିକ ହିଂସା ଦ୍ୱେଷର ଶିକାର ହୋଇ ତ କେବେ ସମାଜର କ୍ରୁର ଦୃଷ୍ଟିରେ।

ଏ ସମାଜରେ ଏକୁଟିଆ ମା'ର ପରସ୍ଥିତି କାଠିକର । ଏକୁଟିଆ ମା'ର ଝିଅ ଅବସ୍ଥା ତଦୁପରି । କହିବା ବାହୁଲ୍ୟ ଯେ ବୈଜ୍ଞାନକ ପଦ୍ଧତି, ଉଦ୍ଭାବନ, ନୂଆ ଏସବୁରେ ସମାଜ ଅନେକ ଆଗଉଛି କନ୍ତୁ ମାନସିକତାର ବିକାଶ ସେହିପରି ଦ୍ରୁତ ଗତିରେ ହୋଇପାରୁନାହିଁ ।

ଦୁନଆ ଯେତେ ଆଗକୁ ଯାଉଛି, ଗରିବ ଏବଂ ଧନୀ ମଧ୍ୟରେ ବ୍ୟବଧାନ ସେତେ ବଢ଼ି ବଢ଼ି ଯାଉଛି । ପୁଅ ଆଉ ଝିଅ ସନ୍ତାନ ମଧ୍ୟରେ ପାତର ଅନ୍ତର ବି କଛି କମ୍ ନୁହେଁ ।

ସେହିପରି କଛି ସାମାଜିକ ପରିସ୍ଥିତିକୁ ଆଧାର କରି ଆପଣ ମାନଙ୍କୁ ଭେଟି ଦେଉଛି ପାରିବାରିକ ତଥା ରୋମାଞ୍ଚଭରା ଧାର୍‌ବାହିକ କାହାଣୀ "କୁସୁମ " ।】

【 *ଏହା "କୁସୁମ " ଧାରାବାହିକ କାହାଣୀର ପ୍ରଥମ ଅଧ୍ୟାୟ। ଧାରାବାହିକ କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ଏହାର ପ୍ରତ୍ୟେକଟି ଭାଗ ଏବଂ ଏହାର ପୂର୍ବ ଓ ପରବର୍ତ୍ତୀ ଭାଗ ସବୁ ପଢ଼ିବାକୁ ବିନୀତ ଅନୁରୋଧ ।】

*****************

ପ୍ରଥମ ଭାଗ (୧) :

*****************

:"ମା ମୋର ଭୁଲ ହୋଇ ଯାଇଛି ମା ..ମାରନା ମା । ମୁଁ ତମ ଗୋଡ଼ ଧରୁଛି ମା। ମୁଁ ଜାଣିଶୁଣି ଏମିତି କଛି କରିନ। ଦୁଆର ବନ୍ଧରେ ମୋର ଗୋଡ଼ ବାଜି ମୁଁ ଝୁଣ୍ଟିପଡ଼ିଲି। ମୋ ହାତରୁ କପ୍ ଟା ଖସି ପଡ଼ିଲା।" ମାଡ଼ ଖାଇ ବିକଳରେ ହାତ ଯୋଡ଼ି କାକୁତି ମିନତୀ ହେଉଥାଏ କୁସୁମ ତା ମାଲିକଆଣି ପାଖରେ ।

:"ତା ମନ ପସନ୍ଦର କେଡ଼େ ସୁନ୍ଦର କପ୍ ଟି .. ଦିଲ୍ଲୀରୁ ଆସିଥିଲା। କୁନ ସବୁଦିନ ସେଇ କପ୍ ରେ ହିଁ କଫି ପିଏ। ଆଜିକାଲି ଗ୍ଭକର ଗ୍ଭକରୀଆଣି ସବୁ ଖାମଖିଆଲି। ଆଉ କଣ ଆଗ ସମୟ ଅଛି ? ଏବେ ସବୁ ପାଠ ପଢୁଆ ଗ୍ଭକରୀଆଣି। ସେମାନଙ୍କ ପାଦ ଆଉ କଣ ତଳେ ଲାଗୁଛି ?" ଦୁଇଟା ଶକ୍ତ ଗ୍ଭପୁଡ଼ା ଦେଲାପରେ ମାଲିକଆଣି କେତେ କଥା ଶୁଣାଉଥିଲେ।

ତା ଭାଗ୍ୟ ଆଜି ତାକୁ ଏ ଦିନ ଦେଖିବାକୁ ଦେଇଛି । ମା ଛେଉଣ୍ଡ ଝିଅଟି। ତା ବାପା କଏ ସେକଥା ସେ ପିଲାଟି ଦିନରୁ ମାଆକୁ ପଗ୍ଭରି ଆସିଛି କନ୍ତୁ ଉତ୍ତର ପାଇନ। ମାଆ ବି ଯିବାର ଅନେକଦିନ ବିତିଗଲାଣି। ଅନେକ ଲଢ଼ିଥିଲା ମା' ତା ପାଇଁ। ହେଲେ ସେମାନେ ତା ମାଆକୁ ଜୀବନରୁ ମାରିଦେଲେ। ମାଆକୁ କଏ ମାରିଲା ଆଉ କେମିତି ମାରିଲା ତାର କଛି ଆତାପତା ବି ପାଇଲାନ କୁସୁମ।

ହତ୍ୟାକାରୀ କଛି ବି ସୁଗ୍ଭକ ଛାଡ଼ିନଥିଲା। ଯଦି ବି ଛାଡ଼ିଥିବ ତାକୁ ଜଣା ପଡ଼ିଲାନ। ପୋଲିସ୍ ଯେତେବେଳେ ଜାଣିପାରିଲାନ ସେ ଆଉ କଣ କରିଥାନ୍ତା ଯେ !!

ଏବେ ସେ ପରଘରେ କାମକରି ପେଟ ପୋଷୁଛି, ପିଲା ଦେଖାଶୁଣା କରେ ଆଉ କାମ ଦି ପାଇଟି ବି କରିଦିଏ। ଭଲକ ପଢ଼ା ଲେଖା ଜାଣେ କୁସୁମ। ଦିନେ ମେଧାବୀ ଛାତ୍ରୀ ହିସାବରେ ଆଖପାଖ ଅଞ୍ଚଳରେ ଖ୍ୟାତି ଅର୍ଜିଥିଲା ହେଲେ ଆଜି ସମୟ ତାକୁ ଅନ୍ୟଘରେ ଗୃହକର୍ତ୍ରୀ ସଜେଇ ଦେଇଛି କିନ୍ତୁ ସେ ହାର୍ ମାନିବନି ବୋଲି ମନକୁ ଦୃଢ଼ କରିଛି।

ଏଇ କିଛି ମାସ ହେବ, ସେ ତା ଜୀବନର ସବୁ ଘଟଣା ଡାଏରିରେ ଲେଖିବା ଆରମ୍ଭ କରିଛି। ଡାଏରିରେ ଲେଖୁଛି ତାର ମନର କଥା।

(କ୍ରମଶଃ..)

ସମ୍ପାଦକ -କନକପ୍ରଭା, ସବଙ୍ଗ, ସିମୁଳିଆ, ବାଲେଶ୍ୱର
ଯୋଗାଯୋଗ: 9739591816

# ଆଉଥରେ ଗୃଲ



ଶିଶିର କୁମାର ପଣ୍ଡା

ଆଉଥରେ ଗୃଲ ଫେରିଯିବା ଆମେ
ସେଇ ପିଲ୍‌ଦିନ ବେଳାକୁ
ଦାଣ୍ଡରେ ଆମର ସାପ ଖେଳେଇବା
ଡାକଆଣି ବୁଲ୍ କେଳାକୁ ।
ଆଉଥରେ ଗୃଲ ଖେଳବାକୁ ଯିବା
ହାତେ ନେଇ ଭଙ୍ଗା ସଢ୍ଢେଇ
ଛାଟଧରି ଆମେ ଜେଜିମା' କୁ ଦେବା
ଅ ଆ ଇ ପଢ୍ଢେଇ ।
ଆଉଥରେ ଗୃଲ ଧାନ ବ୍ରେଇବାକୁ
ବାପାଙ୍କ ସାଥିରେ ବିଲକୁ
ମାଳକରି ଆମେ ବେକରେ ନାଇବା
ସବ୍‌ଗରେ ରୁଞ୍ଜ ଗିଲକୁ ।
ଆଉଥରେ ଗୃଲ ପୋଖରୀ ଗୋଳେଇ
ଧରିବା ମାଗୁର , ତୋଡ଼ିକ
ବଜେଇବା ଆସ ପେଏଁକାଳୀ ଆମେ
ନଡ଼ିଆ ପତର ମୋଡ଼ିକ ।
ଆଉଥରେ ଗୃଲ ମାଆଙ୍କ କୋଳରେ
ଆଗଭଳ ଆମେ ବସିବା
ଗ୍‌ଗ ଦ୍ରେଷ ଭୁଲି ଛୋଟପିଲ୍ ପରି
ମନ ଖୋଲିଦେଇ ହସିବା ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

# ବନ୍ଧୁତ୍ୱ



ନମିତା ଦାସ

ବନ୍ଧୁତ୍ୱ ଏକ ପବିତ୍ର ବନ୍ଧନ ହୃଦୟେ ଭରଇ ସ୍ପନ୍ଦନ ଓ ଶିହରଣ,
ନ ମାନଇ  ଜାତି ବର୍ଣ।
ବନ୍ଧୁତ୍ୱ ଏକ ପବିତ୍ର ବନ୍ଧନ ଅଟେ  ସୁଦୃଢ଼ ଡୋରି ।
ବିଶ୍ୱାସ ସେଠାରେ ଅଟେ ସମ୍ରାଟ  ଅବିଶ୍ୱାସ  ରାଜଦ୍ରୋହୀ;
ଜାଗା କାଳଆ ବନ୍ଧୁ ମହାନ୍ତିର  ବନ୍ଧୁତ୍ୱ ଡୋରିରେ ଥିଲେ ବନ୍ଧା;
ବନ୍ଧୁର ଡାକରେ କାଳଆ ଠାକୁର ହେଉଥିଲେ ଆତୁର;
ସୁଦାମା   ହାତରୁ ଗୁଉଲ୍‌ଭଜା  କୁ ଖାଉଥିଲେ ହୋଇ ବିଭୋର;
ବନ୍ଧୁତ୍ୱ ଡୋରୀ ରେ ବାନ୍ଧିହେଲେ  ଜନ୍ମ ରୁ  ମତୁ   ପର୍ଯ୍ୟନ୍ତ;
ଛିଂଡ଼େନାହିଁ  ଏ ପବିତ୍ର ଡୋରି ନଥାଏ  ତାର ଅନ୍ତ;
କହିବି ଶେଷରେ ଏ  ପବିତ୍ର ବନ୍ଧନେ  ନପଡୁ ଛିଟା;
ଆମ ବନ୍ଧୁତା ସର୍ବଦା ରହୁ ମିଠା ଓ ସୁଦୃଢ଼;
ମୋ  ବନ୍ଧୁମାନେ ସର୍ବଦା  ରୁହନ୍ତୁ ସୁସ୍ଥ ଓ ସୁଖୀ;
କାଳଆ  ନକଟେ ଏତିକି ବିନତି ଘଣ୍ଟ ଘୋଡାଇ  କରାଉ ମୁକ୍ତି ॥

# ଶ୍ରାବଣ

ମନୋରମା ମହାନ୍ତି

ଶ୍ରାବଣ ଋତିରେ

ଆଜି ପୁଣି ମୋର

ମନେ ପଡେ ତୁମ କଥା !

ବର୍ଷାର ଛନ୍ଦ

ମାଟିର ଗନ୍ଧ

ଦିଏନକ ମନେ ବ୍ୟଥା !

ବର୍ଷାରେ ଭିଜି

ବାସ୍ନାରେ ହଜି

କାହିଁକ ନୀରବ ରୁହ !

କେଉଁଠି କଏବା

ଦେହର ଦହନ

ଏଡାଇ ପାରିଛି କୁହ !!

# ମାଟି କଣ୍ଢେଇ



ଶିବରାମ ଦଳେଇ

ଥଣ୍ଡାପାଣି ଥଣ୍ଡାପାଣି ଡାକରେ ମୋ ଛାଇନଦ ଟା ଭାଙ୍ଗିଗଲା । ସେତେବେଳକୁ ଦିନ ୧୨:୩୦ମିନଟ, ପୁରୀ-ନଉଦିଲ୍ଲୀ ପୁରୁଷୋତ୍ତମ ଏକକ୍ସପ୍ରେସ ରାଜଧାନୀ ଭୁବନେଶ୍ୱର ରେ ପହଁଚ ସାରିଥିଲା । ମୋ ଲଗେଜ ହାତରେ ଧରି ଷ୍ଟେସନ ର ମୁଖ୍ୟ ଫାଟକ ଦେଇ ବାହାରକୁ ବାହାରିଲି । ଅଟୋ ପାଇଁ ଦୂର କୁ ନଜର ବୁଲେଉ ବୁଲେଉ ମୋ ନଜର ପଡ଼ିଲା ପିଲାବେଳୁ ଭଲ ପାଇ ଆସୁଥିବା ମାଟି କଣ୍ଢେଇ ଉପରେ । ଏଗାର-ବାର ବର୍ଷ ର ଝିଅଟି ମୁଣ୍ଡରେ ମାସେ ଦୁଇ ମାସ ହେବ ତେଲ ଲାଗିନ, ମୁଣ୍ଡ ଚୁଟି ପୁରା ଜଟା, ଦେଖିବାକୁ ଖୁବ କଦାକାର । ଚରାଫଟା ସତର ସିଆଁ ଫ୍ରକ ଟେ ପିନ୍ଧିଥାଏ । ବୈଶାଖ ର ମୁଣ୍ଡଫଟା ଖରା ସାଙ୍ଗକୁ ତତଲା ଝାଞ୍ଜି ତା ଗୋରା ଦେହ ଟାକୁ ମଳନ କରିଦେଇଥିଲା ।

ପାଖକୁ ଯାଇ ମାଟି କଣ୍ଢେଇ ଗୁଡିକ ର ଦାମ ପଚାରିଲି । ସେ ମୋତେ କହିଲା ଦିଦି ଗୋଟିଏ ନେଲେ ୨୫ଟଙ୍କା । ମୁଁ କହିଲି ଚାରିଟା ନେବି ୨୦ଟଙ୍କା ଲେଖାଏଁ ନେବ । ସେ କହିଲା ନାଁ ଦିଦି ତୁମେ ମୋତେ ଚାରିଟା ୨୫ଟଙ୍କା ଦେବ । ତା କଥା ଗୁଡ଼ାକ ସତେ ଯେମିତି ମୋତେ ନଜର କରି ବାନ୍ଧିବାକୁ ଚେଷ୍ଟା କରୁଥିଲା । ମୁଁ କହିଲି ଚାରିଟା ନେବି କିଛି କମ କରିବନ ? ସେ କହିଲା କଣ୍ଢେଇ ଗଣିକ ମାଆ ଦେଇଛି, ଗୋଟେ କମିଲେ ୨୫ଟଙ୍କା ନେବ ନଚେତ.........

ତା ଆଖି ଛଳ ଛଳ ହେବା ଦେଖି ପଚାରିଲି କଣ ହେଲା କାନ୍ଦି ପକେଇଲୁ ଯେ ? ସେ କହିଲା ନାଁ ଦିଦି ସେମିତି କିଛି ନୁହେଁ । ମୁଁ କହିଲି ଦିଦି ଡାକୁଛୁ ଆଉ ଦିଦିକି ସତ କଥା ଲୁଚଉଛୁ । ସତ କହ ତୋର କଣ ହେଲା, କାହିଁ କାନ୍ଦିଲୁ ?

ସେ ଏବେ କହିବାକୁ ଲାଗିଲା ଦିଦି "ଏ ଦୁନିଆଟାକୁ ଆମେ ଯେତେ ସଫା ଦେଖୁଛେ ସେ କଣ ସେତେ ସଫା ? ସେମିତି ମୋ ଜୀବନ" । ମୁଁ କହିଲି ମାନେ । ସେ କହିଲା ଆଜିକୁ

ଛଅ ବର୍ଷ ହେଲା ମୁଁଏଠି ସେଠି କଣ୍ଢେଇ ବିକୁଛି । କଣ୍ଢେଇ ନ ବିକଲେ ମାଆ ମୋତେ ଖାଇବାକୁ ଦେବେନାହିଁ ।

ମୁଁ କହିଲି ମାଆ ପୁଣି ଖାଇବାକୁ ଦେବେନାହିଁ ହେଲେ କାହିଁକ ଆଉ ତୁମ ବାପା ? ତାହାର ନଷ୍ଟପଟ ଆଖି ଦୁଇଟା ରୁ ଦୁଇଧାର ଲୁହ ଆସି ସୁପ୍ତ ମରୁଭୂମିର ଶୁଷ୍କ ଓଠରେ ମିଶିଯାଉଥିଲା ।

ସେ କହିଲା ଦିଦି ମୋ ମାଆ ମୋତେ ଜନ୍ମ ଦେବାର ଦିନ କେଇଟା ରେ ଏକ ଅଜଣା ରୋଗରେ ଆରପାରିକୁ ଚାଲିଗଲା । ଗାଁ ଲୋକେ, ବଂଧୁ ବାନ୍ଧବ କହିବା ପରେ ବାପା ମୋର ଲାଳନ ପାଳନ କରିବାକୁ ଏଇ ମାଆ କୁ ଦିତୀୟ ବିବାହ କଲେ । କିଛି ବର୍ଷ ପରେ ମୋର ଭାଇ ଟିଏ ଜନ୍ମ ନେଲା । ବାପା ମାଆ ମୋତେ ବହୁତ ଭଲ ପାଉଥିଲେ ।

ଦିନେ ରାତିରେ ବାପାଙ୍କର ବିଣ୍ଡା ବିଣ୍ଡା ରକ୍ତବାନ୍ତି ହେଲା । ଡାକ୍ତର ଆସି କଣ ଔଷଧ ଦେଇ ଚାଲିଗଲେ । ସକାଳ ପାହିଲା ବେଳକୁ ବାପା ଆଉ ଏ ଦୁନଆରେ ନଥିଲେ ।

ତା ପରେ ମୋ ପ୍ରତି ମାଆଙ୍କର ଭଲପାଇବା କମିବାକୁ ଲାଗିଲା । ସେ କହୁଛନ୍ତି ମୁଁ କୁଆଡେ ଡାହାଣୀ । ଜନ୍ମ ରୁ ମାଆ କୁ ଖାଇଥିଲି ପରେ ବାପାଙ୍କୁ । ସେ ତା ଜୀବନ କାହାଣୀ କହି ଚାଲିଥାଏ । ତାହାର ନିରୀହ ଅଶ୍ରୁ ଗୁଡିକ ମୁଁ ତା ବିଷୟରେ ଜାଣିବାକୁ ଥିବା ଜିଜ୍ଞାସା କୁ ଭଙ୍ଗା ଭଳ ଗଭୀର ସମୁଦ୍ର ଭିତରକୁ ଟାଣିନେଉଥଲା । ମୋ ଅଜାଣତରେ ମୋର କେଇବୁନ୍ଦା ଲୁହ ନଗିଡ଼ି ଆସିଥାଏ । ସେତେବେଳେ ଅଟୋବାଲା ଟି ଡାକିଲା ମ୍ୟାଡ୍ୟାମ କୁଆଡେ ଯିବେ କ ? ମୁଁ ମାଟି କଣ୍ଢେଇ ୪ଟି ଧରି ସେ ଝିଅ ହାତରେ ୫୦୦ ଟଙ୍କାଟେ ଗୁଂଜି ଦେଇ ଅଟୋ ଆଡ଼କୁ ପାଦ ବଢ଼େଇଲି ।

ଲେଖନପୁର, ସାଲେପୁର

# ମାଟିର ମଣିଷ



ରଞ୍ଜନ କୁମାର ଖଣ୍ଡା

ଜୀବନ ଆମର ଜୀବିକା ଆମର
ଆମର ଧରଣୀ ଋଣୀ
ତାକୁ ଯଦି କେହି ଅପମାନତ କରି ନେଇଯାଏ କଉଛାଣି
ଛାଡ଼ିବୁ ନାହିଁ କେବେ ଦେବୁ ନାହିଁ କେବେ ରଖିବୁ କରି ଜୀବନକୁ ପାଣି
ବୀର ଯବାନ ଏଇ ମାଟିର ସନ୍ତାନ
ରଖିବେ ତାକୁ କରି ଆଦରର ଋଣୀ ||

ଶୀତୁଆ ସକାଳେ ଦଳବଳ ଘେନ ଆସିଥାନ୍ତି କ୍ଷେତେ
ରଚବା ପାଣି ନବୀନ ଆଶା-ଆକାଂକ୍ଷା କେତେ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରି କରିଥାନ୍ତି କେତେ ଖେଳ
ତଥାପି ଧରଣୀ କଛି କହେ ନାହିଁ ହସୁଥାଏ ଦେଖି ସଭିଙ୍କ ମେଳ ||

ତୁ ଟା କଏରେ ଆସିଲୁ କେଉଁଠୁ କରୁଛୁ ଜୋର ଯାର
ଗ୍ଳି ଯା ତତେ ମିଳବନ କଛି ମିଳବ ଠେଙ୍ଗା ପ୍ରହାର
ଜାଣିବୁ ତେବେ ତୁ କେତେ କଷ୍ଟ ଲ୍ଗେ ଅଣ୍ଟାରେ ପଶିଲେ ରକା
କଛି ନବୁଝି ଆସିଲୁ ବାହୁଡ଼ି ଧରି ବିଡ଼ା ବିଡ଼ା ଟଙ୍କା ||

ଏଇ ମାଟିର ମଣିଷ ଆମେରେ ରଖିବୁ ତାହାରି ମାନ
କେହି ଯଦି କେବେ ଜୋର କରିବସେ ହେବ ସେ ବଡ଼ ହୀନମାନ
ସୁନ୍ଦର -ସବୁଜ -ଶ୍ୟାମଳ ଏଇ ଆମର ଭୂମି

ଭାରତ ମାଆ ତାହାରି ନାଆଁ ଏଇ ପୁଣି ଆମ କର୍ମ ଭୂମି
କେତେ କେତେ ନରପତି କେତେ ଯେ ବୀର ସୈନିକ ଜନ୍ମ ଏହି ଭୂମିରେ
କେତେ କେତେ କୀର୍ତ୍ତି ଖୁଦିତ ଶିଳାର ରେଣୁରେ ନେଇଛି ଜୀବନ୍ତ ରୂପ ॥

ସେଇ ମାଆର ଯଶ ଗାଆରେ ହାତକୁ ହାତରେ ଧରି
ସଭିଏଁ ସାଥିରେ ଏକ ମୁଖରେ ଦିଅ ଅମୃତର ବାରି,
ହାତରେ ଲଙ୍ଗଳ ମୁଣ୍ଡରେ ପଗଡି ଏଇ ପରା ଅସ୍ମିତା ଆମର
ତାକୁ ଯିଏ ଛିନ୍ନ କରିବସେ ହୁଅଇ ସର୍ବଦା ସେ ଅନ୍ତର ॥

ବଳଦୁଆଁ, ଆନନ୍ଦପୁର, କେନ୍ଦୁଝର

# ବିଚଳିତ



ସସ୍ମିତା ପଟ୍ଟନାୟକ

ନିସ୍ତବ୍ଧତାରୁ ମଧ୍ୟ ସ୍ୱର ଶୁଭୁଛି,
ଶବଙ୍କର ଉହାଡରୁ ସେମାନଙ୍କ ଗପ ଶୁଭୁଛି।
ପ୍ରକୃତି ମାତାର ଆଜି କ୍ରନ୍ଦନ ଶୁଭୁଛି,
ଏ କି ଭୟଙ୍କର ଦୃଶ୍ୟ ଆଜି ମୋ ଆଖି ଦେଖୁଛି।।

ମନର କୋଉ କୋଣରେ ସମାଧି ହେଇଛି,
ସେଇ ମୋର ସ୍ୱପ୍ନର କୁହେଳିକା ସୁନ୍ଦର ଦିଶୁଛି।
ଯାହାର ପଛରେ ଅଣନିଶ୍ୱାସୀ ହେଇ ଧାଇଁଛି,
ତାକୁ ଏ ନିଷ୍ଠୁର ସମାଜ ଯେ ଛଡେଇ ନେଉଛି।।

ସମାଜର ରକ୍ଷକ ଆଜି ଭକ୍ଷକ ସାଜିଛି,
ପଥ ଦ୍ରଷ୍ଟା ଆଜି ପଥଭ୍ରଷ୍ଟ କରୁଛି।
ଯାହାକୁ ମନ ନିଜର ଭାବୁଛି,
ସେ ହିଁ ମନକୁ ଦୁଃଖ ଦେଉଛି।।

ସମାଜରେ ବଞ୍ଚିବାକୁ ଧୈର୍ଯ୍ୟ ହରେଇଛି,
ସ୍ୱପ୍ନ ଦେଖିବାକୁ ଭୟ ଲାଗୁଛି।।
ମୃତ୍ୟୁ ସଂଗେ ଆଉ ଲଢ଼ି ହେଉନି,
ପ୍ରକୃତି ମାତା ପାଖକୁ ପୁନଃ ଚାଲିଯାଉଛି।।

ପଛରୁ କିଏ ରୁହ ବୋଲି ଡାକୁଛି,
ଦେଖିଲା ବେଳକୁ ସେହି ମାୟା ମୋହ ମୋତେ ବାନ୍ଧୁଛି।
ହେଲେ ଆତ୍ମା ଆଜି ନିର୍ବିକାର ହେଇଛି,
ମନ ଆଜି ଜୀବନ୍ତ ସମାଧି ନେଇଛି।।

ପଟିଆ, ଭୁବନେଶ୍ୱର

# ଗୁରୁ



ଦେବାର୍ଚ୍ଚନ ମେହେର

ଆଦ୍ୟ ଗୁରୁ ଯେ ପିତା ମାତା,
ଦ୍ୱିତୀୟ ଗୁରୁ ଶିକ୍ଷା ଦାତା।।-୧

ପିତା, ମାତା ଯେ ଚଳନ୍ତି ଠାକୁର,
ଗୁରୁ ଯେ ଜ୍ଞାନର ଭଣ୍ଡାର।।-୨

କେତେ ପରିଶ୍ରମ କରି ଗୁରୁ ଦିଅଇ ଶିକ୍ଷା,
ଗୁରୁଙ୍କ ଶିକ୍ଷାଦାନ କୁ ସମସ୍ତେ କରନ୍ତି ଅପେକ୍ଷା।।-୩

ଗୁରୁ ଜ୍ଞାନ ବଳେ ଶିଷ୍ୟ ବୁଲେଇ ସଂସାର,
ହେ ମଣିଷ ସମାଜ ନ ଭୁଲିବ କେବେ  ଗୁରୁଙ୍କୁ ପ୍ରତିଜ୍ଞା କର।।-୪

ଅନ୍ଧକାର ଦୁନଆରୁ ଆଲୋକକୁ ଆନେ,
ମଣିଷ ହୁଏ ସିଏ ଗୁରୁଙ୍କ କଥା ଯେ ମାନେ।।-୫

ଭଗବାନ ପିତା, ମାତା, ଗୁରୁ ରୂପେ ଆସି କରନ୍ତି ବାସ,
ତାଙ୍କ କଥା ନ ମାନ ଚଳଲେ ସଂସାରୁ ହେବ ଯେ ନାଶ।।-୬

ଗୁରୁଙ୍କ ଆଦେଶକୁ କରେ ଯେ ପାଳନ,
ସେ ଶିଷ୍ୟ ଦିନେ ଭଲ ମଣିଷ ହେବ ଯାନ।।-୭

ଗୁରୁ ମଣିଷ ଗଢ଼ା କାରଖାନାରେ କରଇ ବାସ ,
ଗୁରୁ ଆଶୀର୍ବାଦେ କରିବ ବୈକୁଣ୍ଠ ବାସ ।।-୮

ପିତା, ମାତା ସନ୍ତାନ କୁ ଦିଅନ୍ତି ସଂସ୍କାର ଶିକ୍ଷା,
ଗୁରୁ ଶିଷ୍ୟ କୁ ଦିଅନ୍ତି ଭଲ ମଣିଷ ହେବା ଦୀକ୍ଷା।।-୯

ହେ ଗୁରୁ ତୁମ ପାଦପଦ୍ମେ କରେ ମୁଁ ପ୍ରଣତି,
ତୁମ ବିନା ସଂସାରରେ ନାହିଁ ଜୀବନର ଗତି।।-୧୦

ବାପୁଜୀନଗର, ବୌଦ୍ଧ

# ମୋ ପୁଅ ଘର!



ଅଶୋକ ମହାରଣା

ଜୀବନରେ ପ୍ରଥମେ ବାପା ହେବାର ଆନନ୍ଦ ଏବଂ ବୃଦ୍ଧା ବସ୍ଥାରେ ଜରାଶ୍ରମର ଦୁଃଖ ଭିତରେ ବାପା କାହିଁକି ହେଲି ଏ ପ୍ରଶ୍ନ ବାରମ୍ବାର ମନକୁ ଆନ୍ଦୋଳତ କରେ, ସତରେ ବାପା ହେଇ କଣ ମୁଁ ଭୁଲ କରିଛି!

ମୋ ସ୍ନେହ ଶ୍ରଦ୍ଧାରେ କଛି ତୃଟି ଥିଲା କ? କାହିଁକ ଆଜି ବୃଦ୍ଧାଶ୍ରମ ମୋ ପାଇଁ ମନ୍ଦିର, କାହିଁକ ମୋ ପରିବାର?

ବିବାହ କରିବାର ଆନନ୍ଦ ଭିତରେ ଘର କରବାର ନଶା, ସୁଖ ବାଣ୍ଟିବାର ଆନନ୍ଦ ଭିତରେ ହିଁ ବାପା ହେବାର ସୌଭାଗ୍ୟ । କେତେ ଖୁସି ନଥିଲ ତୁମେ, ସିଜରିଆନ ଅପରେସନ ପରେ ବି ପୁଅ ମୁହଁକୁ ଦେଖି ସବୁକଛି ଭୁଲିଯାଇଥିଲି । କେତେ ଆନନ୍ଦରେ ହରିନାଥ ମେଳା, ସାହି ବାସିନ୍ଦାଙ୍କୁ ମିଠା ।

ତୁମେ ମୋତେ ପଛରେ ପକାଇ ପିଲାମାନଙ୍କୁ ଅଧିକ ସ୍ନେହ ଶ୍ରଦ୍ଧାରେ ବାନ୍ଧି ରଖିଲ । ମୋ ପୁଅ, ମୋ ପୁଅ, ମୋ ଝିଅ, ମୋ ଝିଅ ଡାକରେ ଘର ଫାଟିପଡୁଥିଲା । ପୁଅ ଜନ୍ମହେବା ମାତ୍ରେ ଘର ସଉଦାରୁ କାଟି ପୋଷ୍ଟ ଅଫିସରେ ଟଙ୍କା ରଖିଲ । ପୁଅ ନାମରେ ଅଲଗା ଝିଅ ନାଁରେ ବି ଅଲଗା ।

ଭଲ ଖାଇବେ, ଭଲ ପିନ୍ଧିବେ, ଭଲ ପଢିବେ ସବୁବେଳେ ସେହି ଚିନ୍ତା । ଅଫିସରେ ଦିନସାରା କାମ, ମୋ ଅପେକ୍ଷା ପିଲାମାନଙ୍କୁ ତୁମେ ଅଧିକ ଗଢିଛ । ପୁଅଟାକୁ ଟିକେ ଥଣ୍ଡା ହେଲେ, ମୋ ସହ ଝଗଡା, ଖାଇବା ପିଇବା ସବୁ ବନ୍ଦ । ଝିଅ ବି ଭାଇ ଭାଇ ହେଉଥିବ ।

ଘରେ କାହାର ଦେହ ଖରାପ ହେଲେ ସବୁ ଶୂନଶାନ । କେତେ ମାଜଣା, ଯାଚନା, ଦିଅଁ ଦେବତା, ରାତି ରାତି ଅନିଦ୍ରା । ପୁଅ ଦୁଧ ସର ଭଲପାଏ ବୋଲି ଝିଅକୁ ଦେବା ବେଳକୁ

ଝଗଡା । ପୁଅ ଝିଅ ଭିତରେ କଳି ଝଗଡା ଭିତରେ ସୁଖର ସଂସାରରେ କଛି ଲେଶ ମାତ୍ର ଦ୍ୱିଧା ନଥିଲା ।

ପୁଅ ଝିଅ ବଡ ହେଲେ, ପାଠ ପଢିଲେ । ସଳ୍ପ ଦରମାରେ ନଜେ ଅଭାବରେ ରହି ମଧ୍ୟ ପିଲାମାନଙ୍କୁ କେବେ ଅଭାବର ଚନ୍ତା କରିବାର ସମୟ ଆସିନ । ସମୟ ସ୍ରୋତରେ ସବୁକଛି ବଦଳଗଲା । ଝିଅ ବିଭାହେବା ପରେ ଘରେ ଆମେ ଏକା ଏକା । ପୁଅ ବି ବାହାରେ ପାଠପଢି ଚାକରୀ କଲାଣି । ମୋ ଅବସର ପୂର୍ବରୁ ପୁଅକୁ ମନଲାଖି ଝିଅଟିଏ ବିବାହ କରିଦେଲେ କାମ ଶେଷ ।

ହେଲେ!

ଯେଉଁ ଅଫିସରେ ପୁଅ କାମକରେ ସେଇଠି ଦେଖାଚାହାଁ, ସମ୍ପ୍ରିତ ଆମ ପୁଅ ଯେଉଁ ଦିନ କହିଲା ବୋଉ! ଆମ ଅଫିସରେ ଗୋଟେ ଝିଅକୁ ଦେଖିଛି, ଯଦି ତୁ କହିବୁ ବିଭାଘର କରିବା । ଏଇ କଥାରେ ଭାଙ୍ଗିପଡିଥିଲ, ନଜ ଇଚ୍ଛାରେ ଝିଅ ପସନ୍ଦ କରିବାକୁ ତୁମେ ଭଲ ପାଉନଥିଲ ।

ଚାତିସାରା ଲୁହରେ ଭିଜିଥିଲା ପଣତ । ଯେଉଁ ପଣତ କାନରେ ମୋ ପୁଅ ମୋ ପୁଅ କହି ଧୂଳି ଝାଡିଦେଉଥିଲ, ସେଇ ଲୁଗା କାନ ଲୁହକୁ ଭିଜାଇବାର ମାଧ୍ୟମ ପାଲଟିଥିଲା । ମୁଁ ଯେତେ ବୁଝାଇଲେ ବି ବୁଝିବା ସହଜ ନଥିଲା । ଝିଅ ବି ଫୋନରେ ବହୁତ ବୁଝାଇଲା, ଆଜିର ପିଲା, ସେମାନେ ସ୍ୱାଧୀନ ଭାବରେ ରହିବା ଚାହାଁନ୍ତି, ତୁ ବୁଝେ ବୋଉ!

ବୋଉ ଯେମିତି ସେମିତି ହଁ ନାରେ ବୁଝିଗଲା । ହେଲେ ହୃଦୟରେ ଚାପି ହୋଇଗଲା ବିରାଟ ଦୁଃଖ । ସେଇଦିନୁ ତୁମର ଆରମ୍ଭ ହୋଇଗଲା ପରିବର୍ତ୍ତନ, ସବୁକଥାରେ ଚଡଚଡ, ମାନ ଅଭିମାନ ରାଗ ରଷା । କେତେବେଳେ ଖାଇବା ପିଇବା ଠିକ ନଥାଏ । କାମ କରୁଥିବ ଯେ କରୁଥିବ ।

ପୁଅ କଥାରେ ରାଜି ହେବା ପରେ ଗାଁରେ ନୁହେଁ ଆଭିଜାତ୍ୟ ପ୍ରତିପତି ଅହଂକାରରେ ଯୋଗୁ କଲ୍ୟାଣ ମଣ୍ଡପରେ ହେଲା ବିଭାଘର । ସମସ୍ତେ.....ବନ୍ଧୁ ବାନ୍ଧବ, ହସଖୁସିରେ ସମସ୍ତେ ମସଗୁଲ । ବୋହୁ ଦେଖି ସମସ୍ତେ ପ୍ରଶଂସା କଲେ । ହେଲେ ତୁମ ଭିତରେ ନଥିଲା ସରାଗ, ନଥିଲା ସୁଖ । ହସୁଥିଲ କନ୍ତୁ କୃତ୍ରିମ, ଖାଉଥିଲ ହେଲେ ଭୋକ ନଥିଲା, ଚାଲୁଥିଲ ଯେମିତି ଜୀବନ ନଥିଲା ।

କେହି ଜାଣିପାରୁନଥିଲେ ବି ମୁଁ ଠିକ୍ ଜାଣିପାରୁଥିଲି ତୁମ ଭିତରେ ଭିତରେ କୋରି ହୋଇଯାଉଥିବା କରଣଟି କଣ । ବିବାହ ଶେଷ, ପିତାମାତାଙ୍କର କର୍ତ୍ତବ୍ୟ ବି ଶେଷ ।

ପୁଅ ଏବେ ତା ସଂସାରରେ ଝିଅ ତା ସଂସାର ନେଇ ବ୍ୟସ୍ତ । ବୋହୁ କିଛି ଦିନ ଗାଁରେ ରହିଲା, କୋଉଁଥିରେ ହେଳା କରିନ, ଶାଶୁ ହିସାବରେ ତୁମେ ତୁମର କର୍ତ୍ତବ୍ୟ କରିଥିଲ । ଛୁଟି ନାହିଁ ଯିବାକୁ ପଡିବ, ଚାକରୀ କଥା । ପୁଣି ନୂଆ ବିବାହ! ଗାଁରୁ ବିଦାୟ ନେଇ ପୁଅ ବୋହୁ ସହର ଚାଲିଗଲେ ।

ହାତଯୋଡି ପ୍ରଣାମ କଲ ହେ ପ୍ରଭୁ! ସେମାନଙ୍କୁ ଘଂଟ ଘୋଡାଇ ରଖିଥା । କଲ୍ୟାଣ କରିଥିଲ ବୋହୁକୁ ଅହୀ ସୁଲକ୍ଷଣି ହୋଇଥା । ସେମାନେ ଚାଲିଗଲେ । ରହିଗଲା ଘର, ଏବେ ତୁମେ ଓ ମୁଁ ।

ବ୍ଲକ ଗ୍ରାଂଟ ଚାକରୀ ନା ଅଛି ପେନସନ ନା ଅଛି ଜିପିଏବ । ଶୁନ୍ୟ ଶୂନ୍ୟ ମହାଶୂନ୍ୟ । ଅବସର ଆସିଗଲା, ସହକର୍ମୀ ମାନେ ପ୍ରଶଂସାରେ ପୋତି ପକାଇଲେ, ଗୁଣଗାନ କଲେ କାନ୍ଦିଲେ । ଶେଷ ହୋଇଗଲା ଗୋଟେ ଜୀବନ, କର୍ତ୍ତବ୍ୟବୋଧ । ଘରକୁ ଫେରିଲି ।

ଶିକ୍ଷୟତା କରି ମଣିଷ ଗଢି, ସରକାରଙ୍କ ମାନବ ସମ୍ବଳର ବିକାଶର ପ୍ରତିଦାନ ସହକର୍ମୀମାନେ ଦେଇଥିବା ଗୋଟେ ଫଳକ! ଉତ୍ତରୀୟ, ଯାକୁ ନେଇ କଟିବ ଓ ଅବସର । ପରଦିନ କାମ ନକଲେ ଔଷଧ କେଉଁଠୁ ଆସିବ ।

ତୁମେ ସବୁବେଳେ ରୋଗୀ, ଘର ପରିବାର ପାଇଁ ଜୀବନଉ ତିଳତିଳ କରି ସାରିଦେଇଛ । ଆପଣାର କରିଛ ରୋଗକୁ....ଦିନେ ଔଷଧ ନହେଲେ ରାତିସାରା ଶୋଇବା କଷ୍ଟ, ଏଇ ଶ୍ୱାସ ରୋଗ ହିଁ ତୁମର ଶତ୍ରୁ, କିନ୍ତୁ ରୋଗକୁ ତୁମେ ଖାତିର କରୁନଥିଲ । ପୁଅ ବିବାହ ପରେ ଅଧିକ ଚିନ୍ତିତ ହୋଇପଡିଥିଲ, ତୁମ ପାଇଁ ନୁହେଁ ମୋ ପାଇଁ.... । କାହିଁକି ଏମିତି ତୁମେ....କେଉଁ ଉପାଦାନରେ ତୁମେ ଗଢା । ପୁଅ ପାଖରୁ ଫୋନ ଆସିବା କମି ଯାଇଥିଲା । ରୋଗ ବଢିବଢି ଯାଇଥିଲା । ରୋଗଶଯ୍ୟାରେ ପଡି ବି କେବେ ଦୁଃଖ କରିନଥିଲ । ପୁଅ ଜାଣିବା ପରେ ଆସିଥିଲା, ଦେଖି ଚାଲିଗଲା । ମୁଣ୍ଡ ପାଖରେ ଥୋଇଦେଇ ଗଲା ଦୁଇ ହଜାର ଟଙ୍କା, ଔଷଧ କିଣିବ, ଡାକ୍ତର ଦେଖାଇବ । ତାଗିଦ କରିଥିଲା... ତୋ ନିଜ ଗୁଣରୁ ତୋ ଦେହ ଖରାପ, ଜାଣି ଜାଣି ତୁ ଦେହ ଖରାପ କରୁଛୁ ।

ଏଇ ପୁଅ ସନ୍ତୁଳା ଖାଇବନ, ଡାଲିରେ ଜିର୍ ବାହାରିଲେ କ ଷୋରିଷ ବାହାରିଲେ ଖାଇବନ, ପୋଇ ଖାଇବନ, ଟିକେ ଥଣ୍ଡା ହେଲେ ମାଆ ପଣତ କାନ ଛାଡିବନ, ସେ ପୁଅ ଆଜି ତାଗିଦ କରୁଛି, ତାଗିଦ ! କାହିଁ ମାଆ ତ ! ନଜ ପାଖକୁ ନେବାକୁ କହିଲ୍ନ । କଛି କହିନଥିଲେ ଶ୍ରଦ୍ଧା । ଚୁପ୍ ରହିଲେ, ଅବସର ପରେ କାମ ଖୋଜିବି ନା ପତ୍ନୀ ସେବା କରିବି । ଠିକ୍ ସମୟରେ ସ୍କୁଲ ଯିବି ବୋଲି ଟିଫିନ ସଜାଡିଥିବ, ସବୁ କାମ କରିଥିବ ଠିକ୍ ଠାକ୍ । ଆଜି ତା ଦେହ ଖରାପ ବୋଲି ମୁଁ ତା ସେବା କରିପାରିବିନ । ଯିଏ ଜୀବନ ଯାକ ଘର ଘର ହୋଇ ଘର ପରିବାରକୁ ସଜାଡୁଥିଲ୍, ତା ପାଇଁ କଣ ମୋର କଛି କର୍ତ୍ତବ୍ୟ ନାହିଁ ।

ବ୍ଲକ ଗ୍ରାଂଟ ସବୁ ସୁଖ ଛଡାଇ ନେଲ୍ । ସରକାରଙ୍କ ନତୀନୟମ ଏମିତି ହେଲ୍ ନା କୁଆଡେ ଯାଇହେଲ୍ ନା ବୟସ ଥିଲ୍ । କାଲି ହେବ ଆଜି ହେବ ର ଆଶା ଆଶ୍ୱାସନା ଭିତରେ ସବୁ ଧୋଇ ହୋଇଗଲ୍ । ସ୍ୱପ୍ନ ସବୁ ମାଟି ହୋଇଗଲ୍ । ସରକାରଙ୍କୁ ନ୍ୟାୟ ମାଗି ମାଗି ନରାଶ ହେବାକୁ ପଡିଲ୍ । ସବୁବେଳେ ଗୋଟାଏ ପ୍ରଶ୍ନ ପୁରା ଦରମା ମିଳବ କେବେ? ନା ହଁ କହିପାରୁଥିଲି, ନା ନା କହିପାରୁଥିଲି । ଅଦାଲତ ଗଲେ ସବୁ ମିଳବ! ସବୁ ସଂଚୟକୁ ଏକାଠି କରି ଅଦାଲତର ଶ୍ରୟ ନେବାକୁ ପଡିଲ୍ । ଶେଷରେ ଉଚ୍ଚତମ ଯ୍ୟାୟାଳୟ ବି ନଷ୍ଠୁର ହୋଇଗଲେ । ସବୁ ଆଶା ଭରସା ସବୁଦିନ ପାଇଁ ଶେଷ ହୋଇଗଲ୍ । ହଗବାନ ବି ନଷ୍ଠୁର ହୋଇଗଲେ ।

ଏଇ କଥାଟିକୁ ତୁମକୁ ଲୁଚେଇ ରଖିଥିଲି ଶ୍ରଦ୍ଧା । ଏଣିକ ଏକା ଏକା ସଂଗ୍ରାମ ! ତୁମେ ହଠାତ୍ ଏକା ଛାଡି ମୋତେ ଗ୍ଲିଗଲ । ମୁଁ ନସ୍ୱ ହୋଇଗଲି । ତୁମେ ସଧବା ବେଶରେ ବିଦାୟ ନେଇ ଗ୍ଲିଗଲ ଏକା ଏକା । ମୋଜୀବନ ମାଟି ହୋଇଗଲ୍ ।

ମୃତ୍ୟୁ ଖବର ଶୁଣି ପୁଅ ଆସିଲ୍ । ଦଶାହ, ଏକାଦଶାହ କାର୍ଯ୍ୟ ଶେଷ ହେଲ୍ । ବ୍ରାହ୍ମଣ ଭୋଜନ କରି ପୂଣ୍ୟ ଅର୍ଜନ ହେଲ୍ । ଫଟୋରେ ବି ତୁମ ହସ ହସ ମୁହଁ ମୋ ଛାତି ଭିତରକୁ ରୁନ୍ଧି ପକାଉଥିଲ୍ । ଏବେ ମୁଁ କେଉଁ କୂଳର!

ପୁଅ କହିଲ୍ ସେ ସବୁ ବନ୍ଦୋବସ୍ତ କରିଛି । ମୁଁ କେମିତି ରହିବି, କଣ ଖାଇବି । ବହୁତ ଖୁସି ହୋଇଗଲି ଶ୍ରଦ୍ଧା, ସ୍ୱର୍ଗରେ ଥାଇବି ଦେଖ ତୁମ ପୁଅର ପାରିବା ପଣିଆ । ସ୍ୱର୍ଗରେ ଥାଇ ଦେଖ ମଣିଷ ଗଢିବାର ପ୍ରତିଦାନ । ପୁଅ ବୋହୁ ସହରକୁ ଯିବାକୁ ବାହାରିଲେ । ନୂଆ

କାରରେ ଯିବାକୁ କହିଲେ। ବହୁତ ଖୁସି ମୁଁ। ତୁମର ସବୁଠାରୁ ପ୍ରିୟ ସାର୍ଟଟିକୁ ପିନ୍ଧିଲି, କାରରେ ଯାଇ ବସିଲି। ଭାବିଲି ଶ୍ରଦ୍ଧା ଥିଲେ କେତେ ଖୁସି ହୋଇନଥାନ୍ତା।

ମନେ ମନେ ଭାବିଲି ପୁଅ ପାଖରେ ରହିବି। କିଛି ନହେଲେ ବି ନାତି ନାତୁଣୀଙ୍କ ମେଳରେ ବାକି ଜୀବନଟା କଟେଇଦେବି। ଗାଡି ଚାଲିଛି ଚୁପ ଚାପ୍। ସହର ବହୁତ ଦୂର। ହଠାତ୍ ଗାଡି ଗୋଟାଏ ବଡ ଗେଟ ନିକଟରେ ଅଟକିଗଲା। ଭାବିଲି ମୋ ପୁଅ ଘର ବୋଧେ ଆସିଗଲା। ଗାଡି ହର୍ଣ୍ଣ ଶୁଣି ଗେଟ ଖୋଲିଗଲା। ବହୁତ ଖୁସି ହୋଇଗଲି। ଗାଡି ଭିତରକୁ ଗଡିଲା, ହେଲେ ସୁଖଟା ମୋର ପାଣିଫୋଟକା ଭଳି ମିଳେଇଗଲା।

ସେଠାରେ ମୋ ଭଳି ଅନେକଙ୍କୁ ଦେଖିବାକୁ ପାଇଲି। ବୁଝିବାକୁ କଷ୍ଟ ହେଲାନାହିଁ। ବୋଧହୁଏ ଆଜିଠୁ ଏଇଟା ମୋ ଘର। ମୋ ପୁଅର ବାପାଙ୍କୁ ଶ୍ରେଷ୍ଠତମ ଉପହାର।

ସ୍ୱର୍ଗରେ ଥାଇ ଦେଖ ଶ୍ରଦ୍ଧା, ମୁଁ ଏଥର ବହୁତ ଖୁସି।

ସିମିନଇ, ଢେଙ୍କାନାଳ

# ନାରୀ



ଗୌରୀ ମେହେର

ଶାନ୍ତି ର ଛବି ଟି, ମମତା ମୁରତି
ସୁଖ ଆନନ୍ଦ ର ପ୍ରତିମା,,,
ସହନଶୀଳତା, ଧୈର୍ଯ୍ୟ ଏକାଗ୍ରତା
ଅତୁଳନୀୟ ତା ମହିମା,,,

ଆଜିର ନାରୀ ଏ ନୁହଁ ଯେ ଦୁର୍ବଳା,
ଆଉ ନୁହଁ ସିଏ ପଛୁଆ,,
ସ୍ୱଭିମାନୀ, ଆତ୍ମବିଶ୍ୱାସୀ ସିଏ,
ଶକ୍ତି, ସାମର୍ଥ୍ୟ ରେ ଆଗୁଆ,,,

ଜନନୀ, ଭଗିନୀ, ଦୁହିତା, ଜାୟା ସେ
କେତେ ତାର ପରିଚୟ,,
ସୁଖ, ଶାନ୍ତି , ପ୍ରୀତି ବାଣ୍ଟି ବାଣ୍ଟି ଯିଏ
ଦୁନଆ କରେ ଅମୃତମୟ,,,

ପରିସ୍ଥିତି ଦେଖି ଦୁର୍ଗା ରୂପ ଧରି
କରିପାରେ ପାପୀ ସଂହାର,,
ସୃଷ୍ଟି କରିପାରେ, ଧ୍ୱଂସ କରିପାରେ
ବୋଝ ନୁହଁ ଆଉ କାହାର,,,

ସୃଷ୍ଟି ର ଜନନୀ, ଆଦ୍ୟା ଚରନ୍ତିନୀ,
ନାରୀ ସେ ବରେଣ୍ୟା ବନ୍ଦିତା,,
ଦୀପ ହୋଇ ଜଳ ଆଲୁଅ ଦେଇ ସେ
ସୁଖ ର ଦିଏ ସେ ବାରତା,,,

ଗମ୍ଭାରୀଗୁଡା
ନୂଆପଡା

# ଏକାକୀତ୍ୱ



ଦୁର୍ଗା ମାଧବ ମହାରଣା

ମୋ ଏକାକୀତ୍ୱ ଉପରେ
ସେଦିନ ର୍ଜୁତି କରୁଥିଲେ
ନଇ କୂଳ, ସବୁଜ ବନାନୀ
ଆଉ ପାହାନ୍ତି ତାର୍ ସବୁ।
ଆଉ କେବେ ଅଂକବହିର
ବୁଝୁନଥିବା ଗଣିତଗୁଡାକ

ସମୟର କଡ଼ ଲେଉଟାଣିରେ
ସପନର ପଛ ଫାଟକଦେଇ
ହଠାତ୍ ତମେ ଆସିଗଲ।
ମୋ ଏକାକୀତ୍ୱ ବନ୍ଧକ ରହିଗଲ୍
ତୁମ ଆଖି, ତୁମ ହସ,
ତୁମ କବିତାର ଚଉହଦୀ ଭିତରେ।
ବେଶ୍ କିଛିଦିନ ପରେ,
ଏବେ ନା?
ଏକାକୀତ୍ୱକୁ ତୁମ ତାଛଲ୍ୟର
ସଂକ୍ରମଣ ଭୟରେ
ବିରହର ସଂଗରୋଧ ଘରେ
ଏକାକୀ ମୁଁ।
ମୋ ସତ୍ତାକୁ ହଜେଇଦେଇ
ଶୈଶବକୁ ଝୁରେ ।

ଚକଟୀପିତାତଳ, ଗଂଜାମ

# ଚହ୍ନିଥା ସମାଜର ଶତ୍ରୁଙ୍କୁ



ହରେରାମ ପଣ୍ଡା

ମଣିଷ ସମାଜ ସବୁଠୁଁ ଅଜବ
ରଖିଥିବ ସଦା ମନେ,
ନଜଲୋକ ପରି ଲାଗୁଥିବା ଲୋକ
ଧୋକା ଦେଇପାରେ ଦିନେ ।
ସତ୍ୟ ଶାନ୍ତି ଆଉ ଅହିଂସାକୁ ନେଇ
ଭାଷଣ ଦିଏ ଯେ ଜନ,
ନଜ ସ୍ୱାର୍ଥପାଇଁ ମୁଖା ବଦଳେଇ
କରେ ଯେତେ ମନ୍ଦ କର୍ମ ।
ପର ତଣ୍ଟିଚପି ଧନ କେ ବଢ଼ାଏ
ମନ୍ଦିରରେ ଦାନ କରେ,
ନାରୀର ସୁରକ୍ଷା ମନ୍ତ୍ର ଗାଇଗାଇ
ଲାଞ୍ଛନା ଦିଏ ନାରୀରେ ।
ସାଧୁବେଶ ଧରି ଭଜେ ରାମନାମ
ମଥାରେ ତିଳକ ଚତା,
ସେହି ଭଣ୍ଡଯୋଗୀ ପାଇଲେ ସୁଯୋଗ
ମଣିଷକୁ କାଟେ ଚତା ।
ଭଦ୍ରବେଶ ତଳେ ମାରାତ୍ମକ ରୂପ
ସହଜେ ନପଡ଼େ ଜଣା,
ଏମାନଙ୍କ ରୂପ ଚହ୍ନି ନ ପାରିଲେ
ଭୋଗିବ ନଷ୍ଟେ ଯନ୍ତ୍ରଣା ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ

# ||ଭିକାରୁଣୀ||

ବିନୟ କୁମାର ଦାସ

ମନ୍ଦାକନୀ ଦେବୀ ସେହି ଭିକାରୁଣୀକୁ ମନେମନେ ବହୁତ ଖୋଜୁଛନ୍ତି ମନ୍ଦିର ବେଢାରେ । ବେଢା ଗ୍ଯରିପାଖରେ ସେ ଦୁଇଥର ବୁଲି ଆସି ସାରିଲେଣି । କନ୍ତୁ କାହିଁ କୋଉଠି ତ ଦେଖାମିଳୁ ନାହିଁ । ସହରରେ ଏଇ ମନ୍ଦିରଟି ସବୁଠାରୁ ବଡମନ୍ଦିର । ସାର୍‌ ଦିନ ଏଠାରେ ପ୍ରବଳ ଗହଳଚହଳ । ଦୂର ଦୂର୍‌ନ୍ତରରୁ ବହୁ ଭକ୍ତ ଆଉ ଶ୍ରଦ୍ଧାଳୁ ଧାଇଁ ଆସିଥାଆନ୍ତି ଦେବ ଦର୍ଶନ ଆଉ ପୂଜାର୍ଚ୍ଚନା ନମନ୍ତେ । ଏହି ଭିଡ ଭିତରେ କୋଉଠି ସେ ଭିକାରୁଣୀ ବୁଲୁଛି ସେ ଜାଣି ପାରୁ ନାହାନ୍ତି । ମନ୍ଦିର ପାହୁଚରେ କଛି ଭିକାରୀ ଭିକାରୁଣୀ ଅବଶ୍ୟ ବସି ରହିଛନ୍ତି। ତେବେ ସେମାନେ ହୁଏତ ଅତି ବୟସ୍କ ବା ସେମାନେ ବିନା ଆଶାବାଡିରେ ଗ୍ଯଲବୁଲ କରି ପାରୁ ନାହାନ୍ତି । କନ୍ତୁସେ ଯାହାକୁ ମନେମନେ ଏତେ ଖୋଜୁଛନ୍ତି, ସେ ତ ସାର୍‌ମନ୍ଦିର ପରିସରରେ ଭଲରେ ଯିବ ଆସିବା କରି ପାରେ । ସେ ବେଶ୍‌ ଚଳଚଂଚଳ । ତାକୁ ସେ ତିନ ଗ୍ଯରିଥର ଦଶଟଙ୍କା କରି ଦେଇଛନ୍ତି ତା ଭିକ୍ଷାଥାଳରେ । ଆଜି ତାକୁ ଯେମିତିହେଲେ ଭେଟିବେ । କଛି ଦାନ କରିବା ପାଇଁ ନୁହେଁ, ତା ସହିତ କଛି ଜରୁରୀ କଥା ଅଛି ତାଙ୍କର। ହେଲେ ଏତେ ଖୋଜିବା ପରେ ବି ଯେତେବେଳେ ଭେଟ ହେଉନ, ତେବେ ଏମିତିବି ହୋଇପାରେ, ହୁଏତ ସେ ଆଜି କୌଣସି କାରଣରୁ ଏଠାକୁ ଆସି ନଥିବ ।

"ମା, କଛି ମିଳଯାଉ.." । ବୁଲି ପଡିଲେ ମନ୍ଦାକନୀ ଦେବୀ । ଆରେ ଇଏ ତ ସେଇ ଭିକାରୁଣୀ !

"କେତେ ଖୋଜିଲିଣି ମୁଁ ତୋତେ ସାର୍‌ ମନ୍ଦିର ..କୋଉଠି ଥିଲୁତୁ ?" ଆଶ୍ଚର୍ଯ୍ୟ ହୋଇ ଅନାଇଲା ସେ ଭିକାରୁଣୀ । କହିଲା, "ମୋତେ ଖୋଜୁଥିଲେ ? ଭିକ୍ଷା ଦେବା ପାଇଁ ? କକଥା ମାଆ..ଆମେ ସିନା ଆପଣଙ୍କ ପରି ବଦାନ୍ୟ ବ୍ୟକ୍ତିମାନଙ୍କୁ ଖୋଜୁ କଛି ଭିକ୍ଷା ପାଇବା ପାଇଁ ..ହେଲେ ଆପଣ ତ ଓଲଟା କଥା କହୁଛନ୍ତି ।"

"ସେ କଥା ଛାଡ, ତୁ ଟିକେ ମୋ ସହିତ ସେପାଖକୁ ଚ଼ାଲ । ତୋ ସହିତ କଛି କଥା ଅଛି। ଏ ଭିଡରେ କଛି କହିହେବନ ।"

"ମା, ମୁଁ କଛି ଭୁଲକରି ପକାଇଛିକ ?"

"ତୁ ଆଗ ଚ଼ାଲିଲୁ ସେଠିକ..ସେଠି ଟିକେ କମ୍ ଗହଳ ଅଛି ।"

ମନ୍ଦାକିନୀ ଦେବୀଙ୍କ ପଛେପଛେ ସେ ଗଲା । ତା ଆଖିରେ ଭୟର ଝଲକ ..କଣ କହିବେ କେଜାଣି ମାଆ ।

"ଦେଖ, ମୁଁ ତୋତେ ଯାହା ପଚ଼ାରିବି, ତୁମୋତେ କଥା ଦେ..କଛି ମିଛ କହିବୁନ କ କଛି ଲୁଚ଼ାଇବୁ ନାହିଁ ।"

"ମାଆ, ଏ ପର୍ ପୁଣ୍ୟ ପୀଠ । ଏଠି ମିଛ କହିଲେ ମୁଁ କୁମ୍ଭୀପାକ ନର୍କରେ ପଡିବି । ପଚ଼ାରନ୍ତୁ କଣ ପଚ଼ାରିବେ ।"

"ତେବେ ମୋତେ କହ, ତୋତେ ଗତକାଲି ମଟର ସାଇକେଲରେ ବସାଇ ଯିଏ ଏଠି ଛାଡି ଚ଼ାଲିଗଲା, ସେକଏ ?"

ଚମକ ପଡୁଥିଲା ଭିକାରୁଣୀ । କେମିତି ଥତମତ୍ ହୋଇଗଲା ସେ ଏ ପ୍ରଶ୍ନଶୁଣି ।

"ଆପଣ କୋଉଠି ଦେଖିଲେ ମାଆ ?"

"ତୁ ଆଗମୋ ପ୍ରଶ୍ନର ଜବାବ ଦେ । କହ, ସେକଏ ?"

"ସେମୋ ପୁଅ ।"

"ପୁଅ ! ତୋ ପୁଅ ? ତୋତେ ଛାଡି ସେ ତେବେ ଗଲା କୁଆଡେ ?"

"ସେ ଏକ ଫ୍ୟାକ୍ଟ୍ରୀରେ କାମକରେ । ଏଠାରୁ ସାତ କିଲୋମିଟର ଦୂରରେ । ସଂଜକୁ ଫେରିଲେ ସେ ମୋତେ ଘରକୁ ନେଇଯିବ । ସବୁଦିନ ସେ ମୋତେ ଘରୁ ଏଠାକୁ ନେଇ ଆସେ ।"

"ପୁଅ ଚାକରୀ କରୁଛି, ଆଉ ତୁ ଏଠାରେ ଭିକ ମାଗୁଛୁ ? ରହସ୍ୟ କଣ ? ମୋତେ ଖୋଲିକରି ସବୁ କହ । ସତ କହିବୁ ବୋଲି ମୋତେ କଥା ଦେଇଛୁ ।"

"ମା, ମୋ ବୋହୂ ମୋତେ ଭଲ ପାଏନ । ମୋ ପାଇଁ ପୁଅ ବୋହୂ ଭିତରେ ସବୁବେଳେ ପାଟିଗୋଳ । ପୁଅ କିନ୍ତୁ ମୋତେ ଖୁବ୍ ଭଲପାଏ । ତେଣୁ ସେ ଚାହେଁନ ଘରେ ରହି ମୁଁ ବୋହୂର ଅତ୍ୟାଚାର ସହେ ବୋଲି । ତେଣୁ ସେ ଆଣି ଏଠାରେ ଛାଡି ଦେଇଯାଏ । ଦିନ ସାରା ମୋର ଭଲରେ ବିତିଯାଏ ଏଠି, ଆଉ ବୋହୂବି ମୋ ଅନୁପସ୍ଥିତିରେ ଘରେ ଭଲରେ ରହିପାରେ ।"

"ତାମାନେ ତୋ ପୁଅ ଜାଣିଛି, ତୁ ଏଠାରେ ଭିକ ମାଗୁଛୁ ବୋଲି ।"

"ନା, ତାକୁ କହିଛି, ମୁଁ ଏଠାରେ ଠାକୁରଙ୍କ ପାଇଁ ଫୁଲବେଲ ପତ୍ର ବିକୁଛି ବୋଲି ।"

"ତ ସେଇକାମ କରୁନୁ କାହିଁକି ? ତାହା ତ କିଛି ଖରାପ କଥା ନୁହେଁ । ହେଲେ, ଭିକ ମାଗିବାକୁ ତୋତେ ଭଲ ଲାଗୁଛି ।"

"ସେଇ କାମ ହିଁ ପ୍ରଥମେ କରୁଥିଲି ମା । ହେଲେ ମୁଁ ଦେଖିଲି କିଛି ସାନ ସାନ ଅନାଥ ପିଲା ବି ମନ୍ଦିର ବେଢାରେ ଭିକ ମାଗୁଛନ୍ତି ।

ମୋତେ ଭାରିଖରାପ ଲାଗିଲା । ମୁଁ ସେମାନଙ୍କୁ ବେଢାରେ ଫୁଲବିକିବା କାମରେ ଲଗାଇ ଦେଲି । ସେମାନେ କାମ ପାଇଗଲେ । ଭଲ ଦି ପଇସା ପାଇଲେ ଫୁଲ ବେଲପତ୍ର ବିକ୍ରୀରୁ। ସେ ପଇସା ମୁଁ ତାଙ୍କ ପାଖରୁ ନିଏ ନାହିଁ । ସେମାନେ ଏବେ ଭଲରେ ସେଇକାମ ଚଳାଉଛନ୍ତି । ଆଉ ଭିକମାଗୁ ନାହାନ୍ତି । ଗରିବ ପିଲାଗୁଡିକ ଇଜ୍ଜତ ର ସହିତ କିଛି ତ ରୋଜଗାର କରି ପାରୁଛନ୍ତି । ଯାହାର ପରିବାର ଅଛି, ସେମାନେ ତ ଏଇ ପୁଅଝିଅଙ୍କ ଠାରୁ କିଛି ପଇସା ପାଇଯାଉଛନ୍ତି ।"

"ହଉ, ଇଏ ତ ଭଲ କଥା । ହେଲେ ମୁଁ ବୁଝି ପାରୁନ, ତୁ ଭିକମାଗୁଛୁ କାହିଁକ ? କାହା ପାଖରେ ହାତ ପତାଇଲା୍ ବେଳେ ତୋତେ କଣ ଟିକେ ସଂକୋଚ ଲା୍ଗୁ ନାହିଁ ?"

"ନା.. ସେମିତି ଅନୁଭବ ମୋ ଭିତରେ କେବେ ହୁଏ ନାହିଁ ।"

"କ ଆଶ୍ଚର୍ଯ୍ୟ ! ତୁ ଥିଲା୍ବାଲା୍ ଘରର ଲୋ୍କହୋଇ ଅନ୍ୟ ପାଖରେ ହାତ ପତାଉଛୁ...ଅଥଚ କହୁଚୁ ଏ ପାଇଁ ତୋତେ ଖରା୍ପ ଲା୍ଗୁନ ବୋଲି ? କ ଧାତୁରେ ଗଢା ତୁ ?"

"ମା, ମୋ ପୁଅକୁ ମୁଁ ପ୍ରଥମରୁ କହି ରଖିଥିଲି, ସେ ମୋ ରୋ୍ଜଗାରରୁ କଛି ଆଶା ରଖିବ ନାହିଁ । ସେବା ସେମିତି କରିବ କାହିଁକ ? ସେ ତ ଭଲ ଦରମା ପାଉଛି । ତେଣୁ ମୋ ରୋ୍ଜଗାର ମାନେ ଏଠାରେ ଯାହାବି ହେଉଛି, ସବୁମୋର ।"

"ମୁଁ ତୋତେ ଏ କଥା ପଚା୍ରୁ ନାହିଁ । ମୋ ପ୍ରଶ୍ନ ର ଉତର ନ ଦେଇ ଏଣୁତେଣୁ କଣ ସବୁକହି ଯାଉଛୁ ?"

"ସେଇ କଥା ତ କହୁଛି ମା, ମୋର ଏଠାରୁ ଯାହା ରୋ୍ଜଗାର ହେଉଛି, ମାନେ ଏଇ ଭିକ ମାଗିବା ଦ୍ୱାରା୍, ସେତକ ମୁଁ ପ୍ରତିଦିନ ଗୋଟିଏ ଅନାଥ ଆଶ୍ରମକୁ ଦାନ କରିଦିଏ । ସେ ଅନାଥ ଆଶ୍ରମର କେୟାରଟେକାର ବାବୁ ଆସି ମୋ ପାଖରୁ ଦାନ ଅର୍ଥ ନେଇ ଯାଆନ୍ତି । ମୁଁ ଯେତେବେଳେ ଆପଣଙ୍କୁ କଛି ମାଗେ, ସେତେବେଳେ ମୁଁ ଭା୍ବିଦିଏ, ମୁଁ ଅନାଥ ଆଶ୍ରମ ପାଇଁ ଗୁଛି, ତେଣୁ ମୋ ମନକୁ କଛି ସଂକୋଚଭା୍ବ ଆସେ ନାହିଁ । ଯେଉଁମାନେ ମୋତେ କଛି ଦେଇ ପୁଣ୍ୟ ଅର୍ଜନ କରିବାକୁ ମନରେ ଅଭିଳାଷ କରୁଥାନ୍ତି, ମୁଁ ସେମାନଙ୍କୁ ତ କେବେ ନରା୍ଶ କରୁନ ମା, ବରଂ ସେମାନଙ୍କ ଦାନ ଅର୍ଥ କୁମୁଁ ଏକ ଭଲ କାମରେ ଲଗାଇ ପାରୁଛି ବୋଲି, ମୋ ମନକୁ ବୁଝାଇ ଦେଉଛି ।"

ଏତକ ଶୁଣିବା ପରେ ମନ୍ଦାକନୀ ଦେବୀ ନର୍ବାକ୍ ହୋଇ ଯାଇଥିଲେ । ସେ ଏମିତି ଏକ ମହନୀୟ କାମର ଦେବୀଙ୍କୁ ସାକ୍ଷାତରେ ଦେଖିବେ ବୋଲି ଭା୍ବି ନଥିଲେ । କେତେ କଣ ବାଜେ କଥା ସେ ସେହି ଭିକାରୁଣୀ ବିଷୟରେ ଭା୍ବିଥିଲେ, ହେଲେ ସିଏ ତ ଏକ ମହନୀୟ ଦେବୀ ପ୍ରତିମା । ମନ୍ଦିରରେ ସିନା ପଥରର ମୂର୍ତି ରହି ପୂଜା ପାଉଛନ୍ତି, ହେଲେ ଇଏ ତ

ସାକ୍ଷାତ ଜୀବନ୍ତ ପ୍ରତିମା । ତାଙ୍କ ମୁଣ୍ଡ ଏହି ମହନୀୟା ନାରୀ ପାଖରେ ନଇଁ ଆସୁଥିଲା । ସେ ଭ୍ୟାନିଟିବେଗ୍‌ରୁ ଏକ ପାଁଚଶହ ଟଙ୍କିଆ ନୋଟ୍ ବାହାରକରି ତାକୁ ଦେଇ କହିଲେ, "ଭଉଣୀ, ଆଜି ମୋ ତରଫରୁ ସେ ଅନାଥ ଆଶ୍ରମକୁ ଏଇ ସାମାନ୍ୟ ଦାନ ସ୍ୱୀକାର କର ।"

"ମା, ତୁମକୁ ମୋର ଦଣ୍ଡବତ । କଥା ଦେଇଥିଲି ବୋଲି, ସବୁ ସତ କହିଲି ସିନା, ହେଲେ ଆପଣ ଏତକ କଥା ଗୋପନ ରଖିବେ । କାହାକୁ କଛି ଦାନ ଦେଇ, ତାର ପ୍ରଚ୍ଚାର କଲେ, ସେ ଦାନ ବ୍ୟର୍ଥ ହୋଇଯାଏ । ତେଣୁ, ଯେମିତି ମୋ କାମ ଚ୍ଚାଲୁଛି, ସେମିତି ଚ୍ଚାଲୁଥାଉ । ଆପଣଙ୍କ ଦୟା ରହିଥାଉ । ଶ୍ରଦ୍ଧାଳୁମାନେ ଏମିତି ଦାନ କରି ପୁଣ୍ୟ ଅର୍ଜନ କରୁଥାନ୍ତୁ ।"

ସେ ଭିକାରୁଣୀ ସେଠାରୁ ଚ୍ଚାଲିଗଲା । ମନ୍ଦାକନୀ ଦେବୀତା ଯିବା ବାଟକୁ ଚ୍ଚାହିଁ ଏକ ଦୀର୍ଘଶ୍ୱାସ ଛାଡି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଶୂନ୍ୟକୁ ହାତ ଉଠାଇଲେ ।

ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର-

# ଦୁଃଖିନୀ ମା



ଚତରଞ୍ଜନ ବେହେରା

ପିଲାବେଳେ ଯିଏ ହୃଦୟ ଚିରି
ଅମୃତ ଦେଇ ଥିଲା ।
ଚାକିରୀ ଟେ ପୁଅ ପାଇଲା ପରେ
ସେ ମା କୁ ଭୁଲି ଗଲା ।।

ପୁଅ ଭବିଷ୍ୟତ ସୁଖେ ଯାଉ ବୋଲି
ଦେଖିଥିଲା କେତେ ସପନ ।
ବଡ଼ ମଣିଷ ଟେ ହେଲା ପରେ ପୁଅ
ବୁଝିଲାନି ନିଜ ମା ମନ ।।

ଯେଉଁ ହାତ ରନ୍ଧା ଅମୃତ ଥିଲା
ତାହା ଏବେ ପିତା ଲାଗିଲା ।
ଭଙ୍ଗା କୁଡିଆରେ ମା କୁ ଥୋଇ
ପୁଅ କୋଠା ଘରେ ରହିଲା ।।

ଯୁବା ବୟସରେ ସ୍ତ୍ରୀ କୁ ପାଇ
ହେଇ ଗଲା ପୁଅ ତାହାର ।
ପଣତ କାନି ଓ ନିସ୍ୱାର୍ଥ ଭଲପାଇବା
ମନେ ପଡ଼ିଲାନି ସେ ମା ର ।।

କାହାକୁ କହିବ ଦୁଃଖୀ ମା ଟିଏ
କାନ୍ଦି କାନ୍ଦି କାଟେ ଦିନ ।
ତଥାପି ସେ ମା ହୃଦୟରୁ କହେ
ଭଲରେ ରହୁ ମୋ ଧନ ।।

ଏହିପରି ପୁଅ ଶିକ୍ଷିତ ହୋଇଲେ
ଦୁନିଆ କି ବଦଳିବ ।
ଯେତେ ଆମ ସମାଜ ଶିକ୍ଷିତ ହେଲେ
କଣ ଜରାଶ୍ରମ ବନ୍ଦ ହବ ।।

ବୌଦ୍ଧ

# ଜୀବନ



ସଂଯୁକ୍ତା ମେହେର

ଜୀବନ ଏମିତି ଚଲାପଥ ଟିଏ
ଅଙ୍କା ବଙ୍କା ରାସ୍ତା ପରି,
କେତେ ବେଳେ କେଉଁ ମୋଡ ନେବ
କେହି ପାରନ୍ତି ନ ଜାଣି ।
ଜନ୍ମ ମୃତ୍ୟୁ ଏଠି ଦୁଇଟି ସତ
ଆଉ ସବୁ କଛି ମିଛ,
ଜନ୍ମ ହେଲେ ମୃତ୍ୟୁ ଯେ ନିଶ୍ଚୟ
ତଥାପି ମୃତ୍ୟୁ ନାମକୁ ସମସ୍ତେ
କରନ୍ତି ଯେ ଭୟ ।
ସବୁ ମିଳନର ବିଚ୍ଛେଦ ରହିଛି
ତଥାପି ବିଚ୍ଛେଦ ଶବ୍ଦ କୁତର
ଭବିଷ୍ୟତ ଏଠି ଅନିଶ୍ଚିତ,
ତଥାପି ଭବିଷ୍ୟତକୁ ନେଇ ସମସ୍ତେ ଚନ୍ତିତ !
କାଲି କଣ ହେବ କଏ ଜାଣିଛି
ଆଜିକୁ ନେଇ ବଞ୍ଚ ।
କାଲି କାହା କଥା ଶେଷ କଥା ହେବ,
କଏ ବା ଜାଣିଛି କହ ।

ପଞ୍ଚଭାୟା, ପଦ୍ମପୁର, ବରଗଡ

# ଫେରିବାଲା



ସିଦ୍ଧେଶ୍ୱର ତ୍ରିପାଠୀ

ପେଟ ପାଇଁ ନାଟ ଦୁନିଆର ପାଠ
ବିଧିର ବିଧାନ ଏହି
ଘର ପରିବାର ଜୀବନ ସଂସାର
ଯାହା ଗଢ଼ିଛି ଏ ବିହି ।

ରାତି ପାହିଗଲେ ହୁଅଇ ସକାଳ
ଜୀବନ ଜଞ୍ଜାଳ ଲାଗେ
ପେଟ ପାଟଣା ର ବୃତ୍ତି ଅନ୍ୱେଷଣେ
କିଏ ଯାଏ କେଉଁଦିଗେ ।

ଟାଇଁ ଟାଇଁ ଖରା ବିଜୁଳି ବରଷା
କୋହଲା ସେ ଶୀତ ପାଗ
ଫେରିବାଲା ବୁଲେ ଏ ଗାଁ 'ସେ ଗାଁ'
ଅହରହ ଚଉଦିଗ ।

ଦିନ ଯାଏ ପାହି ସଞ୍ଜ ଆସେ ନଇଁ
ଫେରିବାର ବେଳ ହୁଏ
ହିସାବ କିତାବ ସାରି ଫେରିବାଲା
ତା ବାଟରେ ଫେରିଯାଏ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଆସନ୍ତୁ ଜାଣିବା ବୌଦ୍ଧକ୍ଷେତ୍ର କୁପାରୀ ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ କିଛି......



ନରେନ୍ଦ୍ର ପ୍ରସାଦ ବେହେରା

ନିଘଞ୍ଚ ଶାଳବଣ ଘେରା ବୌଦ୍ଧ କୀର୍ତ୍ତି ବିରାଜିତ ନୈସର୍ଗୀକ ଧର୍ମ ପୀଠ | ଯେଉଁଠି ଅବଧୂତ ସନ୍ୟାସୀ ମାନଙ୍କର ମୂଳମନ୍ତ୍ର ଜୀବ ଓ ପରମର ଅପୂର୍ବ ମିଳନ | ହିଲ୍ଲୋଳିତ ମୃଦୁ ସମୀରଣରେ ଯେଉଁଠି ଝଙ୍କୃତ ହୁଏ ଆଧାତ୍ମିକ ଚେତନାର ସ୍ୱର | ଅବଧୂତଙ୍କ ସୁମଧୁର କଣ୍ଠରୁ ନିସୃତ କମନୀୟ ସ୍ନେହ ବୋଳା ଡାକରେ ଯେଉଁଠି ରୁଣ୍ଡିଭୂତ ପକ୍ଷୀ ମାନଙ୍କ କିଚିରି ମିଚିରି ନାଦରେ ନିନାଦିତ ହୁଏ ଏହି ମହିମା ମୟ ପୀଠର ସବୁଜ ବନାନୀ | ଆଉ ବାବାଙ୍କ ଅମୀୟ ବୋଳା ହାତରେ ପରଶି ଦେଉଥିବା ଅମୃତ ପଶରାରୁ ପକ୍ଷୀ ଶାବକମାନେ ଥଣ୍ଟ ମୂନରେ ନିଜର କ୍ଷୁଧା ନିବାରଣ ପାଇଁ ଖାଦ୍ୟନେଇ ପୁଣି ଉଡି ଯାଆନ୍ତି ନୀଳ ଆକାଶକୁ ଭେଦ କରି ଦୂରକୁ ବହୁ ଦୂରକୁ.... |

ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ ଅନ୍ତର୍ଗତ କୁପାରୀ ହେଉଛି ସେହି ମହିମା ବିମଣ୍ଡିତ ବୌଦ୍ଧ କୀର୍ତ୍ତିକୁ ବହନ କରିଥିବା ଏକ ପ୍ରାଚୀନ ସଂସ୍କୃତି ଭରା ଅଞ୍ଚଳ | ପଶ୍ଚିମରେ କେନ୍ଦୁଝର, ଦକ୍ଷିଣରେ ଭଦ୍ରକ ଓ ଉତ୍ତରରେ ମୟୂରଭଞ୍ଜ ଜିଲ୍ଲା | ଏହି ତିନି ଜିଲ୍ଲାର ସଂଗମ ସ୍ଥଳରେ ଅବସ୍ଥିତ ସ୍ଥାନଟିର ଶୋଭା ଅତି ମନୋରମ | ଯାହାର କରିଟା ସମ ଶୋଭାପାଏ ଶାରୀଶୁଆ ପାହାଡ଼ | ସବୁଜ ବନାନୀ ପରିପୂର୍ଣ୍ଣ ଶାଳବଣ ଭିତରେ ଏ ସ୍ଥାନ ବିଭିନ୍ନ ସ୍ମୃତି ବିଜଡିତ | ବାର ମାସରେ ତେର ପର୍ବ ଭଳି ଏଠାରେ ବିଭିନ୍ନ ସମୟରେ ବିଭିନ୍ନ ପର୍ବ ପାଳନ ହୋଇଥାଏ | ତେବେ ଏହି ସ୍ଥାନରେ ପ୍ରତିଷ୍ଠିତ ଶୂନ୍ୟମଣ୍ଡପର ରାହାସ  ବା କାର୍ତ୍ତିକ ପୂର୍ଣ୍ଣିମା ଖୁବ୍ ଧୁମଧାମରେ ପାଳିତ ହୋଇଥାଏ | ପ୍ରତ୍ୟେକ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ବା ପଞ୍ଚୁକ ପୂର୍ଣ୍ଣିମା ଦିନ ଏହି ସ୍ଥାନରେ ଥିବା ପୋଖରୀରେ ବ୍ରତଧାରୀମାନେ ସ୍ନାନ କରି ନିଜକୁ ଧନ୍ୟ ମନେକରିଥାନ୍ତି |

ଜନସୃତିରୁ ଜଣାଯାଏ ୧୯୨୬ ମସିହାରେ ଏହି ସ୍ଥାନରେ ଜଣେ ବ୍ୟକ୍ତି ପ୍ରଥମେ ଏକ ପତ୍ରକୁଡିଆ ତିଆରି କରିଥିଲେ | ସେତେବେଳେ ଲୋକମାନେ ଭାବିଥିଲେ କେହି ଜଣେ ନିରାଶ୍ରୟ ବ୍ୟକ୍ତି ପତ୍ରକୁଡିଆଟିଏ ତିଆରି କରି ଆଶ୍ରୟ ନେବ ବୋଧହୁଏ | ମାତ୍ର ପରବର୍ତ୍ତୀ ସମୟରେ ସବୁ ସମ୍ଭାବନାକୁ ଭୁଲ୍ ପ୍ରମାଣିତ କରି ଏଠି ଆବିର୍ଭାବ ହେଲେ ଜଣେ ଗୃହତ୍ୟାଗୀ ସନ୍ନ୍ୟାସୀ | ଯାହାଙ୍କ ନାମ ଥିଲା ପ୍ରଭାକର ଜେନା | କୁଡିଆଠାରୁ ମାତ୍ର ଅଳ୍ପ କେତେ ମିଟର ଦୂରରେ ତାଙ୍କର ଜନ୍ମସ୍ଥାନ | ହେଲେ ପରମାତ୍ମାଙ୍କ ନିର୍ଦ୍ଦେଶରେ ନିଜର ଗୃହ ଜଞ୍ଜାଳ ମାୟା ମୋହକୁ ତ୍ୟାଗ କରି ପତ୍ରକୁଡିଆରେ ସନ୍ୟାସୀ ଜୀବନଯାପନ କଲେ | ଧାରା ଶ୍ରାବଣର ଆବାରିତ ବର୍ଷା ଓ ମାଘ ମାସ ଶୀତ ଏବଂ ବୈଶାଖର ପ୍ରଚଣ୍ଡ ରୌଦ୍ର ତାପରେ ରହି ସେ ଏକ ଲୟରେ ଅବିନାଶୀ ପରମ ପୁରୁଷଙ୍କ ସାନ୍ନିଧ ଲାଭ କରିବାକୁ ନିଜର ଚେତନାକୁ ହଜାଇ ଦେଇଥିଲେ | ତାଙ୍କର ଏହି ସାଧନା ତାଙ୍କୁ ଆସ୍ତେ ଆସ୍ତେ ଜନ ମାନସରେ ଏକ ସ୍ୱତନ୍ତ୍ର ସ୍ଥାନରେ ପ୍ରତିଷ୍ଠିତ କରାଇ ପାରିଥିଲା | ପରେ ପରେ ପ୍ରଭାକର ଜେନାରୁ ପାଲଟିଗଲେ ପ୍ରଭାକର ଦାସମହାରାଜ | ସାଧନା ବଳରେ ସେ ତାଙ୍କ ପାଦୁକା ପାଣିରେ ଅନେକ ଦୁରାରୋଗ ଭଲ କରିବାକୁ ଲାଗିଲେ | ଆସ୍ତେ ଆସ୍ତେ ତାଙ୍କର ଏ ଅଲୌକିକ ପ୍ରତିଭା ଗ୍ରାରିଆଡେ ବ୍ୟାପିଗଲା | କୁପାରୀ ଶୂନ୍ୟ ମଣ୍ଡପ ପାଲଟିଗଲା ଏକ ତୀର୍ଥକ୍ଷେତ୍ର | ପୂର୍ବେ ପୁରୀରୁ କଲିକତା ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରରୁ ଭକ୍ତମାନେ ଏହି ଅବଧୂତ ବାବାଙ୍କ ଅଲୌକିକ ପ୍ରତିଭାରେ ଆକୃଷ୍ଟ ହୋଇ ଏଠାକୁ ଛୁଟି ଆସୁଥିଲେ | ବାବାଙ୍କର ଆହୁରି ଅଲୌକିକ ପ୍ରତିଭା ମଧ୍ୟ ସମସ୍ତଙ୍କ ଦୃଷ୍ଟିଗୋଚର ହୋଇଥିଲା | ଗ୍ରୀଷ୍ମ ଦିନରେ ଏ ସ୍ଥାନକୁ ଆସୁଥିବା ହଜାର ହଜାର ଭକ୍ତ ଯେତେବେଳେ ରୌଦ୍ର ତାପରେ କଷ୍ଟ ଅନୁଭବ କରନ୍ତି ସେତେବେଳେ ବାବା ଉପରକୁ ହାତ ଟେକି ଆ ଆ ଆ ତିନିଥର ଉଚ୍ଚାରଣ କଲାମାତ୍ରେ ଧୀର ସମୀରଣ ଶାଳବଣର ସବୁଜ ପତ୍ରକୁ ଧିରେ ଧିରେ ହଲେଇ ହଲେଇ ଭକ୍ତ ମାନଙ୍କର କଷ୍ଟ ଦୂର କରୁଥିଲା | ସେହିଭଳି ବାବା ଯେତେବେଳେ ପକ୍ଷୀମାନଙ୍କୁ ହାତ ଠାରି ଡାକନ୍ତି ଶହ ଶହ ପକ୍ଷୀ ଉଡିଆସି ବାବାଙ୍କ ହାତରୁ ନିଜର ଖାଦ୍ୟ ନେଇ ପୁଣି ଉଡିଯା'ନ୍ତି ଶାଳଗଛ ଉପରକୁ | ଯେ କୌଣସି ବ୍ୟକ୍ତି ନିଜ ବାଡିରେ ଲଗାଇଥିବା ପରିବା ଗଛରେ ଫୁଲ ନ ଝଡିବା ପାଇଁ ଓ ଅଧିକ ଫଳ ହେବା ପାଇଁ ବାବାଙ୍କଠୁ ପାଦୁକା ପାଣି ନେଇ ଭକ୍ତ ଗଛରେ ସିଞ୍ଚନ କଲାପରେ ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତଙ୍କ ଠାରୁ ଜଣାଯାଇଛି | ତେଣୁ ମାନସିକ କରିଥିବା ପ୍ରଥମ ଫଳଟି ଶୂନ୍ୟ ମଣ୍ଡପକୁ ଅର୍ପଣ କରଥାନ୍ତି| ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ବାବାଙ୍କ ପାଦୁକା ପାଣି ଓ

ପରାମର୍ଶ ଦ୍ୱାରା ବହୁ ପୁରାତନ ଓ ଦୁରାରୋଗ ମଧ୍ୟ ଭଲ ହୋଇପାରୁଥିଲା | ବାବାଙ୍କ ପାଖକୁ ଯିବାପାଇଁ ମନରେ ଚିନ୍ତା କରିଥିବା ବ୍ୟକ୍ତି ତାଙ୍କ ନିକଟରେ ପହଞ୍ଚିଲା ମାତ୍ରେ ହିଁ ଚିନ୍ତା କରିବା ଦିନ, ବାର ଓ ସମୟ ମଧ୍ୟ କହିଦେଉଥିଲେ ବାବା | ଯାହା ପରୀକ୍ଷା ସ୍ୱରୂପ ଜଣାଯାଇଛି | ଏହି ଭଜ ଶୂନ୍ୟ ମଣ୍ଡପର ମାହାତ୍ମ୍ୟ ପ୍ରଚାରିତ ହେବା ବେଳକୁ ବାବାଙ୍କ ବୟସର ପ୍ରବଲ୍ୟତା ଦେଖା ଦେଇଥିଲା | ଝାଡଖଣ୍ଡ ରାଜ୍ୟର ବିଜୟ ତରଣ ଆଶ୍ରମକୁ ସାଧୁ ଦର୍ଶନ କରିବାକୁ ଯାଇଥିବା ୨୦ ବର୍ଷର ଯୁବକ ଆଧାତ୍ମିକ ଚେତନାରେ ଛନ୍ଦି ହୋଇ ସନ୍ୟାସ ଜୀବନ ଯାପନ କରୁଥିବା ଅବଧୂତ ମହାରାଜ ବାବାଙ୍କୁ ଏହି ଶୂନ୍ୟ ମଣ୍ଡପର ଦାୟିତ୍ୱ ବହନ କରିବାକୁ ସ୍ୱପ୍ନାଦେଶ ହୋଇଥିଲା | ସେ କୁପାରୀ ଶୂନ୍ୟ ମଣ୍ଡପରେ ପହଞ୍ଚିବା ପରେ ୨୦୦୩ ମସିହା ଅକ୍ଟୋବର ମାସ କୁମାର ପୂର୍ଣ୍ଣିମା ଦିନ ପ୍ରଭାକର ବାବା ତାଙ୍କୁ ଶୂନ୍ୟ ମଣ୍ଡପ ପରିସରକୁ ନେଇ ଉକ୍ତ ମଣ୍ଡପର ଉତ୍ତରାଧିକାରୀ ଭାବେ ଅଭିଷିକ୍ତ କରାଇଥିଲେ | ତା'ପରେ ତାଙ୍କର ସମସ୍ତ ଦାୟିତ୍ୱରେ ପୂର୍ଣ୍ଣଚ୍ଛେଦ ପଡିଲା | ୧୮୯୪ ମସିହା ଶ୍ରାବଣ ମାସରେ ଇହଧାମକୁ ସ୍ପର୍ଶକରିଥିବା ଏହି ମହାନ ଆତ୍ମା ୨୦୦୪ ମସିହା ଜାନୁୟାରୀ ୧ ତାରିଖ ଦିନ ସମସ୍ତଙ୍କର ଆଶାକୁ ନିରାଶରେ ପରିଣତ କରି ବ୍ରହ୍ମଲୀନ ହୋଇଯାଇଥିଲେ |

ଏହି ଶୂନ୍ୟ ମଣ୍ଡପରେ ବର୍ଷକୁ ୬ ଟି ପର୍ବ ପାଳନ ହେଉଥିବା ବେଳେ ରାହାସ ପୂର୍ଣ୍ଣିମା ହେଉଛି ଶ୍ରେଷ୍ଠ ପର୍ବ | ଏହି ପୂର୍ଣ୍ଣିମା ଦିନ ହଜାର ହଜାର ଭକ୍ତ ଏଠାରେ ଉପସ୍ଥିତ ହେଉଥିବା ବେଳେ ବାବାଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ହେଉଥିବାରୁ ପ୍ରଶାସନ ପକ୍ଷରୁ ପୋଲିସର ବ୍ୟବସ୍ଥା ହୋଇଥାଏ | ଏଥି ସହିତ କିଛି ସମାଜସେବୀ ଓ କିଛି ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ ଏବଂ ଶୂନ୍ୟ ମଣ୍ଡପ କମିଟି ତରଫରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥାଏ | ପାନୀୟ ଜଳ ବ୍ୟବସ୍ଥା ସହ ପରିବେଶକୁ ପରିଷ୍କାର ରଖିବା ପାଇଁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥାଏ  ବୋଲି ଅବଧୂତ ମହାରାଜଜୀ ପ୍ରକାଶ କରିଛନ୍ତି | ତାଙ୍କର ଧର୍ମର ମୂଳ ତତ୍ତ୍ୱ କ'ଣ ପଚାରିବାରୁ ସେ କହିଥିଲେ ଯେ ଏହା ହେଉଛି ତତ୍ତ୍ୱ ଭିତ୍ତିକ ଭେଟ, ଜୀବ ଓ ପରମର ସଂଯୋଗ ସ୍ଥଳ | ତାଙ୍କର ଶେଷ ଇଛା କ'ଣ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ସମାଜର କଲ୍ୟାଣ ଓ ଜୀବେଦୟା ହେଉଛି ମୋର ଶେଷ ଇଛା | ବାବାଙ୍କ ଅମର କୀର୍ତ୍ତି, ସାଧନା ଗୃହ, ବ୍ରହ୍ମ ଆଶ୍ରମ, ଭଜନ ମଣ୍ଡପ, ମଧୁ ସାଗର ଓ ପାଦୁକା କୁଣ୍ଡ

ହେଉଛି ଏହି ପରିସରରେ ଦର୍ଶନୀୟ ସ୍ଥାନ | ସବୁ ଧର୍ମର ସମନ୍ୱୟରେ ସ୍ଥାପିତ ଏହି ଶୂନ୍ୟ ମଣ୍ଡପ ହେଉଛି ଶୂନ୍ୟ ବ୍ରହ୍ମର ଏକ ଅପରିବର୍ତ୍ତନୀୟ ସଂଯୋଜନା |

ବ୍ଲକ ଉପାଧକ୍ଷ ତଥା କୁପାରୀ ମାଟିର ଲଢୁଆ ପୁଅ ଜୟନ୍ତ କୁମାର ରାଉତଙ୍କ ଦୀର୍ଘ ଦିନର ଉଦ୍ୟମ ଏବଂ ପର୍ଯ୍ୟଟନ ବିଭାଗର ସୁପାରିଶ କ୍ରମେ ଶେଷରେ ବର୍ତ୍ତମାନର ଓଡିଶା ସରକାର ନବୀନ ପଟ୍ଟନାୟକ କୁପାରୀ ବୌଦ୍ଧକ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି। ପରେ ପରେ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରତି ମୂହୁର୍ତ୍ତରେ ଏହାର ଉନ୍ନତି କରି ଚାଲିଛନ୍ତି । ଏଥିରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କୁ କୁପାରୀ ମାଟିର ସନ୍ତାନ ତଥା ଖଇରା ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ଏବଂ କୁପାରୀ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ଓ କରୁଥିବେ ମଧ୍ୟ । ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦିଗରେ ସ୍ଥାନୀୟ ଜନସାଧାରଣ ମଧ୍ୟ ବିଭାଗୀୟ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରୁଛନ୍ତି । ଆଗାମୀ ଦିନରେ ରାଜ୍ୟ ଓ ଦେଶ କାହିଁକି ସାରା ବିଶ୍ୱରେ କୁପାରୀ ବୌଦ୍ଧକ୍ଷେତ୍ର (ପର୍ଯ୍ୟଟନ ସ୍ଥଳୀ) କପରି ସ୍ଥାନ ଅଧିକାର କରିବ ସେଥିପାଇଁ ବର୍ତ୍ତମାନର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ, ବ୍ଲକ ଉପାଧକ୍ଷ ଓ କୁପାରୀ ସରପଞ୍ଚଙ୍କ ଉଦ୍ୟମକୁ ସମ୍ପୃକ୍ତ ଅଞ୍ଚଳବାସୀ ବେଶ ପ୍ରଶଂସା କରୁଛନ୍ତି । ଅଞ୍ଚଳବାସୀଙ୍କର ଏହିଭଳି ସହଯୋଗ ଜାରି ରହିଲେ ଏ କ୍ଷେତ୍ର ଆହୁରି ଅଧିକ ଉନ୍ନତି ହୋଇ ପାରିବ ବୋଲି ସଂଗ୍ରହକାରୀ କବିକମଳ ନରେନ୍ଦ୍ର ପ୍ରସାଦ ବେହେରାଙ୍କୁ ଉପାଧକ୍ଷ ଶ୍ରୀ ରାଉତ ଓ ସରପଞ୍ଚ ଶ୍ରୀମତୀ ନାୟକ କହିଛନ୍ତି ।  ପର୍ଯ୍ୟଟନ କ୍ଷେତ୍ର କୁପାରୀକୁ ଯୋଗାଯୋଗ ରାସ୍ତା-- ସୋର କଲେଜ ଛକରୁ ୨୯ କ.ମି., ଭଦ୍ରକ ଭାୟା ଆଗରପଡାରୁ ୩୦କ.ମି., ଭଦ୍ରକ ଭାୟା ରାଣୀତାଲରୁ ୩୪କ.ମି., କେନ୍ଦୁଝର ଜିଲ୍ଲା ଛେନାପଦି ଭାୟା ଆଗରପଡାରୁ ୨୮ କ.ମି., ମୟୂରଭଞ୍ଜ ଜିଲ୍ଲା ଉଦଳା ଭାୟା ଔପଦାରୁ ୫୪କ.ମି. ଅଟେ । ଏଥିସହିତ ମା' ଅମ୍ବିକା ଉଦାସୀନ ଆଶ୍ରମ, ବହୁ ପୁରାତନ ନୃସିଂହ ମଠ ଓ କପିଳମୁନୀ ଆଶ୍ରମ, ଶାରୀଶୁଆ ପାହାଡ, ହଦ ପୋଖରୀ, ମହାନଗା ପୋଖରୀ, ଶାମୁକା ପୋଖରୀ ଓ ବିଭିନ୍ନ ଦେବାଦେବୀ ମନ୍ଦିର ବିଦ୍ୟମାନ ଅଟେ । ଆହୁରି ମଧ୍ୟ ପୁରାତନ ସୁଡଙ୍ଗର ପୁନରୁଦ୍ଧାର ନିମନ୍ତେ ନିକଟରେ ପ୍ରତ୍ନତତ୍ତ୍ୱ ବିଭାଗର ପରିଦର୍ଶନ ଅଞ୍ଚଳବାସୀଙ୍କ ମନରେ ବେଶ କୌତୁହଳ ସୃଷ୍ଟି କରିଛି ।

ଆଳଦା, ଖଇରା, ବାଲେଶ୍ୱର

# ଭରିଦିଅ ମନେ
# ତୁମରି ଭାବନା



ରାଜକିଶୋର ସାଇଁ

ବନ୍ଦେ ଗଣପତି ମଥା ମୋର ପାତି
ଏତିକ କରୁଛି ଅଳି
ଫେଡ ମୋ ଅନ୍ତରୁ ଅଜ୍ଞାନ ତିମିର
ଜ୍ଞାନର ମଶାଲ ଜାଳି ।୧ ।

ବାହନ ମୂଷିକ ସିନ୍ଦୁର ଶ୍ରୀମୁଖ
ବକ୍ରତୁଣ୍ଡ ମହାକାୟ
ସବୁ ଶୁଭ ବୁଦ୍ଧି ଦାତା ତୁମେ ଦେବ
ତୁମ ପାଦେ ରହୁ ଲୟ ।୨ ।

ଆହେ ଗଜାନନ ଗିରିଜା ନନ୍ଦନ
ଏକଦନ୍ତ ଲମ୍ବୋଦର
ବିଘ୍ନ ବିନାଶକ ସିଦ୍ଧି ପ୍ରଦାୟକ
ନିରାଶ ମୋତେ ନ କର ।୩ ।

ତୁମ ଗୁଣ ସୀମା ଅପାର ମହିମା
କେ କରି ପାରେ କଳନା
ସବୁ ଶୁଭ କାମେ ପ୍ରଥମେ ହୁଅଇ
ତୁମରି ପୂଜା ବନ୍ଦନା ।୪ ।

ଜୀବନର ମାନେ ଶିକ୍ଷାକୁ ବୁଝାଏ
ଶିକ୍ଷାର ମାନେ ଜୀବନ
ବିଦ୍ୟା ବୁଦ୍ଧି ବିନା ସଂସାରରେ ମୁହିଁ
ହୁଅଇ କ ହୀନମାନ ।୫ ।

ଭରିଦିଅ ମନେ ତୁମରି ଭାବନା
ଆହେ ପ୍ରଭୁ ଗଣନାଥ
କଣ୍ଠେ ଦିଅ ଭାଷା ଗାଇବାକୁ ନିତି
ତୁମ ଭକତି ସଙ୍ଗୀତ ।୬ ।

ତୁମେ ପରା ବିଦ୍ୟାଦାତା ବିନାୟକ
ଏତିକି ସୁଦୟା ହେଉ
ତୁମ କରୁଣାର ପରଶ ପାଇ ମୋ
ଜୀବନ ବଦଳି ଯାଉ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଯଦି ତୁମେ ଫେରିଆସ !



ରିୟା ବେହେରା

ଯଦି ତୁମେ !
ଫେରିଆସ ପୁଣି ମୋ ପାଖକୁ
ବାକି ଅଛି ଅନେକ କଥା କହିବାକୁ,
ସାଇତି ରଖିଛି,
କେତେ ସ୍ମୃତି କେତେ ଅନୁଭୂତି !
ଯଦି ତୁମେ!
ଫେରିଆସ କହିବି ତୁମକୁ ।୧।
ଆମ ଗାଁ ନଈ କହିବ!
କେମିତି ଶୁଖି ବସିଛି,
ତୁମ ଫେରିବା ବାଟକୁ !
ଗାଁ ମୁଣ୍ଡର ଝଙ୍କା ବରଗଛ କହିବ
କେତେ ଝୁରୁଛି ତୁମକୁ !
ସେ ତ ପ୍ରତିଟି କଥାର ମୁକସାକ୍ଷୀ
ଲୁଚେଇ ରଖିଛି ଗୋପନ କଥାକୁ,
ଯଦି ତୁମେ ଫେରିଆସ !
କହିବି ତୁମକୁ ॥
ସଞ୍ଜ ନଇଁଲେ
ଏକା ଏକା ବସି
କେତେ ଯେ ଝୁରିଛି ତୁମକୁ,
କେତେ ରାତି ବିନିଦ୍ର ରହିଛି

ଝରକା ଖୋଲି ଜହ୍ନ ସହ ଗପିଛି
ମୃଦୁ ମଳୟକୁ ଦୁଃଖ ମୋ କହିଛି,
ତା ହାତେ ଦେଇଛି,
କେତେ ଚଠି ତୁମକୁ ଦେବାକୁ !
ଯଦି ତୁମେ ଫେରିଆସ
କହିବି ସେ କଥା ତୁମକୁ ॥
ବର୍ଷାରେ ନ ଭିଜି ବି!
ଓଦା ହୋଇଛି ପଣତ
ନରମ ଓଠ ମୋ ଲୁହ ପିଇ ପିଇ
ଲୁଣିମାରି ଯାଇଛି
କେବେ ବାଧାବିଘ୍ନ ସହିଛି,
ତୁମ ପାଖକୁ ଯିବାକୁ !
ଯଦି ତୁମେ ଫେରିଆସ
କହିବି ସେ ଗୋପନ କଥାକୁ !

ନମାପଡା, ପୁରୀ

# ଅଭିନନ୍ଦନ ଭାରତୀୟ ଖେଳାଳି



ବିଷ୍ଣୁପ୍ରିୟା ଦାସ

ରୂପାରୁ ଆରମ୍ଭ ହୋଇଲା
ସୁନା କରିଲା ଶେଷ
ଝକମକ ହୋଇ ଦିଶିଲା
ସାରା ବିଶ୍ୱରେ ବେଶ।
ଫରଫର ହୋଇ ଉଡିଲା
ଆମ ତ୍ରିରଙ୍ଗା ବାନା,
ଗର୍ବରେ ଛାତିଟି ଫୁଲିଲା
ଦେଖି ନୀରଜ ସୁନା।
ନୂଆ କୀର୍ତ୍ତିମାନ ହୋଇଲା
ଇତିହାସ ପୃଷ୍ଠାରେ,
ସୁବର୍ଣ୍ଣ ଅକ୍ଷରରେ ରହିଲା
ବିଶ୍ୱ କ୍ରୀଡା କ୍ଷେତ୍ରରେ।
ଉତ୍ସବ ମୁଖର ହୋଇଛି
ସାରା ଭାରତ ବର୍ଷ,
ଅଭିନନ୍ଦନର ସୁଅରେ
କ୍ରୀଡାଜଗତ ହର୍ଷ।
ମୀରାବାଇ ବୀଣା ବଜାଇ
ରବି କରଣ ସହ,
ଝକମକ ହୋଇ ଦିଶିଲା
ରୂପା ଦର୍ପଣ ମୁହଁ।

ସିନ୍ଧୁ ଦେଖାଇଲେ ଗର୍ଜନ
ଲିବା ଦେଖାଇ ପ୍ରେମ,
ବଜରଙ୍ଗୀ ନିଜ ବଳରେ
କାଂସ୍ୟ ପଦକେ ନାମ।
ଜାତୀୟ କ୍ରୀଡାର ମହତ୍ତ୍ୱ
ସାରା ବିଶ୍ୱ ଜାଣିଛି,
ପୁରୁଷ ବିଭାଗ ଖେଳାଳି
ଆଜି ତାହା କରିଛି।
ବହୁତ ପ୍ରେରଣା ପାଇଲେ
ଆମ ଯୁବ ପିଢିଏଁ,
ନୂତନ ଉତ୍ସାହେ ବଢିବେ
ନାମ କରି ସଭିଏଁ।

ଜିଲ୍ଲା : ଖୋର୍ଦ୍ଧା
ଗ୍ରାମ : ହୀରାପୁର

# ଗୁଡମର୍ଣ୍ଣି



ଝରଣା ବାରିକ

ନୂଆ ନୂଆ କଲେଜ ଯାଉଥାଏ ଅଙ୍କିତ । ଷୋହଳ ସତର ବର୍ଷ ବୟସରେ ବେଶ ସୁନ୍ଦର ଦେଖା ଯାଉଥାଏ ସେ। ସବୁ ଝିଅ ଙ୍କ ନଜର ତା ଉପରେ। ଅଙ୍କିତ କନ୍ତୁ ସେସବୁ କୁ ପସନ୍ଦ କରେନାହିଁ। ପାଠ ପଢା କୁ ବେଶୀ ଗୁରୁତ୍ୱ ଦିଏ। ଖେଳ କୁଦ ସାଙ୍ଗ ସାଥି ମାନଙ୍କ ସହିତ ମଜାକ କରିବା ଛୋଟ ଛୋଟ ଜୋକ୍ ଶୁଣେଇ ହସେଇବାରେ ସେ ଥିଲ୍ ମାହିର। ଝିଅ ମାନଂକ ସହିତ ମିଳାମିଶା କରିବା ତାର ପସନ୍ଦ ନଥିଲ୍। ସେ ସବୁବେଳେ ଭବେ ପାଠ ପଢା ସମୟ ଆଉ ଫେରିବନି। ମଜା ମସ୍ତି କରିବାକୁ ତ ଜୀବନସାର୍ ପଡ଼ିଛି। ଅଙ୍କିତ ର ସାଙ୍ଗ ଆକାଶ । ଦୁହେଁ ଅତି ଘନଷ୍ଠ ବନ୍ଧୁ। ଆକାଶ ଘରକୁ ଅଙ୍କିତ ପ୍ରାୟ ଦିନ ଯାଏ। ଆକାଶ ବି ଅଙ୍କିତ ଘରକୁ ଆସେ। ଏମିତି ଯିବା ଆସିବା ଭିତରେ ଆକାଶ ର ଭଉଣୀ ଅଙ୍କିତା ମନେ ମନେ ଅଙ୍କିତ କୁ ଭଲ ପାଇ ବସେ। ଏସବୁ ଅଙ୍କିତ ଜାଣି ପାରେନ। ତାର କଲେଜ ରୁ ଫେରିବା ସମୟରେ ଅଙ୍କିତା ବାଟରେ ତାକୁ ଅପେକ୍ଷା କରି ରହିଥାଏ। ତାଙ୍କ ଘରକୁ ଗଲେ ବହୁତ ସମୟ ପାଖରେ ବସି କଥା ହୁଏ। କେତେ କ'ଣ ଇସାର୍ ରେ କୁହେ। କନ୍ତୁ ଅଙ୍କିତ ସେ ସବୁକୁ ଧାନ ଦିଏନ।

ଖର୍ ଦିନ ସମୟ ଅଙ୍କିତ ଆକାଶ ଘରକୁ ଯାଇଥିଲ୍। ସେଦିନ ବେଶୀ ଖର୍ ହେଉ ଥିବାରୁ ଆକାଶ ର ମାଆ ଅଙ୍କିତ କୁ ରହି ଯିବା ପାଇଁ କହିଲେ। ଆକାଶ ବି ବାଧ୍ୟ କଲ୍ ।ଦୁଇ ସାଙ୍ଗ ଖାଇ ପିଇ ଶୋଇଗଲେ। କଛି ସମୟପରେ ଆକାଶ ର ନଦ ଭଙ୍ଗିଗଲ୍ ସେ ଯାଇ ଟିଭି ଦେଖୁଥାଏ। ଅଙ୍କିତ ଏକା ଜୋର ନଦରେ ଶୋଇ ପଡ଼ିଥାଏ। ଏ ସୁଯୋଗ କୁ ହାତ ଛଡା କଲ୍‌ନ ଅଙ୍କିତା ଲୁଚ ଲୁଚ ଯାଇ ଅଙ୍କିତ ଗାଲରେ ଗୋଟିଏ କସ୍ କରିଦେଲ୍। ଅଙ୍କିତ ର ନଦ ଭଙ୍ଗିଗଲ୍। ପାଖରେ ଅଙ୍କିତା ବସି ହସୁଥିବାର ଦେଖି ତାକୁ ଆଉ କଛି ବୁଝି ବା ପାଇଁ ବାକ ରହିଲ୍‌ନ। କାହାକୁ କଛି ନ କହି ସାଙ୍ଗେ ସାଙ୍ଗେ ପଳେଇ ଆସିଲ୍ ଘରକୁ। ସେଦିନ ଠାରୁ ଆଉ କେବେ ସେ ଆକାଶ ଘରକୁ ଯାଏନ।

ଅଙ୍କିତା ମନେ ମନେ ବହୁତ ଜୋରରେ ରାଗିଯାଏ। ଅଙ୍କିତ ସହିତ ଦେଖା ହେଲା ପରେ ତାକୁ ପ୍ରପୋଜ କରେ । କିନ୍ତୁ ଅଙ୍କିତ ସିଧା ସିଧା ମନା କରି ଦିଏ। ଅଙ୍କିତା ରାଗିଯାଇ ୟାଡୁ ସିଆଡୁ କେତେ କ'ଣ ଗପିଯାଏ। ସେ ସବୁକୁ ଖାତିର୍ କରେନି ଅଙ୍କିତ। କିଛି ଦିନ ପରେ ଅଙ୍କିତା ର ବାହାଘର ହୋଇଯାଏ ଅଙ୍କିତ ର ଆଉ ଗୋଟିଏ ସାଙ୍ଗ ସହିତ। ଏ କଥା ଅଙ୍କିତ କୁ ଜଣା ନଥାଏ। କାରଣ ଅଙ୍କିତ ବାହାରେ ଚାକିରି କରୁଥାଏ।

କିଛି ଦିନ ପରେ ସେଇ ସାଙ୍ଗ ତା ପାଖକୁ ଗୁଡମର୍ଣ୍ଣିଂ ମାସେଜ ଟିଏ ଦେଇଛି। ଦେଖିକି ଭାରି ଖୁସି ହେଲା ଅଙ୍କିତ ସିଏ ବି ଭେରି ଗୁଡମର୍ଣ୍ଣିଂ ଲେଖି ପଠେଇ ଦେଲା। କିଛି ଦିନ ହେବ ଏମିତି ଚାଲିଲା। ଦିନେ ସେଇ ସାଙ୍ଗ ଫୋନ କଲା ଆଉ କହିଲା ସାଙ୍ଗ ମୁଁ ତତେ ବହୁତ ମିସ୍ କଲି ତୁ ମୋ ବାହାଘର କୁ ଆସି ପାରିଲୁନି। ଦୁଇ ସାଙ୍ଗ ଭିତରେ କଥାବାର୍ତ୍ତା ପରେ ଅଙ୍କିତ ଜାଣିଲା ଯେ ତା ସାଙ୍ଗ ସେଇ ଝିଅ ମାନେ ଅଙ୍କିତା କୁ ବାହାହେଇଛି। ଶେଷରେ ତା ସାଙ୍ଗ ତାକୁ କହିଲା ସେ ଯାହା ବି ହେଉ ତୁ ସବୁଦିନେ ମତେ ଗୁଡମର୍ଣ୍ଣିଂ ମାସେଜ ଟିଏ ଦେଉଛୁ। ମୋ ପାଖରେ ସମୟ ନାହିଁ ତତେ କିଛି ଲେଖିବା ପାଇଁ। ବହୁତ ବହୁତ ଧନ୍ୟବାଦ ସାଙ୍ଗ ମତେ ଏତେ ଭଲ ପାଉଥିବାରୁ।

ଅଙ୍କିତ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲା""""""""""""!

ତା ହେଲେ ଏ ଗୁଡମର୍ଣ୍ଣିଂ ମାସେଜ ଦେଉଛି କିଏ::::::::?

ସମଲ, ତାଳଚେର, ଅନୁଗୋଳ

# କବିତା



ତ୍ରିପତି ପ୍ରଧାନ

ହେ କବିତା
ତୁମେ ପର୍ କବିର
ମାନସ ଦୁହିତା (୧)
ମା ବନ ଝାଡ଼ି ଗ୍ଭଲ
ଅତୁଳ  ଦିଗ୍ ଦର୍ଶନ ଝୁଲ
ବିପଦେ ଧରି ନବରସ ଅସ୍ତ୍ର
କାତ୍ୟାୟିନୀ, ଲକ୍ଷ୍ମୀ, ସରସ୍ୱତୀ
ରୂପେ ହୋଇ ବିମଣ୍ଡିତା (୨)
ଭଗ୍ନୀ ରୂପେ
ସୁମନ ସମ
ସଙ୍ଗୀତ ସମୀରେ ଭରି
ଛନ୍ଦ, ଅଳଙ୍କାର ବାସ୍ନା
ଜନ ହୃଦେ କୋଣେ ଅନୁକୋଣେ
ବିତରୀ ଯାଉ
ଶାନ୍ତି, ପ୍ରୀତି, ସ୍ନେହ, ସମାନତା (୩)
ଦୁହିତା ହୋଇ
ପୋଛି ଦେଉ
ଦୁଃଖ, କଷ୍ଟ, ଅନ୍ଧବିଶ୍ୱାସ
ନରୁତ୍ସାହ, ଭଗ୍ନ ମାନସିକତା (୪)
ପ୍ରେମିକା ହୋଇ
ଶବ୍ଦ ଚୁମ୍ବନେ
ଜାଗି ଦେଉ
ମାଦକତା (୫)
ତୋତେ ପାଇ
କବି ଜନ୍ମ
ହୁଏ ମହାନତା (୬)

ସଂସ୍କୃତ ଶିକ୍ଷକ, ଚକଟି

# ମୋ ବୟସର



ବିଜୟ କୁମାର ସାହୁ

ମୋ ବୟସର ଯୌବନ ବେଳାରେ
ତୁମକୁ ଗୋ ମୁଁ ପାଇଥିଲି
ପ୍ରୀତି ପାରିଜାତ ଉପବନେ ପୁଣି
ତୁମ ସଙ୍ଗେ ଖେଳୁଥିଲି
ତୁମ ରୂପ ଚନ୍ଦ୍ରିକାର ରୋମାଞ୍ଚିତ ଆଭା
ସମ୍ମୋହିତ କରୁଥିଲା
ସ୍ୱପ୍ନର ସୁନ୍ଦରୀ କବିତା ଗୋ ଥିଲ
ମୋ ପାଇଁ ବିଳାସୀ ପ୍ରିୟା
ପ୍ରୀତିମୟ ନନ୍ଦାନରେ ତୁମେ ଗୋ କବିତା
ଚଞ୍ଚଳ ମନକୁ କରୁଥିଲ ମଧୁମୟ
ତୁମରି ମୁକୁଳା ଯୌବନରେ
ଆଙ୍କିଥିଲି ମୁଁ ମଧୁଶାଳ/(ମଧୁଶାଳା)
କରିପାରିଲିନ ସିନା ସବୁଦିନ ପାଇଁ
ଅଙ୍ଗଶାୟିନୀ ଗୋ ଲଳନା
ହେଲେ ତୁମ ପାଇଁ କଆଁ ମତୁଆଲା
ଘାରିଛି ମୋତେ ତୁମ ପ୍ରୀତି ନଶା
ତୁମେ ବି ଅନ୍ୟର ମୁଁ ବି ଅନ୍ୟର
ଗଢ଼ିଅଛେ କ୍ଷୁଦ୍ର ସଂସାର
ତଥାପି ଅଳପ ଦିନର ସେ ଅଭୁଲା ସ୍ମୃତି
କଆଁ ଏତେ ଉଜାଗର ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ଦୃଢ ନିଶ୍ଚୟ



ଝିଲ୍ଲି କୁମାରୀ ସାହୁ

ପ୍ରତିଦିନ ପ୍ରତିକ୍ଷଣ ନୁହେଁ ଏକାପରି.....
କେତେ ଜଟିଳତା, ବାଧାବିଘ୍ନ ଭରା ଏଠି କେହିନୁହେଁ କାହାରି ॥

ଧର୍ଯ୍ୟଧରି ଅସୀମ ........
ସାଧନାର ସିଦ୍ଧି ବଳେ.....
ଶ୍ରେଷ୍ଠ ଗଣେ ହେବା ବିବେଚତ ,
ସତକର୍ମେ ସମାଜେ ହେବା......
ପ୍ରତିଷ୍ଠିତ ॥

ନହୋଇ ବିବ୍ରତ......
କରି ଦୃଢନିଶ୍ଚିତ....
ଅସମ୍ପୂର୍ଣ୍ଣ ଅଭିଳାଷ ଦିନେ ହେବ ସୁଫଳ ସୁନିଶ୍ଚିତ ॥

ଭାଗ୍ୟକୁ ନ' ନିନ୍ଦି ନ 'କରି ଶୂନ୍ୟତାର ବିଳାପ.......
ସମୟମୂଲ୍ୟ ଚିହ୍ନିଣ ,
ଅନ୍ୟଥା ନ କରି ପ୍ରଳାପ......
ଦୃଢନିଶ୍ଚିୟେ ସଫଳତା ଅଧିକାରୀହେବା ରେ ଅମାପ ॥

ସାମ୍ନା କରି ଘାତ ପ୍ରତିଘାତ
ଜଟିଳ ପରୀକ୍ଷା ଏ ଜୀବନ,
ତିଳେ ସନ୍ଦେହ ନାହିଁତ ... ॥

ନିଶ୍ଚିତର ସଂକଳ୍ପ ରେ ବଢ଼ାଇବା ପାଦ.......
ଭବିଷ୍ୟତ ହେବ ନିଶ୍ଚୟ ବିଜୟର ପଥ ॥

ନିଜସ୍ୱ ସୃଜନୀ ରେ ରଚନା କରିବା,
ଭିନ୍ନଏକ ପ୍ରତିଭା ସଂରଚନାର ସାକ୍ଷ୍ୟ ପ୍ରତିପାଦନ ଦେବା ॥

ବ୍ରହ୍ମପୁର, ଗଞ୍ଜାମ

# ସର୍ବଂସହା



କାଳକଙ୍କର

### ଧାରାବାହିକ ଉପନ୍ୟାସ:
### (ଦ୍ୱିତୀୟ ଭାଗ)

ଜମିଦାରୀ ଉଚ୍ଛେଦ ହେଲାପରେ ପ୍ରଜାମାନଙ୍କ ମନରେ ଏକ ବିପରିତ ଉତ୍ସାହ ଦେଖାଗଲା । ସେମାନେ ଜମିଦାରଙ୍କର ଯେଉଁ ଜମିରେ ଜମିଦାରଙ୍କ ପାଇଁ ଫସଲ ଉପାର୍ଜନ କରୁଥିଲେ ସେ ଜମିରୁ ଆଉ ଉତ୍ପାଦିତ ଫସଲ ଫେରାଇଲେ ନାହିଁ । ସରକାର ମଧ୍ୟ ସ୍ୱାଧୀନତା ପ୍ରାପ୍ତି ପରର ପରିସ୍ଥିତିରେ ଜନତାଙ୍କର ଭୋଟର ସିଂହଭାଗ ଆପଣେଇବାପାଇଁ ବହୁସଂଖ୍ୟକ ଲୋକଙ୍କୁ ଖୁସି କରିବାପାଇଁ ବିଭିନ୍ନ ଆଇନ ପ୍ରଣୟନ କରିବାକୁ ଲାଗିଲେ । ସେତେବେଳେ ଏ ଦେଶର ଜନତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ସ୍ୱାଧୀନତା ଆନ୍ଦୋଳନ ହୋଇଥିଲା ଓ ସେଥିରେ ଯେଉଁମାନେ ସାମିଲ ହୋଇଥିଲେ ବା ନେତୃତ୍ୱ ନେଇଥିଲେ ତାଙ୍କ ପାଖରେ ସେମାନେ କୃତଜ୍ଞ ହୋଇ ରହିଲେ ।

କଂଗେସ ଏ ଦେଶରେ ଶାସନ କଲା । ୧୯୫୦ ମସିହାରେ ଯେଉଁ ନିର୍ବାଚନ ହେଲା ସେ ନିର୍ବାଚନରେ କୃତଜ୍ଞ ରାଷ୍ଟ୍ର କଂଗ୍ରେସକୁ ବିପୁଳ ସମର୍ଥନ ଦେଇ ସରକାର ଗଠନ କରାଇଲେ। ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଅବଦୁଲ କାଲାମ ଆଜାଦ ଇତ୍ୟାଦି ବହୁ ନେତୃବୃନ୍ଦ ଏ ଦେଶର ମନ୍ତ୍ରୀମଣ୍ଡଳ ଗଠନ କଲେ ।

ଅବଶ୍ୟ, ସର୍ବଂସହାର ଭୂମିକାରେ ନୀଜର ସମଗ୍ର ଜୀବନ ଏ ଦେଶର ସ୍ୱାଧୀନତା ପାଇଁ ଉତ୍ସର୍ଗ କରିଥିବା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ସେ ବେଳକୁ ଏ ସ୍ୱାଧୀନ ଭାରତର ସରକାରକୁ ଦେଖିବାପାଇଁ ବଂଚ ନ ଥିଲେ । ଜଣେ ଆତତାୟୀର ଗୁଳମାଡରେ ସେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖଦିନ ଟଳି ପଡିଲେ । ଏହାହିଁ ଏକ ବିଚିତ୍ର ବିଡମ୍ବନା ଏ ଦେଶ ମାତୃକାର ।

ସମଗ୍ର ପୃଥିବୀରେ ଦିନେ ଯଦି ସବୁଠାରୁ ସମ୍ପନ୍ନ ଭୂମି କଏ ଥିଲା ତାହା ଏହି ଭାରତଭୂମି ଥିଲା ବୋଲି ବହୁ ଐତିହାସିକ ତଥ୍ୟ ଆମ ଆଗରେ ଉପସ୍ଥାପିତ ହୋଇଛି । ଭାରତର ବଣ ଜଙ୍ଗଲ, ପାହାଡ ପର୍ବତ, ବୃକ୍ଷଲତା ଏମିତି କି ମାଟି ତଳ ଓ ଉପରେ ପ୍ରାଚୁର୍ଯ୍ୟ ଭରି ରହିଥିଲା ବୋଲି ପୃଥିବୀର କୋଣ ଅନୁକୋଣରେ କଥା ପ୍ରସାରିତ ଥିଲା । ପୃଥିବୀର ବହୁ ଭାଗରୁ ଲୋକେ ସେତେବେଳେ ଜଳଭାଗରେ ଯାତ୍ରା କରି ଭାରତରେ ପହଂଚବାକୁ ଚେଷ୍ଟା କରୁଥିଲେ । ସମସ୍ତଙ୍କର ଏକମାତ୍ର ଆକର୍ଷଣର ଭୂମି ଥିଲା ଏହି ଭାରତ ଭୂମି ।

ୟୁରୋପ ଓ ଆମେରିକା ଆଦିର ଭୂଭାଗରୁ ନାବିକମାନେ ମାସ ମାସ, ବର୍ଷ ବର୍ଷ ଧରି ଭାରତର ଆବିଷ୍କାର କରିବାକୁ ବାହାରି ଆସୁଥିଲେ ।

ଭାରତ ବଦଳରେ ଅନ୍ୟ ଭୂଭାଗକୁ ଭାରତ ବୋଲି ଭାବି ନେଇ ସେମାନେ ପରମ ତୃପ୍ତିରେ ଫେରି ଯାଉଥିଲେ ଆପଣାର ଭୂଭାଗକୁ । କେତେ କେତେ ଲୋକେ ଜଳ ପଥରେ ବିଷମ ସମସ୍ୟାର ସମ୍ମୁଖୀନ ହୋଇ ପଥଭ୍ରଷ୍ଟ ହେଉଥିଲେ ବା ମୃତ୍ୟୁବରଣ କରୁଥିଲେ ।

୧୪୯୮ ମସିହାରେ ପର୍ତ୍ତୁଗୀଜ ନାବିକ ଭାସ୍କୋଡାଗାମା ଜଳପଥରେ ଆସି ଆଧୁନିକ କେରଳ ପ୍ରଦେଶର କାଲିକୋଟ ନିକଟରେ ପହଞ୍ଚିଲେ ଓ ଭାରତ ଆବିଷ୍କାର କରିବାର ପ୍ରଥମ ସଫଳତା ହାସଲ କଲେ ।

କଥାଟିଏ ଅଛି ଯେ ଯେତେବେଳେ ଭାସ୍କୋଡାଗାମା ଭାରତର ଭୂଭାଗର ପାଖାପାଖି ହେଲେ ସେ ଦେଖିଲେ ସମୁଦ୍ରର ପାଣିରେ ଅସଂଖ୍ୟ ଫଳ ଭାସୁଛନ୍ତି । ସେ ଫଳ ମାନଙ୍କ ମଧ୍ୟରୁ କେତେକ ଥିଲା ସବୁଜ ଓ କେତେକ ମଟାଳ । ସବୁଜ ଫଳ ଭିତରୁ ସେମାନେ ପାଇଲେ ସୁସ୍ୱାଦୁ ପାନୀୟ ଓ ତାକୁ ସେମାନେ କହିଲେ ଯେ ଅମୃତ । ପୁଣି କିଛି ସବୁଜ ଓ ମଟାଳ ଫଳ ଭିତରୁ ସଫେଦ ନରମ ଅସ୍ତରଣ ତାଙ୍କୁ ବିସ୍ମିତ କଲା ଓ ତାକୁ ଖାଇବାରୁ ସେମାନଙ୍କୁ ଖୁବ୍ ସୁସ୍ୱାଦୁ ଭୋଜନର ତୃପ୍ତି ପ୍ରଦାନ କଲା । ସେହି ଫଳର ସନ୍ଧାନରେ ସେମାନେ କୂଳରେ ଆସି ପହଂଚଲେ ଓ ଦେଖିଲେ ଆକାଶକୁ ଛୁଇଁ ନେଉଥିବା ବୃକ୍ଷମାନଙ୍କରେ ସେହି ଅମୃତ ଫଳ ।

ବାଃ, ଆକାଶ ଆଡକୁ ଅନେଇଲେ ନାବିକ । ଦେଖିଲେ ଗଛମାନଙ୍କରେ ଓହଳିଛି ଅସଂଖ୍ୟ ରସାଳ ଫଳ ଯାହା ତାଙ୍କର ତୃଷା ଓ କ୍ଷୁଧା ନିବାରଣ କରିବାକୁ ସମର୍ଥ । ସତରେ ତୁ ଧନ୍ୟ

ହେ ଭାରତ ଭୂମି ! ତୋ ଦେହରେ ପୃଥିବୀର ସମସ୍ତ ସମ୍ପଦ ଠୁଳ ହୋଇ ରହିଛି । ଏମିତି ବହୁତ ଐତିହାସିକ ତଥ୍ୟ ଏ ଭାରତ ଭୂମୀର ପ୍ରାଚୁର୍ଯ୍ୟ ବିଷୟରେ ସୂଚନା ଦିଏ ।

ସ୍ୱାଧୀନତାପୂର୍ବ ଭାରତବର୍ଷର ଜମିଦାରମାନେ ଏକ ପ୍ରକାର ରାଜା ଥିଲେ । ସେମାନଙ୍କର ଥିଲା ଏକଛତ୍ର ଶାସନ । ତାଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିବାର କାହାର ସାହସ ନ ଥାଏ । ତେବେ ସ୍ୱାଧୀନତା ପ୍ରାପ୍ତି ପରର ଭାରତବର୍ଷରେ ଜମିଦାରୀ ତାସ୍ ଘର ଭଳି ଭୁଷୁଡିବାକୁ ଲାଗିଲା । ସେମାନେ ଦିନକୁ ଦିନ କାଙ୍ଗାଳ ହୋଇଗଲେ । କେହି କେହି ଜମିଦାର ଆତ୍ମହତ୍ୟା କଲେ । କେହି କେହି କୁପୋଷଣର ଶୀକାର ହୋଇ ମଲେ । ଆଉ କେତେକଙ୍କ ଜୀବନ ହୃଦ୍‌ଘାତରେ ଯାଇଥିବ ନିଶ୍ଚୟ ।

ଏହାର କାରଣ ଥିଲା ଅତ୍ୟନ୍ତ ସ୍ପଷ୍ଟ । ସବୁବେଳେ ଭୋଗ ବିଳାସରେ କାଳାତିପାତ କରୁଥିବା ମଣିଷଙ୍କୁ ଯଦି କଠିନ ପରିଶ୍ରମ କରିବାକୁ ପଡେ, ଯେଉଁମାନେ ବିଭିନ୍ନ ସୁସ୍ୱାଦୁ ଭୋଜନରେ ସବୁବେଳେ ନିଜକୁ ଆପ୍ୟାୟିତ କରୁଥିଲେ ସେମାନେ ଯେତେବେଳେ ଭୋକ ଉପାସରେ ରହିଲେ ସେତେବେଳେ ଏମିତି ପରିସ୍ଥିତି ଉପୁଜିବା ସ୍ୱାଭାବିକ ବୋଲି ଅନେକ ମତବ୍ୟକ୍ତ କରନ୍ତି ।

ସୋନପୁରର ପରିସ୍ଥିତି ସେମିତି ହେବାକୁ ଲାଗିଲା । ଧୀରେ ଧୀରେ ଏ ଜମିଦାରୀର ଅଧିକାଂଶ ଭୂ-ସମ୍ପତି ହାତଛଡା ହେଲା । ଆଳସ୍ୟ ବିଳାସରେ ରହୁଥିବା ଜମିଦାର ଅବା ସାଧାରଣ ମଣିଷ ଭଳି ହଠାତ୍ ଚଳନ୍ତେ କେମିତି ? ତେଣୁ ସେମାନଙ୍କର ପ୍ରାସାଦ ଧୀରେ ଧୀରେ କୁଡିଆ ହେବାକୁ ଲାଗିଲା ଓ ଲକ୍ଷ୍ମୀ ସମ୍ପୂର୍ଣ୍ଣ ରୁଷ୍ଟ ହୋଇ ଚାଲିଗଲାଭଳି ହେଲା ।

ଏମିତି ପରିସ୍ଥିତିକୁ ଦେଖି କବି କହିଲେ ‘ ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର’ ।

ଜେମା ଯେତେ ପର୍ଯ୍ୟନ୍ତ ସୋନପୁରର ପ୍ରାସାଦରେ ରହିଲା କୁହାଯାଏ ଦେବୀ ମହାଲକ୍ଷ୍ମୀ ଜମିଦାର ବଂଶକୁ ଛାଡି ଯାଇ ପାରିଲେ ନାହିଁ । ସୁନ୍ଦରୀ ଜେମା ପ୍ରାସାଦ ଭିତରେ ଖୁବ୍ ଆଦରରେ ବଢ଼ିବାକୁ ଲାଗିଲା । ଜମିଦାର ବଂଶର ସମସ୍ତେ ଜେମାଙ୍କୁ ଏମିତି ଭଲ ପାଉଥିଲେ ଯେ ସେ କେବେ ଭୂମୀ ସ୍ପର୍ଶ କରିବାର କେହି ଦେଖିନାହିଁ ।

ତେବେ ବୁଢ଼ୀ ସାଆନ୍ତାଣୀ ବେଳେ ବେଳେ ଜେଙ୍କୁ କୋଳକୁ ନେଇ ଆରମ୍ଭ କରନ୍ତି ଢଗ - “ଅତି ଗେହ୍ଲି ଝିଅ ଦାଣ୍ଡରେ ଠିଆଲେ ଅତି ଗେହ୍ଲାପୁଅ ବୁକ୍‌ରୁ ବୋହା ।”

ତେବେ ଅଣ ନାତୁଣୀ ପ୍ରତି ବୁଢ଼ୀ ସାଆନ୍ତାଣୀଙ୍କର ସ୍ନେହ ଓ ମମତା ଥିଲା ପ୍ରଚୁର । ଦିନେ ଜେମାଙ୍କୁ କୋଳକୁ ନ ନେଲେ ବୁଢ଼ୀଙ୍କୁ ଭଲ ଲାଗୁ ନ ଥାଏ । ନାତୁଣୀ ଯେତେବେଳେ ଚାଲିବା ଆରମ୍ଭ କଲା, ବୁଢ଼ୀର ଯେମିତି ରୋଗ ବଇରାଗ ସବୁ ଉଭାନ୍ ହୋଇଗଲା । ବୁଢ଼ୀ ଧୀରେ ଧୀରେ ଯେମିତି ତା'ର ଯୌବନ ଫେରି ପାଉଥିଲା । ପ୍ରାସାଦର ସମସ୍ତେ କହୁଥିଲେ, "ମାଆଲୋ, ଜେମା ତୋତେ ଯଉତୁକରେ ତା' ଶାଶୁଘରକୁ ନିଶ୍ଚୟ ନେଇଯିବ।"

ବୁଢ଼ୀ ହସି ଦେଇ କହନ୍ତି, 'ହଁ ରେ, ମୁଁ ତା'ର ସଉତୁଣୀ ହୋଇ ଯିବି ।'

ଜମିଦାର ବଂଶ କେବଳ ନୁହେଁ ସେତେବେଳର ସମାଜ ଜୀବନରେ ସଉତୁଣୀ ବା ପୁରୁଷ ମାନଙ୍କର ଦ୍ୱିତୀୟ ବିବାହ ଯେମିତି ସାଧାରଣ ଥିଲା । ସମାଜରେ ଅଧିକାଂଶ ପୁରୁଷ ତାଙ୍କର ପ୍ରଥମ ସ୍ତ୍ରୀଙ୍କର ମୃତ୍ୟୁପରେ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହେଉଥିଲେ ।

ତେବେ ସ୍ତ୍ରୀ ମାନଙ୍କୁ କ'ଣ ଯୌତୁକ ଲୋଭରେ ହତ୍ୟା କରାଯାଉଥିଲା ?

ନା, ସେ ବେଳରେ ଯୌତୁକ ନ ଥିଲା । ସମାଜରେ ସ୍ତ୍ରୀ ବା ବାଳିକା ମାନଙ୍କର ଘୋର ଅଭାବ ଥିଲା । ସେ ଅଭାବ ଏମିତି ଉତ୍କଟ ଥିଲା ଯେ କନ୍ୟାପଣ ପ୍ରଚଳିତ ଥିଲା । ଅର୍ଥାତ୍ ଜଣେ ଝିଅକୁ ବିବାହ କରି ଘରକୁ ଆଣିବାକୁ ହେଲେ କନ୍ୟାର ବାପାଙ୍କ ପାଖରୁ ଝିଅକୁ କିଣି ଆଣିବାକୁ ପଡୁଥିଲା । ଝିଅ ମାନଙ୍କର ଦର ଲାଗୁଥିଲା । ଯିଏ ଅଧିକ ଦେଉଥିଲା ସେ ବିବାହ କରି ନେଇଯାଉଥିଲା ।

ଏ ପ୍ରସଙ୍ଗ ବିଷୟରେ ଆଲୋଚନା କରିବା ପୂର୍ବରୁ ସ୍ତ୍ରୀମାନେ କାହିଁକି ଅକାଳ ମୃତ୍ୟୁ ବରଣ କରୁଥିଲେ ସେ ବିଷୟରେ ଜାଣିବା ଦରକାର । ଆଜିକାଲି ଭଳି ସେତେବେଳେ ଝିଅମାନେ ଅଠର ବର୍ଷ ପରେ ବିବାହ କରୁ ନ ଥିଲେ ବରଂ ବାପା ମାଆମାନେ ଝିଅର ପ୍ରଥମ ମାସିକ ଆରମ୍ଭ ହେବାମାତ୍ରେ ବିବାହ କରିଦେବାକୁ ବ୍ୟାକୁଳ ହେଉଥିଲେ । ଏମିତି ତ ଭାରତ ଭଳି ଗ୍ରୀଷ୍ମ ପ୍ରଧାନ ଦେଶରେ ଝିଅମାନେ ଆଠ ନଅ, ଦଶ ଆଦି ବର୍ଷର ବୟସ ଛୁଇଁଲାବେଳକୁ ମାସିକଆ ଋତୁସ୍ରାବ ଆରମ୍ଭ ହୋଇଯାଏ । ଋତୁସ୍ରାବର ଅର୍ଥ ଝିଅଟି ଏବେ ମାତୃତ୍ୱ ଲାଭ କରିପାରିବ ବୋଲି ଧାରଣା ସୃଷ୍ଟି ହୋଇଥାଏ । ତେଣୁ ଝିଅର ଯେତେ ଶୀଘ୍ର ବିବାହ କରାଯିବ ତାହା ଶୁଭଙ୍କର ବୋଲି ସେ ବେଳରେ ପ୍ରଚଳିତ ଥିଲା ।

ତେବେ ପୁରୁଷମାନଙ୍କର କୌଣସି ବୟସ ଉପରେ ସେତେବେଳେ ସମାଜ ଧ୍ୟାନ ଦେଉ ନ ଥିଲେ । ଜଣେ ପୌଢ଼ ମଧ୍ଯ କୁମାରୀ ଝିଅକୁ ସ୍ତ୍ରୀ ଭାବରେ ବିବାହ କରି ଘରକୁ ନେଇ ଯାଉଥିଲା । ସେତେବେଳେ ହୁଏତ ସେ ପୌଢ଼ଙ୍କର ଏହି ନବ ବିବାହିତ ସ୍ତ୍ରୀର ବୟସରୁ ଅଧିକ ବୟସର ଝିଅ ଘରେ ରହି ଥାଇପାରେ । କନ୍ତୁ ଯେହେତୁ ପୁତ୍ରଟିଏ ଜନ୍ମ ନ ହେଲାଯାଏଁ ସ୍ତ୍ରୀମାନେ ଯନ୍ତ୍ରବତ୍ ସନ୍ତାନ ଜନ୍ମ କରିବାକୁ ବାଧ୍ଯ ହୁଅନ୍ତି ।

ପ୍ରାପ୍ତ ବୟସ୍କ ପୁରୁଷମାନେ ଦ୍ଵିତୀୟ ସ୍ତ୍ରୀ ଭାବରେ କମ ବୟସର ଝିଅମାନଙ୍କୁ ବିବାହ କରି ନେଇ ଆସୁଥିଲେ । ସେମାନଙ୍କୁ ମଧ୍ଯ ଖୁବ୍ କମ୍ ବୟସରୁ ଗର୍ଭଧାରଣ କରି ସନ୍ତାନ ଜନ୍ମ କରିବାକୁ ପଡୁଥିଲା । ବେଳେ ବେଳେ ଏହି ଅପରିପକ୍ୱ ବୟସରେ ଝିଅମାନେ ଯେତେବେଳେ ସନ୍ତାନ ଜନ୍ମ କରିବାକୁ ବାଧ୍ଯ ହେଉଥିଲେ ସେତେବେଳେ ସେମାନଙ୍କର ଅକାଳ ମୃତ୍ୟୁ ହେଉଥିଲା ।

ଏହାଛଡା, ଆଜିକାଲି ପରି ଡାକ୍ତରୀ ଶିକ୍ଷାର କୌଣସି ସୁବିଧା ସେତେବେଳେ ନ ଥିଲା । ତେଣୁ ଗାଁର ଅଶିକ୍ଷିତ ବୁଢ଼ୀମାନେ ଯେନତେନ ପ୍ରକାରେଣ ପିଲା ଜନ୍ମ କରାଉଥିଲେ । ଏମିତି ମଧ୍ଯ ହେଉଥିଲା ଯେ, ପିଲାଟିଏ ଜନ୍ମହେବାର ମାତ୍ର କଛିମାସ ଭିତରେ ମାଆର ମୃତ୍ୟୁ ହେଉଥିଲା ।

ସେତେବେଳର ସମାଜରେ ନାରୀମାନଙ୍କର ନା ଶିକ୍ଷା ଥିଲା ନା ସ୍ୱାସ୍ଥ୍ୟ ପ୍ରତି ସଚେତନତା ।

ଏହି ବ୍ୟବସ୍ଥା କ୍ରମରେ ସମାଜରେ ପୁରୁଷମାନେ କଛି ଦଲାଲ ମାନଙ୍କ ସାହାଯ୍ୟରେ ଦୂର ଦୂରାନ୍ତରୁ ଝିଅମାନଙ୍କୁ କଣି ଆଣୁଥିଲେ ବା ବେଳେ ବେଳେ ଅପହରଣ କରି ନେଇ ଆସୁଥିଲେ । ସେମିତି ଅପହରଣ ହୋଇ ଆଣୁଥିବା ଦଲାଲମାନେ ମୋଟା ଅଙ୍କର ଟଙ୍କା ପାଉଥିଲେ । ଥରେ ଗୋଟିଏ ଝିଅ ଅପହରଣ ହୋଇ ଆସିଲାପରେ ତା' ଦେହରେ କଳଙ୍କ ବୋଳହୋଇ ଯାଉଥିଲା । ସେ ସତୀରୁ ଅସତୀ ହୋଇ ଯାଉଥିଲା ।

ଏବେ ମଧ୍ଯ ସମାଜରେ ନାରୀମାନଙ୍କୁ ଯଥୋଚତ ସମ୍ମାନ ମିଳପାରିନାହିଁ । ଆଉ ସେ ଅତୀତର ସମାଜ ନାରୀମାନଙ୍କୁ କୌଣସି ଅଧିକାର ଦେବାକୁ ସତେ ଯେମିତି ପ୍ରସ୍ତୁତ ନ ଥିଲା । ଝିଅଟିଏ ଯେମିତି ଜନ୍ମ ନେଇଥାଏ ଏ ସମାଜରେ ସବୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ସହି ସର୍ବଂସହା ହେବାପାଇଁ । ସେ ସହିବ କେବଳ ସହିବ ଆଉ ସମାଜ ତାକୁ ଦେବ

ସାନ୍ତ୍ୱନା ସମ୍ବୋଧନ, ଏକ ଉପାଧୀ- " ସର୍ବଂସହା" । କୃତ୍ୟ କୃତ୍ୟ ହୋଇଯିବ ଯେମିତି ନକ୍ଷେପିତ ହେଉଥିବା ନାରୀର ଜୀବନ ।

ସେତେବେଳେ ସମାଜରେ ପରଦାପ୍ରଥା ପ୍ରଚଳତ ଥିଲା । ଝିଅଟିଏ ବୋହୁ ହୋଇ ଯେତେବେଳେ ଶାଶୁ ଘରକୁ ଯାଏ ସେତେବେଳେ ସେ ଶାଢ଼ୀ ପିନ୍ଧି ହୁଏତ ଜାଣି ନ ଥାଏ କନ୍ତୁ ସେହି ଶାଢ଼ୀର ଓଢ଼ଣା ବା ପରଦା ଭିତରେ ତାକୁ ତା'ର ମୁହଁକୁ ଢ଼ାଙ୍କି ରଖିବାକୁ ହୁଏ। କେହି ଦେଖିବେ ନାହିଁ ତା'ର ମୁହଁ । ବିଶେଷ ଭାବରେ ଗୁରୁଜନ ଶ୍ରେଣୀର ଲୋକମାନେ । ଏହାକୁ ଗୁରୁଜନଙ୍କ ପ୍ରତି ବୋହୂର ଶ୍ରଦ୍ଧା ବା ସମ୍ମାନ ବୋଲି ମଧ୍ୟ ବିବେଚନା କରାଯାଉଥାଏ ।

ଏମିତି ମଧ୍ୟ ବିବାହ କରିବାକୁ ଯାଉଥିବା ପୁରୁଷକୁ ମଧ୍ୟ ବାସର ରାତି ପୂର୍ବରୁ ଆପଣାର ସ୍ତ୍ରୀର ମୁଖଦର୍ଶନର ସୁଯୋଗ ମିଳୁ ନଥିଲା । ବାପା ମାଆ, ଗୁରୁଜନ ଓ ବନ୍ଧୁ ପରିଜନ ଯାହାକୁ ବାହା ଦେବାକୁ ସ୍ଥିର କରୁଥିଲେ ତାକୁ ଉଭୟ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ଦ୍ୱିଧାହୀନ ଭାବରେ ଗ୍ରହଣ କହିନେବାକୁ ପଡୁଥିଲା ।

ଚତୁର୍ଥୀ ବା ବାସର ରାତିରେ ଗୋଟିଏ ଘରେ ଝିଅଟିଏ ବୋହୁ ହୋଇ ବସିଥାଏ । ସେ ଘରକୁ ପ୍ରବେଶ କରେ ତା'ର ସ୍ୱାମୀ ରୂପକ ପୁରୁଷ । ସେ ଆସେ ଓ ତା' ଦେହରୁ ଗୋଟିଏ ପରେ ଗୋଟିଏ ବସ୍ତ୍ର ଖୋଲିଦିଏ । ସେ ପ୍ରତିବାଦ କରିପାରେନ । ପର ଘର । ଏଠି ତା'ର ଅଛି କଏ ? ଶାଶୁଘରକୁ ଆସିଲାବେଳେ ମାଆ ବୁଝେଇ କହିଥିଲା,' ସ୍ୱାମୀର କାମରେ ସହଯୋଗ କରିବୁ, ବାଧା ଦେବୁନାହିଁ, କଥା ମାନବୁ।'

ତାହାଲେ କ'ଣ ଏହାହିଁ ସେହି ବାଧା ନ ଦେବା କଥା । କଛି ନ ପଚାରି ସେ ମୋତେ କଷ୍ଟ ଦେଉଛନ୍ତି । ତାପରେ ମୋ ଦେହରେ ଆଙ୍କି ଚାଲିଛନ୍ତି ଅଜସ୍ର ଚୁମ୍ବନ । ଓଃ, ତାପରେ ଏ କ'ଣ ଅତ୍ୟାଚାର ! ଆଖିରୁ ଲୁହ ବୋହି ଯାଉଛି ଏହି ଝିଅଟିର । ଯନ୍ତ୍ରଣାରେ ଶିହରୀ ଉଠୁଛି ସେ । ଓଃ ଉଃ ଯେତେ କଲେ ମଧ୍ୟ ଏ ନର୍ଦ୍ଦୟ ପୁରୁଷଟି ଖେଳ ଖେଳୁଛି ବାରମ୍ବାର।

ବାଃ, ଏହାହିଁ ତାହାଲେ ବିବାହର ମୂଳମର୍ମ । ସହିବାକୁ ହେବ ପୁରୁଷର ଦୈହୀକ ଅତ୍ୟାଚାର । ତାପରେ ପୁଣି ଚାକରାଣୀ ଭଳ କରିବାକୁ ହେବ ଘରର ସମସ୍ତ କାମ । ଶାଶୁ, ଶଶୁର, ଦିଅର ନଣନ୍ଦ ଆଦିଙ୍କର ସେବା ଓ ଫର୍ମାଇସ୍‌କୁ ରଖିବାକୁ ପଡିବ । କେଉଁଠିରେ

କ'ଣ ଟିକଏ ଭୁଲ ଭଟକା ବା ଊଣା ହେଲେ ଗଂଜଣା ଓ ପ୍ରତାଡନା ।

ରାତିର ଅନ୍ଧକାରରେ ପୁଣି ସେହି ପୁରୁଣା ଅଧ୍ୟାୟ । ସହିବାକୁ ହେବ ପୁରୁଷର ସମସ୍ତ ଅତ୍ୟାଚାର । ତାକୁ ପ୍ରମାଣ ଦେବାକୁ ହେବ ଯେ ସେ ସର୍ବଂସହା ।

ଜମିଦାର ଘରର ଝିଅ ବୋହୁମାନେ ବିଶେଷ ଭାବରେ ବାହାରକୁ ଯାଆନ୍ତି ନାହିଁ । ଯିବାକୁ ହେଲେ ପାଲିଙ୍କି ଓ ସୁରକ୍ଷା କର୍ମୀଙ୍କ ଦାୟିତ୍ୱରେ ଯାଆନ୍ତି । ସେମାନେ ଯେଉଁବାଟ ଦେଇ ଯାଆନ୍ତି ସେ ବାଟ ଆଗରୁ ଜନମାନବ ଶୂନ୍ୟ ହୋଇ ପ୍ରସ୍ତୁତ ରହିଥାଏ । ଯେଉଁ ପୁଷ୍କରଣୀରେ ସେମାନେ ସ୍ନାନ କରନ୍ତି ସେ ପୁଷ୍କରଣୀ ଚାରିପାଖ ଅଭେଦ୍ୟ ପ୍ରାଚୀର ଥାଏ । କେବଳ ସୂର୍ଯ୍ୟ ଚନ୍ଦ୍ର, ଗଛଲତା ଆଦିଙ୍କ ଛଡା ପ୍ରାୟ କେହି ଏମାନଙ୍କୁ ଦର୍ଶନ କରି ପାରନ୍ତି ନାହିଁ ।

ଏସବୁ ପରିବାରର ଝିଅମାନେ ସ୍ୱଗୃହରେ ବିଦ୍ୟାଧ୍ୟୟନ କରନ୍ତି । ଗୁରୁମାନେ ସ୍ୱୟଂ ବିଦ୍ୟା ପ୍ରଦାନ କରିବାପାଇଁ ଦୂର ରାଇଜରୁ ପ୍ରାସାଦକୁ ଆସନ୍ତି । ସେମାନେହିଁ ଭାଗ୍ୟବାନ ଯେ ସେମାନେ ଏହି ଅପୂର୍ବ ସୁନ୍ଦରୀ ମାନଙ୍କ ରୂପ ଦର୍ଶନ କରିବାର ସୌଭାଗ୍ୟ ପାଆନ୍ତି । ତାହା ମଧ୍ୟ ବିପଦ ସଙ୍କୁଳ । ପ୍ରଯଦି କୌଣସି କଛି ଅସୁବିଧା ଏହି ପ୍ରାସାଦର ସୁନ୍ଦରୀମାନଙ୍କର ହୁଏ ତେବେ କଠୋର ଦଣ୍ଡର ବିଧାନ । ମୃତ୍ୟୁଦଣ୍ଡ ସାମାନ୍ୟ କଥା ।

ସୋନପୁର ପ୍ରାସାଦର ଏକ କଠୋର ନୟମ ଲାଗୁ ହୋଇଥାଏ ବହୁ କାଳରୁ । ପ୍ରାସାଦର ଜମିଦାର ବଂଶର ପୁରୁଷ ବ୍ୟତିତ କେହି ପ୍ରାସାଦ ଭିତରେ ରହୁଥିବା ସୁନ୍ଦରୀମାନଙ୍କୁ ଦର୍ଶନ କରିପାରିବେ ନାହିଁ । ସେମାନେ କେବଳ ମୁଣ୍ଡପୋତି ତଳକୁ ଅର୍ଥାତ୍ ପାଦଦେଶକୁ ଅନେଇପାରିବେ । ଏଥିରେ ତ୍ରୁଟିହେଲେ ରକ୍ଷାନାହିଁ ।

ଏଣୁ ବାହାରକୁ ପାଲିଙ୍କି ଚଢ଼ି ଯାଉଥିବାବେଳେ କୌଣସି ପୁରୁଷ ସେ ପାଲିଙ୍କି ଆଡକୁ ଦୃଷ୍ଟିଦେଇ ପାରିବ ନାହିଁ । ଏମିତି ଦୋଷକଲେ ଚକ୍ଷୁ ତାଡି ଅନ୍ଧ ହେବାର ଦଣ୍ଡ ଭୋଗ କରିବାକୁ ହୁଏ । ପ୍ରତିବାଦ କଲେ ମୃତ୍ୟୁଦଣ୍ଡ ।

ସୋନପୁର ଜମିଦାର ଘରର ଗୁମର କମ୍ ନୁହେଁ । କେବଳ ଯେ ସୋନପୁର ଜମିଦାରଙ୍କ ପରିବାର ଓ ପ୍ରାସାଦର ଏକା ଗୁମର ଥାଏ ତା' ନୁହେଁ ଭାରତର ପ୍ରାୟ ପ୍ରତ୍ୟେକ ଜମିଦାର ଓ ରାଜ ପରିବାରର ସମଦଶା ।

ସେଥିପାଇଁ ତ କୁହାଯାଏ ଯେ କ୍ଷମତା ମଣିଷକୁ ବିପଥଗାମୀ କରାଏ । ଅତିରିକ୍ତ କ୍ଷମତା ମଣିଷକୁ ପାପ ଆଡକୁ ବାଟ କଢ଼େଇ ନେଇଯାଏ । ସୋନପୁର ଜମିଦାର ବଂଶର ସେମିତି ପରିସ୍ଥିତି ଉପୁଜିଲା । ତେବେ ସେ ବଂଶର ଯେଉଁ କନ୍ୟା ରତ୍ନ କେତେ ପୁରୁଷ ପରେ ଆସି ପହଂଚଲେ ସେ କିଛି ସୁଖ ସାନ୍ତ୍ୱନାର କାରଣ ହେଲେ । ଅନେକ କିଛି ହରେଇ ସାରିଥିଲେ ମଧ୍ଯ ଏହି ଜେମାହିଁ ଓଠରେ ହସ ଫେରାଇ ଆଣି ପାରୁଥିଲେ ।

ବଡ ହେଲେ ଏହି ସୁନ୍ଦରୀ ଜେମା । ସମସ୍ତେ ବିଗ୍ଭର କଲେ ଯେ ସମୟ ବଦଳିଛି । ଜେମାର ଶିକ୍ଷାଦୀକ୍ଷା ବିଷୟରେ ଚନ୍ତା କରିବା ଦରକାର । ତେଣୁ ସୁଦୂର ଉତ୍କଳ ପ୍ରଦେଶର ଏକ ବିଦ୍ୟା ନଗରୀ ଅବସ୍ଥିତ ଥିଲା । ତାହାକୁ ଭାଗ୍ୟ ନଗରୀ ବୋଲି ମଧ୍ଯ କୁହାଯାଉଥିଲା। କାରଣ ସେ ଭୂମିରେ ପ୍ରାୟ ସମସ୍ତେ ଥିଲେ ବିଦ୍ୟାନ । ପ୍ରତ୍ୟେକ ପରିବାରରେ ଜଳୁଥିଲା ଜ୍ଞାନର ଆଲୋକ । ସେ ନଗରୀରେ ବିଦ୍ୟା ଯେମିତି ଥିଲା ସେ କାଳର ମୌଳିକ ଅଧୀକାର।

ସେହି ଭାଗ୍ୟନଗରୀକୁ ଆଧୁନିକ ଓଡିଶାର ଭୋଗରାଇ ବୋଲି ମଧ୍ଯ କୁହାଯାଏ ଯାହାର ସୀମା ଆଧୁନିକ ପଶ୍ଚିମ ବଙ୍ଗର ମେଦିନପୁର ଜିଲ୍ଲା ସୀମାସହ ଲାଗି ରହିଛି । ସେହି ଭାଗ୍ୟ ନଗରୀର ସୀମା ସେ କାଳରେ ସୋନପୁର ସହ ଲାଗି ରହିଥିଲା । ସୋନପୁର

ଓ ଭାଗ୍ୟନଗରୀ ଅଂଚଳ ମଧ୍ଯରେ ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ସମ୍ପର୍କ ଖୁବ୍ ଗଭୀର ଥିଲା । ଏକଥା ମଧ୍ଯ ଶୁଣାଯାଏ ସେ ଏହି ଦୁଇ ଅଂଚଳ ଭିତରେ ବିବାହ ଭଳି ସାଂସ୍କୃତିକ ସମ୍ପର୍କ ଖୁବ୍ ଅଧିକ ଥିଲା । ସୋନପୁର କମ୍ବା ବଙ୍ଗ ଅଂଚଳର ସୁନ୍ଦରୀ ଝିଅମାନେ ଏହି ଭାଗ୍ୟନଗରୀର ପୁରୁଷମାନଙ୍କୁ ବିବାହପାଇଁ ଅଧିକ ପସନ୍ଦ କରୁଥିଲେ ଓ ଭାଗ୍ୟନଗରୀର ପୁରୁଷମାନେ ସୁନ୍ଦରୀ ସୋନପୁରିଆ ବଙ୍ଗଝିଅଙ୍କୁ ମଧ୍ଯ ଅଧିକ ପସନ୍ଦ କରୁଥିଲେ । ଦଲାଲମାନେ ଏହି ଦୁଇ ଅଂଚଳମାନଙ୍କରେ ତାଙ୍କର ବେପାର ଭଲ କରୁଥିଲେ।

ଭାଗ୍ୟନଗରୀର ଭାଗ୍ୟ କେବଳ ଯେ ବିଦ୍ୟା ଓ ବୁଦ୍ଧିରେ ଉତ୍କର୍ଷ ଥିଲା ତା’ ନୁହେଁ ଏହାର ଭାଗ୍ୟ ସୁବର୍ଣ୍ଣରେଖା ନଦୀ ଓ ଏହି ଅଂଚଳକୁ ପରିବେଷ୍ଟିତ କରି ରଖିଥିବା ସମୁଦ୍ର ଦ୍ୱାରା ଉତ୍କର୍ଷ ଥିଲା । ନଦୀ ଉପତ୍ୟକାରେ ଥିବା ସମତଳ ଭୂମିରେ ଲୋକମାନେ ପ୍ରଚୁର ଶସ୍ୟ ଉତ୍ପାଦନ କରୁଥିଲେ । ସୁବର୍ଣ୍ଣରେଖାର ପେଟରେ ବର୍ଷର ବାରମାସ କେବଳ ଯେ ଜଳ

ମହଜୁଦ୍ ରହୁଥିଲା ତା' ନୁହେଁ ଏହି ଜଳରେ ବିଭିନ୍ନ କସମର ମାଛ ବାସ କରୁଥିଲେ । ସମୁଦ୍ର ବେଷ୍ଟିତ ବାଲୁକା ଓ ପଟୁମାଟିର ଭୂମିରେ ଥିଲା କାଜୁବାଦାମର ଜଙ୍ଗଲ । ତା' ବ୍ୟତିତ ଏ ଅଂଚଳର ଲୋକେ କଠିନ ପରିଶ୍ରମ କରି ପାନ ଓ ନଡିଆ ମଧ୍ୟ ଉତ୍ପାଦନ କରୁଥିଲେ ।

ଅର୍ଥାତ୍ ଭଗ୍ୟ ନଗରୀର ଅର୍ଥନୀତି ମଧ୍ୟ ଖୁବ୍ ସ୍ୱଚ୍ଛଳ ଥିଲା । ଧନ ଓ ଜ୍ଞାନର ପରିପୂର୍ଣ୍ଣ ଏ ଅଂଚଳର ପୁରୁଷଙ୍କୁ ଅବା କାହିଁକି ପସନ୍ଦ କରିବେନାହିଁ ସୋନପୁରର ସୁନାଗୋରୀମାନେ ?

ସେହି ଭଗ୍ୟନଗରୀର ଜ୍ଞାନୀ ଗୁଣୀ ବିଦ୍ୟାନ ଅବଧାନ ନାକଫୁଡି ନନ୍ଦଙ୍କୁ ଆମନ୍ତ୍ରଣ ଦିଆଗଲା ଜେମାଙ୍କର ବିଦ୍ୟାଶିକ୍ଷା ପାଇଁ ସୋନପୁରର ପ୍ରାସାଦ ମଧ୍ୟରେ । କଥାହେଲା ଯେ ଅବଧାନେ ଏବେ ଦଶବର୍ଷ ଯାଏଁ ଜେମାଙ୍କର ଉଚତ୍ ଶିକ୍ଷାର ଦାୟିତ୍ୱ ନେବେ । ସତ୍ ଜ୍ଞାନ ଓ ସତ୍ ମାର୍ଗ କହିବେ । ଉତମ ଗୃହିଣୀ ହେବାର ଜ୍ଞାନ ଦେବେ । ସର୍ବଂସହା ହୋଇ କେମିତି ଜୀବନର ସମସ୍ତ ଯୁଦ୍ଧ ଜୟ କରିବେ ସେ ଶିକ୍ଷା ଦେବେ ।

ଆପଣଙ୍କର ଦରମା ? ପଗ୍ଚରିଲେ ଶେଷ ଜମିଦାର ବିକ୍ରମ ବାହାଦୂର ଦାସ ।

ହଜୁର, ଦରମା କ'ଣ କେମିତି କହିବି ? ଏ ସଂସାରରେ କ'ଣ କେହି ବିଦ୍ୟାଦାନର ମୂଲ୍ୟ ନରୂପଣ କରିପାରିଛି ଯେ ମୁଁ କରିବି। ବିଦ୍ୟାଦାନ ଏକ ମହାନ କର୍ମ । ଗୁରୁଙ୍କୁ ଦରମା ନୁହେଁ, ଦକ୍ଷିଣା ଦିଆଯାଏ । ମୋର ତ ବିଦ୍ୟାଦାନ ଆରମ୍ଭ ହୋଇନାହିଁ ଜେମା ସାଆନ୍ତାଣୀଙ୍କୁ ତେଣୁ ଦକ୍ଷିଣା ଅବା କ'ଣ କହିବି ?

ଜମିଦାର ବିକ୍ରମ ବାହାଦୂର ପ୍ରସନ୍ନ ହୋଇ କହିଲେ, ଗୁରୁଜୀ, ଆପଣ ଜେମାର ବିଦ୍ୟାଗ୍ରହଣ ନ ସରିବା ପର୍ଯ୍ୟନ୍ତ କୁଆଡେ ଯିବାପାଇଁ ବିଶେଷ ଛୁଟି ପାଇବେ ନାହିଁ । ଆପଣଙ୍କର ପରିବାରର ପ୍ରତିପୋଷଣର ଦାୟିତ୍ୱ ମଧ୍ୟ ଆମର । ପ୍ରତ୍ୟେକ ବର୍ଷ ଅମଳ ପରେ ଦୁଇ ଶଗଡ ଧାନ, ଏକ ଶଗଡ ଆଳୁ ଓ ଅନ୍ୟାନ୍ୟ ପନ୍ପରିବା, ତେଲ ମସଲା ବସ୍ତ୍ର ସହ ପଠେଇ ଦିଆଯିବ । ତା' ଛଡା ଶହେ ରୌପ୍ୟମୁଦ୍ରା ମଧ୍ୟ କୌଣସି ବିଶେଷ ଖର୍ଚ୍ଚପାଇଁ ଆପଣଙ୍କୁ ଦିଆଯିବ ।

ଏଣୁ ଆପଣ ପ୍ରସନ୍ନ ତ ?

ହଜୁର, ଆପଣଙ୍କର ବଦାନ୍ୟତାର କାହାଣୀ ସବୁଠି ଚର୍ଚ୍ଚା ହୁଏ । ସତରେ ଆପଣ ମହାନ। ବିନା ଯାଚଓ୍ୱାରେ ଆପଣ ସବୁ କଛି ଦେଇଦେଲେ । ତେବେ ମୋର ଏକମାତ୍ର ସମସ୍ୟା ରହିଛି । ଯଦି ଅନୁମତି ହୁଏ ତେବେ ହଜୁରଙ୍କ ଛାମୁରେ ପ୍ରକାଶ କରନ୍ତି ।

ଗୁମାସ୍ତା ସ୍ୱାଇଚରଣ କହିଲେ, 'ଆଉ ପୁଣି କ'ଣ ଗୁରୁଜୀ ମହାଶୟ ? ସବୁ ତ ମିଳଲା, ପୁଣି କେଉଁ କେଁ କ ?

ଆଜ୍ଞା କେଁ ବୋଲି କଛି ନାହିଁ । କଥାଟି ହେଲା ମୋର ପ୍ରଥମ ପକ୍ଷରେ କୌଣସି ପୁତ୍ର ସ୍ତନ୍ତାନ ନ ହେଲାରୁ ଦ୍ୱିତୀୟ ପକ୍ଷ ଏଇ ଛଅମାସ ହେଲା ଗ୍ରହଣ କରିଛି । ତେଣୁ ହଜୁରଙ୍କ କୃପାହେଲେ ତାଙ୍କୁ ସାଥୀରେ ଆଣି ଏହି ବିଶାଳ ପ୍ରାସାଦର କେଉଁ କୋଣରେ ରହିବାର ବ୍ୟବସ୍ଥା କରନ୍ତି । କେବଳ ଏତିକ କୃପାକରି ଆମର ରହିବାର ବ୍ୟବସ୍ଥା କଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା । ଏହାଛଡା ମୁଁ ମୋର ଦ୍ୱିତୀୟ ପକ୍ଷକୁ ମଧ ଜେମାଙ୍କ ସେବା ଯତ୍ନ ତଥା ଘରକରଣା ଆଗ୍ୱର ବିଗ୍ୱର ଶିଖାଇବାର କାମରେ ଲଗାଇ ଦିଅନ୍ତି । ମୋ' ପ୍ରତି ସାହାଯ୍ୟ ହୁଅନ୍ତା । ଜେମା ଜଣେ ମାଇପି ପିଲା । ତେଣୁ ଜଣେ ମାଇପି ସାଥୀରେ ରହିଲେ ଆଗାମୀର ପଥ ସୁଗମ ହୁଅନ୍ତା ।

ସ୍ମିତହାସ୍ୟରେଖା ଟାଣି ବିକ୍ରମ ବାହାଦୂର ଗୁମାସ୍ତା ସ୍ୱାଇମୋହନଙ୍କୁ ଆଦେଶ ଦେଲେ ଯେ ସେ ଆସନ୍ତା କାଲି ପ୍ରାତଃରୁ ଗୁରୁ ଅବଧାନଙ୍କ ସହ ଆଉ ତିନୋଟି ଶଗଡରେ ସମସ୍ତ ସରଂଜାମ ନେଇ ଭ୍ୱାଗ୍ୟ ନଗରୀ ଯାତ୍ରା କରନ୍ତୁ ଓ ତିନଦିନ ଭିତରେ ଗୁରୁ ଅବଧାନ ଓ ତାଙ୍କର ଦ୍ୱିତୀୟ ପକ୍ଷଙ୍କୁ ନେଇ ଫେରି ଆସନ୍ତୁ ।

( କ୍ରମଶଃ)

ଅଧକ୍ଷ, ଝାଡେଶ୍ୱର ଇଣ୍ଟର ନେସନାଲ ସ୍କୁଲ,
ବାଲେଶ୍ୱର -୧

# ସକାଳ ମାଗୁଣି କାଳଆକୁ

କଳ୍ପନା ଗ୍ରୟ

କେତେ ଯେ ସଂସାର ଉଚ୍ଛନ୍ନ କଲଣି
ତୋର ପଗ୍ର ଚକାଡୋଳା
ସିନ୍ଦୂର ଯାଇଛି, ପୁଅ ହଗ୍ରଇଛି
ବାର୍ଦ୍ଧକ୍ୟେ ବୁଡୁଛି ଭେଳା
ଇୟେ୍ କ ତୋହର ଖେଳା
ବୁଢ଼ା ବାପ କାନ୍ଧ ଶବକୁ ଟେକୁଛି
ଧନ୍ୟ ପ୍ରଭୁ ତୋର ଲୀଳା

ପାପ କେ କରୁଛି ଖୁସି ମନାଉଛି
ଭୋଗେ ତାକୁ ଆଉ କଏ
ଅଦୃଶ୍ୟ ଭୁତାଣୁ ଆତଙ୍କ କରିଛି
ଘରେ ଘରେ ଦୁଃଖ ସିଏ
ବାରଣ କରିବ କଏ
କେତେ ନାମୀ ଦାମୀ ମୁଣ୍ଡ ଗଡିଲ୍ଣି
କ ଖେଳା କରିବ ଇୟେ୍

ସକାଳ ସୁରୁଜ ନୂଆ ଶକ୍ତି ଭରୁ
ଉଭେଇ ଯାଉ ତ ଗ୍ରେଗ
କରି କଗ୍ରଉ ତୁ ଭେଳକ କରୁଛୁ
ଡାକୁଛି ଭକତ ଦେଖ
ଆହେ ପ୍ରଭୁ କଳା ମୁଖ
ତୋର ଭକ୍ତ ଯଦି ଦୋଷ କଲ୍ ପ୍ରଭୁ
କ୍ଷମା କର ପଦ୍ମପାଦ

ଗାୟକ ଯାଉଛି ନାୟକ ଯାଉଛି
ସଂସାର ଭରିଲ୍ ଦୁଃଖେ
ପୋଷିଲ୍ ପାଳଲ୍ ପୁଅ ହଗ୍ରଉଛି
ବିମୁଖ ହେଲ୍ ବାର୍ଦ୍ଧକ୍ୟେ
ଡ଼ାକ ଡ଼ାକ ତଣ୍ଡି ଶୁଖେ
ବର୍ଷ ବର୍ଷ ହେଲ୍ ଚନ୍ତାରେ ମରୁଛି
ଚକାଆଖି ଟିକେ ଦେଖେ

ଭାଇଭଉଣୀ ଧରି ରଥଯାତ୍ରାରେ
ଭକ୍ତ ଶୂନ୍ୟ ହୋଇ ଗଲୁ
କ ଭଲ ଲ୍ଗିଲ୍ କହ କାଳଆରେ
ସଂସାର ଉଚ୍ଛନ୍ନ କଲୁ
ହସି ହସି ତୁ ଫେରିଲୁ
ଭକ୍ତ ଏଠି ଭାସେ ଦୁଃଖ ଦରିଆରେ
କ ଦୋଷେ ଏ ଦଶା ଦେଲୁ

ଆହେ ଦାରୁବ୍ରହ୍ମ ଦାରୁ କ ହୋଇଲୁ
ଶବ ବି କାନ୍ଦୁଛି ଆଜି
ହେ ଦାରୁମୂରତି ସବୁ କରିପାରୁ
ଭକତ ସହି ପାରୁନ
ଦୁଃଖ ଦେଉ ପୁଣି ପୁଣି
କେତେ ଦୁଃଖ ଦେଇ ପରକ୍ଷିବୁ ଆଉ
କାହିଁକ ରହିଛୁ ତୁନ

ପୁତ୍ରହରା ହୋଇ ରାଜା ଦଶରଥ
ପ୍ରାଣବନ୍ଧୁ ପ୍ରାଣ ଦେଲେ
ବିଧବା କୁନ୍ତୀଙ୍କ ଦେଖିଛୁ ତୁ ଦୁଃଖ
ଶ୍ରୀକୃଷ୍ଣ ତ ସାଥେ ଥିଲେ
ପିତୃରାଜ୍ୟ ନ ପାଇଲେ
ସୂଚ୍ୟଗ୍ର ମେଦିନୀ ପାଇଁ ଦୂର୍ଯ୍ୟୋଧନ
କୁରୁକ୍ଷେତ୍ର ଯୁଦ୍ଧ କଲେ

ଆଜିର ସଂସାର ଜଞ୍ଜାଳେ ଭରିଲ
ପାପ ମୁକ୍ତ କଲ ନାହିଁ
ଦୁଃଖ ପରେ ତୁମେ ଦୁଃଖକୁ ଖଞ୍ଜିଲ
ପୁତ୍ର କାନ୍ଦେ ପିତା ପାଇଁ
ଗଜାକୁ ବାଛୁଛ କାହିଁ
ବାର୍ଦ୍ଧକ୍ୟ ଭେଦୁଛି ଗାନ୍ଧାରୀଙ୍କ ଲୁହ
ଯିଏ ଦୋଷ କରି ନାହିଁ

କେତେ ଦୁଃଖ ଦେବୁ ଆହେ ମହାବାହୁ
ଭାଇଭଉଣୀ ସାଙ୍ଗରେ
ସହି ହେଉନାହିଁ ଏହି ସଂସାରକୁ
ନନ୍ଦ ଭାଙ୍ଗୁ କାଳଆରେ
ଷାଠିଏ ପଉଟି ହସିହସି ଖାଉ
କେଉଁ ସେବା ନ ପାଉରେ

ଲଇଡା ବାଳିକା ଉଚ୍ଚ ବିଦ୍ୟାଳୟ,
ଲଇଡା, ସମ୍ବଲପୁର

# ଅଗଷ୍ଟ-୧୫

ଧିରେନ୍ କୁମାର ବେହେରା

ପାରିବକ କହି ଆଜି ପଗ୍ଭରଇ
ସ୍ୱାଧୀନତା ପାଇଁ ସହିଦ କଏ ।
କେତେ ଜଣଙ୍କର ନାମ ବା ଜାଣିଛ
ଭୁଲିଛ କେତେଙ୍କୁ ରହିଲେ ଯିଏ ।।

କଏ ସେ ସହିଦ କପରି ତା ହୃଦ
ସହିଅଛି ଗୁଳ କାହାର ପାଇଁ ।
କ ସେବା ତା ମନେ ଦେଖିନ ଯେ ଦିନେ
ଜୀବନ ଦେଇଛି ଯାଇଛି ଶୋଇ ।।

ଅକାରଣେ ଗୁଳ ଯେବେ ଥିବ ଗଳ
ଭ୍ବିଲ ଦେଖି ସେ ଗୁଳ ଭ୍ବନା ।
ସହିଦକୁ ଭେଦ କରିବାକୁ ନତ
ହୋଇ କରିଥିବ ନଷ୍ଟୟ ମନା ।।

ଆମେ ବି ତ ସେଇ ପରି ଜନ୍ମ ହୋଇ
କୁହ କେତେ ଥର ଭ୍ବିଛେ ମନେ ।
ଦେଶ ପାଇଁ କେତେ କ୍ଷଣ ଆମ ବିତେ
କହିଦିଅ ଆଜି ଉଦାର ପଣେ ।।

କୁହ କେଉଁ ଦେଶ କରିନ ବିବଶ
ଗ୍ଭେରି କରିନାହିଁ ଧନ ଇଜ୍ଜତ

ବଦଳରେ ଆମେ ପ୍ରଶଂସା କରିଛେ
ବିଶ୍ୱରେ ମହାନ ଆମେ ଭାରତ ।।

ଅହିଂସା ଆମର ଧର୍ମ ହେଇପାରେ
ନପୁଂସକ ନୋହୁଁ ଜାଣିଛି ବିଶ୍ୱ
ଚୁପ୍ ରହିବାଟା ନୁହେଁ ଦୁର୍ବଳତା
କରନା ଆମକୁ କେବେ ବିବଶ ।।

ମୁଦ୍ରାରେ ଗାନ୍ଧୀଙ୍କ ଛବି ଅଛି ବୋଲି
ଆଜି ତାଙ୍କୁ ଦେଶ ପାରିନି ଭୁଲି ।
କୁଆଡ଼େ ହଜିଲେ ସୁବାସ ସର୍ଦାର
ଲାଲ ବାଲ ପାଲ ଟାଗୋର ଗୁଲି ।।

ଭଗତ ଆଜାଦ ତାନ୍ତିଆ ମଙ୍ଗଲ
ରାଣୀ ଲକ୍ଷ୍ମୀ ବାଇ ସାବିତ୍ରୀ ଫୁଲେ ।
ସରୋଜିନୀ ଉଷା ହଜରତ ଆମୁ
କେତେ ରହିଗଲେ କେତେ ଯେ ମଲେ ।।

କେତେ ରାଜା କେତେ ସଇନ ସାମନ୍ତ
ବାର ବରଷର ବାଜି ରାଉତ ।
କେତେ ଯେ ଜନତା ବିଦ୍ୟାର୍ଥୀ ମହିଳା
ବାରାଙ୍ଗନା ବୃଦ୍ଧା ବୃଦ୍ଧ ପାଳତ ।।

ହିସାବ ତାଙ୍କର ଦୂରୁହ ବ୍ୟାପାର
ଚହ୍ନିଛି ଯିଏ ନାହିଁ ତ ସିଏ ।
ପରିବାର କଥା ଦେଇନାହିଁ ବ୍ୟଥା
ହସି ଦେଇଅଛି ଜୀବନ ଯିଏ ।।

ଆଜି ଏ ଦେଶରେ ଦେଶପ୍ରେମ ବାରେ
ଚର୍ଚ୍ଚା ହୁଏ କେବେ ବରଷେ ଥରେ ।
ଦେଶପ୍ରେମୀ ଏବେ ଟଙ୍କା ପର୍ ରଖେ
ସ୍ୱିସ୍ ବ୍ୟାଙ୍କ ଯିଏ ଦେଶ ବାହାରେ ।।

ରାଜନେତା ହୋଇ ବିଦେଶରେ ଯାଇ
ଆମ ଧନ ମନ ଚର୍ଚ୍ଚା ଯେ କରେ ।
ଦେଶକୁ ଅଣାଇ ଦିଏ ସେ ବୁହାଇ
ଆମ ରକ୍ତ ବିନ୍ଦୁ ତାଙ୍କ ହାତରେ ।।

ଆସିଛି ସମୟ ହୁଅରେ ନିର୍ଭୟ
ସ୍ୱାଧୀନତା ଖୋଜ ହୃଦୟ ମନେ ।
ସ୍ୱଦେଶୀ ଦରବ ସ୍ୱଦେଶ ଉନ୍ନତି
ନିଜର ଉନ୍ନତି ରଖ ଯେ ଧ୍ୟାନେ ।।

# ରବିନ୍ଦ୍ର ସ୍ମୃତିର ନୈବେଦ୍ୟ : ରବୀନ୍ଦ୍ର ଭବନ

ପ୍ରିୟବ୍ରତ ପାତ୍ର

ଭାରତରେ ମନୀଷୀଙ୍କ ସଂଖ୍ୟା ଯେତେ ଅଧିକ, ତାଙ୍କୁ ନେଇ ଗଢି ଉଠିଥିବା ସଂଗ୍ରହାଳୟର ସଂଖ୍ୟା ତଦନୁସାରେ ଖୁବ୍ କମ। ଏପରି ସଂଗ୍ରହାଳୟ ଏକ ଏକ ପରଶମଣି ଭଳି ତରୁଣ ପିଢୀଙ୍କୁ ଉତ୍ସାହିତ କରିଥାଏ, ରୂପାନ୍ତରିତ କରିଥାଏ। ଯେଉଁ ଜାତି ନିଜ ଅତୀତର କୃତିତ୍ୱଜିକୁ ସଂଗ୍ରହ କରି ନ ଜାଣିଛି, ସମ୍ମାନ ଓ ସଂରକ୍ଷଣ ନ କରିଛି, ସେ ଜାତି କେଉଁ ସମ୍ପତ୍ତିକୁ ପୁଞ୍ଜିକରି ଆଗକୁ ବଢିବ? ଏମିତି ଏକ ପ୍ରଚେଷ୍ଟା ହେଉଛି ରବୀନ୍ଦ୍ର ସ୍ମୃତି ଭବନ ବା ବିଚିତ୍ରା ଯାହାକି ବିଶ୍ୱକବି ଗୁରୁଦ୍ଦ୍ୱ ରବୀନ୍ଦ୍ରନାଥଙ୍କ ସ୍ମୃତିକୁ ନେଇ ସମୃଦ୍ଧ।

ତମାମ ଶାନ୍ତି ନିକେତନର ଅତୀତ, ଆରମ୍ଭ, କ୍ରମବିକାଶ, ଗୁରୁଦେବଙ୍କ ବାଲ୍ୟକାଳ, ଯୌବନ, ପରିବାର, ସଂଘର୍ଷ, ଭ୍ରମଣ, ଉପଲବ୍ଧି, ବିଶ୍ୱବାସୀଙ୍କ ସ୍ୱୀକୃତି ଓ ନୂତନ ବିଶ୍ୱର ସ୍ୱପ୍ନ – ଏ ସବୁକୁ ଗୋଟିଏ ଜାଗାରେ ଚୁମ୍ବକରେ ଯେଉଁଠି ଦେଖିହୁଏ ତାହାହେଲା ରବୀନ୍ଦ୍ର ଭବନ। ୧୯୬୧ ମସିହାର ରବିନ୍ଦ୍ରନାଥଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରବୀନ୍ଦ୍ର ଭବନ ବା ବିଚିତ୍ରାର ଶୁଭାରମ୍ଭ ନେହେରୁଙ୍କ ଦ୍ୱାରା ହୋଇଥିଲା। ପ୍ରକୃତରେ ଏହି ମ୍ୟୁଜିଅମ୍ ର କଳ୍ପନା ଗୁରୁଦେବଙ୍କ ମୃତ୍ୟୁପର ବର୍ଷ, ପୁତ୍ର ରଥିନ୍ଦ୍ରନାଥ "ଉଦୟନ" ବାସଭବନରେ କରିଥିଲେ। ଏହି ସଂଗ୍ରହାଳୟରେ ରହିଛି ଲାଇବ୍ରେରୀ, ଗୁରୁଦେବଙ୍କ ସମସ୍ତ ବ୍ୟବହାର୍ଯ୍ୟ ଜିନିଷ, ସ୍ୱହସ୍ତ ଲିଖିତ ପାଣ୍ଡୁଲିପି, ଚଠିପତ୍ର, ଦଲିଲ ପତ୍ର, ମାନପତ୍ର, ମେଡାଲ୍, ଗୁରୁଦେବଙ୍କ ଅଙ୍କିତ ଚିତ୍ରପଟ, ବିଭିନ୍ନ ବନ୍ଧୁଙ୍କ ପ୍ରଦତ୍ତ ଉପହାର, ପରିବାର ବର୍ଗଙ୍କ ଫଟୋ, ଗୁରୁଦେବଙ୍କ ସହିତ ଉଠାଯାଇଥିବା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ଗଣଙ୍କ ଫଟୋ ଇତ୍ୟାଦି। ଏହା ବାଦ ରହିଛି ଏକ ପଠନ କେନ୍ଦ୍ର, ଗବେଷଣା କେନ୍ଦ୍ର, ଅଡିଓ – ଭିଡିଓ ବିଭାଗ, ସଂରକ୍ଷଣ ବିଭାଗ, ଅଫିସ୍ ଗୃହ ଓ କମ୍ପ୍ୟୁଟର ବିଭାଗ। ଏଠାରୁ ରବୀନ୍ଦ୍ରବିକାଶ ନାମକ ଏକ ଜର୍ଣ୍ଣାଲ ମଧ୍ୟ ନିୟମିତ ବାହାରିଥାଏ। ଏଠାରେ ଗୁରୁଦେବଙ୍କ କଣ୍ଠନିସୃତ ଅନେକ ସଂଗୀତ ଆବୃତ୍ତି ଓ ସଂଳାପ ସବୁକରିଛି ସଂରକ୍ଷିତ।

ପୂର୍ବବଙ୍ଗରେ ଥିବା ସିଆଲଦା ସହର ଥିଲାଏ କଦା ଭରପୁର ପରିବାରକୁ ନେଇ ବଞ୍ଚୁଥିବା ରବୀନ୍ଦ୍ରନାଥଙ୍କ ପ୍ରିୟ ସହର। ଗୋଟିଏ ପଟେ ପଦ୍ମା ଓ ଅନ୍ୟପଟେ ଗୋରାଇ ନଦୀର

ମଝିରେ ଗୁରୁଦେବ ଗଢିଥିଲେ ନିଜ ସଂସାର । ଏକ ଡଙ୍ଗାଘରେ ସାରା ପରିବାର ଦିନ ଦିନ କଟେଇ ଦେଉଥିଲେ । ଡଙ୍ଗା ପଦ୍ମାନଦୀରେ ଟହଲ ମାରୁଥିଲା, ଭିତରେ ଯୁବ ପିତା ନିଜର ପତ୍ନୀ ଓ ପିଲାଙ୍କୁ ନେଇ ଅନେକ ସ୍ୱପ୍ନରେ ମତୁଆଲ ଥିଲେ । ସେଇ ଡଙ୍ଗାଘରେ ପିଲାଙ୍କୁ ପାଠ ପଢାଇଲାବେଳେ ତାଙ୍କ ମନକୁ ଅଜବ ଖିଆଲ ସବୁ ଆସୁଥିଲା – ଶିକ୍ଷା କଣ ଏମିତି ହୋଇ ପାରନ୍ତା ନାହିଁ ଯାହାକି ପ୍ରାକୃତିକ ପରିବେଶରେ ହୁଅନ୍ତା, ପୁଣି ପ୍ରକୃତିକୁ ସାଥୀରେ ନେଇ ହୁଅନ୍ତା । ସେତେବେଳର ପାରମ୍ପାରିକ ଶିକ୍ଷାରେ ବୀତସ୍ପୃହ ରବୀନ୍ଦ୍ରନାଥଙ୍କ ଏହି ବିକଳ୍ପ ଶିକ୍ଷାର କଳ୍ପନା କାଳକ୍ରମେ ବିଶ୍ୱଭାରତୀର ରୂପ ନେଇଥିଲା । ସେଇ ଡଙ୍ଗାଘରେ ଉଠାଯାଇଥିବା କଳାଧଳା ଫଟୋଟିରେ ଦିଶିଯାନ୍ତି କବିଙ୍କ ସହିତ ପତ୍ନୀ ମୃଣାଳିନୀ ଓ ପିଲାମାନେ ଯଥା – ସମୀ, ରାଣୀ, ବେଲା ଓ ମୀରାଙ୍କୁ ନେଇ ପୂରା ପରିବାରର ଛବି ।

ତରୁଣ ବୟସରେ ଥରେ କବି ଲେଖିଥିଲେ – କେତେ ଭଲ ହୁଅନ୍ତା ଯଦି ମୁଁ ମରୁଭୂମିରେ ଯାଯାବର ଭଳି ବୁଲୁଥାନ୍ତି, ମୋର ନିର୍ଦ୍ଦିଷ୍ଟ ଠିକଣା ବା ପରିଚୟ ନଥାନ୍ତା, ନିର୍ଦ୍ଦିଷ୍ଟ ଘର ବୋଲି କିଛି ବନ୍ଧନ ନଥାନ୍ତା, ଠିକ୍ ଯେମିତି ବେଦୁଇନ୍ ବୁଲୁଥାଏ ଆରବର ମରୁପ୍ରାନ୍ତରେ । ଦୀର୍ଘ କେତେ ଦଶନ୍ଧି ପରେ ଇରାକ୍ ର ମରୁଭୂମିରେ ବୁଲୁବୁଲୁ ରାଜା ଫଇଜାଲ୍ ଙ୍କ ସହିତ ଏମିତି ଏକ ବେଦୁଇନ୍ ଙ୍କ ତମ୍ବୁ ଶିବିରରେ ରାତ୍ରୀ କଟେଇବାର ସୁଯୋଗ ମିଳିଥିଲା । ବେଦୁଇନ୍ ଙ୍କ ଗହଣରେ ଗୁରୁଦେବଙ୍କ ଫଟୋ – ସ୍ୱଳଶି ବର୍ଷ ତଳର କଳ୍ପନାର ଅଦ୍ଭୁତ ସଂସ୍କରଣ । ଗୁରୁଦେବ ନିଜ ଅଭିଳାଷ କ୍ରମେ ଖୁବ୍ ବୁଲିଥିଲେ, ସାରା ପୃଥିବୀରେ ଯାହା କିଛି ଶ୍ରେୟ, ଭଲ ତାକୁ ସାଧବଙ୍କ ପରି ବୋହି ଆଣୁଥିଲେ, ଶାନ୍ତିନିକେତନକୁ । ଯାହା ଭାରତର ଶ୍ରେଷ୍ଠ ତାକୁ ପହୁଞ୍ଚାଉଥିଲେ ବିଦେଶ ମାଟିରେ । ଶାନ୍ତି ନିକେତନ ଏକ ସେତୁ ପରି ପ୍ରାଚ୍ୟ ଓ ପାଶ୍ଚାତ୍ୟକୁ ସଂଯୋଗ କରୁଥିଲା । ଗୁରୁଦେବ ବୁଲିଥିବା ଦେଶଗୁଡିକ ହେଲା – ଇଂଲଣ୍ଡ, ଫ୍ରାନସ୍, ହଲାଣ୍ଡ, ବେଲଜିଅମ୍, ଇଟାଲୀ, ସୁଇଜରଲାଣ୍ଡ, ନରୱେ, ସ୍ୱିଡେନ୍, ଡେନମାର୍କ, ଜର୍ମାନୀ, ଗ୍ରୀସ୍, ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଚୀନ୍, ଋଷ୍, ବଲକାନ୍ ରାଷ୍ଟ୍ର ସମୂହ, ଆର୍ଜେଣ୍ଟିନା, ଇରାନ୍, ଇରାକ୍, ଶ୍ରୀଲଙ୍କା ଇତ୍ୟାଦି । ସେ ସମୟରେ ଏତେଗୁଡିକ ଦେଶ ବୁଲିଥିବା ଏକମାତ୍ର ବ୍ୟକ୍ତି ସମ୍ଭବତଃ ଗୁରୁଦେବ ଥିଲେ ।

ନୋବେଲ ପଦକଟିକୁ ଖୁବ୍ ପାଖରୁ ଦେଖିବା ପାଇଁ ଏ ଲେଖକର ପ୍ରଚଣ୍ଡ ଇଚ୍ଛାଥିଲା । ଅସଲିଟି ତ କେବେଠୁ ହଜି ସାରିଥିଲା, ଅନ୍ତତଃ ତା ଭଳି ଦେଖା ଯାଉଥିବା ରେପ୍ଲିକାଟିକୁ ଦେଖି ସନ୍ତୋଷ ହେବା ବି କିଛି କମ୍ ନୁହେଁ । ଗୋଟିଏ ସୁବର୍ଣ୍ଣ ମୁଦ୍ରାରେ ଛବିଟିଏ ରହିଛି,

ସମସ୍ତ ପ୍ରତିଭା ଓ ସୃଜନଶୀଳତାର ପ୍ରତୀକ ରୂପେ ଜଣେ ଦେବୀଙ୍କ ଆଗରେ ନିରାଭରଣ ଶିଳ୍ପୀ ଜଣେ ତନ୍ମୟ ହୋଇ ବସିଛନ୍ତି । ସେ କାଳରେ ନୋବେଲ୍ ପୁରସ୍କାର ବାବଦକୁ ମିଳିଥିବା ଏକଲକ୍ଷ କୋଡିଏ ହଜାର ଟଙ୍କା ଶାନ୍ତି ନିକେତନ ନିର୍ମାଣରେ ଖର୍ଚ୍ଚ ହୋଇଥିଲା । ତା ପରେ ପରେ କଲିକତା ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଲିଟ୍ ଉପାଧି ଦେଇଥିଲା, ଇଂଲଣ୍ଡର ମହାରାଣୀ ନାଇଟ୍ ଉପାଧିରେ ଭୂଷିତ କରିଥିଲେ । ଜାଲିଓ୍ୱାନାଲାବାଗ୍ ର ଗଣ ସଂହାରକୁ ପ୍ରତିବାଦ କରି କବି ଏହି ନାଇଟ୍ ଉପାଧି ମହାରାଣୀଙ୍କୁ ଫେରେଇ ଦେଇଥିଲେ ।

ନୋବେଲ୍ ମାନପତ୍ରଟିକୁ ଦେଖିଲେ ଅନେକ କଥା ମନେ ପଡିଯାଏ । ଜଣେ ବନ୍ଧୁଙ୍କ ଅନୁରୋଧ କ୍ରମେ ନିଜର କଛି କାବ୍ୟକୃତି ଗୀତମାଲୟ, ଖେୟ, ନୈବେଦ୍ୟ, ଶିଶୁ ଏବଂ ଉତ୍ସର୍ଗ ଆଦିକୁ ଇଂରାଜୀରେ ଭାବଗତ ଅନୁବାଦ କରି "SONG OFFERING" ନାମକ ଏକ ପାଣ୍ଡୁଲିପି କରିଥିଲେ ଏବଂ ନୋବେଲ୍ କମିଟିକୁ ଦେଇଥିଲେ । ନିଜର ଆଞ୍ଚଳିକ ଭାଷାରେ ଲିଖିତ ସାହିତ୍ୟକୁ ନିଜେ ଇଂରେଜୀରେ ଅନୁବାଦ କରି ଏହି ଶ୍ରେଷ୍ଠ ପୁରସ୍କାର ପାଇଥିବା ଭିତରେ ସାରା ବିଶ୍ୱରେ ସେ ପ୍ରଥମ ଓ ଶେଷ ବ୍ୟକ୍ତି । ବନ୍ଧୁ ବ୍ରଜେନ୍ଦ୍ରନାଥଙ୍କ ନିମନ୍ତ୍ରଣ କ୍ରମେ ସେ ୧୯୧୨ ମସିହାରେ ପୁତ୍ର ରଥୀନ୍ଦ୍ରନାଥଙ୍କ ସହିତ ଇଂଲଣ୍ଡ ଯାଇଥିଲେ । ବିଶିଷ୍ଟ କବି W.B. YEATS ରବୀନ୍ଦ୍ରଙ୍କ ଗୀତାଞ୍ଜଳୀର ମୁଖବନ୍ଧ ଲେଖିଥିଲେ । ଇଂଲଣ୍ଡରେ ଥିବା ଇଣ୍ଡିଆ ସୋସାଇଟି ସେହିଟିକୁ ପ୍ରକାଶନ କରିଥିଲା । ଲଣ୍ଡନର ବର୍ଣ୍ଣାଢ୍ୟ ଓ ସମ୍ଭ୍ରାନ୍ତ କବିତା ଆସର ସବୁରେ W.B. YEATS ଙ୍କ ସୁଲଳିତ କଣ୍ଠରେ ଗୀତାଞ୍ଜଳୀ ଶୁଣିଥିଲେ ଏଜରା ପାଉଣ୍ଡଙ୍କ ଭଳି ବିଦଗ୍ଧ କବିମାନେ । କବିଙ୍କ ସହ ଆଉଜଣେ ଚମତ୍କାର ବ୍ୟକ୍ତି C.F. ANDREWS ଙ୍କ ଦେଖା ହୋଇଥିଲା, ଯିଏକି ପରେ ଶାନ୍ତି ନିକେତନର ପ୍ରଥମ ବିଦେଶୀ ଇଂରାଜୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ ଏବଂ ପରେ ପରେ ଗାନ୍ଧୀଙ୍କ ସହିତ ମିଶି ଅହିଂସା ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ଥିଲେ ଦୀନବନ୍ଧୁ C.F. ANDREWS ।

ରବୀନ୍ଦ୍ରନାଥ ପୁତ୍ର ରଥୀନ୍ଦ୍ରନାଥଙ୍କୁ ଧରି ଇଂଲଣ୍ଡ ଯାଇଥାନ୍ତି । ସେ ସମୟର ଏକ ମଜାକଥାକୁ ରଥୀନ୍ଦ୍ରନାଥ ନିଜର ବହି "ON THE TIDES OF TIME" ରେ ଲେଖିଛନ୍ତି । ଏକ ଭୂଗର୍ଭ-ଟ୍ରେନ୍ ରେ ପିତା ଓ ପୁତ୍ର ଚାରିଂକ୍ରସ୍ ଷ୍ଟେସନ୍ ରୁ ବାହାରି ଟେଟେନହାମ୍ କୋର୍ଟ ରୋଡ୍ ଷ୍ଟେସନ୍ ରେ ଓହ୍ଲେଇ ପଡିଲେ । ପରଦିନ ପିତାପୁତ୍ର ଜାଣିଲେ ସେମାନେ ପୂର୍ବଦିନ ଟ୍ରେନ୍ ରେ ସୁଟକେଶ୍ ଛାଡି ଦେଇଛନ୍ତି । ସେମାନେ ରହୁଥିଲେ ବ୍ଲୁମସବାରି ହୋଟେଲରେ । ହୋଟେଲ୍ ମାଲିକଙ୍କ ପରାମର୍ଶ କ୍ରମେ ସେମାନେ ଲଣ୍ଡନର ରେଳବାଇ ହୃତ ସମ୍ପତ୍ତି ଅଫିସ୍

(LEFT LUGGAGE OFFICE) ରୁ ନିଜ ସୁଟକେଶ୍ ଟି ପାଇଥିଲେ। ସେଥିରେ ଥିଲା ଗୀତାଞ୍ଜଳିର ଇଂରାଜୀ ଅନୁବାଦର ପାଣ୍ଡୁଲିପି ଯାହାକି ନୋବେଲ୍ କମିଟିକୁ ଦେବାପାଇଁ ସେମାନେ ଆଣିଥିଲେ। ସୁଟକେଶ୍ ହଜିଥିଲେ (ହୁଏତ ସବୁଦିନ ପାଇଁ) ନୋବେଲ୍ ପୁରସ୍କାର ଆଉ କୁଆଡେ ଗ୍ଭଲିଯାଇଥାନ୍ତା। ରବୀନ୍ଦ୍ରନାଥ ନିଜେ ଲେଖିଥିଲେ – ସୁଟକେଶ୍ ସହ ଗୀତାଞ୍ଜଳି ଚିରଦିନ ପାଇଁ ହଜି ଯାଇଥିଲେ ଘଟଣାସ୍ରୋତ କିଭଳି ଗତି କରିଥାନ୍ତା, ତାହା ଅନେକ ଥର ମୁଁ ଚିନ୍ତା କରେ। ହୁଏତ ସେଭଳି କିଛି ହୋଇଥିଲେ, ରବୀନ୍ଦ୍ରନାଥ ଖୋଦ୍ ବଙ୍ଗଳାରେ ଅଜଣା ହୋଇ ରହିଯାଇଥାନ୍ତେ। ନା ଥାନ୍ତା ଶାନ୍ତି ନିକେତନର ଏହି ଭବ୍ୟରୂପ, ନା ଥାନ୍ତା ଏହି ସ୍ମୃତି ଭବନ !

୧୯୧୩ ମସିହା ନଭେମ୍ବର ୧୩ ରେ ପ୍ରଥମ ଏସୀୟ ଭାବେ ସାହିତ୍ୟରେ ଗୁରୁଦେବ ନୋବେଲ୍ ପୁରସ୍କାର ପାଇଥିଲେ। ସାରା ଭାରତରୁ ପ୍ରଶଂସା ପତ୍ର ଛୁଟି ଆସିଲା, ଦଳଦଳ ହୋଇ ଶୁଭେଚ୍ଛୁମାନେ ମାଡି ଆସିଲେ। ଗୁରୁଦେବ ଆଶ୍ଚର୍ଯ୍ୟ ହୋଇଥିଲେ – ରାତାରାତି ଏମାନେ ଏମିତି ରବୀନ୍ଦ୍ରପ୍ରିୟ ହେଲେ କେମିତି? କଥାହେଲା – କୌଣସି ବ୍ୟକ୍ତି ଇଉରୋପୀୟଙ୍କ ଦ୍ୱାରା ସମ୍ମାନୀତ ବା ଗୃହୀତ ହେଲେ ଯାଇ ଭାରତୀୟମାନେ ତାକୁ ଶ୍ରେୟର ମାନ୍ୟତା ଦିଅନ୍ତି। ଏହି ବିଷୟ ତାଙ୍କୁ ଖୁବ୍ ବାଧୁଥିଲା ଓ ବିଚଳିତ କରିଥିଲା। ତାଙ୍କର ଚମତ୍କାର କବିତା – ଏଇ ମଣିହାର ମତେ ସାଜେନା, ଏହି ବ୍ୟଥାରୁ ଜନ୍ମିତ।

ଗୁରୁଦେବ ଥିଲେ ଅସଂଖ୍ୟ କବିତା, ନାଟକ, ପ୍ରବନ୍ଧ, କାହାଣୀ ଓ ଉପନ୍ୟାସର ରଚୟିତା। ବଙ୍ଗଳା ସାହିତ୍ୟରେ ଗଦ୍ୟ-ଗୀତର ପ୍ରବେଶ କରାଇଥିଲେ ପ୍ରାୟ ୨୦୦୦ ଗୀତର ସୁର ମଧ୍ୟ ଦେଇଥିଲେ। ଥରେ ସେ କହିଥିଲେ ଦିନେ ହୁଏତ ମୋର ସାହିତ୍ୟକୁ ଲୋକେ ଭୁଲିଯାଇ ପାରନ୍ତି, କିନ୍ତୁ ମୋ ସଂଗୀତକୁ କେବେ କେହି ଭୁଲି ପାରିବ ନାହିଁ। ଭାରତର ଜାତୀୟ ସଂଗୀତକୁ ୧୯୧୧ ମସିହାରେ କବି ରଚନା କରିଥିଲେ, ଯାହାକି ସର୍ବଭାରତୀୟ ଜାତୀୟ କଂଗ୍ରେସର ୨୬ତମ ଅଧିବେସନରେ ଗାନ କରାଯାଇଥିଲା। ତାଙ୍କର ସଙ୍ଗୀତ – ଆମାର ସୋନାର ବାଂଲା, ଆମି ତୋମାୟେ ଭାଲବାସି, ସ୍ୱାଧୀନ ବାଂଲା ଦେଶର ୧୯୭୧ ରେ ଜାତୀୟ ସଂଗୀତ ରୂପେ ଗୃହୀତ ହେଲା। ସାରା ପୃଥିବୀରେ ସେ ହେଉଛନ୍ତି ଏକମାତ୍ର କବି ଯାହାର ଦୁଇଟି ସଂଗୀତ ଦୁଇଟି ସ୍ୱାଧୀନ ଦେଶରେ ଜାତୀୟ ସଂଗୀତ ରୂପେ ସମ୍ମାନୀତ।

ରବୀନ୍ଦ୍ର ଭବନରେ କବିଙ୍କ ସହ ସାକ୍ଷାତ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ରହିଛି। ଗାନ୍ଧିଜୀ, ଆଇନଷ୍ଟାଇନ୍, ଶ୍ରୀମା, ଭଗିନୀ ନିବେଦିତାଙ୍କଠୁ ଆରମ୍ଭ କରି ଦେଶ ବିଦେଶର

ଅନେକ ରାଷ୍ଟ୍ର ନାୟକ, କଳାକାର, ବୈଜ୍ଞାନିକ ଏଥିରେ ସାମିଲ। ଗୁରୁଦେବଙ୍କ ସମୟରୁ ଚଳି ଆସୁଥିବା ଅନେକ ପର୍ବପର୍ବାଣି ଓ ଚଳଣୀର ଫଟୋ ମଧ୍ୟ ରହିଛି। ସେସବୁ ହେଲା – ଧର୍ମଚକ୍ର ପ୍ରବର୍ତ୍ତନ ଉତ୍ସବ, ବୃକ୍ଷରୋପଣ ଓ ହଳ କର୍ଷଣ ଉତ୍ସବ, ବର୍ଷା ମଙ୍ଗଳ, ରାକ୍ଷୀବନ୍ଧନ, ରାମ ମୋହନ ସ୍ମରଣ, ଶିଳ୍ପ ଉତ୍ସବ, ଶରତ ଉତ୍ସବ, ଆନନ୍ଦବଜାର, ନନ୍ଦନ ମେଳା, ପୌଷ ଉତ୍ସବ, ମହର୍ଷି ସ୍ମରଣ, ମାଘ ଉତ୍ସବ, ମାଘମେଳା, ବସନ୍ତ ଉତ୍ସବ, ଗାନ୍ଧୀ ପୁନାହ ଇତ୍ୟାଦି। ବସନ୍ତ ଉତ୍ସବରେ କୌଣସି ଜଣେ ବଙ୍ଗାଳୀ କିଶୋରୀ ଗଳାରେ ପଳାଶଫୁଲର ମାଳା ପକାଇ ମାତଙ୍ଗୀ ପ୍ରାୟେ ନାଚୁଥିବା ଫଟୋଟି ସର୍ବକାଳୀନ ଚମତ୍କାର।

ରବୀନ୍ଦ୍ର ଭବନ ବୁଲିସାରି ଫେରିଲା ବେଳକୁ ଆଖିରେ ପଡିଯାଏ ବନ୍ଦ ଫାଟକକୁ ମୁହଁକରି ଠିଆ ହୋଇଥିବା ଗୁରୁଦେବଙ୍କ ବ୍ୟବହୃତ ହମ୍ବର ମଟରଗାଡି। କବିଙ୍କ ସହ ପିଲାଙ୍କୁ ନେଇ କେତେ ଜାଗାକୁ ନ ଯାଇଛି, ଭସାବାଦଲ ସଂଗେ ସାଥି ହୋଇ ବର୍ଷାଗୀତ ଗାଇଗାଇ କେତେକେତେ ସଂଗୀତ ମୁଖର ଶ୍ରାବଣକୁ ନ ଦେଖିଛି ଏ ଗାଡି! ବୋଲପୁର ଗାଁର ରଙ୍ଗମାଟିଆ ରାସ୍ତାସବୁ ତାର ସାକ୍ଷୀ। ଲାଗୁଥିଲା ହମ୍ବର ଗାଡିଟି ଅପେକ୍ଷା କରିଛି – କେବେ ତାର ପ୍ରଭୁ ଆସିଯିବେ ଏବଂ ତାଙ୍କୁ ନେଇ କେଉଁ ଏକ ଜହ୍ନରାତିରେ, ରଜନୀଗନ୍ଧାର ବଣ ଭିତରେ ଦୂରକୁ ଦୂରକୁ ବହୁ ଦୂରକୁ ଚାଲିଯିବ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# କଛି ସତ୍ୟ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସଭିଏଁ କୁହନ୍ତି ନଜର ନଜର
ମୃତ୍ୟୁଠୁଁ ନଜର କୁହ କଏ ?
ଅଧା ବାଟେ ହାତ ଛାଡି ଦ୍ୟନ୍ତି ସର୍ବେ
ମୃତ୍ୟୁ ଏକା ସାଥେ ଗ୍ଲୁଥାଏ ।।

ସବୁ ବୋଲୁଥାଏ ମୋର ମୋର ଖାଲି
ମୋର ବୋଲି ସତ କଛି ନାହିଁ
ପର ଉପକାର ସତ୍ କାର୍ଯ୍ୟ ଯାହା
ରୁହେ ଜନ୍ମ ଜନ୍ମ ସାଥି ହୋଇ ।।

ଅବୋରିଛି ଯେତେ ଧନ, ଭୂମି, ବଳ
ସେ ଯେ' କ୍ଷଣସ୍ଥାୟୀ ଅହମିକା
ଛ' ଖଣ୍ଡି ବାଉଁଶ ଗ୍ୱମ ନାମ ସତ୍ୟ
ଚତା ନଆଁ ମୋର ସାହା ଏକା ।।

ଅଣ୍ଟିରେ ଅଣ୍ଟିଏ ଧନ ସାଇତିଛି
ଧର୍ମ ପାଇଁ ଟିକେ ନାହିଁ ବେଳ
ବାଉଳ ହେଉଛି ଧର୍ମ ଧର୍ମ ବୋଲି
ଦୁଆରେ ଡାକଲ୍ ଯେବେ କାଳ ।।

କରି ଅଛି ଯେତେ ଜୀବନରେ ପାପ
କା' ଆଗେ ଖୋଲିବ ଦିନେ ତୁଣ୍ଡ
ଟିକେ ପୁଣ୍ୟ ପାଇଁ ପ୍ରଗ୍ଭର ପ୍ରସାର
କରୁଥାଏ ମୁଁ ଯେ ସାଜି ଭଣ୍ଡ ।।

କରିଅଛି ଯାହା କରିଦେ ରେ କ୍ଷମା
ତୁ ପର୍ବ କାଳଆ ମହାଦାନୀ
ମୁଁ ଦିନ ବ୍ରାହ୍ମଣ କା ଆଗେ କହିବି
ଅଟେ ପର୍ବ ଟିକେ ସ୍ଵାଭିମାନ ।।

ଚକାପଦା, ବେଗୁନଆ, ଖୋର୍ଦ୍ଧା

# କବି ଓ କବିତା



ପ୍ରକାଶ ଚନ୍ଦ୍ର ପଣ୍ଡା

ଭାବନା ରାଇଜେ ବୁଡି ଯାଇଥିଲି
ଭୁଲି ଯାଇଥିଲି କିଏ
ମନେ ଆକାଶରେ ଉଙ୍କି ମାରୁଥିଲା
ମନଛୁଆଁ ଲେଖାଟିଏ
ଶବ୍ଦଗୁଡା ଆସି ଖଞ୍ଜି ହୋଇଗଲେ
ପାଖକୁ ପାଖ ସେ ନିଜେ
କଲମ ମୁନରେ ଆଉଁସି ଦେଇ ମୁଁ
ଲେଖିଲି କବିତା ଟିଏ
କବିପ୍ରାଣ ମୋର ଚେଇଁ ଶୋଇଥିଲା
ନିଘୋଡ ନିଦରେ ସତେ
ନିଦ ଭାଙ୍ଗିଗଲା ସେ ଜାଗ୍ରତ ହେଲା
ଲେଖନୀ ଧରିଲି ହାତେ
ସୁଦୂର ପ୍ରସାରୀ ଭାବନା ରାଇଜେ
ବୁଡୁଥିଲି ଉଠିଥିଲି
ସତେକି ଫେନିଳ ସମୁଦ୍ର ଗର୍ଭରେ
ମନେମନେ ଭାସୁଥିଲି ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ଗୁରୁ ପୂର୍ଣ୍ଣିମା



ଜନ୍ମଜୟ ନାୟକ

ଗରୁ ପଦରଜ କରେ ପାପ ନାଶ,
ମୁକତିର ବୀଜ ଗୁରୁଙ୍କ ଆଶିଷ ।
ଗୁରୁ ପୂର୍ଣ୍ଣିମାରେ ଗୁରୁଙ୍କ ବନ୍ଦନା,
କରିଣ ମିଳଇ ତାଙ୍କ କୃପା ସିନା।

ଅମା ଅନ୍ଧକାରେ ଆଲୋକର ଶିଖା,
ସାଜିଣ ଗୁରୁ ଦିଅନ୍ତି ଶିକ୍ଷା ଦୀକ୍ଷା ।
ଗୁରୁ ପରଂବ୍ରହ୍ମ ସାକ୍ଷାତ ଇଶ୍ୱର ,
ମୂର୍ଖ ଜ୍ଞାନୀ ସାଜେ ପାଇ ତାଙ୍କ ବର ।

ପ୍ରଥମ ଗୁରୁ ଅଟନ୍ତି ପିତାମାତା,
ଚରିତ୍ର ଗଢନ୍ତି ସାଜିଣ ବିଧାତା।
ବିଦ୍ୟା ମନ୍ଦିରେ ଗୁରୁଙ୍କ ବିଦ୍ୟାଦାନ,
କରଇ ଆମର ଜୀବନ ଗଠନ।

ଗୁରୁ ପାଦପଦ୍ମେ ହଜାରେ ନମନ,
ତାଙ୍କୁ ପ୍ରଣମି ମୁଁ କରଇ ଜଣାଣ।
ସୁଝି ପାରିବିନି କେବେ ତାଙ୍କ ଋଣ,
ତାଙ୍କ ପାଇଁ ଆଜି ପାଉଛି ସମ୍ମାନ ।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

# ହଜି ଯାଇଥିବା ଈଶ୍ୱର

**[ଏକ ପ୍ରତୀକଧର୍ମୀ ନାଟକ]**



ଡକ୍ଟର କିଶୋର ମହାନ୍ତି

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନଗ୍‌କାର – ଆଧାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଲବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

(ଆସ୍ତେ ଆସ୍ତେ ଆଲୋକ ମଞ୍ଚ ଉପରେ ପରିବ୍ୟାପ୍ତ ହେବ – ମଞ୍ଚରେ ଦୁଇଟି ଚରିତ୍ର-ବୃଦ୍ଧା ଓ ବିସ୍ମୟ)

ବୃଦ୍ଧା – ବାପା, ମୋତେ ଖୋଜୁଥିଲ?

ବିସ୍ମୟ – ହଁ.... ତୁମକୁ ମା

ବୃଦ୍ଧା – ମୁଁ ତ କେତେବେଳୁ ଆସିଲିଣି

ବିସ୍ମୟ –ତୁମେ କଣ ଏକା ଆସିଛ ନା ତୁମ ସାଥିରେ ଆଉ କଏ? ଏଠି ଆଣି ତୁମକୁ କଏ ଛାଡି ଦେଇଗଲା ।

ବୃଦ୍ଧା – କଏ ବା ଛାଡିବ, କଏ ଜାଣେ ଏ ନିକାଞ୍ଚନ ଜାଗାକୁ – ଏକା ମୁଁ ଆସିଛି ବାବା – ଏକଲା ।

ବିସ୍ମୟ – ଜାଣ ଏ ଜାଗା ନରପାଦ ନୁହେ ।

ବୃଦ୍ଧା – ଜାଣେ ।

ବିସ୍ମୟ – ତଥାପି ଏପରି ସତ ସାହସ କଲ କାହିଁକ?

ବୃଦ୍ଧା – ମୋତେ ମୋ ମନ ଏଣିକ ଟାଣି ଆଣିଲା । ଗୁଲି ଆସିଲି ଆପେ ଆପେ, ଏଇଠି ରହିବି ବାପା । ପ୍ରବୀଣାନନ୍ଦଙ୍କୁ ମୁଁ ତ ଭେଟିଛି ।

ବିସ୍ମୟ – ତାହା ହେଲେ ତ ଠିକ୍ ଅଛି – ଏଇଠି ରୁହ-ତୁମର କୌଣସି ଅସୁବିଧା ହେବନାହିଁ, କଛି ବିପଦ ବି ନାହିଁ?

ବୃଦ୍ଧା –ନା ଯେ, ମୁଁ ମୋ ପୁଅକୁ ଖୋଜୁଛି?

ବିସ୍ମୟ – ପୁଅ?

ବୃଦ୍ଧା – ହଁ, ବାପା-ମୋ ପୁଅକୁ ମୁଁ କେଉଁଠି ଛାଡି ଦେଇ ଆସିଛି ପାଉନ ତାକୁ...

ବିସ୍ମୟ – ହଉ ହେଲା ହେଲା, କାନ୍ଦନ । କାହିଁକ କାନ୍ଦୁଚ?

ବୃଦ୍ଧା – ବୋଧେ ସେ ନଷ୍ଟୁର ପାଣି ତାକୁ ନେଇଯାଇଛି – ହେଇ ଦେଖୁନ ଦେଖୁନ ବାବୁ, ସେ ଯେମିତି କାତ ଧରିଛି ନା ର ମଙ୍ଗରେ ଠିଆ ହୋଇ କାତ ପକାଉଛି ଅକାତ କାତ ପାଣି । ଭଉଁରୀ ଖାଉଛି, ଆ ବାବୁ ଆ -ମୋ କୂଳ ଚନ୍ଦ୍ରମା-ଏକୋଇର ବାଳା ବିଶି କେଶନା-ତୋତେ ଗୁହିଁ ଗୁହିଁ ମୋ ଆଖିରୁ ପାଣି ମଲାଣି ! ତୁ କାହିଁକ ବୁଝିବୁ ମାର ଦୁଃଖ, ମାର ବେଦନା ।

ବିସ୍ମୟ – ସତରେ ମା, ମା ମନରେ ପୁଅ ପାଇଁ ଅସରନ୍ତି ଦୁଃଖନା?

ବୃଦ୍ଧା – ହଁ ରେ ବାବୁ! ମା ଯିଏ ହେଇନ ସେ କାହୁଁ ବୁଝିବ ପୁଅକୁ ଛାଡି ଆସିବାର ଦୁଃଖ ତାର ଯନ୍ତ୍ରଣାକୁ ।

ବିସ୍ମୟ – ତୁମେ କେଇତି ଅଲଗା ଅଲଗା ଲାଗୁଛ । ତୁମ ଭିତରେ ଗୋଟାଏ ମା ର ବାତ୍ସା ଉକୁଟି ଉଠୁଛି । ତୁମକୁ ଗୁହିଁଦେଲା ମାନେ କେମିତି ଅନ୍ତର ଭିତରେ ଥିବା ଭକ୍ତି ଫୁଟି ଉଠୁଛି

– ତୁମେ କେବଳ ଜଣକର ମା ନୁହେଁ – ଜଗତର ମା, ତୁମ ଚରଣ ଛୁଇଁବାକୁ ଇଚ୍ଛା ହଉଚ – (ଭାବବିହ୍ୱଳ ହୋଇ) ତୁମେ କଣ ସେଇ ଯଶୋଦା ମା – ଯିଏ କୃଷ୍ଣଙ୍କ ବିହୁନେ ଅଧିର ହୋଇପଡିଥିଲେ (ପାଖକୁ ଆସି) ତୁମେ ମୋରେ କୋଳ କରିନଅ ମା – ମୁଁ ଏତେ ଦିନ ପରେ ଜଣେ ପୁତ୍ରବତ୍ସଳା ମାକୁ ପାଇଛି ମୋତେ ତୁମେ ତୁମର ଚରଣ ଧୂଳ ଦିଅ। ମା! ଚନ୍ଦନ ପରି ମଥାରେ ଲଗେଇବି।

ବୃଦ୍ଧା – ଛି ବାବା ଛି – ଏମିତି କଣ କହୁଚ – ମୋ ପାଦର ଧୂଳ – ମୁଁ କଏ...ଭିଖାରୁଣୀଟେ ମୋଠାରୁ କଣବା ଅଧିକ ଆଶା କରିବ ବାବୁ।

ନଗ୍ନକାର – (ପ୍ରବେଶ) ମାଉସୀ-ଏହି ଭିତରେ ରହି ତୁମ କଥା ସବୁ ଶୁଣୁଥିଲି। ତୁମେ ଏ ଅବସ୍ଥାରେ ଠିକ୍ ସ୍ଥାନରେ ଆସି ପହଞ୍ଚି ଯାଇଛ, ଏଠୁ ଛାଡି କୁଆଡେ ଯିବନତ?

ବୃଦ୍ଧା – ପୁଅରେ...ଆମ ମୋ ପାଖକୁ ତୁମେମାନେ ହେଉଚ ମୋର ଅତି ଆଦରର ପୁତ୍ର। ତୁମକୁ ଛାଡି ମୁଁ କୁଆଡେ ଯିବି?

ନଗ୍ନକାର – ଦେଖିଲତ ବିସ୍ମୟ –ମା କେତେ ଉଦାର। କେତେ ଦୟାଶୀଳା। ସେ ଯେତେବେଳେ ତାଙ୍କ ଆଞ୍ଚଳ ଖୋଲି ଦେଇଛନ୍ତି ଆମେ ମାନେ ସୁରକ୍ଷିତ। ମା ପରି ମାଟିଏ ଏକା।

ବିସ୍ମୟ – ତୁମେ ତ ଜାଣ ନଗ୍ନକାର, ମୁଁ କାହିଁକ ସବୁ ଛାଡି ଏଠିକ ଗ୍ଲଲି ଆସିଛି ! ତୁମେ ଦେଖି ପାରୁଛ ଯୋଉ ସମାଜ ଦିନେ ସମସ୍ତଙ୍କୁ ଏକାଠି କରି ରଖିଥିଲା, ସେ ସମାଜ କେମିତି ହୁ ହୁ ହୋଇ ଜଳୁଛି। ଦେଖିପାରୁଛ ତାର ଧୂମ୍ରକୁଣ୍ଡଳୀ କେମିତି ଦୂର ଦିଗବଳୟ ଟପି ଉପରକୁ ଉପର ଟପି ଗ୍ଲଲିଛି। ଆଜିର ଅଲୋଡା ସମାଜର ମା ମାନେ ଆଉ ମା ହୋଇ ନାହାଁନ୍ତି, ସେମାନେ ଗ୍ରକ୍ଷାସୀ।

ବୃଦ୍ଧା – ନା ବାବା, ସେମିତି କଥା ତୁଣ୍ଡରେ ଧରନା। ମା ଙ୍କୁ ଏମିତି କହନ୍ତିନ। ସେ ଜଗତଜନନୀ।

ବିସ୍ମୟ – ମାଙ୍କୁ ମୁଁ ଅସମ୍ମାନ କରୁନାହିଁ ଯୋଉଁ ମାର ହୃଦୟ ଭିତରେ ପୁଅ ପ୍ରତି ଆପଣଙ୍କ ଭଲ ଟିକଏ ହେଲେ ଦରଦନାହିଁ, ସେ କଣ ମା ରେ ଗଣାଯିବେ।

ନସ୍କାର – ଭୁଲ କହୁଛ ସବୁ ମା ମାନେ ସେଇଆ ନୁହଁନ୍ତି ଭାଇ – "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" ମୁଁ ମାଙ୍କୁ ସମ୍ମାନ ଦିଏ, ମାଟିମାଙ୍କୁ ପ୍ରଣାମ କରେ ।

ବିସ୍ମୟ – ଆଜିର ସମାଜକୁ ତୁମେ ଦେଖିନ ଭାଇ । ସେମାନଙ୍କୁ ଥରେ ଦେଖିଲେନା ତୁମ ମନ ବିଦ୍ରୋହ କରି ଉଠିବ । ଛାତି ତଳେ ନିଆଁ ହୁତୁ ହୁତୁ ଜଳ ଉଠିବ । ହୃଦୟର ସମସ୍ତ ତନ୍ତ୍ରୀ କେମିତି ଏକାବେଳେକେ ଛିନ୍ନଭିନ୍ନ ହୋଇଯିବ । ଦେଖିଛ ଭାଇ ସେଇ ବିଷାକ୍ତ ସମାଜକୁ ।

ବୃଦ୍ଧା – ମୁଁ କିଛି ବୁଝିପାରୁନ ବାବା, ତୁମେ ଏତେ ଅସ୍ଥିର, ଅବିଚଳତ କଣ ପାଇଁ । ସମାଜ ତୁମର କଣ କଲା । ଆଉ ମାର ଭୁଲ ରହିଲା କେଉଁଠି?

ନସ୍କାର – ସେଇ ପ୍ରଶ୍ନ ମୁଁ ପଚାରୁଛି ବିସ୍ମୟ ତୁମେ ଏବେ କକ୍ଷ୍ୟଚ୍ୟୁତ ଏକ ଉଲକା ବା ତୁମେ ହୁଏତ ବିବେଚନା ଶକ୍ତି ହରାଇ ବସିଛ । ତେଣୁ ତୁମେ ଏମିତି କଥାଗୁଡିକ ବଖାଣି ବସୁଛ । ଯାହା ସତ୍ୟ ଓ ନ୍ୟାୟ ଠାରୁ ଖୁବ୍ ଦୂରରେ ।

ବିସ୍ମୟ – କହିପାର, ଏ ହେଉଛି ପାଗଳର ପ୍ରଳାପ । ସତ କହୁଛି ନସ୍କାର ମୋ ଭିତରେ କେମିତି ଏକ ଆଗ୍ନେୟ ଉଦଗୀରଣ ସୃଷ୍ଟି ହେଉଛି । ମୁଁ ମୋ ମାନସିକ ଭାରସାମ୍ୟ ହରାଇ ବସୁଛି ଯେମିତି ବାରମ୍ବାର ।

ନସ୍କାର –ଧୈର୍ଯ୍ୟଧର, ଚିତ୍ତ ଶୁଦ୍ଧକର । ମନକୁ ଶାନ୍ତ କର । ଦେଖିବ ଆପେ ଆପେ ସବୁ ଠିକ୍ ହେଇଯିବ ।

ବୃଦ୍ଧା – ତୁମର କଣହେଲା ପୁଅ !

ବିସ୍ମୟ –ମୁଁ କେମିତି ଆସ୍ତେ ଆସ୍ତେ ଅଦରକାରୀ, ଅଲୋଡ଼ା ହେଇଗଲି ।

ନସ୍କାର – ମାନେ ସତ୍ୟ ପ୍ରକାଶର ବିସ୍ମୟ ।

ବିସ୍ମୟ –ମୁଁ କାହାକୁ ମୋର ଅସଲ ପରିଚୟ ଦେବି! ସମାଜ ମୋତେ ଘୃଣାକଲା । ଏ ମଣିଷ ମୋତେ ତାଚ୍ଛଲ୍ୟ କଲା । ଗୋଡରେ ଆଡେଇ ଦେଲେ ଏମାନେ, ମୁଁ ସବୁ ଆଡେ ଜାରଜ ବୋଲି ପରିଚିତ ହେଲି ।

ନଗ୍ରକାର – ବିସ୍ମୟ !

ବୃଦ୍ଧା – ବାପା, ଏ ତୁମେ କଣ କହୁଚ!

ବିସ୍ମୟ – ସତ କହୁଛି ମୁଁ ସେ ବାପା ଆଉ ମାଙ୍କୁ ଯଦି ଥରେ ଭେଟନ୍ତି, ପଗ୍ଚରନ୍ତି । ତୁମର ସମ୍ଭୋଗ ସୁଖ ପାଇଁ ଏ ମଣିଷଟା କ ପାପ କରିଥିଲା? କଣ ପାଇଁ ସେ ପରିଚୟ ହୀନ ହୋଇ ଏ ସମାଜରେ ସଢି ସଢି ମରିବ! ଆଉ ତୁମର କ୍ଷଣିକ ସୁଖ ପାଇଁ ଅନ୍ୟ ଜୀବନରେ ଏ ଖେଳ ଖେଳଲ କାହିଁକ? ସେଇ ପୁରୁଷକୁ ମୋର ଗୋଟିଏ ପ୍ରଶ୍ନ ଯାହା ସେ କ୍ଷଣିକ ଉତ୍ତେଜନାରେ କରି ପକାଇଲେ ତାର ପରିଣାମ କଣ ଯେ ହେବ ସେ କଣ ଜାଣିପାରି ନଥିଲେ !

ନଗ୍ରକାର – ମୁଁ ତ ତୁମ ଜୀବନର ଇତିହାସ ପୃଷ୍ଠା ଆଡେଇ ନଥିଲି ଏଯାଏ, ଆଜି ତୁମ ମୁଖରୁ ତୁମ ଜୀବନର ନିଷ୍ଠୁର ସତ୍ୟପାଠ ମୋତେ ବଂଧୁ ଅତି ବିବ୍ରତ କରି ଦେଇଛି । ଏ ସମାଜ ପ୍ରତି ତିଳେ ହେଲେ ମୋର ଦରଦ ନାହିଁ ।

ବୃଦ୍ଧା – ତୁମେ ପୁଣି ବାପା କଣ କଲ?

ବିସ୍ମୟ – କଣ ବା କରିବି ମା । ଅନ୍ୟ ପିଠିରେ କେତେ କାଳ ବୋଝ ହେଇ ରହିବ । ମୁଁ ପ୍ରଥମେ ପ୍ରଥମେ ବହୁତ ଖରାପ ଥିଲି । ନିଷ୍ଠୁର କଳା ପାହାଡ । ଗଢିବା ମୋର ଦୁଃସ୍ୱପ୍ନ ଥିଲା ଭାଙ୍ଗିବା ମୋର ଜୀବନର ଥିଲା ପିଲାଖେଳ ।

ବୃଦ୍ଧା – ତା ପରେ ବାପା !

ବିସ୍ମୟ – ତାପରେ ଅନେକ ଭାଙ୍ଗିବା ପରେ ଭାବିଲି ମୁଁ ଶେଷରେ ପାଇଲି କଣ । କଛି ନୁହେଁ ଏମିତି ଭାବିଲି ଜୀବନ ଥାଇ କେତେ ନଥାଇ କେତେ ।

ନଗ୍ରକାର – ତେବେ ତୁମେ!

ବିସ୍ମୟ – କୁହନ ଭାଇ, ଗୋଟାଏ ବିରାଟ ରାସ୍ତା ଦୁର୍ଘଟଣା ପରେ....ମୁଁ ଆଉ କଛି ଜାଣିନ, ସାଧୁ ପ୍ରବୀଣାନନ୍ଦଜୀଙ୍କ ପାଖରେ ମୁଁ ବି ଚର ଋଣୀ । ତାଙ୍କର ଅନୁକଂପା ନ ପାଇଥିଲେ ସୁଅ ମୁହଁରେ ପତର ପରି ମୁଁ ଭାସି ଯାଇଥାନ୍ତି-ନିଶ୍ଚିହ୍ନ ହେଇଯାଇଥାନ୍ତି । ଆଉ ତୁମର ବି ବଂଧୁତ୍ୱ ମୋତେ ଯେମିତି ଟାଣି ଧରିଛି ।

ନଗ୍ନକାର – ନା ଭାଇ ନା, ଏ ବଡ ଦୁଃଖଦ ଘଟଣା ତୁମ ଜୀବନର । ତଥାପି ତୁମର ସାହସ ଓ ଧୈର୍ଯ୍ୟକୁ ମୁଁ ତାରିଫ୍ କରି ରହିପାରୁନ । ଧନ୍ୟ କହିବ ତୁମ ସାହସକୁ ।

ବିସ୍ମୟ – ଏଠି ମୁଁ ଅତ୍ୟନ୍ତ ଖୁସି । ତୁମ ଭଳ ମାଙ୍କୁ ପାଇ ମୁଁ ଅତି ଆନନ୍ଦିତ ।

ନଗ୍ନକାର – ଇଏତ ଆମରଏକ ପୃଥକ ଆନନ୍ଦ ନଗର । ଏଠି ନଗ୍ନନନ୍ଦ ହିଁ ନାହିଁ । ଜୀବନ ଭିତରେ ଜୀବନକୁ ଖୋଜିବାର ଇଏ ଆମର ପ୍ରଥମ ପ୍ରୟାସ ।

ବୃଦ୍ଧା – ମୁଁ ତମ ଦୁନଆର ମଙ୍ଗଳ କାମନା କରେ । ଜଗତରେ ମଙ୍ଗଳ ପାଇଁ ଆସ ସମସ୍ତେ ଲାଗିଯିବା-(ସଂଗୀତ ମୂର୍ଚ୍ଛନା ପରେ)

(ଅନ୍ଧାର ଆଡେଇ ଆଲୋକ ପଡିବ ଦୁଇଟି ଚରିତ୍ର ଉପରେ – କରୁଣ ସଂଗୀତ)

କ୍ରମଶଃ........

ସି.ଡି.ଏ, କଟକ

# ଶ୍ରୀଗୁରୁ



ବ୍ରଜବିହାରୀ ମେହେର

ବନ୍ଦଇ ଗୁରୁଦେହ ହରି । ସର୍ବ ଘଟର ତୁ ନାଉରି ॥
ନମଇଁ ଗୁରୁ କଳ୍ପତରୁ । ସକଳ ବାଞ୍ଛା ପୂର୍ଣ୍ଣ କରୁ ॥
ଜୟ ଶ୍ରୀଗୁରୁ ପୁତକାରି । ଭବ ସାଗରୁ କରୁପାରି ॥
ତବ ଅରଣେ ମୋର ଆଶ । ଫିଟାଅ ଭବ କଳ ପାଶ ॥
ତୋ ବିନୁ ଆନ ଗତି ନାହିଁ । ତୁ ନ ରଖିଲେ ଯିବି କାହିଁ ॥
ହେ ଗୁରୁ କରୁଣା ସାଗର । ହଟାଅ ଭବ ଅନ୍ଧକାର ॥
ତୁ ଅଟୁ ହରି ହର ବ୍ରହ୍ମା । ତୋ କୃପାର ନାହିଁ ଉପମା ॥
ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ । ତିନ ଗୋବିନ୍ଦେ ଅଛି ଭେଦ ॥
ପ୍ରଥମ ଗୋବିନ୍ଦ ଯେ ସେହି । ଯା ଲାଗି ଅଛି ଦେହ ବହି ॥
ଏକଜ ହେଲି ତାଙ୍କ ନାମେ । ପୂଜୁଛି ମାତ ତାତ ନାମେ ॥
ଯା କୃପାରେ ମୁଁ ଦ୍ୱିଜବର । ଆର ଗୋବିନ୍ଦ ନାମ ତାର ॥
ଗୋବିନ୍ଦ ମାର୍ଗେ ମାର୍ଗ ଦେଇ । ଉଦ୍ଧାର କରୁ ଅଜ୍ଞାନାରି ॥
ତୃତୀୟ ଗୋବିନ୍ଦ ଯେ ହରି । ସର୍ବ ଘଟର ଅଧିକାରୀ ॥
ଯା ମନୁ ଯାତ୍ ଏ ଜଗତ । ପରମ କାରଣ ଅଚ୍ୟୁତ ॥
ଆତଙ୍କ ନାଶନ ତୋ ବାନା । ପ୍ରାଣୀଙ୍କୀ ତାରୁ ବଜ୍ରସେହ୍ନା ॥
ଏମନ୍ତେ ଗୁରୁଙ୍କ ମହିମା । ଭୁବନେ ନାକେ ତଙ୍କ ସମା ॥

ଓଡିଶା ଆଦର୍ଶ ବିଦ୍ୟାଳୟ,
ଜାମିରଡିହା, ମୟୂରଭଞ୍ଜ

# ମୋ ବୋଉ

କୁନ୍ତଳା କୁମାରୀ ଦେଇ

ବୋଉ ନାମ ଦୁନିଆରେ ସବୁଠାରୁ ମିଠା
ଦ୍ୱିତୀୟ ଭଗବାନ ସେ ଶାସ୍ତ୍ର ରେ ବିଦିତା
ମାଆ ସିନା ଜଗତର ସାହା ଭରସା
ଆମପାଇଁ ବୋଉ ତୁ ତ ଜୀବନର ଭୃଷା
“ଜହ୍ନ” ନାମ ଦେଲେ ଅଜା ଅତି ଶରଧାରେ
ବାଲ୍ୟ ବିବାହ କରୁଲୁ ନ ବରଷରେ
ବାପା ଦେଲେ ତୋର ନାମ ଅଟେ ହାସ୍ୟମଣୀ
ସ୍ୱର୍ଗରେ ଯେସନେ ଅବା ଶ୍ରୀକୃଷ୍ଣ ରୁକ୍ମିଣୀ
ଶାଶୁଙ୍କର ଥିଲୁ ତୁହି ଅତି ଗେହ୍ଲା ବୋହୁ
ଝିଅ ପରି ରଖିଥିଲେ ଦିଶୁ ଦାଉ ଦାଉ ।
ମୁଣ୍ଡରେ ଓଢଣା ଟାଣି ସେମାନଙ୍କ ସେବା
କରୁଥିଲୁ ନର୍ବିକାରେ ତୁ ଲୋ ରତ୍ନଗର୍ଭା ।
ମୂର୍ତ୍ତୀମନ୍ତ ପ୍ରତୀକ ତୁ ତ୍ୟାଗ, ସେବା, କର୍ତ୍ତବ୍ୟ ର
ଅଦ୍ୱିତୀୟ ପତିପ୍ରାଣା ପାଦେ ତୋ କୋଟି ଜୁହାର ।
ମମତାର ପଣତରେ ବଢାଇଲୁ ଆମକୁ
ଆଦର୍ଶରେ ଟପିଗଲୁ ତୁ ସୀତା ସାବିତ୍ରୀଙ୍କୁ ।
ସ୍ୱାମୀ ଛଡା ଜୀବନରେ କିଛି ଜାଣି ନାହୁଁ
ଏତେ ବଡ ଫ୍ୟାକ୍ଟେରୀ କୁ ତୁ ଚଲାଉଥାଉ ।
ବାପାଙ୍କ ହିସାବ ହଜାଇ ମୁଁ ତୋର ନାମ ଦିଏ
ସବୁ ଦୋଷ ମୁଣ୍ଡପରେ ତୋରଲଦା ଯାଏ ।
ସର୍ବମ୍ ସହା ଧରିତ୍ରୀ ତୁ କ ଉପାଦାନେ ଗଢା
ହାତରନ୍ଧା ଖେଚୁଡି ଆଉ ତୋ ଶାଗ ଖରଡା ।

ଝୁରିହୁଏ ଉପବାସେ, କାର୍ତ୍ତିକ ସୋମବାର
ଖୁଦୁରୁକୁଣୀ ର ମରୁ, ସବୁ ଯାତ୍ରା ପରବର ।



ଦିପାବଳୀ ବାସି କାଉଚକ୍କଣର ଦିନ
ମନେ ପକାଇ କରିବ କେ ଅତି ଯତନ ।
ନୁହେଁ ଅଭିମାନୀ ଭରି ସ୍ୱାଭିମାନୀ ତୁ ବୋଉ
୮୨ ବର୍ଷେ ପଦାର୍ପଣ କରି ନିଜ କାମ ନିଜେ କରୁଥାଉ ।
ଗର୍ବୀତ ମୁଁ ଏ ଜନ୍ମେ ବୋଉ ରୂପେ ତୋତେ ପାଇ
ଅକୃତଜ୍ଞ ହୋଇ ରହିଗଲି ତୋର କିଛି ଇ କରିନ ।
ପଲ୍ଲୀରୁ ଆଣି ଆମକୁ ଶ୍ରୀକ୍ଷେତ୍ର ପାଳଥିଲ
ତୁମ ତ୍ୟାଗେ ଏ ଜୀବନ ସୁରଭିତ କଲ ।
କୋଟି ପୂଣ୍ୟ ଥିଲେ ଏହି ପିତା ମାତା ମିଳେ
ସୁଯୋଗ ଦେବୁ ବୋଉ ପୁଣି ଜନ୍ମିବି ତୋ କୋଳେ ।
ତୋ ବିନା ଅପୂର୍ଣ୍ଣ ଆଜି ମୋ ଜୀବନ
ରହିଗଲା ଅବଶୋଷ,
ଶେଷ ସମୟରେ ଦେଖି ପାରିଲିନ
ସବୁ ଲାଗେ ଆଜି ବିଷ ।
ଜୀବନର ଭେକ ମରିଗଲା ବୋଉ
ସବୁଦିନ ପାଇଁ ମୋର,

ସବୁଥାଇକ ବି ଅନାଥ ଆଜି ମୁଁ
ବ୍ୟର୍ଥ ଏ ଜନମ ମୋର ।
ବାପା ମୋ ପ୍ରେରଣା ତୁ ମୋ ଆଦର୍ଶ
କରିଲ ମୋ ପାଇଁ କଷ୍ଟ ।
ତୁମ ତ୍ୟାଗ ବଳେ ପ୍ରଭୂଙ୍କ ଇଛାରେ
ଶିକ୍ଷୟିତ୍ରୀ ହେଲି ଆଜ ।
ଲକ୍ଷ୍ମୀ ନାର୍‌ୟଣ ପରି ବାପାବୋଉ
ଯାଅତ ବଡ ଦେଉଳ ।
କରୁଛି ବିନତୀ ଆହେ ବିଶ୍ୱପତି
ବାପାବୋଉଙ୍କୁ ଉଦ୍ଧାର ।
ଠାକୁରଙ୍କ ପାଶେ ହସୁଥାଅ ତୁମେ
ଆଶ୍ରୟ ପାଇ ତାଙ୍କ ।
ବିଶାଳ ହୃଦୟେ କ୍ଷମା କରିଦିଅ
ପିଲ୍‌ମାନଙ୍କୁ ତୁମର ।

ବିଶାଳ ହୃଦୟେ କ୍ଷମା କରିଦିଅ
ପିଲ୍‌ମାନଙ୍କୁ ତୁମର ।

# ପ୍ରତ୍ୟାଶୀ ପଥିକ



ଲକ୍ଷ୍ମଣ ମହାନ୍ତି

ସମୟ ଅଳପ ପଥ ବହୁଦୂର
କଣ୍ଟକତ ପଥେ ଜୀବନ ମୋହର
କ୍ଳାନ୍ତ ପଥିକ ମୁଁ ତଥାପି ଥକନ
ପୁଷ୍ପଗୁଚ୍ଛେ ଅଛି ଲକ୍ଷ୍ୟସ୍ଥଳ ମୋର ।।

ଆଜି ଅଛି କଣ୍ଟା କାଲିକ ପ୍ରସୂନ
ଇଏତ ଦୁନଆ ଖେଳ ଛକ-ଶୂନ
ଅଥକା ସାଜିମୁଁ ପଥମୋ ଲଙ୍ଘିବି
ଯେତେ ଆସୁପଛେ ମୋ ବ୍ୟାଧି-କଷଣ ।।

ପଥିକ କରମ ଅଟେ ପଥଗତି
ଭନୁ-ତାପ ଅବା ଝଡ କ ବିପତ୍ତି
କେ' ରୋକ ପାରିବ ପଥିକ ପୟର
ପୟରେ ଲୁଚଛି ପଥିକ ମୁକତି ।।

ମାନବ ପ୍ରବୃତ୍ତି ଅଟଇ ଅଦ୍ଭୁତ
କୁଶଳ ସମୟେ ଦିସନ୍ତି ସମସ୍ତ
ବିପତ୍ତି ବେଳାରେ ଆରତ ଲଭିଲେ
ଅପସରି ଯିବେ ଆତ୍ମୀୟ ସହିତ ।।

ଜନମିଛି ଏକା ବସୁନ୍ଧରା ତଳେ
ମୋ ପିତାମାତାଙ୍କ ଆଶୀର୍ବାଦ ବଳେ
ସଂସାର ମାୟାରେ ଭୁସି ହୃଦୟରେ
ମଦମତ୍ତ ଭାବ ରଖିବିନ ତିଳେ ।।

ତିମିର ଘେରରେ ସରଣୀ ମୋହର
ଅଛି ଆଶା କାଲି ଉଇଁବ ମିହିର
ଦୁର୍ଭେଦ୍ୟକୁ ଭେଦି ପଥ ଅତିକ୍ରମେ
ଲକ୍ଷ୍ୟସ୍ଥଳ ମୋର ଲଭିବି ତତ୍ପର ।।

ସାହସ ମନରେ ଶକ୍ୟ ମୋ ପୟରେ
ନତ୍ୟଲୟ ଦେଇ କର୍ତ୍ତବ୍ୟ ପଥରେ
ଗ୍ଳଲିବି ନରତେ ଥିବାଯାଏଁ ଜୀବ
ପାରାବାରେ ବୀଚ ଯେମନ୍ତ ଲହରେ ।।

ସ୍ଥବିରତା ଅବା ଆସୁ ବ୍ୟାଧି ଯେତେ
ଦୁର୍ଜୟକୁ ଜୟ କରିବି ଜଗତେ
ମହୀତଳେ ମୋର ବେଳ ସରିଗଲେ
ଲୀନହେବି ଶେଷେ ମହାବାହୁ ହାତେ ।।

ସୌରିପାଲି, ଖଟଖଟିଆ, ବୌଦ୍ଧ

# ଆମ ପରିବେଶ ସୁରକ୍ଷା ଆମ ହାତରେ



ପ୍ରତାପ ଚନ୍ଦ୍ର ସାହୁ

ପରିବେଶ ଏକ ବ୍ୟାପକ ଶବ୍ଦ ଯାହାକ ଏକ ମୌଳିକ ଅବବୋଧ ଉପରେ ପର୍ଯ୍ୟବେସିତ । ଏହାକୁ ସାଧାରଣତଃ କୃତିମ ତଥା ପ୍ରାକୃତିକ ଦ୍ରବ୍ୟାଦି ବୁଝାଇଥାଏ । ମଣିଷ ସୁସ୍ଥ ଭାବରେ ଏବଂ ସଚ୍ଛଳ ରୀତିରେ ବଞ୍ଚିବାକୁ ଯାଇ ତାର ନିକଟବର୍ତ୍ତୀ ପରିବେଷ୍ଟନୀରେ ଥିବା ବସ୍ତୁ ବା ପ୍ରାକୃତିକ ଶକ୍ତିକୁ ନେଇ ଗଠିତ ପ୍ରତ୍ୟେକ ଉପାଦାନକୁ ସଦୁପଯୋଗ କରିଥାଏ । ଅନ୍ୟ ଯେ କୌଣସି ଜୀବମାନଙ୍କ ଭଳି ମନୁଷ୍ୟ ମଧ୍ୟ ତାର ପରିବେଶ ଉପରେ ନିର୍ଭର କରିଥାଏ ଏବଂ ପରିସଂସ୍ଥାର ଅନ୍ୟ ଜୀବମାନଙ୍କର ପରିବେଶର ଏକ ଉପାଦନ ଭାବେ କାର୍ଯ୍ୟ କରେ । ପ୍ରାକୃତିକ ପରିବେଶ ଦେଇ ଗତି କଲାବେଳେ ଜୈବିକ ଓ ଅଜୈବିକ କଥା ମନକୁ ଆସେ । ଜର୍ମାନ ବୈଜ୍ଞାନିକ ହେକେଲ ଇକୋଲଜି ଶବ୍ଦର ପ୍ରଚଳନ କରିଥିଲେ ଗ୍ରୀକ ଶବ୍ଦ ଓଇକସ **(OIKOS)** ର ଅର୍ଥ ଗୃହ ଓ ଲଗସ **(LOGOS)** ର ଅର୍ଥ ହେଉଛି ବିଶେଷ ଆଲୋଚନା । ଏଣୁ ତାଙ୍କର ମତାମତ ଅନୁସାରେ ପରିବେଶ କହିଲେ "ଜୀବନର ଗୃହ" । ଏଣୁ ମନୁଷ୍ୟର ଚତୁପାର୍ଶ୍ୱରେ ରହିଥିବା ଏବଂ ତାର ଜୀବନକୁ ପ୍ରଭାବିତ କରୁଥିବା ସମସ୍ତ ସାମାଜିକ, ଅର୍ଥନୈତିକ, ଜୈବିକ, ଭୌତିକ ତଥା ରାସାୟନିକ ଅବସ୍ଥା ସମୁହକୁ ପରିବେଶ କୁହାଯାଏ । ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରକାର ପ୍ରାଣିଓ ଉଦ୍ଭିଦ ବାସ କରୁଥିବାର ଦେଖିବାକୁ ମିଳଥାଏ । ଏହାକୁ ହିଁ କୁହାଯାଏ ଜୀବଜଗତ । ଭୂତାଣୁ ବୀଜାଣୁ ଏକ କୋଷୀ ପ୍ରାଣିଙ୍କ ଠାରୁ ଆରମ୍ଭ କରି ବହୁ କୋଷୀ ପ୍ରାଣୀ ତିମି, ବିରାଟକାୟ ଉଦ୍ଭିଦ ଅନ୍ତର୍ଗତ । ଏହି ଜୀବମାନେ ଭିନ୍ନ ଭିନ୍ନ ଜାଗାରେ ଭିନ୍ନ ଭିନ୍ନ ରୂପରେ ଦେଖାଯାଏ । ଏହି ବିଭିନ୍ନତା ପାଇଁ ମୁଖ୍ୟତଃ ଜିନ ଦାୟୀ, ଜୀବ ଶରୀରର କୋଷ ଦ୍ୱାରା ଏହା ଗଠିତ । ପ୍ରତ୍ୟେକ କୋଷର ମୁଖ୍ୟ ଅଂଶକୁ ନଷ୍ଟ କୁହାଯାଏ । ଏହି ନଷ୍ଟ ମଧ୍ୟରେ ଅନେକ ଗୁଣ ସୁତ୍ର ଦେଖାଯାନ୍ତି । ଜିନ ଗୁଡିକର ଏହି ଭିନ୍ନତା ପାଇଁ ଜୀବମାନଙ୍କର ବିଭିନ୍ନତାର କାରଣ ଅଟେ । ଏପରିକି ଜିନ୍ ରେ ବେଳେବେଳେ ପରିବର୍ତ୍ତନ ଘଟି ମ୍ୟୁଟେସନ ହୋଇଥାଏ । ଯାହାରି ଫଳରେ ଜୈବ ବିଭିନ୍ନତା ସମ୍ଭବପର ହୋଇଥାଏ । ଯାହାରି ଫଳରେ ବିଭିନ୍ନ ପ୍ରକାର ପରିସଂସ୍ଥାର ସ୍ଥିତବସ୍ଥା ଜୈବିକ

ବିଭିନ୍ନତା ଉପରେ ନିର୍ଭର କରେ । ଜୈବ ବିଭିନ୍ନତା ବ୍ୟତିରେକ ପରିସଂସ୍ଥାର କୌଣସି ଅର୍ଥ ନାହିଁ । ପରିବେଶର ସନ୍ତୁଳନ ନିମନ୍ତେ ଜୈବ ବିଭିନ୍ନତା ଏକାନ୍ତ ଆବଶ୍ୟକ । ବିଷମ ଜାତି ଗୋଷ୍ଠୀ ହିଁ ପରିବେଶ ର ସନ୍ତୁଳନ ରକ୍ଷା କରିଥାନ୍ତି ଏବଂ ପରିସଂସ୍ଥା ପରିଚାଳିତ କରିଥାନ୍ତି । ପୁଣି ବିଭିନ୍ନ ପ୍ରକାରର ଆନୁବଂଶିକ ଭିନ୍ନତାର ଧ୍ୱଂସ ଯୋଗୁଁ ମଧ୍ୟ ବିଭିନ୍ନତା ଲୋପ ପାଇଥାଏ । ଯଦ୍ଦ୍ୱାରା ଅନେକ ଗୁଡିଏ ପ୍ରାଣି ଓ ଉଦ୍ଭିଦ ଲୋପ ପାଇବାକୁ ବସିଲାଣି । ବର୍ତ୍ତମାନ ଜନ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗୁଛି । ସେମାନଙ୍କର ଥଇଥାନ ଓ ବଞ୍ଚିବା ପାଇଁ ଅନ୍ୟମାନଙ୍କୁ ବଳି ଦିଆଯାଉଛି । ତଦ୍ଦ୍ୱାରା ଜୈବ ବିଭିନ୍ନତା କମି କମି ଶେଷକୁ କେତେକ ନାମ ମାତ୍ର ଉଦ୍ଭିଦ ଓ ପ୍ରାଣି ବଞ୍ଚିକରି ରହିବେ ବୋଧହୁଏ । ପରିବେଶର ଏହିପରି ଅଧପତନ ଯୋଗୁଁ ଅନେକ ଜନବସତି ମଧ୍ୟ ନଷ୍ଟ ହେବାକୁ ବସିଲାଣି ଏବଂ ଅନେକ ପରିସ୍ଥାନ ନଷ୍ଟ ହେବାକୁ ବସିଲାଣି । ପରିସ୍ଥାନ ଓ ବସତିର ନଷ୍ଟ ଯୋଗୁଁ ପ୍ରାକୃତିକ ବସତି ନଷ୍ଟ ହୋଇଥାଏ । ତଦ୍ଦ୍ୱାରା ସେଇଠି ବସବାସ କରୁଥିବା ପ୍ରାଣୀମାନେ ଓ ଉଦ୍ଭିଦ ମୃତ୍ୟୁ ମୁଖରେ ପଡନ୍ତି । ବିଭିନ୍ନ ପ୍ରକାର ପରିବେଶରେ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ପ୍ରାଣୀ ଦେଖାଯାନ୍ତି । ପରିବେଶ ନଷ୍ଟ ହେଲେ ସେହିଠାରୁ ପ୍ରାଣୀ ବା ଉଦ୍ଭିଦ ଉଭେଇ ଯାଇଥାଆନ୍ତି । ପରିବେଶ ପ୍ରଦୂଷଣ ମଧ୍ୟ ମନୁଷ୍ୟକୃତ ଏହା ଏନ୍ୟ ଏକ କାରଣ । ଏହାଦ୍ୱାରା ସେଠାରେ ଜଳବାୟୁ ସ୍ଥଳଭାବ ଦୂଷିତ ହେଉଛି । ଏହି ଦୂଷିତ କାରଣ ଯୋଗୁଁ ଜଳ ସ୍ଥଳ ଓ ବାୟୁ ମଣ୍ଡଳରେ ବସବାସ କରୁଥିବା ପ୍ରାଣି ଓ ଉଦ୍ଭିଦ ଉପରେ କୁପ୍ରଭାବ ପକାଏ । ଆଉ ଗୋଟିଏ ମୁଖ୍ୟ କାରଣ ହେଲା ଶଙ୍କର ଜାତୀୟ ଉଦ୍ଭିଦ ଲଗାଇବା । ଯଦ୍ଦ୍ୱାରା ଏହା ଅନେକ ଭଲ ଫଳ ଦିଏ କିନ୍ତୁ କେବଳ ଶଙ୍କର ଜାତୀୟ ବଞ୍ଚି ରହିବା ଦ୍ୱାରା ଅନ୍ୟ ଗଛ ସବୁ ମରିଯାଆନ୍ତି । ଏହାକୁ ଜୈବ ସଙ୍କିର୍ଣ୍ଣତା କୁହାଯାଏ । ତେଣୁ ପ୍ରକୃତିକୁ ବଞ୍ଚେଇବାକୁ ହେଲେ ପ୍ରକୃତିର ସନ୍ତୁଳନ ପ୍ରତି ଗୁରୁତ୍ୱ ଦେବାକୁ ପଡିବ । ପୃଥିବୀ ପୃଷ୍ଠରେ ଦେଖାଯାଉଥିବା ଷୋହଳ ଲକ୍ଷ ପ୍ରଜାତିର ଜୀବ ମଧ୍ୟରୁ ଅନେକ ପ୍ରଜାତି ଲୋପ ପାଇବାକୁ ବସିଲାଣି । ମନୁଷ୍ୟକୃତ ଲୋପ ପାଉଥିବା ପ୍ରଜାତିର ସଂଖ୍ୟା ଅଧିକ । ବର୍ତ୍ତମାନ ଜନଜାଗରଣର ଆବଶ୍ୟକତା ହେଉଛି ଯେ ପରିସଂସ୍ଥାର ସଙ୍କଟନ ଉପଜିବା ପାଇଁ ଜଙ୍ଗଲ ବନ୍ୟ ଜନ୍ତୁ, ଜଳଜ ଜୀବ ଆଦି ଜୀବର ପରିସରକୁ ସୁରକ୍ଷା ଯୋଗାଇ ଦେବା । ବର୍ତ୍ତମାନ ସରକାରୀ, ବେସରକାରୀ ସଂସ୍ଥାଗଣ ଜୈବିକ ବିଭିନ୍ନତା ସଂରକ୍ଷଣର ଆବଶ୍ୟକତା ଉପରେ ଉପଲବ୍ଧି କରି ତାର ସଂରକ୍ଷଣ ପାଇଁ ଆଲୋଚନା ଓ ସଚେତନତାର ପ୍ରଚାର ପ୍ରସାର ପଥପ୍ରାନ୍ତ ନାଟକ ମାଧ୍ୟମରେ ରାସ୍ତା ଖୋଜିବାକୁ ବସିଲେଣି । ବିଭିନ୍ନ ଉପାୟରେ ଗଣମାଧ୍ୟମ ସହାୟତାରେ ଲୋକମାନଙ୍କ

ମଧ୍ୟରେ ସଚେତନତା ସୃଷ୍ଟି ଜାରି ରହିଛି । ବ୍ୟାଘ୍ର, ସିଂହ ଆଦି ପଶୁମାନେ କ୍ଷୁଧା କବଳିତ ନହେବା ପର୍ଯ୍ୟନ୍ତ ଶିକାର କରିନଥାନ୍ତି । କିନ୍ତୁ ମଣିଷର ଆବଶ୍ୟକତା ଅନେକ । ତାର ସୀମାହିନ ଆକାଂକ୍ଷାକୁ ସାକାର ତଥା ଚରିତାର୍ଥ କରିବା ପାଇଁ ସେ ପରିବେଶକୁ ତାର ଏକଗୁଟିଆ ସମ୍ପତ୍ତି ଭାବି ବିଚାର କରି ଅନ୍ୟ ପ୍ରାଣୀ ତଥା ଜଙ୍ଗଲ ଉପରେ ଅତ୍ୟାଚାର କରି ଚାଲିବା ଠିକ୍ ନୁହେଁ । ମନୁଷ୍ୟ ତାର ନିଜର ଖାଦ୍ୟକୁ ଛାଡିଦେଲେ ପୋଷାକ ଘରବାଡି ବୈଦ୍ୟୁତିକ ଉପକରଣ ମୋଟରଗାଡି ଓ ଏପରି ଅନେକ ଆବଶ୍ୟକତା ପୁରଣ ପାଇଁ ପରିବେଶକୁ ଅନ୍ୟପ୍ରାଣିଙ୍କ ତୁଳନାରେ ଯଥେଷ୍ଟ ଭାବରେ ଲୁଣ୍ଠନ କରିଚାଲିଛି । କେବଳ ସେତିକି ନୁହେଁ ଏହି ସବୁ ଦ୍ରବ୍ୟର ଉତ୍ପାଦନ ବ୍ୟବହାର ଏବଂ ବ୍ୟବହାର ପରେ ବିସର୍ଜନ କରିବାରେ ପ୍ରକୃତିକୁ ଅନେକାଂଶରେ ନଷ୍ଟ ଓ ଦୂଷିତ କରି ଚାଲିଛି । ହିଂସ୍ରଜନ୍ତୁ ମାନେ ପରିବେଶକୁ ତାଙ୍କ ନିଜ ପାଇଁ ଉପଯୋଗ କରିବାରେ ନୈତିକତା ରକ୍ଷା କରିଥାନ୍ତି, ମନୁଷ୍ୟ ଅତି ବୁଦ୍ଧିମାନ ହୋଇବି ଲାଭ କଣ! ହିଂସ୍ର ଜନ୍ତୁମାନେ ନିଜର ଖାଦ୍ୟକୁ ଛାଡିଦେଲେ (ଶିକାର) ଅନ୍ୟ କାହାରିକୁ ଆଦୌ କ୍ଷତି ପହଞ୍ଚାଇ ନଥାନ୍ତି । କିନ୍ତୁ ଆମେ ପ୍ରାଣିଙ୍କଠାରୁ ଆରମ୍ଭ କରି ଉଦ୍ଭିଦ ତଥା ଜଳ, ବାୟୁ, ମୃତ୍ତିକା ଇତ୍ୟାଦି ଉପରେ କ୍ଷତି ପହଞ୍ଚାଇବା ପାଇଁ ପଛାଇ ନଥାନ୍ତି । ମନୁଷ୍ୟର ଚିନ୍ତା କରିବାର ଶକ୍ତି ରହିଛି କିନ୍ତୁ ତାହା ଠିକ ମାର୍ଗରେ ନିୟୋଜିତ କରି ନଥାନ୍ତି । ବରଂ ନିଜର ସ୍ୱାର୍ଥକୁ ଚରିତାର୍ଥ କରିବା ନିମନ୍ତେ ପରିବେଶର ସଂରକ୍ଷଣ କରିବା ପରିବର୍ତ୍ତେ ତାକୁ ଧ୍ୱଂସ କରିଯିବାରେ ଲାଗିଛି । କିନ୍ତୁ ଟିକେ ଗଭୀର ଭାବରେ ଚିନ୍ତା କଲେ ନିଜର ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସନ୍ତୁଳିତ ପୃଥିବୀ (ପ୍ରକୃତି) ଛାଡିଯିବା (ଗଢିବାର) ଦାୟିତ୍ୱ ବର୍ତ୍ତମାନର ଯୁବ ବିଦ୍ଧିଙ୍କର ।

ଏକ ପରିସଂଖ୍ୟନ ରିପୋର୍ଟରୁ ଜଣା ପଡିଛି ଯେ ପ୍ରତିବର୍ଷ ୧୨ ଲକ୍ଷ ହେକଟର ଜମିର ଜଙ୍ଗଲ କଟାଯାଉଥିବା ବେଳେ ଏହାର ଏକ ତୃତୀୟାଂଶ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ପାରୁନାହିଁ । ଏହାର ପ୍ରଭାବ ପରିବେଶ ଉପରେ ପଡୁଛି । ଆଧୁନିକ ଶିଳ୍ପ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଏହା ସଙ୍ଗେ ସଙ୍ଗେ ପାଣିପାଗ ଉପରେ ବି କୁ-ପ୍ରଭାବ ପଡୁଛି । ଆଧୁନିକ ଶିଳ୍ପ ସଭ୍ୟତା ଏବଂ ରାସ୍ତା ସମ୍ପ୍ରସାରଣ ଉଭୟେ ଜଙ୍ଗଲ କ୍ଷୟର ପ୍ରଧାନ କାରଣ ବୋଲି କୁହାଯାଇପାରେ । ଯାହାକି ପାରିପାର୍ଶିକ ପରିସ୍ଥିତିର ଗୁରୁତର ବିପର୍ଯ୍ୟୟ ସୃଷ୍ଟି କରିପାରେ । ଏହି ଦିଗ ପ୍ରତି ସଚେତନ ହୋଇ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ ନକଲେ ଦେଶରେ ତଥା ପୃଥିବୀର ଅବସ୍ଥା ବିପର୍ଯ୍ୟସ୍ଥ ହୋଇପଡିବ । ଏକଦା ଯେଉଁ

ଅରଣ୍ୟ ଆଉ ଅରଣ୍ୟ ହୋଇ ରହିନାହିଁ, ସେଇଠି ଗଢି ଉଠିଛି ଶିଳ୍ପ ସଭ୍ୟତା ସହର ସଭ୍ୟତା ପଲ୍ଲୀ ସଭ୍ୟତା ଅରଣ୍ୟ ହିଁ ଥିଲା ମଣିଷର ଶୈଶବର ଦୋଳ। ସେହି ଆରଣ୍ୟକ ପ୍ରବୃତ୍ତି ମଣିଷକୁ ରଖିଥାଏ। ସ୍ୱାସ୍ଥ୍ୟବାନ ତଥା ଜୀବନ୍ତ କିନ୍ତୁ ଆଜି ମଣିଷ ଆଧୁନିକତାର ଦ୍ୱାହି ଦେଇ ନିଜ ଗୋଡରେ ନିଜେ କୁରାଢି ମାରିବାକୁ ଯାଉଛି। ଯେଉଁ ବୃକ୍ଷ ଆମକୁ ଅତ୍ୟନ୍ତ ୧୦ ଗୋଟି ଉପାଦାନ ଦେଇଥାଏ, ଯଥା ଅମ୍ଳଜାନ, ଜଳ, ମୃତ୍ତିକା, ତାପ ଶକ୍ତି, ଖାଦ୍ୟ, ବସ୍ତ୍ର, ଶ୍ରୟ, ଔଷଧ, ଜାଳେଣି ଦ୍ରବ୍ୟ ଓ ଛାୟା, ଉପରୋକ୍ତ ବିଷୟ ଗୁଡିକ ମଧ୍ୟରୁ ଅମ୍ଳଜାନ ଓ ଜଳ ପ୍ରାଣୀ ଜଗତର ଜୀବନ। ଏସବୁ ମଣିଷ ସମାଜ ଜାଣି ବି ଅଜଣା। ବିଶେଷ କରି ଉଦ୍ଭିଦ ବଂଶ ଲୋପ ପାଇବା ଦ୍ୱାରା ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଅହେତୁକ ବୃଦ୍ଧି ପାଇଛି। କିନ୍ତୁ ଭବିଷ୍ୟତରେ ଏହା ୨-୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଭୌଗଳିକବିତ୍ତ ତଥା ବୈଜ୍ଞାନିକ ମାନେ ଚେତାବନୀ ଶୁଣାଇଛନ୍ତି। ବର୍ତ୍ତମାନ ତ କେଉଁ ପୁରାତନ କାଳରୁ ବରଫ ହୋଇ ରହି ଆସିଥିବା ହ୍ରଦ ତରଳିବାକୁ ଆରମ୍ଭ କଲାଣି ଏହା ବିଶ୍ୱ ପାଇଁ ଶୁଭ ସୂଚନା ନୁହଁ। ଯଦି ଏଭଳି ପୁରାତନ ବରଫ ତରଳିବାକୁ କ୍ରମାଗତ ଆରମ୍ଭ କରେ, ନିଶ୍ଚିତ ଭାବେ ସମୁଦ୍ରର ଜଳ ପତ୍ତନ ବୃଦ୍ଧି ପାଇବ ଏହା ସ୍ଥଳ ଭାଗ ଆଡକୁ ମାଡିଆସିବ। ଏହା ପ୍ରାକୃତିକ ନୁହେଁ, ମଣିଷକୃତ, ଏଣୁ ବର୍ତ୍ତମାନ ବି ସମୟ ଅଛି ମଣିଷ ସଚେତନ୍ ହେଉ। ଜଙ୍ଗଲ କ୍ଷୟକରିବା ପରିବର୍ତ୍ତେ ବନ୍ୟଜନ୍ତୁର ସଂରକ୍ଷଣ ପ୍ରତି ଧ୍ୟାନ ଦେଇ ବିଶ୍ୱକୁ ଧ୍ୱଂସ ମୁଖରୁ ରକ୍ଷାକରୁ। ନହେଲେ ନିଜେ ନିଜର ଭାବି ବଂଶଧର କେବଳ ଜଳପୋଡି ହୋଇ ବଞ୍ଚିରହିବେ ସିନା ଅନ୍ୟ କିଛି ଉପାୟ ନଥିବ। ବର୍ଦ୍ଧିଷ୍ଣୁ ଜନ ସଂଖ୍ୟାର ଗୃହିଦା ମେଣ୍ଟାଇବା ସକାଶେ ବାସଗୃହ ସହିତ ଦ୍ରୁତ ଶୀଳ୍ପ ଓ ଆର୍ଥିକ ଅଗ୍ରଗତି ଯୋଗୁଁ ଆମର ପରିବେଶ ଉପରେ ନାହିଁ ନଥିବା ଚାପ ସୃଷ୍ଟି ହୋଇଛି। ଏହାଦ୍ୱାରା ମୃତ୍ତିକା କ୍ଷୟ, ଜମିର ଉର୍ବରତା ହ୍ରାସ, ଭୂତଳ ଜଳର ହ୍ରାସ, ଜଳବାୟୁ ପରିବର୍ତ୍ତନ, ପ୍ରଜାତିଙ୍କ ବିଲୁପ୍ତ, ପ୍ରଦୂଷଣ, ପ୍ରାକୃତିକ ସମ୍ପଦର ଅବକ୍ଷୟ ଘଟିଥାଏ।

ନବରଙ୍ଗପୁର

# ଅନ୍ୟମନସ୍କ

ଡ଼ଃ. ମଧୁମିତା ଷଡଙ୍ଗୀ

ସ୍ମୃତିର ଛାତି ଚିରି
ନୀରବତାର ସେ ପାଖରେ
ଟିକେ ଉଙ୍କି ମାରୁ ମାରୁ
ମୁଁ ଭେଟେ ଅନ୍ୟମନସ୍କତା.....
ଶବ୍ଦର ସମୁଦ୍ରରେ
ଅଶ୍ୱସ୍ତିର ସମୟ ତୀରେ
ବାଲି ଗରଡ଼ାର ଗଣନା କରୁ କରୁ
ହଠାତ ଭେଟେ ଅନ୍ୟମନସ୍କତା...
କାହିଁ କେତେ କାଳରୁ
ଇତଃସ୍ତତଃ ମନର ସନ୍ଧୀହାନରେ
ଦ୍ୱନ୍ଦ ତଥା ଅସମାହିତ ପ୍ରଶ୍ନ ସବୁକୁ
ବୁଦ୍ଧିଆଣୀର ଅଡୁଆ ଜାଲରେ
ବିନ୍ଧାଣିର ନଖୁଣତା ଦେଖେଇବାକୁ ଯାଇ
ସତେ ଯେମିତି ଠିକ କରିଦେବି ସବୁ ଭୁଲକୁ
ମୁଁ ଭେଟେ ଅନ୍ୟମନସ୍କତା....

ଜୀବନର ଦୋ ଛକରେ
ମିଶାଣ ଫେଡ଼ାଣର ଚକ୍ରବ୍ୟୁହରେ
ଟିକେ ଜଗା ରଖା କରୁ କରୁ
ମାନସ ମନ୍ଥନରେ
ହରଣ ତଥା ଗୁଣନର ଖନ୍ଦାରେ
ସମୟର ବାଟ ସରୁ ସରୁ
ମୁଁ ଭେଟେ ଅନ୍ୟମନସ୍କତା....
ଏ ସବୁ ଗୋଲକ ଧନ୍ଦାରେ
ବାସ୍ତବକୁ ଆଖିଠାର ଦେଇ
ପଡି ଉଠି ଛନ୍ଦି ହେଉ ହେଉ
ଅନ୍ଧାରି ମୂଳକରେ
ଅରୁଣିମାର କଅଁଳ ପରଶରେ
ସ୍ୱପ୍ନ ସବୁ ସତ ହେଉ ହେଉ
ମୁଁ ଭେଟେ ଅନ୍ୟମନସ୍କତା.....

ମାଣିକଗୋଡ଼ା, ଖୋର୍ଦ୍ଧା

# ଜୀବନ ରେ ଯଦି ଥରେ




ଲକ୍ଷ୍ମୀନାରାୟଣ ବାରିକ

ଜୀବନରେ ଯଦି ଥରେ
ଦେଖା ହୁଏ ତୋ ସାଥିରେ
ଚାହିଁ ଥରେ ହସି ଦେବ
ଝରାଇବ ନାହିଁ ଥରେ ପ୍ରିୟା
ମୁକ୍ତାର ସେ ଦୁଇ ଲୁହ ଧାର
ଭାବିଥିଲି ପ୍ରିୟା କରିବି ନଜର
ଦେଇଥିଲି ମନେ ଭରି ଆଶା
ଆଶା ମୋର ଆଜି ମଉଳ ଗଲା
କହିବାକୁ ମୁଖେ ନାହିଁ ଭାଷା
ପାଖେ ଦେଖି ଲାଗୁଛି ଯେମିତି
ଛଳ ଛଳ ଏହି ନୟନ ଧାରେ
ଜଣା ନାହିଁ ମୋ ବିନା ତୁମେ
ଜୀଇଁ ରହିଥିବ କେମିତି
ଭୁଲି ମୁଁପାରୁନ ସେ ସମୟର
ଅତୀତର ସେହି ଅନ୍ତରଙ୍ଗ ସ୍ମୃତି
ଆଜି ବି ମୁଁ ଜୀଇଁଛି ପ୍ରିୟା ଗୋ
ଜଳ ଜଳ ସାରା ଦିନ ରାତି
ଦେଖି ଥିଲେ ମନେ ଭରି ସପନ

ମୂକ ସାକ୍ଷୀ ଅଛି ଏ ପୂର୍ଣ୍ଣମୀ ଜହ୍ନ
ସେ ଜହ୍ନ ବି ପଗ୍ରରେ ଆଜି ମୋତେ
ତୁମ ନାଁ ଗାଁ ଠିକଣାର ସ୍ଥାନ
କୋହ ଭରା ଏହି କଣ୍ଠ ମୋର
କଛି କହିବାକୁ ଚାହିଁ
ହୃଦୟ ମୋର ନୀରବି ଯାଏ
ଦେଖି ତୁମ ମୁକ୍ତାର ଲୁହ ଧାର ॥

ବାସୁଦେବପୁର, ଭଦ୍ରକ

# ନିଯୁକ୍ତି



ଅଜିତ ପାଢ଼ି

ମୁଁ ଛାଇଟିଏ ମନେ ହୁଏନି ବାପା
ଆମ୍ଭ ସନ୍ତୋଷ ପାଇଁ
ମୁଁ ଓ ମୋଭଳି କେହି ଜଣେ
ଜଗି ବସିଛୁ "ନିଯୁକ୍ତି ସନ୍ଧାନେ" ।

ନୂପୁର ପିନ୍ଧା ପାଦ
ଲାଲ ରଙ୍ଗ କ ବାଇଗଣୀ
ଅଳତାଗାର ଓ ସିନ୍ଦୁର
ମୁଁ କେମିତି ଜାଣିବି**?**

ଛୁପାଛୁପି ବାଜି ମାଡ ସବୁଠି
ବାହାରି ଯାଇଛି କେଉଁଆଡେ
ଲମ୍ଫ ଦେବାକୁ ବସିଛି
ପରମ୍ପରା ର ବାଡାଭଙ୍ଗି ।

ଅସର୍କିତ ହାତ ମୋ ଲୁହରେ
କୁଲାଇ ନେବାକୁ ତ ହେବ
ମାଣ ତ ପୁରିଯିବ କପୋତୀର
ତୁମ "ପର୍ଦା" ଆଢୁଆଳେ"
ଲୁଗ୍ଣଇବା ହୁଏ "ନଗ୍ନତା" ର
ସିନ୍ଦୁର ଲେପନ
ନିଯୁକ୍ତିର ଆଢୁଆଳେ
ଛଳନାର ସିନ୍ଦୁରକୁ
ନିଯୁକ୍ତ ଅନ୍ତରାଳେ ।

ମେ ଚଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ଆଶଙ୍କା

ସଂଯୁକ୍ତା ସାହୁ

ଜୀବନଟା ବୁଢିଆଣି ଜାଲରେ ଛନ୍ଦା
କେତେବେଳେ ଜାଲ ବୁଣି ବୁଣି
କେବେ ଛିଡିପଡୁଥିବ ଅଜାଣତରେ
ତଥାପି ସେ ପୁଣି ବୁଣିଚାଲେ
ତା ଘରକୁ ସଜେଇ ସଜେଇ
ତଥାପି ସିଏ ଥାଏ ଭୟ ଆଶଙ୍କାରେ
ମଣିଷ ଘରଟିଏ ତିଆରି କରିଥାଏ
ମାଟି ହେଉ ଅବା ସିମେଣ୍ଟରେ
କେବେ ନା କେବେ ଭୁଶୁଡି ପଡେ
କେଉଁ ଦୈବୀ ଦୁର୍ବିପାକରେ
ପରିବାରଟିକୁ ବାନ୍ଧି ରଖିଥାଏ
ସ୍ନେହ, ଶ୍ରଦ୍ଧା, ବିଶ୍ୱାସ ଡୋରୀରେ
ମନରେ ଭରି ରଖିଥାଏ ଟାଣପଣ
ଏମିତି ସମୟ ଆସି ଉଭାହୁଏ
ବିଶ୍ୱାସ ଦୋହଲିଯାଏ ଛଳନାରେ
ମନରେ ବି ଭୟ ଆଶଙ୍କା ଜାଗେ

ଜୀବନ ପରୀକ୍ଷାରେ ହାରିବା ଆଉ
ଜିତିବା ଭିତରେ ଆଶଙ୍କା ଥାଏ
ଏମିତି ଭୟ ଆଉ ଆଶଙ୍କାରେ
ଶେଷ ଅବସ୍ଥା କେମିତି କଟିବ
କାହା ଭରସାରେ ଭାବି ହୁଏ ନାହିଁ
ସେଥିରେ ବି ଥାଏ ଭୟ ଓ ଆଶଙ୍କା
ଅହରହ ପାଦ ଟଳମଳ ହେଉଥାଏ
ମଣିଷର ଜୀବନ ବଞ୍ଚିବା କାଳରେ ॥

ରାହାମା, ଜଗତସିଂହପୁର

# ପ୍ରକୃତିର ସ୍ୱନ୍ଦର୍ଯ୍ୟ ବଢ଼ାଏ ବୃକ୍ଷ



ସମ୍ବିତ ଦାଶ

ବୃକ୍ଷ ହେଉଛି ପ୍ରକୃତିର ଏକ ମହତ ପୂର୍ଣ୍ଣ ଅଂଶ । ଦେଶରେ ଏବେ ଯେଉଁ ଭଳ ଅଭାବ ଦେଖାଗଲାଣି ଗଛଟିଏ ଲଗାଇବା ନହାତି ଆବଶ୍ୟକ । ବୃକ୍ଷ ହିଁ ଜୀବନ ଏକଥା ସଭିଏଁ ଜାଣନ୍ତି ହେଲେ ଗଛ ଲଗାଇବା ପାଇଁ ପ୍ରାୟ ଲୋକଙ୍କ ର ହାତ ଯାଏନ । ଏବେ ଦେଶକୁ ଗ୍ରାସ କରିଚାଲିଛି କୋରୋନା ଯେଉଁ ମାନେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କର ଅମ୍ଳଜାନ ପରିମାଣ ଧିରେ ଧିରେ କମିବାରେ ଲାଗୁଛି । ସେହି ସମୟରେ ସେମାନେ ଅମ୍ଳଜାନ ଥିବା ସିଲିଣ୍ଡର ସେମାନଙ୍କ ନିଃଶ୍ୱାସ ନେବାରେ ସହାୟତା କରୁଛି । କୋରୋନାରେ ସଂକ୍ରମିତ ହୋଇଥିବା ଲୋକମାନଙ୍କର ଅମ୍ଳଜାନର ପରିମାଣ ଯେଉଁଭଳ ଭାବରେ କମିବାରେ ଲାଗିଛି ପ୍ରାୟ ଲୋକ ମୃତୁ ସାଙ୍ଗରେ ସଂଘର୍ଷ କରି ଚାଲିଛନ୍ତି କେତେ ଲୋକ ମଧ ମୃତୁ ବରଣ କରୁଛନ୍ତି । ଯେପରି ପାଣି ଭିତରୁ ମାଛକୁ ବାହାର କରି ଆଣିଲେ ଛଟପଟ ହୋଇ ମରିଯିବ ସେହିପରି ମଣିଷକୁ ଦୁଇ ମିନଟ୍ ଅମ୍ଳଜାନର ଅଭାବ ହେବ ତାହାଲେ ମଣିଷ ବି ମୃତୁବରଣ କରିବ । କେଉଁଠି ଲୋକେ ବାତ୍ୟା, ବନ୍ୟା, ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁବରଣ କରିଲେଣି ତ ଆଉ କେଉଁଠି କୋରୋନା ଭାଇରସ ସାଙ୍ଗରେ ସଂଘର୍ଷ କରି ଅମ୍ଳଜାନ ଅଭାବରେ ମୃତ୍ୟୁବରଣ କରିଲେଣି । ଏବେ ଦେଶରେ ଯେଉଁ ଭଳ ଅବସ୍ଥା ଦେଖାଗଲାଣି ଲୋକେ କପରି ଭାବରେ ବଞ୍ଚିବେ ସେ କଥା ଭାବିଲେ ଆଖିରୁ ଲୁହ ଝରି ଆସୁଛି । ଏହି ସମୟରେ ଚାଲ ଗଛ ଲଗାଇ ପ୍ରକୃତିକୁ ସ୍ୱଚ୍ଛ କରିବା ।

ଆଜିକାଲି ଆମ ଦେଶରେ ଲୋକେ ରହିବା ଓ ପାଇଁ ନଜ ଜୀବନ ଜୀବିକା ପାଇଁ ଗଛକୁ ନର୍ମମ ଭାବରେ କାଟି ଚାଲିଛି। ପରିବେଶ ପ୍ରଦୂଷଣ, ଜଳବାୟୁର ପରିବର୍ତ୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି ଏହିପରି ସମସ୍ୟା ଆଜିକାଲି ଦେଖାଗଲାଣି । ଲୋକମାନେ ନଜ ଗୃହ

ନର୍ମାଣ କରିବା ନମନ୍ତେ ଗଛ କଟିଦେଉଛି ଏହି ପ୍ରଭାବରେ ଅମ୍ଳଜାନର ପରିମାଣ କମିବାରେ ଲାଗିଛି ଏବଂ ବର୍ଷାର ପରିମାଣ ବି କମିବାରେ ଲାଗିଛି ବର୍ଷା ଦିନ ମଧ ଯେଉଁ ସମୟରେ ବର୍ଷା ହେବା କଥା ସେ ସମୟରେ ବର୍ଷା ହେଉନାହିଁ ଖରା ଦିନ ଭଳ ଖରା ହେଉଛି ଏହା ଫଳରେ ଚାଷୀ ଭାଇ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଷାଢ଼ ଓ ଶ୍ରାବଣ ମାସରେ ବର୍ଷା ହେବା କଥା ହେଲେ ସେ ମାସରେ ଅତ୍ୟନ୍ତ ଖରା ହେଉଛି । ଏହା ଧାନ ଫସଲରେ ପ୍ରଭାବିତ କରୁଅଛି ଚାଷୀ ମାନେ ନଦୀ, ନାଳ, ପୋଖରୀରୁ  ପାଣି ପମ୍ପ ସାହାଯ୍ୟରେ ପାଣି ବୁହାଇ ଧାନ ଫସଲରେ ଯୋଗାଉଛନ୍ତି । ଏବେ ଏ ଧରଣୀ ଅମ୍ଳଜାନ ପାଇଁ କାନ୍ଦୁଛି । ଲୋକମାନେ କଳ କାରଖାନା କରିବା ପାଇଁ ଜଙ୍ଗଲରୁ ଗଛକୁ ହାଣି ସେଠାରେ କଳ କାରଖାନା ପ୍ରତଷ୍ଠା କରୁଛନ୍ତି ଏବଂ ଜାଳେଣୀ ରୂପରେ ଗଛକୁ କାଟି ନେଉଛନ୍ତି । ଏହିପରି ଭାବରେ ଗଛ କମିଯିବା ଫଳରେ ଅନାବୃଷ୍ଟି, ଅତିବୃଷ୍ଟି, ଅଂଶୁଘାତ, ଅସହ୍ୟ ତାପ ବୃଦ୍ଧି, ମରୁଡି, ସାମୁଦ୍ରିକ ବାତ୍ୟା, ବନ୍ୟା, ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ ପ୍ରତିବର୍ଷ ଦେଶରେ ହେବାରେ ଲାଗିଛି । ରାଜ୍ୟରେ ପ୍ରଥମେ ମୌସୁମୀ ପ୍ରବେଶ ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ ଏବଂ ସମୁଦ୍ରରେ ଲଘୁଚାପ ସୃଷ୍ଟି କରି ବର୍ଷା ହୁଏ ।  ରାଜ୍ୟରେ ଯେବେ ମୌସୁମୀ ଆଗମନ କରେ ସେତେବେଳେ ବର୍ଷା ହୋଇଥାଏ ହେଲେ ପରବର୍ତ୍ତୀ କାଳୀନ ସମୟରେ ବର୍ଷା ହେଉନାହିଁ, ଏହାର କାରଣ କଣ ହେଇପାରେ, ଏହାର କାରଣ ଏ ମଣିଷ ଜଙ୍ଗଲ କୁ କରିଥିବାରୁ ଏହିପରି ଅସୁବିଧାର ସମ୍ମୁଖିନ ହେଉଛି । ସମୁଦ୍ରର ଉତ୍ତାପ ବୃଦ୍ଧି ଯୋଗୁ ଅଦିନଆ ସାମୁଦ୍ରିକ ବାତ୍ୟା, ଖରାଦିନେ ଜଳର ଅଭାବ ପଡ଼ିବା, ବର୍ଷା ଦିନେ ଖରାଦିନ ଭଳ ଖରା ହେବା, ଅଦିନଆ ବର୍ଷା ହେବା ଏହିପରି ସମସ୍ୟା ଦେଖାଦେଇଛି । ଆଜିକାଲି ବିଭିନ୍ନ ପ୍ରକାର ବୈଜ୍ଞାନକ ପରୀକ୍ଷା ଦ୍ୱାରା ଆମ ପରିବେଶ ପ୍ରଦୂଷଣ ହେଉଛି । ପ୍ରତି ପରୀକ୍ଷାରେ ନର୍ଗତ କ୍ଷତିକାରକ ବାଷ୍ପ ଆମ ଆମ ଚତୁପର୍ଶ୍ୱକୁ ଦୂଷିତ କରେ ।

ଆଜିର ବୈଜ୍ଞାନକ ଯୁଗରେ କୃଷିର ଉନ୍ନତି କରିବାକୁ ଯାଇ ମନୁଷ୍ୟ କୀଟନାଶକ ଔଷଧ ବ୍ୟବହାର କରୁଛି ଏହାଦ୍ୱାରା ବିଷାକ୍ତ ଔଷଧ ପ୍ରୟୋଗ ହୋଇଥିବା ବୃକ୍ଷ ଫସଲ ଆଦି ବିଷାକ୍ତ ହୋଇଯାଉଛି । ଏହା ଫଳରେ ବୃକ୍ଷ ମରି ଯାଉଛି । ଏହି କେତେଦିନ ହେବ ନଡ଼ିଆ ଗଛଗୁଡ଼ିକରେ ଏମିତି ଗୋଟେ ଭାଇରସ ପଶିଯାଇଥିଲା ଯାହାଫଳରେ ତାର ପତ୍ର ଗୁଡ଼ିକ ଧଳା ପଡିଯାଉଥିଲା । ଆଜିକାଲି ଲୋକମାନଙ୍କ ଯାନବାହାନ ଚଳାଚଳ ସୁବିଧା ନମନ୍ତେ ମଣିଷ ଜଙ୍ଗଲକୁ କାଟି ସଡକର ବ୍ୟବସ୍ଥା କରୁଛି ଓ ନଜ ଗୃହିଦା ମେଣ୍ଟେଇବାକୁ

ଯାଇ ବହୁ ମାତ୍ରାରେ ଯାନବାହାନ ଚଳାଚଳ କରୁଅଛି ଯାହାଫଳରେ ସେଥିରୁ ନିର୍ଗତ କ୍ଷତିକାରକ ଦୂଷିତ ବାଷ୍ପ ବାୟୁମଣ୍ଡଳକୁ କ୍ଷତି କରୁଅଛି । ଏହାଦ୍ୱାରା ଅଙ୍ଗାରକାମ୍ଳର ପରିମାଣ ବଢ଼ିବାରେ ଲାଗିଛି ଓ ଅମ୍ଳଜାନର ପରିମାଣ ଧିରେ ଧିରେ କମିଗଲାଣି । ଏବେ ଏ କୋରୋନା ଭାଇରସ ରୋଗରେ ଯେଉଁ ଲୋକ ସଂକ୍ରମଣ ହେଉଛନ୍ତି ସେମାନଙ୍କର ସେମାନଙ୍କର ଅମ୍ଳଜାନର ପରିମାଣ ପୁରା କମି ଯାଉଛି ପ୍ରାୟ ଲୋକ ମୃତୁ ବରଣ କରୁଛନ୍ତି। ବୃକ୍ଷର ସୁରକ୍ଷା ହିଁ ମାନବ ସମାଜର ସୁରକ୍ଷା, ଏଣୁ ବହୁ ଜ୍ଞାନୀ ଓ ଚନ୍ତାଶୀଳ ବ୍ୟକ୍ତି ବୃକ୍ଷ ସୁରକ୍ଷା ଉପରେ ବିଭିନ୍ନ ମତ ଦେଲେଣି । ସରକାର ମଧ ଏହା ଉପରେ ଅଧିକ ଗୁରୁତ୍ୱ ଦେଲେଣି ଓ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଗଲାଣି । ଲୋକସଂଖ୍ୟାର ବୃଦ୍ଧି ଯୋଗୁଁ ନିଜର ଆବଶ୍ୟକତା ପୂରଣ କରିବାକୁ ଯାଇ ଦେଶରେ ବହୁତ ଶିଳ୍ପାନୁଷ୍ଠାନ ବୃଦ୍ଧି କରିବାରେ ଲାଗିଛନ୍ତି । ଏହାଫଳରେ ମନୁଷ୍ୟ ସମାଜ ଏକ ବିଷାକ୍ତ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ସମସ୍ୟାର ସମାଧାନ ବାହାର କରିବାକୁ ଯାଇ ଆଉଗୋଟେ ସମସ୍ୟା ସୃଷ୍ଟି କରୁଛି, ହେଲେ ପ୍ରକୃତି ସହିତ ସୁଖ ଶାନ୍ତିରେ ଚାଲିବା ପାଇଁ ଏ ପରିବେଶକୁ ସ୍ୱଚ୍ଛ କରିବାକୁ ହେବ । ବୃକ୍ଷ ରୋପଣ କରି ଏ ଦେଶକୁ ସ୍ୱଚ୍ଛ କରିବାକୁ ହେବ । ଆମର ଏ ପରିବେଶ ଯେତିକି ପ୍ରଦୂଷଣ ହେବ ଆମର ଜୀବନ ଧାରଣ କରିବାର ଶକ୍ତି କ୍ରମଶଃ ସେତିକି ଦୁର୍ବଳ ହୋଇପଡିବ । କେତେକ ସମାଜସେବୀ ଓ କେତେକ ସହୃଦୟ ବ୍ୟକ୍ତି ରାସ୍ତା କଡ଼ରେ , ଧର୍ମାନୁଷ୍ଠାନ ଗୁଡିକର ଆଦି ବୃକ୍ଷ ରୋପଣ କରି ଚାଲିଛନ୍ତି । ଏହିଭଳି ଭାବରେ ଗାଁ ଗୁଡିକରେ ମଧ କେତେକ ସହୃଦୟ ବ୍ୟକ୍ତିମାନେ କିଛି ଫାଙ୍କା ସ୍ଥାନରେ ଏବଂ ରାସ୍ତା କଡ଼ରେ ବୃକ୍ଷ ରୋପଣ କରୁଛନ୍ତି । ହେଲେ କଣ ହବ ଗାଁ ଗହଳରେ କେତେକ ଲୋକେ କିଛି ବୁଝିବାର କ୍ଷମତା ସେମାନଙ୍କ ପାଖରେ ନାହିଁ ସେମାନଙ୍କ ଗୃହପାଳିତ ପଶୁ ଗାଈ, ଛେଳି, ମେଣ୍ଢା ଆଦିକୁ ରାସ୍ତା କଡ଼ରେ ବାନ୍ଧି ଦେଉଛନ୍ତି ଯାହାଫଳରେ ସେ ପଶୁମାନେ ପୋତା ହୋଇଥିବା କ୍ଷୁଦ୍ର ଚାରାକୁ ନିଜର ଆହାର ରୂପେ ଖାଉଛନ୍ତି ।

ଜନସଂଖ୍ୟା ବୃଦ୍ଧି ହିଁ ଆମ ପରିବେଶକୁ କଳୁଷିତ କରିବାରେ ଲାଗିଛି । ଏହି ଜନସଂଖ୍ୟା ବୃଦ୍ଧିକୁ ସମ୍ଭାଳିବାକୁ ଯାଇ ଦେଶରେ ଜଙ୍ଗଲକୁ ନଷ୍ଟ କରାଯାଇ ସେଥିରେ କଳ କାରଖାନା ସୃଷ୍ଟି କରାଯାଉଛି । ସେହି କଳ କାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ ପରିବେଶକୁ ଦୂଷିତ କରୁଛି । ଏହି ଦୂଷିତ ପରିବେଶର ପ୍ରତିକାର ପାଇଁ ଅଧିକ ପରିମାଣର ବୃକ୍ଷ ରୋପଣର ଆବଶ୍ୟକତା ରହିଛି ।

ଭାଇମାନେ ଗଛ ଲଗାଇବା
ମିଳମିଶି ଗଛ,
ଅମ୍ଳଜାନ ଦେବ କେତେ ଫଳ
ଦେବ ସେହି ଗଛ ।

ବୃକ୍ଷରୋପଣ ମାନେ ଗଛ ଲଗାଇବା ଗଛ ଆମର ବହୁତ ଉପକାର କରେ । ଗଛରୁ ଆମେ ଫୁଲ ଫଳ ପାଇଥାଉ । ଅଙ୍ଗାରକାମ୍ଳ ଗ୍ୟାସ ମଣିଷ ପାଇଁ ବହୁତ କ୍ଷତିକାରକ ସେହି ବୃକ୍ଷ ପୃଥିବୀ ପୃଷ୍ଠରୁ ଅଙ୍ଗାରକାମ୍ଳ ଗ୍ୟାସ ନେଇ ଆମକୁ ଅମ୍ଳଜାନ ଦେଇଥାଏ । ସେହି ଅମ୍ଳଜାନ ଆମ ଜୀବନ ରକ୍ଷା କରେ ଓ ଜଙ୍ଗଲରେ ରହିଥିବା ଗଛ ଏକାଠି ହୋଇ ଆକାଶରୁ ମେଘ ଟାଣି ଆଣନ୍ତି ଫଳରେ ବର୍ଷା ହୋଇଥାଏ । ଗଛ ଆମର ଅନେକ ଉପକାର କରେ । ଗଛ ଲଗାଇବା ନିହାତି ଆବଶ୍ୟକ ।

ପଲ୍ଲୀକଣ୍ଠା,ଏରସମା,
ଜଗତସିଂହପୁର

# ଗ୍ରାମ୍ୟ ମଣିଷ

ନିରଞ୍ଜନ ସାହୁ

ଗ୍ରାମ୍ୟ ମଣିଷଟି ନିଷ୍କପଟ ଅଟେ
ସରଳଆ ଭରି ସିଏ
କିଏ କହେ ତାକୁ ମଳମୁଣ୍ଡିଆ ତ
ମୂରୁଖ କହଇ କିଏ ।

ଜଟିଳତା ତା'ର ଜୀବନେ ନ ଥାଏ
ଛନ୍ଦଫନ୍ଦ ଜାଣେ ନାହିଁ
ସରଳ ବିଶ୍ୱାସୀ ସରଳ ହୃଦୟେ
କପଟ ଆସିବ କାହିଁ
ସହରୀ ଶିକ୍ଷିତ ମଣିଷ ତାହାକୁ
ନିକୃଷ୍ଟ ଦୃଷ୍ଟିରେ ନିଏ ।

ଗ୍ରାମ୍ୟ ପରିବେଶ ଭିତରେ ତାହାର
ଜୀବନ ହୋଇଛି ଗଢା
ମାଟିର ମଣିଷ ହୋଇ ବଞ୍ଚିଥାଏ
ଜାଣେ ନାହିଁ ଘୋଡାଚଢା
ପଖାଳ ଶୁଖୁଆ ଆନନ୍ଦରେ ଖାଇ
ତୋରାଣି ମୁନ୍ଦିଏ ପିଏ ।

ସାଧାରଣ ଏକ ଜୀବନ ବଞ୍ଚଇ
ଈଶ୍ୱରଙ୍କୁ କରେ ଭକ୍ତି
ଭାଗବତ ଶୁଣି ମୁଣ୍ଡିଆ ମାରଇ
କହେ "ଦିଅ ପ୍ରଭୁ ଶକ୍ତି "
ଦୁର୍ଦ୍ଦଶା ତାହାର ଅତି ଦୟନୀୟ
ଦେଖିଲେ ବୁଝିବ ଯିଏ ।

ନିହଲପ୍ରସାଦ,
ଗନ୍ଧିଆପାଟଣା, ଢେଙ୍କାନାଳ

# ଦଳ ତ୍ୟାଗୀଙ୍କ ପାଇଁ ଦୁଇପଦ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ହେ ବନ୍ଧୁ !
କାହିଁକି କରୁଛ ନିଜ ଦଳକୁ ବର୍ଜନ?
କାଲି ଯିଏ ଥିଲା ତୁମ ଶତ୍ରୁ,
ଆଜି ତାକୁ କର ଆଲିଙ୍ଗନ ।
ଯେଉଁ ଦଳପାଇଁ ତୁମେ ଲଭିଛ ସମ୍ମାନ;
ଆଜି ସିଏ ମୂଲ୍ୟହୀନ
ତା ବିରୁଦ୍ଧେ କରୁଛ ଗର୍ଜ୍ଜନ ।
ଭୁଲିଯାଇ ମାନ, ଅଭିମାନ,
ଦେଶର ପ୍ରଗତି ପଥେ ଦିଅ ମନ ପ୍ରାଣ;
ହେବାକୁ ଚାହୁଁଛ ଯଦି ଏ ମାଟିର ସୁଯୋଗ୍ୟ ସନ୍ତାନ ।
ଦଳ ଏକ ସେବାର ମନ୍ଦିର,
ଦଳପତି-ପୁରୋଧା ତାହାର;
ଦଳ ଏକ ବଳ – ଜନତାର,
ନୁହେଁ କେଉଁ ବ୍ୟକ୍ତି ବିଶେଷର ।
ଦଳ ତ୍ୟାଗ ନୁହେଁ ବନ୍ଧୁ!
ସମାଧାନ ସବୁ ସମସ୍ୟାର;
ମଣିଷ ମାତ୍ରକେ ଭୁଲ
କରନାହିଁ ତାକୁ ବହିଷ୍କାର ।
କାଲି ଯେଉଁମାନେ ଥିଲେ ଏକାନ୍ତ ନିଜର,
କରୁଛ କିମ୍ପାଇଁ ତାଙ୍କୁ ଏତେ ହତାଦର?

ମତାନ୍ତର, ମନାନ୍ତର-ସର୍ବଦା ଅସ୍ଥାୟୀ;
ସେଥିପାଇଁ ଦଳ ତ୍ୟାଗ କରନାହିଁ କେହି ।
ଟିକେଟ ମିଳଲେ ମିଳୁ, ନମିଳଲେ ନାହିଁ;
କରୁଥାଅ ଦେଶ ସେବା ମନପ୍ରାଣ ଦେଇ ।
ଘାଟ ଜଗିଥିଲେ ପାଟ ନିଶ୍ଚୟ ପିନ୍ଧିବ,
ନର-ନାରାୟଣ ସେବି ପ୍ରତିଷ୍ଠା ଲଭିବ ।
ଦଳ-ତ୍ୟାଗ କରି ତୁମେ ଲଭିଛ କି ଶାନ୍ତି?
ଦଳ ତ୍ୟାଗ ନୁହେଁ ଏକ ସଠିକ ନିଷ୍ପତ୍ତି ।
ବଳ ଦିଅନାହିଁ ବନ୍ଧୁ ! ମଣିଷ-ପଣିଆ,
ଧନ ଦ୍ରବ୍ୟ, ସୁଖ ଶାନ୍ତି-ଅଢେଇ ଦିନିଆଁ ।
ଜନନୀ-ଜନ୍ମଭୂମିର କରୁଥାଅ ସେବା,
ଧନ୍ୟ ସେହି ନାଗରିକ- ଯେ ଶିଖିଛି କର୍ତ୍ତବ୍ୟ କରିବା ।
ଅଧିକାରଠାରୁ ଶ୍ରେଷ୍ଠ କର୍ତ୍ତବ୍ୟ ତୁମର;
କର୍ତ୍ତବ୍ୟ କରିଲେ ଛାଏଁ ମିଳେ ଅଧିକାର ।
ବାକ୍ୟବୀର ନହୋଇ ତୁ ହୁଅ-କର୍ମବୀର,
ନିଜ ସ୍ୱାର୍ଥ ଭୁଲି କର ପର ଉପକାର ।
ସାରା ବିଶ୍ୱକୁ ମଣୁଥା ଏକ ପରିବାର;
ଏଦେଶ ତୁମର ଭାଇ! ଏମାଟି ତୁମର ॥

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ଭାଗ୍ୟ

ଦୀପକ କୁମାର ନାୟକ

ଭାଗ୍ୟ କେତେବେଳେ
ସକାଳର ସୋନେଲୀ ଖବର୍
କେତେବେଳେ ଜହ୍ନ ରାତି
କେତେବେଳେ ଶାବଣର ଧାର୍
ନାହିକଟା ଷଠିଘର ନାମକରଣ।
କେତେବେଳେ ସତଲାଗେ
ଖଇ କୋଉଡିର ଖେଳ ।
ଭାଗ୍ୟ ପୁଣି କେତେ ବେଳେ
ପାଠର ଆରମ୍ଭ ଖଡିଛୁଆ
ପୁଣି କେତେ ବେଳେ ର
ବୋହୂ ଚୋରି ଖେଳ ।
ମା ର ଆକଟ ଆଦର ।
ଭାଗ୍ୟ ପୁଣି ଖେଳେ ଲୁଚକାଳ
ଭାଗ୍ୟ ପୁଣି ବଦଳଯାଏ ଗୋଟେ ଝିଅ ର ।
ବାହାବେଦୀ, ବେଦମନ୍ତ୍ର ଉଚ୍ଚାରଣରେ।
ହାତ ଗଣ୍ଠିରେ ଖୋଜାହୁଏ ଭବିଷ୍ୟତ।
ଲାଗେସବୁ ମରୀଚକା
ସବୁଦିନ ପାଇଁ ନିଜ ଲୋକ ହୋଇଯାନ୍ତି ପର
ପର ହୋଇଯାନ୍ତି ସବୁଦିନ ପାଇଁ ନିଜର ।
ଲାଗେ ଭାରି କଷ୍ଟ
ଏଇତ ଭାଗ୍ୟ ।

ଧର୍ମଶାଳା, ଯାଜପୁର

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

### ଶ୍ରୀ ରାଜୀବ ଗାନ୍ଧୀଙ୍କ ସହ ଯୋଜନା:

୧୯୮୧ ମସିହା ନଭେମ୍ବର ମାସ । ମୋ'ର ଡିଗିରି ଆଇ କ୍ୟାମ୍ପ ପାଇଁ ଯିବାରଥିଲା । କ୍ୟାମ୍ପ ପାଇଁ ଦୁଇ ସପ୍ତାହ ନିଜ ଟୀମ (ଡ଼ାକ୍ତର, ପାରାମେଡ଼ିକାଲ, ନର୍ସିଙ୍ଗ ସିଷ୍ଟର, ଟେକ୍‌ନିସିଆନ ଏବଂ ଅନ୍ୟ ସପୋରିଟିଭ୍ ଷ୍ଟାଫ୍) ସହ ରହିବାକୁ ହୁଏ । ଡାଃ ସୁବା... ଫାଇନାଲ୍ ଇଅର ପିଜି, ମାତ୍ର ତା'ର ପ୍ରଥମ କ୍ୟାଟାରାକ୍ଟ ସର୍ଜରୀରେ କଛିଟା ତ୍ରୁଟି ରହିଯାଇଥିଲା ବୋଲି ତାକୁ କେହି ପାସଙ୍ଗରେ ପକାନ୍ତିନି । ଭୁଲ୍ କାହାର ନ ହୁଏ । ଜାଣିଶୁଣି ତ ଡାକ୍ତରଟିଏ ଖରାପ ସର୍ଜରୀ କରି ନ ଥାଏ । ଦୁର୍ଘଟଣା ସଦା ସର୍ବଦା ଅକସ୍ମାତ । ତେଣୁ ଦୁର୍ଘଟଣା ଦ୍ୱାରା ଉପୁଜିଥିବା ସମସ୍ୟାର ସମାଧାନ କରିବା ତ ଆମମାନଙ୍କର କର୍ତ୍ତବ୍ୟ । ତେଣୁ ତାକୁ ମୋ' ସହ କ୍ୟାମ୍ପ ଯିବାପାଇଁ କହିଥିଲି ।

ଓପିଡ଼ିରେ ରୋଗୀ ଦେଖା ଚାଲିଥିଲା । ହଠାତ୍ ଦେଖିଲି ବାହାର ପଡ଼ିଆରେ ଶତାଧିକ ଜନତା । ଯେଉଁମାନଙ୍କର ଉପସ୍ଥିତି ନେଇ ଚକିତ୍ସା ପାଇଁ ନ ଥିଲା । ନେହରୁ ପରିବାରର ସୌମ୍ୟ ରତ୍ନଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଜମା ହୋଇଥିଲେ । ଜଣେ ଜୁନିଅର ରେସିଡ଼େଣ୍ଟ ଜଣକୁ ଓଟି ଟେକ୍‌ନିସିଆନ୍ ସାହାଯ୍ୟରେ ଅପରେସନ ପାଇଁ ବ୍ୟବସ୍ଥା କରିବାକୁ କହିଲି । ସୁବା କେଉଁଠାରୁ ଧାଇଁ ଧାଇଁ ଆସି କହିଲା, "ମୁଁ ଟିକିଏ ସମୟ ପାଇଁ ରାଜୀବ ଗାନ୍ଧୀଙ୍କ ଦର୍ଶନ ପାଇଁ ଯାଇ ପାରେ କି?"

ଯାଅ କେମ୍ବ୍ରିଜ୍‌ର ଟ୍ରିନିଟି କଲେଜ, ଲଣ୍ଡନର ଇମ୍ପେରିଆଲ୍ କଲେଜ ବିଷୟରେ ମଧ୍ୟ କିଛି ଜ୍ଞାନ ଆହରଣ କରି ଆସିବ । ଯଦି ତୁମର କୌଣସି ଅନ୍ତରଙ୍ଗଙ୍କର ଇଞ୍ଜିନିଅରିଂ କମ୍ବା ପାଇଲଟ୍ ଟ୍ରେନିଙ୍ଗ୍ ପାଇଁ ବିଦେଶ ଯିବାର ଯୋଜନା ଥାଏ ତାହା ସାହାଯ୍ୟ କରିବ । ହଁ,

ପ୍ରିନ୍ସ ଗ୍ବାର୍ଲସଙ୍କର ଏବଂ ଲେଡ଼ି ଡାଇନାଙ୍କର ବିବାହ ବିଷୟରେ ମଧ୍ୟ କଛି ଟିପ୍ପଣୀ ସଂଗ୍ରହ କରି ପାରିବ । ତାଙ୍କ ବିଷୟରେ ମୁଁ ଏତିକ ମତାମତ ଦେବି ଯେ ସେ ଖୁବ୍ ଭଦ୍ର ଏବଂ ତାଙ୍କର ଆଚରଣ ଅନ୍ୟକୁ ଆପ୍ୟାୟିତ କର୍ଭିଳ । କେଇମାସ ତଳେ ତାଙ୍କ ସଂଗେ ଦିଲ୍ଲୀରୁ ବମ୍ବେ (ମୁମ୍ବାଇ) ଯାତ୍ରା କରିବାର ସୌଭାଗ୍ୟ ମିଳଥିଲା । ପ୍ରଥମ ଥର ପାଇଁ ଦେଖିଲା ପରେ ତାଙ୍କର ସୁଗ୍ଧରୁ ବ୍ୟବହାର ମତେ ଆପ୍ୟାୟିତ କରିଥିଲା ।

ସମସ୍ତେ ଜାଣନ୍ତି ମୋ'ର ପଲିଟିକ୍ସ ବିଷୟରେ ଖୁବ୍ କମ୍ ଜ୍ଞାନ । ତେଣୁ ସୁବା ଗୋଟିଏ ଲମ୍ବା ଭାଷଣ ଆରମ୍ଭ କଲା । "ଆପଣ ଯାହା ସବୁ ରାଜୀବ ଗାନ୍ଧୀଜୀଙ୍କ ବିଷୟରେ କହିଲେ ସବୁ ଅକ୍ଷରେ ଅକ୍ଷରେ ସତ । ତା'ଛଡ଼ା ତାଙ୍କର କଛି ପଲିଟିକାଲ୍ ବ୍ୟକ୍ତିତ୍ୱ ମଧ୍ୟ ରହିଛି । ଯଦି ମଧ୍ୟ ସେ ନଜେ ପଲିଟିକ୍ସରେ ପ୍ରାରମ୍ଭରୁ ନ ଥିଲେ ୧୯୮୦ରେ ତାଙ୍କର ଏକମାତ୍ର ଭାଇ ସଂଜୀବ ଗାନ୍ଧୀଙ୍କର ଅକସ୍ମାତ ଦେହାନ୍ତ ପରେ ସେ ନଜ ଇଚ୍ଛା ବିରୁଦ୍ଧରେ ହେଲେ ମଧ୍ୟ ପଲିଟିକ୍ସ ଆଡ଼କୁ ଗତି କରିଥିଲେ । ଆମେଥି ନର୍ବାଚନ କ୍ଷେତ୍ରରୁ ସେ ବର୍ତ୍ତମାନ ଲୋକସଭା ସଦସ୍ୟ । କେବଳ ସେତିକ ନୁହେଁ । କଂଗ୍ରେସ ପାର୍ଟିର ଜେନେରାଲ ସେକ୍ରେଟାରୀ ମଧ୍ୟ ।

ଠିକ୍ ଅଛି, ଯାଅ, ମାତ୍ର ଶୀଘ୍ର ଫେରି ଆସିବ । ଆଜି ତୁମକୁ କାଟାରାକ୍ଟ ସର୍ଜରୀ ପାଇଁ "ହ୍ୟାଣ୍ଡସ୍ ଅନ୍" ଶିକ୍ଷା ମିଳବ ।

ଘଂ ଘଂ ଘଂ କଛି ସମୟ ଅତିବାହିତ ହୋଇଯାଇଥିଲା । ଆୟୋଜକଙ୍କ ତରଫରୁ କେତେଜଣ ଆସି ଓପିଡ଼ି ସ୍ଥାନକୁ ଏକ ସାକ୍ଷାତକାର ସ୍ଥାନରୂପେ ପରିବର୍ତ୍ତନ କରାଇ ଦେଲେ । କଛି ସମୟ ପରେ ସଂଘର ସଭାପତି ଶ୍ରୀ ଗାନ୍ଧୀଙ୍କୁ ଆଣି ସ୍ଥାନ ଅର୍ପଣ କଲେ । ଗ୍ବ ପାନ ଆସର ଗ୍ବଲିଥିଲା । ଶ୍ରୀ ଗାନ୍ଧୀ କ୍ୟାମ୍ପର ମହତ୍ତ୍ୱ ଏବଂ ଭାରତର ଅନ୍ଧତ୍ୱ ବିଷୟରେ କେବଳ ପ୍ରଶ୍ନ କରୁନଥିଲେ, ବହୁ କଛି ନଜ ତରଫରୁ ବଖାଣି ଯାଉଥିଲେ ମଧ୍ୟ । ଯେମିତିକ ନ୍ୟାସ୍ନାଲ୍ ପ୍ରୋଗ୍ରାମ ଅଫ୍ ପ୍ରିଭେନ୍ସନ୍ ଅଫ୍ ବାଇଣ୍ଡନେସ୍, ୧୯୭୬, ସେଥିପାଇଁ ପ୍ରଫେସର ଅଗରୱାଲ୍ଙ୍କର ଅମୂଲ୍ୟ ଦାନ ଇତ୍ୟାଦି ଇତ୍ୟାଦି ।

ଆପଣଙ୍କର ଭାରତର ଅନ୍ଧତ୍ୱ ବିଷୟରେ ସାଧାରଣ ଜଣେ ନେତ୍ର ବିଶେଷଜ୍ଞଙ୍କ ଅପେକ୍ଷା ଅଧିକ ମନେ ହୁଏ । କର୍ଣ୍ଣିଆ ବ୍ଲାଇଣ୍ଡନେସ୍ ବିଷୟରେ ନଶ୍ଚୟ କଛି ଜାଣିଥିବେ ।

ଏହାର ସଂଖ୍ୟା କ୍ୟାଟାରାକ୍ଟ ବ୍ଲାଇଣ୍ଡନେସ୍ ଭଳି ଅଧିକ ନ ହୋଇଥିଲେ ମଧ୍ୟ ଭାରତରେ ଏହାର ସ୍ଥାନ ଦ୍ୱିତୀୟ । ସମସ୍ୟା ବହୁ ଜଟିଳ । ଏହା ସାଧାରଣତଃ ପିଲା ଏବଂ ଯୁବାମାନଙ୍କୁ ଆକ୍ରାନ୍ତ କରୁଥିବା ହେତୁ ଏହାଦ୍ୱାରା କେବଳ ରୋଗୀଟିର ହାନି ହୋଇ ନ ଥାଏ, ଦେଶର ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଭାରତରେ ବର୍ତ୍ତମାନ ଏହାର ସଂଖ୍ୟା ପ୍ରାୟ ୬.୮ ମିଲିଅନ । ଏମାନଙ୍କ ମଧ୍ୟରୁ ଏକ ମିଲିଅନ୍ଙ୍କର ଦୁଇ ଆଖି ପ୍ରଭାବିତ। ଏହା ପାଇଁ କେବଳ ଶଲ୍ୟ ଚକିତ୍ସା ଆବଶ୍ୟକ ଓ୍ୱାର୍ଲଡ଼ ହେଲ୍ଥ ଅରଗାନାଇଜେସନ୍ ଦ୍ୱାରା ନିର୍ଦ୍ଧାରିତ ହୋଇଛି ଉପଯୁକ୍ତ ଉପଚାର ନ ହେଲେ ଏଇ ୬.୮ ମିଲିଅନର ସଂଖ୍ୟା ବୃଦ୍ଧି ପାଇ ୨୦୨୦କୁ ୧୦.୬ ମିଲିଅନ ହୋଇଯିବ । ଏହା ମଧ୍ୟ କହିବା ବାହୁଲ୍ୟ ଯେ ବର୍ତ୍ତମାନ ୧.୨ ମିଲିଅନ ଅପରେସନ ପାଇଁ ପ୍ରତୀକ୍ଷାରେ ଅଛନ୍ତି, ତା' ଉପରକୁ ପ୍ରତ୍ୟେକ ବର୍ଷ ୨୦-୨୫ ହଜାର ଯୋଗ ହେଉଛନ୍ତି । ଭାରତରେ ନେତ୍ରଦାନର ପ୍ରଥା ବିଷୟରେ ଜନତା ଅବଗତ ନ ଥିବା ହେତୁ ଆମକୁ ମୃତବ୍ୟକ୍ତି ମାନଙ୍କ ଠାରୁ ମୁଷ୍ଟିମେୟ ଚକ୍ଷୁ ଲାଭ ହୋଇପାରୁଛି । ଯେତିକି ପ୍ରାପ୍ତ ହେଉଛି ସେଥିରୁ ପଚାଶ ପ୍ରତିଶତ ବହୁ କାରଣରୁ ବ୍ୟବହାର ହୋଇ ପାରୁନି। ଆମେରିକା ସଦୃଶ ଭାରତରେ ଯଦି ଏମ୍.କେ ମିଡ଼ିଅମ୍ (ପରୀ ରକ୍ଷିତ ମାଧ୍ୟମ) ପ୍ରାପ୍ତ ହୋଇପାରନ୍ତା ତେବେ ଅନ୍ତତଃ ରୋଗୀମାନେ କିଛି କ୍ରମରେ କୃତାର୍ଥ ହୋଇ ପାରନ୍ତେ।

ମୁଁ ଶୁଣିଛି ନେତ୍ରଦାନ ପ୍ରଗତିରେ ଆପଣ ଖୁବ୍ ଭଲ କାମ କରୁଛନ୍ତି । ଏହା କାହିଁକି ନୁହେଁ?

ଏଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ ସାର୍ ।

ଏମ୍ସ୍ ପାଇଁ କ'ଣ ଅର୍ଥର ଅଭାବ ଅଛି?

ଆମ ଆଲୋଚନା ଆଉ ଆଗକୁ ବଢ଼ି ପାରି ନ ଥିଲା । କାରଣ ମିଡ଼ିଆ ମାନେ ଆମକୁ ଘେରି ଯାଇଥିଲେ ।

୧୯୮୪ ଅକ୍ଟୋବର ତିରିଶ ତାରିଖ । ଭୁବନେଶ୍ୱରରୁ ଦିଲ୍ଲୀ ଆସୁଥିଲି । ଏୟାରପୋର୍ଟରେ ବସି ବସି ଟିଭି ଲାଇଭ୍ ପ୍ରୋଗ୍ରାମ୍ ଉପରେ ଦୃଷ୍ଟି ନିବିଦ୍ଧ କରିଥିଲି । ଭୁବନେଶ୍ୱର ଗ୍ରାଉଣ୍ଡ (ଆଜିର ଇନ୍ଦିରା ଗାନ୍ଧୀ ପାର୍କ)ରେ ସେଦିନର ପ୍ରଧାନମନ୍ତ୍ରୀଙ୍କର ଭାଷଣ ଚାଲିଥିଲା ।

"ମୁଁ ଆଜି ବଞ୍ଚିଛି, କାଲି ନ ଥାଇପାରେ । ମାତ୍ର ମୋ'ର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା କରିଚାଲିଥିବି । ଏହା ମଧ୍ୟ ଦୃଢ଼ ଭାବରେ କହିବାକୁ ମୁଁ କୁଣ୍ଠାବୋଧ କରିବିନି ମୋ'ର

ବିନ୍ଦୁ ବିନ୍ଦୁ ରକ୍ତ ଭାରତକୁ ସ୍ମୃତିମୟ ଏବଂ ଦୃଢ଼ ହେବାପାଇଁ ସାହାଯ୍ୟ କରିବେ ।”

ଦିଲ୍ଲୀରେ ପହଞ୍ଚିବା ବେଳକୁ ଖୁବ୍ ବିଳମ୍ବ ହୋଇଯାଇଥିଲା । କ୍ଲାନ୍ତ ହୋଇ ପଡ଼ିଥିଲି । ହାତ ମୁହଁ ଧୋଇ ବିଛଣା ଧରିଲି । କ'ଣ ଗୋଟାଏ ଦୁଃସ୍ୱପ୍ନରେ ଗୁଡ଼ାଏଁ କନା ନିଦ ଭାଙ୍ଗିଗଲା । ଟ୍ରେନ୍ ମଧ୍ୟରେ ଆତଙ୍କବାଦୀ ମାନେ ବହୁ ଜଣଙ୍କର ପ୍ରାଣ ନେଇଛନ୍ତି । ଶବବାହନ ଗାଡ଼ିରେ ଅସଂଖ୍ୟ ଶବ ଏମ୍ସ୍ ମରଚୁରୀ ପାଖରେ । ମୁଣ୍ଡଟା ଖୁବ୍ ଜୋର୍‌ରେ ବିନ୍ଧିବା ଆରମ୍ଭ କଲା । ସ୍ୱାମୀଙ୍କୁ ନିଦରୁ ଉଠାଇଲି । ନିଦ ମଳ ମଳ ସ୍ୱରରେ କହିଲେ ଅଯଥା ଗୁଡ଼ାଏ ପରିଶ୍ରମ କରିବ । ଖୁବ୍ କ୍ଲାନ୍ତ ହେଲେ ଏମିତି ଦୁଃସ୍ୱପ୍ନ ଆସିଥାଏ । ଚୁପ୍‌ଚାପ୍ ଶୋଇପଡ଼ ।

ତହିଁ ଆରଦିନ ସକାଳ ଆଠଟା । ବୁଧବାର । ଆମର ଅପରେସନ ଦିନ । ଜଲ୍‌ଦି ଜଲ୍‌ଦି ପୁଅକୁ ସ୍କୁଲ୍ ପଠାଇ ର୍‌.ପି. ସେଣ୍ଟର୍‌ରେ ପହଞ୍ଚିଲି । ସତପାଲ୍ (ମୋ'ର ସହକର୍ମ୍ମୀ) ମଧ୍ୟ ମୋ' ସହ ଯୋଗଦେଲା । କରିଡ଼ରରୁ ଏମ୍ସ୍ କାଜୁଆଲ୍‌ଟି ସ୍ପଷ୍ଟ ଦେଖାଯାଏ । ବାହାରେ ଅସମ୍ଭବ ଧରଣର ଭିଡ଼ । ଗୁଡ଼ାଏ ପୋଲିସ୍ ଏବଂ ଭିଆଇପି ଗାଡିର ମଧ୍ୟ ଭିଡ । କାରଣ ଜାଣିବାର ଉତ୍ସାହ ବହୁଥିଲେ ମଧ୍ୟ ନିଜ କର୍ତ୍ତବ୍ୟ ପ୍ରଥମ ଚିନ୍ତା କରି କଟି ଯିବା ପାଇଁ ଲିଫ୍ଟ ପାଖରେ ପହଞ୍ଚିଲି ।

ତୁ ଯାଇ ସର୍ଜରୀ ଆରମ୍ଭ କର ମୁଁ ମାମଲା କ'ଣ ଦେଖି ଆସୁଛି କହି ସତପାଲ୍ କାଜୁଆଲ୍‌ଟି ଆଡ଼େ ମୁହାଁଇଲା । ଓଟିରେ ପହଞ୍ଚି ଶୁଣିଲି ବହୁ ଫୁସ୍‌ଫାସ୍ । ସମସ୍ତେ ଯେମିତି ସତ୍‌ପାଲ୍‌ର ଅପେକ୍ଷା କରିଥିଲେ ।

କ'ଣ ହୋଇଛି ସାର୍? କହି ସମସ୍ତ ଓଟି ଷ୍ଟାଫ୍ ସତପାଲ୍‌କୁ ଘେରିଗଲେ ।

ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବଙ୍ଗଳାରେ ଦୁଇଜଣ ତାଙ୍କର ନିଜ ଗାର୍ଡ଼ ତାଙ୍କୁ ଗୋଲୀ ମାରିଛନ୍ତି । ବ୍ରିଟିଶ୍ ଅଭିନେତା ପିଟର ଉଷ୍ଟିନଭ ତାଙ୍କ ନିଜ ଡକୁମେଣ୍ଟାରୀ ଫିଲ୍ମ ଆଇରିସ୍ ଟିଭି ପାଇଁ ମାଡ଼ାମ୍‌ଙ୍କର ସାକ୍ଷାତକାର୍ ନେବାପାଇଁ ଇଚ୍ଛୁକ ଥିଲେ । ସେଇଥିପାଇଁ ଯିବା ସମୟରେ ଦୁଇଜଣ ଯାକ ଗାର୍ଡ଼ ତିରିଶରୁ ଊର୍ଦ୍ଧ୍ୱ ଫାୟାର କରି ତଳେ ବନ୍ଧୁକ ରଖିଦେଇ ନିଜକୁ ଆତ୍ମସର୍ମପଣ କରିଛନ୍ତି । ମାଡ଼ାମ୍ ଖୁବ୍ ସିରିୟସ୍ ।

ପୁର୍ବଦିନ ବିତିଗଲା ପରେ ସଂଧ୍ୟାରେ ତାଙ୍କର ମୃତ୍ୟୁ ଖବର ବ୍ୟାପିଗଲା । ମାଡ଼ାମ୍ ଆମର ପ୍ରଥମ ନେତ୍ର ପ୍ଲେଜର ଥିଲେ । ତେଣୁ ଆମ ଆଇ ବ୍ୟାଙ୍କ୍ ତରଫରୁ ଆମେ ଆଇ କଲ୍ର ପ୍ରତୀକ୍ଷା କରିଥିଲୁ । ମାତ୍ର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି କଲ୍ ଆସି ନ ଥିଲା ।

ନଭେମ୍ବର ଦୁଇ ତାରିଖ ଦିନ ବାରଟା ସମୟରେ ଶ୍ରୀ ରାଜୀବ ଗାନ୍ଧୀଜୀ ତାଙ୍କ ପରସନାଲ୍ କାର୍ ଆମ ଆଇ ବ୍ୟାଙ୍କକୁ ପଠାଇଥିଲେ । ପ୍ରଫେସର ମଦନ ମୋହନଙ୍କ ସମେତ ଆମେ ତିନ ମୂର୍ତ୍ତୀ ଭବନରେ ମାଡ଼ାମ୍ ଗାନ୍ଧୀଙ୍କର ଶେଷ ଦର୍ଶନ କରି ଶ୍ରୀ ରାଜୀବ ଗାନ୍ଧୀଜୀଙ୍କୁ ବିଳମ୍ବତା ଯୋଗୁ ଅମୂଲ୍ୟ ରତ୍ନ ଦୁଇଟି ଯେ କାହାକୁ ଦୃଷ୍ଟି ଦାନ କରିପାରିବନି ସେ ବିଷୟରେ ଅବଗତ କରାଇ ବିଦାୟ ନେଇଥିଲୁ ।

ଦୁଇ ବର୍ଷ ପରେ - ୧୯୮୬ ମସିହା ଅଗଷ୍ଟ କୋଡ଼ିଏ ତାରିଖ । ସେ ସମୟର ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ଜନ୍ମ ଦିବସ । ଦୁଇଦିନ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ମୁଁ ଶ୍ରୀ ଏ.ପି. ଆତ୍ରୀଙ୍କ ସହ ସକାଳ ଆଠଟା ସମୟରେ ପ୍ରଧାନମନ୍ତ୍ରୀଙ୍କ ନିବାସରେ ପହଞ୍ଚିଲି । ପ୍ଲେଜ୍ କାର୍ଡ଼ରେ ଦସ୍ତଖତ କରୁ କରୁ ଶ୍ରୀ ଗାନ୍ଧୀଜୀ ପ୍ରଶ୍ନ କଲେ, "ଏହା ଦ୍ୱାରା ଏମ୍.କେ.ମିଡ଼ିଅମ୍ ପ୍ରସ୍ତୁତିରେ ବିଶେଷ ସୁବିଧା ହେବ ତ !"

ନାଁ ସାର୍, ତା'ଠାରୁ ଏହା ଏକ ବହୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିବ । ଆପଣଙ୍କ ସାହାଯ୍ୟରେ ଆମର ଏମ୍.କେ.ମିଡ଼ିଆ ରିସର୍ଚ୍ଚ କାମ ସମାପ୍ତ ହୋଇ ସାରିଛି । ବର୍ତ୍ତମାନ ସେ ଦୃଷ୍ଟିରୁ ଆମେ ଚିନ୍ତା ମୁକ୍ତ ।

ଅର୍ଥାତ୍ ଆପଣ ଏବେ ରୀତିମତ ଭାବେ ଏମ୍.କେ.ମିଡ଼ିଆରେ କର୍ଣ୍ଣିଆ ପ୍ରିଜର୍ଭ କରି ରଖୁଛନ୍ତି। ତେବେ ଅନ୍ୟ ମହତ୍ତ୍ୱ ପୂର୍ଣ୍ଣ କାର୍ଯ୍ୟଟି କି ପ୍ରକାର?

ଆପଣଙ୍କ ପ୍ଲେଜିଙ୍ଗ୍ ବିଷୟରେ ମିଡ଼ିଆ ମାନଙ୍କରେ ପ୍ରସାରିତ ହେବ । ଯାହାଦ୍ୱାରା ଦେଶରେ ପ୍ଲେଜିଙ୍ଗ୍ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇବ ।

ହେଲେ ସମୟାନୁକ୍ରମେ ଧୀରେ ଧୀରେ ସମାଜ ତାହା ଭୁଲିଯିବ । ଏହା ବିଷୟରେ କେବେ ଚିନ୍ତା କରିଛନ୍ତି?

ସତରେ ଯେମିତି ମତେ ଜବର କରି କଏ ଗ୍ଭପୁଡ଼ାଟାଏ ଦେଲା । ସତ କଥା ତ । ସାମୟିକ ଉତ୍ତେଜନାରେ ଆମେ କେବେ ମଧ୍ୟ ଏ ବିଷୟରେ ଚନ୍ତା ନ କରି ଭି.ଆଇ.ପି ମାନଙ୍କ ଠାରୁ ପ୍ଲେଜ୍ ନେବା ପାଇଁ ବାହାରି ପଡ଼ିଥାଉ । ଯେଉଁଥିରେ କେବଳ ସାମୟିକ ଲ୍ଭ ମିଳଥାଏ ।

"ଏ ବିଷୟରେ ଚନ୍ତା କରିବାକୁ ମତେ ସାତଦିନ ସମୟ ଦିଅନ୍ତୁ ସାର୍" କହି ମୁଁ ବିଦାୟ ନେଇଥିଲି । ପ୍ରାୟ ସମସ୍ତ ସହକର୍ମୀ ମାନେ ବିରକ୍ତି ପ୍ରକାଶ କରିଥିଲେ ।

"ପ୍ରଧାନମନ୍ତ୍ରୀଙ୍କ ନକଟରେ ପ୍ରତିଶ୍ରୁତି ଦେଇ କେତେବଡ଼ ଭୂଲ୍‌ଟିଏ କରିଛ ବୁଝି ପାରୁନ ବୋଧେ!" ହେଲେ ମୋ' ମୁଣ୍ଡରେ ସେ ସବୁ କଛି ପଶୁ ନ ଥିଲ୍ । ତହିଁ ଆରଦିନ ପ୍ରଫେସର ମଦନ ମୋହନଙ୍କ ଅଫିସ୍‌ରୁ ଡାକର୍ ଆସିଥିଲ୍ । "ମୁଁ ତୁମ ସମସ୍ୟାର ସମାଧାନ ପାଇଁ ଗୋଟିଏ ର୍ସ୍ତା ବାଛିଛି, ଯାଇ ମନ୍ତ୍ରୀଜୀଙ୍କୁ ଜଣାଇ ଦେଇ ଆସ ।"

ଅଗଷ୍ଟ ୨୫ ତାରିଖରୁ ସେପ୍ଟେମ୍ବର ଆଠ ତାରିଖ ପର୍ଯ୍ୟନ୍ତ ଆଇ ଡ଼ୋନେସନ୍ ଫୋର୍ଟ ନାଇଟ୍ ସଂପୂର୍ଣ୍ଣ ଦେଶରେ ପାଳନ କର୍ଯିବ । ଯାହା ର୍ଜୀବ ଗାନ୍ଧୀଜୀଙ୍କ ଜନ୍ମ ଦିବସ ଏବଂ ଆଇ ପ୍ଲେଜିଙ୍ଗକୁ ଭିତ୍ତି କରି । ୧୯୮୬ରେ ପ୍ରଥମ ଫୋର୍ଟ ନାଇଟ୍ ପାଳନ କର୍ଯାଇଥିଲ୍ । ଯାହାର ଉନ୍ମୋଚନ ଶ୍ରୀ ର୍ଜୀବ ଗାନ୍ଧୀଜୀଙ୍କ କରକମଳ ଦ୍ୱାର୍ ସଂପନ୍ନ ହୋଇଥିଲ୍ । ତାଙ୍କ ଭ୍ଷଣରେ ସେ ବ୍ୟକ୍ତ କରିଥିଲେ, "ମୋ'ଠାରୁ ଯାହା ସାହାଯ୍ୟ ଆବଶ୍ୟକ ବିନା ଦ୍ୱିଧାରେ ପ୍ରକାଶ କରିବେ, ମୁଁ ମୋ' ଦେଶକୁ କର୍ଣ୍ଣିଆ ବ୍ଲାଇଣ୍ଡନେସ୍‌ରୁ ମୁକ୍ତ ଦେଖିବାକୁ ଗ୍ଭହେଁ ।"

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୋ ଭାରତ ମହାନ



ଅମରନାଥ ବାରିକ

ପୂର୍ଣ୍ୟ ମୟୀ ମୋର ଦେଶଟିଏ
ଭାରତୀୟଙ୍କର ମାଆ ସିଏ
ସବୁ ପାପ ଭାର୍ ସହି ସେ ଆମକୁ
ବଞ୍ଚିବାର ରାହା ଦେଇଥାଏ ।

ତା କୋଳେ ରହିଛି କେତେ ଶାନ୍ତି
ପାଇ ତା ପରଶ ଘୁମୁରନ୍ତି
ଆସିଲେ ଧରାକୁ ଖେଳ କୁଦ କରି
ନଜେ ନଜ ବାଟେ ଗ୍ଲାଲିଯାନ୍ତି ।

ବିଭିନ୍ନ ପ୍ରକାର ଭାଷା ବାସୀ
ରହିଛନ୍ତି ହୋଇ ମିଶାମିଶି
ପରବ ପର୍ବାଣୀ ପାଳଣ କରନ୍ତି
କେତେ ମଉଜରେ ହୋଇ ଖୁସୀ ।

ସବୁଜ ମଣ୍ଡିତ ଶୋଭା କ୍ଷେତ
ଉଡ଼ଇ ମନ୍ଦିରେ ନାଲି ନେତ
ଚତୁର୍ଦ୍ଧା ମୁରତି ଚର୍ତୁଧାମ ଅଛି
ସୂର୍ଯ୍ୟ ଚନ୍ଦ୍ର ହୁଏ ଆତ ଯାତ ।

ଏ ଦେଶେ ଜନମ ଅଟେ ମୋର
ଗରବେ ଫୁଲଇ ଛାତି ମୋର
ଯେଉଁଠି ଦେବତା କଥାବି କୁହନ୍ତି
ନେଇ ରୂପ ପିତା ମାତାଙ୍କର ।

ଯାଜପୁର, ମଙ୍ଗଳପୁର, କୟାଁ

# ସରିଲା ଅଭିନୟ



ଶଶୀକାନ୍ତ ମେହେର

ଜୀବନ ଏକ ଅଭିନୟ ଥିଲା ଅଭିନୟ ସରିଗଲା,
ଅଭିନୟ ଛାଡ଼ି ମୋତେ ଏ ସଂସାର ଛାଡ଼ିବାକୁ ହେଲା ||
ଏକ ଅଭିନୟ କରି ଆସିଥିଲି ସଂସାରେ
ସରିଲା ଏଠି ମୋ ସମୟ ଅଭିନୟର,
ଅଭିନୟ ସାରି "ସଂସାର ମଞ୍ଚ" ଛାଡ଼ି
ଏଣେ ଯାଉଛି ମୁଁ ସ୍ୱର୍ଗଦ୍ୱାର ||
ଥିଲା କଛିଦିନ ଅଭିନୟ ଏଠି, ଜାଣିନ କଭଳ ହେଲା,
ହଠାତ୍ କାଳ ଗ୍ରାସକଲା, ମୋର ଅଭିନୟ ଶେଷ ହେଲା
ହୋଇଥିବ ଯଦି ଠିକ୍ ଅଭିନୟ ସମସ୍ତେ ମନେପକାଇବେ,
ନହେଲେ କଛିଦିନ ମନେ ପକାଇ ପୁଣି ଭୁଲିଯିବେ !
ସମସ୍ତ ଜୀବ ଜନ୍ତୁ ମଣିଷ ଅଭିନୟ ର ବସବର୍ତ୍ତ,
ନିଜ ନିଜ ସମୟ ସରିଲେ ସ୍ୱର୍ଗଦ୍ୱାର୍ ଯିବେ ସମସ୍ତ !!
ଆଜି ମୋର ଅଭିନୟ ସାରି ଯାଉଛି ମୁଁ ତ,
ଭୁଲ୍ କରିଥିଲେ କ୍ଷମା କରିଦେବ ଗୁରୁଜନେ ସମସ୍ତ ||
ଅନ୍ତିମ ସମୟେ ସମସ୍ତ ଙ୍କୁ ମୁଁ ପ୍ରଣାମ ଜଣାଉଛି,
ଭଗବାନ ଙ୍କ ଠାରେ ସମସ୍ତ ଙ୍କ ପାଇଁ ଖୁସି ମନାସୁଛି !!

ଜମଲା, ପଦ୍ମପୁର, ବରଗଡ଼

# ଜୟ ଶିବ ଶଙ୍କର



ମଙ୍ଗୁଲୁ ଗୌଡ

ଜୟ ପଞ୍ଚାନନ ପ୍ରଭୁ ତ୍ରୀଷୂଳଧର
ସୋରଡା ଗ୍ରାମରେ ବାସ ତୁମ୍ଭର ।
ବୁଦ୍ଧେ ଲିଙ୍ଗେଶ୍ୱର ପ୍ରଭୁ ଡମ୍ବରୁଧର
ଋଷିକୂଲ୍ୟା ତୀରେ ବିଜେ ତୁମର ।
ହର ହର ଶଙ୍କର ହେ ପାର୍ବତୀ ବର
ତୁମ୍ଭ ପାଦ ତଳେ କୋଟି ଜୁହାର ।
କୈଳାସ ପତି ହେ ଶିବ ଡମ୍ବରୁଧର
ବୃଷଭ ପୃଷ୍ଠେ ଆସନ ତୁମର ।
ଶ୍ରାବଣ ମାସର ଗୁରି ସୋମବାରରେ
ଭକ୍ତ ଢାଳନ୍ତି ଜଳ ତୁମ ଶିରେ ।
ଭକତ ଗୁହାରୀ ଶୁଣ ଶିବ ଶଙ୍କର
ଦୁଷ୍ଟ ନିବାରଣ ଧର୍ମ ଧାମର ।
ଅଧମ ମଙ୍ଗୁଲୁ ପଶୁଅଛି ଶରଣ
ଦୟାକର ହେ ପାର୍ବତୀ ରମଣ ॥

ବି.ଏନ.ଆର, ଗାର୍ଡେନ୍ ରିଚ୍,
ରେଲୱେ କଲୋନୀ, କୋଲକତା

# ଉପନ୍ୟାସ ସମ୍ରାଟ ମୁନସୀ ପ୍ରେମଚାନ୍ଦ



ଅସିତ ମହାନ୍ତି

ମୁନସୀ ପ୍ରେମଚାନ୍ଦଙ୍କୁ (ଜୁଲାଇ ୩୧, ୧୮୮୦ - ଅକ୍ଟୋବର ୮, ୧୯୩୬) ଭାରତର ଉପନ୍ୟାସ ସମ୍ରାଟ ଭାବରେ ବିବେଚନା କରାଯାଏ । ଭାରତ ଇତିହାସରେ ଏହି ଅବଧି ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରେମଚାନ୍ଦଙ୍କ ପ୍ରକୃତ ନାମ ଥିଲା ଧନପତ ରାୟ ଶ୍ରୀବାସ୍ତବ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ, ଯେତେବେଳେ ହିନ୍ଦୀ ସାହିତ୍ୟ ଉପରେ କାର୍ଯ୍ୟ କରିବା ପାଇଁ କୌଣସି ବୈଷୟିକ ସୁବିଧା ନଥିଲା, ତଥାପି ଅନ୍ୟ କୌଣସି ଲେଖକ ଏପରି ନଥିଲେ ଯିଏ ତାଙ୍କ ବ୍ୟତୀତ ଏତେ କାମ କରିପାରିଛନ୍ତି । ଜୁଲାଇ ୩୧, ୧୮୮୦ ଏହି ମହାନ ଉପନ୍ୟାସକାରଙ୍କ ଜନ୍ମ ହୋଇଥିଲା । ତାଙ୍କୁ ମନେ ପକାଇବାର ଅର୍ଥ ହେଉଛି ତାଙ୍କର ସାହିତ୍ୟକୁ ସଠିକ୍ ମୂଲ୍ୟାଙ୍କନ କରିବା । ତାଙ୍କ ଲେଖନୀ ମାଧ୍ୟମରେ ଯେଉଁ ଲେଖାଗୁଡ଼ିକ ପ୍ରକାଶ ପାଇଛି ସେଗୁଡିକ ଆଜିର ସାମାଜିକ ସ୍ଥିତିରେ ପ୍ରଯୁଜ୍ୟ। ସାହିତ୍ୟ ଲେଖନୀ କ୍ଷେତ୍ରରେ ସେ ଥିଲେ ରସ ସୃଷ୍ଟିକର୍ତ୍ତା । ତତ୍ତ୍ୱଗତ ଦିଗର ବଡ ବଡ କଥାକୁ ନେଇ ବୌଦ୍ଧିକ ଚର୍ଚ୍ଚା କରିବା ସାହିତ୍ୟକାର ର କାର୍ଯ୍ୟ ନୁହେଁ। ସାହିତ୍ୟକାରର କାର୍ଯ୍ୟ ହେଉଛି ରସ ସୃଷ୍ଟି କରିବା । ଯେଉଁକଥା ଗୁଡିକୁ ଦାର୍ଶନିକ କହିବାକୁ ଚାହାନ୍ତି, ସାହିତ୍ୟକାର ସେହି କଥାଗୁଡ଼ିକୁ ଲୋକମାନଙ୍କ ଭିତରେ ରସ ମାଧ୍ୟମରେ ଏବଂ ବିଭିର୍ଣ୍ଣ ପ୍ରକାର ମାଧୁର୍ଯ୍ୟ ସହିତ ଉପସ୍ଥାପନା କରିଥାନ୍ତି । ଏହି କୌଶଳ ଲେଖକର କଦାପି କୃତ୍ରିମ ହୋଇପାରେନା । କାରଣ ଲେଖକ କୌଣସି ବିଷୟରେ ଲେଖିବା ପୂର୍ବରୁ ସେହି ବିଷୟରେ ଏକ ସାମାଜିକ ଚନ୍ତନର ପ୍ରଭାବ  ତାର ମନଭିତରେ ଘରକରି ସାରିଥାଏ ଯାହା ଆଉକଛି ନୁହେଁ ବରଂ ସମାଜରେ ଘଟୁଥିବା ଘଟଣା ଗୁଡିକର ପ୍ରତିଫଳନ । ପ୍ରକୃତରେ ଏହି ପ୍ରତିଫଳନ ହେଉଛି ସେହି ସମାଜ ବ୍ୟବସ୍ଥାର ପ୍ରତିଫଳନ । ଏହାହିଁ ହେଉଛି କାରଣ ପ୍ରତ୍ୟକ ଲେଖକର ଲେଖାରୁ ସେ ସମୟର ସମାଜ ବ୍ୟବସ୍ଥା ଏବଂ ତାହାର ପ୍ରଭାବ ସମାଜରେ ରହୁଥିବା ଲୋକମାନଙ୍କ ଜୀବନରେ କପ୍ରକାର ପ୍ରଭାବ ପକାଇଥାଏ, ସେ ବିଷୟରେ ଚତ୍ରଣକୁ ଆମେ

ଦେଖିବାକୁ ପାଇଥାଉ | କାରଣ ଜଣେ ଲେଖକ ତାହାର ସାମାଜିକ ବ୍ୟବସ୍ଥାର ଭାବନାତ୍ମକ ପରିମଣ୍ଡଳରୁ ବାହାରକୁ ଯାଇପାରନ୍ତି ନାହିଁ | ହୋଇପାରେ ଲୋକମାନେ ବୌଦ୍ଧିକ ଭାବେ ଏହାକୁ ଗ୍ରହଣ ନକରିପାରିଲେ ମଧ୍ୟ, ପରୋକ୍ଷ ଯାଇଥିବା ସାହିତ୍ୟର ରସକୁ ଗ୍ରହଣ କରୁ କରୁ ଏବଂ ଏହାର ବାକ୍ୟ ବିନ୍ୟାସକୁ ଏଭଳ ଅଭ୍ୟାସ କରିଥାନ୍ତି ଯେ କେତେକାଂଶରେ ସେମାନଙ୍କର ମାନସିକ ପରିବର୍ତ୍ତନ ହୋଇଥାଏ | ଏହି ମାନସିକ ପରିବର୍ତ୍ତନ ସମାଜରେ କ୍ରାନ୍ତି ଆଣିବାରେ ଏକ ବଡ ହତିଆର ଭାବେ କାର୍ଯ୍ୟ କରିଥାଏ | ପ୍ରେମଚନ୍ଦ ଏହିସବୁ ଜିନିଷଗୁଡ଼ିକ ଉପରେ ଧ୍ୟାନରଖି ତାଙ୍କ ସାହିତ୍ୟରେ ଚର୍ଚ୍ଚା କରିଛନ୍ତି ଯାହା ପାଠକ ମାନଙ୍କ ମଧ୍ୟରେ ଏକ ଜୀବନ୍ତ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇପାରିଛି | ପ୍ରେମଚନ୍ଦଙ୍କ ଉପନ୍ୟାସରେ ଏହି ମହତ୍ତ୍ୱପୂର୍ଣ୍ଣ ଦିଗଗୁଡିକ ଦେଖିବାକୁ ମିଳଥାଏ | ସେଇଥିପାଇଁ ସେ ଜଣେ ବସ୍ତୁବାଦୀ ଉପନ୍ୟାସକାର ଭାବେ ଜଣାଶୁଣା ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ | ପ୍ରେମଚନ୍ଦଙ୍କର କୃତିଗୁଡିକର ବିଶେଷତା ଅତ୍ୟନ୍ତ ମର୍ମସ୍ପର୍ଶୀ ଏବଂ ଜୀବନ୍ତ| ସେ ନଜ କାର୍ଯ୍ୟରେ ସାଧାରଣ ଲୋକର ଭାବନା, ପରିସ୍ଥିତି ଏବଂ ସମସ୍ୟାଗୁଡ଼ିକୁ ଚତ୍ରଣ କରିଥିଲେ | ତାଙ୍କର କାର୍ଯ୍ୟଗୁଡ଼ିକ ହେଉଛି ଭାରତର ଏକ ବୃହତ୍ତମ ଭାଗ ଯେଉଁମାନେ ଗରିବ, ନରାଶ୍ରୟ| ସର୍ବମୋଟ କହିଲେ ଏକ ବିଶାଳ ଜନସଂଖ୍ୟା ଯେଉଁମାନେ ଶୋଷିତ ଏବଂ ଅତ୍ୟାଚାରର ଶିକାର | ପ୍ରେମଚନ୍ଦ ତାଙ୍କ କାହାଣୀରେ ମାନବ ପ୍ରକୃତିର ମୌଳକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ | ସେ ସମୁଦାୟ ୧୫ ଉପନ୍ୟାସ, ୩୦୦ରୁ ଅଧିକ କାହାଣୀ, ୩ନାଟକ, ୧୦ ଅନୁବାଦ, ୭ ଶିଶୁ ପୁସ୍ତକ ଏବଂ ହଜାର ହଜାର ପୃଷ୍ଠା ପ୍ରବନ୍ଧ, ସମ୍ପାଦକୀୟ, ବକ୍ତୃତା, ଭୂମିକା ଇତ୍ୟାଦି ଲେଖିଥିଲେ। ଯେଉଁ ଯୁଗରେ ପ୍ରେମଚନ୍ଦ ତାଙ୍କ କଲମ ଉଠାଇଥିଲେ, ତାଙ୍କ ପଛରେ ଏପରି କୌଣସି ଉତ୍ତରାଧିକାରୀ ନଥିଲା ଏବଂ ବଙ୍ଗାଳୀ ସାହିତ୍ୟ ବ୍ୟତୀତ ତାଙ୍କ ଆଗରେ କୌଣସି ଚନ୍ତା କମ୍ବା ପ୍ରଗତିଶୀଳତାର ଆଦର୍ଶ ନଥିଲା। ସେହି ସମୟରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଥିଲେ ଏବଂ ଏହା ବ୍ୟତୀତ ଟଲଷ୍ଟୟଙ୍କ ପରି ଋଷୀୟ ସାହିତ୍ୟିକ ମଧ୍ୟ ଥିଲେ | ଏହି ପରିବେଶ ଭିତରେ "ଗୋଦାନ" ପରି ଏକ କ୍ଲାସିକ୍ ଉପନ୍ୟାସ ସୃଷ୍ଟି କରିଥିଲେ| ପ୍ରେମଚନ୍ଦଙ୍କର ସର୍ବଶ୍ରେଷ୍ଠ କୃତି ଗୁଡିକ ହେଉଛି ନର୍ମଳା, ଇଦଗାହ, ଗବନ, ସେବାଶ୍ରମ ,ରଙ୍ଗଭୂମି, କର୍ମଭୂମି, ଏବଂ ସେବାସଦନ| ସେ "ନବାବ ରାୟ" ନାମରେ ନଜର କ୍ୟାରିଅର୍ ଆରମ୍ଭ କରିଥିଲେ, କନ୍ତୁ ଯେତେବେଳେ ତାଙ୍କର 'ସୋଯେ-ଏ - ବତନ', ଯାହା କ୍ଷୁଦ୍ରଗଳ୍ପର ସଂଗ୍ରହ ଥିଲା, ସେଗୁଡିକୁ ବ୍ରିଟିଶ ସରକାରଙ୍କ

ଦ୍ୱାରା ବାଜ୍ୟାପ୍ତ କରାଯାଇ ଜଳାଇ ଦିଆଯାଇଥିଲା | ଏହା ପରେ ସେ ମୁନସି ପ୍ରେମଚାନ୍ଦ ନାମରେ ହିନ୍ଦୀରେ ଲେଖିବା ଆରମ୍ଭ କରିଥିଲେ | ପ୍ରେମଚାନ୍ଦଙ୍କୁ ସାଧାରଣତଃ "ଟୋଲଷ୍ଟୟ ଅଫ୍ ଇଣ୍ଡିଆ' କୁହାଯାଏ |ସେ ଉପନ୍ୟାସ, କାହାଣୀ ଲେଖକ ତଥା ନାଟ୍ୟକାର ଭାବରେ ସାହିତ୍ୟ ଧାରାକୁ ଜୟ କରିଥିଲେ ଏବଂ ହିନ୍ଦୀ ଆଧୁନିକ ସାହିତ୍ୟରେ "ଉପନ୍ୟାସ ସମ୍ରାଟ" ଭାବରେ ନାମିତ ହୋଇଥିଲେ। ସେ ପାଠକମାନଙ୍କୁ ସମାଜର ବାସ୍ତବତାକୁ ଚିତ୍ରଣ କରି ହିନ୍ଦୀ ସାହିତ୍ୟ ଜଗତକୁ ଏକ ନୂତନ ଦିଗ ଦେଇଥିଲେ | ସେ ୧୯୧୭ ମସିହାରେ ତାଙ୍କର ଉପନ୍ୟାସ 'ସେବା ସଦନ' ସହିତ ହିନ୍ଦୀ ସାହିତ୍ୟ ଜଗତରେ ପ୍ରବେଶ କରିଥିଲେ। ସେଜମିଦାରୀ ବ୍ୟବସ୍ଥା, ଦାରିଦ୍ର୍ୟ, ସାମ୍ପ୍ରଦାୟିକତା, ଜାତି ପ୍ରଣାଳୀ ଏବଂ ସମାଜରେ ପ୍ରଚଳତ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏପରିକି ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ଭେଦଭାବ ବିଷୟରେ ସେ ଉଲ୍ଲେଖ କରିଥିଲେ। ସେ ଯୌତୁକ ପ୍ରଥା, ବିଧବା ବିବାହ ବିରୁଦ୍ଧରେ ଲଢ଼ିଥିଲେ ଏବଂ ମତ ଦେଇଥିଲେ ଯେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଦୁଷ୍କର୍ମ, ଭେଦଭାବ ବିରୁଦ୍ଧରେ ନିଜର ଭାବନା ପ୍ରକାଶ କରିବାକୁ ପଡିବ ଏବଂ ନିଜକୁ ଲଢ଼ି କରିବାକୁ ହେବ । ପ୍ରେମଚାନ୍ଦଙ୍କ କାର୍ଯ୍ୟରେ ସମାଜର ମହିଳାମାନଙ୍କୁ ମଧ୍ୟ ଚିତ୍ରଣ କରାଯାଇଥିଲା, ଯେଉଁମାନେ ପାରମ୍ପାରିକ, ଆଧୁନିକ ମହିଳାମାନଙ୍କରେ ବର୍ଗୀକୃତ ହୋଇଥିଲେ| ପ୍ରେମଚାନ୍ଦଙ୍କ "ଗୋଦାନ" - ଏକ ସାହିତ୍ୟିକ ବିଶ୍ଳେଷଣରେ ଆମର ସାମାଜିକ ଗଠନକୁ ଉପସ୍ଥାପିତ କରାଯାଇଛି ଏବଂ ପୁରା ଉପନ୍ୟାସରେ ସମାଜରେ ମହିଳାମାନଙ୍କ ଅଧିକାର ଏବଂ ଯେଉଁ ଭୂମିକା ରହିଛି । ପ୍ରେମଚାନ୍ଦ ଏକ ଆଦର୍ଶ ମହିଳା ଏବଂ ଆଧୁନିକ ଯୁଗର ମହିଳା ଭାବରେ ଦୁଇଟି ଧାରାରେ ମହିଳା ଚରିତ୍ରଗୁଡ଼ିକୁ ଅନୁସନ୍ଧାନ କରିଛନ୍ତି। ପ୍ରେମଚାନ୍ଦ ଧନିଆ ଏବଂ ଅନ୍ୟାନ୍ୟ ଛୋଟ ଚରିତ୍ର ମାଧ୍ୟମରେ ଗ୍ରାମୀଣ ପାରମ୍ପାରିକ ମହିଳାମାନଙ୍କୁ ପ୍ରତିନିଧିତ୍ୱ କରିଛନ୍ତି ଏବଂ ନୂତନ ଭାରତର ପ୍ରତିନିଧିତ୍ୱ କରୁଥିବା ଏବଂ ମହିଳାଙ୍କ ପରିବର୍ତ୍ତିତ ଚେହେରାକୁ ପ୍ରତୀକ କରୁଥିବା ମାଳତୀ ମାଧ୍ୟମରେ ପରିବର୍ତ୍ତିତ ରାଜନୈତିକ ପରିଦୃଶ୍ୟରେ ମହିଳାମାନେ କପରି ସେମାନଙ୍କର ଭୂମିକା ଗ୍ରହଣ କରିବେବିଷୟରେ ଚର୍ଚ୍ଚା କରିଛନ୍ତି | ପ୍ରେମଚାନ୍ଦଙ୍କ ଲେଖାରେ ମହିଳାଙ୍କ ଦୁଃଖ ଉପରେ ସ୍ଥାୟୀ ଏବଂ ସମ୍ବେଦନଶୀଳ ଦେଖିବାକୁ ମିଳିଥାଏ | ପ୍ରେମଚାନ୍ଦ ତାଙ୍କ ଲେଖାରେ ମହିଳାଙ୍କ ସମ୍ମାନକୁ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କୁ ସମାଜରେ ଉଚ୍ଚ ସ୍ଥାନ ଦେଇଛନ୍ତି । ପ୍ରେମଚାନ୍ଦଙ୍କ କ୍ଷୁଦ୍ର ଗଳ୍ପ କେବଳ ଗରିବ କୃଷକଙ୍କ ବିଷୟରେ ନୁହେଁ ବରଂ କୃଷକଙ୍କ ପରି ଧନୀ ବ୍ୟକ୍ତିଙ୍କ ଦ୍ୱାରା ଅତ୍ୟାଚାରିତ

ମହିଳାଙ୍କ ଦୁଃଖ ବିଷୟରେ ମଧ୍ଯ କୁହାଯାଇଛି। ତାଙ୍କ ଲେଖାଗୁଡ଼ିକରେ ପ୍ରତିନଧିତ୍ୱ କରୁଥିବା ମହିଳାମାନେ ବହୁମୁଖୀ ଅଟନ୍ତି | ସେମାନେ ଗରିବ ଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ, ଅଶିକ୍ଷିତ ଠାରୁ ଆରମ୍ଭ କରି ସାକ୍ଷର ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀର ଅଟନ୍ତି | ସେ ମହିଳାଙ୍କ ମନ, ତାଙ୍କର ଉଦାରତା, ବିଶ୍ୱସ୍ତତା ଏବଂ ବଳଦାନକୁ ବହୁତ ଭଲ ଭାବରେ ଉପସ୍ଥାପନ କରିଛନ୍ତି| ଲେଖକ ତାଙ୍କ କାହାଣୀରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଏବଂ ଶିଶୁ ମନୋବିଜ୍ଞାନକୁ ସମ୍ପୂର୍ଣ୍ଣ ରୂପେ ଉପସ୍ଥାପନ କରିଛନ୍ତି | ସର୍ବମୋଟ କହିବାକୁ ଗଲେ ପ୍ରଚଳତ ସମାଜ ବ୍ୟବସ୍ଥା କପରି ଅନ୍ୟାୟ ଅତ୍ୟାଚ୍ଚାର ନଅଁ ଉପରେ ଛିଡା ହୋଇଛି ଏବଂ ଏହି ବ୍ୟବସ୍ଥା ଗରିବ ଶୋଷିତ ଜନତାଙ୍କ ଉପରେ ଶୋଷଣର ଜାଲ ବିଛାଇରଖିଛି, ତାହା ବିରୁଦ୍ଧରେ ସେ ତାଙ୍କର ଲେଖନୀ ମାଧ୍ୟମରେ ଏକ ଆନ୍ଦୋଳନ କରିଛନ୍ତି | ତାଙ୍କ ଲେଖା ମଧ୍ଯରେ ସୋଭିଏତ ରୁଷିଆର କ୍ରାନ୍ତିର ପ୍ରଭାବ ରହିଛି | ସେ ନବଜାଗରଣ ଆନ୍ଦୋଳନରୁ ପ୍ରାପ୍ତ ଜୀବନକୁ ପରିବ୍ୟାପ୍ତ କରିଥିବା ସମସ୍ତ ପ୍ରଗତିଶୀଳ ବିଚ୍ଚାରଧାରାକୁ ତାଙ୍କ ଲେଖନୀ ମାଧ୍ୟମରେ ସମାଜକୁ ଦେଇଯାଇଛନ୍ତି | ତାଙ୍କ ଲେଖନୀ ମାଧ୍ୟମରେ ସେ ସମାନ ଅଧିକାର, ବୈଜ୍ଞାନକ ବିଚ୍ଚାରଧାରା, ନାରୀମୁକ୍ତିକୁ ଅଗ୍ରାଧିକାର ଦେଇଛନ୍ତି | ଅନ୍ୟାୟ ଅତ୍ୟାଚ୍ଚାର, ଜାତିବାଦ, ସମ୍ପ୍ରଦାୟିକତା ବିପକ୍ଷରେ ନଜର ଦୃଢ ବିଚ୍ଚାର ରଖିଛନ୍ତି | ଏହି ସତ୍ୟତାକୁ କେହି ଅମାନ୍ୟ କରିପାରିବେ ନାହିଁ ଯେ ସାଧାରଣ ଜନତାଙ୍କ ମାନସିକ କ୍ଷେତ୍ରରେ ସେ ଏକ କ୍ରାନ୍ତି ଆଣି ଦେଇପାରିଛନ୍ତି| ଏପରି ଏକ ମହାନ ଲେଖକଙ୍କୁ କୋଟି କୋଟି ନମନ |

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ରଥ ଯାତର୍‌କୁ ଡାକୁନ କାଳଆ



ଦୀନବନ୍ଧୁ ପୋଇ

ରଥଯାତର୍‌କୁ ଡାକୁନ କାଳଆ
ଯିବାକୁ ତା ବଡ ଦାଣ୍ଡ
ନ ଦେଖିଲେ ଦଣ୍ଡେ ତା'ର ସେଇ ଦାଣ୍ଡେ
ପବିତ୍ର ହେବନ ପିଣ୍ଡ ।୧।

ଦେଖି ତିନ ଦିଅଁ ରଥ ପରେ ମୁହଁ
ନଜକୁ ମଣଇଁ ଧନ୍ୟ
କୋଟି ଜନମର ପାତକ ଛଡେଇ
ପାଇଥାଏ ଶତ ପୁଣ୍ୟ ।୨।

କହ ରେ କାଳଆ କଏ ତୋ ଭଳଆ
ଅଛିରେ ଏଇ ଉତ୍କଳେ
ଦୁଃଖନାଶ କରି ସୁଖ ଦେଉ ଭରି
ଡାକଲେ ଭକ୍ତ ବିକଳେ ।୩।

ବିନା ଭକ୍ତେ ତୁହି ପାରିବୁ କ ରହି
ଏଇ ନଳାଚଳ ଧାମେ
ଭକ୍ତ ଭଗବାନ ମଧୁର ମିଳନ
ଜାଣିଛ ହେ ପ୍ରଭୁ ତୁମେ ।୪।

ଆଉ ଲୁଚନାହିଁ ବେଗ ଆସ ଧାଇଁ
ଦିଅ ଆହେ ଦରଶନ
କର୍‌ନା କବଲୁ ଭକ୍ତନ ରଖିଲେ
ପାଇବୁନ ସନମାନ
ଉଣା ହେବ ଭକ୍ତମନ ।୫।

6ଗାରଡାପାଳ
ଢେଙ୍କାନାଳ

# ରାବଣବାଣୀ



ରଞ୍ଜନ କୁମାର ପ୍ରଧାନ

ଦୁଃଶାସନ ଯେତେ ରାମ ସାଜି ଆଜି
କାଣ୍ଡଶର ହାତେ ଧରି,
ବୀରଦର୍ପେ ଦେଖ ମାଡ଼ି ଚାଲିଛନ୍ତି
ରାବଣର ବଧକରି |
ତ୍ରେତା ଭଳ ଏବେଶ ମନ ହେଉନଜାରି
ଭଦ୍ରମୁଖା ପିନ୍ଧା ଲମ୍ପଟଙ୍କୁ ଦେଖ
ଭଜୁଛନ୍ତି କୃଷ୍ଣହରି ॥ ୧

ଝିଅଟିଏ ଏଠି ସୁରୁଜ ଢଳଲେ
ସଡକେ ଅସୁରକ୍ଷିତ,
ରାବଣ ବେଳକୁ ବାଃରେ ମଣିଷ
ବଦଳ ଯାଉଛି ମତ ।
ତୁମେ ସବୁ ରାମ ଇକ୍ଷାକୁ ବଂଶର ସୁତ
ରାବଣଟା ଯାହା ରାକ୍ଷସ କୁଳରେ ଜାତ ॥୨

ମୁଁ ଯଦି ସିତାକୁ ଚୋରୀ କରି ଏଠି
ବୋଲାଇଲି ମହାପାପୀ,
ତୁମେ ବା କେମିତି ବଳାତ୍କାରୀ ସାଜି
ରାମଙ୍କୁ କରିଛ କପି ।
ଲୁଚ କର ପାପ ଉପରେ ରାମଙ୍କୁ ଜପି
ପାପପୂଣ୍ୟ ତବ ଦେଖିଛକ କେବେ
ଧର୍ମ ତରାଜୁରେ ମାପି ॥୩

ବ୍ୟଭିଚାର ଶୂନ୍ୟ ସ୍ୱପ୍ନ ସମାଜର
ଆରେ କଳଯୁଗ ରାମ,
ତାକୁ ଯା' ପ୍ରଥମେ କରିବୁ ପୂରଣ
ନଚେତ, ଧୀକ ତୋର ଏଇ ଜନ୍ମ ।
ଏ ସବୁ ନକରି ଯଦି, ରାବଣ ଦହନେ
ପାଉଥାଅ ତୁମେ ଖୁସି
ଏ ଦହନ ସ୍ୱୀକାରିବି
ମୁଁ ଯେ ହସି ହସି ॥୪

ପାଇକଆଁରା, ତିଗିରିଆ, କଟକ

# କାଳିଆ



ତପସ୍ୱିନୀ ରଥ

ଫୁଲଟିଏ ମୋତେ କରିଦେ କାଳିଆ
ହୁଅନ୍ତି ତୋ ଶ୍ରୀ ଅଂଗେ ଲାଗି ।।
କସ୍ତୁରୀ ଚନ୍ଦନ କରିଦେ କାଳିଆ
ତୋ ସେବାରେ କଟନ୍ତା ଜୀବନ ବାକି ।।

ଟଂକ ତୋର୍ଣି ଅବା ବ୍ରହ୍ମାନ୍ନ
ପାରନ୍ତିକି କ ଟିକେ ହୋଇ ।।
କାଳିଆରେ ତୋ ନାଲି ଅଧରକୁ
ପାରନ୍ତିକି ଟିକେ ଛୁଇଁ ।।

ବାଇଶି ପାହାଚ ତୁ କରିଦେ ମୋତେ
ମୋ ଉପରେ କରନ୍ତୁ ତୁ ପହଣ୍ଡି ବିଜେ ।।

ଇଚ୍ଛା ମୋର ତୋ ନନ୍ଦିଘୋଷ ରଥଟେ ହେବି
ପାଇ ତୋ ଆଲିଙ୍ଗନ ନସ୍ତରି ଯିବି ।।

ଶରଧା ବାଲି ମୋତେ କରି ଦେ କାଳିଆ
ତୋ ଭକତ ପାଦେ ମୁଁ ଯାଆନ୍ତି ଗୃପି ।।

ତୋ  ପାଟ  ପିତାମ୍ବରୀ  ରତ୍ନ ଅଳଙ୍କାର
ବନକ  ପାରିବି  ସତେ ।।

କାଳଆରେ  ଏଡେ  ବଡ  ଭାଗ୍ୟ
ତୁ  ଦେଇକ ପାରିବୁ  ମୋତେ ।।

ଦେବଦାସୀ ମୋତେ  କରି ଦେ କାଳଆ ସହି
ନୃତ୍ୟ ରସେ ପାରନ୍ତିକ ତୋ ମନକୁ ମୋହି ।।

କାଳଆରେ  ତୋ ପାଖେ ଏତିକ ଗୁହାରି ମୋର
ତୋ ସେବାରେ ମନ ମୋର ଥାଉ ନିରନ୍ତର ।।

କେନ୍ଦ୍ରାପଡା

# କେମିତି ଭୁଲିବି



ସ୍ୱାତୀ ବନ୍ଦନା କର

ତୁମେ କୁହ...
ତୁମକୁ ମୁଁ କେମିତି ଭୁଲିବି?
ବାସ୍ତବିକତାର ବକ୍ଷରେ ବହ୍ନିର ଉତ୍ତାପରେ
ନା........
ବିଗତ ଅତୀତକୁ ଆଖିବୁଜି,
ବହିଯାଉଥିବା ଅଶ୍ରୁରେ ।

ତୁମେ କୁହ...
ତୁମକୁ ମୁଁ କେମିତି ଭୁଲିବି?
ସମୟର କ୍ରୂର କନ୍ଦର୍ପର ତାଡନାରେ
ନା.......
ମର୍ମାହତ ହୃଦୟର
ଅସହ୍ୟ ଆଘାତର ଜ୍ୱାଳାରେ ।

ତୁମେ କୁହ
ତୁମକୁ ମୁଁ କେମିତି ଭୁଲିବି?
ଅବ୍ୟକ୍ତ ଅତୀତରୁ ବିଚ୍ୟୁତ ହେଲାପରେ
ନା....
ଅଶାନ୍ତ ଜୀବନ ସାଗରରୁ,
ତୁମ ସ୍ମୃତିର ଭଟ୍ଟା ପଡିବା ପରେ ।

ଜଗତସିଂହପୁର

# ପ୍ରତାରଣା



ସୁଶୀଲ୍ କୁମାର ଭେଇ

ନସ୍ତବ୍ଧ ମୁଁ ଆଜି ତୋ ପ୍ରତାରଣାରେ
ତୋ ପାଇଁ ମୁଁ ପ୍ରତି ମୁହୂର୍ତ୍ତରେ ଜଳେ
ହୃଦୟର ବ୍ୟଥା ତୁ କାଇଁ ବା ବୁଝିବୁ
ତୁ ତ' ଅଛୁ ବହୁ ଖୁସିରେ।

ତୋ ଭଲ ପାଇବା ଥିଲା ଅଭିନୟ
ମୋ ସାଥେ ତୁ କରିଦେଲୁ ଅଭିନୟଟେ
କେତେ ମନଦେଇ ତତେ ଭଲ ପାଇଥିଲି
ହେଲେ ତୋ ଛଳନାକୁ ବୁଝି ପାରି ନଥିଲି।

ତୋ ହୃଦୟ ସତେ ଟାଣ ପଥରଟେ
ମୋ ହୃଦୟକୁ କାଚପରି ଭାଙ୍ଗି ଦେଇଗଲୁ
ଭଙ୍ଗା ହୃଦୟକୁ କେମିତି ଯୋଡ଼ିବି
କୋଉ କାରିଗର ଆସି ଯୋଡ଼ି ଦେବ ଯେ।

ତୋ' ପାଇଁ ମୁଁ କେତେ ମରୁଛି
ତୋ ପ୍ରତାରଣାରେ ମୁଁ ପ୍ରତି ମୁହୂର୍ତ୍ତରେ ମରୁଛି
ଆଜି ମୁଁ ଗୋଟେ ଶବ ପାଲଟି ଯାଇଛି
ହେଲେ ତ' ତେ ମୁଁ ଅପେକ୍ଷା କରିଛି।

କେବେ ତୁ' ଫେରିବୁ ମୋ ଜୀବନକୁ
ମିଛ ଭଲ ପାଇବାର ଅଭିନୟ ନେଇ
ପ୍ରତାରଣା ସଙ୍ଗେ ମିଛ ପ୍ରତିଶ୍ରୁତି
ଯାହା ତୁ ଦେଇଥିଲୁ ଅତୀତରେ ଯାଇ।

ତୁ ମତେ ଧୋକା ଦେ କମ୍ବା ଯନ୍ତ୍ରଣା ଦେ
ତୋ ସୁଖ ପାଇଁ ଜାହାତୁ କରିବୁ
ସହିଯିବି ମୁଁ ଖୁସିରେ,ହଁ ସହିଯିବି ମୁଁ ଖୁସିରେ।
ହଁ ମୁଁ ନସ୍ତବ୍ଧ ତୋ' ପ୍ରତାରଣାରେ।

ଭୁବନେଶ୍ୱର
ସାମାଜିକ କର୍ମୀ/ଯୁବ ଲେଖକ

# କହିଲେ କହିବ କହୁଛି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଇଂରେଜମାନେ ଆମ ଦେଶକୁ ଦିନେ ଆସିଥିଲେ ବାଣିଜ୍ୟ ପାଇଁ କିନ୍ତୁ ସ୍ୱର୍ଣ୍ଣପ୍ରସୂ ଭାରତର ଐଶ୍ୱର୍ଯ୍ୟରେ ବିଭୋର ହୋଇ ଏହାକୁ ଶାସନ କରିବାର ପ୍ରଲୋଭନ ଧାରାରେ ସରଳ ଭାରତୀୟଙ୍କୁ କରିଥିଲେ ବିଭ୍ରାନ୍ତ । ପରବର୍ତ୍ତୀ ସମୟରେ ଭାରତୀୟ ଅସ୍ମିତାର ପୁନର୍ଜାଗରଣ ଭାରତୀୟଙ୍କୁ ସ୍ୱାଧୀନତା ଦେଇଥିଲା ସତ, କିନ୍ତୁ ତା'ରି ଭିତରେ ଜାତୀୟ ଚରିତ୍ରଟି ନଷ୍ଟ ପାଇଯାଇଛି ।

ସ୍ୱାଧୀନତା ପରେ ଆମେ ଇଂରେଜମାନଙ୍କ କାର୍ଯ୍ୟଦକ୍ଷତା ପ୍ରତିବଦଳରେ ବେଶି ଆହରଣ କରିଛୁ ସେମାନଙ୍କ ସୁଟ୍ ଓ ଟାଇ । ଇଂରେଜମାନେ ଦେଶ ଛାଡ଼ି ଯାଇଛନ୍ତି ସତ ମାତ୍ର ସେମାନଙ୍କ ଚାଲିଚଳଣି ଓ ଭାଷା ଛାଡ଼ି ଯାଇଛନ୍ତି ଇଂରେଜୀ ଶିକ୍ଷିତ ଭାରତୀୟଙ୍କ ପାଇଁ । ସେମାନଙ୍କ ଘରେ ଡାଡ଼ି, ମମି ଓ ସାହେବ ଡାକରେ ଅହଂବୋଧ ପରିତୃପ୍ତ ହେଉଛି ।

ପ୍ରକୃତପକ୍ଷେ କହିବାକୁ ଗଲେ ଇଂରେଜମାନଙ୍କ ଠାରୁ କ୍ଷମତା ହସ୍ତାନ୍ତର ପରେ ପରେ ଏଭଳି ହୀନମନ୍ୟତା ହିଁ ବୃଦ୍ଧି ପାଇଛି ଭାରତୀୟ ସଂସ୍କୃତିରେ । ଇଂରେଜମାନଙ୍କ ବିଦାୟ ପରେ ସ୍ୱାଧୀନତା ସଂଗ୍ରାମ ବେଳର ସେ ଆଦର୍ଶବାଦ ଓ ତିତୀକ୍ଷା ମଧ୍ୟ ପୁରାପୁରି ବିଦାୟ ନେଇଛି। ତା' ସ୍ଥାନରେ ଆସିଛି କ୍ଷମତାଭିଳାଷ । ରାଜନୀତିର ସ୍ୱାର୍ଥମେଧ ଯଜ୍ଞ ସ୍ୱାର୍ଥସେବାର ଜୈତ୍ରମଣି ଯଜ୍ଞରେ ପରିଣତ ହୋଇଛି । ରାତାରାତି ଧନୀଲୋକ ହେବାପାଇଁ ଚାଲିଛି ପ୍ରତିଯୋଗିତା । ପାଶ୍ଚାତ୍ୟର ଭୌତିକତାବାଦ; ଭାରତୀୟ ମୂଲ୍ୟବୋଧର ଗଳାଚପି ହତ୍ୟା

କରିସାରିଛି । ଛଳନା ଓ ପରଶ୍ରୀକାତରତା ମଧ୍ୟରେ ସ୍ୱାଧୀନତାର ମୁକ୍ତି ସ୍ୱପ୍ନ ହୋଇଛି ବିଡ଼ମ୍ବିତ ।

ପରିଶେଷରେ କେବଳ ଏତିକ କହିବି ଚଳନ୍ତି ସମୟର ମଣିଷ ହେଉଛି କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ସୃଷ୍ଟି କରିଗ୍ଭଲିଛୁ । କ୍ରମେ ମଣିଷର ନୈତିକ ଚନ୍ତାଧାର୍‍ ଓ ଆଦର୍ଶ ବିଡ଼ମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭ୍ରତର ଜନସାଧାରଣ ଦେଖିଥିବା ନୂତନ ଆଶା ଓ ସ୍ୱପ୍ନ କାଳ ବକ୍ଷରେ ମ୍ଳାନ ହୋଇଯାଇଛି ।

ସ୍ନାତକୋତ୍ତର ଓଡିଆ ବିଭ୍ଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ରେନ୍ କୋଟ



ଡଃ ମାଙ୍ଗଳିକା ମହାପାତ୍ର

ଆଜି ବର୍ଷା ...

ଭିଜେଇଲାନି ମୋତେ

ଜାଣେନା କି ସମ୍ପର୍କ

ତା ସହିତ ମୋର ସତେ

ବାଟରେ ଆସୁ ଆସୁ

ଝିପି ଝିପି ବରଷି ଗଲା

ଟିକେ ଟିକେ ଦେହକୁ

ମୋର ଛୁଇଁ ଗଲା ...

ହେଲେ ଗରଜିଲାନି

ଓଦା ସରସର କରି

ସେ ଭିଜେଇଲାନି ..

ବୋଧହୁଏ ଲୋକହସା କଲାନି

ଆଜି ...

ବର୍ଷାକୁ ଖୁବ୍ ନିକଟରୁ ଦେଖିଲି

ତାକୁ ପାଖକୁ ଡ଼ାକି ତା ସହିତ

ଖୁବ୍ ଖେଳିବି ବୋଲି ଭାବିଲି

ହେଲେ ରାସ୍ତାରେ ଯେ ଥିଲି

ସେଥିଲାଗି ତାକୁ ଛୁଉଁ ନଥିଲି
ଖାଲି ଯାହା ଆକାଶର ବାଦଲ ସହିତ
ତାର ଲୁଚକାଳି ଖେଳ ଦେଖୁଥିଲି

ଆଜି ...
ବର୍ଷାକୁ ଦେଖି ପତି ମୋର ...
ରେନକୋଟ ପିନ୍ଧିଲେ ହୋଇ ତରତର
କାଳେ ମୁଁ ଭିଜିଯିବି ବୋଲି
ଭାବି ଭାବି ହେଲେ ଅଧିର
ହେଲେ ମୁଁ ଥିଲି ନିରୁତ୍ତର
ଅନୁଭବୁଥିଲି ଉପସ୍ଥିତି ବର୍ଷାର
ଦେହକୁ ଶୀତେଇ ଦେଉଥିବା
ବର୍ଷା ମିଶା ଶୀତଳ ପବନର

ଭାବୁଥିଲି ମନେ ମନେ
ଛୁଇଁ ଯାଆନ୍ତାନି ସେ ମୋ ଶରୀର
କୋଳେଇ ନିଅନ୍ତାନି ବାହୁରେ ତାର
ଲାଗନ୍ତା ମୁଁ ତା ଅତି ନିଜର...

ମନେ ପଡୁଥିଲା ସ୍ମୃତି ପିଲାଦିନର
ଭିଜା ଭିଜା ଶାଢ଼ୀରେ ସ୍କୁଲ୍ ଯିବାର
ସାଙ୍ଗମାନଙ୍କ ସହିତ ମସ୍ତି କରିବାର
କ୍ଲାସ୍ ରେ ଲୁଗାକାନି ଶୁଖେଇବାର

ସତରେ ...
ଆଜି .. ବର୍ଷା ...
ତୁମେ ମୋ ଅତି ଆପଣାର
କେବେ କେବେ ଲୁହକୁ ପୋଛିନିଅ
କୋମଳ ଛୁଆଁ ରେ ତୁମର...

କେବେ ଭରିଦିଅ ଅଜାଣତେ
ମନେ ଅନୁଭବ କାମନାର
ଭୁଲିବନି କେବେ ଭଲପାଇବା
ତୁମ ପ୍ରିୟତମା ବାନ୍ଧବୀର
କଥା ରହିଲା ଆମ ଭିତରେ
ରହିବ ସମ୍ପର୍କ ଜନ୍ମ ଜନ୍ମର ...

ରେଭେନସା ବିଶ୍ୱବିଦ୍ୟାଳୟ

# ଅଚହ୍ନା ବନ୍ଧନ

(ଧାର୍‌ବାହିକ)



ଜୟଲକ୍ଷ୍ମୀ ସେଠୀ

ଇଏତ ଜୀବନ...। ମନ ଇଚ୍ଛା ଗ୍ଭଲିଥାଏ। କାହାକୁ ଅପେକ୍ଷା କରେନା। କେମିତି ବର୍ଣ୍ଣନା କରିବି ନଜକୁ। ଗତାନୁଗତିକତାର ପ୍ରବାହମାନ ଧାର୍‌ରେ ଭ୍ସି ଯାଉଯାଉ ଥମକ ରହିବାକୁ ହୁଏ କେବେ କେବେ। ଜୀବନ ବାନ୍ଧି ହୋଇଯାଏ ଅନ୍ୟର ସ୍ୱାଭିମାନ ରଶିରେ। ନଜସ୍ୱ ବୋଲି କଛି ନ ଥାଏ। ସ୍ୱାଧୀନତା ସେମାନଙ୍କର ଭ୍ବନାରେ ସୀମାବଦ୍ଧ ହୋଇଥାଏ। ତଥାପି ନସ୍ତାର ନଥାଏ। ଗୀତା ବିରହର ସଂଜ୍ଞା ଏବେ ଅଲଗା ହୋଇଯାଇଛି। ସମୟର ସ୍ରୋତରେ ସାଉଁଟିଥିବା ସବୁ ଅବଶୋଷ, ଅପ୍ରାପ୍ତିର ଗ୍ଲାନ ଜୀବନର ସବୁ ସୁଖକୁ ଅତିଷ୍ଠ କରିଦେଇଛି। ଦୁଲ୍ଲଭ ଜୀବନକୁ ମାରିଦେବାକୁ ଇଚ୍ଛା ହୁଏ। କେତେଥର ମଧ୍ୟ ଆଗେଇ ଆସିଛି। ପ୍ରେମର ପହିଲି ଛୁଆଁରେ ହିମାଳୟରୁ ଆଲପସ୍ ଯାଏ ସବୁ ଶିଖରକୁ ଛୁଇଁ ଯାଇଥିଲି। ଯେତେବେଳେ ପାଇବା ଅସମ୍ଭବ ହୋଇଯାଏ, ହୋଇଯାଏ, ଅତୀତର ଅନ୍ତର୍ନିହିତ ବେଦନାକୁ ଅନୁଭବ କରେ। ଜୀବନରେ ଚରନ୍ତନ ସତ୍ୟକୁ। ସମୟ ହାତଠାରି ଡାକେ ଫେରିଯିବାକୁ ଅବ୍ୟକ୍ତ ଯନ୍ତ୍ରଣାରେ ଭିଜିଭିଜି, ବେଳେବେଳେ ପ୍ରଶ୍ନ ବାଢେ ଗୀତା।

ତୁମେ କେବେ ବିରହର ନଆଁରେ ଜଳଛ? ଶୂନ୍ୟତାକୁ ପ୍ରଶ୍ନ କରେ। ଜଗନକୁ ବହୁତ ଆଗରୁ ଜାଣିଛି ଅତ୍ୟଧିକ ଦରଦୀ ମନ ତାଙ୍କର କାନ୍ଥୁର୍, ଦରଦିଆ ବ୍ୟକ୍ତିତ୍ୱଟିଏ। ସମୁଦ୍ରର ଶାନ୍ତଶିଷ୍ଟ ତରଙ୍ଗ ହଠାତ୍ କାହିଁକ ଅମାନଆ ହୋଇଉଠିଲ୍। ସେଦିନର ସବୁ କଥା ଜଳ ଜଳ କରି ଭ୍ସି ଉଠୁଛି । ଜଗନର ଆସିବା ଖବର ପାଇ କଛି ଜିନଷ କଣିବ ବୋଲି ବାହାନା କରି ବସଷ୍ଟାଣ୍ଡକୁ ଯାଉଥିଲି। ହଠାତ୍ ନାଲି କାରଟି କାଦୁଅ ଛିଟିକା ମାରିଦେଇ ଗ୍ଭଲିଗଲ୍। କଛି ବାଟ ଗଲ୍‌ପରେ କାରର ଛୋଟ ଫାଙ୍କରୁ ଝରିଆସିଲ୍ ସରି.. .. ଗୀତା।

ଅବାକ୍ ହୋଇଗଲ୍ ଗୀତା। ଯେମିତି ପାଦତଳେ ଧରିତ୍ରୀ ଶୂନ୍ୟ ହୋଇ ଗଲ୍‌କ?

ନୀଳ ଡ୍ରେସ୍ ପିନ୍ଧା ସ୍ତ୍ରୀ ଲୋକ ମୁହଁ ବାହାରକୁ କାଢି କହିଲା, ଛିଃ.. ..

ଏମାନେ ଇଡିୟଟ୍ । ତୁମେ ସରି କହୁଛ?

ଧେତ୍ .. ..., ଗ୍ଲୋ ମ!

ଗାଡି ଆଗକୁ ଗଡେଇ ନେଲେ ଜଗନ । ପଛକୁ ଫେରିବି ଆଉ ଗ୍ଲହିଁଲେ ନାହିଁ । ଆକାଶଟା ଯେମିତି ଗୀତାର ମୁଣ୍ଡରେ ଖସିପଡିଲା । ଆଉ କଛି ଭାବିପାରିଲା ନାହିଁ । ସେହିଠାରେ ପଡିଗଲା ଗୀତା । ଚେତା ଫେରିଲା ବେଳକୁ ବାଲେଶ୍ବର ମେଡିକାଲରେ ନଜକୁ ଦେଖି ଚତ୍କାର କରିଉଠିଲା । ମୁଁ କେମିତି ଆସିଲି ଏଠାକୁ । ମୁଁ ବଞ୍ଚିବାପାଇଁ ଗ୍ଲହେଁ । ମରିଯିବାକୁ ନୁହେଁ ପ୍ଲିଜ୍ ମତେ ସାହାଯ୍ୟ କର । କଏ ଅଛ? ପୁଳାଏ ଗରମ ବାମ୍ପରେ ଉଦଗିରଣଶୀଳ ଭାବନା ଲାଗୁଥିଲା ପଡି ମରିଯାଆନ୍ତି କ ଗୋଟିଏ କଟା ଗଛର ଗଣ୍ଡିପରି । ଭଉଜର ବିଦୀର୍ଣ୍ଣ ଚତ୍କାର ପ୍ରତିଧ୍ୱନ୍ତ ହୋଇ ଉଠୁଥିଲା । ବାପାଙ୍କର ଉଦାସୀ ଦରଦଭାଷା ପିଟି ହୋଇଯାଉଥିଲା ମନ ବେଳାଭୂମିରେ । ଗାଁ ମାଇପିଙ୍କ ଫୁସଫାସ ଟାହିଟାପରା, ଓଃ ...... ଆଉ ଭାବିପାରିଲା ନାହିଁ ଗୀତା, ପୁଣି ଅଚେତ ହୋଇ ପଡିଗଲା । ଦୁର୍ଗା ପୂଜାରେ ହସଖୁସିର ଗହଳ ଭିତରେ ଗୀତା ବିରହ ଅପବାଦ ନଆଁରେ ଯେମିତି ପଶିଯାଇଛି । କହ୍ନେଇ ଆଉ ସହିପାରିଲା ନାହିଁ ।

ଗୀତା ତୁମର କଣ ହୋଇଛି?

ତୁମେ ପୂଜାର ବାନ୍ଧବୀ ତ?

କଲବଲ କରି ଗୀତା କହ୍ନେଇକୁ ଗ୍ଲହିଁ ରହିଥିଲା । ହ! କଣ କହ୍ନେଇ

ଭାଇ ସବୁ ଜାଣି ଦେଇଛନ୍ତି କ?

ଗୀତା ଆଖିରୁ ପ୍ରଶ୍ନ ପଢି ଦେଲା ପରି କହ୍ନେଇ କହିଲା । ମନ୍ଦିର ରାସ୍ତାରେ ତୁମେ ଅଚେତ ହୋଇ ପଡିଥିଲ ମନ୍ଦିର ନନା ତୁମକୁ ଉଠାଇ ଆଣିଛନ୍ତି ଏଠାକୁ ।

ନାଇଁରେ ମା? ନନା କହିଲେ, ଏଇ କହ୍ନେଇ ତା ଗାଡିରେ ତତେ ଆଣି ଏଡମିଶନ କରିଛି ସବୁ ପଇସା ମଧ୍ୟ ଖର୍ଚ୍ଚ କରିଛି । ହଉ ମା ତୁମେମାନେ ଆସ । ମୁଁ ଯାଉଛି ଅନେକ ଲୋକ ପୂଜା କରିବାକୁ ଆସିସାରି ଥିବେ । ସୁସ୍ଥ ହେଲା ପରେ ମତେ ଦେଖା କରିବୁ, ଯାଉଛି ।

କଣ ପାଇଁ ଗୀତା? କନ୍ହେଇ କହିଲା ।

କଏ ବାପା? କୁହ ପ୍ଲିଜ୍ ।

ନାଇଁ, ନାଇଁ .. .., ଭେଏଁ ଭେଏଁ କରି କାନ୍ଦିଉଠିଲା ଗୀତା । କନ୍ହେଇ କୋଳରେ ମୁଣ୍ଡ ଗେଞ୍ଜି ଅନେକ କାନ୍ଦିଲା । ମୁଁ କଛି କହିପାରିବିନାହିଁ ମୁଁ ମରିବାକୁ ଚାହେଁ କନ୍ହେଇ ଭାଇ?

ଚୁପ୍ .. .. ? କନ୍ହେଇ କହି ଗୋଟେ ଚାପୁଡା ଗୀତାର ଗାଲରେ ମାରିଦେଲା । ମୁଁ ତୋର ବଡଭାଇ । ମତେ ଲୁଚାଇବା ଦରକାର ନାହିଁ ।

ମୁଁ ସବୁ ଜାଣିଛି, ମତେ ନନା ସବୁ କହିଛନ୍ତି । ତା ବାପ କଏ, ମୁଁ ଥରୁଟିଏ ତୁମ ପାଟିରୁ ଶୁଣିବାକୁ ଚାହୁଁଥିଲି । ତୁମେ ତ ମରିଯିବ । ସେ ପିଲାଟି କ ଦୋଷ କରିଛି । ତାକୁ କାହିଁକି ବିନା ଦୋଷରେ ମାରିଦେବାକୁ ଚାହୁଁଛ? ମନେ ରଖ ତୁମ ସାଥିରେ ମୁଁ ଅଛି । ଯାହା ଅସୁବିଧା ହେବ, ମତେ ଜଣେଇବ ।

ଫର୍ମକୁ କନ୍ହେଇ ହାତକୁ ବଢେଇ ଦେଇ ଡାକ୍ତର ଦିଦି କହିଲେ, ଗୀତାଦେବୀଙ୍କର ଡିସଚାରର୍ଜ ହୋଇଯାଇଛି କନ୍ହେଇବାବୁ, ଏବେ ତାଙ୍କୁ ଘରକୁ ନେଇଯାଇପାରିବେ । ଏପରି ଅବସ୍ଥାରେ ତାଙ୍କୁ ବେଶୀ କଷ୍ଟ ଦେବ ନାହିଁ । ମା ଓ ପିଲା ପାଇଁ ବିପଦ ।

ଗୀତାକୁ ଉଠାଇ ନିଜ ଗାଡିରେ ବସେଇ ତାଙ୍କ ଘର ଗେଟ୍ ପାଖରେ ଓହ୍ଲାଇଦେଲେ କନ୍ହେଇ । ଘର ଭିତରୁ ରଣଚଣ୍ଡୀ ହୋଇ ଭାଉଜ ଚତ୍କାର କରୁଥିଲେ ଆଲୋ ଅଣ୍ଡିରାଚଣ୍ଡି, ଦୁନିଆ ଟୋକାଙ୍କୁ ଧରି ମତେ ବଦନାମ କରିତେ ରହିଛୁ କି? କଳଙ୍କିନୀ, ଅଲକ୍ଷଣୀ, କଥାଯାଇ ଦାଣ୍ଡରେ ଗଡିଲାଣି, ଝଡପରି ବରଷିଗଲେ । ତୁ କାହାର ଛୁଆ ଧରି ଏହି ଟୋକାଙ୍କ ସହିତ ବୁଲୁଛୁ? ବିଚନ୍ଦବାବୁଙ୍କ ଆଗମନ ଦେଖି ଚୁପ୍ ହୋଇ ଗଲେ ଭାଉଜରାଣୀ ।

ଆରେ ଭିତରକୁ ଆସ ବିଚନ୍ଦ । ଜଗନ ଗାଡି ଷ୍ଟାର୍ଟ କରି ଚାଲିଗଲେ । ଗଲାବେଳେ ଗୀତାକୁ ଆଶ୍ୱାସନାର ଇସାରା ଦେଇଗଲେ । ବିଚନ୍ଦବାବୁ ଗୀତାର ହାତଧରି ଘର ଭିତରକୁ ନେଇଆସିଲେ । ଚନ୍ତା କରନା ଭାଉଜ । ମୁଁ ତୁମର ସବୁକାମ ଛିଡେଇ ଆସିଛି ।

ମାନେ ? ଭାଉଜ ପଚାରିଲେ ।

ଯାହା ପିଲା ହେଉ, ମୁଁ ଗ୍ରହଣ କରିନେବି?

କଣ କହୁଛ ବିଚନ୍ଦ୍ର**?** ଭୁଜଙ୍ଗ କହିଲେ ତୁମେ ମହାନ ରେ ।

ହଁ ଦଶ ହଜାର ଟଙ୍କା ଆଣିଛି ରଖନ୍ତୁ ଭୁଜଙ୍ଗ । କାଲି ମନ୍ଦିରରେ ବାହାଘର ପାଇଁ ପ୍ରସ୍ତୁତ କରିଦେବ । ହାତରୁ ଝଅଟ ପଇସାକୁ ନେଇ ଭୁଜଙ୍ଗ ଖୁସିର ସୀମା ରହିଲା ନାହିଁ । ବିଚନ୍ଦ୍ରବାବୁ ତୁମେ ମଣିଷ ନୁହଁ**,** ଭଗବାନ । କାଲି ସବୁ ଠିକ୍ ଠାକ୍ କରିଦେବି । ତୁମେ ନିଶ୍ଚିନ୍ତ ରୁହ । ବାସ୍ ବିଚନ୍ଦ୍ର ଗୀତା ପାଖକୁ ଆସି କାନରେ ଫୁସଫାସ୍ କଥା କହି ଚାଲିଗଲେ । ଗୀତା ସହି ପାରିଲା ନାହିଁ**,** ନିଜ ରୁମ୍ ର କବାଟ ବନ୍ଦ କରି ଅନେକ ସମୟ ଧରି ବିକଳରେ କାନ୍ଦିଲା । ଜଗନ ତୁମେ ଭୁବନେଶ୍ୱର ଝିଅକୁ ବାହା ହୋଇ ଚାଲିଆସିଲ । ମତେ ଥରୁଟିଏ ବି ପଚାରିଲନାହିଁ କାହିଁକ**?** କଣ ଅପରାଧ କରିଥିଲି**?** ତୁମ ସନ୍ତାନକୁ ମୋ ପେଟରେ ରଖି କଣ ଅପରାଧ କରିଛି**?** ବିଚନ୍ଦ୍ରବାବୁ ଚରିତ୍ରହୀନ ଲୋକ । ଝିଅମାନଙ୍କୁ ବେପାର କରିବା ତାର ମୁଖ୍ୟ ଉଦ୍ଦେଶ୍ୟ । କଣ କରିବ ଗୀତା କିଛି ଭାବିପାରିଲା ନାହିଁ । ବହୁତ ରାତି ହୋଇଗଲାଣି । ଜହ୍ନ ଯେମିତି ଆଜି ଲୁଚ ଯାଇଛି ଆକାଶ ଛାତିରୁ । କିଟି କିଟିଆ ଅନ୍ଧାର ଭିତରେ ଧୀରେ କରି କବାଟ ଖୋଲିଲା ଗୀତା**,** କେହି ଯେମିତି ନ ଜାଣନ୍ତି । ଚୁପଚାପ ଯାଇ ନଦୀକୁ ଡେଇଁପଡିବ । ବାସ**,** ଅନ୍ଧାରୁଆ ଛାତିରେ ପାଦରଖି ଚାଲୁଥାଏ । ଗୀତା ନଦୀ ପାଖକୁ ଆସିଲା । କାଳ ବିଳମ୍ବ ନ କରି ଡେଇଁବାକୁ ପ୍ରସ୍ତୁତ ଗୀତାକୁ ଧରିନେଲେ କହ୍ନେଇ**,** ଗୀତା ଚମକି ପଡିଲା । ପ୍ଲିଜ କହ୍ନେଇ ଭାଇ**,** ମତେ ଛାଡି ଦିଅ । ମୁଁ ମରିବାକୁ ଚାହେଁ ।

କାହିଁକରେ ମା**,** ଗୀତା ବାପା କହିଲେ**,** ହଁରେ ମା ତୁ କିଛି ପାପ କରିନାହୁଁ ।

ମରିବୁ କାହିଁକ**?** ମନ୍ଦିର ନନା କହିଲେ । ସମସ୍ତଙ୍କୁ ଦେଖି ଅବାକ ହୋଇଗଲା ଗୀତା ।

କିଛି ଭାବି ପାରିଲା ନାହିଁ । ଏମାନେ କଣ ମୋ ପଛରେ ଆସୁଥିଲେ**?** ନିର୍ଜନ ନୀରବ ଯେମିତି ଗୀତାକୁ ଗ୍ରାସ କରିଥିଲା । ଅନେକ କିଛି ଇଚ୍ଛା ଥାଇ ବି କିଛି କହି ପାରୁନଥିଲା । ରାତାରାତି ସବୁ ଯେମିତି ସୁଖର ସ୍ୱପ୍ନ ଚୂନା ହୋଇ ମାଟିରେ ମିଶିଗଲା । ଜୀବନ ବି ଏମିତି ସାଜିଯାଇଛି ଯେ ଚୁନାଚୁନା ଭାବନାକୁ ସାଉଁଟି ମୃଗତୃଷ୍ଣା ପରି ଖୋଜିବୁଲେ ବିଶ୍ୱାସ । ଲୁହ ଝରଣା ପରି ଗଡି ଚାଲୁଥିଲା ଗୀତାର ଆଖିରୁ । ବାପା ଭଗିଆ କହ୍ନେଇର ଗୋଡଧରି ବାବୁରେ ମୋ ଝିଅକୁ ବଞ୍ଚାଅ । ମା ଛେଉଣ୍ଡାଟା । ମୁଁ ତ ମଦ ପିଉଛି ବୋଲି ତାକୁ କେତେ କଣ ସହିବାକୁ ପଡିଛି । ପୁଣି ଏମିତି କଥା ତା ଭାଇ**,** ଭୁଜଙ୍ଗ ଶୁଣିଲେ ତାକୁ ମାରିଦେବେ ।

ତା ମାଆ ମୋ ପାଇଁ ହିଁ ମରିଗଲା । ଆଜି ତାର ଯଦି କଛି ହୋଇଯାଏ, ଉପରେ ଥାଇ ତା ମାଆ କେବେ ମତେ କ୍ଷମା ଦେବନାହିଁ ।

ହଁ ରେ କହ୍ନେଇ । ନନା କହିଲେ ଗୀତା ସତରେ ଗୀତା ପରି ପବିତ୍ର । ତୁ କଛି କର ତା ପାଇଁ। କହ୍ନେଇ କଣ କରିବ କଛି ଭାବିପାରୁନଥିଲା । ପୂଜାର କଥା ମାନସ ପଟରେ ଉଙ୍କିମାରୁଥାଏ । ସକାଳ ହେଲେ ତାଙ୍କ ବାପା ମାଆଙ୍କୁ ଦେଖା କରିବ । ବଡ ଧର୍ମ ସଙ୍କଟରେ ପଡିଗଲେ କହ୍ନେଇ । ଉପରେ ଅନ୍ଧାରକୁ ଜାବୁଡି ଧରିଛି ନୀଳ ଆକାଶ, ବିବଶ ଲାଗୁଛି ମାନସିକତା। ସମସ୍ୟାର ବୁଢିଆଣୀ ଜାଲରେ ଛନ୍ଦି ହୋଇ ଛଟପଟ ହେଉଥାଏ କହ୍ନେଇ ଆଶ୍ୱାସନା ନା ସମ୍ବେଦନା ନା ସୃଷ୍ଟି କରିଥିବା ସ୍ୱପ୍ନ । ସକାଳେ ସବୁ ଘଟଣା ପ୍ରଘଟ ହୋଇଯିବ । ତା ପରେ ପୂଜାର ବାପା ମା ଙ୍କର କଣ ହେବ । ଆଉ କଛି ଭାବି ପାରିଲେନାହିଁ କହ୍ନେଇ । ହୃଦୟର ଅତଳ ଗର୍ଭରୁ ଭିଜା ଭିଜା ସ୍ୱପ୍ନକୁ କଳ୍ପନାର ସ୍ମୃତିସୌଧ କରି କେମିତି ଫିଙ୍ଗିଦେବି । ଯନ୍ତ୍ରଣାରେ ରାତିସାରା ପୂଜାର ମିଠା କଥାଗୁଡିକୁ ସଜାଇ ତିଆରି କରିଥିବା ପ୍ରେମର ଘରକୁ କେମିତି ଭାଙ୍ଗିଦେବି, ମୁଣ୍ଡ କଛି କାମ କରୁ ନଥାଏ । ଗୀତାର ବାପା କାକୁତି ମିନତି ଧୈର୍ଯ୍ୟହରା ହୋଇ ଯାଉଥାନ୍ତି । ଗୀତାର ବିକଳ ମୁହଁକୁ ଦେଖି ଆଉ ସହି ହେଲାନାହିଁ । ବାପାଙ୍କୁ ସବୁ ରେଡି କରିବାକୁ କହି କହ୍ନେଇ ଚାଲିଗଲେ । ବାପା ମଧ୍ୟ ମୋର କଛି ଜିନଷ ଧରି ସୋର ଷ୍ଟେସନ୍ ପାଖକୁ ଚାଲି ଆସିଥିଲେ ।

ନନା ମଧ୍ୟ ପହଞ୍ଚି କହିଲେ, ମା ଗୀତା ତୁ ଚନ୍ତା କରନା । କହ୍ନେଇ ଭଲ ପିଲାଟେ, ତତେ ଜମାରୁ ଦୁଃଖ ଦେବନ । ହେଲେ କହ୍ନେଇ ଏ ଯାଏ କାହିଁକ ଆସିଲେ ନାହିଁ, ଭଗିଆ କହିଲା ।

କହ୍ନେଇ ପହଞ୍ଚି – ହଁ ମଉସା ଆସିଗଲି ।

ଗୀତା ବଲବଲ କରି ସମସ୍ତିଙ୍କୁ ଚାହିଁ ରହିଥିଲା ।

ଟ୍ରେନ୍ ଆସିଗଲା ନନା । ଆପଣମାନେ ଯାଆନ୍ତୁ । ଆମେ ଟ୍ରେନ ଚଢିବା ।

ଗୀତାରେ କହ୍ନେଇର ସବୁ କଥା ମାନବୁ ।

ଗୀତା, ନନାଙ୍କୁ ଓ ବାପାଙ୍କୁ ପ୍ରଣାମ କରି ଟ୍ରେନକୁ ଚଢିଗଲା । କହ୍ନେଇର ହାତ ଧରି ଭଗିଆ ଭେ ଭେ କରି କାନ୍ଦି ଉଠିଲା । ବାପାରେ ତୁମ ଋଣ ମୁଁ ସୁଝି ପାରିବିନାହିଁ । ହେଲେ ଏ ଗରିବ

ବାପର ଦୁଃଖିନୀ ଝିଅକୁ କେବେ ଅନାଥ କରିବନାହିଁ । ସମସ୍ତିଙ୍କ ଆଖିରେ ଲୁହର ବନ୍ୟା ହୋଇଯାଇଥାଏ । ଟ୍ରେନ ମଧ୍ଯ ପ୍ଲାଟଫର୍ମକୁ ଛାଡିବା ଆରମ୍ଭ କରିଦେଲା ।

ବାସ, ତା ପରେ ଭାଇ ଭଉଣୀ ଦୁଇଜଣ ସ୍ୱାମୀ ସ୍ତ୍ରୀର ଅଭିନୟ କରି କଲିକତାରେ ଗୋଟେ ଛୋଟ କମ୍ପାନୀରେ କହ୍ନେଇ କାମ କରି ବର୍ଷ ପରେ ବର୍ଷ ବିତି ଯାଇଛି । ତା ପରେ ଅଞ୍ଜନାର ଜନ୍ମ ଓ ବଡ ହେବାର ସବୁ କାର୍ଯ୍ୟ ଭିତରେ ଅତୀତକୁ କେବେ ଫେରି କରି ଦେଖି ନାହିଁ । ହେଲେ ଏକା ଏକା ହୋଇଗଲେ ଅମାନିଆ ଲୁହ ସବୁ ଅବୁଝା ହୋଇ ଝରିପଡନ୍ତି । କହ୍ନେଇ ଭାଇଙ୍କର ବିଶାଳ ତ୍ୟାଗ ତାଙ୍କ ପାଦ ପୂଜା କଲେ ବି କମ ଲାଗିବ । ହେଲେ କେବେ ତାଙ୍କ ଦୁଃଖକୁ କାହାକୁ ବାଣ୍ଟିବାକୁ ଭଲ ପାଆନ୍ତି ନାହିଁ, ଏହା ତାଙ୍କର ନିଜସ୍ୱ ବୋଲି ଅଭିଯୋଗ ବାଢିବସନ୍ତି ।

କ୍ରମଶଃ ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

# ମା



ପ୍ରତିମା ମେହେର

ସବୁରି ଭିତରେ ତୁମ ଉପଲବ୍ଧି  ବାରି ହୋଇ ପଡ଼େ

ତୁମ ଗନ୍ଧ, ତୁମ ସ୍ୱେଦବିନ୍ଦୁ

ସ୍ମୃତି ହେଇ ଝରି ପଡ଼େ,ବାରମ୍ବାର ମୋ ଅଗଣାରେ

ଶତଚେ଼ଷ୍ଟା ସତ୍ତ୍ୱେ ଭୁଲେନା ଏ'ମନ

ନିକଟତର ଆହୁରି ତୁମ ଅସ୍ତିତ୍ୱ

ଫେରି ଫେରି ଗ୍ଲୁହେଁ ସେ ଅତୀତକୁ

ଅଳଙ୍କୃତ କରିଥିଲ "ମା" ନାମ ଗୋଟି

କୋଟି ପୂଣ୍ୟ ବଳେ ଜନମିଥିଲି, ତୁମ ଅମୃତମୟ କୋଳେ

ପୂଜିଥିଲି ହୃଦୟ ସିଂହାସନେ

ଝୁରିଲେ ଲୋତକ ଝରିଯାଏ ସିନା

ଫେରନା ତୁମେ,

ସେ ଅଚିହ୍ନା ଇଲାକାରୁ

ଭେଟିବି ବୋଲି ସପନେ ସଯତ୍ନେ ମୁଦ୍ରିତ ନୟନେ

ମିନତି କରେ ପ୍ରଭୁ ପଦ ତଳେ

ବିସରିଗଲ କ ସତେ !!

ତୁମ ଶାନ୍ତ ସ୍ନିଗ୍ଧ କମନୀୟ ମୂର୍ତ୍ତି ବିଦ୍ୟମାନ

ଏବେ ବି ଜୀବନେ..

ତୁଚ୍ଛ ଲ଼ଗେଏ'ଜୀବନ ପ୍ରତିଟି ମୂହୁର୍ତ୍ତ

ପ୍ରତିଟି ବନ୍ଧନ ମରୁ ମରିଚ଼ୀକା

ଫିଟି ଯାଆନ୍ତା କ  ମିଛ ମାୟା ଶୃଙ୍ଖଳ

ଭେଟ ହୋଇ ଯାଆନ୍ତା ତୁମର ମୋର

କୋଳେଇ ନଅନ୍ତ ଆଉଥରେ

ମୁକତି ମିଳନ୍ତା ସଂସାରୁ

ତୁମେ ମୋର ଜୀବନ ସାଥି ଜନ୍ମ ଜନ୍ମାନ୍ତର

ପାଟଣାଗଡ଼
ଜିଲ୍ଲା - ବଲାଙ୍ଗୀର

# ହେ ବର୍ଷା ରାଣୀ..



କେଶରୀ ପ୍ରସାଦ ମହାନ୍ତି

ଆଷାଢ଼ ରେ ହେଉ ନହିଁ ଟି ଜମା ବରଷା ।
ମେଘ ଠୁ ତୁଟୁଛି ଚଷା ଆଶା ଭରଶା ॥
କାହିଁକ କେଜାଣି ପଡିଛି ପୃଥ୍ୱୀ ର ଏ ଦଶା ।
କେବା ବୁଝି ପାରିବ କୃଷକ ମନ ର ଭାଷା ॥
ହଜି ଗଲାଣି ଯେ ମୌସୁମୀ ଲୁଚଛି ଲଘୁଚାପ ।
ଏହା ଭାବି ଘରେ କୃଷକ  କରେ ମାନସ୍ତାପ ॥
ସତେ କ ଜଳଦ ରୁଷିଛି ମହି ଉପରେ ।
ଚାଷୀ ପୁଅ କାନ୍ଦେ ହାତ ଦେଇ ମଥା ରେ ॥
ଗଡି ଯାଉଛି ଯେ ସମୟ ସର୍ବେ ଦୁଃଖିତ ।
ଅକଞ୍ଚନେ ବାରେ ଦୟା ବହ ଆହେ ଜିମୂତ ॥
ଦୁନ୍ଦୁଭି ବାଦ୍ୟ ର ସହିତ ତୀକ୍ଷ୍ଣ ଚପଳା ।
ନଭେ ଏକତ୍ରିତ ହୁଅ ହେ ମେଘ ମାଳା  ॥
ମୁଷଳ ଧାର୍ ରେ ବରଷ ହେ ବର୍ଷା ରାଣୀ ।
ସବୁଜ ଶ୍ୟାମଳ ବସ୍ତ୍ର ରେ ପୁଣି ହସୁ ଧରଣୀ ॥

ଉଦ୍ଭିଦ ବିଜ୍ଞାନ  ସଂମାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# କୃଷକ



କାହ୍ନୁ ଚରଣ ସାହୁ

ମାଟିରେ ମାଟିରେ
ଗଢେ ଅନେକ ସ୍ୱପ୍ନ,
ନା ମାନେ ଶୀତ, କାକର
ଅସହ୍ୟ ଯନ୍ତ୍ରଣା ଗ୍ରୀଷ୍ମର ।

ବର୍ଷାରେ ଭିଜି
କାଦୁଅ ଦେହରେ ବୋଳି
କରିଚାଲେ ସଂଘର୍ଷ
ଠିକ୍ ସୀମାରେ ଲଢୁଥିବା
ବୀର ପୁତ୍ର ପରି
ଦୁନିଆର କ୍ଷୁଧା ମେଣ୍ଟେଇବାର ଆଶାରେ ।

ନିଃସ୍ୱାର୍ଥ ଭାବନାରେ
ଜଡିତ ତାର ସର୍ବସ୍ୱ
ଆଞ୍ଜୁଳାଏ ସୁଖକୁ
କୁତୁରୁ ଟୁବାଲ କାନରେ ବାନ୍ଧି
ଝାଳରେ ଭିଜାଏ ପାଟି ।

ସହେନ ବିଧାତା ଅବା ମାନବ
ମାଟି ସହ ଥିବା ତା' ଶାଶ୍ୱତ ପ୍ରେମ,
କେବେ ଉଜାଡି ଦିଏ ପ୍ରକୋପେ ପ୍ରକୃତି
ସୁନାର କେତେ ଯେ ଫସଲ
ତଥାପି ସେ ହସୁଥାଏ କାନ୍ଦି କାନ୍ଦି
ଛାତିଏ କୋହକୁ ଛାତିରେ ଚାପି ।

ଚାଳ କୁଡ଼ିଆରେ
ନିର୍ଜିବଟେ ପରି ସଢୁଥାଏ
କେବେ ଋଣ ଭାରରେ
କେବେ ଉଜୁଡା ସ୍ୱପ୍ନରେ
ଜୀବନର ପାଣି ଛଡେଇ
ପରିଶ୍ରମ କରିଚାଲୁଥାଏ ।

ବୁଝେନି ସରକାର
ତା ଦୁଃଖ ସୁଖ
ଅନେକ ବଦଳରେ ଲୋଡ଼େ
କେବଳ କିଛି ସହାୟତା
ତଥାପି ମିଳେନି,

କେତେ ହାକମ ବାବୁ
କେତେ ମଧ୍ୟସ୍ଥି
ସବୁ ଓଲଟ ପାଲଟ କରିଦିଅନ୍ତି
ବୁଝିବା ଆଗରୁ ତା 'ପରିସ୍ଥିତି ।

ମାଟି ମାଆର
ସିଏ ପର୍ ସୁନା ପୁଅ
ଏତେ କଛି ହେଲ୍ ପରେ ବି
ସବୁ ସହିଯାଏ
ଛାତିର ଲହୁକୁ ଓଠରେ ପିଇ।

ତା ପ୍ରେମ ସ୍ୱର୍ଗୀୟ
ମାଟି ମାଆର ପ୍ରେମରେ
ସେ ହୋଇପାରିନ ସିନା ମହାନ
ହେଲେ ସେ ଦିବାନଶି
କରିଗ୍ଲଲିଥାଏ ଅନେକ ମହାନ କାମ
ମାଟିରେ ମିଶିବା ଯାଏଁ,
ହଁ ହଁ.....ସିଏ ହିଁ କୃଷକ ଟିଏ ।

ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ଧର୍ମଗଡ଼
ପଣ୍ଡକାମାଳ, ମ.ର୍ାମପୁର, କଳାହାଣ୍ଡି

# ଦାମିନୀ
# ଏକ ରୋମାଞ୍ଚକର
# କାହାଣୀ



ବିଶ୍ୱ ରଞ୍ଜନ ମହାନ୍ତି

ରାୟଗଡା ସହରର ଲକ୍ଷ୍ମୀପୁର ଗାଁ ର ବାସିନ୍ଦା ସୁଦର୍ଶନ ବଳବନ୍ତରାୟ ଓ ତାଙ୍କ ଝିଅ ସୁଷମା, ସୁଦର୍ଶନ ଙ୍କ ଗାଁ ବଜାରରେ ଗୋଟିଏ ବଡ଼ ଡ୍ରେସ ଦୋକାନ ଅଛି । ୨ବର୍ଷ ତଳୁ ପତ୍ନୀଙ୍କର ମୃତ୍ୟୁ ଘଟିଛି । ଘରେ କେବଳ ତିନୋଟି ପ୍ରାଣୀ । ସୁଦର୍ଶନ, ତାଙ୍କର ବାରବର୍ଷ ର କନ୍ୟା ସୁଷମା ଓ ପାରାଲିସିସ ରୋଗରେ ଆକ୍ରାନ୍ତ ତାଙ୍କ ବାପା । ସୁଦର୍ଶନ ଙ୍କ ବୟସ ପ୍ରାୟ ଛତିଶ ପାଖାପାଖି ହେବ । ଲକ୍ଷ୍ମୀପୁର ଗାଁ ରେ ଯେଉଁ ଦୁଇ ଚାରିଟା କୋଠାଘର ହେବ ସେଥିରୁ ସୁଦର୍ଶନ ଙ୍କ ଗୋଟିଏ, ଆଉ ସେହି ଗାଁରେ ଯଦି କାହାପାଖରେ ଚାରି ଚକଆ ଗାଡି ଥିଲା ସେ ହେଉଛି ସୁଦର୍ଶନ ଙ୍କ ପାଖରେ । ଘରେ ଆମ୍ବାସଡର ଗାଡି, ଚାରିବାଟି ଛଅ ମାଣ ଜମି, ଆଉ ଗାଁ ବଜାରରେ ଡ୍ରେସ ଦୋକାନ । ଧନ ସମ୍ପତ୍ତି ର ଅଭାବ ନଥିଲା ତାଙ୍କ ଘରେ । କେବଳ ଅଭାବ ଥିଲା ଟିକେ ସୁଖର । ପାରାଲାଇସିସ ବାପା ଓ ପତ୍ନୀ ଙ୍କ ଅକାଳ ବିୟୋଗ ଭାଙ୍ଗି ଦେଇଥିଲା ସୁଦର୍ଶନଙ୍କୁ, କନ୍ତୁ ସେ ଘରର ଲକ୍ଷ୍ମୀ ଥିଲା ଝିଅ ସୁଷମା । ସତେ ଯେପରି ତାରି ମୁହଁର ହସରେ ସାରା ପରିବାର ସତେଜ ରହୁଥିଲା । ଝିଅର ମୁହଁକୁ ଚାହିଁ ଆଉ ଦ୍ୱିତୀୟ ବିବାହ କରିବେନି ବୋଲି ଶପଥ ନେଇଥିବା ସୁଦର୍ଶନ କନ୍ତୁ ଗୋଟିଏ ସୁନ୍ଦରୀ ନାରୀର ମାୟାରେ ପଡିଗଲେ । ହେଲେ ସେ ନାରୀ ଥିଲା ଗୋଟିଏ ପ୍ରେତାତ୍ମା । ସେ ନାରୀ ସୁଦର୍ଶନ ଙ୍କ ଜୀବନରେ ପାଦ ଦେବାପରେ ସବୁ ଓଲଟ ପାଲଟ ହୋଇଯାଇଥିଲା ପରିବାର।

ସେଦିନ ଥିଲା ଏକ ବର୍ଷା ରାତି । ସମୟ ପ୍ରାୟ ରାତି ଦଶଟା ହେବ । ସନ୍ଧ୍ୟାରୁ ଝଡ଼ିବର୍ଷା, ପବନ ଲାଗିରହିଛି ଯେ କମିବାର ନାହିଁ । ସୁଦର୍ଶନ ନଜ ଆମ୍ବାସଡର କାରରେ ନକଟସ୍ଥ ସହର ରାୟଗଡା ରୁ ଫେରୁଥିଲେ । ଦିନ ଦିଟା ରୁ ଯାଇଥିଲେ ରାୟଗଡା ଦୋକାନ ପାଇଁ ଡ୍ରେସ ଆଣିବାକୁ, ଟିକେ ବିଳମ୍ବ ହୋଇଗଲା । ବର୍ଷା ବି ଟିକେ ବଢ଼ି ଯାଇଛି ଯା ଭିତରେ । ଡ୍ରାଇଭିଂ ପାଇଁ ଟିକେ ଅସୁବିଧା ହେଉଥିଲା । ଜଙ୍ଗଲ ରାସ୍ତା, ବର୍ଷା ରାତି, ରାସ୍ତା ପୁରା

ଶୂନଶାନ । ତେଣୁ ଗାଡି ଟିକେ ସ୍ପିଡ଼ ରେ ଥିଲା । ହଠାତ ଜଣେ ମହିଳା ତାଙ୍କ ଗାଡି ସାମ୍ନାକୁ ଆସିଗଲା । ସୁଦର୍ଶନ ପୁରା ବଳ ପ୍ରୟୋଗ କରି ଗାଡିର ବ୍ରେକ ମାରିଲେ । କନ୍ତୁ ଗାଡି ସେ ମହିଳାଙ୍କୁ ଧକ୍କା ଦେଇ ଅଟକଲା । ସୁଦର୍ଶନ ତରତର ହୋଇ କାରର ଡୋର ଖୋଲି ବାହାରକୁ ଆସିଲେ । ଦେଖିଲେ ସତେଇଶ /ଅଠେଇଶ ବର୍ଷର ଝିଅଟିଏ । ଗାଡି ଆଗରେ ରାସ୍ତା ଉପରେ ବେହୋସ ହୋଇ ପଡିଛି । ସୁଦର୍ଶନ ଟିକେ ଭୟଭୀତ ହୋଇଗଲେ । ଏ ନର୍ଜନ ବର୍ଷାରାତିରେ ଜଙ୍ଗଲ ରାସ୍ତାରେ ଏ ମହିଳା କଣ କରିବେ । ଛାଡିକ ଯାଇପାରିବେନ । ତେଣୁ ଆଗପଛ କଛି ଚନ୍ତା ନକରି ସୁଦର୍ଶନ ସେ ଝିଅକୁ ଉଠେଇ ଗାଡିର ସାମ୍ନା ସିଟ ରେ ବସେଇଲେ । ସେ ଝିଅର ସେପରି ବିଶେଷ କଛି ହୋଇନଥିଲା । କେବଳ ଯାହା ବେହୋସ ହୋଇଯାଇଥିଲା । ସୁଦର୍ଶନ ଗାଡି ଷ୍ଟାର୍ଟ କଲେ, ଝିଅଟି ସିଟକୁ ଆଉଜି ଶୋଇଥିଲା । କାର ଭିତରର କ୍ଷୀଣ ଆଲୋକରେ ସୁଦର୍ଶନ ଦେଖିଲେ ଝିଅଟି ଖୁବ ସୁନ୍ଦର । ବର୍ଷାପାଣି ପଡି ତା ଭିଜା ମୁହଁଟା ଆହୁରି ଆକର୍ଷଣୀୟ ଲାଗୁଥିଲା । କାରଟି ଦୁଇ /ତିନ କଲୋମିଟର ଗଡ଼ିଲାପରେ ଝିଅଟିର ହୋସ ଆସିଲା । ଦୁଇ ଚାରି ପଦ ଝିଅଟି ସାଙ୍ଗରେ କଥାହୋଇ ଏତିକ ଜାଣିଲେ ତା ନାଁ ହେଲା ଦାମିନୀ । ବାପା, ମାଆ ପରିବାର କେହି ନାହାନ୍ତି । ଗୋଟାଏ ଅନାଥାଶ୍ରମ ରେ ପିଲାଦିନୁ ବଢିଛି । ଜୟପୁର ର ଏକ NGO ରେ କାମକରିବ ବୋଲି ମୋହନା ରୁ ଆସି ରାୟଗଡା ରେ ପହଞ୍ଚିଲା । କେମିତି ସେ ରାସ୍ତା ଭୁଲି ଜଙ୍ଗଲରେ ପହଞ୍ଚିଲା ସେ ନଜେ ବି ଜାଣେନା । ସୁଦର୍ଶନ ରାତି ଅଧରେ ଝିଅଟିକୁ କୋଉଠି ଛାଡ଼ିବେ ଭାବି ଶେଷରେ ନଜ ଘରକୁ ନେଇଗଲେ । ସୁଷମା ବାପାଙ୍କୁ ଅପେକ୍ଷା କରିଥିଲା । ସୁଦର୍ଶନ ଘର ଫାଟକ ପାଖରେ ପହଞ୍ଚି କଲିଂ ବେଲ ମାରିଲେ । ସୁଷମା କବାଟ ଖୋଲି ବାପାଙ୍କ ସାଙ୍ଗରେ ଜଣେ ମହିଳାଙ୍କୁ ଦେଖି ଚକତ ହୋଇଗଲା । ସୁଦର୍ଶନ ପରିଚୟ କରେଇଦେଲେ ଇଏ ଦାମିନୀ ଆଣ୍ଟି, ମୋ ଗାଡି ସହ ତାଙ୍କର ଧକ୍କା ହୋଇଗଲା । ତାଙ୍କର ରହିବାକୁ କଛି ଜାଗା ନାହିଁ । ଯଦି ତୁ ରାଜି ହେବୁ ସେ କଛିଦିନ ଆମଘରେ ରହିବେ । ବାହାରେ କୁକୁର ଭୌ ଭୌ କରି ଭୁକୁଥାଏ । ସୁଷମା ଧୀର ସ୍ୱରରେ କହିଲା ଠିକଅଛି ବାପା । ସୁଷମା ଏବେ ଆଶ୍ଚର୍ଯ୍ୟ ହୋଇ ପଚାରିଲା ! ବାପା ଟମି କାହିଁକ ଏପରି ଭୁକୁଛି, ସେମିତି ବି ତ ନୂଆଲୋକ ଆସିଲେ ସେ କେବେ ଏତେ ବିକଳ ହୋଇ ଭୁକେନ । ଟମି ହେଉଛି ଏକ ବୁଲା କୁକୁରର ନାଁ, ସୁଷମା ର ସ୍ନେହ ଶ୍ରଦ୍ଧା ରେ ଘରର ସଦସ୍ୟ ପାଲଟି ଯାଇଛି ।

ସୁଦର୍ଶନ ବି ଆଶ୍ଚର୍ଯ୍ୟ ହୋଇଗଲେ ଟମି ଏତେ ବିକଳରେ ଭୁକୁଛି କଣ ପାଇଁ ? କୁହାଯାଏ କୁକୁର, ବିଲେଇ, ବିଭିନ୍ନ ପଶୁପକ୍ଷୀ ଖରାପ ଆତ୍ମା ଜାଣିପାରନ୍ତି । ଟମି ବି ଦେଖିନେଇଥିଲା

ଦାମିନୀ ଭିତରେ ଏପରି କଛି ବ୍ୟତିକ୍ରମ । ଟମି ସେହିପରି ଭୁକ ଗ୍ଭଲିଥିଲା । ଓଃ କ ବିକଟାଳ ହସ ! ତା ସାଙ୍ଗରେ କୁକୁରର ଭୌ ଭୌ ରଡ଼ିରେ ପୁରା ଏରିଆ କମ୍ପି ଉଠିଲା । ହେଲେ ଦାମିନୀ ସୁଷମା ର ରୁମରେ ଶୋଇଲା । କୋଠାଘର ର ଦ୍ୱିତୀୟ ମହଲାରେ ସବୁଠାରୁ ବଡ଼ ବଖରାଟି ହେଉଛି ସୁଷମା ର ।

ତା ପରଦିନ ସକାଳୁ ସୁଷମା ଯେତେବେଳେ ଘରର ଝରକାର ପରଦା ସବୁ ଖୋଲିଦେଲା, ଦାମିନୀ ଉପରେ ଯେତେବେଳେ ସକାଳର ଖରା ପଡିଗଲା ସେ ଚହିଁକ ଉଠିଲା ତା ନୁହେଁ, ଚତ୍କାର କରି ଉଠିଲା ।

ବନ୍ଦକର... ବନ୍ଦକର... ତୁ ସେ ଝରକା ବନ୍ଦକର..... ବନ୍ଦକର ଝରକା... କହିଲି ବନ୍ଦକର ! ସୁଷମା ଚମକ ପଡି ବନ୍ଦ କରିଦେଲା ଝରକାର ପରଦା ସବୁ ।

ଦାମିନୀ ବିକଳ ହୋଇ କହିଲା ଆଉ କେବେବି.... କେବେବି ଘରର ଝରକା ପରଦା ସବୁ ଖୋଲିବ ନାହିଁ । ଖରା ମୋ ଆଖିରେ ପଡିଲେ ମୋତେ ଭଲ ଲାଗେନ ଜମାରୁ ଭଲ ଲାଗେନ । ମୋ ମୁଣ୍ଡ ବିନ୍ଧେ । ପ୍ରବଳ ବିନ୍ଧେ । ସୁଷମା ଧୀର ସ୍ୱରରେ କହିଲା ଠିକ ଅଛି ମାଉସୀ । ଆଗକୁ ଧ୍ୟାନ ଦେବି । ସୁଷମା ଦାମିନୀର ଏ ବ୍ୟବହାର ରେ ଆଶ୍ଚର୍ଯ୍ୟ ହୋଇଥିଲା ।

ସେଦିନ ସକାଳୁ ସୁଦର୍ଶନ ଙ୍କ ବାପା ମାନେ ସୁଷମା ର ଜେଜେଙ୍କ ଦେହ ଅଧିକ ଖରାପ ହୋଇ ଯାଇଥିଲା । ଦେହରେ ପୁରା ଖଇ ଫୁଟା ତାତି । ସୁଷମା ହଠାତ ତା ଜେଜେଙ୍କ ବେକକୁ ଦେଖି ଚମକ ପଡିଲା । ଜେଜେଙ୍କ ବେକରେ ଦାନ୍ତ ଚହ୍ନ ସତେ ଯେପରି କେଉଁ ପୋକ କ ସରୀସୃପ କାମୁଡି ଦେଇଛି । ସୁଦର୍ଶନ ବି ବ୍ୟସ୍ତ ହୋଇ ପଡିଲେ ସେ ଚହ୍ନ ଦେଖି । ଏହି ସମୟରେ ଟମି ଭୁକ ଉଠିଲା । ଆଉ ଜେଜେଙ୍କ ମୁହଁରେ ଦେଖାଗଲା ଏକ ଅସ୍ୱାଭାବିକ ପରିବର୍ତ୍ତନ ! ସତେ ଯେପରି ସେ କଛି ଦେଖି ଅତ୍ୟଧିକ ଭୟଭୀତ ହୋଇ ଯାଇଛନ୍ତି । ଟମି ସେହିପରି ଭୁକ ଗ୍ଭଲିଥିଲା । ଏ ଟମିର କଣ ହେଲା ଆଶ୍ଚର୍ଯ୍ୟ ଏ ପ୍ରଶ୍ନ ସୁଦର୍ଶନଙ୍କର ! ମୁଁ କେମିତି ଜାଣିବି ? ଏତିକ କହିଛି ସୁଷମା ର ନଜର ପଛକୁ ଗ୍ଭଲିଗଲା । ପଛରେ ଛିଡା ହୋଇଥିଲା ଦାମିନୀ, ମଉସାଙ୍କର କଣ ହୋଇଛି ? କହି କହି ପଶିଆସିଲା ଦାମିନୀ । ଜେଜେଙ୍କ ବଖରା ଭିତରକୁ ଆସି ବସିପଡିଲା ତାଙ୍କ ଶେଜ ଉପରେ, ଜେଜେ ପୁରା ଭୟରେ ଥରୁଥିଲେ । କଛି କହିବାକୁ ଗ୍ଭହୁଁଥିଲେ। କନ୍ତୁ କଛି କହିପାରୁନଥିଲେ । ଦାମିନୀ ତାଙ୍କ ଆଖି ଆଗରେ ନଜ ମୁହଁ ରଖିଦେଲା । ଆଉ ତା ଦାନ୍ତ ପାଟି ଭିତରେ ଥିଲା । ଖାଲି ରକ୍ତ... !ଏ

ଦୃଶ୍ୟ କେହିବି ଦେଖିପାରିଲେନ । କେବଳ ଜଣେ ଦେଖି ପାରୁଥିଲେ ଷାଠିଏ ବର୍ଷର ବୃଦ୍ଧ ଯିଏ ପାର୍‌ଲିସିସ ରୋଗରେ ଆକ୍ରାନ୍ତ ଆଉ କଥା କହିପାରୁ ନଥିଲେ । କେବଳ ଗାଁ ଗାଁ ହୋଇ କହିବାକୁ ଚାହୁଁଥିଲେ। ବାହାର କରିଦିଅ ଏ ନାରୀକୁ, ଏ ଦାମିନୀକୁ ! ଯିଏ ଗୋଟେ ଡାହାଣୀ । ଆଉ କାଲି ରାତିରେ ତାଙ୍କ ବେକରେ ନିଜର ଦାନ୍ତ ଲଗେଇ କେତେ ରକ୍ତ ତାଙ୍କର ପିଇ ଦେଇଛି । ପୁଣି ସେଇ ବିକଟାଳ ହସ ! ଓଃ କି ଭୟଙ୍କର !

ଏମିତି ପନ୍ଦର ଦିନ ବିତିଗଲାଣି । ଏ ପନ୍ଦର ଦିନରେ ସୁଦର୍ଶନ ଓ ଦାମିନୀ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଲାଣି । ଆଉ ଏ ସମ୍ପର୍କ ଗଢି ଉଠିବାରେ ମୁଖ୍ୟ ଭୂମିକା ହେଉଛି ଦାମିନୀର। ସେ କିଛି ନା କିଛି ବାହାନା କରି ସୁଦର୍ଶନ ଙ୍କ ନିକଟତର ହେବାକୁ ଲାଗିଥିଲା । ସୁଦର୍ଶନ, ସୁଷମା, ଓ ଦାମିନୀ ଡାଇନିଂ ଟେବୁଲ ରେ ବସି ଖାଉଥିଲେ। ଟେବୁଲ ତଳେ ଦାମିନୀ ନିଜ ଗୋଡ଼ରେ ସୁଦର୍ଶନ ଙ୍କ ଗୋଡ଼କୁ ସ୍ପର୍ଶ କଲା । ସୁଦର୍ଶନ ବି ସ୍ମିତହାସ୍ୟ ଦେଇ ଦାମିନୀର ଗୋଡ଼କୁ ଛୁଇଁଲେ । ସେହିସମୟରେ ଏକ ଅଭାବନୀୟ ଘଟଣା ଘଟିଲା । ଯାହାକୁ କେହିବି ଦେଖି ପାରିନଥିଲେ । କେବଳ ଦେଖିଥିଲା ଜଣେ ! ସେ ଘରର କୁକୁର ଟମି, ଦାମିନୀର ଗୋଡ଼ଟି ପୂରା ବୃତ୍ତାକାର ରେ ପରିଣତ ହୋଇଗଲା । ଟମି ବିକଳ ଓ ଭୟଭୀତ ହୋଇ ଭୁକି ଚାଲିଥିଲା ।

ସୁଷମା କହିଲା -ବାପା ଏ କିଛି ଦିନ ହେଲା ଟମି କିନ୍ତୁ ଅଜବ ବ୍ୟବହାର କରୁଛି । ସବୁବେଳେ ବିନା କାରଣରେ ଭୁକି ଚାଲିଛି । ତୁମେ ଜାଣିଛ ବାପା ଜେଜେ ଭଲ ଥିଲାବେଳେ କହୁଥିଲେ କୁକୁର ଯଦି ବିନା କାରଣରେ ଭୁକନ୍ତି ସେମାନେ ନିଶ୍ଚୟ ପ୍ରେତାତ୍ମା କୁ ଦେଖିଥାନ୍ତି ।

ଟମି ସେହିପରି ଭୁକି ଚାଲିଥି । ଦାମିନୀ ଅନେଇଲା ଟମି ଆଡକୁ, କେଜାଣି ତା ଆଖିରେ କି ଯାଦୁ କି କୁହୁକ ଥିଲା କି ସେ ତା ଆଖିରେ ଟମିକୁ ଠାରିଲା, ଟମି ଏକଦମ ଚୁପ ହୋଇଗଲା । ସେଦିନ ରାତିରେ ସୁଷମା ର ହଠାତ ନିଦ ଭାଙ୍ଗିଗଲା । ପାଣି ପିଇବାକୁ ଯାଉଥିଲା । ହଠାତ ତାର କଣ ମନେହେଲା ଟମିକୁ ଦେଖିବାକୁ ଗଲା । ଦେଖିଲା ଟମି ନାହିଁ ତା ଜାଗାରେ, ତା ଚେନ ଟି ଖୋଲା ପଡିଛି । ଟମି... ଟମି.... ଟମି ଆରେ ଟମିଟା କୁଆଡେ ଚାଲିଗଲା । ସୁଷମା ବ୍ୟସ୍ତ ହୋଇ ତା ବାପାଙ୍କୁ ଡାକିଲା । ସୁଦର୍ଶନ ଓ ସୁଷମା ବ୍ୟସ୍ତ ହୋଇ ଘର ଚାରିଆଡେ ଖୋଜିବାକୁ ଲାଗିଲେ । ଟମି... ଟମି... ଟମି..... ହଠାତ ସୁଷମା ହାତରେ କିଛି ତରଳ ପଦାର୍ଥ ପଡିଲା । ସେ ଅଟକିଗଲା ତା ହାତକୁ ଦେଖି ସେ ଚମକି ପଡିଲା । ତା

ହାତରେ ପଡିଥିଲା ବୁନ୍ଦା ବୁନ୍ଦା ରକ୍ତ । ସେ ଗୋଟେ ଗଛତଳେ ଛିଡା ହୋଇଥିଲା । ସାହସ କରି ଉପରକୁ ଅନେଇଲା । ଆଉ ଉପରର ଦୃଶ୍ୟ ଦେଖି ଚତ୍କାର କଲା । ପୁଣି ସେଇ ବିକଟାଳ ହସ !ଛାତି ଥରି ଉଠିଲା । ସୁଷମା କାନ୍ଦି କାନ୍ଦି ଟମି... ଟମି ଡାକଲା କହିଲା ବାପା ଜଲଦି ଆସ ।

ଟମି ମରିବାର ଦୁଇଦିନ ପରେ ସୁଷମା ଦିନେ ବ୍ୟସ୍ତ ହୋଇ ଦାମିନୀ କୁ ପଚ୍ଚାରିଲା - ମାଉସୀ ଆମ ଘରର ସବୁ ଦର୍ପଣ କୁଆଡେ ଗଲା, ଦାମିନୀ ଏକ ରହସ୍ୟମୟ ସ୍ୱରରେ ଉତ୍ତର ଦେଲା -ଗୃକରକୁ କହିକ ମୁଁ ସବୁ ଫୋପାଡ଼ି ଦେଇଛି ।

ସକାଳର କରଣ ଓ ସୂର୍ଯ୍ୟଙ୍କ ରଶ୍ମି ମୋତେ ସବୁବେଳେ ହଇରାଣ କରନ୍ତି । ସେମିତି ଏ ଦର୍ପଣ ବି !!

ସୁଷମା ଆଶ୍ଚର୍ଯ୍ୟ ହେଲା ଏହି ଉତ୍ତର ରେ, ସେପଟେ ସୁଷମାର ଜେଜେଙ୍କ ଦେହ ଦିନକୁଦିନ ଅଧିକ ଅସୁସ୍ଥ ହେବାକୁ ଲାଗିଲା । ତାଙ୍କ ବେକ ପାଖରେ ସେ ଦାନ୍ତ ଚହ୍ନ ଗୁଡିକ ଆହୁରି ବଢିଯାଇଥିଲା । ତାଙ୍କ ଦେହରୁ ରକ୍ତ କ୍ଷୟ ହେବାକୁ ଲାଗିଥିଲା । ଗାଁର ବଇଦ କ ରାୟଗଡା ର ଡାକ୍ତର କେହିବି କହିପାରୁନଥିଲେ । ତାଙ୍କର କ ରୋଗ ହୋଇଛି । ସୁଦର୍ଶନ କ ସୁଷମା ବି ଜାଣିପାରୁନଥିଲେ ତାଙ୍କ ଭୟର କାରଣ । କନ୍ତୁ ସୁଷମା ର ଜେଜେ ଜାଣିଥିଲେ । ପ୍ରତ୍ୟେକ ଦିନ ରାତିରେ ଦାମିନୀ ଆସେ ତାଙ୍କ ପାଖକୁ, ସେ ଭୟରେ ଥରି ଉଠନ୍ତି । ଚତ୍କାର କରନ୍ତି, କନ୍ତୁ ତାଙ୍କ ପାଟିରୁ ଭାଷା ବାହାରେନ । ଦାମିନୀ ଆସେ ତାଙ୍କ ମୁଣ୍ଡକୁ ଆଉଁସି ଦିଏ । ମୁହଁ ଉପରେ ହାତ ବୁଲେଇ ତାପରେ ଦାମିନୀର ମୁହଁରୁ ଦୁଇଟା ମୁନଆ ଦାନ୍ତ ବାହାରିଆସେ । ସୁଷମା ଙ୍କ ଜେଜେଙ୍କ ବେକରେ ସେ ମୁନଆ ଦାନ୍ତ ଗଳେଇ ରକ୍ତ ଶୋଷେ । ସେ ବୃଦ୍ଧ ଲୋକଟି ଯନ୍ତ୍ରଣାରେ ଚତ୍କାର କରନ୍ତି । ଦାମିନୀ ମୁହଁ ସାରା ଲାଲ ଧାର ଧାର ରକ୍ତ । ସେ ଯେମିତି ପରମ ଶାନ୍ତି ପାଇଯାଏ । ସେ ହସେ ଓ ରକ୍ତକୁ ମୁହଁ ସାରା ପୋଛି ପକାଏ । ଓଃ ବଡ଼ ଭୟଙ୍କର ସେ ଦୃଶ୍ୟ !!

ସେ ଦୃଶ୍ୟର କେବଳ ମୁକସାକ୍ଷୀ ଥିଲେ ଷାଠିଏ ବର୍ଷର ବୃଦ୍ଧ । ବିଡମ୍ବନା ଏହା ସେ କାହାକୁ କହିବାକୁ ଅକ୍ଷମ ଥିଲେ । ଦିନେ ହଠାତ ସକାଳୁ ସୁଷମାକୁ ତାଙ୍କ ଜେଜେ ମୃତ ଅବସ୍ଥାରେ ତାଙ୍କ ଶେଯରେ ମିଳଲେ । କେହିବି ଜାଣି ପାରିଲେନ ତାଙ୍କ ମୃତ୍ୟୁର କାରଣ । ଜେଜେଙ୍କ ମୃତ୍ୟୁ ପରେ ସୁଦର୍ଶନ ତାଙ୍କ କୁଳଗୁରୁ ସ୍ୱାମୀ ସଦାନନ୍ଦ ଙ୍କୁ ତାଙ୍କ ଘରକୁ ନମନ୍ତ୍ରଣ କଲେ ।

ସୁଦର୍ଶନ ଓ ସୁଷମା କୁଳଗୁରୁଙ୍କ ପାଖରେ ବସି ଏଣୁ ତେଣୁ କଥା ହେଉଥିଲେ । ସେହି ସମୟରେ ପାଉଁଜିର ଛମ ଛମ ଶବ୍ଦ ଶୁଭିଲା । ଦାମିନୀ ସେ ଘରକୁ ପଶି ଆସୁଥିଲା । ଥମ କରି ରହିଗଲା । କୁଳଗୁରୁ ତାକୁ ଚାହିଁଲେ । ଦାମିନୀର ମୁହଁରେ ଦେଖାଗଲା ଏକ ଅସ୍ୱାଭାବିକ ପରିବର୍ତ୍ତନ । ସତେ ଯେପରି ସେ ଅତିଶୟ ଭୟଭୀତ ହୋଇ ଯାଇଥିଲା । ତା ମୁହଁର ରଙ୍ଗ ବଦଳିବାକୁ ଲାଗିଥିଲା । ସତେ ଯେପରି ସେ ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟ ଦେଖି ଦେଇଥିଲା । କୁଳଗୁରୁ ସିଧା ଉଠିଲେ ଘର ଛାଡି ଚାଲିଗଲେ । ସୁଦର୍ଶନ ଓ ସୁଷମା ସେ ଦୁହିଁଙ୍କର ଏ ଅସ୍ୱାଭାବିକ ବ୍ୟବହାର ର କାରଣ ଖୋଜି ପାଇନଥିଲେ ।

ସେଦିନ ରାତିରେ ସୁଷମା ଓ ଦାମିନୀ ଗୋଟିଏ ଖଟରେ ଶୋଇଥିଲେ । ସମୟ ରାତି ୧ଟା ରୁ ଅଧିକ ହେବ, ଦାମିନୀ ଆସ୍ତେ କରି ଶେଯରୁ ଉଠିଲା ଯେତେ ସମ୍ଭବ ପାଦ ଚପି ଚପି ଘରୁ ବାହାରି ଆସିଲା । କବାଟ ଖୋଲିବା ଓ ବନ୍ଦ କରିବା ସବୁଥିରେ ସେ ବେଶ ସଚେତନ ଥିଲା । ଯେପରି ଶୋଇଥିବା ସୁଷମା ର ନିଦ ନ ଭାଙ୍ଗିଯାଉ । କିନ୍ତୁ ଆଜି ସୁଷମା ଶୋଇନଥିଲା । ସେ ବି ଚୁପଚାପ ଘରର କବାଟ ଖୋଲି ଦାମିନୀର ପିଛା କରିବାକୁ ଲାଗିଲା । ଦାମିନୀ ଘରର ପଛ ଦରଜା ଖୋଲି ବାରି ମଝିରେ ଗାଁ ଗହୀର ଆଡକୁ ଧୀରେଧୀରେ ଚାଲିବାକୁ ଲାଗିଲା । ତା ପଛରେ ଥିଲା ସୁଷମା, ଗାଁ ଗହୀର ର ରାତି ପୁରା ଭୟଙ୍କର ଥିଲା ଚାରିଆଡ । ଶୁଭୁଥିଲା ଝିଂକାରିଆ ଙ୍କ ଶବ୍ଦ !!ଝେ... ଝେ... ଝେ... ଆଉ ମଝିରେ ମଝିରେ ବିଲୁଆ ମାନଙ୍କର ରହି ରହି ଭୁକିବାର ଶବ୍ଦ, ଦାମିନୀ ଆଗେଇ ଚାଲିଥାଏ । ବିଲ ହୁଡ଼ା ରାସ୍ତା, ପରେ ପୋଖରୀ, ପୋଖରୀ ହୁଡାରେ କିଛି ବାଟ ଗଲାପରେ ଦାମିନୀ ବନ୍ଧ ତଳକୁ ଓଲ୍ହେଇଲା । ଆଗରେ ଗାଁ ମଶାଣି ! ଭୟରେ ଥରୁଥାଏ ସୁଷମା, ଟିକେ ଦୂରରେ ଗୋଟେ ଗଛ ଆଢୁଆଳରେ ରହି ସେ ସବୁ ଦେଖୁଥିଲା ଦାମିନୀକୁ । ଅନ୍ଧାର ହେଲେବି ଜହ୍ନରାତି ଥିଲା । ଅସ୍ପଷ୍ଟ ହେଲେବି ସବୁ ଦେଖା ଯାଉଥିଲା । ସୁଷମା ଦେଖିଲା ଗୋଟେ ବିଲୁଆ କି କୁକୁର ଟେ ଧୀରେଧୀରେ ଦାମିନୀ ଆଡକୁ ଆସୁଛି । ସତେ ଯେପରି ଦାମିନୀ ତାକୁ ଡାକୁଛି । ସେ ବିଲୁଆ ଟି ଆସି ପହଞ୍ଚିଗଲା ଦାମିନୀ ପାଖରେ ।

ଦାମିନୀ ତାକୁ ହାତରେ ଟେକି ଧରିଲା ଆଉ ତା ମୁହଁ ଲଗେଇ ଦେଲା ସେ ବିଲୁଆର ବେକରେ, ସେ ବିଲୁଆ ଏକ ବିକଟାଳ ଆର୍ତ୍ତନାଦ ଚିତ୍କାର କଲା । ଆଉ ଦାମିନୀ ହସିଲା ଖୁବ ଜୋରରେ, ଓହଃ କି ବିକଟାଳ ହସ ସେ !! ଦୂରରେ ଥାଇବି ପରିଷ୍କାର ଶୁଣି ପାରୁଥିଲା ସୁଷମା ଓ ଭୟଭୀତ ହୋଇଥିଲା । ଆଉ କିଛି ସମୟ ରହିଲେ ସେ ହୁଏତ ବେହୋସ

ହୋଇଯାଇପାରେ । ପ୍ରାଣ ବିକଳରେ ଦୌଡିଲା ଘରକୁ, ଡାକ ପକେଇଲା ଖୁବ ଜୋରରେ ବାପା... ବାପା.. ବାପା.. ସୁଦର୍ଶନ ଙ୍କ ନିଦ ଭାଙ୍ଗି ଯାଇଥିଲା ।ବାପା ସେ ଦାମିନୀ ମାଉସୀ ସେ ମଣିଷ ନୁହନ୍ତି କିଛି ଗୋଟେ ଗଡବଡ ଅଛି ବାପା ଧଇଁସଇଁ ହୋଇ ଏତିକ କହିଛି ସେ ଘରକୁ ଦାମିନୀର ପ୍ରବେଶ ଘଟିଲା ।

ଦାମିନୀ ପଚାରିଲା -ସୁଷମା ତୁ ଏଠି କଣ କରୁଛୁ ଏତେ ରାତିରେ ତୁ ତ ମୋ ପାଖରେ ଶୋଇଥିଲୁ । କିଛି ଖରାପ ସ୍ୱପ୍ନ ଦେଖିଲୁକ ? ଚାଲ ଶୋଇବା, ସୁଷମା ଖାଲି ବିକଳ ହୋଇ ତା ବାପାଙ୍କ ମୁହଁକୁ ନିରୀକ୍ଷଣ କରୁଥାଏ । ସେ କହିବାକୁ ଚାହୁଁଥିଲା ଯାହା ଦେଖିଛି । ସେ କୌଣସି ଖରାପ ସ୍ୱପ୍ନ ନୁହେଁ ଏକ ଭୟଙ୍କର ସତ୍ୟ । ସୁଷମା କୁ ତା ବାପା ଶୋଇବାକୁ ପଠେଇଦେଲେ । ଦାମିନୀ ସହ ନିଜ ବଖରାରେ ପହଞ୍ଚିବା ପରେ ଦାମିନୀ ଚାଲିବାକୁ ଲାଗିଲା ସୁଷମା ଆଡକୁ ସୁଷମା ପଛକୁ ପଛ ଚାଲିଥାଏ । ତା ନିଶ୍ୱାସର ଶବ୍ଦ ଖାଲି ସେ ଘର ସାରା ଶୁଭୁଥାଏ । ଆଉ ଶୁଭୁଥାଏ ଦାମିନୀର ପାଉଁଜି ଶବ୍ଦ । ସୁଷମା ପଛକୁପଛ ଯାଇ କାନ୍ଥରେ ଲାଗିଗଲା । ଦାମିନୀ ତା ଦୁଇ ହାତକୁ ଧରି ତା ବେକ ପାଖରେ ନିଜ ମୁହଁକୁ ରଖି ଆସ୍ତେ କରି କାମୁଡ଼ିଲା । ତା ପରେ କାନ ପାଖରେ ନିଜ ଜିଭକୁ ରଖି ଚାଟିଲା । ସୁଷମା ଭୟରେ ଥରୁଥିଲା । ଦାମିନୀ ଫୁସଫୁସ କରି ତା କାନ ପାଖରେ କହିଲା ଛୋଟ ଛୁଆଙ୍କର ଏତେ ରାତିରେ ବାହାରକୁ ଯିବା ଠିକ ନୁହେଁ । ସେମାନଙ୍କର ହୃଦୟ ବହୁତ କୋମଳ । ବ୍ୟସ୍ତ ହୁଅନା କିଛି ଦେଖିନୁ । ଆଉ ଯଦି ଦେଖିଛୁ ଜାଣୁ ତ କଣ ହେବ ? ତୁ କିଛି ଦେଖିନୁ ନା ଏଁ? ... ପୁଣି ସେଇ ବିକଟାଳ ହସ ।

ସୁଷମା ଭୟଭରା କଣ୍ଠରେ କହିଲା ନା... ଦାମିନୀ ଯାଇ ଯାଇ ଶୋଇପଡ଼ିଲା ଏଥର ଖଟରେ। ସୁଷମା ସେହି ଚଟାଣରେ ବସି ରହିଲା ସାରା ରାତି । ତା ପରଦିନ ସୁଷମା ସିଧା ଧାଇଁଲା ଗୁରୁଜୀ ଙ୍କ ଆଶ୍ରମକୁ, ଗୁରୁଜୀଙ୍କୁ ପ୍ରଣାମ କରି ପଚାରିଲା ଗୁରୁଜୀ ସେଦିନ ଆପଣ ଆମଘରୁ ହଠାତ କଣ ପାଇଁ ଚାଲିଆସିଲେ । ଆମର କିଛି ଭୁଲ ହୋଇଗଲା ?

ଗୁରୁଜୀ କହିଲେ -ମା ତୁମ ଘରେ କାଲି ଥିଲାବେଳେ ହଠାତ ମୁଁ ଏକ ଡାହାଣୀର ସ୍ୱର ଶୁଣିବାକୁ ପାଇଲି ।

ଡାହାଣୀ ! ସୁଷମା ଆଶ୍ଚର୍ଯ୍ୟ ହୋଇ ପଚାରିଲା । ଗୁରୁଜୀ ଡାହାଣୀ କଣ ?

ଗୁରୁଜୀ କହିଲେ -ଡାହାଣୀ ସେମାନେ ହେଉଛନ୍ତି ଅତୃପ୍ତ ନାରୀର ପ୍ରେତାତ୍ମା । ନିଜକୁ ସୁନ୍ଦର ନାରୀର ବେଶରେ ସଜେଇ ଚିର ଯୌବନା ରହିବାକୁ ପସନ୍ଦ କରନ୍ତି । ସେଥିପାଇଁ ସେମାନେ ତାଜା ରକ୍ତ ପାନକରନ୍ତି । ମଣିଷ ରକ୍ତ ! ନମିଳିଲେ ପଶୁ ରକ୍ତ । ନିଜ ସୌନ୍ଦର୍ଯ୍ୟ ବଢେଇବା ପାଇଁ ପୁରୁଷଙ୍କୁ ସମ୍ମୋହନ କରି ତାକୁ ଶିକାର କରନ୍ତି । ଆଉ ତା ରକ୍ତ ପିଅନ୍ତି । ସୁଷମା ଆଖି ଆଗରେ ନାଚଉଠିଲା ଦାମିନୀ ଆସିବା ପରର ସମସ୍ତ ଦୃଶ୍ୟ ।

ଗୁରୁଜୀ କହିଲେ -ସେ କେମିତି ତୋ ବାପାଙ୍କୁ ହତ୍ୟା କରିନି । ଏତିକି କହି ଗୁରୁଜୀ କିଛି ମନ୍ତ୍ର ପାଠ କଲେ ।

ତାପରେ କିଛି କ୍ଷଣ ପରେ ସେ ଉତ୍ତର ଦେଇ କହିଲେ ମୁଁ ଯାହା ସନ୍ଦେହ କରୁଥିଲି ଏହା ସତ୍ୟ । ସେ କିଛି ବିଶେଷ କାରଣ ନେଇ ତୁମ ଘରକୁ ଆସିଛି । ସେ କାରଣଟି ହେଲା ପ୍ରତିଟି ଡାହାଣୀ ଦଶବର୍ଷରେ ଥରେ ପୁନଃ ଯୌବନା କନ୍ୟାର ରକ୍ତ ଆବଶ୍ୟକ କରେ । ଝିଅ ତୁ ହେଉଛୁ ତାର ଲକ୍ଷ୍ୟ । ସେ ଅପେକ୍ଷା କରିଛି ତୋର ଯୌବନ ପ୍ରାପ୍ତି କୁ । ସେ ତୋ ରକ୍ତ ପାନକରି ପୁନଃ ଦଶବର୍ଷ ପାଇଁ ଜୀବନ ପାଇଯିବ ।

ସୁଷମା ଭୟଭୀତ ହୋଇଗଲା ଓ କହିଲା ଏବେ କଣ ହେବ ଗୁରୁଜୀ ? ମୁଁ ତ ଦଶଦିନ ହେବ ବଡ଼ ହୋଇ ସାରିଛି ।

ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ ମନକୁମନ କହିଲେ ତେବେ ସେ କଣ ପାଇଁ ଅପେକ୍ଷା କରିଛି ? ତାପରେ ପାଞ୍ଜି ଦେଖି କିଛି ଗଣନା କଲେ । ଆଉ କହିଲେ ବୁଝିଲି.. ବୁଝିପାରିଲି ଆଉ ତିନିଦିନ ପରେ ଆସିବ ଚନ୍ଦ୍ରଗ୍ରହଣ । ସେହି ଘଡିରେ ସେ ତୋ ରକ୍ତ ପାନକଲେ ଦଶବର୍ଷ ନୁହେଁ ଶହେ ବର୍ଷ ପାଇଁ ଯୌବନ ପାଇଯିବ ।

ଗୁରୁଜୀ କହିଲେ -ତୁ ବ୍ୟସ୍ତ ହୁଅନା ଝିଅ ମୁଁ ଗୋଟେ ପୂଜା କରିବି ତାକୁ ଦମନ କରିବି । ତୁ ଗୋଟେ କାମ କରିବୁ ତା କେଶରୁ କିଛି କାଟିକି ରଖିବୁ । ପୂଜା ସେହି ଚନ୍ଦ୍ରଗ୍ରହଣ ଘଡିରେ ହେବ । ମୁଁ ମୋ ଆଶ୍ରମ ରେ ପୂଜା ସାରି ଚନ୍ଦ୍ରଗ୍ରହଣ ପୂର୍ବରୁ ତୁମ ଘରେ ପହଞ୍ଚିବି । ସେତିକିବେଳେ ତୁ ମୋତେ ତା କେଶ ଦେବୁ । ହଁ ଏତିକି ଅଭିନୟ କରିବୁ ତୁ ତା ସତ୍ୟ ଜାଣି ପାରିଛୁ ବୋଲି ସେ ନ ଜାଣିପାରେ ।

ତିନଦିନ ପରେ ଚନ୍ଦ୍ରଗ୍ରହଣ ରାତି, ଗୁରୁଜୀ ସଦାନନ୍ଦ ତାଙ୍କ ଆଶ୍ରମ ରେ ତାନ୍ତ୍ରିକ ପୂଜା ଆରମ୍ଭ କରିଦେଇଥିଲେ । ସନ୍ଧ୍ୟାରେ ଦାମିନୀ କୌଣସି ଏକ ଉପାୟରେ ସୁଷମାର ଖୁହା ରେ ନଶା ଦ୍ରବ୍ୟ ମିଶାଇ ଦେଇଥିଲା । ସୁଦର୍ଶନ ଘରେ ନ ଥିଲେ । ଦାମିନୀକୁ ମିଳଗଲା ସୁଯୋଗ, ସେ ସୁଷମା ର ଚେତାଶୂନ୍ୟ ଶରୀର ସହ ତା ଇଛା ପୂରଣ କରିବାକୁ ବାହାରି ସାରିଥିଲା । କେବଳ ଅପେକ୍ଷା ଥିଲା ଚନ୍ଦ୍ରଗ୍ରହଣ କୁ, ହଠାତ ସୁଦର୍ଶନ ଘରକୁ କୌଣସି କାମରେ ଫେରି ଆସିଲେ ଓ ଦାମିନୀର ସମସ୍ତ କାର୍ଯ୍ୟ କଳାପ ଦେଖିନେଲେ । ହଠାତ ସୁଦର୍ଶନ ଚିତ୍କାର କରି ଡାକଲେ ଦାମିନୀ !

ଦାମିନୀ ବୁଲି ପଛକୁ ଅନେଇଲା ଚମକ ପଡିଲେ ସୁଦର୍ଶନ, ଦାମିନୀର ମୁହଁ ଦିଶୁଥିଲା ଭୟଙ୍କର ! ଆଖି ଦୁଇଟା ରକ୍ତ ପରି ଲାଲ । ଦାନ୍ତ ସବୁ ବାହାରି ଆସିଥିଲା ବାହାରକୁ । ସେ ସୁଷମାକୁ ଉଠେଇ ତା ବେକ ପାଖରେ ମୁହଁ ଲଗେଇବାକୁ ଯାଉଥିଲା । ସେହି ସମୟରେ ସୁଷମାର ହୋସ ଆସିଗଲା । ସେ ସାମ୍ନାର ଦୃଶ୍ୟ ଦେଖି ଚମକ ପଡିଲା । ସୁଷମା ଭୟରେ ଚିତ୍କାର କଲା ବାପା.... ବାପା.. ବାପା... !!

ସୁଦର୍ଶନ ଦୌଡ଼ିଯାଇ ଭିଡ଼ିଲେ ଦାମିନୀକୁ, ଦାମିନୀ ଏକ ଭୟାନକ ବିକଟାଳ ହସ ହସି ପେଲିଦେଲା ସୁଦର୍ଶନ ଙ୍କୁ । ଏହି ସମୟରେ ସୁଷମା କୌଣସି ମତେ ଖସି ଦୌଡିଲା ଘର ଭିତରକୁ, ଦାମିନୀ ତା ପଛେପଛେ ଦୌଡିଲା । ସୁଷମା ଖାଲି ଭୟରେ କାନ୍ଦିକ କହିଲା ମୋତେ ଛାଡିଦିଅ ।

ଦାମିନୀ କହିଲା -ତୋତେ ଛାଡ଼ିଦେବି, ଏ ଦିନକୁ ମୁଁ କେବେ ଠାରୁ ଅପେକ୍ଷା କରିଛି । ଏତେ ଅପେକ୍ଷା ମୁଁ କରିଛି ଆଉ ନୁହେଁ । ଆଜି ରକ୍ତ ପାନକଲେ ପୁରା ଶହେ ବର୍ଷ । ପୁଣି ସେଇ ବିକଟାଳ ହସ !

ଏହି ସମୟରେ ଗୁରୁଜୀ ସଦାନନ୍ଦ ପହଞ୍ଚି ଚିତ୍କାର କରି କହିଲେ ରହିଯା ଦୁଷ୍ଟ ଆତ୍ମା ରହିଯାଆ ।

ଦାମିନୀ ପଛକୁ ଚାହିଁଲା ଗୁରୁଜୀଙ୍କୁ ଦେଖି ତା ମୁହଁର ରଙ୍ଗ ପୁରା ବଦଳ ଗଲା । ସେ ଏକ ବିକଟାଳ ହସ ହସି କହିଲା ମୋର ନୁହେଁ ତୋର ଯିବାର ସମୟ ଆସିଗଲା ।

ଦାମିନୀ ସୁଷମା କୁ ଛାଡି ଗୁରୁଜୀଙ୍କ ପାଖକୁ ଯିବାକୁ ଲାଗିଲା, ଗୁରୁଜୀ ମନ୍ତ୍ର ପାଠ କରି କଛି ବାଲି ଦାମିନୀ ଉପରକୁ ପକେଇଲେ । ଦାମିନୀ ପୁଣିଥରେ ଚିତ୍କାର କରି ଉଠିଲା । ଏଥର ତା ଦେହରେ ପରିବର୍ତ୍ତନ ଦେଖାଗଲା ତା ଚର୍ମ ସବୁ ବଦଳବାକୁ ଲାଗିଲା । ମୁଣ୍ଡର କେଶ କଳାରୁ ଧଳା ହେବାକୁ ଲାଗିଲା । ସେ ସୁନ୍ଦର ନାରୀରୁ ବଦଳ ଯାଇ ହୋଇଗଲା ଏକ ଶହେ ବର୍ଷର ବୃଦ୍ଧା । ଯିଏକ ବଡ଼ ଭୟଙ୍କର ଦେଖା ଯାଉଥିଲା । ଗୁରୁଜୀ ସୁଷମା କୁ ତାର କେଶ କାଟିକି ଆଣିବାକୁ କହିଲେ । ସୁଷମା ଗୁରୁଜୀଙ୍କୁ କେଶ ଆଣିଦେବା ପରେ ମନ୍ତ୍ର ପାଠ ଦ୍ୱାରା ଦାମିନୀର କେଶରେ ନିଆଁ ଲଗେଇଦେଲେ । ଶେଷରେ ଦୁଷ୍ଟ ଆତ୍ମାଟି ଲୀନ ହୋଇଗଲା ।

ନମ ବସନ୍ତ, ଜଟଣୀ

# ତୁମେ ହିଁ ପରମ ବନ୍ଧୁ



ଗୁପ୍ତେଶ୍ୱର ଗନ୍ଧ

ମିଛ ଦୁନଆଁ ରେ  ସମ୍ପର୍କ ଗଢ଼ିବା
ଖାଲି ମିଥ୍ୟା ପ୍ରହସନ ।
ଭଲ ପାଇବା ଟା କେବଳ ଛଳନା
ବୁଝେନା କେ  କାହା  ମନ  ||1
ପ୍ରତାରଣା କରି ଦିନ ଯାଏ ବିତି
ଆଚରି କପଟ ବୃତ୍ତି  ।
ଭଣ୍ଡେଇ କ ଲୋଭ ସରଳ ଲୋକ କୁ
ଦେଇ ମିଛ ପ୍ରତିଶୃତି ||2
ଅଧରେ ମଧୁର ହସ ଟିଏ ହସି
ହୃଦେ ହଳାହଳ ବିଷ  ।
କୁଟିଳ ସ୍ୱଭାବ ସାଇତି ଅନ୍ତରେ
ମୋଢୁ ଥାଏ ସିନା ନଶ  ||3
ଖଳ ର  ପ୍ରକୃତି ଖାଲେ  ପକାଇବା
ଷଡ଼ ଯନ୍ତ୍ର ରଚ ଆନେ  ।
ଜୀବନରେ କେବେ ବିଶ୍ୱାସ ନ ଯିବ
ଏପରି ନର ବଚନେ  ||4
ସ୍ୱାର୍ଥ ଥିବା ଯାଏ ମିତ୍ର ଠାରୁ ବଳ
କରେ  ଆଦର ସମ୍ମାନ ।
କଟୁକଥା କହି ଦିଏ ଅପମାନ
ହୋଇଲେ ସ୍ୱାର୍ଥ  ସାଧନ ||5

ସାଥେ କାଲି ଥିଲେ ଆଜି ବି ଅଛନ୍ତି
ଥିବେ ଆଗାମୀ ଦିନରେ ।
ଏମିତି ବନ୍ଧୁତା ଜଗତେ ବିରଳ
ଥାନ୍ତି ସୁଖରେ ଦୁଃଖରେ ॥6
ଦୁର୍ଦ୍ଦିନ କାଳରେ ଦୂରେଇ ନଯାଇ
ଛାଇ ପରି ପାଖେ ପାଖେ ।
ରହି ଥିବେ ସଦା ସର୍ବଦା ସାଥିରେ
ଶାନ୍ତ ହସ ହସ ମୁଖେ ॥7
ବିପଦେ ଆପଦେ ମୁହଁ ନ ମୋଡ଼ିକ
ଶିଶୁ ଭଳ ହାତ ଧରି ।
କଢ଼ାଇ ନେବେ ସେ ଉତ୍ତମ ପଥରେ
ଦୀନ ବନ୍ଧୁ ଦଇତାରୀ ॥8
ତୁମେ ଥାଉଁ ଥାଉଁ ଆନରେ ଭରସା
କରିବି ମୁଁ କାହିଁ ପାଇଁ ।
ଦରିଦ୍ର ର ସଖା ହେ ମହତ ରଖା
ଅଖିଳ ବ୍ରହ୍ମାଣ୍ଡ ସାଇଁ ॥9
ଚଉଦ ଭୁବନେ ବାନା ଉଡୁଅଛି
ଆହେ ପ୍ରଭୁ କୃପା ସିନ୍ଧୁ ।
ହରତା କରତା ମୋ' ଭଗ୍ୟ ବିଧାତା
ତୁମେହିଁ ପରମ ବନ୍ଧୁ ॥10

ଗ୍ରାମ /ପୋଷ୍ଟ :-ସମାସିଂହା,
ଜିଲ୍ଲା :-ଝାରସୁଗୁଡା,

# ମୁଁ ଆଉ କବିତା



ମଞ୍ଜୁ ରାଣୀ ବେହେରା

ଏ କବିତା ଲେଖିବା ବି କମ୍ କଷ୍ଟ ନୁହେଁ
ବେଳେ ବେଳେ ଭାରି ଅବୁଝା ହୁଏ
ଅଧା ରାସ୍ତାରେ ହାତ ଛାଡ଼ି ସେଇ
ଦୂର ଦିଗନ୍ତରେ ଲୁଚଯାଏ,
ମୁଁ ବି ଘୁରିବୁଲେ ସେ କୁହୁକ ରାଇଜରେ
ପୂର୍ଣ୍ଣତାର ରୂପ ଦେବାକୁ ତା ପ୍ରତୀକ୍ଷାରେ।
ଅନ୍ୟମନସ୍କତାର ଜାଲରେ ଛନ୍ଦା
କଛି ଭାବନାକୁ ଆଣି ଶବ୍ଦରେ ସଜାଏ
ସାଦା କାଗଜ ଉପରେ ଛାତିର କୋହକୁ
ସ୍ୟାହିରେ ଝରାଏ
ଦଗ୍ଧ ଅତୀତର ସେ ମଳ୍ଲ କାହାଣୀଟି
ପୁଣି  ଥରେ ଜୀବନ୍ୟାସ ପାଏ
ଅଳନ୍ଧୁ ଲଗା କଛି ଦରଭଙ୍ଗା ସ୍ୱପ୍ନ
ଆଖି ସାମ୍ନାରେ ନାଚ ଉଠେ
ମଉଳା ଆଶା ସବୁ ଲାଗେ ଯେମିତି ଏକ
ସଦ୍ୟ ପ୍ରସ୍ଫୁଟିତ କଢ଼ଟେ।
କେବେ କେବେ ଅଲୋଡ଼ା ସାଜେ
ସେ ମୋ ପାଇଁ
ଆଉ ମୁଁ ତା ପାଇଁ

ଅପ୍ରାପ୍ତ ଭବିଷ୍ୟତର ସନ୍ଧାନରେ ବାହାରିଲି ଭଳି
ମୁଁ ବି ସେ କବିତାରେ ହଜେ
ଲୁହ ଓ ବେଦନା ର ମିଶ୍ରିତ ଏକ ମୋହରେ
ନିଜକୁ ଖୋଜେ
ତଥାପି ଉତାରି ଦିଏ ତାକୁ ଡାଏରୀର
କିଛି ପୃଷ୍ଠା ଭିତରେ,
ରାଗ, ରୁଷା, ମାନ ଅଭିମାନ ସବୁ
ଗାରି ଦିଏ ତା ଦେହରେ,
ସେ କିନ୍ତୁ ମୋତେ ଆପଣେଇ ନିଏ
ମୋ ଅବ୍ୟକ୍ତ ଭାଷାକୁ ନିଜ ପରିଚୟ ଦିଏ
ଆଉ ଏ ନିରର୍ଥକ ମୃତ ଜୀବନରେ
ସାର୍ଥକତାର ପ୍ରାଣ ସଞ୍ଚାରେ.....।

ମେଣ୍ଡା, ସୁବର୍ଣ୍ଣପୁର

# ବନ୍ଧନ ଆଶା



ଧନଞ୍ଜୟ ସ୍ୱାଇଁ

ମନେ ଅଛି ସେଇ ଶୀତୁଆ ସକାଳ ଟି
ତୁମେ ଯେବେ ପାଦ ଥାପି ଆସି ଥିଲ,
ସରମି ଯାଉଥିଲ୍ ତୁମ ଦୁଇ ନୟନ
ମନ ଗୁଂହୁଥିଲ୍ ଆଲିଙ୍ଗନ,
ଖୋଜୁ ଥିଲ  ତୁମେ ପ୍ରଶସ୍ତ ଉଦର
ବିଶ୍ରାମ ଦେବାକୁ ତୁମ ବିଚଳତ ଶରୀର, ଶୋଲ୍ବ ସମୟ ରେ ମନ ଭରିଥିଲ,
ଦେଇଥିଲ ଖୁସିର ଅଶ୍ରୁଳ ପ୍ରେମ,
ଗୁହୁଁ ଗୁହୁଁ ବିତିଯାଇଥିଲ ଆ ଦୀର୍ଘ ଦୀନ
ମନରୁ ଲିଭିନ ତୁମ ସପନ,
ଖୋଜେ ଆଜି ସେଇ ଅଭୁଲ୍ ଦୀନ
ଶୀତୁଆ ସକାଳର ସ୍ମୃତି ଜହ୍ନ,
ମିଳ ଗଲେ କହି ଦିଅନ୍ତି ମନ ଖୋଲି
ତୁମ ପାଇଁ
ସେହି ଜାଗା ଟେ ରହିଛି ଖାଲି,
ବାନ୍ଧି ଦିଅ ବସା
ଆଗକୁ ସଜାଡି ନିଜ ଆଶା ।

ମହାକାଳପଡ଼ା, କୁମାରପଡ଼ା, କେନ୍ଦ୍ରାପଡ଼ା

# ଲୁହ ଏକ ଶ୍ରାବଣ



ପ୍ରକାଶ ମେହେର

ସେ ଦିନର ପରଠାରୁ କାହିଁକି ଆଜି ଯାଏ ତୋର ଆଉ ଦେଖା ନାହିଁ । ତୁ କୋଉଠି କି ଯାଇଥିଲୁ ତା'ର ମଧ୍ୟ ଖୋଜ ଖବର କାହାର ପାଖରେ ନ ଥିଲି । ସତରେ ତୁ କୁଆଡେ ଉଭାନ ହୋଇ ଯାଇଥିଲୁ ନା କୁଆଡେ ଚାଲିଯାଇଥିଲୁ । ଏତେ ବର୍ଷ କ'ଣ କରୁଥିଲୁ . . ଏ ସବୁ ପ୍ରଶ୍ନ ଜଣକୁ ପଚାରୁଛନ୍ତି ସେ ହେଉଛି ମାଧବୀ।

ଗତ କିଛି ବର୍ଷ ତଳର କଥା ମାଧବୀ ନାମକ ଏକ ଦଶବର୍ଷର ଝିଅଟିଏ ମା, ବାପା, ଭାଇ ଓ ଉଉଣୀ ସାଥେ ବେଶ ଭଲରେ ହସ ଖୁସିରେ ରହୁଥିଲି । ତାଙ୍କ ପରିବାରର ସମସ୍ତେ ମାଧବୀକୁ ଗେହ୍ଲା କରି ରଖିଥାନ୍ତି । ସେ ପାଠ ମଧ୍ୟ ଭଲ ପଢୁଥିଲି । ଶ୍ରେଣୀରେ ପ୍ରଥମ ସ୍ଥାନ ରଖୁଥିଲି । କିନ୍ତୁ ପରିସ୍ଥିତି କାହାକୁ କେଉଁ ଦିଗକୁ ନେଇ ଯାଏ ତା'ର ଖବର କାହା ପାଖରେ ନ ଥାଏ ।

ମାଧବୀ ଛୋଟ ଥିଲି ତା' ବାପା ଓ ମା ମୂଲ ଲାଗି ଘର ଚଳାନ୍ତି । ଭାଇ ଓ ମାଧବୀ ଘରେ ଥାନ୍ତି ସେମାନେ କୁ ଆଡେ ଯାଆନ୍ତି ନି । ଭାଇକୁ ତା'ର ପାଠ ପଢ଼େଇ ବଡ଼ ଚାକରି କରେଇବେ ଏହା ତାଙ୍କ ବାପାମା ର ଲକ୍ଷ୍ୟ । ଯେତେ ଯାହା ଆସୁ ସେମାନେ ତାକୁ ବଡ଼ ମଣିଷ କରିବେ । ମାଧବୀର ବାପା ମା ସମସ୍ତେ କାମ କରିବା ପାଇଁ ବାହାର ରାଜ୍ୟକୁ ଗଲେ । ସେଠାରେ ସେମାନେ ମଜୁରୀଆ ଭାବେ କାମ କଲେ । ଯାହା ପାଆନ୍ତି ସେଥିରୁ ପୁଅକୁ ଓ ଝିଅ କୁ ଖୁସିରେ ରଖିଥାନ୍ତି । ନିଜେ ଉପାସ ରହି ପୁଅ ଝିଅ କୁ ଖୁଆନ୍ତି । ଦିନକର କଥା ସେମାନେ କାମ କରୁଥିବା ସମୟରେ ଝିଅ କୁ କେହି ନେଇ ଯାଇଥାଏ । କାମ କରି ସାରିବା ପରେ ମାଧବୀର ବାପା. . . .ମାଧବୀ ମୋ ଗେହ୍ଲି . . . କୋଉଠି ଅଛୁ ଆ . . . ମୋ . . . ସୁନା ପରି ବୋଲି ଡାକଲେ । କିନ୍ତୁ କଉ ଆଡୁ ଉତ୍ତର ଆସିଲାନି ସବୁ ଆଡେ ଚୁପ ଚାପ । ସବୁ ଆଡେ ଖୋଜା ଖୋଜି କଲେ । ତା ମା ଓ ଭାଇ ମଧ୍ୟ ବହୁତ ଡାକଲେ ହେଲେ ଡାକ ଶୁଣିଲାନି ମାଧବୀ । ପରିବାରର ସମସ୍ତଙ୍କ ଆଖିରେ ଅଶ୍ରୁ ଧାର ଧାର ହୋଇ ବହି ଯାଉଛି ଯେପରି ଶ୍ରାବଣର ବର୍ଷା ଓ ଏହା ଏକ ବନ୍ୟାର ରୂପ ନେଇଛି ।

ସମସ୍ତଙ୍କୁ ଏଇ ଲୁହର ଶ୍ରାବଣ ଅଶ୍ରୁ ଧାରରେ ଭିଜେଇ ଦେଇଛି । ଖୋଜା ଖୋଜି କରି ଝିଅ ନ ମିଳବାରୁ ସେମାନେ ବିଦେଶ ଛାଡି ଘରକୁ ପଳାଇ ଆସିଲେ । ହେଲେ ସେ ଝିଅ ର କୁନ କୁନ ଓଠର ମା ଓ ବାପା ଡାକ ତାଙ୍କ ହୃଦୟରେ ବାରମ୍ବାର ପ୍ରତିଧ୍ଵନିତ କରୁ ଥାଏ ।

ବିତି ଯାଇଛି ଦଶ ବର୍ଷ ପୁଅ ମଧ ତାଙ୍କର ଟିକେ ବଡ଼ ହେଇ ଯାଇଛି । ଝିଅକୁ ଭାବି ଭାବି ସେମାନେ ମର୍ମାହତ ହୋଇ ପଡିଛନ୍ତି। କାଳେ ସେ ଏଠି ଅଛି ବୋଲି ଭାବୁଛନ୍ତି । ଦିନକର କଥା ଗାଁକୁ ଝିଅଟିଏ ଗୋଟେ ବୁଢ଼ା ସାଥିରେ ଆସିଛି । ସେ ବୁଢା ଜଣକ ମ୍ୟାଜିସିଆନ୍ ବିଭିନ୍ନ ଯାଦୁ ଖେଳ ଦେଖାଇ ଲୋକଙ୍କ ମନ ଆକୃଷ୍ଟ କରିଥାଏ ଓ ଟଙ୍କା ରୋଜଗାର କରିଥାଏ । ଖେଳ ପ୍ରଦର୍ଶନ କଲା ବେଳେ ଗାଁର ସବୁ ଛୁଆ ପିଲା ଆସିଲେ । ହେଲେ ମାଧବୀର ମା ଓ ବାପା ଆସିଲେନି କାରଣ ତାଙ୍କ ମନ ଭଲ ନ ଥାଏ ଝିଅକୁ ଝୁରି ଝୁରି । ହେଲେ ତାଙ୍କ ପୁଅ ଯାଦୁ ଖେଳ ଦେଖି ଆସିଥାଏ ।

ପ୍ରଥମେ ବୁଢା ଯାଦୁ ଖେଳ ଦେଖାଇଲା ଓ ପରେ ସେ ଝିଅକୁ ଡାକ ଯାଦୁ ଦେଖାଇବାକୁ କହିଲା । ସେ ଝିଅଟି ଛୋଟ ବେଳୁ ମୁଣ୍ଡରେ କଳସୀ ଧରି ଆଖି ବୁଜି ୧୦୦ କଦମ ଚାଲି ପାରେ ଏହା ତା' ପରିବାରର ସମସ୍ତେ ଜାଣିଥିଲେ । ଏ ଖେଳ ଦେଖିଲା ପରେ ମାଧବୀର ଭାଇ କାହିଁକି କେ ଜାଣି ତା'ମନକୁ ଏକ ପ୍ରଶ୍ନ ଉଙ୍କି ମାରି ପିଲା ଲୋକ ସିଧା ଯାଇ କ ବୁଢ଼ା ଓ ଝିଅ ପାଖରେ ହାଜର । ଝିଅ କୁ ପଚାରିଲା ଏ ଖେଳ କୋଉଠୁ ଶିଖିଥିଲ, ଝିଅ କହିଲା ମୋ ପିଲା ଦିନରୁ ତା' ପରେ ଆଉ ତା' ନାଁ ପଚାରିଲା ..ତମ ନାଁ କ'ଣ..? ଏ ପ୍ରଶ୍ନରେ ଝିଅ ଟିକେ ଗୁମ୍ ହେଇ ଗଲା ଆଉ ତାର ପ୍ରକୃତ ନାଁ କହିଦେଲା ମାଧବୀ ବୋଲି ।

ଏ ସବୁ ଶୁଣି ପୁଅଟି ସିଧା ତା ବାପା ମାକୁ ଖେଳ ପ୍ରଦର୍ଶନ ସ୍ଥାନ କୁ ଡାକ ଆଣିଲା । ବୁଢ଼ା କୁ ତା ବାପା ମା ସବୁ ପଚାରିଲେ ଓ ଶେଷରେ ଝିଅଟିକୁ ଦେଖି ସେମାନେ ଚହ୍ନିପାରିଲେ । ବାପା ମା ଓ ଭାଇର ମନରେ ଅନେକ ଯନ୍ତ୍ରଣା, ଅଶ୍ରୁ, ମନସ୍ତାପ ଥିଲା । କନ୍ତୁ ମାଧବୀକୁ ପାଇଲା ପରେ ସେ ଶ୍ରାବଣର ଅଶ୍ରୁ ଧାର କୁ ଆଡେ ଚାଲିଯାଉଛି । ଆନନ୍ଦର ଲହରି ମନରେ ଉଠି ପଡୁଛି। ତା'ପରେ ମାଧବୀ କୁ ଅନେକ ପ୍ରଶ୍ନ ପଚାରିଛନ୍ତି ବାପା ମା . . . .

କୁଲିଆବାହାଲ, ଜରସିଂହା
ବଲାଙ୍ଗିର

# ମୋ ସ୍କୁଲ



ଦିନେଶ ମେହେର

ଖଗେଶ୍ୱର ମେହେର ହାଇସ୍କୁଲଟି ମୋହର
ପରିବେଶ ତାର ଆହା କ ସୁନ୍ଦର
ଗଢ଼ିଛି ଭବିଷ୍ୟତ କେତେ ପିଲ୍ଙ୍କର
ମିଳେ ନିଷ୍ଠାପର ଗୁରୁଜୀଙ୍କର ଆଦର
ସ୍କୁଲମାନଙ୍କ ମଧ୍ୟରେ ଅନନ୍ୟ ସ୍କୁଲ୍
ଅଟେ ହାଇସ୍କୁଲ ଟି ମୋହର
ପାଇ ତାର ସେନେହ ଆଦର
ଭୁଲି ଯାଇଛି ବିଧାତା ଈଶ୍ୱର
ପ୍ରଧାନ ଗୁରୁଜୀ ଅଟନ୍ତି ଯେ ଅଭିଜ୍ଞ
ଶିକ୍ଷକତା ତାଙ୍କର ନିଃସ୍ୱାର୍ଥପର ପୁଣି
ଅଟନ୍ତି ଯେ ଆମର ଗଣିତ ସାର
ଡାକନ୍ତି ତାହାଙ୍କୁ ସଭିଏଁ ନନ୍ଦ ସାର
କେତେ ସରଳ କେତେ ନରମ
ଆହା କ ମଧୁର କଥା ତାଙ୍କର
ମାଦକ ଭର୍ ତାଙ୍କ ମିଠା ବଚନ
ଅଶ୍ରୁସିକ୍ତ କରେ ମୋର ଦୁଇ ନୟନ
କେତେ ବିଦ୍ୟାର୍ଥୀ ଭବିଷ୍ୟତ ଗଢ଼ି
ଦେଖେଇଛନ୍ତି କେତେ ଆଶାର ଆଲୋକ
ପ୍ରେରଣା ଦାୟକ ତାଙ୍କର ସବୁ ଟି କଥା
ଆହା କେତେ ବଢିଆ ମୋ ନନ୍ଦ ସାର।

ପଲ୍ଲସ, ଜୁନାଗଡ଼, କଳାହାଣ୍ଡି

# ପୁଣି ଭାଙ୍ଗିବ



ମେନନ୍ ସାହୁ

ନେଇଯା'ରେ ପ୍ରିୟା ମୋତେ
ସେ ଅନ୍ଧାରି ମୁଲକକୁ
ଯେଉଁଠାରେ ମୁଁ ତୋତେ ଖୋଜିବାରେ ଅସମର୍ଥ ହେବି
ଶତଚେଷ୍ଟା କଲେ ମଧ୍ୟ ତୋତେ ଖୋଜି ପାଇବିନି
ଖୋଜିବା ଆଳରେ ଅନ୍ଧାରରେ ବାରମ୍ବାର
ମୁଁ ମୋ ନିଜକୁ କେଉଁ ଅଜଣା ଠିକଣାରେ ପହଞ୍ଚାଉଥିବି
ଯେଉଁଠି ପୁଣି ମୋ ପାଦରେ କଣ୍ଟା ପଶିବ
ହାତରେ ଆଘାତ ଲାଗିବ
ଆଖିରୁ ଲୁହ ଝରିବ
ଛାତିରେ କୋହ ଭରିବ
ମନରେ ଅଶାନ୍ତି ବଢିବ
ହୃଦୟ ପୁଣି ଭାଙ୍ଗିବ.........
ଶେଷରେ ପୁଣିଥରେ ଚାରିକାନ୍ଥକୁ ଘେରିଥିବା ଅନ୍ଧାର ଘରେ
ମୋର ଚିତ୍କାର ଶୁଭୁଥିବ .......

ପର୍ଜଙ୍ଗ, ଢେଙ୍କାନାଳ

# ମୋର ଆଜିକାଲି



ତାରାପ୍ରସାଦ ଜେନା

ପାପ ମୋତେ ସେଇ ମନେଇ ଝିଅଟା ଛାଡ଼ିଦେଲା ଆଜିକାଲି
ପୁଣ୍ୟ ପ୍ରେମ ଯାହା ଭାବିଥିଲି ଏତେ ଭୁଲ ହେଲା ଆଜିକାଲି ।

ସୁଖ ନଈତୁଠ ଘଷାମଜା ଦେହ ଲାଗିଥିଲା ଭାରି ମୋହ
ଫୁଙ୍ଗୁଳାରେ ମାୟା ଡାହାଣୀ ପାଲଟି ଡରାଉଛି ଖାଲି ସ୍ନେହ
ଭାବ ଗପ ମୋର ବଢ଼ିଲାନ ଆଉ ସରିଗଲା ଆଜିକାଲି ।

ହସ ଖେଳ ଘର ଭାଙ୍ଗିଗଲା ପରା ଭସାଇଲା ଦୁଃଖ ଲୁହ
ମନ ଚଇତାଳ ବହିଲାନ ଆଉ ବଇଶାଖୀ ଦେଲା ଦାହ
ସରାଗର ଫୁଲ ମହକବା ଛାଡ଼ି ଝଡ଼ିଗଲା ଆଜିକାଲି ।

ପ୍ରାଣ ଗାହିଁଥିଲା ରାଣ କରି ହାଏ ଛଳ କଲା ମୋର ସହ
ସାକୀ ମଣିଥିଲି ସଖୀ କୌତୁହଳେ ଦେଇଗଲା ଶୂନ୍ୟ କୋହ
ମଦିରା ତ ନାହିଁ ନଶା ଘାରେ ମୋତେ ମାରିଦେଲା ଆଜିକାଲି ।

ସା.- ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼

# ମିଛେଇ ପ୍ରେମିକା



ଚୈତନ୍ୟ ବାଗ

ବାସ୍ତବ ରେ ଏହି ବିଚନ୍ଦ୍ର ଦୁନଆରେ ରହି ଅଛି ଏକ ବିଚନ୍ଦ୍ର ଶବ୍ଦ, ଯାହା ଗଢ଼ା ହୁଏ ଦୁଇଟି ନୁହେଁ କ ତିନୋଟି ରେ ମଧ୍ଯ ନୁହେଁ କେବଳ ଗଢ଼ା ଅଢେଇ ଅକ୍ଷର ରେ | ଅଢେଇ ଅକ୍ଷର ରେ ଗଢ଼ା ବୋଲି ତ କାହା ପାଇଁ ଅଧିକା ତ ଆଉ କାହା ପାଇଁ କାମ | ଏହି ଅକ୍ଷର ଯେବେ ମିଳତ ହୁଏ ତାହାଲେ ହୃଦୟ ଅନ୍ତର ମଧ୍ଯ ରେ ଗଢି ଉଠେ ଏକ ନଆର୍ ଅନୁଭବ | ଅନ୍ତର ଆତ୍ମା ରୁ ଉଠୁଥିବା ଏକ ଜ୍ଵଳନ୍ତା ପ୍ରଦୀପ ଶିଖା ତା ନାଁ ହେଉଛି ପ୍ରେମ |

ଜୀବନ ରେ ଘଟି ଥିବା ଅନେକ ଘଟଣା କୁ ମନେ ରଖି ହୁଏ ନାହିଁ କନ୍ତୁ ଏମିତି ଘଟଣା ଥାଏ ଯାହାକୁ କେବେ ଭୁଲି ମଧ୍ଯ ହୁଏ ନାହିଁ | ବର୍ତ୍ତମାନ ର ଏହି ସ୍ୱାର୍ଥ ପର ଦୁନଆରେ ମାଧୁର୍ଯ୍ୟ ଭର୍ ସ୍ନେହ ଭର୍ ପ୍ରେମ ର ରଙ୍ଗ ସତେ ଯେ ପରି ଫିକା ପଡିଯାଇଛି |

ପ୍ରେମ ର ରଙ୍ଗ ତ ଇନ୍ଦ୍ରଧନୁ ର ସାତ ରଙ୍ଗ ପରି ସପ୍ତ ରଙ୍ଗ ରେ ଗଠିତ, କନ୍ତୁ ତାହା ଏବେ କଳଙ୍କ ର ରଙ୍ଗ ରେ ରଙ୍ଗୀତ ହୋଇ ଏହି ଧର୍ଧାମ ରେ ପଦାଚରଣ କରୁଛି | ବର୍ତ୍ତମାନ ଆଉ ନାହିଁ ସେହି ଭାବ, ନାହିଁ ବିଶ୍ୱାସ, ନାହିଁ ଭରଷା, କେବଳ ଲୁଚ ରହିଅଛି ମିଛ | ପ୍ରୀତି ର ହାସ୍ୟ ର ବଦନ ରେ ଝଲସୁଛି କେବଳ ଛଳନା, ମିଛ ର ପରଦାରେ ସମସ୍ତେ ନଜ ନଜ ପ୍ରେମ କୁ ଢାଙ୍କୁଣୀ ଦେଇ ବୁଲୁ ରହୁଛନ୍ତି, ଏକ ବାଆଁର୍ ଚଢେଇ ପରି | ଆଜି ପୂର୍ବ ଦିଗରେ ତ କାଲି ପଶ୍ଚିମ ଦିଗରେ ଉଡି ଉଡି ଖୋଜି ବୁଲୁଛନ୍ତି ଏକ ନୂଆ ନୂଆ କ୍ଷ୍ୟଣସ୍ଥାୟୀ ବସା | ମିଛ ମାୟା ରେ ଛନ୍ଦି, ମିଛ ଭରଷା ଦେଇ ମିଠା ମିଠା କୋଇଲି ର ଭଷା ପରି ଆଶ୍ୱାସନା ଦେଇ, ଆପଣାର କରି ନମିଷକ ରେ ଗୁଲିଯାନ୍ତି ସାତପର, ଆବାର୍ ସଜେଇ |

ବାଃ ରେ ଦୁନଆ ବାଃ ତୋର ମିଛ ପ୍ରେମ ର ଦୁନଆ ରେ ନଷ୍ଟୁର ର ବିଗ୍ଗର | କଏ ପ୍ରେମ କୁ ଭ୍ବେ ସତ୍ୟ ଶିବା ସୁନ୍ଦର ତ ଆଉ କଏ ଭ୍ବେ ମିଛ ପ୍ରୟୋଜନ ର ଆହାର | ଜଣେ ଜଣେ ପାଇଁ ଝୁରି ମରୁ ଥାଏ ତ ଆଉ ଜଣେ ଅନ୍ୟ ପାଇଁ ଝୁରୁଛି, ମିଛ ଦୁନଆ ରେ ମିଛ ପ୍ରେମ ର ସମ୍ପର୍କ, ଧିକ ଧିକ ଏହି ପରି ମିଛ ପ୍ରେମ କୁ | ଏଠି କେହି କାହା ପାଇଁ ନୁହନ୍ତି ସ୍ୱାର୍ଥ ସରିଗଲେ ସମସ୍ତେ ନଜ ନଜ ପଥ ର ପଥିକ |

ଚଚଆ, କଳାହାଣ୍ଡି

# ନବ ସକାଳର ସ୍ୱପ୍ନ

ଟୁକୁନା ସାହୁ

ସବିତା ସ୍ପର୍ଶରେ କୁସୁମିତ ଧରା
ହସୁଛି ନବ ସକାଳେ
ସଜେଇ ହୋଇବ ସବୁଜ ବେଶରେ
ମୁଖ ପଖାଳିବ ଜଳେ ।

କୁକ୍କୁଟର ରବ ଶଙ୍ଖ ଧ୍ୱନି ଶୁଣି
ପ୍ରଫୁଲ୍ଲିତ ତାର ଚିତ୍ତ
ଖୁସିରେ ରହିବେ ତାହାରି ସନ୍ତାନ
ବଢ଼ିବ ତାଙ୍କର ବିତ୍ତ ।

ନବ ସକାଳରେ ତାହାରି କୋଳରେ
ଜନମିବେ ଯେତେ ସୁତ
ସାଉଁଟି ଆନନ୍ଦ ବଞ୍ଚିବେ ଗରବେ
ହେବେ ନାହିଁ ଭୟଭୀତ ।

ହେବକି ପୂରଣ ତାହାର ସପନ
ଭାବେ ମୋର ଏଇ ଚିତ୍ତ
ଦୂରେଇ ଯାଆନ୍ତା ସଭିଙ୍କ କଷଣ
ଖୁସିରେ କରନ୍ତି ନୃତ୍ୟ ।

ସାନ୍ତରା ପଲ୍ଲୀ ଗଞ୍ଜାମ

# ଅର୍ଥ ଅହଙ୍କାର



ମହେଶ୍ୱର ସାହୁ

କେଇ ବୁନ୍ଦା ରସ, ଲେମ୍ବୁ ମଧ୍ୟୁ ଆସି,
ଦୁଗ୍ଧକୁ ଭାଙ୍ଗି ଦିଅଇ ।
ଜଳର ରାସ୍ତାରେ, ଜଳ ବୋହିଯାଏ,
ଛେନା ରହିଥାଏ ଗୃଇଁ ।।
ଅର୍ଥ ଅହଙ୍କାର, ଦିଅଇ ପ୍ରହାର,
କୋମଳ ହୃଦୟେ ରହି ।
ପିତା ପୁତ୍ର ସ୍ନେହ, ଭ୍ରାତୃ ଭଗ୍ନୀ ସ୍ନେହ,
ଅହଙ୍କାରରୁ ଭାଙ୍ଗଇ ।।
ଅହମିକା ଅଟେ, ନିମିଶ ମାତର,
ଆଜି ଆସି କାଲି ଯାଏ ।
କର୍ପୂର ଉଡିବ, କନା ପଡିଥିବ,
ଜୀବନ ଅଧୁରା ରହେ ।।
ମୁଦ୍ରା ମୁଦ୍ରା ହୋଇ, ପ୍ରଭାତରୁ ରାତ୍ର,
ଗ୍ରାସୀ ଯାଏ ଲୋଭ ମୋହ ।
ଅର୍ଥ ପାଇଁ ଜନେ, କୁକାର୍ଯ୍ୟ କରିଣ,
କଳଙ୍କିତ କରେ ଦେହ ।।

ଧନବନ୍ତ ସୁଖ, ସେଇ ଏକା ଜାଣେ,
ସର୍ବଦା ଭୟ ଶରୀରେ ।
ବଡ଼ ବାଉଁଶର, ଖୋଲ ମଧ ବଡ଼,
ଦୃଶ୍ୟହୁଏ ଭଗ୍ନ ପରେ ।।
ଗରିବ କାଙ୍ଗାଳ, ହୁଅନ୍ତି ଆକୁଳ,
କ୍ଷୁଦା ତୃଷ୍ଣା ନିବାରଣେ ।
ଲୋଭ ମୋହ ଭୟ,ନଥାଏ ହୃଦୟେ,
ଶ୍ରମ କ୍ଷୁଦାର କାରଣେ ।।
ଅନ୍ତର୍ଯ୍ୟାମୀ ତୁମେ, ଦିଅହେ ଶକତି,
ପେଟର ପୋଷଣ ପାଇଁ ।
ଆବଶ୍ୟକ ଠାରୁ, ନାହିଁ ପ୍ରୟୋଜନ,
ଲୋଭରୁ ରହେ ଦୂରେଇ ।।
ମୁଦ୍ରା ରାକ୍ଷସର, କରାଗ୍ରତ ହେଲେ,
ଅହଙ୍କାର ଯିବ ବଢି ।
ଲାଗିଯିବ ନିଆଁ, ସଂସାର ମଧରେ,
ସମ୍ପର୍କ ଯେ ଯିବ ଛିଡି ।।

ଗୋପୀବିନ୍ଧା, ବାଲେଶ୍ୱର

# ତୁମବିନୁ ମୁଁ ଯେ



ଅଜୟ କୁମାର ବେହେରା

ପ୍ରିୟତମ ମୋର ତୁମ ବିନୁ ମୁଁ ଯେ
କେମିତି ରହିବି କୁହ
ଷୋଳଟି ଫଗୁଣ ମୋତେଯେ ଛୁଇଁଚ
ଦୂରରେ କାହିଁକ ରୁହ ।୧।

ମନ ଉପବନେ ପ୍ରେମର ପରଶ
ମହମହ ହୋଇ ବାସେ
ତୁମ ବିନୁ ଆଗ ନିଃସଙ୍ଗ ଜୀବନ
ମଳନ ମଳନ ଦିଶେ ।୨।

ନୀଳ ଆକାଶରେ ବଉଦ ମେଳରେ
ମନଲୋଭା ଦୃଶ୍ୟ ରଜି
ଝରକା ଫାଙ୍କରେ ଦେଖୁ ଥାଏ ନତି
ବିରହିଣୀଟିଏ ସାଜି ।୩।

ମନ ଭରେ ନାହିଁ ଯେତେ ଦେଖିଲେ ବି
ଅପରୂପ ସେଇ ଛବି
ତୁମେଯେ ମୋହର ସାତ ସପନ ଗୋ
ଶୋଇ ଯାଏ ଭାବି ଭାବି ।୪।

କେବେ ଗୋ ଆସିବ ମଳୟ ବହିବ
ଏଇ ହୃଦୟରେ ମୋର
ଟିକଏ କଥାରେ ଅଳପ ହସରେ
କରିବ ମୋତେ ନଜର।୫।

ଆସ ସାଥି ମୋର ଚାହିଁଅଛି ମୁଁ ଯେ
ବିକଳ ଚାତକପରି
ହୃଦୟ ଦୁଆର ଖୋଲା ଅଛି ମୋର
ଆସ ଗୋ ନ କରି ଡେରି।୬।

ମୋରଡ଼ା, ମୟୂରଭଞ୍ଜ

# ଲଙ୍କେଶ୍ୱରୀ ମାଲେଶ୍ରୀ

କୁମର ଲାଲ ରଣା

ଜୟ ଜୟ ଲଙ୍କେସ୍ୱରୀ ମାହେଶ୍ୱରୀ ମାଗୋ
ଜୟ ଜଗତ ଜନନୀ ।
ଗୋମା ମୋତେ କୃପା କର
ଦେବୀ ଭବାନୀ....... ଜୟ ଜୟ ।0।
ଗୋମା ଗିରିନନ୍ଦିନୀ ଗୁଣବତୀ ନାରୀ ।
ମୁକୁତା ହାରେ କଣ୍ଠ ଗଳା ପୁରି ।
ଗଜ ଗମନୀ ଶ୍ରୀ ଚନ୍ଦ୍ର ବଦନ ।
ଗୋ ମାଆ ପାଦରେ ତୋର ନେପୁର ବାଜେଣି ।
ଦନ୍ତ ରଟମଟ
ଜିହ୍ୱାଲହଲହ
ଗାତ୍ର ବଦନ ଥରହର ।
ଡିବିଡିବି ଡମ୍ବରୁ
ମୃଦଙ୍ଗ ଘୁରୁଘୁରୁ
ପତନ ଫିରି ଫିରି ଫରଫର ।
ଗୋମା କଳାହାଣ୍ଡି ଗଡ଼େ ନାମ ପ୍ରସାର ।1।
ଗୋମା ଭକ୍ତଙ୍କ ହିତରେ ତୋର ଜନମ
ପ୍ରସାର ହେଉଛି ତୋ ଯଶ ନାମ
ଗଢ଼ିଏନ ନାମେ ରହିଛି ଯଶ ।
ଗୋମା ଘେରି ରହିଛୁ ଗାଆଁ ଚଉପାଶ ।
ଘଣ୍ଟ ଟନଟନ
ବଜାଇ ଘନ ଘନ
ଲଗାଇ ଦୀପ ଚନ୍ଦନ

ପୂଜାରେ  ଆଳତି
ଆଲୋକ ଜ୍ୟୋତି
ଭକତେ ଦର୍ଶନ କରନ୍ତି ।
ଗୋମା କଳାହାଣ୍ଡି ଗଡ଼େ ତୋ ଯଶ କୀର୍ତି ।2।
ସେତୁ ବନ୍ଧେ ଯାଇ  ଭେଟିଲୁ ବଳ ।
ସେବା କଲେ ରାମ ଭକତ ଦଳ  ।
ବେଳ ପତ୍ରେ ମାଗୋ ପକାଇ ପୁଞ୍ଜି ।
ଗୋ ମାଆ ଜଏ ଶବଦେ ଓଁକାର ସୃଜି ।
ଜୟ ଲଙ୍କେଶ୍ୱରୀ
ଜଗତ ଈଶ୍ୱରୀ
ଜୟ ଲଙ୍କେଶ୍ୱରୀ ନାୟିକା
ଜୟ ମା ରକ୍ଷଣୀ

ମହୁଆ ଭଟା, ନୂଆପଡା, ଓଡିଶା

# ଜୀବନ ନଉକା

ବିଶ୍ୱଜିତ ରଥ

ଆପଣା କର୍ମରେ ସଭିଏଁ ତତ୍ପର
ଭାଗ୍ୟକୁ ଗଢ଼ିବା ପାଇଁ,
ଭାଗ୍ୟ କେବଳ ଯେ କପାଳ ଲିଖନ
କେବେ ତା ଭାବିବା ନାହିଁ।

କାହା ଦେହେ ନାହିଁ ଛିଣ୍ଡା କନା ଏଠି
କା ପାଖେ ସ୍ୱର୍ଣ୍ଣ ପ୍ରାସାଦ,
କା ପେଟରେ ନାହିଁ ଦାନା ମୁଠେ ଆଉ
କା ଭାଗ୍ୟେ ଭୋଜନ ସ୍ୱାଦ।

କଏ ବଞ୍ଚେ ଏଠି ନିତି ମରି ମରି
ଭାଗ୍ୟକୁ ନଜର ନନ୍ଦି,
ଅଜ୍ଞାନ ପାଲଟି ବୁଝି ନ ପାରନ୍ତି
ନିଜେ ନିଜ ପ୍ରତିଦ୍ୱନ୍ଦୀ।

ବାଳୁତ କାଳରୁ ମରିବା ପର୍ଯ୍ୟନ୍ତ
ଲଢ଼ିବା ହିଁ ଲେଖା ଅଛି,
ଅଧା ବାଟେ ଆସି ହାର ମାନିଗଲେ
ସମାଜ କରିବ ଛି ଛି !

ଯାହା ଘଟିଅଛି ଅତୀତରେ ତାହା
ଫେରିକି ପାଇବ କଏ ?
ପଛ କଥା ସବୁ ପଛରେ ପକାଇ
ଆଗକୁ ଯିବାକୁ ହୁଏ।

ଜୀବନ ନାଆରେ ବସିଛେ ସଭିଏଁ
ଏକାକୀ ନାଉରୀ ସାଜି,
ଭବ ସାଗରରୁ ନିସ୍ତାର ପାଇଁକି
ଲାଗିଛି ଜୀବନ ବାଜି।

ଭାପୁର, ନୟାଗଡ

# ବରଷା ରାଣୀ



ରାମ ଚନ୍ଦ୍ର ପ୍ରଧାନ

ବରଷା ରାଣୀ ଲୋ ବରଷା ରାଣୀ
ଭଲ ଲାଗେ ତୋ'ର ଭିଜା ଓଢଣୀ ।
ଗ୍ରୀଷ୍ମ ପରେ ତୁହି ଧରାକୁ ଆସୁ
କଳା ମେଘ ହୋଇ ଆକାଶେ ଭାସୁ ।
ତୁ' ଆସିବା ଦେଖି ଧରଣୀ ହସେ
ନଈ ବଢ଼ି ପାଣି ଗାଆଁରେ ପଶେ ।
ତୋ'ର ଦରଶନେ ମୟୂର ନାଚେ
ତାଳ ଜାମୁକୋଳି ଗଛରେ ପାଚେ ।
ତୁ' ଆସିଲେ ଖୁସି ଲହରୀ ଛୁଟେ
ବାଡ଼ି ବଗିଚାରେ କୁସୁମ ଫୁଟେ ।
ତୁ ଯେବେ ଆସୁ ବଉଦ ହାଟେ
ସାଧବ ବୋହୂଟା ନଦରୁ ଉଠେ ।
ବରଷା ରାଣୀ ଲୋ ବରଷା ରାଣୀ
ସୁକୁମାରୀ ପରି ଦେଖାନ ଠାଣି ।
ତୋ'ର ଆଗମନେ ହସେ କୃଷକ
ସାରୁ ବୁଦା ମୂଳେ ରଡ଼େ ମଣ୍ଡୁକ ।
ତୁହି ପରା ଅଟୁ ଜଗତ ମିତ
ସଲିଳେ ମେଣ୍ଟାଉ ସବୁରି ଚିତ୍ତ ।
ବରଷା ରାଣୀ ଲୋ ବରଷା ରାଣୀ
ଓଳ ତଳେ ତଳେ ଝରାଉ ପାଣି ।

ଶିକ୍ଷକ
ସାନ୍ତରାପଲ୍ଲୀ ଗଞ୍ଜାମ

# ଲୋକ କାହାଣୀ ରେ ସାମାଜିକ ଆବେଦନ

ଚତୁର୍ଭୁଜ ରଣା

ସାମାଜିକ ଜୀବନର ଅନ୍ତିମ ପରିଣତି ସାହିତ୍ୟରେ ରୂପାୟିତ ହୋଇଥାଏ । ଯେଉଁ ସାହିତ୍ୟରେ ସାମାଜିକ ସ୍ପନ୍ଦନର ଗତି ଯେତେ ତୀବ୍ର, ସେ ସାହିତ୍ୟ ସେତିକ ପ୍ରତିଶ୍ରୁତି ପୂର୍ଣ୍ଣ ଓ ପ୍ରତିକ୍ରିୟାଶୀଳ । ବିଶ୍ୱର ପ୍ରତ୍ୟେକ ବଡ ବଡ ସାହିତ୍ୟିକ ସୃଷ୍ଟି ମଧ୍ୟରେ ସାମାଜିକତାର ସୁଗନ୍ଧିତ ଅରତ ଆମ୍ଭଗୋପନ କରି ସମାଜରେ ଆକର୍ଷଣୀୟ ଓ ପ୍ରଭାବଶାଳୀ ବିପ୍ଳବ ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । କାରଣ ସମାଜକୁ ଛାଡି ସାହିତ୍ୟର ସ୍ଥିତି ନାହିଁ । ଯଦି ବା ଥାଏ ତହିଁରେ କୌଣସି ମୂଲ୍ୟବୋଧ ନଥାଏ । ଅତଏବ ମୂଲ୍ୟବୋଧ ଭିତିକ ସାହିତ୍ୟରେ ସାମାଜିକ ବାର୍ତ୍ତା ଏକ ଗୁରତ୍ୱପୂର୍ଣ୍ଣ ବ୍ୟାପାର ତେବେ ସମାଜର ବାହାରେ ଯଦି ବା ସାହିତ୍ୟ ସୃଷ୍ଟି ର ପ୍ରୟାସ ହୋଇଥାଏ ତଥାପି ମଧ ତହିଁରେ ସମାଜର ବିଭିନ୍ନ ଚନ୍ଧାବଳୀ ପୁଷ୍ପହାରରେ ପୁଷ୍ପସଦୃଶ ଗ୍ରନ୍ଥିତ ହୋଇଥାଏ ।

ଲୋକସାହିତ୍ୟ ହେଉ ଅବା ବିଦଗ୍ଧ ଚନ୍ଧାବଳୀ ପୁଷ୍ପହାରରେ ପୁଷ୍ପସଦୃଶ ଗ୍ରନ୍ଥିତ ହୋଇଥାଏ । ତେଣୁ ଲୋକସାହିତ୍ୟ ହେଉ ଅବା ବିଦଗ୍ଧ ସାହିତ୍ୟ ହେଉ ସାହିତ୍ୟରେ ସମାଜ ଚନ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଲୋକସାହିତ୍ୟର ବିଭିନ୍ନ ଭାଗରେ ସମାଜ ଚନ୍ଧ ପରି ଲୋକକଥାରେ ସମାଜ ଚନ୍ଧର ଜଳ୍ଜକ ଦୃଷ୍ଟାନ୍ତ ମିଳଥାଏ ।

ଓଡିଆ ଲୋକକଥା ବିଭିନ୍ନ ଅଲୌକିକତା ଏକ ଅସମ୍ଭବ କଥା ତଥା ଅବାସ୍ତବତାକୁ ଉପଜୀବୀ କରି ସୃଷ୍ଟି ହୋଇଥିଲେ ହେଁ ସମାଜ ଜୀବନର ବହୁ ବିଷୟ ଏଥିରେ ରୂପାୟିତ। ସାମାଜିକ ମଣିଷର କାହାଣୀ ପ୍ରିୟତାର ଲୋକକଥା ଯେପରି ମୂର୍ତ୍ତି ପ୍ରତୀକ ଠିକ ସେହିପରି ସାମାଜିକ ଚେତନା ର ଏହା ଜୀବନ୍ତ ନିଦର୍ଶନ । ଲୋକକଥା ବହୁ ସମୟରେ ଅସମ୍ଭବ କଳ୍ପନା ବିଳାସର ପରିଚୟ ଦେଉଥିଲେହେଁ ସେହି ଅସମ୍ଭବ ବର୍ଣ୍ଣନା ବୈଚିତ୍ର୍ୟ ମଧ ଦେଇ ସାମାଜିକ ସ୍ୱରୂପ କୁ ଉଦ୍ଘାଟନ କରାଇଥାଏ ।

ଲୋକକଥା ର ସ୍ରଷ୍ଟା ସଚେତନ ଭାବରେ ଏଥିରେ ସାମାଜିକ ଜୀବନକୁ ରୂପାୟିତ କରିବାକୁ ଚାହିଁ ନ ଥିଲେ ମଧ, ସେମାନଙ୍କ ଅଜାଣତରେ ସେହି ସମାଜର ବହୁପ୍ରଥା ଏଥିରେ ପ୍ରକାଶ

ଲାଭ କରିଛି । ତତକାଳୀନ ସମାଜର ବହୁପ୍ରଥା, ନୀତିନିୟମ, ହାବଭାବ, ବିଶ୍ୱାସବୋଧ ଏଥିରେ ରୂପଲାଭ କରିଛି । ତେଣୁ କେବଳ ସାମୟିକ ଭାବ ଆନନ୍ଦ ପ୍ରାପ୍ତି ପାଇଁ ନୁହେଁ ବରଂ ସେ ସମାଜର ସଂପୂର୍ଣ୍ଣ ନ ହେଲେ ବି କଛି ଟା ସ୍ୱରୂପ ଅଥିରେ ପ୍ରକାଶ ଲାଭ କରାଯାଇଛି । ତାକୁ ଆଧାର କରି ଲୋକକାହାଣୀ ରେ ପରି ଦୃଷ୍ଟି ହେଉଥିବା ସାମାଜିକତାକୁ ଆଲୋଚନା କରାଯାଇପାରେ । ମାତ୍ର ଏଠାରେ ସ୍ମରଣୀୟ ଯେ, ବହୁ ଅଯୌକ୍ତିକତା ମଧ୍ୟ ରେ ମଧ୍ୟ ଲୋକଜୀବନର ସାରଲ୍ୟ, ଉତ୍ସୁକତା ଏବଂ ଜୀବନ ପ୍ରତି ଆଶାବାଦୀ ଦୃଷ୍ଟିଭଙ୍ଗୀ ଏହି କାହାଣୀ ଗତିକୁ ସାମାଜିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି ।

୧) ଧାର୍ମିକ ଭାବନା: ପଲ୍ଲୀବାସୀ ଓଡିଆମାନଙ୍କର ଧର୍ମ ହେଉଛି ପ୍ରାଣ । ଅତୀତରେ ଧର୍ମ ହିଁ ଲୋକଜୀବନକୁ ସଂଗଠିତ କରି ରଖିପାରିବାରେ ସମର୍ଥ ହୋଇଗଲା । ଧର୍ମ ବ୍ୟତିରେକ ସେହି ସରଳ ଅଧିବାସୀ ଅନ୍ୟକଛି ଚନ୍ତା କରିପାରୁ ନଥିଲେ । ଇଶ୍ୱର ଏକ ଜଗତର ସୃଷ୍ଟି କର୍ତ୍ତା ବୋଲି ସେମାନେ ବିଶ୍ୱାସ କରୁଥିଲେ । ତାଙ୍କରି ନର୍ଦ୍ଦେଶ ରେ ସମଗ୍ର ଜଗତ ପରିଚ୍ଚାଳିତ । ତାଙ୍କର ଇଙ୍ଗିତ ବିନା ଗଉର ପତ୍ର ଟିଏ ମଧ୍ୟ ହଲବାର ଶକ୍ତି ନାହିଁ । ସେଥିପାଇଁ ଏ ଦେବାଦେବୀଙ୍କ ସନ୍ତୁଷ୍ଟ କରିବା ପାଇଁ ସେ ବହୁ ଓଷା ବ୍ରତ ପାଳନ କରିଥାଏ। ନଜର ଇଚ୍ଛା ପରିପୂରଣ ଉଦ୍ଦେଶ୍ୟରେ ସେ ସେହି ଅଦୃଷ୍ଟ ବ୍ୟକ୍ତିଙ୍କ ନକଟରେ ଅନେକ ମାନସିକ କରେ । ସନ୍ତାନ ଲାଭ, ପରିବାରରେ ସୁଖ, ସମାଜର ମଙ୍ଗଳ, ସର୍ବୋପରି ଧାର୍ମିକ ପୁଣ୍ୟ ଅର୍ଜନ ପାଇଁ ସେ ନଜର କାମନା, ବାସନାକୁ, ଅର୍ଘ୍ୟ ଭାବେ ପ୍ରଦାନ କରିଥାଏ । ବିଭିନ୍ନ ଉଦ୍ଦେଶ୍ୟ ପରିପୂରଣ ପାଇଁ ସେ ଭିନ୍ନ ଦେବାଦେବୀଙ୍କର ପରିକଳ୍ପନା କରେ। ସୋମନାଥ ବ୍ରତ, କୁକକୁଟୀ ବ୍ରତ, କେଦାର ବ୍ରତ, ସୁଦଶା ବ୍ରତ, ଚତୁର୍ମାସ୍ୟା ଗୁରୁବାର ବ୍ରତ, କଉଡିଆ ବ୍ରତ,ବିନାୟକ ବ୍ରତ, ଜହ୍ନିଓଷା, ବୁଧେଇ ଓଷା, ମଙ୍ଗଳବାର ଓଷା ନ ଗନ ଚଉଠି ଓଷା, କାଂଜି ଅଂଳା ଓଷା, ଚଇତି ମଙ୍ଗଳବାର ଓଷା ଆଦି ବହୁ ବ୍ରତ ଓ ଓଷାକଥା ଓଡିଶା ରେ ପ୍ରଚଳତ।

୨)କର୍ମବାଦ ଓ ଭାଗ୍ୟବାଦ: କର୍ମ ଓ ଭାଗ୍ୟ ଉପରେ ଓଡିଆମାନେ ଗଭୀର ବିଶ୍ୱାସୀ । କର୍ମ ବିନା ଗତି ନାହିଁ ଏବଂ ମଣିଷ ଭାଗ୍ୟ ହସ୍ତରେ କ୍ରିଡନକ ଏପରି ଏକ ଭାବନା ଆମର ଅସ୍ତିମଜ୍ଜାଗତ ହୋଇଯାଇଛି । ସେଥିପାଇଁ ପ୍ରକୃତିକ ଦୁର୍ବିପାକ ବା ଦୁଃଖସମୟରେ ମଣିଷ କର୍ମ ଓ ଭାଗ୍ୟ ହସ୍ତରେ ନଜକୁ ସମର୍ପିଦେଇ କୁଟାଖିଅ ପରିକାଳର ପ୍ରତ୍ୟହ ସ୍ରୋତରେ ଭାସିଗଲେ । ଏହା କେବଳ ତ ମନର କଥା ନୁହେଁ ତ କାର୍ଯ୍ୟ ରେ ମଧ୍ୟ ସ୍ୱତଃ ପ୍ରତିଫଳତ

ହୋଇଥାଏ । ଲୋକବାଣୀ କଥାରେ ବହୁଚନ୍ଦ୍ର ରେ ଏହି ଭାଗ୍ୟବାଦ ତଥା କର୍ମବାଦର ଭୁରି ଭୁରି ନିଦର୍ଶନ ରହିଛି । ପୌରୁଷ ଏବଂ ବିଦ୍ୟାରେ ଉର୍ଦ୍ଧ୍ୱରେ ଭାଗ୍ୟ ଏବଂ ବିଦ୍ୟାରେ ଉର୍ଦ୍ଧ୍ୱ ଭାଗ୍ୟ ଏବଂ କର୍ମର ସ୍ଥାନ । ସେଥିପାଇଁ ଦୁଃଖରେ ଓଡିଆମାନେ ବିଚଳିତ ହୋଇପଡନ୍ତି ନାହିଁ କିମ୍ବା ସୁଖରେ ଅଧୀର ହୁଅନ୍ତି ନାହିଁ । ସେମାନେ ଜାଣନ୍ତି ଯେ, ଦଇବଦଉଡି ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ । 'କର୍ମ ମୋହଇ ନିଜଗୁରୁ' କଥାରେ ଶୋଭାବତି, ସରସ୍ୱତୀ, କର୍ମବତୀ, ଗୁରିଜଣଙ୍କ ମଧ୍ୟରେ ସାନ ରାଜପୁତ୍ର କର୍ମବତିକୁ ବଡ ବୋଲି କହିଛି । 'ଦି' ଭାଇ 'ଗପରେ ଭାଗ୍ୟଦୋଷକୁ ସାବତ ଯା, ଭୟରେ ଦୁଇ ଜଣ ରାଜପୁତ୍ର ଦେଶାନ୍ତରୀ ହୋଇଛନ୍ତି । ରାଜପୁତ୍ର ହୋଇ ଜଗୁଆଳି କର୍ମ, ଗାଈ ଚରାଇବା କର୍ମ କରିଛନ୍ତି ।

୩ ) ଖାଦ୍ୟପେୟ: ଓଡିଆ ଘରର ବିଭିନ୍ନ ପର୍ବପର୍ବାଣି ଓ ଦୈନନ୍ଦିନ ଜୀବନ ରେ ବ୍ୟବହୃତ ହେଉଥିବା ଖାଦ୍ୟପେୟ ର ଦୃଷ୍ଟାନ୍ତ ଲୋକକଥା ମାନଙ୍କରେ ଦେଖାଯାଇଥାଏ । ଏହା ଛଡା ଅଭିଜାତ ପରିବାର ର ଖାଦ୍ୟପେୟ ସମ୍ପର୍କ ରେ ମଧ୍ୟ ଏଥିରେ ସୂଚନା ରହିଛି । ମହାବଳ ବାଘ ଓ ଝିଟିପିଟି କଥାରେ ଗରିବ ଲୋକ ପଖାଳ, ଆମ୍ବୁଲ, ଲୁଣ, ଲଙ୍କା ଆଦି କୁ ଖାଦ୍ୟ ଭାବରେ ଗ୍ରହଣ କରିଥିବାର ଜଣାଯାଏ । ରାଜା ବା ଅଭିଜାତ ସମ୍ପନ୍ନ ବ୍ୟକ୍ତିମାନଙ୍କର ଖାଦ୍ୟ ପଦାର୍ଥ ଗୁଡିକର ଓ ମୂଲ୍ୟାୟନ ଭାବରେ ଜଣାଯାଏ, ସେମାନେ ଦୁଧ, ଘିଅ ଅନେକ ସୁମିଷ୍ଟଯୁକ୍ତ ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରନ୍ତି ଓ ଖାଇଥାନ୍ତି । ।

୪) ବେଶ ପୋଷାକ: ଓଡିଆ ଲୋକ କଥାରେ ଉଭୟ ଗରିବ ଓ ଅଭିଜାତ ଗୋଷ୍ଠୀ ବ୍ୟବହାର କରୁଥିବା ବେଶ ପୋଷାକ ମାନଙ୍କର ପରିଚୟ ପ୍ରଦତ୍ତ ହୋଇଛି । ସାଧାରଣ ସ୍ତ୍ରୀ ମାନେ ନାକରେ ନୋଥ, ଗୁଣା, ବସଣୀ, କାନଧର ନାହୁଳ, ଫାନ୍ଦିଆ ହାତରେ ଚୁଡିଖଡି, ଗୋଡରେ ବାଜେଣି ବଲା ପରିଧାନ କରୁଥିଲେ । ଭିନ୍ନ ଭିନ୍ନ ରଙ୍ଗ ର ଶାଢୀ ବ୍ୟବହାର କରୁଥିବା ବିଷୟ ମଣିଷକୁ ବିଶ୍ୱାସ ନାହିଁ ଗପରୁ ଜଣାଯାଏ । ଅଭିଜାତ ଶ୍ରେଣୀ ରେ ଲୋକ ଅଳଙ୍କାର ପରିଧାନ କରୁଥିଲେ ସୁନା ଓ ହୀରା ଅଳଙ୍କାର ବ୍ୟବହାର ଥିଲା । ସ୍ତ୍ରୀ ମାନେ କଳାମେଣୀ ପାଟ ଓ ଅନ୍ୟାନ୍ୟ ମୂଲ୍ୟବାନ ଶାଢୀ ପରିଧାନ କରୁଥିଲେ ।

୫) ରାଜତନ୍ତ୍ର ର ପରିଚୟ: କୋକକଥାଙ୍କର ବହୁ ସ୍ଥଳରେ ରାଜତନ୍ତ୍ର ର ଯଥେଷ୍ଟ ନିଦର୍ଶନ ରହିଛି । ସାଧାରଣ ବ୍ୟକ୍ତିଙ୍କ ଅପେକ୍ଷା ଏହି ଅଭିଜାତ ସମ୍ପ୍ରଦାୟ ର ଜୀବନ କଥା ଏଥିରେ ବହୁଳ ଭାବରେ ପ୍ରକାଶିତ । ସେମାନଙ୍କର ଚରିତ୍ରବତ୍ତା, ବିଳାସମୟ ଜୀବନ, ଖାଦ୍ୟପେୟ,

ଗ୍ଭଲିଚଳନ, କ୍ରିୟକଳାପ ଆଦି ଯଥାର୍ଥ ଭ୍ଭବରେ ଏଥିରେ ପ୍ରକାଶ ଲ୍ଭ ରହିଛି । କାହାଣୀ ର ଗ୍ଭଜା, ଅତ୍ୟାଗ୍ଭରି, ଏକଜିଦିଆ ଯାହା ବୁଝିଥିବେ ସେଇଆ ସୁନ୍ଦରୀ ପରସ୍ତ୍ରୀ ପ୍ରତି ସେମାନଙ୍କର ଆକର୍ଷଣ ଅଧିକ । କପୋତ କପୋତି କଥା, ଗ୍ଭରିସଙ୍ଗାତ ଓ ଗ୍ଭଜାଝିଅ, ଯେ ଝିଅ ଲଙ୍କା କଣିଲ୍ଭ, ଧର ବାଡି ମୋର ଠେଙ୍ଗା ଆଦି ଗଳ୍ପରୁ ଗ୍ଭଜତନ୍ତ୍ର ର ସୁସ୍ପଷ୍ଟ ପରିଚୟ ମିଳଥାଏ ।

୬) ବିବାହ ବିଧି: ସ୍ୱଳ୍ପ କେତୋଟି କାହାଣୀ କୁ ଛାଡିଦେଲେ ପ୍ରିୟା ଅଧିକାଂଶ କାହାଣୀରେ କେବଳ ଅଭିଜାତ ସମ୍ପ୍ରଦାୟ ର ବିବାହ ବିଷୟ ବର୍ଣ୍ଣିତ । ତତ୍କାଳୀନ ସମାଜରେ ଅନୁଷ୍ଠିତ ହେଉଥିବା ଆଡମ୍ବରପୂର୍ଣ୍ଣ ବିବାହ ଯଥେଷ୍ଟ ନମୁନା ଦେଖିବାକୁ ମିଳେ । କନ୍ୟାମାନେ ସୁନ୍ଦର ରୂପ ପ୍ରତି ଅଧିକାଂଶ କ୍ଷେତ୍ରରେ ଆକର୍ଷିତ ହେଉଥିଲେ । ଦୁଇ ମଇତ୍ର, ଟିକ ଟିକ ଚଢେଇ, ବଡ ଚଢେଇ , ଦୂର ଗାଁକୁ ......, ଅରକ୍ଷିତ କୁ ଦଇବ ସାହା ଆଦି ଲ୍ଭେକକଥା ଗୁଡିକରେ ପ୍ରଚଳତ ବିବାହ ବିଧି ତତ୍କାଳୀନ ବିବାହ ପଦ୍ଧତିର ସ୍ୱରୂପ ପ୍ରଦାନ କରିଥାଏ ।

୭) ସନ୍ତାନ ପ୍ରାପ୍ତି କାମନା: ଲ୍ଭେକକଥାରେ ମଣିଷର ସନ୍ତାନ ପ୍ରାପ୍ତି ନମିତ୍ତ ବିଭିନ୍ନ କାମନା ପରିଦୃଷ୍ଟ ହୋଇଥାଏ । ସମୟେ ସମୟେ ସନ୍ତାନ ପାଇଁ ପୁରୁଷ କୁ ନବିଡ ଅରଣ୍ୟରେ ତପ ଆଚରଣ କରିବାକୁ ହୋଇଥାଏ । କାରଣ ଆମ ସମାଜରେ ଯେତେ ଧନବାନ, ଐଶ୍ୱର୍ଯ୍ୟଶାଳୀ ବା ପର୍‌କ୍ରମୀ ହେଲେହେଁ ଆଣ୍ଟୁକୁଡାମାନଙ୍କର ସାମାଜିକ ମର୍ଯ୍ୟାଦା ଆଦୌ ନଥାଏ ।

୮) ଜନ୍ମାନ୍ତର ବାଦ: ଧନ ବିଶ୍ୱାସୀ ଓଡିଆ ପୂର୍ବଜନ୍ମ ଓ ପରଜନ୍ମ ଉପରେ ବିଶ୍ୱାସ ସ୍ଥାପନ କରିଥାଏ । କାରଣ ଗୋଟିଏ ଜନ୍ମ ରେ ମାନବର କର୍ମଫଳ ପରବର୍ତ୍ତୀ ଜୀବନରେ ତାକୁ ଭ୍ଭେଗ କରିବାକୁ ହୋଇଥାଏ । ଯାଦବ ଜନମମ୍ ତାବତ ମରଣମ୍ ତାବତ ଜନନୀ ଜଠରେ ଶୟନମ୍ ଏହି ଗଳ୍ପରୁ ସମସାମୟିକ ଜୀବନ ଚର୍ଯ୍ୟାରେ ପ୍ରଚଳତ ଜନ୍ମାନ୍ତର ବାଦ ସମ୍ପର୍କ ରେ ପରିଚୟ ମିଳଥାଏ ।

୯) ଯନ୍ତ୍ରତନ୍ତ୍ର ଓ ଅଲୌକିକତାର ପ୍ରଭ୍ଭବ: ଅତୀତରେ ମନ୍ତ୍ର, ତନ୍ତ୍ର କ୍ଷେତ୍ରରେ ଓଡିଶା ବେଶ ଖ୍ୟାତି ଅର୍ଜନ କରିଥିଲ୍ଭ । ତନ୍ତ୍ର ଯନ୍ତ୍ର ସାହାଯ୍ୟରେ ସାଧକମାନେ ଅଲୌକିକ କାର୍ଯ୍ୟମାନ ସାଧନ କରିପାରୁଥିଲେ । ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଥିଲ୍ଭ । ଆଷ୍ଚର୍ଯ୍ୟ

ଜଣକ ଭାବରେ ବିଭିନ୍ନ କ୍ଷେତ୍ରରେ ସାଧନ ଦ୍ୱାରା ଅଲୌକିକତା ପ୍ରଦର୍ଶନ କରିବା ଥିଲା ଏହି ତନ୍ତ୍ର ର ଲକ୍ଷ୍ୟ ।

୧୦) ପାରିବାରିକ ଚିତ୍ର : ଓଡିଆ ଲୋକକଥାରେ ଓଡିଶାର ପାରିବାରିକ ଚିତ୍ର ଚମତ୍କାର ଭାବରେ ପରିସ୍ଫୁଟିତ ହୋଇଛି । ସ୍ୱାମୀ - ସ୍ତ୍ରୀ, ଭାଇ ଭଉଣୀ, ଭାଇ - ଭାଇ, ବାପ - ପୁଅ ଆଦି ମଧୁମୟ ସମ୍ପର୍କ ଆଦି ବହୁ ସମ୍ପର୍କ ବହୁ କାହାଣୀରେ ରୂପାୟିତ । ସର୍ବଜାତା ଚଢେଇ, ଯେମିତି କାମକୁ ସେମିତି ଫଳ, ସୁନାର ଝରଣା, ଠକ ବାବାଜୀ ଯମ ପୋଛ, ପାଞ୍ଜି, ଆଦି କଥାଗୁଡିକର ଏକ ପାରିବାରିକ ଜୀବନ ଚର୍ଯ୍ୟା ଦୃଷ୍ଟାନ୍ତ ମିଳଥାଏ ।

୧୧) ବ୍ୟବସାୟ ବାଣିଜ୍ୟ: ଅତୀତରେ ବ୍ୟବସାୟ ବାଣିଜ୍ୟରେ ଓଡିଆମାନଙ୍କ ସମତୁଲ କେହି ନଥିଲେ । ବିଭିନ୍ନ ଦୀପ ଓ ସ୍ଥାନକୁ ବାଣିଜ୍ୟ ଉଦ୍ଦେଶ୍ୟ ଯାଇ ଓଡିଆ ବଣିକ ଉପନବେଶ ସ୍ଥାପନ କରିଛନ୍ତି । ଅତୀତରେ ଗୌରବମୟ ଓଡିଆ ଜାତିର ବ୍ୟବସାୟ ବାଣିଜ୍ୟ ଚିତ୍ର ଲୋକକଥାରୁ ଦେଖିବାକୁ ମିଳଥାଏ । ଯେ ଚନ୍ତାଇ ପର ମନ୍ଦ, ଖଳା ସୁନ୍ଦରୀ, ତଅପୋଇ କଥା ଆଦିରୁ ଏହାର ଜଳକ ନମୁନା ଦେଖିବାକୁ ମିଳଥାଏ ।

୧୨) ପ୍ରେମ ଚିତ୍ର: ଲୋକକଥାରେ ପ୍ରେମଚିତ୍ର ବେଶ ସଂଯତ ଓ ମାର୍ଜିତ । ଅବଶ୍ୟ ବେଳେବେଳେ ପ୍ରେମରେ ଯେ କୁରୂପତା ଦେଖା ନ ଦେଇଛି ତା' ନୁହେଁ । ମାତ୍ର ଆଦର୍ଶ ପ୍ରେମ ତୁଳନାରେ ଏହା ଅତ୍ୟନ୍ତ ଗୌଣ ମନେ ହୋଇଥାଏ । ରାଣୀ ନୁହେଁ ଚନ୍ଦ୍ରକାଣୀ, ଚତୁରୀ ରତ୍ନାବତୀ, ଗୁରିସଙ୍ଗାତ ଓ ରାଜା ଝିଅ କଥା, ବୁଦ୍ଧିରେ ଯେ ଜଗର ଜିଣେ, ସତୀ କନଅାଁ ଓ ସତିଆ ବର କଥା, ଯାହା ଲାଗିଯାଏ ଧର ବାଡି ମାର ଠେଙ୍ଗା, କୁହୁକ କରଟ, ବଗବଗୁଲି ଗୋରି କରିବ ତ ମହାତେ ହୁବୁଡେ ପଡିବ ଆଦିରୁ ମଧ୍ୟ ପ୍ରେମର ଚିରନ୍ତନ ରୂପ ଦେଖିବାକୁ ମିଳେ ।

୧୩) ଅନ୍ୟାନ୍ୟ : ଉପରୋକ୍ତ ଆଲୋଚନା ବ୍ୟତୀତ ଲୋକକାହାଣୀରେ ଆଉ କେତେକ ସାମାଜିକ ଚିତ୍ର ଦେଖିବାକୁ ମିଳଥାଏ । ଗୁରିସଙ୍ଗାତ ଆଉ ରାଜା ଝିଅ କଥାରେ ଯେଉଁ ଦୁଇ ପକ୍ଷର ଚିତ୍ର ପ୍ରଦତ୍ତ ହୋଇଛି ତାହା ନଅଙ୍କ ଦୁର୍ଭିକ୍ଷକୁ ସ୍ମରଣ କରାଇ ଦେଇଥାଏ ।

ଗବେଷକ,
ଫକର ମୋହନ ବିଶ୍ୱବିଦ୍ୟାଳୟ

# ତୁମରି ଅପେକ୍ଷାରେ



ରାକ୍ଷିରାମ ମେହେର

ଚାତକ ସଦୃଶ୍ୟ ଅନେଇ ବସିଛି
ତୁମରି ଫେରିବା ପଥ ଚାହିଁ।
କଥାଦେଇ ମୋତେ ଚାଲିଗଲ ତମେ
ଭାବି ଲୁହ ଝରିଯାଏ ଆଖିଁ।1।

ସାତ ଜନମର ସାଥି କରି ତୁମେ
କାହିଁ ପରକରି ଚାଲିଗଲ।
ତୁମରି ସ୍ମୃତିରେ ଜଳୁଛି ଆଜି ମୁଁ
ହୃଦୟ କାନ୍ଦେ ହୋଇ ବିକଳ।2।

ତମ ମିଠାକଥା ମନେ ପଡିଗଲେ
ବରଷା ରାଣୀ ଆସେ ନୟନେ।
କେବେ ଆସିବ ସ୍ୱପ୍ନ ରାଜକୁମାର
ଅଭିମାନ କର କାହିଁ ମନେ।3।

ସୟନେ ସପନେ ତୁମ ଛବି ଦିଶେ
ମନ ଜମା ମାନେନାହିଁ ଆଜି।
ପ୍ରେମରେ ପାଗଳୀ ହୋଇଛି ଆଜି ମୁଁ
ତମ ଅଭୁଲା ସ୍ମୃତିରେ ହଜି।4।

ନୀଳ ଆକାଶର ବିହଙ୍ଗ ବେଦନା
ଆଉ କେହି ଜାଣିପାରେ ନାହିଁ।
ଅଦୃଶ୍ୟ ବେଦନା ନିଜେ ଯାଏ ସହି
ହୃଦୟ କୋହକୁ ଘୃପି ମୁହିଁ।5।

ଯେଉଁ ଦିନରୁ ତମକୁ ଏ ହୃଦୟ
କରି ଦେଇଛି ତୁମକୁ ଦାନ।
ତୁମଛଡା ଏ ମୋ ହୃଦୟ ଭିତରେ
କାହାକୁ ମୁଁ ଦେଇନାହିଁ ସ୍ଥାନ।6।

ସାନପୋଡ଼ାଗୁଡା,
ଦେବସେନା ସଂଯୁକ୍ତ ସଚିବ, କଳାହାଣ୍ଡି

# ସୂର୍ଯ୍ୟୋଦୟ

ଋକେଶ ରତନ

ଏ ନଶି କାଳ ସରୁନ କ ପାଇଁ
ବୁଜେନା ପ୍ରଭ୍ତୀ ତାର୍ ।
କଳାକୁମ୍ଭ ଶାଢ଼ୀ ପିନ୍ଧି ଅବନୀ
ଧର୍ ରେ ତିମିର କାର୍ ।।୧

ଗ୍ରହିନୀ ର୍ତି ଦେଖିନ କେବେଠୁ
କୃଷ୍ଣପକ୍ଷ ଠୁ ଅଧିକ କଳା ।
ଦେଖିବାକୁ ଟିକେ ମୃଦୁ ଆଲୁଅ
ମନରେ ଉତ୍କଣ୍ଠା ଜ୍ୱାଳା ।। ୨

ଚର ପ୍ରପିଡିତ ଲାଞ୍ଛିତ ଲୁଣ୍ଠିତ
ହେଲ୍ କ ମୂର୍ଖ ଜାତି ।
ଅଜ୍ଞାନ ଗ୍ରାସରେ ହୋଇ ମୂର୍ଚ୍ଛିତ
ସରୁନ ଏ କାଳ ର୍ତି ।।୩

ଉଦର ନଆଁ ଜଳେ ହୁତୁ ହୁତୁ
କୁନ ଛୁଆ ସାଜିଲ୍ ଶ୍ରମିକ ।
ଅଧର୍ମ ଅବାଟ ଧରିଲେ କେତେ
ନରୁପାୟ ଜନ ଆଜି ଭିକ୍ଷୁକ ।।୪

ବନ୍ୟା ବାତ୍ୟା ମହାମାରୀ ଦୁର୍ଭିକ୍ଷ
ମରୁଡ଼ି ମାରେ ମଣିଷ ଜାତିକୁ ।
ପ୍ରକୃତି କର୍ାଳ ମାଡ଼ରେ ଚେତୁନ
ପ୍ରେମ କରେ ଅନ୍ୟାୟ ପାପକୁ ।।୫

ତିନ ହାତ ଗୃଖୁଣ୍ଟେ ତୁ ଗଣ୍ଠିଧନ
ବାବୁ ତେଜି ଏ ମାୟା ମୋହକୁ ।
ଦାନାପାଣି ପାଇଁ ନ ସାଜି ଦାନବ
ଜଗି ବସିଥା ଧରମ ପଥକୁ ।।୬

ସ୍ୱାର୍ଥ ପାଇଁ ମିଛ ପକ୍ଷ ନଏ
ଗୋଇଠା ମାରି ସତକୁ ।
ପୁଣ୍ୟ ର ପାତ୍ର ମହାଶୁନ୍ୟ
ପୁର୍ଇ ପାପ ପେଡ଼ିକୁ ।।୭

ନଘୋଡ଼ ତିମିର ଆବୋରିଛି ଆଜି
ମୂର୍ଖ ମନୁଷ୍ୟ ର ପିଢ଼ିକୁ ।
ପେଟ ପାଇଁ ନାଟ ଭରି ସଗ୍‌ଗରେ
ବେଶ ବଦଳାଇ ରତିକୁ ।।୮

ଅପପୁଷ୍ଟି ମରୁଡ଼ି ଅସାକ୍ଷରତା
ବଢ଼ିଗ୍ଲେ ଜନସଂଖ୍ୟା ହାର ।
ଶେଷରେ କ'ଣ ଅସୁର ସାଜିଲ
ଭ୍ରୁଣରୁ କନ୍ୟା କୁ ମାର ।।୯

ଆଲୁଅ ହେବ ଚର ପ୍ରଦୀପ୍ତ
କରିବେ ତିମିର କ୍ଷୟ ।
ନବ ଯୁଗରେ ନବ କଳେବର
ଦେଖିବି ମୁଁ ସୁର୍ଯୋଦୟ ।।୧୦

ଦେଖିବି ମୁଁ ସୂର୍ଯ୍ୟୋଦୟ **!!!!!!**

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ
କେନ୍ଦୁଝର

# ପ୍ରଳୟର ପ୍ରତିଧ୍ୱନି

ପ୍ରଶାନ୍ତ କୁମାର ପାଢୀ

ମନ ବଗିଚ୍ଚରେ ଲଗାଇ ଥିଲି ମୁଁ
ସପନ ର କଛି ଗଛ
ହୃଦୟ ମାଟିରେ ଭରଷା ପାଣିରେ
ନେଉଥିଲି ତାର ଯତନ
ବଢି ସେ ହସିବ ପୁଣି ହସାଇବ
ତାର ସେ ଫୁଲ ର ବାସ୍ନା ରେ
ଆଶା ପରଷିବ କୁହୁକ ର ସେ ସ୍ପର୍ଶରେ ॥
ଆଖି ଲୁହର ବନ୍ୟା ବିଭିଷିକା
ଆଣି ଦେଇଥିଲା ପ୍ରଳୟ
ତାର ଭୂସ୍ଖଳନରେ ଫାଟିଯାଇଥିଲା
ହୃଦୟର ସେହି ମାଟି
ହଜାର ଥିଲା ସପନ ର ସେହି ଗଛକୁ
ଉଜାଡି ଥିଲା ମନର ସୁନ୍ଦର ବଗିଚ୍ଚ
ପ୍ରଳୟର ପ୍ରତିଧ୍ୱନି ଖାଲି ହସୁଥିଲା ॥
କଥାରେ କଥାରେ ........
ନିଜର ଗାଥା ବି ଗାଉଥିଲା
କଥା ବି କହୁଥିଲା
ମୁଁ ନୁହେଁ....ସମୟ ବଳବାନ
ଯିଏ ଭାଙ୍ଗିଛି ହୃଦୟ....ହଜାଇଛି ସପନ ॥

କାକୁଡିକୁଦ, ଯାଜପୁର

# ମୋ ସ୍ୱପ୍ନ



ଦୁଷ୍ମନ୍ତ ବେହେରା

ଗାଆଁ ରେ ଦୁର୍ ମୂଲ ଲ୍ଗି ପରିବାର ଚଳାଏ ପରିବାର ଦୁଃଖ ଅନଟନ ଭିତରେ ଗତି କରୁଥାଏ । ଗୁଳ ଛପର ଘର ଓ ଗୁରିକାନ୍ଥ ଭିତରେ ଦଦର୍ ପେଟ ଭୋକ ଦାଉଦ ସାଜୁଥାଏ। ପରିବାର କହିଲେ ସ୍ତ୍ରୀ-ମଣିକ, ଝିଅ-ଗେଲି, ପୁଅ-ମିମୁ, ଆଉ ଗାଁରେ ଦୁର୍ କୁ ବହୁତ କମ କାମ ମିଳେ। ଯେତିକ କାମ ମିଳେ କାମ କରି ପଇସା ଆଣେ ସେଥିରେ ପରିବାର ଓଳଏ ଖାଇଲେ ଓଳଏ ଉପାସ ।

ଦିନେ ଦୁର୍ କହିଲ୍ ସ୍ତ୍ରୀ ମଣିକ କୁ - ସହରରେ ଭଲ କାମ ମିଳେ ଭଲ ପଇସା ବି ମିଳଥାଏ । ଆଉ ଆମ ପେଟ ଉପାସ ରହିବ ନାହିଁ ଓ ଝିଅ ଗେଲି ର ସେଠି ଦ୍ୱିତୀୟ ଶ୍ରେଣୀ ରେ ନାମ ଲେଖେଇ ଦେବା । ଆମ ଗାଁ ବିଦ୍ୟାଳୟ ରୁ ସାର୍ଟିଫିକେଟ ଆଣି ସହର ବିଦ୍ୟାଳୟରେ ନାମ ଲେଖାଇ ଦେବା ଆଉ ପୁଅତ ଆମର ଛୋଟ ତାକୁ ଦୁଇ ବର୍ଷ ତିନମାସ ହୋଇଛି ।

ଭୋକ ଆଉ ସ୍ୱପ୍ନ ନେଇ ସହର ଅଭିମୁଖେ ବାହାରିଲେ ଦୁର୍ ଙ୍କ ପରିବାର ଗାଁ ଯାତ୍ରୀ ବିଶ୍ରାମରେ ବସି ବସ୍ କୁ ଅପେକ୍ଷା କରିଥାନ୍ତି । କଛି ସମୟ ପରେ ଆସି ବସ ପହଞ୍ଚିଲ୍। ବସ ରେ ବସି ସହରକୁ ଗଲେ, କେଇ ଘଣ୍ଟା ଯାତ୍ରା ପରେ ସହର ବସ୍ ଷ୍ଟାଣ୍ଡ ରେ ବସ ଟି ଲ୍ଗିଲ୍ ନୂଆଁ ସହର ନୂଆଁ ର୍ସ୍ତା ନୂଆଁ ଗାଡି ମଟର ସବୁ ନୂଆଁ ନୂଆଁ ଲ୍ଗିଲ୍ । ସହର ରେ ବି ସେ ତ ପୁର୍ ନୂଆଁ ଇଆଡୁ ସିଆଡୁ ଗୁହିଁ କୁଆଡେ ଯିବ ମନରେ ଭ୍ବୁ ଭ୍ବୁ କଏ ଏଠି ଆମକୁ ଚହ୍ନିଛି । ସ୍ତ୍ରୀ -ମଣିକ କୁ କହିଲ୍ ଗୁଲ ର୍ସ୍ତା ଭ୍ଗ୍ୟ ଯେଉଁ ଆଡେ ଟାଣି ନେବ ସେଇଆଡେ ଯିବା ....

ଯାଉ ଯାଉ କଡରେ ଆଖି ପଡିଲ୍ କଛି ଲୋ୍କ ଜରିପାଲ ବାଣ୍ଟୁଥିବାର ଦେଖି ଦୁର୍ ତା ସ୍ତ୍ରୀ-ମଣିକ କୁ କହିଲ୍ ଗୁଲ ଜରିପାଲ ଆଣିବା । ବାବୁମାନେ ଜରିପାଲ ଦେଉଛନ୍ତି । ସଙ୍ଗେ

ସଙ୍ଗେ ଦୁର୍ଗ୍ ଯାଇ ଧାଡିରେ ଛିଡାହୋଇ ଜରିପାଲ ଆଣିଲ୍। କିଛି ବାଟ ଗଲ୍‌ପରେ କିଛି ଲୋକଙ୍କ ଉପରେ ଆଖି ପଡିଲ୍ । ରାସ୍ତା କଡ ଛୋଟିଆ ଛୋଟିଆ ଜାଗା ରେ ଜରିପାଲ ରେ ଘର କରି ରହୁଛନ୍ତି । ଦୁର୍ଗ୍ ସମୟ ଡେରି ନକରି ସେଇ ଜାଗାରେ ଜରିପାଲ ରେ ଘର କରି ପରିବାର ରହିଲେ ।

ରାତି ରେ ବିଶ୍ରାମ ନେଲେ ସକାଳ ପାହିବାରୁ ବାହାରକୁ ଆସି ଏଣେ ତେଣେ ଅନାଇ କିଛି ପିଲା ଙ୍କ ଉପରେ ଆଖି ପଡିଲ୍ । ପିଲାମାନେ ବ୍ୟାଗ୍ ଧରି ବିଦ୍ୟାଳୟ କୁ ଯାଉଛନ୍ତି । ମନରେ ଭାବିଲା ମୋ ଝିଅ ଗେଲିର ଏଇ ବିଦ୍ୟାଳୟ ରେ ନାମ ଲେଖାଇ ଦେବା । କିଛି ସମୟ ଗଲ୍‌ପରେ ଦୁର୍ଗ୍ ବିଦ୍ୟାଳୟ କୁ ଯାଇ ପ୍ରଧାନଶିକ୍ଷକ ଙ୍କୁ ଭେଟି ଜୁହାର ଆଜ୍ଞା ମୁଁ ଦୁର୍ଗ୍ ମୋ ଝିଅ ର ଦ୍ୱିତୀୟ ଶ୍ରେଣୀ ରେ ନାମ ଲେଖାଇବି। ଆଉ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ନାମ ଲେଖାଇଲେ । ବିଦ୍ୟାଳୟ ରୁ ବହି ପୋଷାକ ମିଳଲ୍, ଦୁର୍ଗ୍ ବହି ପୋଷାକ କୁ ଧରି ରାସ୍ତା କଡର ଜରିପାଲ ଘରକୁ ଫେରିଲ୍ ।

ଏଣେ ଗାଁରୁ ଯେଉଁ ପଇସା ଧରି ଆସିଥିଲେ ସେ ତ ସରିଗଲ୍ ଆଉ ଆଜିକ ତ ପାଞ୍ଚ ଦିନ ହେଲ୍‌ଣି । ପାଖରେ ପଇସାହିଁ ନାହିଁ, କିଛି ମନରେ ନଭାବି କାମ କରିବାକୁ ବାହାରି ପଡିଲ୍ ଦୁର୍ଗ୍ । ରାସ୍ତା ରେ ଚାଲି ଚାଲି ଗଲ୍‌ବେଳେ ଦେଖିଲ୍ କିଛି ଲୋକ ରାସ୍ତା କଡରେ ଛିଡା ହୋଇଛନ୍ତି । ବଡ ବଡ ବାବୁ ମାନେ ଆସି ମୂଲ ଚାଲ କରି ତାଙ୍କ ସାଙ୍ଗ ରେ ନେଇ ଯାଆନ୍ତି। କାମ କରିବା ପାଇଁ ଦୁର୍ଗ୍ ତ ନୂଆଁ ସହରରେ କିଏ ବା ତାକୁ ଚହ୍ନେ ସେଇ ରାସ୍ତା କଡରେ ଛିଡା ହୋଇ ଅପେକ୍ଷା କରିଥାଏ । ବାବୁ ମାନେ ଆସି ତାକୁ ଡାକବେ କାମକୁ ନେଇ ଯିବେ କିନ୍ତୁ ସେ ଦିନ କେହି ଦୁର୍ଗ୍ କୁ ଡାକଲେ ନାହିଁ । ବାଧ ହୋଇ ଘରକୁ ଫେରି ଆସି ସ୍ତ୍ରୀ-ମଣିକ କୁ କହିଲ୍ କେହି କାମକୁ ଡାକଲେ ନାହିଁ । ଘରେ ଯାହା ଅଛି ଆଜି ଖାଇ ଚଳେଇ ଦେବା କାଲିକ ଦେଖିବା । ରାତି ଆସି ସକାଳ ପାହିଲ୍, ଦୁର୍ଗ୍ କାମକୁ ବାହାରି ପଡିଲ୍ ଯେଉଁଠି ଲୋକ ଛିଡା ହୋଇଥିଲ୍ ସେଇଠି ପୁଣି ଛିଡା ହେଲ୍ କିନ୍ତୁ ଆଜିବି କେହି ଡାକଲେ ନାହିଁ । ଦୁର୍ଗ୍ ର ଆଖି କାମକୁ ଚାହାଣୀ ଚାହିଁଛି ବାବୁ ମାନେ ଆସି ଡାକବେ ହେଲେ ନୟନ ଝରଣା କହେ ପାଟିର ଓଠ ଘରେ ଖାଇବାକୁ କିଛି ନାହିଁ । କ'ଣ କରିବି ଏଇ କିଛି ସମୟ ଭାବୁ ଭାବୁ ଜଣେ ଲୋକ ପାଖକୁ ଆସି କହିଲ୍ ତୁମେ କାଲି ଫେରିଲ ମୁଁ ବି ଫେରିଲି ତୁମେ ଆଜି ବି ଫେରିଲ ମୁଁ ବି ଫେରିଲି ହେଲେ ତମ ନାମ କ'ଣ ? ମୋ ନା ଦୁର୍ଗ୍ ହେଲେ ଆଜ୍ଞା ଘରେ ଆମର କିଛି ଖାଇବା ନାହିଁ । ଆପଣ ଙ୍କ ନାମ କ'ଣ ? ଲୋକ

ଜଣଙ୍କ କହିଲା ମୋ ନାଁ ସିଜୁ ହେଲେ ଦୁଗ୍ ତୁମେ ମ ସହିତ ଆସ ମୋ ଘରକୁ କମ୍ ମୁଢି ଅଛି ହେଲେ ମୁଁ ତୁମକୁ କଛି ମୁଢି ଦେବି । ଆଜି ଦିନ କ ତୁମେ ଚଳଯିବ ପୁଣି କାଲିକ ଦେଖିବା ।

ଦୁଗ୍ ଗାମୁଛା ରେ ମୁଢି  ଗଣ୍ଠିଲି କରି ଘରକୁ ଫେରି ସ୍ତ୍ରୀ-ମଣିକ କୁ ସବୁକଥା କହିଲା । ଝିଅତ ଆଜି ବିଦ୍ୟାଳୟ କୁ ପଢିବାକୁ ଯିବ, ତାକୁ ଏଇ ମୁଢି ପାଣିରେ ବତରେଇ ଖାଇବାକୁ ଦିଅ । ଗେଲି ପାଣିରେ ବତୁରୁ ଥିବା ମୁଢି ଖାଇ ବାହାରିଲା, ଘର ଠାରୁ ଦୁଇ ମଡା ଯାଇ ପଛକୁ ଗ୍ହିଁ ଦେଖିଲି ମା" ବାପା ପାଣି ପିଇ ଦେଇ ଜରିପାଲ ଘର ଭିତରକୁ ଗଲେ । ଆଉ ମୁଁ ଆଗକୁ ଗ୍ଲି ପୁଣି ଗ୍ହିଁଲି ପଛକୁ ଆଉ ଯାହା କଛି ମୁଢି ଥିଲା ଆମ ପୁଅକୁ ପାଣିରେ ବତୁରେଇ ଖାଇବାକୁ ଦେଲା ମା" । ଗେଲି କହିଲା ଓଃ ଭଗବାନ ଇଏ କ ଭୋକ ପେଟର ଦାଉ ସାଜୁଛି ହେ ଭଗବାନ ତୁମେ ଯେମିତି ସମସ୍ତଙ୍କୁ ଗଢିଲ ସେମିତି ଭୋକ ପାଇଁ କ"ଣ ଗୋଟେ ଗଢି ଥାନ୍ତ ଖାଇଦେଲେ ଭୋକ ଲାଗନ୍ତାନ ......

ଗେଲି ବିଦ୍ୟାଳୟ କୁ ପ୍ରଥମ କରି  ଗଲା। ଗେଟ୍ ପାଖରେ ପହଞ୍ଚୁ ପହଞ୍ଚୁ ବିଦ୍ୟାଳୟ ର କଛି ପିଲା ତା ଗ୍ରିପାଖେ ଘେରି ତାକୁ ଦେଖିଲେ ଆଉ କହିଲେ ଇଏତ ଆମ ବିଦ୍ୟାଳୟ କୁ ଆସିଛି  । ଭଲ ପୋଷାକ ବି ପିନ୍ଧି ନାହିଁ । ଗେଲି କହିଲା ହଁ ପିଲାମାନେ ଆମେ ଗରିବ ଘର ମୋ ବାପା ଏଠି ଦ୍ୱିତୀୟ ଶ୍ରେଣୀ ରେ ନାମ ଲେଖା ଇଛନ୍ତି । ଆଉ ଦ୍ୱିତୀୟ ଶ୍ରେଣୀ କଉଠି? ପିଲାମାନେ  ତାକୁ ଦ୍ୱିତୀୟ ଶ୍ରେଣୀ ପାଖରେ ପହଁଞ୍ଚାଇ ଦେଲେ ଆଉ ଜରି ବସ୍ତାନ ଟି ଶ୍ରେଣୀ ର ପଛ ପାଖରେ ଥୋଇ ଦେଇ ଏଆଡେ ସେଆଡେ ଗ୍ହିଁ ମନ ଭିତରେ ଅନେକ ଭ୍ବି ପ୍ରଶ୍ନ ପଗ୍ରିଲା....

"ମୋର ସ୍ୱପ୍ନ ପଢିବା ପାଇଁ ଏଇ ଜରିପାଲ ଘରଟା କ'ଣ ପଢେଇ ଦଉଚ ମୋତେ ସ୍ୱପ୍ନ ଦେଖେଇ ପେଟ ଭୋକ ମାରୁଛି "

କଛି ସମୟ ଗଲାପରେ ପ୍ରାର୍ଥନା ସରିଲା ଶ୍ରେଣୀ ଗୃହ କୁ ପିଲାମାନେ ଆସିଲେ ସମସ୍ତେ ନଜ ନଜ ଜାଗାରେ ବସିଲେ । ଆଉ ଅଳ୍ପ ସମୟ ପରେ ସାର୍ ଆସି ପହଞ୍ଚିଲେ ସମସ୍ତ ପିଲା ଛିଡା ହୋଇ ଗୁଡ୍ ମର୍ଣ୍ଣିଙ୍ଗ ଜଣାଇଲେ। ସାର ସମସ୍ତ ପିଲାଙ୍କୁ ବସାଇ କହିଲେ ସମସ୍ତେ ଭଲ ଅଛ ଆଉ ଖାଇକ ଆସିଛ, ହଉ ଉପସ୍ଥାନ ପକାଇବା ଜଣଙ୍କ ପରେ ଜଣେ ପକାଇଲେ ଗେଲି ରୋଲ୍ ନଂ ର ଆସିବାରୁ ଗେଲି ଛିଡା ହୋଇ ହଁ ସାର୍ ଗେଲି କୁ ନୂଆ ଆସିଛି ଦେଖି

ସାର ପାଖକୁ ଡାକଲେ ପଗ୍ଭରିଲେ ତୁମ ନାମ କ'ଣ ? ଆଉ କଉଠି ରହୁଛ ତୁମେ କୁଗ୍ଭମୁଗ୍ଭ ହୋଇଥିବା ପୋଷାକ ପିନ୍ଧିଛ .....

ଗେଲି : ଆଜ୍ଞା ସାର ବୁଝିଲେ ଆମର ଗରିବ ଜରିପାଲ ଘର ସେଥିରେ କମ୍ ଜାଗା ଥାଏ । ଗୋଟିଏ କ'ଣ ରେ ରଖିଦେଇ ତାହାରି ଉପରେ ଶୋଇଲା ବେଳେ ମୁଣ୍ଡ ଦେଉ..

ସାର୍: ହଉ ହେଲା କ'ଣ ଖାଇଛ ତମେ..

ଗେଲି: ଆଜ୍ଞା ବୁଝିଲେ ମୁଢି ପାଣିରେ ବତୁରେଇ କ ଖାଇଛି ...

ସାର୍: ଏକଥା ଶୁଣୁ ଶୁଣୁ ଦୁଇ ଆଖି ଛଳ ଛଳ ହୋଇ ତଥାପି ପଗ୍ଭରିଲେ ଘରେ ଆଉ କଏ କଏ ଅଛନ୍ତି ...

ଗେଲି: ଆଜ୍ଞା ବୁଝିଲେ ବାପା ମାଆ ଓ ଦୁଇ ବର୍ଷ ପୁଅ ଆଉ ମୁଁ ବିଦ୍ୟାଳୟ ଆସିଲା ବେଳକୁ ବାପା ମାଆ ଖାଇବା ପାଇଁ କ'ଣ ଟିକେ ପାଟି ହେଉଥିଲେ । ଆଜ୍ଞା ବୁଝିଲେ ମୋର ତ ସ୍ୱପ୍ନ ଅନେକ କନ୍ତୁ ଆମେ କ'ଣ ଅନ୍ୟ ପିଲାଙ୍କ ପରି ପଢିପାରିବୁ ଆମର ଜରିପାଲ ଘର ଦିନ ବେଳେ ଖରାର ତାତି ରାତି ହେଲେ କରୋସିନ ର ଅଭାବ ଆଜ୍ଞା ବୁଝିଲେ ପୁଣି ପେଟ ଭୋକ ଦାଉସାଜେ ଆଉ ତା ସାଙ୍ଗକୁ ଗରିବ ଆଜ୍ଞା ବୁଝିଲେ କ'ଣ ଆମେ ପଢି ପାରିବୁ ପାଠ ପଢାରେ ମନ ଥିଲେ କ'ଣ ହେବ ପେଟ ଭୋକରେ ମନେ ପଡୁନ ଆଉ ଆମ ବାପା କୁ କାମ କୁ କେହି ଡାକୁ ନାହାନ୍ତି ପଇସା ଆମର ନାହିଁ ଆଜ୍ଞା ବୁଝିଲେ ...

ସାର୍: ଆଖି ଛଳ ଛଳ ଲୁହ ଭରା ଧୀର କଣ୍ଠରେ କହିଲେ ଗେଲି ତୁମ ଘରକୁ ଟିକେ ଯିବା...

ଗେଲି: ଆଜ୍ଞା ବୁଝିଲେ ଆସନ୍ତୁ ଆଜ୍ଞା ଆଗେ ଆଗେ ଗେଲି ପଛେ ପଛେ ସାର୍ କଛି ଦୂର ଗଲାପରେ ଛିଡା ହୋଇ ହାତ ଠାରି ଏଇ ଆମ ଜରିପାଲ ଘର ପବନ ଆସିଲେ ଫର୍ ଫର୍ ଉଡେ । ଖରା ଆସିଲେ ଏମିତି ତତାଏ ଆପଣା ଦେହେ ଖରାର ତାତି । ତା ସାଙ୍ଗକୁ ରାତିରେ କାକର ଠୋପା ଜରିବାଟ କଣା ଦେଇ ଠୋପା ଠୋପା ଝରେ । ଆଜ୍ଞା ବୁଝିଲେ ମୋର ତ ସ୍ୱପ୍ନ ଅନେକ ହେଲେ କ'ଣ କରିବି ...

ଘର ଭିତରୁ ବାପା ମାଆ ବାହାରି ଆସି ଦେଖିଲେ ସାର୍ ଆସିଛନ୍ତି । ସାର୍ ଙ୍କୁ ଦେଖି ଆଜ୍ଞା ନମସ୍କାର ଥର ଥର ପାଟି ର କଣ୍ଠ ରୁ ବାହାରି ଆସିଲା ସାର୍ ଆମେ ତ ଗରିବ ଦୁଇ ଦିନ ହେଲା ଖାଦ୍ୟ ପାଟିକୁ ଯାଇନାହିଁ ।

ସାର୍: ଏ କଥା ଶୁଣି କହିଲେ ହଉ ମୁଁ ତୁମ ପାଇଁ ଘର ଆଉ କାମ ବୁଝି ଦେବି ତୁମେ ସେଠି ରହିବ । ଗେଲି କୁ ସବୁଦିନ ପାଠ ପଢିବାକୁ ଛାଡିବ ଆଜ୍ଞା ପାଠରେ ଗରିବ ଧନୀ ଦେଖାଯାଏ ନାହିଁ । ଯିଏ ପରିଶ୍ରମ କରେ ଦୁଃଖ ସୁଖ ସହି ଆଗକୁ ବଢେ ସେ ନିଶ୍ଚୟ ଭଲ ମଣିଷ ଟେ ହେବ ...

ଦୁର୍ଗ: ଆଜ୍ଞା ଆପଣଙ୍କ ଉପକାର ମନରୁ କେବେ ଭୁଲିବୁ ନାହିଁ ସାର୍...

ଏଇ ଟିକେ ଉପକାର ସାର୍ ଙ୍କର ପରିବାର ମୁହେଁ ହସ ଫୁଟେଇ ଦେଲା ଆସନ୍ତୁ ବନ୍ଧୁ ଧନରେ ନୁହେଁ ଟିକେ ସାହାଯ୍ୟ ର ହାତ ବଢେଇବା ଏପରି ଅନେକ ପିଲାଙ୍କ ସ୍ୱପ୍ନ ର ଲକ୍ଷ୍ୟ ମହକ ଉଠିବ ।

"ଗରିବ ଧନୀ ରେ ନାହିଁ ଭେଦ ଭାବ"
"ସଭିଁଏ ପଢିବା ଆସ ମିଳମିଶି ପାଠ"

ଦେଖିଲେତ ବନ୍ଧୁ ଟିକଏ ଉପକାର ଗୋଟିଏ ପରିବାର ମୁହଁ ରେ ହସ ଫୁଟି ଉଠିଲା । ଆସନ୍ତୁ ସଭିଁଏ ଏକ ହେବା ସମସ୍ତଙ୍କୁ ସାହାଯ୍ୟ ର ହାତ ବଢେଇବା !!!

ଗ୍ୱସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

# ରଜନୀ



ଶୁଭମ୍ କୁମାର ସାହୁ

ରଜନୀ ରଜନୀ କେତେଯେ ରଜନୀ
ପାହିଛି ମୁଁ ତୁମ ପାଇଁ
ଯେଉଁ ରଜନୀ ରେ ରଜନୀଗନ୍ଧା
ମହକର ମାନେ ନାହିଁ ॥
ମନର ସେଇ ଅକୁହା କଥା
କହୁଛି ମୁଁ ତୁମ ପାଇଁ
କଥାରେ ମୋର କେତେ କଥା ଅଛି
ଶୁଣିବାକୁ ତୁମେ ନାହିଁ ॥
ଦୀପଟିଏ ଜାଳ ଲେଖେ ମୁଁ କବିତା
ରଜନୀକୁ ଚେଇଁଚେଇଁ
ଦୀପ ଲିଭିଯାଏ ତେଲ ସରିଯାଏ
ପଢିବାକୁ ତୁମେ ନାହିଁ ॥
ସୁଖ ଶୁଣିବାକୁ କେତେ ଲୋକ ମିଳେ
ଦୁଃଖକୁ ତ କେହି ନାହିଁ
ତମେ ଆସିଥିଲ ତମେ ଗ୍ଲଲିଗଲ
ତମେ ଜାଣ କସ ପାଇଁ ॥

ସଦାପଡା, ଗଡିଖୋଳ, ବାଲେଶ୍ବର

# ଶ୍ରାବଣର ସୋମବାର

ଅକ୍ଷୟ କୁମାର ବେହେରା

ନଦୀ ତୁଠେ ଭକ୍ତ ହୋଇଥାନ୍ତି ରୁଣ୍ଡ
ଭୋଳାବାବା ଭକ୍ତି ଭଳେ,
ପାଣି ନେଇ ଯାଇ ମସ୍ତକେ ଢାଳବେ
ହେଳା ନ କରନ୍ତି ତିଳେ ।୧।

ଭକ୍ତଗଣ ଯେତେ ସାଙ୍ଗ ସାଥୀ ହୋଇ
ବୋଲବମ୍ ସ୍ୱର ଗାଇ,
ଆଗେଇ ଚାଲନ୍ତି ମନେଲକ୍ଷ୍ୟ ରଖି
ପ୍ରଭୁଙ୍କ ଦର୍ଶନ ପାଇଁ ।୨।

ଶ୍ରାବଣର ଧାର ଖାତିର ନକରି
ବେଗିବେଗି ଦେଇ ପାଦ,
ରାତି ପାହାନ୍ତାରୁ ବାଟେ ଚାଲିଥାନ୍ତି
ଆଖିରେ ନଥାଏ ନଦ ।୩।

ପିଲା ଠାରୁ ବୁଢ଼ା ଏ ବ୍ରତ କରନ୍ତି
ନାହିଁ ତ ବାଛ ବିଚାର,
କରୁଣା ସାଗର କରୁଣା କରନ୍ତି
ପ୍ରଭୁ ସେ ଭୋଳାଶଙ୍କର ।୪।

ବାବା ଭକ୍ତଙ୍କର ମନ ଆନନ୍ଦିତ
ଠାବେ ଠାବେ ଭକ୍ତ ଭିଡ଼,
ପୁରି ତରକାରୀ ଅରୁଆ ଅର୍ଣ୍ଣକୁ
ଚାଲେରେ ଗଞ୍ଜେଇ ମାଡ଼ ।୫।

ପୂଜାପାଠ ସିନା ନତି ଚାଲିଥାଏ
ଶିବଲିଙ୍ଗେ ଢାଳ କ୍ଷୀର,
ପାଣି ଢଳାହୁଏ ଆସିଲେ କେବଳ
ଶ୍ରାବଣର ସୋମବାର ।୬।

କେନ୍ଦୁଡ଼ିହା ବଡ଼ସାହି ମୟୂରଭଞ୍ଜ

# ବାପାଙ୍କୁ ବିନତି



ଆଲୋକ କୁମାର ପଣ୍ଡା

ବାପା ମ ! ବାପା !
ତୁମ କୋଳ ପାଇବାକୁ
ତପ କରୁଥିବି ଚରକାଳ ଧ୍ରୁବଟିଏ ହୋଇ,
ପ୍ରହ୍ଲାଦ ହୋଇ ଟାକଥିବି ସବୁଦିନ,
ନଚକେତା ପରି ଗମିବି ଯମାଳୟ
ବିନା ଦ୍ୱିଧାରେ,
ଭାର ଉଠାଇବି ତୁମର
ଶ୍ରବଣ ହେବାରେ କରିବିନ କୁଣ୍ଠା,
ରାମ ଭଳି ଆଦେଶରେ ତୁମ
ଚଉଦ ବର୍ଷର ବନଗମନ ବି
କରିବାରେ ପଛଘୁଞ୍ଚା ଦେବିନ ମୁଁ,
ତୁମେ ମୋ' ବୋଧିଦ୍ରୁମ,
ତୁମ ଶୀତଳ ଛାୟାରେ
ଧାନମୂଦ୍ରାରେ ତଲ୍ଲୀନ ହେଉଥିବି ମୁଁ
ତବାଶିଷ ମୋ' ପାଥେୟ....
ନତ୍ୟ ପଡୁ ମୋ' ମସ୍ତକେ ତୁମ
ଚରଣର ଧୂଳ ॥

ଶିକ୍ଷକ,କପସିପାଲି ଆଶ୍ରମ ବିଦ୍ୟାଳୟ,ବଲାଙ୍ଗିର

# ଚରଣାମୃତର ପ୍ରଚଳନ



ବାଲ୍ମୀକି ନାୟକ

ଚରଣାମୃତକୁ ପାଦୋଦକ ମଧ୍ୟ କୁହାଯାଏ । ହିନ୍ଦୁ ଧର୍ମ ବିଧାନରେ ମନ୍ଦିରରେ ସ୍ଥାପିତ ଦେବୀ ଦେବତାଙ୍କ ପାଦଧୂଆ ପାଣି ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ଏହାକୁ ଭକ୍ତମାନେ ସେବନ କଲେ କ'ଣ ସବୁ ଫାଇଦା ହୁଏ ନମ୍ନ ଲିଖିତ ଶ୍ଳୋକରେ ବର୍ଣ୍ଣନା ହୋଇଛି । "ଅକାଳ ମୃତ୍ୟୁ ହରଣ ମବି ବ୍ୟାଧି ବିନାଶମ, ବିଷ୍ଣୁ ପାଦୋଦକ ପିତ୍ୱା ପୁନର୍ଜନ୍ମ ନ ଲିଃହୟତେ ।" ଅର୍ଥାତ ବିଷ୍ଣୁଙ୍କ ପାଦୋଦକ ପାନ କଲେ ଅକାଳ ମୃତ୍ୟୁ ହେବନାହିଁ । ସମସ୍ତ ରୋଗର ବିନାଶ ହେବ ଏବଂ ପୁନର୍ଜନ୍ମ ବି ହେବନାହିଁ ।"

ଏହି ବିଶ୍ୱାସରେ ପ୍ରତ୍ୟେକ ମନ୍ଦିରରେ ଭକ୍ତମାନଙ୍କୁ ଚରଣାମୃତ ବଣ୍ଟନ କରାଯାଏ । ପରବର୍ତ୍ତୀ କାଳରେ ହିନ୍ଦୁ ଧର୍ମର ଜାତି ଶ୍ରେଷ୍ଠ ବ୍ରାହ୍ମଣମାନଙ୍କ ପାଦଧୂଆ ପାଣି (ଚରଣାମୃତ) ଶୂଦ୍ରମାନେ ପାନ କଲେ ସେମାନଙ୍କର ଅଶେଷ ମଙ୍ଗଳ ହେବ ବୋଲି ଉପରୋକ୍ତ ଶ୍ଳୋକରେ 'ବିଷ୍ଣୁ' ବଦଳରେ 'ବିପ୍ର' ଶବ୍ଦ ଯୋଡି ପ୍ରଚାର କରାଗଲା । ଅନ୍ଧଭକ୍ତମାନେ ଏହାର ପ୍ରକୃତ ଅର୍ଥ ନବୁଝି ବ୍ରାହ୍ମଣଙ୍କ ପାଦଧୁଆ ପାଣି ପିଇବା ଆରମ୍ଭ କରିଦେଲେ । ପି. ସି. ରାୟ ନିଜ ପିଲା ଦିନର ସ୍ମୃତି ଲେଖିଛନ୍ତି - "ଅତୀତରେ କଲିକତାର ସଡକ କଡରେ ଶୂଦ୍ର ଜାତିର ପିଲାମାନେ ଚରଣାମୃତ ସଂଗ୍ରହ କରିବା ପାଇଁ, ପାଣିଢାଳ ଧରି ବ୍ରାହ୍ମଣଙ୍କୁ ଅପେକ୍ଷା କରିଥାନ୍ତି । ସେହି ରାସ୍ତାରେ ବ୍ରାହ୍ମଣ ଆସିଲେ ପିଲାମାନେ ତାଙ୍କର ପାଦଧୋଇ ଚରଣାମୃତ ସଂଗ୍ରହ କରି ନଅନ୍ତି । ଘରେ ପିତା ଓ ମାତା ଏହି ପାଣି ସେବନ କରି ଅନ୍ନ ଭୋଜନ କରୁଥିଲେ ।"

ତାପରେ ପ୍ରତ୍ୟେକ ଜାତିରେ ଘରର ବୟୋଜ୍ୟେଷ୍ଠ ପୁରୁଷ ଓ ସ୍ତ୍ରୀମାନଙ୍କର ଚରଣାମୃତ ପାନ କଲେ ଗୃହର ନୂଆ ବୋହୂଙ୍କର ମଙ୍ଗଳ ହେବ ବୋଲି କୁହାଗଲା । ସ୍ତ୍ରୀମାନେ ସକାଳୁ ସ୍ନାନ କରି ସ୍ୱାମୀ, ଶାଶୁ ଓ ଶ୍ୱଶୁର ଆଦିଙ୍କ ଧୂଳ ଧୂସର ଲାଗିଥିବା ପାଦକୁ ଧୋଇ ସେବନ କଲା ପରେ ଘରର ଅନ୍ୟ କାମ କରିଥାନ୍ତି । ସେହି ପ୍ରଥା ମଧ୍ୟ ବହୁ ବର୍ଷ ଧରି ଚାଲିଲା । ଗୁଜୁରାଟରେ କେତେକ ଜାତିର ବର - କନ୍ୟାଙ୍କ ବିବାହ ସମୟରେ ମଧୁପର୍କ ବିଧାନ ଅନୁସାରେ କନ୍ୟା ପିତା ବରଙ୍କ ଚରଣାମୃତ ପାନ କରି ସେଦିନର ଉପବାସ ବ୍ରତ ସମାପ୍ତ କରନ୍ତି । ସେହିଭଳି କନ୍ୟାର ମାତା ନିଜ ଝିଅର ଚରଣାମୃତ ପାନ କରି ଉପବାସ ବ୍ରତ ସମାପ୍ତ କରନ୍ତି । ଅବଶ୍ୟ ଆଜିକାଲିର ଶିକ୍ଷିତା ବୋହୂମାନେ ଆଉ ସେପରି କରୁନାହାନ୍ତି । କାରଣ ଏହି ପ୍ରଥାର କୌଣସି ଉପଯୋଗୀତା ନଥାଏ ବରଂ କାହାର ଧୂଳ ଧୂସର ଲାଗିଥିବା ମଇଳା ପାଦ ଧୋଇ ସେହି ପାଣିକୁ ସେବନ କଲେ ଅସୁସ୍ଥ ହେବାର ଭୟ ରହୁଛି । ଅତି ବାଧ୍ୟ ହେଲେ ପାଣି ପାତ୍ରକୁ କେବଳ ମୁହଁ ପାଖକୁ ନେଇ ଓଠକୁ ଛୁଆଇଁ ପାଣିକୁ ମୁଣ୍ଡ ଉପରେ ଛିଞ୍ଚି ଦେଉଛନ୍ତି । ବୁଢା ବୁଢୀମାନେ ମଧ୍ୟ ଆଗଭଳି ଆଉ ଜିଦ କରୁନାହାନ୍ତି ।

ତଥାପି ଧାର୍ମିକ ଅନୁଷ୍ଠାନ, ଧର୍ମଗୁରୁଙ୍କ ପ୍ରବଚନ ସଭା, ବିବାହ ସମାରୋହ ଆଦିରେ ଏବେ ବି ଚରଣାମୃତ ସେବନ କରିବା ଏବଂ ସମସ୍ତଙ୍କ ଉପରେ ସିଞ୍ଚନ କରିବା ପ୍ରଥା ଚାଲିଛି । ଗୋଟିଏ ପୌରାଣିକ କାହାଣୀ ଅନୁସାରେ ବିଷ୍ଣୁ ଯେତେବେଳେ ବାମନ ଅବତାର ନେଇ ରାଜା ବାଳୀଙ୍କ ଠାରୁ ଦାନ ଗ୍ରହଣ କରିବାକୁ ଯାଇଥିଲେ, ସେତେବେଳେ ତାଙ୍କର ତୃତୀୟ ପାଦ ବ୍ରହ୍ମ ଲୋକ ଆଡକୁ ବଢ଼ାଇଲେ । ଏହା ଦେଖି ବ୍ରହ୍ମା ବିଷ୍ଣୁଙ୍କ ପାଦ ଧୋଇ, ଚରଣାମୃତକୁ କମଣ୍ଡଳରେ ଭର୍ତ୍ତି କରିଦେଲେ । ସେହି ଚରଣାମୃତ କୁଆଡେ ପବିତ୍ର ଗଙ୍ଗା ଜଳ ହୋଇଗଲା । (ସେହି ପବିତ୍ର ଗଙ୍ଗା ଜଳ ଆଜି ଏତେ ଦୂଷିତ ଓ ଅଶୁଦ୍ଧ ହୋଇଯାଛି ଯେ ବିଭିନ୍ନ ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯେତେ ସଫେଇ ଯୋଜନା କଲେ ମଧ୍ୟ ଗଙ୍ଗା ଜଳ ନିର୍ମଳ ଓ ଶୁଦ୍ଧ ହୋଇ ପାରୁନ ।)

ଚରଣାମୃତର ମାହାତ୍ମ୍ୟ ପ୍ରଚାର କରୁଥିବା ଏକ ତାଜା ଉଦାହରଣ ଦେଖନ୍ତୁ – ଝାରଖଣ୍ଡ, ଗୋଡ୍ଡା କବାଳୀ ଗ୍ରାମରେ ଗୋଟିଏ ନୂତନ ପୋଲ ତିଆରି ହେବାପାଇଁ ଶିଳାନ୍ୟାସ କରିବାକୁ

ଯାଇଥିବା ସାଂସଦ ନଶିକାନ୍ତ ଦୁବେଙ୍କ ପାଦଧୋଇ, ପଙ୍କଜ ସାହ ନାମକ ଜଣେ ଅନ୍ଧଭକ୍ତ ଚରଣାମୃତ ପାନ କରିଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ପୋଲ ତିଆରି ବେଳେ ବାଲି ସିମେଣ୍ଟରେ ଯେତେ ଘୋଟାଲା କଲେ ମଧ୍ୟ ବ୍ରାହ୍ମଣଙ୍କ ଚରଣାମୃତ ପାନ କରିଥିବାରୁ ପୋଲ ନର୍ବିଘ୍ନରେ ନର୍ମାଣ ହୋଇଯିବ ।

ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ଼ଃ. ରାଜେନ୍ଦ୍ର ପ୍ରସାଦ ଶୂଦ୍ର ହୋଇଥିବାରୁ ବ୍ରାହ୍ମଣମାନେ ବିରୋଧ କରି କହିଥିଲେ - ୧00 ଜଣ ବ୍ରାହ୍ମଣଙ୍କର ଚରଣାମୃତ ପାନ କଲେ ହିଁ ସେ ଶାସନ ଗାଦିରେ ବସିପାରିବେ । ଏହି ନର୍ଦ୍ଦେଶକୁ ପାଳନ କରାଗଲା କି ନାହିଁ ? ଏହାର କୌଣସି ତଥ୍ୟ ଅବଶ୍ୟ ଆମ ପାଖରେ ନାହିଁ । ଡ଼ଃ ଆମ୍ବେଦକର ଚରଣାମୃତ ସମ୍ପର୍କରେ ଲେଖିଛନ୍ତି - "ଏକ ସମୟରେ ଶୋଷିତ ବର୍ଗ ବ୍ରାହ୍ମଣଙ୍କ ପାଦଧୁଆ ପାଣି ନପିଇ ଭୋଜନ କରି ପାରୁ ନଥିଲା ।"

ଆଜିର ଭାରତରେ ହିନ୍ଦୁ ସମାଜ ଚରଣାମୃତ ବଦଳରେ ଗୋମୂତ୍ର ପ୍ରଚଳନ କଲେଣି । ଗୋମୂତ୍ର ସେବନ କରିବା, ମୁଣ୍ଡରେ ଗୋମୂତ୍ର ସିଞ୍ଚନ କରିବା । ମଜା କଥା ହେଉଛି -କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅତ୍ୟାଧୁନକ ପଦ୍ଧତିରେ ନର୍ମାଣ କରିଥିବା ଗୃହରେ ପ୍ରବେଶ କରିବା ପୂର୍ବରୁ ନୂତନ ଘରେ ଗୋମୂତ୍ର ସିଞ୍ଚନ କଲେ ସର୍ବ ଦୋଷ ଦୂର ହୋଇଯାଏ ବୋଲି ବିଶ୍ୱାସ କରୁଛନ୍ତି । ଭାରତରେ କିଛି ଯାଯାବର ଲୋକ ଗାଇମାନଙ୍କୁ ସାଙ୍ଗରେ ନେଇ ଦିନ ସାରା ଘର ଘର ବୁଲି ଗାଇକୁ ଦାନ ଦେବାକୁ କହିଥାନ୍ତି । ଏହା ଦ୍ୱାରା ସେମାନେ ବିଚାରି ଗାଇମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରନ୍ତି ତାହା ଏଠାରେ ବର୍ଣ୍ଣନା କରିବା ଠିକ ହେବନ । ଗୃହ ପ୍ରବେଶ ବେଳେ ଘର ମାଲିକ ପୂର୍ବ ଦିନ ହିଁ ତାଙ୍କୁ କହିଥାନ୍ତି - କାଲି ବଡି ସକାଳୁ ଗାଇକୁ ନେଇ ତାଙ୍କ ଘର ଦ୍ୱାରକୁ ଆସିବେ । ଗାଇଟି ରାତିସାରା ଶୋଇ ଉଠିଥିଲେ ମଧ୍ୟ ହୁଏତ ମୂତ୍ର ତ୍ୟାଗ କରିନଥାଏ । ଗାଇ ମାନଙ୍କୁ ହୁଏତ ମୂତ୍ର ତ୍ୟାଗକୁ ରୋକିବା ପାଇଁ ସେହି ଭଳି ଟ୍ରେନଙ୍ଗ ଦିଆ ଯାଉଛି । ଘର ମାଲିକ ଗୋଟିଏ ବଡ଼ ଡେକଚ ବା ବାଲଟି ଗାଇ ପଛରେ ଧରି ଠିଆ ହେବା ପରେ ଗାଇ ମାଲିକ କ'ଣ ନର୍ଦ୍ଦେଶ ଦିଏ ଜଣା ନାହିଁ କନ୍ତୁ ଗାଇ ତୁରନ୍ତ ଡେକଚ ବା ବାଲଟି ଭର୍ତ୍ତିକରି ଶୁଦ୍ଧ ମୂତ୍ର ଦେଇଦିଏ । ପ୍ରତି ବଦଳରେ ଗାଇ ମାଲିକ ଭଲ ପାଉଣା ପାଇଥାଏ । ଗୃହ ପ୍ରତିଷ୍ଠା ପାଇଁ ହୋମ, ଯଜ୍ଞ, ପୂଜା, ପାଠ ଆଦି ଶେଷ ହେବା ପରେ ସେହି ମୂତ୍ରକୁ

ଘର ସାରା ଛିଞ୍ଚା ହୁଏ । ଏହା ଦ୍ୱାରା ସେହି ଘରଟି କେତେଦୂର ଶୁଦ୍ଧ ହୁଏ ସେକଥା ଘର ମାଲିକ ହିଁ ଜାଣନ୍ତି? ଏଥିରେ ସନ୍ଦେହ ନାହିଁ ଯେ ପରେ ଘର ମାଲିକାଣୀ ଗୋମୂତ୍ର ଦୁର୍ଗନ୍ଧକୁ ଦୂର କରିବାପାଇଁ ସେହି ଘରକୁ ସୁଗନ୍ଧ ଯୁକ୍ତ ମହଙ୍ଗା ଫିନାଇଲ ଆଦିରେ ନଧୋଇ ରହି ପାରିବେ ନାହିଁ ।

ଆଜିର ଯୁଗରେ ଶିକ୍ଷିତ ଲୋକମାନେ ନିଜର ବୈଜ୍ଞାନିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ଯେ ମଣିଷର ଚରଣାମୃତ ହେଉ କିମ୍ବା ଗାଈର ଗୋମୂତ୍ର ହେଉ ଦୁଇଟି ଯାକ ସ୍ୱାସ୍ଥ୍ୟକର ପଦାର୍ଥ ନୁହେଁ । ଏପରିକି ମନ୍ଦିରର ଠାକୁର ମୂର୍ତ୍ତି ଗୁରି ପାଖରେ ଜମା ହୋଇଥିବା ବାସି ଦୁଧ, ଫୁଲ, ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହିତ ମିଶି ପାଦୁକାଜଳ ମଧ୍ୟ ଶୁଦ୍ଧ ହୋଇ ନଥାଏ । ସେହି ଜଳକୁ ପବିତ୍ର ଭାବି ସେବନ କଲେ ପେଟ ଖରାପ ହେବାର ସମ୍ଭାବନା ନିଶ୍ଚୟ ରହିବ ।

Mob:9482016260

# ଅଲୋଡ଼ା ପାଉଁଶ



ମନୋଜ କୁମ୍ହାର

ସ୍ମଶାନ କୋଳର ଅଚହ୍ନା ଧାସ
ଦେଇଗଲ୍ ପରିଚୟ
ଅଲୋଡ଼ା ପାଉଁଶ ମୁଁ ଅଲୋଡ଼ା ପାଉଁଶ ।।

ଆଶା ଆକାଶର ବିଜୁଳ ବରଷା ବେଶ
କ୍ଷଣକେ ବାସ
ପୁଣି କ୍ଷଣକେ ରୂପ ଯେ ନର୍‌ଶ
ଅଲୋଡ଼ା ପାଉଁଶ ମୁଁ ଅଲୋଡ଼ା ପାଉଁଶ ।।

ମନ ଉଆସର ଗଠିତ ଭ୍ବନା ଦେଶ
ଆଖିର ଅଜଣା ବିଶ୍ବାସ
ପୁଣି ତାଣ୍ଡବ ରୂପରେ
ଅବୁଝା ଧ୍ୱଂସାବଶେଷର ଡାକ
ଅଲୋଡ଼ା ପାଉଁଶ ମୁଁ ଅଲୋଡ଼ା ପାଉଁଶ ।।

ପ୍ରଣୟ  କାଳର ତୋଫା ତୋଫା ବୟସ
ସ୍ୱର୍ଗୀୟ ସୁଖ ସ୍ପର୍ଶ
ପୁଣି ଅଫେର୍ ଦିଗରେ

ଗତିହୀନ ହୁଏ ଆୟୁଷ
ଅଲୋଡା ପାଉଁଶ ମୁଁ ଅଲୋଡା ପାଉଁଶ ।।

ଭାବନା ଢେଉର ମନୁଆ ସ୍ମିତହସ
ବୟସର କ ବା ଦୋଷ
ବ୍ୟର୍ଥ ଅନେକ ପ୍ରୟାସ
ନିଷ୍ଠିହ୍ନ ଭାଗଶେଷ କହେ
ଅଲୋଡା ପାଉଁଶ ମୁଁ ଅଲୋଡା ପାଉଁଶ ।।
ବିରହ କାଳର ଅସ୍ପଷ୍ଟ ନିଶ୍ବାସ
ସ୍ମଶାନ କୋଳର ଅଚହ୍ନା ଧାସ
ଦେଇଗଲା ପରିଚୟ
ଅଲୋଡା ପାଉଁଶ ମୁଁ ଅଲୋଡା ପାଉଁଶ ।।

ଫାସଡ, ବଲାଙ୍ଗୀର

# ସମର୍ପଣ



କରଣ ମନୀଷା ମହାନ୍ତି

ଅନେକ ଥର ନିଜକୁ
ତୁମ ପ୍ରେମିକା ପରି ସଜେଇ
ଅର୍ଦ୍ଧାଙ୍ଗିନୀ ପରି ସମର୍ପଣ
କରି ଦେଇଛି
ଦେହରେ ସହିଛି
ଯାବତୀୟ ଯନ୍ତ୍ରଣା

ଆଖିର ଲୁହକୁ ଜୀବନର
ରଣ କ୍ଷେତ୍ରରେ
ଲୁଚେଇ ବଢିବାକୁ ପଡ଼ିଛି
ଆଗକୁ ଆଗକୁ
ଯେତେ ଝଡଝଞ୍ଜା ଅଦିନ ଜୁଆର
ଦୁଃଖକୁ ମଙ୍ଗଳସୂତ୍ର କରି
ବେକରେ ବାନ୍ଧିଛି

କେବେ କେବେ
ଅନ୍ଧାରକୁ ଡ଼ରଲାଗେ
ଖୁବ ଜୋରେ କାନ୍ଦେ
ଜୀବନର ଆୟୁଷକୁ

ଟିକେ ଟିକେ କରି ଜାଳଦିଏ
ଅପୁରଣୀୟ ସ୍ୱପ୍ନ ଅନେକ
ଅର୍ଦ୍ଧାଙ୍ଗିନୀ ର ଅଳଙ୍କାର
ବୋଝ ପରି ଲଦି
ଇନ୍ଦ୍ରଧନୁ ପରି ନଇଁ ଯାଏ
ମେରୁ ହାଡ଼

ତଥାପି ପଣତ କାନରେ
ବାନ୍ଧିବାକୁ ପଡେ ଦୃଢ଼ ସଂକଳ୍ପ
ଦୋହଲୁ ଥିବା ଜୀବନର ଡାଳରେ
ସଂସାର ର ବାଇଆ ବସା

# ଗୁରୁ ମୋର

ଗୋପାଳ ଭୂଟି ଯାଦବ

ଚରଣେ ତୁମର କରୁଛି ପ୍ରଣାମ
ଗୁରୁ ଦେବ ହେ ମୋହର
କ ଦେଇ ପୂଜିବି ତୁମ ପାଦ ପଦ୍ମ
ଭାଷା ମିଳୁ ନାହିଁ ମୋର ।

ତୁମ ଦୟା ବଳେ ଶିଖିଲି ଅକ୍ଷର
ଶିଖିଲି ଅନେକ କଥା
ତୁମ କୃପା ବାରି ପଡୁ ଥାଉ ଗୁରୁ
ଲେଖିବି ଗୁଡେ କବିତା ।

ମାତା, ପିତା ମୋର ଜନ୍ମ ଦେଇଥିଲେ
ଲାଳନ ପାଳନ କଲେ
ମୁଁ ଅବୋଧ କଛି ଜାଣି ନ ଥିଲି ହେ
ସାଧୁ ମଣିଷ ଟି କଲେ ।

କେମିତି ଭୁଲିବି ତୁମକୁ ହେ ଗୁରୁ
ତୁମେ ତ ଦୟା ସାଗର
ତୁମ ଦୟା ବଳେ ଅଳ୍ପ ସମୟରେ
ଜିଣିଛି ସାରା ସଂସାର ।

ସବୁ ବେଳେ ତୁମ ଆଶୀର୍ବାଦ ଥାଉ
ଶରଣ ପଶୁଛି ପାଦେ
ପୂଜୁଛି ପୟର ଆହେ ଗୁରୁ ମୋର
ରହି ଥାଅ ମୋର ହୃଦେ ।

କଳାହାଣ୍ଡି

# ଚରଣାମୃତର ପ୍ରଚଳନ



ବାଲ୍ମୀକ ନାୟକ

ଚରଣାମୃତକୁ ପାଦୋଦକ ମଧ୍ଧ କୁହାଯାଏ । ହିନ୍ଦୁ ଧର୍ମ ବିଧାନରେ ମନ୍ଦିରରେ ସ୍ଥାପିତ ଦେବୀ ଦେବତାଙ୍କ ପାଦଧୂଆ ପାଣି ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ଏହାକୁ ଭକ୍ତମାନେ ସେବନ କଲେ କ'ଣ ସବୁ ଫାଇଦା ହୁଏ ନିମ୍ନ ଲିଖିତ ଶ୍ଳୋକରେ ବର୍ଣ୍ଣନା ହୋଇଛି । "ଅକାଳ ମୃତ୍ୟୁ ହରଣ ମବି ବ୍ୟାଧି ବିନାଶମ, ବିଷ୍ଣୁ ପାଦୋଦକ  ପିତ୍ୱା ପୁନର୍ଜନ୍ମ ନ ଲିଃହୟତେ ।" ଅର୍ଥାତ ବିଷ୍ଣୁଙ୍କ ପାଦୋଦକ ପାନ କଲେ ଅକାଳ ମୃତ୍ୟୁ ହେବନାହିଁ । ସମସ୍ତ ରୋଗର ବିନାଶ ହେବ ଏବଂ ପୁନର୍ଜନ୍ମ ବି ହେବନାହିଁ ।"

ଏହି ବିଶ୍ୱାସରେ ପ୍ରତ୍ୟେକ ମନ୍ଦିରରେ ଭକ୍ତମାନଙ୍କୁ ଚରଣାମୃତ ବଣ୍ଟନ କରାଯାଏ । ପରବର୍ତ୍ତୀ କାଳରେ ହିନ୍ଦୁ ଧର୍ମର ଜାତି ଶ୍ରେଷ୍ଠ ବ୍ରାହ୍ମଣମାନଙ୍କ ପାଦଧୂଆ ପାଣି (ଚରଣାମୃତ) ଶୂଦ୍ରମାନେ ପାନ କଲେ ସେମାନଙ୍କର ଅଶେଷ ମଙ୍ଗଳ ହେବ ବୋଲି ଉପରୋକ୍ତ ଶ୍ଳୋକରେ **'ବିଷ୍ଣୁ'** ବଦଳରେ **'ବିପ୍ର'** ଶବ୍ଦ ଯୋଡି ପ୍ରଚାର କରାଗଲା । ଅନ୍ଧଭକ୍ତମାନେ ଏହାର ପ୍ରକୃତ ଅର୍ଥ ନବୁଝି ବ୍ରାହ୍ମଣଙ୍କ ପାଦଧୁଆ ପାଣି ପିଇବା ଆରମ୍ଭ କରିଦେଲେ । ପି. ସି. ରାୟ ନିଜ ପିଲା ଦିନର ସ୍ମୃତି ଲେଖିଛନ୍ତି - "ଅତୀତରେ କଲିକତାର ସଡକ କଡରେ ଶୂଦ୍ର ଜାତିର ପିଲାମାନେ ଚରଣାମୃତ ସଂଗ୍ରହ କରିବା ପାଇଁ, ପାଣିଢାଳ ଧରି ବ୍ରାହ୍ମଣଙ୍କୁ ଅପେକ୍ଷା କରିଥାନ୍ତି । ସେହି ରାସ୍ତାରେ ବ୍ରାହ୍ମଣ ଆସିଲେ ପିଲାମାନେ ତାଙ୍କର ପାଦଧୋଇ ଚରଣାମୃତ ସଂଗ୍ରହ କରି ନିଅନ୍ତି । ଘରେ ପିତା ଓ ମାତା ଏହି ପାଣି ସେବନ କରି ଅନ୍ନ ଭୋଜନ କରୁଥିଲେ ।"

ତାପରେ ପ୍ରତ୍ୟେକ ଜାତିରେ ଘରର ବୟୋଜ୍ୟେଷ୍ଠ ପୁରୁଷ ଓ ସ୍ତ୍ରୀମାନଙ୍କର ଚରଣାମୃତ ପାନ କଲେ ଗୃହର ନୂଆ ବୋହୂଙ୍କର ମଙ୍ଗଳ ହେବ ବୋଲି କୁହାଗଲା । ସ୍ତ୍ରୀମାନେ ସକାଳୁ ସ୍ନାନ କରି ସ୍ୱାମୀ, ଶାଶୁ ଓ ଶ୍ୱଶୁର ଆଦିଙ୍କ ଧୂଳ ଧୂସର ଲାଗିଥିବା ପାଦକୁ ଧୋଇ ସେବନ କଲା ପରେ ଘରର ଅନ୍ୟ କାମ କରିଥାନ୍ତି । ସେହି ପ୍ରଥା ମଧ୍ୟ ବହୁ ବର୍ଷ ଧରି ଚାଲିଲା । ଗୁଜୁରାଟରେ କେତେକ ଜାତିର ବର - କନ୍ୟାଙ୍କ ବିବାହ ସମୟରେ ମଧୁପର୍କ ବିଧାନ ଅନୁସାରେ କନ୍ୟା ପିତା ବରଙ୍କ ଚରଣାମୃତ ପାନ କରି ସେଦିନର ଉପବାସ ବ୍ରତ ସମାପ୍ତ କରନ୍ତି । ସେହିଭଳି କନ୍ୟାର ମାତା ନିଜ ଝିଅର ଚରଣାମୃତ ପାନ କରି ଉପବାସ ବ୍ରତ ସମାପ୍ତ କରନ୍ତି । ଅବଶ୍ୟ ଆଜିକାଲିର ଶିକ୍ଷିତା ବୋହୂମାନେ ଆଉ ସେପରି କରୁନାହାନ୍ତି । କାରଣ ଏହି ପ୍ରଥାର କୌଣସି ଉପଯୋଗୀତା ନଥାଏ ବରଂ କାହାର ଧୂଳ ଧୂସର ଲାଗିଥିବା ମଇଳା ପାଦ ଧୋଇ ସେହି ପାଣିକୁ ସେବନ କଲେ ଅସୁସ୍ଥ ହେବାର ଭୟ ରହୁଛି । ଅତି ବାଧ୍ୟ ହେଲେ ପାଣି ପାତ୍ରକୁ କେବଳ ମୁହଁ ପାଖକୁ ନେଇ ଓଠକୁ ଛୁଆଇଁ ପାଣିକୁ ମୁଣ୍ଡ ଉପରେ ଛିଞ୍ଚି ଦେଉଛନ୍ତି । ବୁଢା ବୁଢୀମାନେ ମଧ୍ୟ ଆଗଭଳି ଆଉ ଜିଦ କରୁନାହାନ୍ତି ।

ତଥାପି ଧାର୍ମିକ ଅନୁଷ୍ଠାନ, ଧର୍ମଗୁରୁଙ୍କ ପ୍ରବଚନ ସଭା, ବିବାହ ସମାରୋହ ଆଦିରେ ଏବେ ବି ଚରଣାମୃତ ସେବନ କରିବା ଏବଂ ସମସ୍ତଙ୍କ ଉପରେ ସିଞ୍ଚନ କରିବା ପ୍ରଥା ଚାଲିଛି । ଗୋଟିଏ ପୌରାଣିକ କାହାଣୀ ଅନୁସାରେ ବିଷ୍ଣୁ ଯେତେବେଳେ ବାମନ ଅବତାର ନେଇ ରାଜା ବାଳୀଙ୍କ ଠାରୁ ଦାନ ଗ୍ରହଣ କରିବାକୁ ଯାଇଥିଲେ, ସେତେବେଳେ ତାଙ୍କର ତୃତୀୟ ପାଦ ବ୍ରହ୍ମ ଲୋକ ଆଡକୁ ବଢ଼ାଇଲେ । ଏହା ଦେଖି ବ୍ରହ୍ମା ବିଷ୍ଣୁଙ୍କ ପାଦ ଧୋଇ, ଚରଣାମୃତକୁ କମଣ୍ଡଳରେ ଭର୍ତ୍ତି କରିଦେଲେ । ସେହି ଚରଣାମୃତ କୁଆଡେ ପବିତ୍ର ଗଙ୍ଗା ଜଳ ହୋଇଗଲା । (ସେହି ପବିତ୍ର ଗଙ୍ଗା ଜଳ ଆଜି ଏତେ ଦୂଷିତ ଓ ଅଶୁଦ୍ଧ ହୋଇଯାଇଛି ଯେ ବିଭିନ୍ନ ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯେତେ ସଫେଇ ଯୋଜନା କଲେ ମଧ୍ୟ ଗଙ୍ଗା ଜଳ ନିର୍ମଳ ଓ ଶୁଦ୍ଧ ହୋଇ ପାରୁନି ।)

ଚରଣାମୃତର ମାହାତ୍ମ୍ୟ ପ୍ରଚାର କରୁଥିବା ଏକ ତାଜା ଉଦାହରଣ ଦେଖନ୍ତୁ – ଝାରଖଣ୍ଡ, ଗୋଡ୍ଡା କବାଳୀ ଗ୍ରାମରେ ଗୋଟିଏ ନୂତନ ପୋଲ ତିଆରି ହେବାପାଇଁ ଶିଳାନ୍ୟାସ କରିବାକୁ

ଯାଇଥିବା ସାଂସଦ ନଶିକାନ୍ତ ଦୁବେଙ୍କ ପାଦଧୋଇ, ପଙ୍କଜ ସାହ ନାମକ ଜଣେ ଅନ୍ଧଭକ୍ତ ଚରଣାମୃତ ପାନ କରିଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ପୋଲ ତିଆରି ବେଳେ ବାଲି ସିମେଣ୍ଟରେ ଯେତେ ଘୋଟାଲା କଲେ ମଧ୍ୟ ବ୍ରାହ୍ମଣଙ୍କ ଚରଣାମୃତ ପାନ କରିଥିବାରୁ ପୋଲ ନର୍ବିଘ୍ନରେ ନର୍ମାଣ ହୋଇଯିବ ।

ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ଼ଃ. ରାଜେନ୍ଦ୍ର ପ୍ରସାଦ ଶୂଦ୍ର ହୋଇଥିବାରୁ ବ୍ରାହ୍ମଣମାନେ ବିରୋଧ କରି କହିଥିଲେ - ୧00 ଜଣ ବ୍ରାହ୍ମଣଙ୍କର ଚରଣାମୃତ ପାନ କଲେ ହିଁ ସେ ଶାସନ ଗାଦିରେ ବସିପାରିବେ । ଏହି ନର୍ଦ୍ଦେଶକୁ ପାଳନ କରାଗଲା କ ନାହିଁ ? ଏହାର କୌଣସି ତଥ୍ୟ ଅବଶ୍ୟ ଆମ ପାଖରେ ନାହିଁ । ଡ଼ଃ ଆମ୍ବେଦକର ଚରଣାମୃତ ସମ୍ପର୍କରେ ଲେଖିଛନ୍ତି - "ଏକ ସମୟରେ ଶୋଷିତ ବର୍ଗ ବ୍ରାହ୍ମଣଙ୍କ ପାଦଧୁଆ ପାଣି ନପିଇ ଭୋଜନ କରି ପାରୁ ନଥିଲା ।"

ଆଜିର ଭାରତରେ ହିନ୍ଦୁ ସମାଜ ଚରଣାମୃତ ବଦଳରେ ଗୋମୂତ୍ର ପ୍ରଚଳନ କଲେଣି । ଗୋମୂତ୍ର ସେବନ କରିବା, ମୁଣ୍ଡରେ ଗୋମୂତ୍ର ସିଞ୍ଚନ କରିବା । ମଜା କଥା ହେଉଛି -କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅତ୍ୟାଧୁନକ ପଦ୍ଧତିରେ ନର୍ମାଣ କରିଥିବା ଗୃହରେ ପ୍ରବେଶ କରିବା ପୂର୍ବରୁ ନୂତନ ଘରେ ଗୋମୂତ୍ର ସିଞ୍ଚନ କଲେ ସର୍ବ ଦୋଷ ଦୂର ହୋଇଯାଏ ବୋଲି ବିଶ୍ୱାସ କରୁଛନ୍ତି । ଭାରତରେ କଛି ଯାଯାବର ଲୋକ ଗାଈମାନଙ୍କୁ ସାଙ୍ଗରେ ନେଇ ଦିନ ସାରା ଘର ଘର ବୁଲି ଗାଈକୁ ଦାନ ଦେବାକୁ କହିଥାନ୍ତି । ଏହା ଦ୍ୱାରା ସେମାନେ ବିଚାରି ଗାଈମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରନ୍ତି ତାହା ଏଠାରେ ବର୍ଣ୍ଣନା କରିବା ଠିକ ହେବନ । ଗୃହ ପ୍ରବେଶ ବେଳେ ଘର ମାଲିକ ପୂର୍ବ ଦିନ ହିଁ ତାଙ୍କୁ କହିଥାନ୍ତି - କାଲି ବଡି ସକାଳୁ ଗାଈକୁ ନେଇ ତାଙ୍କ ଘର ଦ୍ୱାରକୁ ଆସିବେ । ଗାଈଟି ରାତିସାରା ଶୋଇ ଉଠିଥିଲେ ମଧ୍ୟ ହୁଏତ ମୂତ୍ର ତ୍ୟାଗ କରିନଥାଏ । ଗାଈ ମାନଙ୍କୁ ହୁଏତ ମୂତ୍ର ତ୍ୟାଗକୁ ରୋକିବା ପାଇଁ ସେହି ଭଳି ଟ୍ରେନଙ୍ଗ ଦିଆ ଯାଉଛି । ଘର ମାଲିକ ଗୋଟିଏ ବଡ଼ ଡେକଚ ବା ବାଲଟି ଗାଈ ପଛରେ ଧରି ଠିଆ ହେବା ପରେ ଗାଈ ମାଲିକ କ'ଣ ନର୍ଦ୍ଦେଶ ଦିଏ ଜଣା ନାହିଁ କନ୍ତୁ ଗାଈ ତୁରନ୍ତ ଡେକଚ ବା ବାଲଟି ଭର୍ତ୍ତିକରି ଶୁଦ୍ଧ ମୂତ୍ର ଦେଇଦିଏ । ପ୍ରତି ବଦଳରେ ଗାଈ ମାଲିକ ଭଲ ପାଉଣା ପାଇଥାଏ ।

ଗୃହ ପ୍ରତିଷ୍ଠା ପାଇଁ ହୋମ, ଯଜ୍ଞ, ପୂଜା, ପାଠ ଆଦି ଶେଷ ହେବା ପରେ ସେହି ମୂତ୍ରକୁ ଘର ସାରା ଛିଞ୍ଚା ହୁଏ । ଏହା ଦ୍ୱାରା ସେହି ଘରଟି କେତେଦୂର ଶୁଦ୍ଧ ହୁଏ ସେକଥା ଘର ମାଲିକ ହିଁ ଜାଣନ୍ତି? ଏଥିରେ ସନ୍ଦେହ ନାହିଁ ଯେ ପରେ ଘର ମାଲିକାଣୀ ଗୋମୂତ୍ର ଦୁର୍ଗନ୍ଧକୁ ଦୂର କରିବାପାଇଁ ସେହି ଘରକୁ ସୁଗନ୍ଧ ଯୁକ୍ତ ମହଙ୍ଗା ଫିନାଇଲ ଆଦିରେ ନଧୋଇ ରହି ପାରିବେ ନାହିଁ ।

ଆଜିର ଯୁଗରେ ଶିକ୍ଷିତ ଲୋକମାନେ ନିଜର ବୈଜ୍ଞାନିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ଯେ ମଣିଷର ଚରଣାମୃତ ହେଉ କିମ୍ବା ଗାଈର ଗୋମୂତ୍ର ହେଉ ଦୁଇଟି ଯାକ ସ୍ୱାସ୍ଥ୍ୟକର ପଦାର୍ଥ ନୁହେଁ । ଏପରିକି ମନ୍ଦିରର ଠାକୁର ମୂର୍ତ୍ତି ଗୃହ ପାଖରେ ଜମା ହୋଇଥିବା ବାସି ଦୁଧ, ଫୁଲ, ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହିତ ମିଶି ପାଦୁକାଜଳ ମଧ୍ୟ ଶୁଦ୍ଧ ହୋଇ ନଥାଏ । ସେହି ଜଳକୁ ପବିତ୍ର ଭାବି ସେବନ କଲେ ପେଟ ଖରାପ ହେବାର ସମ୍ଭାବନା ନିଶ୍ଚୟ ରହିବ ।

Mob:9482016260

# ମହାଭାରତ କଥା.. (୮)



ନରେନ୍ଦ୍ର ପ୍ରସାଦ ବେହେରା

## ଯୁଦ୍ଧ କ୍ଷେତ୍ରରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଙ୍କ ଉପଦେଶ ଦେଇଥିଲେ

ଅର୍ଜୁନ କମ୍ପିତ ଗଳାରେ କହିଲେ, ହେ କୃଷ୍ଣ, ତୁମେ କଅଣ ବୁଝିପାରୁ ନାହଁ ଯେ ମୋ ସମ୍ମୁଖରେ ଦଣ୍ଡାୟମାନ ଥିବା ମୋର ପିତାମହ ଭୀଷ୍ମଙ୍କ କୋଳରେ ତାଙ୍କ ସ୍ନେହ ଆଦର ପାଇ ଆମେ ପାଞ୍ଚଭାଇ ବଡ଼ ହୋଇଛୁ । ତୁମେ କଅଣ ଜାଣି ନାହଁ ଯେ ଏଠାରେ ହାତରେ ଧନୁ ଧରି ଛିଡା ହୋଇଥିବା ଦ୍ରୋଣାଚାର୍ଯ୍ୟ ହେଉଛନ୍ତି ମୋର ପରମପୂଜ୍ୟ ଗୁରୁ । ତା' ଛଡା ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ହେଉଛନ୍ତି ମୋର ଭାଇ । ଏମାନଙ୍କ ସହିତ ଯୁଦ୍ଧ କରିବାକୁ ମୋ ହାତ ଯାଉନାହିଁ । ଏମାନଙ୍କୁ ହତ୍ୟା କରି ମୁଁ ପାପ ଅର୍ଜନ କରିବାକୁ ଚାହେଁ ନାହିଁ । ମୁଁ ଯୁଦ୍ଧ କରିବି କିପରି ? ଏହା କହି ଅର୍ଜୁନ ନୀରବରେ ବସି ରହିଲେ । ଶ୍ରୀକୃଷ୍ଣ ବିସ୍ମିତ ନୟନରେ ଅର୍ଜୁନଙ୍କର ଏହି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା ଦେଖି କହିଲେ, ହେ ଅର୍ଜୁନ, ଏପରି ସମୟରେ ତୁମଠାରେ ଏପ୍ରକାର କ୍ଲୀବତ୍ୱ ଆଦୌ ଶୋଭାପାଉ ନାହିଁ । ଏହା ହେଉଛି ଏକ ଧର୍ମ ଯୁଦ୍ଧ, ଧର୍ମ ଓ ଅଧର୍ମ ମଧ୍ୟରେ ଏକ ଯୁଦ୍ଧ, ନ୍ୟାୟ ଓ ଅନ୍ୟାୟ ମଧ୍ୟରେ ଏକ ଯୁଦ୍ଧ । ତୁମେ ଯୁଦ୍ଧରୁ ଓହରି ଯିବାର ଅର୍ଥ ଅନ୍ୟାୟ ନିକଟରେ ମଥାନତ କରିବା । ତୁମ ପରି ଜଣେ ମହାପରାକ୍ରମୀଶାଳୀ ଯୋଦ୍ଧା ପକ୍ଷେ କଅଣ ଶୋଭା ପାଏ ? ହେ ଅର୍ଜୁନ, ହୃଦୟର ଏପରି ତୁଚ୍ଛ ଦୁର୍ବଳତାକୁ ପରିହାର କରି ଉଠ ଆଉ ବୀର ଦର୍ପରେ ଯୁଦ୍ଧ କର । ଯୁଦ୍ଧରେ ପ୍ରାଣ ହରାଇଲେ ସ୍ୱର୍ଗପ୍ରାପ୍ତି ହେବ, ଆଉ ଜୟ ଲାଭ କଲେ ରାଜ୍ୟ ଭୋଗ କରିବ । ତୁମର କର୍ତ୍ତବ୍ୟରେ ତିଳେମାତ୍ର ତ୍ରୁଟି କର ନାହିଁ । ଜାଣି ରଖ ଯେ ତୁମେ ହେଉଛ କ୍ଷତ୍ରିୟ । ଏହା ଶୁଣି ଅର୍ଜୁନ କହିଲେ, ହେ ସଖା, ବର୍ତ୍ତମାନ ମୋର ବୁଦ୍ଧିବୃତ୍ତି କେଉଁଆଡେ ଲୋପ ପାଇଯିବାର ମନେ ହେଉଛି । ମୁଁ କଅଣ କରିବି କିଛି ଭାବି ପାରୁନାହିଁ । ମୋତେ ଭୀରୁତା

ଗ୍ରାସ କରିଛି । ତେଣୁ କଅଣ ମୋ ପକ୍ଷେ କଲ୍ୟାଣକର ହେବ ତାହା ମୋତେ ବୁଝାଇ ଦିଅ। ମୁଁ ତୁମର ଶିଷ୍ୟତ୍ୱ ଗ୍ରହଣ କଲି । ଦୁଇ ସେନାର ମଧ୍ୟ ଭାଗରେ ଥାଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜ୍ଞାନଗର୍ଭକ ଉପଦେଶମାନ ଦେବାକୁ ଆରମ୍ଭ କଲେ,ଯାହାକି ସକଳ ଶାସ୍ତ୍ର ଓ ବେଦବେଦାନ୍ତର ସାରକଥା ଶ୍ରୀମଦଭଗବତଗୀତା ନାମରେ ଯୁଗ ଯୁଗ ଧରି ପରିଚୟ ଲାଭକରିଛି ।

ଶ୍ରୀକୃଷ୍ଣ କହିଲେ, ହେ ଅର୍ଜୁନ, ଯେଉଁମାନଙ୍କ ପାଇଁ ଶୋକ କରିବା ସମ୍ପୂର୍ଣ୍ଣ ରୂପେ ନିରର୍ଥକ, ତୁମେ ସେହିମାନଙ୍କ ପାଇଁ ଆଖିରୁ ଲୁହ ଗଡାଇ କାନ୍ଦୁଛ ? ବିଜ୍ଞଲୋକମାନେ ଜିବୀତ ମୃତ କାହାରି ପାଇଁ ଶୋକ କରନ୍ତି ନାହିଁ । ଆତ୍ମା ବାସ କରୁଥିବା ମନୁଷ୍ୟର ଶରୀର ହିଁ ନାଶବାନ । ଆତ୍ମାର ମୃତ୍ୟୁ ନାହିଁ । ଆତ୍ମା ହେଉଛି ଅଜ, ଅମର ଓ ଅବିନାଶୀ । ଆତ୍ମାକୁ କୌଣସି ଶସ୍ତ୍ର ଛେଦନ କରିପାରେ ନାହିଁ; ଅଗ୍ନି ଦାହ କରିପାରେ ନାହିଁ, ଜଳ ଭିଜାଇପାରେ ନାହିଁ କିମ୍ବା ପବନ ଶୁଖାଇପାରେ ନାହିଁ । ଆତ୍ମା ଯେଉଁ ଶରୀରରେ ବାସ କରେ ତାହା ବାଲ୍ୟ, ଯୌବନ ଓ ଜରା ଅବସ୍ଥା ଭୋଗ କରେ ନାହିଁ । ମନୁଷ୍ୟର ଦେହାନ୍ତ ପରେ ଏହା ଅନ୍ୟ ଶରୀର ପ୍ରାପ୍ତ ହୋଇଥାଏ । ଆଉ କେହି ଯଦି ଭାବୁଥାଏ ଆତ୍ମାକୁ ହତ୍ୟା କରାଯାଇପାରେ କିମ୍ବା କେହି ଯଦି ଆତ୍ମାକୁ ହତ୍ୟାକାରୀ ବୋଲି ଭାବୁଥାଏ, ସେମାନେ ସମସ୍ତେ ହେଉଛନ୍ତି ଅଜ୍ଞ କାରଣ ଆତ୍ମା ହେଉଛି ଏପରି ଏକ ତତ୍ତ୍ୱ ଯାହାକି ହତ୍ୟା କରେ ନାହିଁ କି କାହାରି ଦ୍ୱାରା ନିହତ ହୋଇପାରେ ନାହିଁ । ଆତ୍ମା ହେଉଛି ଶାଶ୍ୱତ, ନିତ୍ୟ ଓ ପୁରାତନ । ତେଣୁ ତୁମେ ଆତ୍ମାକୁ ଏପ୍ରକାର ବୋଲି ଜାଣି ବୃଥାରେ ଏମାନଙ୍କ ପାଇଁ ଶୋକ କରିବା ଉଚିତ୍ ନୁହେଁ । ଯାହା ଅନିବାର୍ଯ୍ୟ ସେଥିଲାଗି ଶୋକ କରିବା ବିଜ୍ଞତାର କାର୍ଯ୍ୟ ନୁହେଁ । ହେ ପାର୍ଥ, ତୁମେ ନିଜର କର୍ତ୍ତବ୍ୟ ଦୃଷ୍ଟିରୁ କୌଣସି ପ୍ରକାରେ ଭୟଭୀତ ନ ହୋଇ ଯୁଦ୍ଧ କର । ଏହି ପ୍ରକାର ଯୁଦ୍ଧ ଭାଗ୍ୟବାନ କ୍ଷତ୍ରିୟମାନେ ହିଁ ପାଇଥାନ୍ତି । ତୁମେ ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ ତୁମକୁ ଜଣେ ଭୀରୁ ବୋଲି ଭାବି ଶତ୍ରୁପକ୍ଷ ଘୋର ନିନ୍ଦା ଓ ଭର୍ତ୍ସନା କରିବେ । ତୁମ ପରି ଜଣେ ବୀର ଯୁଦ୍ଧରୁ ଓହରିଯିବା ମରଣଠାରୁ ମଧ୍ୟ ଅଧିକ ଦୁଃଖଦାୟକ ହେବ । ସୁତରାଂ ଉଠ, ଆଉ ଦୃଢ ନିଶ୍ଚୟ ହୋଇ ଯୁଦ୍ଧ କର । ତୁମେ କହୁଛ ଯେ ଏମାନଙ୍କୁ ତୁମେ ହତ୍ୟା କରିବ ନାହିଁ କିନ୍ତୁ ଏମାନେ ପୂର୍ବରୁ ମରିସାରିଛନ୍ତି ବୋଲି ଜାଣି

ରଖ । ତୁମେ କର୍ମର ଫଳ କଥା ଚିନ୍ତା ନ କରି ନିଜର କର୍ତ୍ତବ୍ୟ କର୍ମ କରିଯାଅ । କେବଳ ନିମିତ୍ତମାତ୍ର ହୋଇ ତୁମକୁ ଯୁଦ୍ଧ କରିବାକୁ ପଡିବ । ଅର୍ଜୁନ ନୀରବରେ ଶ୍ରୀକୃଷ୍ଣଙ୍କର ଉପଦେଶ ଶୁଣିବାରେ ଲାଗିଥାନ୍ତି । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଲକ୍ଷ୍ୟ କରି ଜଗତବାସୀଙ୍କୁ ଏହି କାଳଜୟୀ ଉପଦେଶ ଦେଇଥିଲେ । ସେ ଉପଦେଶ ଛଳରେ ଜ୍ଞାନଯୋଗ, କର୍ମଯୋଗ, ଭକ୍ତିଯୋଗ ଏବଂ ରାଜଯୋଗ ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରିଥିଲେ ।

କ୍ରମଶଃ....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର

# କେଶବ ଚଉତିଶା



ଆନନ୍ଦ ସାହୁ

କୃଷ୍ଣଙ୍କୁ ଗୃହିଣ ସଖାଏ କହନ୍ତି
ନଜାଅହେ ପ୍ରାଣମିତ
କାହା ସାଥେ ଆମ୍ଭେ ବନସ୍ତକୁ ଜାଇ
ଯଗି ବସିଥିବୁ ଗୋଷ୍ଠ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଖାଇବା ଛଳରେ  ଦହିକ ତୁମ୍ଭେ ହେ
ନତି ଆଣ ଆମ୍ଭ ପାସ
ଖାଇଲୁକ ବୋଲି ମାତା ପଗ୍ଭରିଲେ
ମୁରୁକ ମୁରୁକ ହସ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଗୋପପୁର ଛାଡି ତୁମ୍ଭେ ନ ଯାଅ ହେ
ମଥୁର୍ ନାମେ କଟକ
ଗୋରୁ, ଅଶ୍ୱ, ଗଜ ଗୃହିଁ ବସିଥିବେ
ତୁମ୍ଭର ଆସିବା ବାଟ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଘଡଘଡି ନାଦେ ସପ୍ତଦିନ ଯାଏ
ବୃଷ୍ଟି ଯେ କଲ୍କ ଇନ୍ଦ୍ର
ଘୋର ନାଦ କରି ଗୋବର୍ଦ୍ଧନ ତୋଳ
ଧଇଲ ହେ କୃଷ୍ଣଚନ୍ଦ୍ର
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଉଚ୍ଚସ୍ୱରେ ରଡି ମାଡି ଆସୁଥାଏ
ତୁମ୍ଭେ ନ ଥିଲେ ବିନାଶ
ଉପାୟ କରିଣ ତୁମ୍ଭେ ହେ ଶ୍ରୀକୃଷ୍ଣ
ମାରିଲ କେତେ ରାକ୍ଷସ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଚଗଲାମି କରି ଗୋପସାର୍ ତୁମ୍ଭେ
କରିଥିଲଟି ନଜର
ଚହଲ ପଢିଲ୍ ଜିବ ତୁମ୍ଭେ ବୋଲି
ଆମ୍ଭଙ୍କୁ କରିଯେ ପର
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଛାଡିଣ ସକଳ ଗୋପ ନରନାରୀ
କେତେ କେତେ ପଶୁ ପକ୍ଷୀ
ଛାଡିଗଲେ ତୁମ୍ଭେ ନଷ୍ଟୟ ମରିବୁ
ଧରମ ରହିଲା ସାଖୀ

ହେ, କେଶବ!
କରିବୁଟି ଆମ୍ଭେ କସ ।।

ଯାଅ ନାହିଁ ଦୁହେଁ ମଥୁରା ପୁରକୁ
ମିଥ୍ୟା କଥାରେ ଯେ ପଡି
ଜଗୁଆଳ ହୋଇ ଜଗି ବସିଥିବୁ
ଜମା ଦେବୁ ନାହିଁ ଛାଡି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଝରଣା ବହୁଛି ପର୍ବତ ଗର୍ଭରୁ
ଶୁଣିବାକୁ ବଂଶୀ ଧ୍ୱନୀ
ଝର ଝର ହୋଇ ଗୋପିଙ୍କ ନେତ୍ରରୁ
ବୋହିଯାଏ ଅଶ୍ରୁ ପାଣି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ନିମିଷ ମାତ୍ରେ ହେଁ ରହି ନ ପାରିବୁ
ତୁମ୍ଭରି ବିହୁନେ ଆମ୍ଭେ
ନନ୍ଦରାଜା ନଷ୍ଟେ ଝୁରିଣ ମରିବେ
ହେତୁ କର କାହ୍ନା ତୁମ୍ଭେ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଟାଣ କରି ମନ ରହିନ ପାରିବୁ
ଏ ହୃଦୟ ଯିବ ଫାଟି
ଟଳି ପଡିବେଟି ବୃଦ୍ଧ ବନତାଯେ
ତୁମ୍ଭଙ୍କୁ ଆଉନ ଭେଟି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଠାକୁରଙ୍କୁ ଯେହ୍ନେ ସମସ୍ତେ ପୂଜନ୍ତୀ
ତୁମ୍ଭଙ୍କୁ ପୂଜୁଛୁ ଆମ୍ଭେ
ଠାବରେ ରହିଣ ଅଠାବକୁ କମ୍ପା
ଯାଉ ଅଛ ଛାଡି ତୁମ୍ଭେ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଡାଏଣି ଡାଙ୍କୁଣି ଡରରେ ଯଶୋଦା
ମୁଖରେ ଦେଲେ କଜ୍ଜଳ
ଡରୁଥାନ୍ତି ନିତି ଯଶୋଦା ମାତାଏ
କେହ୍ନେ ଥିବ କାହ୍ନୁ ମୋର
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଢାଉଁ ଢାଉଁ ହୋଇ ଗଗନେ ରବିଯେ
ଯେସନେ ଢାଳେ କରଣ
ଢମ ଢମ ହୋଇ ଘୁରି ଯାଇ
ତୁମ୍ଭେ
ଘଙ୍ଗ ଯେ କେତେ କରଣ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଅକ୍ରୁର ତୁମ୍ଭଙ୍କୁ ନେବାପାଇଁ ଯେବ୍ହେ
ଆସିଛି ଗୋପ ପୁରକୁ
ଅତି ଆନନ୍ଦରେ ବେକ ଭାଇ ଦୁହେଁ
ଇଚ୍ଛା କରିଛ ଯିବାକୁ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ତରୁ, ବନ, ଗୀରି ଆଉ ପୁଣି ବାରି
ସ୍ଥିରଯେ ନୋହିବେ କେହି
ତୁମ୍ଭେ ଯିବା କଥା ସମସ୍ତେ ଜାଣିଣ
ଏଠାରେ ଅଛନ୍ତି ରହି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଥୟ ହୋଇ କେହି ଦଣ୍ଡେ ହେଁ ନରହି
ସଦାମନ ତୁମ୍ଭ ଠାରେ
ଥୟ କରିଲେବି ମନ ଆମ୍ଭରି ହେ
ରହୁ ନାହିଁ ସାନ୍ତଭରେ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଦୁଃଖୀକୁ ଯଦିହେ ଦୁଃଖ ଆସିଯାଏ
ମନୁ ଯିବକ ପାଷୋରି
ଦୁଃଖ ଦେଇ ତୁମ୍ଭେ ଦୁଃଖୀର ଶରୀରେ
ଆଉଦେଲ ପିଡାଭରି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଧର୍ମ ଯେ ଅଧର୍ମ ବିଗ୍ଚର କଥାଏ
କଏ କହିବ ଆମ୍ଭଙ୍କୁ
ଧର୍ମ ବାଣି ଶୁଣି ଆମ୍ଭ ଏ ଜୀବନ
ଯାଉଥାଏ ବୈକୁଣ୍ଠକୁ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ନାନା ରଙ୍ଗେ ଭଙ୍ଗେ ନାଚ ଗୀତକରି
ମହନ ଦେଲ ଲଗାଇ
ନନ୍ଦରାଜା ପାସେ ଯାଇଣ ସର୍ବେହେ
ନାମ ଦେଲେ ଯେ କହ୍ନାଇ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ପଙ୍କରେ ଯେସନେ ହସ୍ତି ଲୋଟିଗଲେ
ପାଏସେ ଯେତେ ଯାତନା
ପଟୁଲି ବାନ୍ଧିଣ ନୟନେ ଆମ୍ଭରି
ଦେଉଛ ସେତେ ଯନ୍ତ୍ରଣା
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଫଗୁଣ ରଙ୍ଗରେ ମାତି ଯେ ଆମ୍ଭଙ୍କୁ
ରଙ୍ଗରେ ବୋଳବ କଏ
ଫରଫର ହୋଇ ଦେଉଳର ବାନା
ଉଡଇ ଯେମନ୍ତ ସିଏ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ବତ୍ସା ଗୋରୁ ଘେନ ନତିଯେ ବନକୁ
ଆହାର ନମନ୍ତେ ଯାଇ
ବଂଶୀର ବାଦନେ କମ୍ପେ ଯେ
ବନସ୍ତ
ବିକଳ ହୁଅଇ ଗ୍ଭଇ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଭ୍ଭଇ ସଙ୍ଗେ ନତି ବନସ୍ତକୁ ଯାଇ
କେତେ ରଙ୍ଗେ କ୍ରୀଡା କରି
ଭ୍ଭବରେ ଅଭ୍ଭବ ରଖିଦେଇ ତୁମ୍ଭେ
ଆମ୍ଭଙ୍କୁ ଦେବ ପାଷୋରି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ମସ୍ତକେ ତୁମ୍ଭର ମୟୂର ପୁଚ୍ଛରେ
କରିବ କଏ ସଜ୍ଜିତ
ମାତା ଯେ ତୁମ୍ଭରି ଯଶୋଦା ଗ୍ଭଣୀ ହେ
ହୋଇବେଟି ନଷ୍ଟେ ହତ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଯମୁନା କୂଳରେ କଦମ୍ବ ମୂଳରେ
ବଂଶୀ ନ ବାଜିବ ଆଉ
ଯମୁନା ମାଏତ କାନ୍ଦି ବସିବେଟି
ତୁମ୍ଭେଏଠୁ ଥାଉ ଥାଉ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ରସିକ ନାଗର ଆହେ ନନ୍ଦବାଳ
ପାଶୋରି ଆମ୍ଭ ବଚନ
ରସରେ ରସାଇ ବଂଶୀରେ ମୋହାଇ
ନେଇଥିଲଟି ଯେ ପ୍ରାଣ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଲବଣୀ ଲୁଗ୍ଭଇ ହାଣ୍ଡିକୁ ଫଟାଇ
କେ ଆଣିବ ଆମ୍ଭ ପାସ
ଲୁଚକାଳ ଖେଳ ଆଉ ନ ଖେଲିବୁ
ଆଜୁ ହୋଇଗଲ୍ ଶେଷ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ବିଦାରି ନଦେଇ ଆମ୍ଭଙ୍କୁ ତୁମ୍ଭେ ହେ
ସଦା ରଖିଥିବ ଚତ୍ତେ
ବିଦାୟ ଦେଇଣ କଛିଦିନ କ୍ଷଣେ
ଲେଉଟି ଆସିବ ସତେ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଶଶୀଙ୍କି କଳଙ୍କ ନ ଲ୍‌ଗଇ ଯେହ୍ନେ
ଦିସୁଥାଏ ଯେ ଉଜ୍ଜ୍ୱଳ
ଶର୍‌ବରେ ହଂସ ଜ୍ୱଳ ଖେଲୁଥିଲେ
ଦିସୁଥାଏ ଯେ ନିର୍ମଳ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ସଜ ବାଜ ହୋଇ ଗ୍ଭଲି ଯାଉଛହେ
ନଭୁଲିବ କେବେ ମନେ
ସହସ୍ର ଜୀବଯେ ଗ୍ଭହିଁ ବସିଛନ୍ତି
ଦେଖୁ ଥିବଟି ସପନେ
ହେ, କେଶବ!
କରିବୁଟି ଆମ୍ଭେ କସ ।।

ସମୁଦ୍ର ଲହଡି ଯେସନେ ମାଡଇ
ମଧ୍ୟେ ନରଖଇ କଛି
ଶେଷ ଦେଖା ତୁମ୍ଭ ଠାରେ ହେ ଶ୍ରୀକୃଷ୍ଣ
ଆସିବଟି ତୁମ୍ଭେ ଘୁଞ୍ଚି
ହେ, କେଶବ!
କରିବୁଟି ଆମ୍ଭେ କସ ।।

ହସ୍ତରେ ଲଲାଟେ ମାରିଣ ସମସ୍ତେ
ଝୁରିବେଟି ଗ୍ଭଦ, ଦିନ
ହା ହା କୃଷ୍ଣ ବୋଲି ବୃଦ୍ଧ ବନତାଯେ
ବଞ୍ଚିବେଟି କଛି କ୍ଷଣ
ହେ, କେଶବ!
କରିବୁଟି ଆମ୍ଭେ କସ ।।

କ୍ଷମାକର ମତେ ଆହେ କ୍ଷମାନଧି
ନଧରିବ ଦୋଷ ମୋର
କ୍ଷମା ମାଗି କହେ ଆନନ୍ଦ ପାମର
ଇହଧାମୁ ଯେ ଉଦ୍ଧାର
ହେ, କେଶବ!
କରିବୁଟି ଆମ୍ଭେ କସ ।।

ଗାଁ-ସିଲେଟପର୍,ସଇଁନ୍ତଲ୍
ଜିଲ୍ଲା-ବଲ୍‌ଙ୍ଗୀର

# ସ୍ୱାସ୍ଥ୍ୟ ବିଭାଗ

# ମ୍ୟାଲେରିଆ ଜ୍ୱର ର କାରଣ ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାରା ବିଶ୍ୱ ରେ ଦେଖାଯାଉଥିବା ରୋଗ ମାନଙ୍କ ମଧ୍ୟରେ କେତେକ ରୋଗ ବଂଶାନୁକ୍ରମିକ ତ ଆଉ କେତେକ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ସୃଷ୍ଟି ହେଉଥିବାବେଳେ ଏମିତି କେତେକ ରୋଗ ରହିଛି ଯାହାକି ସଂକ୍ରମିତ ମଶା ସୁସ୍ଥ ବ୍ୟକ୍ତିଙ୍କୁ କାମୁଡିବା ଦ୍ୱାରା ମନୁଷ୍ୟ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚକିତ୍ସା କରାନଗଲେ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ।

ମ୍ୟାଲେରିଆ ଜ୍ୱର ଯାହାକି "ମାଇ ଏନଫିଲିସ ମଶା" କାମୁଡିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଜ୍ୱର ସାରା ବିଶ୍ୱର କୋଣାନୁକୋଣେ ଦେଖା ଦେଇଥାଏ। ଅତୀତରେ ବିଶ୍ୱ ର ବିଭିର୍ଣ୍ଣ ସ୍ଥାନରେ, ମ୍ୟାଲେରିଆର ସଂକ୍ରମଣ ରେ ବହୁ ଲୋକଙ୍କ ଜୀବନ ହାନୀ ହୋଇଥିବାର ନଜିର ରହିଛି। ସର୍ବ ପ୍ରଥମେ ରୋନାଲଡ଼ ରୋଷ (Ronald Ross) ନାମକ ଜଣେ ବୈଜ୍ଞାନକ ୧୯୩୪ ମସିହାରେ ମ୍ୟାଲେରିଆ ପାରାସାଇଟ ର ଆବିଷ୍କାର କରିବା ସହ ଏଣ୍ଟି ମ୍ୟାଲେରିଆ ଡ୍ରଗସ "କ୍ଲୋରୋକୁଇନ" କୁ ମଧ୍ୟ ଆବିଷ୍କାର କରିଥିଲେ।

ସାରା ବିଶ୍ୱ ରେ ମ୍ୟାଲେରିଆ ପାରାସାଇଟ ୪ ପ୍ରକାରର ଦେଖାଯାଏ ।

୧-ପ୍ଲାଜମୋଡିୟମ ଫଲସୀଫରମ(plasmodium falciparum) ,

୨-ପ୍ଲାଜମୋଡିୟମ ଭାଇବେକ୍ସ(plasmodium Vivex),

୩- ପି.ଓଭେଲା(P. Ovela)

୪- ପି.ମେଲେରିଆ(P. Melaria), ଏହି 4 ଟି ମଧ୍ୟରୁ "ପ୍ଲାଜମୋୟମ ଫଲସୀଫରମ" ମ୍ୟାଲେରିଆ ଜୀବାଣୁ ହିଁ ଅତି ମାରାତ୍ମକ ଅଟେ, ଏଥିରେ ବିଶ୍ୱରେ ଅଧିକ ଲୋକ ସଂକ୍ରମିତ ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ

ରେ ରକ୍ତ ନମୁନା ପରୀକ୍ଷା କର୍‌ଇ ଔଷଧ ସେବନ ନକଲେ ପ୍ରାଣ ହାନୀ ହେବାର ଅଧିକ ଆଶଙ୍କା ରହିଥାଏ।

## ମ୍ୟାଲେରିଆ କ'ଣ ?:

ମ୍ୟାଲେରିଆ ଏକ ଜ୍ୱର ଅଟେ। ଏହି ଜ୍ୱର ମ୍ୟାଲେରିଆ ପାର୍‌ସାଇଟ (ମ୍ୟାଲେରିଆ ପରଜୀବୀ) ର ସଂକ୍ରମଣ ରୁ ଶରୀରରେ ଏହା ଦେଖାଯାଏ। ସୁସ୍ଥ ମନୁଷ୍ୟ ସାଧାରଣତଃ ମଶା ଦ୍ୱାର୍ ହିଁ ମ୍ୟାଲେରିଆ ରେ ସଂକ୍ରମିତ ହୋଇଥାନ୍ତି। ମାଈ ଏନଫିଲିସ ନାମକ ଏକ ମଶା ର ଲ୍ାଳ ଗ୍ରନ୍ଥି ରେ ମ୍ୟାଲେରିଆ ଜୀବାଣୁ ରଖୁଥାଏ। ଏହି ମେଲେରିଆ ଜୀବାଣୁ ଯୁକ୍ତ ମଶା କାମୁଡ଼ିଲେ ହିଁ ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ହୋଇଥାନ୍ତି। ଏହି ପରଜୀବୀ ନିଜ ଜୀବନ ଚକ୍ରରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ମଶା ଦେହରେ ବିତାଇ ଥାଏ। ମାଇନୋଫିଲିସ ମଶା ମ୍ୟାଲେରିଆ ରେ ଆକ୍ରାନ୍ତ ରୋଗୀକୁ କାମୁଡିବା ଦ୍ୱା ମଶା ଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ, ତା'ପରେ ପରଜୀବୀ ମଶାର ଖାଦ୍ୟ ନଳୀ ରେ ପହଞ୍ଚି ମଶା କୁ ସଂକ୍ରମିତ କର୍‌ଏ। ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ମନୁଷ୍ୟକୁ କାମୁଡ଼େ, ମ୍ୟାଲେରିଆ ପରଜୀବୀ ମନୁଷ୍ୟ ର ରକ୍ତ ଭିତରକୁ ପ୍ରବେଶ କରେ, ଉକ୍ତ ସୁସ୍ଥ ବ୍ୟକ୍ତି ଙ୍କୁ ମଶା କାମୁଡ଼ିବାର ୧୪ ରୁ ୨୧ ଦିନ ଭିତରେ ଜ୍ୱର ହୁଏ। ଜଣେ ମ୍ୟାଲେରିଆ ସଂକ୍ରମିତ ରୋଗୀ ଙ୍କ ଠାରୁ ମଶା ଦ୍ୱାର୍ ଅନେକ ବ୍ୟକ୍ତିଙ୍କୁ ଏହି ରୋଗ ବ୍ୟାପି ଥାଏ।

## ମ୍ୟାଲେରିଆ ର ଲକ୍ଷଣ:-

ମ୍ୟାଲେରିଆ ଜ୍ୱର ରେ ସାଧାରଣତଃ ୩ ଅବସ୍ଥା ଦେଖା ଦେଇଥାଏ -

୧-ଶୀତ ଓ କମ୍ପ ଅବସ୍ଥା-

ମ୍ୟାଲେରିଆ ଜ୍ୱର ଆରମ୍ଭ ହେଲେ ଶରୀରରେ ଥଣ୍ଡା ଅନୁଭୂତ ହେବାସହ କଂପ ଲଗେ, ମୁଣ୍ଡ ବ୍ୟଥା, ପ୍ରବଳ ଶୀତ ହେତୁ ରୋଗୀ ରେଜେଇ କମ୍ବା କମ୍ବଳ ରେ ଘୋଡାଇ ହୋଇଥାଏ, ହାତର ଆଙ୍ଗୁଠି, ଟିପ, ଓଠ ଆଦି ନେଳଆ ବର୍ଣ୍ଣ ଦିଶେ, ଚର୍ମ ଶୁଷ୍କ ଲଗିବା ସହ ଲୋମ ଠିଆ ହୋଇଯିବା ଆଦି ଲକ୍ଷଣ ଦେଖାଯାଏ।

୨-ମ୍ୟାଲେରିଆ ଜ୍ୱର ଅବସ୍ଥା:-

ଏହାଦ୍ୱାରା ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଜ୍ୱର ଖୁବ ବଢିଥାଏ। ରୋଗୀର ଭୀଷଣ ମୁଣ୍ଡ ବ୍ୟଥା ସାଙ୍ଗକୁ ବାନ୍ତି ଲାଗିବା, ଶୋଷ ଲାଗିବା, ଅରୁଚ, ଆଦି ସହ ଦେହ ଜଳଗଲା ପରି ଲକ୍ଷଣ ଅନୁଭୂତ ହୋଇଥାଏ

୩-ଝାଳ ଅବସ୍ଥା: -

ଏହି ଅବସ୍ଥାରେ ଶରୀରରେ ଅଧିକ ପରିମାଣରେ ଝାଳ ନିର୍ଗତ ହୋଇ ଜ୍ୱର କମି ଆସିଥାଏ। ଏହି ସମୟରେ ରୋଗୀ ଗାଢ଼ ନିଦ୍ରାରେ ଶୋଇଥାଏ, ନିଦରୁ ଉଠିବା ପରେ ରୋଗୀ ଦୁର୍ବଳ ଅନୁଭବ କରେ। ରୋଗୀର ଏସବୁ ଲକ୍ଷଣ ଆରମ୍ଭ ହେବା ମାତ୍ରେ ଡାକ୍ତର ଙ୍କ ପରାମର୍ଶ ନେଇ ଔଷଧ ବ୍ୟବହାର କରିବା ଜରୁରୀ ଅଟେ ।

ଆମ ରାଜ୍ୟରେ ସାଧାରଣତ "ପ୍ଲାଜମୋୟମ ଫଲସୀଫରମ" ଓ "ପ୍ଲାଜମୋ ଡିୟମ ଭାଇଭେକ୍ସ" ଏହି ୨ ପ୍ରକାରର ମ୍ୟାଲେରିଆ ଜ୍ୱର ହିଁ ବହୁଳ ଭାବେ ଦେଖାଯାଇଥାଏ।

ମ୍ୟାଲେରିଆ ର ପ୍ରତିକାର:-

ମ୍ୟାଲେରିଆ ଜ୍ୱର ଓ ଡେଙ୍ଗୁ ଜ୍ୱର ମୁଖ୍ୟତଃ ବର୍ଷା ଋତୁରେ ହିଁ ବହୁଳ ଭାବେ ଦେଖାଦେଇ ଥାଏ। ମ୍ୟାଲେରିଆ ଜ୍ୱର ର ବାହକ ମାଈ ଏନୋଫିଲିସ ମଶା ହୋଇଥିବା ବେଳେ ଏହି ମଶା ମନୁଷ୍ୟ କୁ ରାତିରେ କାମୁଡି ଥାଏ। ଏହି ମଶା ସ୍ଥିର, ସ୍ୱଚ୍ଛ ଓ ମାଟି ଉପରେ ଜମିଥିବା ପାଣିରେ ବଂଶ ବିସ୍ତାର କରିଥାଏ। ଏହି ମଶା ୧ ରୁ ୨ କିଲୋମିଟର ପରିସୀମା ଭିତରେ ଉଡି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡିଥାଏ, ଏହି ମଶା କାମୁଡ଼ିବାରୁ ରୁ ରକ୍ଷା ପାଇବା ନିମନ୍ତେ ଘରେ ଝୁଣା ଧୂପ ଦେବା ସହ ଶୋଇବା ବେଳେ ମଶାରି ଟାଙ୍ଗୀ ଶୋଇବା ଉଚତ ।

"ଡେଙ୍ଗୁ" ଜ୍ୱର ମଧ୍ଯ ଏହି ବର୍ଷା ଋତୁ ରେ ବହୁତ ଲୋକ ଙ୍କୁ ସଂକ୍ରମିତ ହେବାର ସମ୍ଭାବନା ରହିଥାଏ । "ଏଡିଶ" ମଶା କାମୁଡିବା ଦ୍ୱାରା ସୁସ୍ଥ ବ୍ୟକ୍ତି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । "ଏଡିଶ" ମଶା ଘରର ପାଣିକୁଣ୍ଡ, ଭଙ୍ଗା କୁଲର, ଭଙ୍ଗା କାଚ, ନଡ଼ିଆ ସଢେଇ, ପରିତ୍ୟକ୍ତ "ଗ୍ଲ" କପ, ପୁରୁଣା ଟାୟାର ଆଦିରେ ବର୍ଷା ଦିନେ କୃତ୍ରିମ ଭାବେ ସଞ୍ଚିତ ହୋଇଥିବା ଜଳରେ ବଂଶ ବିସ୍ତାର କରିଥାଏ। "ଏଡିଶ" ମଶା ଘରର ୧୦୦ ମିଟର

ପରିସୀମା ଭିତରେ ଦିନବେଳାହିଁ ସୁସ୍ଥ ମନୁଷ୍ୟ କୁ କାମୁଡି ଥାଏ। "ଏଡିସ" ମଶା କାମୁଡିବା ରୁ ରକ୍ଷାପାଇବା ନମନ୍ତେ ଶରୀରକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦିତ କରିବା ଉଚତ। ପ୍ରତିକାର ସ୍ୱରୁପ ନଡ଼ିଆ ତେଲ ସହ କର୍ପୁର, କରଞ୍ଜ ତେଲ, ନମ୍ବ ତେଲ, ରସୁଣ ବଟା ସହ ତେଲ ମିଶାଇ ଶରୀରର ଖୋଲା ଥିବା ସ୍ଥାନ ରେ, ପ୍ରଲେପ କରିବା ଦ୍ୱାରା ମଶା କାମୁଡି ନଥାଏ।

ବର୍ଷା ଦିନେ ବିଭିନ୍ନ ପ୍ରକାର ମଶା ଉପଦ୍ରବ ରୁ ରକ୍ଷା ପାଇବା ନମନ୍ତେ ବାସ ଗୃହର ଚତୁରପାର୍ଶ୍ୱ ପରିସ୍କାର ପରିଛନ୍ନ ରଖିବା ସହ ପାଣି ଜମିବାକୁ ନଦେବା ଏବଂ ବାରମ୍ବାର ବିଚଙ୍ଗ ପାଉଡର ସିଞ୍ଚନ କରିବା ଓ ଡି.ଡି. ଟି. ସିଞ୍ଚନ କରିବା ଆବଶ୍ୟକ।

ମ୍ୟାଲେରିଆ ର ଆୟୁର୍ବେଦୀୟ ଚକିତ୍ସା ପଦ୍ଧତି- ଆୟୁର୍ବେଦୀୟ ଚକିତ୍ସା ପଦ୍ଧତି ଅନୁଯାୟୀ ମ୍ୟାଲେରିଆ ଜ୍ୱର ରେ ଆକ୍ରାନ୍ତ ରୋଗୀକୁ ୧. ସୁଦର୍ଶନ ଘନବଟିକା ଗୋଟିଏ ଲେଖାଏଁ ଦିନରେ ୨ ବେଳା କଛି ଖାଦ୍ୟ ପରେ ଜଳ ସହ (ଗରମ ପାଣି ଥଣ୍ଡା କରି) ଖାଇବା ଉଚତ,

୨-ଅମୃତା ରିଷ୍ଟ ୧୦-୧୫ ଏମ୍.ଏଲ ଦିନରେ ଦୁଇ ବେଳା ଖାଦ୍ୟ ପରେ ଗରମ ପାଣି ଥଣ୍ଡା କରି ମିଶାଇ ଖାଇବା ଉଚତ,

୩- ଗଙ୍ଗଶିଉଳ ଗଛ ର ପତ୍ର ର ରସ ୨ ଗ୍ରାମଚ ଲେଖାଏଁ ଖାଲିପେଟ ରେ ୨ ବେଳା ସେବନ କରିବା ଉଚତ। ଏହି ଔଷଧ ଗୁଡିକ ମ୍ୟାଲେରିଆ ଜ୍ୱର ଉପଶମ ନମନ୍ତେ ଅମୃତ ତୁଲ୍ୟ କାମ କରିଥାଏ ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି , ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ନଡ଼ିଆ ବର୍ ତରକାରୀ



ଅଳକା ମହାନ୍ତି

ଆବଶ୍ୟକ ସାମଗ୍ରୀ

---------------

ଗୋଟେ ନଡ଼ିଆ, ଦୁଇ ଟେବୁଲ ଚାମଚ୍ ଅରୁଆ ଚାଉଳ, ଦୁଇଟି ଶୁଖିଲା ଲଙ୍କା, ଗୋଟେ ଟେବୁଲ ଚାମଚ୍ ଜିରା, ପିଆଜ ଦିଟା, ରସୁଣ ମଧ୍ୟମ ଆକାରର ଗୋଟେ, ଅଦା ଛୋଟ (୧ ଇଞ୍ଚ) ଲୁଣ, ହଳଦୀ ଆଉ ଲଙ୍କା ଗୁଣ୍ଡ ସ୍ୱାଦ ଅନୁସାରେ। ଧନିଆ ପତ୍ର ଟିକେ।

ପ୍ରସ୍ତୁତି ପ୍ରଣାଳୀ

---------------

ନଡ଼ିଆ କୁ ପ୍ରଥମେ କୋରି ଦେବା। ଆଗରୁ ଦୁଇ ଚାମଚ୍ ଅରୁଆ ଚାଉଳ କୁ ପାଣିରେ ବତୁରାଇ ରଖିଥିବା। ନଡ଼ିଆ କୋରା ସହିତ ଶୁଖିଲା ଲଙ୍କା, ଜିରା ଗୋଟେ ଚାମଚ ଆଉ ରସୁଣ (ଅଧା) କୁ ମିକ୍ସର ରେ ବାଟି ଦେବା। ଚାଉଳ ତାକୁ ବାନ୍ଧିବାରେ ସାହାଯ୍ୟ କରେ। ସ୍ୱାଦ ଅନୁସାରେ ଲୁଣ ପକାଇ ତାକୁ ଚେପଟା ଚେପଟା ବରା ଆକାର ଦେଇ ତାୱା ରେ ଅଳ୍ପ ତେଲ ଦେଇ ଓଲଟ ପଲଟ କରି ଭାଜି ଦେବା। ଆଉ ଗୋଟେ କରେଇ ରେ ଖାଇବା ତେଲ ନେଇ ପିଆଜ, ରସୁଣ, ଅଦା ଆଉ ଜିରା କୁ ବାଟି ତାକୁ ଭାଜିବା। ଟମାଟୋ ଦେଇ ପାରିବେ। ତାପରେ ସ୍ୱାଦ ଅନୁସାରେ ଲୁଣ ହଳଦୀ ଆଉ ଲଙ୍କା ଗୁଣ୍ଡ ଓ ଧନିଆ ଗୁଣ୍ଡ ଦେଇ ଭଲ ଭାବରେ  କଷି ଦେବା, ଯେମିତି ମସଲା ରୁ ତେଲ ବାହାରି ଆସୁଥିବ। ତାପରେ ଅଳ୍ପ ପାଣି ଦେଇ ମସଲାକୁ ଫୁଟିବାକୁ ଦେବା। ଟିକେ ଫୁଟି ଆସିଲେ ସମସ୍ତ ନଡ଼ିଆ ବରା ପକାଇ ପାଞ୍ଚ ମିନଟ ଫୁଟାଇ ଦେବା। ଟିକେ ଧନିଆ ପତ୍ର କଟା ଉପରେ ଦେଇ ଗରମ ଗରମ ପରଷି ଦେବା।

ନଭି ମୁମ୍ବାଇ
ଫୋନ୍:୭୩୦୩୨୬୪୩୭୭

# ମାଟିହାଣ୍ଡି ରୋଷେଇ ପ୍ରତି ବଢୁଛି ଆକର୍ଷଣ

ଅମ୍ବିକା କାନୁନଗୋ

କାଠଚୁଲି ଓ ମାଟିହାଣ୍ଡି ରୋଷଇର ମହକ ନିଆରା ଓ ସ୍ୱାସ୍ଥ୍ୟ ପକ୍ଷରେ ହିତକାରକ |

## ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିରେ ମାଟି ହାଣ୍ଡିର ବ୍ୟବହାର

ସାଧାରଣ ଲୋକଙ୍କ ହାଣ୍ଡିଶାଳରୁ ଏବେ ମାଟିହାଣ୍ଡି ହଜି ଯାଇଥିଲାବେଳେ ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୋଷଘରେ ଏବେବି ଦୈନିକ ହଜାର ହଜାର ଭକ୍ତଙ୍କ ପାଇଁ ମାଟି କୁଡୁଆ ଓ କାଠଜାଳରେ ରୋଷେଇ ଗ୍ଭଲିଛି। କୁଡୁଆରେ ରୋଷେଇ କେବଳ ପବିତ୍ର ନୁହେଁ, କଥାରେ ଅଛି ଏଥିରେ ପ୍ରସ୍ତୁତ ହେଉଥିବା ମହାପ୍ରସାଦରେ ଅମୃତର ସ୍ୱାଦ ଭରିରହିଛି, ଯିଏ ଖାଇଛି ସିଏ ଜାଣିଛି। ବୈଜ୍ଞାନିକଙ୍କ ବିଶ୍ଳେଷଣ ଅନୁଯାୟୀ ମାଟିକୁଡୁଆ (ମାଟିହାଣ୍ଡି) ରୋଷେଇରେ ଖାଦ୍ୟର କୈଣସି ପୌଷ୍ଟିକତତ୍ତ୍ୱ (ପୃଷ୍ଟିସାର) ନ ହୁଏନାହିଁ। ଭାରତୀୟ ପ୍ରଚୀନ ଖାଦ୍ୟତତ୍ତ୍ୱରେ ଏପରି ବ୍ୟବସ୍ଥା ରହିଛି ଏହି ନିୟମ ଅନୁଯାୟୀ ରୋଷେଇ କଲେ ରନ୍ଧା ଖାଦ୍ୟରେ ଗୁଣବତ୍ତା ଓ ସ୍ୱାଦ ଉଭୟ ରହିବ ଓ ଏହାର ମହକ ବି ବେଶ୍ ନିଆରା।

ଶରୀରକୁ ସୁସ୍ଥ ରଖିବା ପାଇଁ ଯେଉଁଭଳି ଖାଦ୍ୟର ଆବଶ୍ୟକତା ରହିଛି ତାର ଅଭାବରେ ଆଜି ଅଧିକାଂଶ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହୋଇପଡୁଛନ୍ତି। ମାଟି ହାଣ୍ଡି ଓ କାଠ ଚୁଲିରେ ପ୍ରସ୍ତୁତ ଖାଦ୍ୟ ଅନ୍ୟ ଧାତୁ ପାତ୍ରରେ ପ୍ରସ୍ତୁତ ଖାଦ୍ୟ ଠାରୁ ଅଧିକ ସୁସ୍ୱାଦ ଓ ସ୍ୱାସ୍ଥ୍ୟ ପକ୍ଷେ ହିତକାରକ। ଏକଥା ଏବେ ଅନେକ ଲୋକ ଉପଲବ୍ଧି କଲେଣି। ଫଳରେ ଯେଉଁ ମାଟିହାଣ୍ଡି ଦିନେ ରୋଷେଇ ଘରୁ ହଜିଯାଇଥିଲା ଏବେ ପୁଣି ତାହା ପ୍ରତି ଲୋକଙ୍କ ଆକର୍ଷଣ ବଢୁଛି। ଅଧିକାଂଶ ହୋଟେଲ ଏବେ ମାଟିହାଣ୍ଡିରେ ବିଶେଷକରି ମାଂସ ତରକାରୀ ପ୍ରସ୍ତୁତକରି ଗ୍ରାହକଙ୍କୁ ଆକର୍ଷିତ କରାଯାଉଥିବାର ଦେଖିବାକୁ ମିଳୁଛି।

ଦିନ ଥିଲା ମାଟିହାଣ୍ଡି, ମାଟିବଢା, ମାଟି ପଲମ ଭଳି ପାତ୍ର ରୋଷେଇ ଘରର ଏକ ଅଭିନ୍ନ ଅଙ୍ଗ ଥିଲା। ଥଣ୍ଡା ପାଣି ପାଇଁ ମାଠିଆ, ସୁରେଇ ଏବଂ ବର୍ଷ ବର୍ଷ ଧରି ଧାନ ସୁରକ୍ଷିତ ରଖିବା ପାଇଁ ବଡ ବଡ ମାଟି ଘମର ବ୍ୟବହାର କରାଯାଉଥିଲା। ବିଭିନ୍ନ ଧାତୁର ରୋଷେଇ ସରଞ୍ଜାମ ବଜାରକୁ ଆସିବାପରେ ମାଟିପାତ୍ରର ବ୍ୟବହାର କ୍ରମଶଃ ବିଲୁପ୍ତପ୍ରାୟ ହୋଇଗଲା। ମାଟି ପାତ୍ରରେ ପ୍ରସ୍ତୁତ ଖାଦ୍ୟର ସ୍ୱାଦ ଓ ଉପାଦେୟତା ବିଷୟରେ ସମସ୍ତେ କ୍ରମଶଃ ଭୁଲିଗଲେ।

ଅନ୍ୟପକ୍ଷରେ ତମ୍ବା, ସିଲଭର, ଷ୍ଟିଲ ଆଦି ବିଭିନ୍ନ ଧାତୁ ପାତ୍ରରେ ପ୍ରସ୍ତୁତ ରନ୍ଧା ଖାଦ୍ୟ ଖାଇବା ଯୋଗୁ ଗ୍ୟାଷ୍ଟିକ ଭଳି ବିଭିନ୍ନ ପ୍ରକାର ପେଟ ରୋଗର ଶିକାର ହେଉଥିବାର ଲୋକେ ଏବେ ଅନୁଭବ କଲେଣି। ଧାତୁ ବୈଜ୍ଞାନିକ, ଆୟୁର୍ବେଦିକ ଡାକ୍ତର ଓ ଖାଦ୍ୟ ଗବେଷକମାନଙ୍କ ମତରେ ଖାଦ୍ୟରୁ ଶରୀରକୁ ଯେଉଁ ପରିମାଣରେ ପୃଷ୍ଟିସାର ମିଳିବାକଥା, ବିଭିନ୍ନ ଧାତୁପାତ୍ରରେ ପ୍ରସ୍ତୁତ ହେଉଥିବା ଖାଦ୍ୟରୁ ସେହି ପରିମାଣରେ ପୃଷ୍ଟିସାର ମିଳୁନାହିଁ। ଫଳରେ ପୃଷ୍ଟିସାର ଅଭାବ ଯୋଗୁ ବ୍ୟକ୍ତି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି କଥାକୁ ଉପଲବ୍ଧି କରି ଅଧିକାଂଶ ଲୋକେ ଏବେ ପୁଣି ମାଟିହାଣ୍ଡି ଓ କାଠଜାଳ ରୋଷଇ ଆଡ଼କୁ ମନ ବଳାଇଲେଣି।

ସାଧାରଣତଃ ଆମେ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଉ। ମାତ୍ର କେଉଁ ପାତ୍ରରେ ଖାଦ୍ୟ ପ୍ରସ୍ତୁତ ହେଲେ ଅଧିକ ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ହେବ ସେଥିପ୍ରତି ଯେପରି ଗୁରୁତ୍ୱ ଦେବାକଥା ସେପରି ଦେଇନଥାଉ। ସେଥିପାଇଁ ବେଳେ ବେଳେ ସେହିଭଳି ଖାଦ୍ୟ ଖାଉଥିବା ଯୋଗୁ ଆମକୁ ବେଳେ ବଦହଜମି, ବାୟୁଜନୀତ ରୋଗ (ଗ୍ୟାଷ୍ଟିକ୍), ଫୁଡ ପଏଜନଂ, ଜଣ୍ଡିସ ଭଳି ବିଭିନ୍ନ ରୋଗର ଶିକାର ହେବାକୁ ପଡିଥାଏ। ସେସବୁ ଦୃଷ୍ଟିରୁ ବିଚାର କଲେ ମାଟିହାଣ୍ଡି ଓ କାଠ ଚୁଲିରେ ପ୍ରସ୍ତୁତ ଖାଦ୍ୟ ଅଧିକ ସ୍ୱାଦଯୁକ୍ତ ଓ ସ୍ୱାସ୍ଥ୍ୟ ପକ୍ଷରେ ହିତକର ବୋଲି ଆୟୁର୍ବେଦିକ ଡାକ୍ତର ଓ  ଗବେଷକମାନେ ମତପ୍ରକାଶ କରନ୍ତି। ସେଥିପାଇଁ ବୋଧେ ପୂର୍ବକାଳର ଲୋକମାନେ ଆମ୍ଭ ମାନଙ୍କ ତୁଳନାରେ ଅଧିକ ସୁସ୍ଥ ସବଳ ରହୁଥିଲେ।

### ରୋଷେଇଘରେ ମାଟିହାଣ୍ଡି:

ଊନବିଂଶ ଶତାବ୍ଦୀର ପ୍ରାୟ ଦ୍ୱିତୀୟ ଦଶନ୍ଧି ପର୍ଯ୍ୟନ୍ତ ଆମଦେଶରେ ମୁଖ୍ୟତଃ ମାଟିହାଣ୍ଡି ଓ କାଠଚୁଲିରେ ରୋଷେଇ ହେଉଥିଲା। ଖରାଦିନେ ମାଟିହାଣ୍ଡି ପଖାଳର ବାସ୍ନା ଓ ସ୍ୱାଦ

ନଥାଏ, ଯିଏ ଖାଇଛି ସେ ଜାଣିଛି। ଏବେ ସେକାଳ ପଖାଳ ମିଳବା ଦୁରୁହ ବ୍ୟାପାର ହୋଇଯାଇଛି।

ହାଣ୍ଡି କଣିବା ପାଇଁ ଯଦିଓ କମ୍ ଅର୍ଥ ଖର୍ଚ୍ଚ ହେଉଥିଲା, ହାଣ୍ଡି ଧୋଇଲା ବେଳେ ହାତ କଳା ହେବା ଏବଂ ସାମାନ୍ୟ ମାଡ ହୋଇଗଲେ ହାଣ୍ଡି ଭଙ୍ଗି ଯିବାର ଭୟଥିଲା। ତେଣୁ ବିଶେଷକରି ମହିଳାମାନେ ଏହାର ବିକଳ୍ପ ଖୋଜୁଥିଲେ। ପରବର୍ତ୍ତୀ କାଳରେ ହାଣ୍ଡିଶାଳରୁ ହାଣ୍ଡି ହଜିଗଲା, ମାଟିହାଣ୍ଡିର ସ୍ଥାନ ନେଲା ତମ୍ବା, ଷ୍ଟିଲ, ଆଲୁମିନୟମ ଧାତୁରେ ନିର୍ମିତ ରୋଷାଇ ସାମଗ୍ରୀ। ଧାତବ ପାତ୍ରରେ ରୋଷଇ କରିବା ଦ୍ୱାରା ଉତ୍ତାପ ଓ ଖାଦ୍ୟ ପ୍ରକ୍ରୀୟାକରଣ ବେଳେ ରସାୟନକ ପ୍ରକ୍ରିୟା ଘଟି ସେହିସବୁ ଧାତବ ଖାଦ୍ୟ ସହିତ ପେଟ ଭିତରକୁ ଯାଇ ଶରୀରରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ।

### ମାଟିବଢା କ୍ଷୀର ଓ ଘିଅର ସ୍ୱାଦର ବିକଳ୍ପ ନାହିଁ

ଗ୍ରାମାଞ୍ଚଳରେ କ୍ଷୀର ସିଝାଇବା, ଦହି ପକାଇବା ଓ ଘିଅ ମାରିବା (ପ୍ରସ୍ତୁତ) ପାଇଁ ମାଟି ବଢାର ବହୁଳ ବ୍ୟବହାର କରାଯାଉଥିଲା। ଗୁଣ୍ଡା ଓ ଘସି ନିଆଁରେ ମାଟି ବଢାରେ ସିଝିଥିବା କ୍ଷୀର, ସେଥିରୁ ପ୍ରସ୍ତୁତ ଘିଅ ଓ କୋରୁଅର ସ୍ୱାଦର ବିକଳ୍ପ ନାହିଁ। ଲହୁଣିରୁ ମାଟି ବଢାରେ ପ୍ରସ୍ତୁତ ଘିଅର ବାସ୍ନାରେ ପାଖ ଆଖ ଅଞ୍ଚଳ ମହକ ଉଠେ ଯାହା ଏବେ ସ୍ୱପ୍ନ ହୋଇଯାଇଛି ।

### ମାଟିହାଣ୍ଡି ରୋଷେଇର ଉପକାରିତା

ମାଟିହାଣ୍ଡିରେ ଅତିକ୍ଷୁଦ୍ରାତି କ୍ଷୁଦ୍ର ରନ୍ଧ୍ର ଥାଏ। ଏହି ରନ୍ଧ୍ରରେ ସିକ୍ତତା ରହିଥିବା ବେଳେ କାଠ ଜାଳରେ ରୋଷେଇ ବେଳେ ଧାତୁ ନିର୍ମିତ ହାଣ୍ଡିଭଳ ମାଟିହାଣ୍ଡି ହଠାତ୍ ତାତି ଯାଏନାହିଁ। ଆସ୍ତେ ଆସ୍ତେ ତାତିବା ଫଳରେ ହାଣ୍ଡିର ଆଦ୍ରତା ଓ ହାଣ୍ଡିଭିତରେ କ୍ରମଶଃ ଉତ୍ତାପର ପ୍ରଭାବ ମାଟିହାଣ୍ଡିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଉପରେ ଧିରେ ଧିରେ ପଡିଥାଏ। ପ୍ରସ୍ତୁତ ହେଉଥିବା ଖାଦ୍ୟ ଠିକ୍ ଭାବେ ସିଝିବା ସହିତ ଏହି ପ୍ରକ୍ରିୟାରେ ଖାଦ୍ୟର ପୁଷ୍ଟିକର ଗୁଣ ସପୂର୍ଣ୍ଣ ସୁରକ୍ଷିତ ରୁହେ।

ସେହିପରି ମାଟିପାତ୍ରରେ କମ୍ ତେଲରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିହୁଏ। ତେଣୁ ନିରାମିଷ ହେଉ କି ଆମିଷ ହେଉ ଯାହା ମାଟିପାତ୍ର ଓ କାଠଚୁଲିରେ ରାନ୍ଧିଲେ ତାର ଏକ ସ୍ୱତନ୍ତ୍ର ସ୍ୱାଦସୃଷ୍ଟି ହେବା ସହିତ ଭିନ୍ନ ମହକ ଆସେ। ଖରାଦିନେ ମାଟି ସୁରେଇ କମ୍ବା ମାଠିଆରେ

ପିଇବା ପାଣି ରଖିଲେ ତାହା ଅଧିକ ଥଣ୍ଡା ରୁହେ ଏବଂ ସେହି ପାଣି ଶରୀର ପାଇଁ ହିତକର।

### ସ୍ୱାସ୍ଥ୍ୟଗତ ଫାଇଦା

ଆୟୁର୍ବେଦ ଡାକ୍ତର ଓ ଗବେଷକଙ୍କ ମତରେ ମାଟିହାଣ୍ଡିରେ ରୋଷେଇ କରାଯାଇଥିବା ଖାଦ୍ୟ ଖାଇଲେ ଶରୀର ପାଇଁ ଆବଶ୍ୟକ ପରିମାଣରେ କାଲସିୟମ, ଫସଫରସ୍, ଆଇରନ୍, ମାଗ୍ନେସିୟମ, ଜିଙ୍କ ଓ ସଲଫର ଭଳି ବିଭିନ୍ନ ପ୍ରକାର ରସାୟନ ମିଳଥାଏ। ମାଟିପାତ୍ର କ୍ଷାରୀୟ ଗୁଣ ବହନ କରୁଥିବାରୁ ରୋଷେଇ କରାଯାଉଥିବା ଖାଦ୍ୟରେ ଥିବା ଅମ୍ଳର ପ୍ରଭାବକୁ ହ୍ରାସ କରି ପ୍ରସ୍ତୁତ ଖାଦ୍ୟକୁ ଏକ ସମତୁଲ ସ୍ତରକୁ ଆଣିଥାଏ। ଫଳରେ ସେହି ଖାଦ୍ୟ ଖାଇଲେ ପେଟରେ ବାୟୁ (ଗ୍ୟାସ) ସୃଷ୍ଟି ହେବାର ସମ୍ଭାବନା ନଥାଏ ଓ ଖାଦ୍ୟ ସହଜରେ ହଜମ ହୋଇଯାଏ। ଦେଖାଯାଏଯେ ମାଟିହାଣ୍ଡିରେ ରୋଷେଇ କଲାବେଳେ ତେଲ ହାଣ୍ଡି ଟାଣିନଏ ତେଣୁ ଅଧିକ ତେଲ ଶରୀର ମଧ୍ୟକୁ ଯାଇ ଦେହ ଖରାପ କରିବାର ସମ୍ଭାବନା ନଥାଏ। କିଛିଦିନଧରି ସେହି ହାଣ୍ଡିରେ ରୋଷେଇ କଲେ ହାଣ୍ଡିରେ ଏକ ତେଲର ଆସ୍ତରଣ ସୃଷ୍ଟି ହୋଇଥାଏ। ଫଳରେ ସେହି ହାଣ୍ଡିରେ କମ୍ ତେଲରେ ଭଲ ରୋଷେଇ କରିହୁଏ।

### ବୈଜ୍ଞାନିକ ବିଶ୍ଳେଷଣ

ସ୍ୱଦେଶୀ ଚକସ୍ମା ବିଜ୍ଞାନ ସଙ୍ଘର ଖ୍ୟାତନାମା ସଦସ୍ୟ ରାଜୀବ ଦୀକ୍ଷିତ ଥରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିଦର୍ଶନରେ ପୁରୀ ଆସିଥିଲେ। ମାଟିକୁଡୁଆରେ ମହାପ୍ରସାଦ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏ ସମ୍ପର୍କରେ ପଚାରିବାରୁ ମାଟିକୁଡୁଆ ସବୁଠାରୁ ଅଧିକ ପବିତ୍ର ତେଣୁ ଏଥିରେ ମହାପ୍ରସାଦ ରନ୍ଧାଯାଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଏ ବୋଲି ତାଙ୍କୁ ମନ୍ଦିରର ସେବକମାନେ କହିଥିଲେ। ତେବେ ଏ ସମ୍ପର୍କରେ ବୈଜ୍ଞାନିକ କାରଣ ଜାଣିବା ପାଇଁ ତାଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ସେ ଜଗନ୍ନାଥଙ୍କ ଡାଲି ଧରି ଭୁବନେଶ୍ୱରରେ ଆଞ୍ଚଳିକ ଗବେଷଣାଗାରକୁ ଆସିଥିଲେ। ସେଠାରେ ପରୀକ୍ଷାପାଇଁ ଅଧିକ ସରଞ୍ଜାମ ନଥିବାରୁ ବିଶ୍ଳେଷଣ ପାଇଁ ଦିଲ୍ଲୀ ନେବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଯିବାପାଇଁ ଅଧିକ ୩୬ ଘଣ୍ଟା ସମୟ ଲାଗିବ ସେଥିଯୋଗୁ ଡାଲି ଖରାପ ହେବାନେଇ ଦୀକ୍ଷିତଙ୍କ ମନରେ ଆଶଙ୍କା ସୃଷ୍ଟିହେବାରୁ ବୈଜ୍ଞାନିକ ମାନେ କହିଥିଲେ ଯେ ମାଟିହାଣ୍ଡି ପ୍ରସ୍ତୁତ ହୋଇଥିବା ଡାଲି ଖରାପ ହେବନାହିଁ। ଉକ୍ତ ଡାଲିକୁ ଦିଲ୍ଲୀର ବୈଜ୍ଞାନିକ

ମାନେ ପରୀକ୍ଷା କଲାପରେ ଜଣାପଡିଲା ଯେ, ସେଥିରେ ୧୮ ପ୍ରକାର ମାଇକ୍ରୋନ୍ୟୁଟ୍ରିଏଣ୍ଟ (ପୃଷ୍ଟିସାର) ରହିଛି। କୁଡୁଆ ରୋଷେଇ ପରେବି ଡାଲିରେ ଥିବା ଗୋଟିଏ ପୌଷ୍ଟିକତତ୍ତ୍ୱ ନଷ୍ଟ ହୋଇନାହିଁ ବୋଲି ବୈଜ୍ଞାନକ ମାନେ ବିଶ୍ଳେଷଣରୁ ଜାଣିପାରିଛନ୍ତି। ମାଟି ହାଣ୍ଡିରେ ପ୍ରସ୍ତୁତ ଡାଲି ଏବଂ ପ୍ରେସର କୁକରରେ କରାଯାଇଥିବା ଡାଲିକୁ ପରୀକ୍ଷାଗାରରେ ବିଶ୍ଳେଷଣ କରିବା ପରେ ଦେଖାଯାଇଛି ଯେ, ମାଟିହାଣ୍ଡିରେ ପ୍ରସ୍ତୁତ ଡାଲିରେ ଶତପ୍ରତିଶତ ପୃଷ୍ଟିସାର ସୁରକ୍ଷିତ ରହୁଥିବା ବେଳେ ପ୍ରେସରକୁକରରେ ପ୍ରସ୍ତୁତ ଡାଲିରେ ମାତ୍ର ୧୩ ପ୍ରତିଶତ ପୃଷ୍ଟିସାର ରହିଛି। ଅବଶିଷ୍ଟ ପ୍ରାୟ ୮୭ ପ୍ରତିଶତ ପୃଷ୍ଟିସାର ନଷ୍ଟ ହୋଇ ଯାଇଛି ବୋଲି ପରୀକ୍ଷାଗାରର ବିଶ୍ଳେଷଣରୁ ଜଣାପଡିଛି।

### ମାଟିହାଣ୍ଡିରୁ ସିଲଭର ଡେକଚ

ଊନ୍ନବିଂଶ ଶତାବ୍ଦିର ଦ୍ୱିତୀୟ ଦଶକ ବେଳକୁ ତମ୍ବା, ଆଲୁମିନୟମ, ଷ୍ଟିଲ ଧାତୁରେ ନିର୍ମିତ ରୋଷେଇ ପାତ୍ରଗୁଡିକ ବଜାରକୁ ଆସିଲା। ପର୍ଯ୍ୟାୟକ୍ରମେ କମ ଓଜନ, ମାଜିବାକୁ ସୁବିଧା ଏବଂ ଭଙ୍ଗିଯାଉନଥିବା ଯୋଗୁଁ ଏହିସବୁ ପାତ୍ରର ଚାହିଦା ବଢିଚାଲିଲା। ସମସ୍ତଙ୍କ ରୋଷେଇ ଘରେ ଶୋଭାମଣ୍ଡନ କରୁଥିବା ମାଟିହାଣ୍ଡି ଧୀରେ ଧୀରେ ଅଲୋଡା ହୋଇଗଲା ଓ ତା ସ୍ଥାନ ଅତି ସହଜରେ ପୂରଣ କଲା ଧାତୁ ନିର୍ମିତ ହାଣ୍ଡି, କଡେଇ। ଚାହିଦା କମିଯିବାରୁ କୁମ୍ଭାର ଘରେ ମଧ୍ୟ ମାଟି ହାଣ୍ଡି, ପଲମ, ମାଟି କଡେଇ ଇତ୍ୟାଦି ତିଆରୀ ବହୁପରିମାଣରେ କମିଗଲା। ଗାଁ ଗହଳରେ ଆଗଭଳି ମିଳାନାହିଁ ମାଟିର ରୋଷେଇବାସ ଉପକରଣ।

### ତମ୍ବା ପାତ୍ରରେ ରୋଷେଇ, ସ୍ୱାସ୍ଥ୍ୟ ଅନୁକୂଳ ନୁହେଁ

ତମ୍ବା ପାତ୍ରରେ ରୋଷେଇ ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ଅନୁକୂଳ ନୁହେଁ। ଏଥିରେ ରୋଷେଇ ବେଳେ ରାସାୟନିକ ପ୍ରକ୍ରୀୟା ସୃଷ୍ଟି ହୋଇ ଖାଦ୍ୟକୁ ଅଧିକ ଅମ୍ଳଯୁକ୍ତ କରିଦେବା ସହ ଖାଦ୍ୟର ସ୍ୱାଦରେ ମଧ୍ୟ ପରିବର୍ତ୍ତନ ଆସୁଥିବା ଦେଖାଯାଏ। ଗବେଷକମାନେ ମତ ଦିଅନ୍ତି ଯେ ରୋଷେଇବେଳେ ପ୍ରସ୍ତୁତ ହେଉଥିବା ତରକାରୀରେ ଲୁଣ ବ୍ୟବହାର କରାଯାଉଥିବାଳେ ଉତ୍ତାପ ଦିଆଯାଏ। ଲୁଣରେ ଆୟୋଡିନ୍ ରହିଛି। ତମ୍ବା ସଂସ୍ପର୍ଶରେ ଲୁଣ ଆସିବା ସହ ଉତ୍ତାପ ପାଇ ଏକ ରାସାୟନିକ ପ୍ରକ୍ରୀୟା ସୃଷ୍ଟି ହୋଇ ଅନେକ ତାମ୍ର କଣିକା ଖାଦ୍ୟରେ ମିଶିଥାଏ। ସେହି ଖାଦ୍ୟ ଶରୀର ମଧ୍ୟକୁ ଗଲେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିକରେ।

### ତମ୍ବା ପାତ୍ରରେ ରୋଷେଇ

### ଷ୍ଟେନଲେସ ଷ୍ଟିଲ ପାତ୍ରରେ ରୋଷେଇ ସାମଗ୍ରୀ

ଷ୍ଟେନଲେସ ଷ୍ଟିଲ ପାତ୍ରରେ ସାଧାଣଣତଃ କ୍ରୋମିୟମ, ନକେଲ, ସିଲିକନ୍ ଓ କାର୍ବନ ଭଳି ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇ ପ୍ରସ୍ତୁତ ହୋଇଥାଏ। ଆଜିକାଲି ଅଧିକ ଲାଭ ପାଇଁ ଷ୍ଟେନଲେସ ଷ୍ଟିଲ ତିଆରୀ ବେଳେ ନିମ୍ନ ମାନର ଧାତୁ ବ୍ୟବହାର ଓ ପରିମାଣ ଠିକ୍ ନରଖିବା ଫଳରେ ଅଧିକାଂଶ କ୍ଷେତ୍ରରେ ଉନ୍ନତ ମାନର ଷ୍ଟେନଲେସ ଷ୍ଟିଲ ମିଳୁନାହିଁ। ତେଣୁ ନିମ୍ନ ମାନର ପାତ୍ରରେ ରୋଷେଇ କରିବା ସ୍ୱାସ୍ଥ୍ୟପକ୍ଷେ ଆଦୌ ଅନୁକୂଳ ନୁହେଁ। ଏହି ପାତ୍ରରେ ରୋଷେଇ ବେଳେ ଅମ୍ଳ ଜାତୀୟ ଖାଦ୍ୟ ସହିତ ମିଶି ଏକ ରାସାୟନିକ ପ୍ରକ୍ରୀୟା ସୃଷ୍ଟିକରେ ଏବଂ ଖାଦ୍ୟ ସହ ପେଟଭିତରକୁ ଯାଇ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସକରାଇବାରେ ସହାୟକ ହୁଏ। ତେଣୁ ଷ୍ଟେନଲେସ ଷ୍ଟିଲ ହାଣ୍ଡିରେ ରୋଷେଇ ହୋଇଥିବା ଖାଦ୍ୟ ଶରୀର ପାଇଁ ହିତକର ନୁହେଁ।

### ଲୌହପାତ୍ରରେ ରୋଷେଇ ଖାଦ୍ୟ ମହିଳାଙ୍କ ପାଇଁ ହିତକର

ଲୁହା ପାତ୍ରରେ ରୋଷେଇ ବେଳେ ତୁଳନାତ୍ମକ ଭାବେ କମ୍ ପରିମାଣରେ ରାସାୟନିକ ପ୍ରକ୍ରୀୟା ସୃଷ୍ଟି ହୋଇଥାଏ, ଯାହାକି ଅନ୍ୟ ଧାତୁପାତ୍ରରେ ରୋଷାଇ ସାମଗ୍ରୀ ତୁଳନାରେ ବିଶେଷ କ୍ଷତିକାରକ ନୁହେଁ। ଏଥିରୁ ଆଇରନ୍ ଖାଦ୍ୟ ସହିତ ଶରୀରକୁ ଯାଇଥାଏ। ଏହି ପାତ୍ରରେ ରୋଷେଇ ହୋଇଥିବା ଖାଦ୍ୟ ବିଶେଷକରି ଗର୍ଭବତୀ ମହିଳାଙ୍କ ପାଇଁ ହିତକର।

### ଆଲୁମିନିୟମ ପାତ୍ରରେ ପ୍ରସ୍ତୁତ ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରେ

ଏବେ ଅଧିକାଂଶ ପରିବାରରେ ରୋଷେଇ ଘରମାନଙ୍କରେ ସିଲଭର ରୋଷାଇ ସାମଗ୍ରୀ ବହୁଳ ଭାବେ ବ୍ୟବହାର କରାଯାଉଛି। ସିଲଭର ହାଣ୍ଡି, ଡେକଚି, କଡେଇ ଇତ୍ୟାଦିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଶରୀର ପକ୍ଷରେ ହିତକର ନୁହେଁ ବୋଲି ଖାଦ୍ୟ ଗବେଷକମାନେ ମତ ଦିଅନ୍ତି। ୟୁରୋପିଆନ୍ ଫୁଡ ସେଫ୍ଟି ଅଥରିଟି ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ଜଣେ ଏକ କିଲୋଗ୍ରାମ ଓଜନ ବ୍ୟକ୍ତି ପାଇଁ ଏକ ସପ୍ତାହରେ ୧ ମିଲିଗ୍ରାମ ଆଲୁମିନିୟମ କଣିକା, ଖାଦ୍ୟ, ପାନୀୟ ଆଦିରେ ଶରୀରକୁ ଗଲେ ବିଶେଷ କିଛି କ୍ଷତି ହେବନାହିଁ। ମାତ୍ର ସେଥିରୁ ଅଧିକ ଆଲୁମିନିୟମ କଣିକା ଶରୀରକୁ ଗଲେ ବିଭିନ୍ନ ପ୍ରକାର ଗୁରୁତ୍ତର ରୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଆଲୁମିନୟମ ପାତ୍ରରେ ରୋଷେଇ ବେଳେ ପାଣି ଓ ଉତ୍ତାପ ପାଇଲେ ହାଣ୍ଡିରେ ଏକ ରସାୟନକ ପ୍ରକ୍ରିୟା ସୃଷ୍ଟି ହୁଏ। ଏହାଛଡା ରୋଷେଇ କରାଯାଉଥିବା ବେଳେ ଖଡିକାର ବାରମ୍ବାର ରୋଷେଇ କରାଯାଉଥିବା ପାତ୍ରରେ ଘର୍ଷଣ ଦ୍ୱାରା ମଧ ଆଲୁମିନୟମ ପାତ୍ରରୁ କଛି କ୍ଷୟ ହେବା ସହିତ କ୍ଷୁଦ୍ର ଆଲୁମିନୟମ କଣିକା ସୃଷ୍ଟିହୁଏ ଏହା ପାଣି ଓ ଖାଦ୍ୟ ସହିତ ସହଜରେ ମିଶିଯାଏ। ଖାଦ୍ୟ ଖାଇଲାବେଳେ ତାହା ପେଟ ଭିତରକୁ ଯାଇଥାଏ। ସେହିଭଳ ଖାଦ୍ୟ କଛିଦିନ ଧରି ଖାଇଲେ ଏହାର ପ୍ରଭାବରେ ଗ୍ୟାଷ୍ଟିକ, ପେପଟିକ୍ ଅଲସର, କୋଲାଇଟିସ୍, ବଦହଜମି, ଅନ୍ତନାଳ ଭିତରେ ଜଳବା ଭଳ ଅନେକ ପ୍ରକାର ରୋଗ ଶରୀରରେ ସୃଷ୍ଟି ହୁଏ। ତେଣୁ ଆଲୁମିନୟମ ପାତ୍ରରେ ରୋଷେଇ ଖାଦ୍ୟ ଶରୀର ପାଇଁ ଉପଯୋଗୀ ନୁହେଁ ଏବଂ ନୟମିତ ଖାଇଲେ ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି କମାଇଦିଏ। ତେଣୁ ଆଲୁମିନୟମ ରୋଷେଇ ପାତ୍ର ଦୀର୍ଘ ଦିନ ଧରି ବ୍ୟବହାର ନକରିବାକୁ ଖାଦ୍ୟ ବିଶେଷଜ୍ଞ ମାନେ ମତ ଦିଅନ୍ତି।

ଆଲୁମିନୟମ କଡେଇରେ ରୋଷେଇ କଂସାହାଣ୍ଡି କଂସା ହାଣ୍ଡିରେ ରୋଷେଇ କଲେ ରନ୍ଧାଯାଇଥିବା ଖାଦ୍ୟରେ ଖୁବ୍ କମ ପରିମାଣର ପୃଷ୍ଟିସାର ନଷ୍ଟ ହୋଇଥାଏ। ଏହି ଧାତୁରେ ନର୍ମିତ ହାଣ୍ଡିରେ ହରଡଡାଲି ରୋଷାଇ କଲେ ୩ ପ୍ରତିଶତ ପୃଷ୍ଟିସାର ନଷ୍ଟ ହୋଇଥାଏ ବୋଲି ଖାଦ୍ୟ ବିଷାରଦ ମାନେ ମତଦିଅନ୍ତି। କଂସାବାସନରେ ଖାଇବା ମଧ ସ୍ୱାସ୍ଥ ପକ୍ଷେ ହୀତକାରକ।

ପିତଳ ହାଣ୍ଡି ପିତଳ ହାଣ୍ଡିରେ ରୋଷେଇ କଲେ ରନ୍ଧା ଖାଦ୍ୟରୁ ମାତ୍ର ୭ ପ୍ରତିଶତ ପୃଷ୍ଟିସାର ନଷ୍ଟ ହୋଇଥାଏ ବୋଲି ଜଣାଯାଇଛି।

ଆର୍ୟୁବେଦ ବିଷାରଦଙ୍କ ମତରେ ଯେଉଁବ୍ୟକ୍ତି ମାଟିହାଣ୍ଡି ରୋଷେଇ ନୟମିତ ଖାଉଥିବ ତାକୁ କେବେ ଡାଇବେଟିସ୍ ହେବନାହିଁ କ ତାର ଆଣ୍ଠୁ ଗଣ୍ଠି ଜନ୍ତ୍ରଣା ହେବନାହିଁ। ଦାନ୍ତ ମଧ ସୁରକ୍ଷିତ ରହିବ। ପୂର୍ବ ପୁରୁଷ ମାନେ ସେଥିପାଇଁ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ ରହୁଥିଲେ ବୋଲି ସେ ମତ ଦେଇଛନ୍ତି। ଆସନ୍ତୁ ଆମେ ସୁସ୍ଥ ରହିବା ମାଟି ହାଣ୍ଡି ରୋଷେଇ ଖାଇବା ।

# ପ୍ରେସରରେ ପୋଢ଼ ପିଠା



ଧରିତ୍ରୀ ଦାସ

## ଆବଶ୍ୟକ ସାମଗ୍ରୀ:- -

୧. ଉସୁନା ଚାଉଳ ୨୫୦ ଗ୍ରାମ
୨. ବିରି ୧୦୦ଗ୍ରାମ
୩. ୫୦ ଗ୍ରାମ କମ୍ବା ଆପଣଙ୍କର ମିଠା ଖାଇବାର ରୁଚ ଅନୁସାରେ
୪. ଖିସମିସ ୨୫ ଗ୍ରାମ
୫. କାଜୁ ୨୫ ଗ୍ରାମ
୬. ବାଦାମ ମଞ୍ଜି ଅଳ୍ପ କଛି
୭. ଗୁଆଘିଅ ୫୦ ଗ୍ରାମ
୮. ଆବଶ୍ୟକ ଅନୁସାରେ ଲୁଣ
୯. ୩ଟି ଗୁଜୁରାତିର ଗୁଣ୍ଡ

## ପ୍ରସ୍ତୁତ ପ୍ରଣାଳୀ:-

ପ୍ରଥମେ ବିରି ଓ ଚାଉଳକୁ ଭେଦାଇ ଦେବେ। ଭଲ ଭାବରେ ଭେଦି ଗଲେ ତାକୁ ଗ୍ରାଇଣ୍ଡରରେ ପେସାଇ ଦେବେ। ତାପରେ ଚନ, ଲୁଣ, ଭଜା ଯାଇଥିବା କାଜୁ, ଖିସମିସ, ବାଦାମ ମଞ୍ଜି ଓ ଗୁଜୁରାତି ଗୁଣ୍ଡକୁ ପକାଇ ଭଲ ଭାବରେ ଗୋଳାଇ ଦେବା। ବେସି ପାଣିଆ ନ ହୁଏ ଯେପରି ସେଥିପ୍ରତି ଧ୍ୟାନ ଦେବାକୁ ହେବ।

ପ୍ରଥମେ ଆମେ ଗ୍ୟାସ ଅନ କରି ପ୍ରେସର କୁକର ବସାଇବା। ଗରମ ହେବା ପରେ ଗୁଆ ଘିଅକୁ ପକାଇବା। ଟିକେ ଗରମ ହେବା ପରେ ପ୍ରସ୍ତୁତ ହୋଇଥିବା ପିଠୋଉକୁ ଢାଳ

ଦେବା। ତାପରେ ଢ଼ାଙ୍କୁଣି ଘୋଡାଇ ଦେବା। ମାନ୍ଦ ପ୍ରେସର ହୁଇସିଲ କୁ ଖୋଲି ଦେଇ ସିମରେ ୧୫ ରୁ ୨୦ ମିନଟ ବସାଇବା। ତାପରେ ଗ୍ୟାସ ବନ୍ଦକରି କଛି ସମୟ ଛାଡ଼ିଦେବା। ତାପରେ ତାକୁ ଛୁରିରେ ପିସ ପିସ କରି କାଟି ଥାଳରେ ପରସି ଦେବା।

ନଜ ନଜ ଘରେ ଏହାକୁ ପ୍ରସ୍ତୁତ କରି ଦେଖନ୍ତୁ ନା କେତେ ସ୍ୱାଦିଷ୍ଟ ଏହି ପିଠା ତାପରେ ମୋତେ ମେସେଜ ମାଧ୍ୟମରେ ଜଣାନ୍ତୁ କେମିତି ଲାଗୁଛି।

ରାଉତରାପୁର, ପହଙ୍ଗା, ଯାଜପୁର
୯୨୩୮୯୦୨୯୩୦

# ଆମ ହାଣ୍ଡିଶାଳ



ତ୍ରିପତି ପ୍ରଧାନ

ମାଆ ବୃକ୍ଷ ଫଳ  ଆମ ହାଣ୍ଡିଶାଳ
ସତେ ଅବା ଥାଳ ଯାଦୁ
ମନ କଥାଜାଣି  ପରସନ୍ତି ଆଣି
ବିଭିନ୍ନ ବ୍ୟଞ୍ଜନ ମଧୁ **(1)**

ଗୃହ ଶ୍ରୀମନ୍ଦିର ଆନନ୍ଦ ବଜାର
ଶୋଭି ଦିଶେ ରମାଳୟ
କୁବେର ଭଣ୍ଡାର  ସମ ଭରପୁର
ସ୍ନେହ, ପ୍ରୀତି, ପ୍ରେମମୟ **(2)**

ବାର ମାସେ ତେର ପରବ ଆମର
ଭିନ୍ନ ଭିନ୍ନ ନାମ ତାର
ଋତୁ ଅନୁସାରେ ଫଳ ପାଦପରେ
ଗର୍ବ ଅଛି ସଂସ୍କୃତିର **(3)**

ଚଉଉ, କାକରା, ମଣ୍ଡା, ଦହିବରା
ଆରିସା, ପୁଡା, ଚକୁଳ
କଟା, ଗଇଁଠାର  ରହିଛି ମଧୁର
ମୁଗ, ବିରି, ଗୁଡ଼, ପୁଲି **(4)**

ସୁନ୍ଦର ଅପାର ଝୋଟି ଚିତା ତାର
ପ୍ରକୃତିର ଉପବନ
ଅମର ପୁରକ ହୋଇବ ସରିକ
ଶଙ୍କିବ ଇନ୍ଦ୍ର ଭୁବନ **(5)**

ଆଜିର ଦୁହିତା କାଲିର ବନତା
ସେବା କର୍ମ କରି ହାର
ଜେଜେ,ବାପା,ଭାଇ ତାଙ୍କ ସେବା ପାଇ
ଲଭନ୍ତି ଖୁସି ମହୀର**(6)**

ସର୍ବେ ନାରୀ ଆମ ମାତାର ସମାନ
ତା ସମ୍ମାନେ ରଖି ମତି
କରିବାରେ କର୍ମ ମନେ ନହିଁ ଭ୍ରମ
ସେ କମଳା ବୃନ୍ଦାବତୀ **(7)**

ସଂସ୍କୃତ ଶିକ୍ଷକ,
ଚକଟି, ଗଞ୍ଜାମ

# କଖାରୁ ଫୁଲ ପିଠଉ



ସୁଲୋଚନା ବେହେରା

ପ୍ରଥମେ ଅରୁଆ ଚାଉଳ ଏକ କପ୍ ନେବ ତା ସହିତ ଜିରା ଏକ ଚାମଚ୍, କଞ୍ଚାଲଙ୍କା ଚାରୋଟି, ରସୁଣ ପାଞ୍ଚ ଖୋଲା ,ପରିମାଣ ଅନୁଯାୟୀ ଲୁଣ ଓ ହଳଦୀ ପକାଇ ଭଲଭାବେ ଗ୍ରାଇଣ୍ଡିଙ୍ଗ୍ କରି ରଖିବେ । ସେହି ମିଶ୍ରଣ ଯେପରି ବେଶି ପତଳା ହେବନାହିଁ କି ବେଶି ମୋଟା ବି ହେବ ନାହିଁ ।

ଏହାପରେ କଖାରୁ ଫୁଲ ରୁ ଭୁଣ୍ଡି ଛିଣ୍ଡାଇ ଭଲଭାବେ ଧୋଇ ଦେବେ । ପୂର୍ବରୁ ପ୍ରସ୍ତୁତ ପିଠଉ ମଧ୍ୟରେ ଗୋଟି ଗୋଟି କରି କଖାରୁ ଫୁଲ କୁ ବୁଡାଇ ଅଳ୍ପ ଆଞ୍ଚରେ ତେଲ ଦେଇ ଭାଜିବେ ଓ ଗରମ ଗରମ ଖାଇଲେ ବହୁତ ସ୍ୱାଦିଷ୍ଟ ଲାଗେ । ଓଡ଼ିଆ ଘରର ଅତି ପ୍ରିୟ ପଖାଳ ସହିତ ଖାଇଲେ ବାରମ୍ବାର ଖାଇବାକୁ ଇଚ୍ଛା ହେବ। କମ୍ ସମୟ ମଧ୍ୟରେ କମ୍ ଖର୍ଚ୍ଚରେ ଯାହା ଆମ ବାଡି ବଗିଚା ରୁ ମିଳେ ତଥା ସମ୍ପୂର୍ଣ୍ଣ ଭିଟାମିନ ଯୁକ୍ତ ଓ ପ୍ରାକୃତିକ ଖାଦ୍ୟ। ଓଡ଼ିଆ ଓଡ଼ିଆ ବାସ୍ନାରେ ବାସ୍ନାୟୀତ ଉତ୍ତମ ସ୍ୱାଦିଷ୍ଟ ଉତ୍ତମ ଶରୀର ଉପଯୋଗୀ।

## କଲରା ପତ୍ର ପିଠଉ

କଲରା ପତ୍ର କୁ ଆଣି ଭଲଭାବେ ଧୋଇ ଦେଇ ପୂର୍ବରୁ ପ୍ରସ୍ତୁତ ଥିବା ପିଠଉରେ ବୁଡାଇ ସେହି ପ୍ରଣାଳୀ ରେ ପ୍ରସ୍ତୁତ କରିବେ ଏହି ପିଠଉ ଟିକେ ପିତା, ରାଗ, ମିଶ୍ରିତ ଏକ ନଆରା ସ୍ୱାଦଯୁକ୍ତ ହୋଇଥିବାରୁ ବହୁତ ଭଲ ଲାଗିବ।

## କଦଳୀ ଭଣ୍ଡା ପିଠଉ

କଦଳୀ ଭଣ୍ଡାରୁ କଷି ଫୁଲ ବାହାର କରି ଫୁଲ ମଧ୍ୟରେ ଥିବା ଟାଣ କେଶର ବାହାର କରିଦେବେ। ଗୋଟିଏ ଫୁଲରେ ଗୋଟିଏ କେଶର ଥାଏ ତାପରେ ଛୋଟ ଛୋଟ କାଟି ଲୁଣ ହଳଦୀ ପକାଇ ସିଝାଇ ଦେବେ। ସିଝି ଗଲ୍ ପରେ ବାହାରକରି ଚପୁଡି ସେହି ପୂର୍ବ ପ୍ରସ୍ତୁତ ପିଠଉ ରେ ମିଶାଇ ଦେବେ ଓ ଛୋଟ ଛୋଟ ବଗ୍ ଆକାରରେ ତେଲ ଦେଇ ଶେକ ଦେବେ ଓ ଗରମ ଗରମ ଖାଇବେ। ଏବେ ପ୍ରସ୍ତୁତ ହୋଇଗଲ୍ ଓଡ଼ିଆ ଘରର ବ୍ୟଞ୍ଜନ। ଆଉ ହଁ ପରିମାଣ ଅନୁଯାୟୀ ପିଠଉ ନିଶ୍ଚୟ ତିଆରି କରିବେ।

ବଇଁଚୁଆ , ବାଳକାଟି , ଖୋର୍ଦ୍ଧା

# କାଞ୍ଜି



ସୋନାଲି ଦାସ

ମୋ ବୋଉ ହାତର ଖଟା କାଞ୍ଜି ପାଣି,
ସୁଗନ୍ଧ ତାହାର କ୍ଷଣେ ମନ ନଏ ଟାଣି ।।

ଅରୁଆ ଭାତ ସଙ୍ଗେ ବାସି ତୋରାଣି,
ସ୍ଵାଦରେ ତାହାର ମୁଖେ ଆସେ ପାଣି ।।

ଭଣ୍ଡା, ଭେଣ୍ଡି ପୁଣି ମୂଳା ଓ କଖାରୁ,
ସବୁ ତୁଚ୍ଛ ଲାଗେ ମୋତେ ତା'ଠାରୁ ।।

ଭୃଷଙ୍ଗପତ୍ର ସାଥେ ପଞ୍ଚ ଫୁଟଣ,
ତେଲ, ହଳଦୀ, ଲୁଣ ପୁଣି ରସୁଣ ।।

କଞ୍ଚା ମରିଚ ସାଥେ ଶୁଖିଲା ଲଙ୍କା,
ତହିଁର ଛୁଙ୍କେ ହୃଦୟ ନାଚଇ ଏକା ।।

ବାସ୍ନାରେ ତାହାର ଘର ମହକ ଉଠେ,
ଅସମ୍ଭାଳ ମନ ମୋ ରୋଷଶାଳାକୁ ଛୁଟେ ।।

ୟୁନିଟ୍-୬, ଭୁବନେଶ୍ୱର-୭୫୧୦୦୧

# ମିଶମିଶି ସାଦା ତରକାରୀ



ସସ୍ମିତା ପଟ୍ଟନାୟକ

୫ ଜଣ ଖାଇବା ପାଇଁ

୧) ଚଣା ଡ଼ାଲି ୧୦୦ ଗ୍ରାମ
୨) ୪ ଟି ତେଜ ପତ୍ର
୩) ଜୀରା
୪) ଶୁଖିଲା ଲଙ୍କା
୫) ଡାଲଚିନି
୬) ପରିବା - କଖାରୁ, କଦଳୀ, ଶାରୁ, ଆଳୁ, ମାଟି ଆଳୁ, ଝୁଡୁଙ୍ଗ, ବିନ୍ସ, ଗାଜର
୭) ହଳଦୀ ଆବଶ୍ୟକତା ହିସାବରେ
୮) ଲୁଣ ଆବଶ୍ୟକତା ହିସାବରେ
୯) ପଞ୍ଚଫୁଟଣ
୧୦) କଞ୍ଚା ଅଦା ଅଳ୍ପ

ବନାଇବା ପ୍ରଣାଳୀ:

ଚଣା ଡାଲିକୁ ୩ ଘଣ୍ଟା ଆଗରୁ ବତୁରେଇ ଦିଅନ୍ତୁ।
ଜୀରା ଆଉ ଶୁଖିଲା ଲଙ୍କା ଭଜି ଗୁଣ୍ଡ କରି ଦିଅନ୍ତୁ।
ଡାଲଚିନି ଛୋଟ ଛୋଟ ୪ ଖଣ୍ଡକୁ ଶୁଖିଲାରେ ଗୁଣ୍ଡ କରି ଦିଅନ୍ତୁ ।

ଆବଶ୍ୟକତା ହିସାବରେ ସବୁ ପରିବାରୁ କଛି କଛି ନେଇ ଛୋଟ ଛୋଟ ଭାବରେ କାଟି ନଅନ୍ତୁ, ଭଲ ଭାବରେ ଧୋଇ ରଖି ଦିଅନ୍ତୁ। ଅଦାକୁ ଧୋଇ ଛେଚ ରଖି ଦିଅନ୍ତୁ।

ବର୍ତମାନ ଗୋଟେ ବଡ ପାତ୍ର ଚୁଲି ଉପରେ ବସେଇ ଦିଅନ୍ତୁ। ପାତ୍ର ଗରମ ହେଲା ପରେ ସେଇଥିରେ ତେଲ 4 ଛୋଟ ଚାମଚ ପକାଇ ଦିଅନ୍ତୁ। ତେଲ ଗରମ ହେଲା ପରେ ତେଜ ପତ୍ର, ୫ ଟି ଗୋଟା ଶୁଖିଲା ଲଙ୍କା ଆଉ ପଞ୍ଚଫୁଟଣ ପକାଇ ଦିଅନ୍ତୁ। ଏଇ ସବୁ ଫୁଟିଲା ପରେ ପାତ୍ରରେ ୩୦୦ ମିଲି ଲିଟର ପାଣି ଦିଅନ୍ତୁ। ସେଇଥିରେ ହଳଦୀ ୩ ଛୋଟ ଚାମଚ ଦିଅନ୍ତୁ। ପାଣି ଫୁଟି ଆସିଲା ବେଳକୁ ଚନା ଡ଼ାଲି ପକାଇ ଦିଅନ୍ତୁ। ଡ଼ାଲି ଫୁଟି ଆସିଲେ ପରିବା ପକାଇ ଦିଅନ୍ତୁ ଆଉ ଆବଶ୍ୟକତା ହିସାବରେ ଲୁଣ ଦିଅନ୍ତୁ। ସବୁ ଗୁଡିକ ଗୋଳାଇ ଦେଇ ଢ଼ାଙ୍କ ଦିଅନ୍ତୁ। ମଝିରେ ମଝିରେ ଘାଟନ୍ତୁ। ପରିବା ୫୦% ହେଲା ବେଳକୁ ଛେଚା ଅଦା ପକାଇ ଦିଅନ୍ତୁ। ତରକାରୀ ୯୦% ସିଝିଲା ବେଳକୁ ଜୀରା ଲଙ୍କା ଗୁଣ୍ଡ ଦେଇ ଘାଣ୍ଟନ୍ତୁ। ତା ପରେ ଡାଲଚନ ଗୁଣ୍ଡ ଦେଇ ଘାଣ୍ଟି ଦିଅନ୍ତୁ। ୨/୩ ମିନଟ ପରେ ଚୁଲି ବାନ୍ଦ କରି ଦିଅନ୍ତୁ। ଏଇ ସାଦା ତରକାରୀ ଖୁବ ସୁଆଦିଆ ଲାଗେ ଆଉ ସହଜ ମଧ୍ୟ କରିବା ପାଇଁ ଯଦି କଏ ପିଆଜ ରସୁଣ ପସନ୍ଦ କରନ୍ତିନ କମ୍ବା ଭଲ ଦିନ ମାନଙ୍କରେ କଲେ। ପୁରା ମନ୍ଦିର ତରକାରୀ ବାସ୍ନା ଆସେ।

ଏହାକୁ ଅରୁଆ ଭାତ, ଡ଼ାଲି ସହ ପରସିଲେ ଭାରି ଭଲ ଲାଗେ।

ଖାଇଲା ପରେ ଜଣାଇବେ କେମିତି ଲାଗିଲା ।।

ପଟିଆ, ଭୁବନେଶ୍ୱର

# କରଞ୍ଜି ପିଠା



ରୁଦ୍ର ନାରାୟଣ ଦାଶ

ଆବଶ୍ୟକ ସାମଗ୍ରୀ-

ମଇଦା ଅଧ କେ.ଜି., ରିଫାଇନ୍ ତେଲ, ୧ ଟି ନଡ଼ିଆ, ଗୁଡ଼, ଆବଶ୍ୟକ ଅନୁଯାୟୀ ଲୁଣ ।



ପ୍ରସ୍ତୁତି ପ୍ରଣାଳୀ-

ପ୍ରଥମେ ନଡ଼ିଆକୁ କୋରି ଗୁଡ଼ ସହ ମିଶାଇ ଖରଡ଼ି ଦେଇ ପୁର ଆକାର କରନ୍ତୁ। ମଇଦା ରେ ଖାସ୍ତା ଦେଇ ଚକଟି ଦିଅନ୍ତୁ। ଗଢ଼ିଥିବା ନଡ଼ିଆ ପୁର ଆଣି ମଇଦା କପ ପୁରି ପରି ବେଲି ତା' ମଧ୍ୟରେ ପୁର ରଖି ଦୁଇ ପାଖ ବୁଜିଦେଇ ଧିରେ ଧିରେ ହାତରେ ଭଙ୍ଗ ପକାଇ ଦିଅନ୍ତୁ। ଏବଂ ବର୍ତ୍ତମାନ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ନାଲି ପଡ଼ିଆସିଲେ ଓହ୍ଲାଇଦିଅନ୍ତୁ।

ବର୍ତ୍ତମାନ ହେଇଗଲା କରଞ୍ଜି ପିଠା। ଏହା କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସ୍ୱାଦିଷ୍ଟ ପିଠା।

ଭୁବନେଶ୍ୱର

# ଛଚନ୍ଦ୍ରା ପିଠୋଉ



ନମ୍ରତା ସାହୁ

ଆଜିକାଲିର ଆଧୁନକ ଜୀବନଶୈଳୀ ଭିତରେ ଧିରେ ଧିରେ ଆଦର ହରଉଥିବା ଅଥଚ ସ୍ୱାସ୍ଥ୍ୟ ଉପଯୋଗୀ ଏକ ପରିବା: ଛଚନ୍ଦ୍ରା (କଛି ଅଞ୍ଚଳରେ 'କୋଟଳ')। ଗତାନୁଗତିକ ଖାଦ୍ୟାଭ୍ୟସରୁ ସାମାନ୍ୟ ଦୁରେଇ ତାକୁ ଏକ ଭିନ୍ନ ରୁପ ଦେବାର ଏକ କ୍ଷୁଦ୍ର ପ୍ରୟାସ..

### ଆବଶ୍ୟକ ସାମଗ୍ରୀ:

ଛଚନ୍ଦ୍ରା - ୨ ଟା

ପିଆଜ - ୧ ଟା

ସୋରିଷ ତେଲ- ୨୫ ଗ୍ରାମ୍

ଗୃଉଳ ବଟା- ୧ କପ୍

ଜିର୍‌ସୋରିଷ ବଟା- ୨ ଗୃମଚ

କଞ୍ଚାଲଙ୍କା- ୨ ଟା

ହଳଦୀଗୁଣ୍ଡ - ଆବଶ୍ୟକ ମୁତାବକ

ଧନଆପତ୍ର ଅଳ୍ପକଛି ଓ

ଲୁଣ - ସ୍ୱାଦ ଅନୁସାରେ

### ପ୍ରଣାଳୀ:

ପ୍ରଥମେ ଛଚନ୍ଦ୍ରା କୁ ଭଲଭ୍ବରେ ଧୋଇନଅନ୍ତୁ। ତାପରେ ତାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ତାପରେ ପିଆଜ, ଧନଆପତ୍ର, କଞ୍ଚାଲଙ୍କା ଆଦି କାଟି ଗୃଉଳବଟା ଓ ଜିର୍‌ସୋରିଷ ବଟା ସହିତ ଭଲଭ୍ବରେ ଗୋଳାଇ ଦିଅନ୍ତୁ। ଲୁଣ ଓ ହଳଦୀ ସ୍ୱାଦ ଅନୁସାରେ ପକାନ୍ତୁ।

ଚୁଲ୍ଲିରେ ତାୱା ବସାଇ ୨ ଗ୍ରାମଚ ତେଲ ପକାନ୍ତୁ । ତାୱା ଗରମ ହେଲାପରେ ସେହି ଗୋଳଣୀକୁ  ପିଠୋଉ ଆକୃତିରେ ଦେଇ ୨ ମିନଟ୍ ଧିମା ଆଞ୍ଚରେ ବସାନ୍ତୁ । କଛି ସମୟ ପରେ ତାକୁ ଲେଉଟାଇ ଆଉ ୨ ମିନଟ୍ ପାଇଁ ଘୋଡାଇ ଦିଅନ୍ତୁ । ରଙ୍ଗ ଟିକଏ ବ୍ରାଉନ୍ ହୋଇଗଲେ ଗୋଟିଏ ପାତ୍ରକୁ କାଢି ନଅନ୍ତୁ ଓ ଗରମ ଗରମ ପରସନ୍ତୁ ।

ନୟାଗଡ

# ଆମ ହାଣ୍ଡିଶାଳ



ଧନଞ୍ଜୟ ସ୍ୱାଇଁ

ଜଗନ୍ନାଥ ଙ୍କ କୋଠ ଘର
ମଧୁର ଅମୃତେ ପୂର୍ଣ୍ଣ ଥାଳ,
ଅଭଢା ପରି ସୁଗନ୍ଧ
ମାଆ ଙ୍କ ହାତ  ତିଆରି ଖାଦ୍ୟ ।।
ସବୁଜିମା ରେ ପୂର୍ଣ୍ଣ
ଆମ ଗ୍ରେଷେଇ ସ୍ଥାନ,
ମାଆ ଙ୍କ ପରସା ସକାଳ ପଖାଳ କଂସା
ବଢ଼ି ଚୁର୍ ଙ୍କୁ କୋଷିଲ୍ ଶାଗ ର ନଶା ।।
ଉପମା ସାଥ କୁ
ଭୁଶୁରଙ୍ଗ ଛୁଙ୍କ ର ଡାଲମା,
ପୁରୀ ସଙ୍ଗେ ଘୁଗୁନ ଗିନା
ପେଟ ଭରି ଯାଏ ପାଟି ରୁ ଛାଡେ ନ ଜମା      ।।
ସ୍ନେହ ପ୍ରେମ ରେ ଭର୍ କୋଳ ତାହାର
ରଂଧନ ପଦ୍ଧତି ମୁହେଁ ମୁହେଁ ଟି ତାର ।।
ଅରୁଆ ଗ୍ଭଉଳ କଖାରୁ ଫୁଲ ପିଠୋଉ
ସୋରିଷ ବଟା କୁ ବେସର  ନାଉ,
ନୂତନ ନୂତନ ପାକ ପଦ୍ଧତି
ତିଆରି କରନ୍ତି ଘରେ ନୀତି ।।

ନବ୍‌ମିଷ ଦିନେ ଛେନା ବଢ଼ି ର ସ୍ୱାଦ
ଖେଚେଡ଼ି ଭୋଗ ର ଅର୍ଣ୍ଣ ପ୍ରସାଦ,
ପୋଟଳ  କୋର୍ମା ର କସା
ପନର ଗୁଜୁରତି  ଖିରି  ର ବାସନା।।
ୟେଣ୍ଡୁରି ମଣ୍ଡା ଆରିସା ପିଠା
କାକର୍‌ ନୀମିକ ଲବଙ୍ଗି ଆମ୍ବ ସଢ଼ା,
ଝଲକେ  ଘରେ ପର୍ବ ପର୍ବାଣୀ
ମହକରେ ସଭିଙ୍କ ମନ ନୟେ ଜିଣି।।
ପ୍ରସ୍ତୁତି ରେ ମାଆ ଙ୍କ ଖାଦ୍ୟ ଭଣ୍ଡାର୍‌
ଥାଏ ସବୁବେଳେ  ସଫା ସୁତୁର୍‌,
ହାଣ୍ଡି ଶାଳ ର ଦେଇପିଣ୍ଡି
ଅର୍ଘ୍ୟ ପୂଜ୍ୟ ତେ ସଦା ନୀତି।।
ସ୍ୱାଦିଷ୍ଟ ବ୍ୟଞ୍ଜନ ରେ ମହକେ ଘର
ଆମିଷ ଦିନେ
ଚକେନ ଝୋଳ କୁ ଗ୍ରେହି ମାଛ  ବେସର।
ବଡ଼ ହୋଟେଲ୍‌ ଠୁ କଛି କମ ନୁହଁ
ସବୁ ବ୍ୟଞ୍ଜନ ପ୍ରସ୍ତୁତି ଥାଏ ପୂର୍ଣ୍ଣ।।।।

ମହାକାଳପଡ଼ା, କେନ୍ଦ୍ରାପଡ଼ା

# ଚକୁଳ ପିଜେଟା



ଦେବଜାନୀ ସ୍ୱାଇଁ

ଚକୁଳ ପିଠା ଆମ ଓଡିଆ ଘରର ଏକ ଆତିଥେୟ ମାନ୍ୟତା ଜଳଖିଆ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ଆମ ପିଲ୍‌ମାନେ ଏ ସବୁ ଜଳଖିଆ ର ଘୋର ବିରୁଦ୍ଧ । ସେଥିଲାଗି ଚକୁଳ ପିଠାକୁ ପିଲ୍‌ମାନଙ୍କ ପସନ୍ଦ ମୁତାବକ ବନେଇବାର ଏକା ଏକ ଛୋଟ ପ୍ରୟାସ ।

## ଆବଶ୍ୟକ ସାମଗ୍ରୀ:

୨ କପ୍ ଗ୍ଊଳ, ୧ କପ୍ ବିରି ଡାଲି, ୧ଟି ବଡ ପିଆଜ, ୧ଟି ଟମାଟୋ, ୧ ଟି ସିମିଳା ମିର୍ଚି, ଛୋଟ ଖଣ୍ଡ ଅଦା, ୧ ଗ୍ଚମଚ ଜିର୍‌ା, ୪ଟି କଞ୍ଚା ଲଂକା, ସ୍ୱାଦନୁଯାୟୀ ଲୁଣ, ଇଚ୍ଛାନୁଯାୟି ଅଲିଭ/ଜଲପିନୋ/ବେଲ୍ ପେପର୍.....



## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ଊଳ ଓ ବିରିଡାଲିକୁ ୧ ଘଣ୍ଟା ପାଣିରେ ବତୁରେଇ ଦିଅନ୍ତୁ । ପରେ ଧୋଇ କରି ଚକୁଳ ପିଠା ଆଣ ଭଳ ବାଟି ୩/୪ ଘଣ୍ଟା ଛାଡି ଦିଅନ୍ତୁ । ପରିବା ଗୁଡିକୁ ଲମ୍ବା ଲମ୍ବା ଆକାରରେ କାଟି, ସେଥିରେ ଅଦା, ଜିର୍‌ା, ଲଂକା ଓ ଆବଶ୍ୟକ ଅନୁଯାୟୀ ଲୁଣ ଗୋଳାଇ

ରଖିଦିଅନ୍ତୁ । ଏଥର ଫ୍ରାଇଂ ପ୍ୟାନ୍ ବା ତାୱାକୁ ତେଲ ଲଗାଇ ଭଲ ଭାବେ ଗରମ କରି ନିଅନ୍ତୁ । ଗରମ ହୋଇଗଲେ ଧୀମି ଆଂଚ ରେ ପିଠା ଆଣ ଢାଳନ୍ତୁ ଓ ତାକୁ ବେଶୀ ପତଳା ନ କରି ପିଜା ଭଳ ଟିକେ ମୋଟା ରଖନ୍ତୁ । ପିଠାର ଉପର ଭାଗ ଟିକେ ହେଇ ଆସିଲେ ତା ଉପରେ ରଖିଥିବା ସବୁ ପରିବାକୁ ସଜାଇ ଦିଅନ୍ତୁ । ଏବେ ତାହା ଉପରେ ଏକ ଚାମଚ ତେଲ ବୁଲାଇଆଣି ଧୀରେ କ ପିଠାକୁ ଓଲଟାଇ ଦିଅନ୍ତୁ । ପରିବାଗୁଡିକ ଟିକେ ଭାଜି ହୋଇଯିବା ଲାଗି ଅଳ୍ପ ସମୟ ତାକୁ ସେମିତି ଛାଡି ଦିଅନ୍ତୁ । ଏବେ ପ୍ଲେଟ୍ ରେ ଟମାଟୋ ସସ୍ ସହିତ ପରଷନ୍ତୁ ।

ଗୋରେଗାଓଁ, ମୁମ୍ବାଇ

# ବାଡିଆ ଡାଲମା



ବବୁଲି ତ୍ରିପାଠୀ

ଆଜି ଆମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଅତି ପ୍ରିୟ ଛପନ ଭୋଗ ଭିତରୁ ବାଡିଆ ଡାଲମା କପରି ତିଆରି କରିବା ସେ ବିଷୟରେ ଜାଣିବା । ଏହାକୁ ଖାଇବା ପାଇଁ ଅନେକ ଲୋକ ପସନ୍ଦ କରିଥାନ୍ତି । ଏହାକୁ ବିଭିନ୍ନ ପୂଜା ପାର୍ବଣରେ ମଧ୍ୟ ଆମେ ତିଆରି କରି ପାରିବା ।

ବାଡିଆ ଡାଲମା ତିଆରି କରିବା ପାଇଁ କଣ କଣ ଆବଶ୍ୟକ ଆସନ୍ତୁ ଜାଣିବା:-

୧-୧୨୫ ଗ୍ରାମର ହରଡ ଡାଲି;

୨-ଖମ୍ବଆଳୁ, ଦୁଇଟି ପୋଟଳ, କଛି ପରିମାଣର କଖାରୁ, କାଙ୍କଡ, ଗୋଟେ କଞ୍ଚା କଦଳୀ ଏବଂ ନଡିଆର କୋରା

୩-ଜିରା, ତେଜପତ୍ର, ଗୋଟେ ଗ୍ରାମଚ ଅଦା ଛେଚା,ଖାଇବା ଘିଅ, ଗୋଲମରିଚ ଗୁଣ୍ଡ, ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗୁଡ ଓ ହିଙ୍ଗୁ

ଏବେ ବାଡିଆ ଡାଲମା ତିଆରି କରିବା ପାଇଁ ପ୍ରଥମେ ଆମେ ଗୋଟିଏ ମାଟି ହାଣ୍ଡି ନେବା । କାହିଁକନା ମାଟିପାତ୍ରରେ ତିଆରି ଖାଦ୍ୟର ସ୍ୱାଦ ଗୋଟେ ଅଲଗା ପ୍ରକାର ହୋଇଥାଏ । ପ୍ରଥମେ ଆମେ ଯେଉଁ କପ୍ ରେ ମାପିକ ଗୋଟେ କପ୍ ହରଡ ଡାଲି ନେଇଛୁ, ସେହି କପ୍ ରେ ଗ୍ୱରିକପ୍ ପାଣି  ନେଇକ ସେହି ଡାଲିକୁ ସେଥିରେ ସିଝାଇବା । ସେଥିରେ ଆମେ ଟିକେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଦୁଇଟି ତେଜପତ୍ର ଏବଂ କାଟି ରଖିଥିବା ସବୁତକ ପରିବାକୁ ସେଥିରେ ପକାଇବା ଏବଂ ତାକୁ ସିଝିବା ପାଇଁ ଛାଡିଦେବା । ଡାଲି ଏବଂ ପରିବା ସିଝିଗଲା ପରେ ସେଥିରେ ଆମେ ଛେଚ ରଖିଥିବା ଅଦାକୁ ପକାଇବା, ରଖିଥିବା ଗୋଲ ମରିଚ ଗୁଣ୍ଡକୁ ମଧ୍ୟ ସେଥିରେ ପକାଇ ଦେବା । ଗୋଟିଏ ଗ୍ରାମଚ ଗୁଡ ଏବଂ କୋରି

ରଖିଥିବା ନଡିଆକୁ ପକାଇବା ଏବଂ ତାକୁ ଭଲ ଭାବରେ ଫୁଟିବା ପାଇଁ ଛାଡିଦେବା । ତାପରେ ଏଥିରେ ତଡକା ଦେବାପାଇଁ ଗୋଟିଏ ପାତ୍ର ନେଇସେଥିରେ ବଡ ଦୁଇ ଗ୍ରାମଚ ଘିଅ ଦେଇ ସେଥିରେ ଜିର୍ ପକାଇବା ଏବଂ ତାକୁ ସେହି ଡାଲିମା ଉପରେ ପକାଇବା । ଉପରେ କଛି ନଡିଆ କୋର୍ ପକାଇଦେବା । ବର୍ତ୍ତମାନ ବାଡିଆ ଡାଲମାଟି ଖାଇବା ପାଇଁ ପ୍ରସ୍ତୁତ ।

ସତଲମା, ବରଗଡ

# ବାଇଗଣ ରାଇତା

ଜୟନ୍ତୀ ଦେବୀ

ସାମଗ୍ରୀ:

ଦହି -୭୫୦ ଗ୍ରାମ

ବାଇଗଣ -୨ଟି

ତେଲ-ଭଜିବା ପାଇଁ

ହେଙ୍ଗୁ -ଚମୁଟାଏ

କଟା କଞ୍ଚାଲଙ୍କା -୨ଟି

କଳା ସୋରିଷ -୧/୨ ଛୋଟ ଚାମଚ

ଭଜା ଜିରାଗୁଣ୍ଡ -୧ ଛୋଟ ଚାମଚ

କଟା ଧନିଆ ପତ୍ର -୧ ଟେବୁଲ ଚାମଚ

ଲୁଣ -ସ୍ୱାଦ ଅନୁସାରେ

ପ୍ରଣାଳୀ –

ପ୍ରଥମେ ବାଇଗଣକୁ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ । କରେଇରେ ତେଲ ଦେଇ ଗରମ କରନ୍ତୁ । ଗରମ ତେଲରେ ବାଇଗଣ ଭାଜନ୍ତୁ । ଭଜା ବାଇଗଣକୁ କାଢି ଅଲଗା ରଖନ୍ତୁ । ଏବେ ଦହିରେ ଭଜା ବାଇଗଣକୁ କଟା କଞ୍ଚା ଲଙ୍କା ଓ ଲୁଣ ପକାଇ ମିଶାନ୍ତୁ । ତାପରେ ଏକ ତଡକା ପ୍ୟାନରେ ୧ ଛୋଟ ଚାମଚ ତେଲ ଦେଇ ଗରମ କରନ୍ତୁ । ଏଥିରେ ହେଙ୍ଗୁ ଓ କଳା ସୋରିଷ ଦେଇ ଫୁଟାନ୍ତୁ । ଏହାକୁ ଦହି ବାଇଗଣ ମିଶ୍ରଣରେ ପକାନ୍ତୁ । ଏଥିରେ ୧/୨ ଛୋଟ ଚାମଚ ଜିରାଗୁଣ୍ଡ ଓ ଧନିଆ ପତ୍ର ପକାଇ ମିଶାନ୍ତୁ । ତାପରେ ବାଇଗଣ ରାଇତାକୁ ଗୋଟିଏ ପାତ୍ରରେ ଓଲ୍ଲାଇ ଧନିଆ ପତ୍ରରେ ସଜାଇ ଫ୍ରିଜ୍ ରେ ୩୦ ମିନଟ୍ ରଖନ୍ତୁ । ଏହି ଥଣ୍ଡା ବାଇଗଣ ରାଇତାକୁ ଗରମ ଭାତ ସହିତ ପରସନ୍ତୁ ।

ଆଳ, କେନ୍ଦ୍ରାପଡା

# ଆଞ୍ଚଳିକ

# ସାବିତ୍ରୀ ଉଆସ୍

ପ୍ରମୋଦ କୁମାର ସାହୁ

ଇ ବଛର୍ ଜେଠ୍ ଗୁର୍ ବାର୍ ଦିନେ
ପଡିଛେ ମହାସତିସାବିତ୍ରୀ ବରତ୍
ଦିନ୍ ଜାକ ଭୋକ୍ ଉପାସେ ରହି
ମନ୍ କରିଥିବୁ ହରଷ୍ ।।

ଗାଦି କରି ନୁଆ କପ୍ ଟା ପିନ୍ଧି
ଠାନେ କେ ହେଇ ଠୁଲ୍
ଲାଲ୍ ଚୁରି ଅଏଲ୍ ତା ସିନ୍ଦୁର
ଧୁପ୍ ଦୀପ୍ ନୂଆ ଫୁଲ୍ ଫଲ୍ ମୁଲ୍ ।।

ଠାନେ କେ ବସି ମହା ସାବିତ୍ରୀ ବରତ୍
ଶୁନ୍ ବ୍ ହୁରୁଦ୍ ରଖି ପଏର୍ ଛା
ଶଖ୍ ଘଟ୍ ଖୋଲ୍ କର୍ତନ୍ ବଜେଇ
ହରିବୋଲ୍ ହୁଲ୍ ହୁଳ ଦେଇ ଗିର୍ ଦା ।।

ସତୀ ସାବିତ୍ରୀ ନଜର୍ ସତ୍ୟବାନ କେ
ଜମର୍ ନୁ ଆନ୍ ଲା ଛଡେଇ
ଜମ୍ ରଜା ଦେଖି ହେଇ ଗଲେ କାବା
ଜଗତେ ତର୍ ଭଲି ସତୀ ଦେଖି ନାଇଁ ।।

ନଜର୍ ବର୍ ମୁନୁଷ୍ କେ ପୂଜା କରି
ପାଏଲ୍ ଶନ୍ ମହାସତୀ ସାବିତ୍ରୀ ବରତ୍ ଉଆସ୍
ହେଥିର୍ ଲାଗି ଇ ପୂଜା ଟା ନାରୀ ମାନେ କରସନ୍
ଇ ମହାସତୀ ବରତ୍ ଟା ମହାନ୍ ।।

କଣ୍ଡରେଇ, କର୍ଲାମୁଣ୍ଡା, କଳାହାଣ୍ଡି

# ନୂଆଖାଇ



ମନୋଜ ମହାକୁଡ

ଭବେ ସର୍'ବର୍ କୋଶଳ ର୍ଏଜର୍
ଆଇଛେ ନୂଆଖାଇ ତିହାର୍,
ମାଏନ୍ ମାନ୍'ସା ସାଂଗ୍ ସର୍'ସା
ସମ୍'କୁ ନୂଆଖାଇର୍ ଜୁହାର୍।

ଧର୍'ପଟେଇକରି ଧାଏଁଲା ପୂର୍ବା
ସର୍'ପଟି ଗଲା ମଘା,
ଭବର୍ ଖୁଦାନ୍ ଆମର୍ ନୂଆଖାଇ
ତିହାର୍ ଭିତ୍'ରେ ସିଘା।

ଗହକେ ହଁସି ମହମହ ବାସି
ବରଷ୍ ମୁଡେକେ ଆଏସି,
ଭବର୍ ବନ୍ଧ୍'ନେ ବାନ୍ଧ୍'ସି ସମ୍'କେ
ଭବର୍ ଫୁଲ୍ ଚନ୍ଦନ ପର୍ସି।

ଆଏଲେ ନୂଆଖାଇ ଇଂଦର୍ ରଜା
ଭରିଦେସି ବନ୍ଧ୍ କଁଟା,
ଭିନେ କସ୍'ମର୍ ଫୁଲ୍ ଖୁଚକରି
ଧର୍'ତୀ ପିନ୍ଧ୍'ସି ମଠା।

ଗୃଷେ ଚଷା ହେସି ଅଣାବସା
ପାଏବାକେ ମୁଠେ ଅରନ୍,
ଲହଁସି ଲହଁସି ଖେତ୍ ନାଚୁଛେ
ଧରି ଶାଗୁଆ ବରନ୍।

ବାର୍ ତିଥି ଜାନ ଲଗନ୍ ଫିଟ୍'ଲା
ଝାଁକର୍ ବାଁଟ୍'ଲା ଗୁଣା,
ଗାଁ ଗାଁ ନ ଡିମ୍'ଗ୍ ପିଟ୍'ଲା
ଗହକେ ଗାଁ'ର୍ ଗଣା।

ଡିମ୍ ଡିମ୍ କରି ଡିମ୍'ଗ୍ ଶବଦ୍
ଗାଁ ସାର୍ ଗଲା ଚହଲି,
ଘରୁ ଘର୍'କେ ହେଜାଲେଖା
ଦିନ୍, ର୍ତ୍ ହେଲା ଗହଲି।

ମର୍ ମଗାଲା ଦେବ୍'ତା ଗୁଡି
ଜର୍ ମଗାଲା ଗାଁ,
ଲହଁସି ପଡୁଛେ ଆଁଟର୍ ସରିଆଁ
ଜିଭ୍ ଲାହା ଲାହା, ମାଁ।

ରେଂଗାଲ ପତ୍'ରେ ଖଲି ଦନା ମାଲ୍
କୁରେ ପତରର୍ ସୁର୍'ତା,
ତୁଲସୀ ଦହନା ମନ୍ଦାର୍ ଫୁଲ୍
ଭେଲୁଆଁ ଅଏଁଲ୍ର୍ ଚନ୍ତା।

ଢେଁକ ଗର୍'ଜେ ଢଁକଡ୍ କଚ୍
ଘର୍ ଦୁଆର୍ ଲିପା ଘଁସା,
ଝଲ୍'ସି ଯଉଛେ ବୁଢି ଚେହେର୍
ପାରିଛେ ଢଲିଆ ଖୁସା।

ପରଦେସ ଖଟି ଯାଇଥିଲ୍ ଲୋକ
ଇ ତିହାରେ ସଭେ ଗଦା,
ମାମୁ, ଭଞ୍ଜା, କକା, ପୁତ୍ରା
ଯେତେ ଥିଲେ ଭଏ, ଦଦା।

କୁଟୁମର୍ କାଜି ନୂଆ ବସ୍'ତର୍
ଦରବ୍ ଖଞ୍ଜା ଭର୍'ନେ,
ଡାକ୍'ଲ୍ ଗଞ୍ଜା ବନ୍ଧା ହେଇଛେ
କୁକ୍'ର୍ କୁନା ଠାନେ।

ପୂଜା ପାଠ୍ ହେଲ୍ ଦେଁ ଦେବ୍'ତାର୍
କୁକ୍'ର୍ ଚଢ୍'ଲ୍ ବଳ,
ଚୁର୍କୁଣା ଖାଏଲେ ଗୁଟା ପରିବାର
ଭାବ୍ ପ୍ରେମ୍ ଥି ମିଲି।

ନୂଆ ଖାଏତେ ଭବର୍ ଭେଟ୍
ଜୁହାର୍ ମୁଡିଆ ହେଲେ,
ଦଦା ଜୁହାର୍, କକା ଜୁହାର୍ ବବା ଜୁହାର୍
ଗାଁ ସାର୍ ଦୁଲ୍'ଦୁଲେ।

ଗୁଟେ ବର୍'ଷର୍ ହିଁସା ଅହଁକାର୍
ର୍ଗ୍ ରୁଷା ଗଲେ ଭୁଲି,
ମହୁଲି ପାନ ବର୍'ଷି ଦେଲ୍ ଯେ
ସଭେ ଯଉଛନ୍ ଝୁଲି।

ବାଜଲ୍, ମୁହୁରି, ଢୋଲ ନଷାନ୍
ଦୁଲ୍ ଦୁଲିଗଲ୍ ବଜା,
ହାତ୍ ଧର୍ ଧରି ଗିତ୍ ଯୁର୍ଯୁରି
ନାଚ୍'ଲେ ମାରି ମଜା।

ହସି ଖୁସିନେ ସଞ୍ଜ୍ ହେଇଗଲ୍
ନୂଆଖାଇ ଗଲ୍ ଉଭି,
ଯେନ୍ ର୍ଆଁଣୀକେ ସେ ଦୁଃଖ ଭୁଲ୍ଲେ
ନଜର୍ ଦାଁତ୍ ନଜେ ଗ୍ଭି।

ବାଗଯୋର, ସଇଁତଲା, ବଲାଙ୍ଗିର

# ଅଷାଢ଼ ଆଏଲା୍ନ



ଶ୍ୟାମ ସୁନ୍ଦର କୁମ୍ଭାର

ଅଷାଢ଼ ଆଏଲା୍ନ
ଇ ପୁର୍ଥି ଭିନେ୍ କାହାରିର୍ ଗ୍ଜ୍ ଚରନ୍ତନ୍ ନୁହେଁ
ଜେଠ୍ ମାସର୍ କାନେ କହେଲା୍ନ |

ଖଗ୍ର୍ ମାଢ଼େ ଜୀବଜଗତ୍ ହେଉଥିଲେ ଡହକ୍ ବିକଲ୍
ଧର୍ତୀ ଗ୍ନୀର୍ ତାଲୁ ଶୁଖିକରି ହେଉଥଲା୍ କଲ୍ ବଲ୍
ପହିଲ୍ ଅଷାଢ଼ର୍ ପହିଲ୍ ବର୍ଷା
ସବକେ ଶିତଲ୍ କର୍ଲାନ |1|

ସର୍ପଟିଥିଲା୍ କୁଇଲୀ ଗ୍ନୀ କୁହୁକୁହୁ ଗୀତ୍ ଗାଏଲା୍ନ
ତୁଢ଼ା ନଲିଆନେ ବେଙ୍ଗୁଲିଗ୍ନୀ କେଁ କଟର୍ ଡାକ୍ ଛାଢ଼ଲା୍ନ
କଲା୍ହଁଢ଼ିଆ ବାଦଲ୍ ଦେଖି
ମୟୁରୀ ଗ୍ନୀ ନାଚଲା୍ନ |2|

ଠୁଁଟା ଗଛେ ଖୁଟେଁ ପତର୍ ପାଆଁଲି ପବନେ ଦୁଲି ଖେଲଲା୍ନ
ଘାଁସ୍, ଲଟା, ବୂଦା ଛନ୍ ଛନେଇ କଅଁଲି ଗଜା ମେଲଲା୍ନ
ଧରତୀ ଗ୍ନୀର୍ କେଢ଼େ ଗହଗହ
ସାଗୁଆ ଶାଢ଼ୀ ପିନ୍ଧଲା୍ନ |3|

ଲଟାବାଛିର୍ ମାଁ ଭୁଗ୍ଲି ଧରି ପଦର୍ ଆଁଟ୍ କେ ଧାଏଁଲାନ
ସିରେଲ୍, ଢ଼େଲ୍ଲୁ, ବ୍ରିମୂଷାକାନୀ ଶାଗ୍ ବାଛିକରି କରି ତୁଲଲାନ
ଲେସୁନ୍ ସାଙ୍ଗେ ଖର୍ଡି ଦେଇଛେ
ତାର୍ କହଁରେ ଲାହା ଥିପଲାନ |4|

ପହପହନୁ ହଲ୍ ନଙ୍ଗଲ୍ ଧରି ଖେକେ୍ ଗୃଷି ଧାଏଁଲାନ
ପନ୍ଦା ତଲର୍ ଜାମ୍ ବହାଲିନେ ହଲିଆ ଗୀତ୍ ଗାଏଲାନ
ଗୃଷ୍ କରି ତାର୍ କୁଟୁମ୍ ପୁଷ୍ବା
ଅଁଟେ ଗାମଛା ଭିଡଲାନ |5|

ଛତି, କର୍ଡି, କଞ୍ଚେର୍ ଶାଗ୍, କଁକୋଡ଼ୋ ହେକେ୍ ମିଲବାନ
ଘୁଲି, କଁକଡ଼, ଟେଙ୍ଗ୍ନି କୁନ୍ଦି ବାହାଲ୍ ଡୁଲିକେ ଚଢ଼ବେନ
ଯାନ୍ଦ କୁମୁନା ଧଏଁର୍ ସାଜିଥା
ଝୁରି ପୁର୍ଗା ଖାଏମାନ |6|

ଦୁଃଖ୍ ସହିଥିଲେ ସୁଖ୍ ମିଲ୍ସି ସୁଖର୍ ସମିଆଁ ଆଏଲାନ
ଦମ୍ ଧରିଥିଲେଁ ଟକ୍ ନ ଟଲେ ଦମ୍ ହାରୀଦେଲେ ସର୍ଲାନ
ଯାହାର୍ ସମଆଁଥି ସେ ବର୍କସ
ଜେଠ୍ କେ ଅଷାଢ଼୍ କହେଲାନ |7|

ସନ୍ଧିବାହାଲ, ଗାଇସିଲେଟ, ବରଗଡ଼

# ନୂଆଁ ଡର୍



ସୁନୀଲ କୁମାର ଅଗସ୍ତି

ବଛର୍ ତିନ୍ କୁଏର୍ ନୁ'
ହେଲା ଅଏଧକା ଆ'ଦେ
ନାଁଇଁ ନ' ଆର୍ ଆଗର୍ ବାଗିର୍
ମନ୍ ଛନ୍ ଛନ୍,
ଶୁନ ଥିଲିଁ ଜିଁ'ତା ଜିଁ
ଆଏସି ଗମି କରସି ଯମ୍
ହର୍ ମୁନୁଷର୍ ପାପର୍ ହିସାବ୍
କରୁଛେ ଛାତି ଧଡ଼ ଧଡ୍,,
ବଫୁର୍ ମାଡକେ ମାଡେ ଗରବ୍
କରିଥିଲିଁ କବାର୍ ଯେତେ
ଅନମୁନଷିଆ ନର୍ଲଜିଆ
ଦିସୁଛେ ଆଁଖି ଝଲ୍ ଝଲ୍,
ସାଁକୁର୍ ମନ୍ "ନୂଆଁ ଡର୍"
ନାଁଇଁ ପାରୁଛେଁ ଯୁଝି
"ପରଭୁ" ଦେଖ ଘାଏ
ମୋର୍ କଲବଲ୍,,

ଟିଟିଲାଗଡ଼,ବଲାଙ୍ଗୀର

# ବର୍'ଷାଥିଁ ଡଂଗର୍
# ତଲର୍ ଗାଆଁ



ବାଙ୍କାବିହାରି ମହାକୁର

ଜେଠ୍ ପଲ୍‌ଲ୍‌କେ ଆଏଲ୍ ଅଷାଢ୍
ରୁଙ୍କ ଦେଲ୍‌କେ ପାଏନ୍
ଡହକବିକଲ୍ ଖରା ବଂଦିଘରୁ
ମୁକୁଲି ଗଲ୍ ପରାନ୍ ।

ପାଏନ୍ ପାଏଲ୍‌କେ ଧର୍ତିର୍ ରଂଗ୍
ଜଲଦି ଗଲ୍ ବଦଲି
ଲଂଡା ଡଂଗର୍ ଆରୁ ଶୁଖା ଗଛ୍'ନୁଁ
ଖୁର୍ସା ମାଏଲ୍ ପାଉଁଲି ।

ଦିନାଦୁ ଉତାରୁ ଗୁଟା ଧର୍'ତିଟା
ଦିସଲ୍ ଶାଗୁଆ ବରନ୍
ଶୁକୁରୁ ବବାର୍ ଗଛ୍ ତଲ୍ ଡେରା
ହେଇ ଗଲାନ ଉଭାନ୍ ।

ଗାଆଁର୍ ମାହେଜି ମୁନୁସ୍ ଯେତ୍'କ
କବାରେ ଗଲେନ ମାତି
ରକମ୍ ରକମ୍ ଦରବ୍ ଠୁଲାଇ
ଫିରୁଛନ୍ ତ ଫୁର୍'ତି ।

ଛୁଆପିଲ୍ ଯେତେ ଡାଁଡର୍ ଖୁଲିନେ
ଖେଲୁଛନ୍ ହେଇ ହୁଦା
ଗଛ୍'ପତରେ ଝାର୍ ଗଲାନ ଭରି
ନ ଦିସ୍'ବା ଆରୁ ପଦା ।

ଗାଆଁ ତରେ ଥିବା ଜଂଗଲି ଝରନ୍
ଖୁଲ୍ ଖୁଲ୍ ଯାଏ ବୁହି
ଝାରେ ଫୁଟି କୁରେଁଫୁଲ୍'ର କହଁର୍
ମନ୍'କେ ନେଉଛେ ମୁହି ।

ବର୍'ଷାର୍ ଲ୍‌ଗି ଝାର୍ ବାଟ୍'ଘାଟ୍
ନାଇଁ ତ ପଡୁଛେ ଜଣା
ଡଂଗର୍ ତଲର୍ ଗାଆଁକେ ଯିବାକେ
ହେଇ ଯିବ ବାଟ୍'ବନା ।

ଡାହୁକ ଗାଉଛେ ମନ୍'କେ ଫୁଲାଇ
ବେଂଗ୍ କରେ କେଁ କଟର୍
ଭଂଡାର୍ କୋନର୍ କଲା ମେଘ୍ ଦେଖି
ଉସତେ ନାଚେ ମଜୁର୍ ।

ବର୍'ଷା ଉତାରୁ ଡଂଗର୍'ର ବାଫ୍
ଘୁରିକୁଡି଼ ଗଲେ ଖେପି
ଗାଆଁ ଡଂଗର୍ ଆରୁ ଝାର୍ ଗୁଟେନେ
ହେଇ ଯାଏସନ୍ ଲେପି ।

ଡଂଗର୍ ଉପରୁ ଗାଆଁଟା ଆଏଜ୍
ସରଗ୍ ଲେଖେନ୍ ଲ୍ଗେ
ଦେଖଲ୍ ଲ୍ଲେକ୍ କେଭେଁ ପାସ୍ରି ନ ପାରେ
ମନ୍'ଟା ସେନ୍'କେ ଭ୍ଗେ ।

ବୁରୁବୁଡା, ବୀରମହାରାଜପୁର,
ସୁବର୍ଣ୍ଣପୁର

# ଗୁରୁ ଦକ୍ଷିଣା

ସତ୍ୟନାରାୟଣ ମିଶ୍ର

ବୁଢ଼ା ଟିଉସନ୍ ମାଷ୍ଟର ତାଙ୍କର୍ ସିଆନ କେ କହେଲେ "ହଏ ରେ ! ଆଜି ହରବରେ ବାବୁ କମ୍ପାନୀ କେ ପଲେଇ ଗଲା ଖାନା ନ ନେଇ କରି ଯେ ତୁଇ ମତେ ପଠାଉଛୁ ଖାନା ନେଇ ଦିଅ ବୋଲି, ହେଲେ, ସେ ତ ମତେ ଦେଖଲେ ରିସ୍ ରିସ୍ ହଉଥିସି ଆରୁ ଦାନ୍ତ୍ ଘୁଚୁଥିସି । ଖାନା ଖାଏବା ତ ?

ସିଆନ କହେଲେ ତମେ ହେତେ ଚନ୍ତା କାହିଁ କରୁଛ ଯେ, ହେ ତ ହେନ୍ତା ଜାଣିଛ ।ଇହାଦେ ରାଗି ଥିବା ଫେର୍ ଛନେ କେ ଶାନ୍ତି ହେଇଯିବା ।

"ହଁ ରେ, ସେ ମୋର୍ ଉପୁରେ ରାଗ ରାଗ ହେବାର୍ ବି ଗୁହି । ସାମାନ୍ୟ ଗୁଟେ ଟିଉସନ ମାଷ୍ଟର ମୁଇ । ହେତେ ହେତେ ପିଲାଙ୍କୁ ପାଠ ପଢ଼ାଲି ଯେ କଏ ଡାକ୍ତର, କଏ ଇଞ୍ଜିନଅର୍ କଏ ମନ୍ତ୍ରୀ କଏ ପ୍ରଫେସର ହେଲେ, ମାତ ର୍ ମୋର୍ ପୁଅ ଟା କମ୍ପାନୀ ଥି ଗୁଟେ ଅପରେଟର୍ ଚାକରୀ କଲା । ଘର ଟିକେ ଭଲ୍ କରି ନ ବନେଇ ପାର୍ଲି ଯେ ତାର୍ ପସନ୍ଦ କଲା ଟୁକେଲ କେ ବିହା ନ ହେଇ ପାରୁଛେ । ଅଭାବୀ ଭିତିରେ ଚାପିହେଇ କରି ମୁଇ ତାକେ କେଁ ସୁଖ ଦେଇ ପାର୍ଲି କହ ?

ସିଆନ କହେଲେ "ତମେ ତମର ନୀତି ଅଦର୍ଶକେ ଧରି କରି କେହେନ ଦୁଇ ନମରି ଧନ୍ଦା ବି ନାଇଁ କରି ଜୀବନେ । ଲୁକେ ତମକୁ କେତେ ସଂମାନ୍ କରୁଛନ୍ । ଯାହା କଲ ବହୁତ୍ କରିଛ । ପୋ ର୍ କଥା କେ ନେଇ କରି ଦୁଃଖ ନାଇଁ କର । ସମିଆ ଆଏଲେ ସବୁ ଠିକ୍ ହେବା ଯେ ।

ବୁଢ଼ା ଟିଫିନ୍ ଧରିକରି ସାଇକେଲ ମାଡି ମାଡି ପହଁଚଲେ କମ୍ପାନୀ ନେ । ଭିତିରେ ମିଟିଂ ଚାଲିଚେ ବୋଲି ଗାର୍ଡ ତାକେ ଭିତର୍ କେ ନାଇଁ ଛାଡି ଦେଲେ କେ ଗୁଟେ ଗଛ ତଲେ ବସି

ଥାନ୍। ଛନେ ଉତୁରୁ ମିଟିଂ ସରିଗଲା । ଚେୟାର୍ମେନ୍ ସାହେବ୍ ଗେଟ୍ ପାଖର୍ କାର୍ ଆଡେ ଆସିକରି ଟିକେ ଠିଆ ହେଲେ ।ନଜର ପଡିଗଲା ବୁଢ଼ା ଉପୁରେ । ତାକେ ଡାକ ତ ବୋଲି ଗାର୍ଡ କେ କହେଲେ । ସେନେ ବୁଢା ନକ୍ ର୍ ପୋ ବି ଠିଆ ଥିଲା । ଯେତେବେଲେ ଚେଅର୍ମେଂନ୍ ଜାନ ଗଲେ ଇଟା ଟିଉସନ୍ ମାଷ୍ଟର ବୋଲି । ସେ ତାଙ୍କର ପାହା ଧରି କରି ମୁଡ଼ିଆ ମାରଲେ । ସଭେ ଦେଖି କରି କାବା । ବୁଢା ବି ନିଜ କେ ଟିକେ ଅସହଜିଆ ମନେ କଲେ । ଚେଅର୍ମେନ୍ କହେଲେ "ଆଜ୍ଞା ମୁଇ ଆପଙ୍କର୍ ଶିଷ୍ୟ ଦେବାଶିଷ୍ । ଛୁଆ ବେଲେ ମୁଇ ବହୁତ ଦୁଷ୍ଟ, ପାଠ ଗ୍ଚେର ଥିଲି । ପଢାପଢି ମୁଟେ ନାଇଁ କରୁଥାଇ । ମୋର୍ ବାପା ମତେ ଟିଉସନ ପଢ଼ବାକେ ଆପଣନଙ୍କ ର୍ ପାଖେ ଛାଡି ଦେଲେ । ଆପଣଙ୍କ ର୍ ପ୍ରପର ଗାଇଡ଼ ଆରୁ ପଢାପଢି ବଲେ ମୁଇ ମେଟ୍ରିକ୍ ଟପ୍ପର ହେଲି । ଭଲ ଭାବେ ଆରୁ ପଢାପଢି କଲି ଆମେରିକା ଯାଇକରି । ସେନୁ ଆସି କରି ଇ କମ୍ପାନୀ ବସାଲି । ମୁଇ ଧନ୍ୟ ହେଲି ଆଜି ଯେ ଆପଣଙ୍କ ପାହା ଇନେ ପଡିଛେ ।

ଆଗର କଥା କେ ମନେ ପକେଇ କରି ଆରୁ ଶିଷ୍ୟ ର୍ ଉନ୍ନତି ଦେଖି କରି ତାଙ୍କର ଆଖି ର୍ ପାନି ଢଲକୀ ଗଲା ଉସତ୍ ର୍ ମାଡ଼େ । ଇ ସମିଆ ଥି ତାଙ୍କର ପୁଅ ବି ପାସେ ଥିବାର୍ ପରିଚେ ପାଇ କରି ତାକେ ଚେଆର୍ମନ୍ ପଗ୍ଚରଲେ "ତମେ ଏଭେ କେନେ ରହୁଛ ? ଜେନ୍ ଛୁଟିଆ ଘର ଟେ ଥିଲା ସେନେ କ ଅଲଗା ଆଡେ ?

ପିଲା କହେଲା "ନାଇଁ ଆଜ୍ଞା ସେନେ ନ ରହୁଛୁଁ । ଚେଅର୍ମେନ୍ ଜାନ ପାର୍ଲେ ଅସୁବିଧା ଲାଗି ଗୁରୁ ଘର୍ ଟେ ବନେଇ ନ ପାରି ଏବ୍ ଯାଏ । ତେହେରୁ ସେ ଗୁରୁ କେ କହେଲେ "ଆଜ୍ଞା, ମୋର୍ ଗୁହାରି ଗୁଟେ ଆପଣ କେ ସୁନୁବା କେ ପଡବା । ବସ୍ତି ନେ ଯେନ୍ ବିଲ୍ଡିଂଟେ ମୋର୍ ଅଛେ ମୁଇ ସେଟା ଆପନ୍ କୁ ଦେଇ ଦେଲି । ମନା ନାଇଁ କରୁନ୍ ।

ସ୍ୱାଭିମାନ ବୁଢା ନାଇଁ ନାଇଁ କହୁଥିଲେ, ହେଲେ ଚେୟାରମେନ୍ ତାଙ୍କର ପାହା ଧରି କରି ମିନ୍ତି କଲେ ଇଟା ମୋର୍ ଗୁରୁ ଦକ୍ଷିଣା ବୋଲି ।

ସିଂଧେକେଲା, ବଲାଙ୍ଗୀର

# ଶିଶୁ ବିଭାଗ



# ଛେଳ ମଧ ଖାଏ, ମଣିଷ ମଧ !



ଡ଼ଃ ରଞ୍ଜିତ କୁମାର ସାହୁ

ଆଜି ମୟୂ ଟୁଟୁକୁ ଚରେଇବାକୁ ନେବ ! ଛେଳ କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁତ ହିତକାରି ତେଣୁ ଘରେ ତିନଟି ଛେଳ ପୋଷା ହେଇଛି । ଗୋଟିଏ ଛେଳ ଛୁଆଟିଏ ଜନ୍ମ କରିଛି ଯାହାର ନାଆଁ ମୟୂ ରଖିଛି "ଟୁଟୁ" । ଆଜି ଟୁଟୁକୁ ତିନ ମାସ ହେଇଗଲା ତେଣୁ ବାପା କହିଲେ, ତାହାକୁ ଏଥର ତୃଣ ଖାଇବାର ଅଭ୍ୟାସ କରେଇବାକୁ ପଡ଼ିବ । ଛେଳ ଜଗୁଆଳ ଦେହ ଖରାପ ହେଇ ଥିବାରୁ କିଛି ଦିନ ହେଲା ଆସିନାହିଁ । ତିନଟି ଛେଳଙ୍କୁ ବାପା ଶୁଖିଲା ଘାସ ଖାଇବାକୁ ଦେଉଛନ୍ତି କିନ୍ତୁ ଟୁଟୁ ପାଇଁ କିଛି କଅଁଳିଆ ପତ୍ର ମିଳିଲେ ଭଲ ହୁଅନ୍ତା । ଅନିର୍ଦ୍ଦିଷ୍ଟ ଦିନ ଲାଗି ଛୁଟି ହେଇଥିବାରୁ ଘରେ ବସି ବସି ବିରକ୍ତ ଲାଗିଲାଣି ମୟୂକୁ । ତେଣୁ ଟୁଟୁ ପାଇଁ କିଛି କଅଁଳିଆ ପତ୍ର ଯୋଗାଡ଼ କରିବ ଭାବି ମୟୂ ବାପାଙ୍କୁ କହିଲା ଆଜି ସିଏ ଟୁଟୁକୁ ବୁଲେଇବାକୁ ନେବ ଓ କଅଁଳିଆ ପତ୍ର ଖୋଜିକି ଦେବ । ବାପା ରାଜି ହେଇଗଲେ ।

ଘର ପାଖରେ କିଛି ଗଛ ନଥିଲା, ସାମ୍ନାରେ ରାସ୍ତା ଚୌଡା କରିବା ଲାଗି ସବୁ ଗଛ କଟା ହେଇ ସାରିଥିଲା । ତେଣୁ ଟୁଟୁକୁ ନେଇକି ଚାଲି ଚାଲି ମୟୂ କିଛି ଦୂରକୁ ଚାଲିଗଲା ଯେଉଁଠାରେ ଗୋଟିଏ ଗଛ ଦେଖା ଯାଉଥିଲା ।

ମନେ ପଡିଗଲା ଛେଳ ମାନେ ପ୍ରାୟ ସବୁ ପ୍ରକାର ଗଛର ପତ୍ର ଖାଇ ପାରନ୍ତି । ହୁଏତ ଏହି ଗଛର ପତ୍ର ଖାଇବା ତାହାର ଛେଳ? କିଛି ଭାବି ଚାଲିଗଲା ସେହି ଗଛ ପାଖକୁ । ସେଠାରେ ପହଞ୍ଚି ଦେଖିଲା, ରାସ୍ତା କଡରେ ଥିବା ଗଛଟିରୁ କଳା କଳା କୋଳି ସବୁତଳେ ପଡିଥାଏ ଆଉ ତାକୁ ବଣି ଆଉ କେତେକ ବନ୍ୟ ଚଢେଇ ଖାଇବାକୁ ଲାଗି ଥାଆନ୍ତି । ତାହାର ସ୍କୁଲର ସାଙ୍ଗ ଦୁଇ ଜଣ, କୁନା ଆଉ ପପୁନ ଆଗରୁ ଗଛରେ ଚଢି ସେହି ଗଛରୁ କୋଳି

ସବୁ ତୋଳବାକୁ ଲାଗିଛନ୍ତି । ତାକୁ ଦେଖି ପଚାରିଲେ, "କରେ ଆଜି କଣ ଛେଳ କୁ ଧରିକ ବୁଲୁଛୁ?"



ମୟୂ ତାଙ୍କୁ ତାହାର କାହାଣୀ କହିଲା ଆଉ କହିଲା, ଅଧା ଘଣ୍ଟା ହେଇଗଲାଣି ବୁଲି ବୁଲିକ, ଏବେ ଏହି ଗଛଟି ଆଖିରେ ପଡିଲା ।

କୁନା କଛି ଡାଳ ତୋଳକ ତଳକୁ ପକେଇଦେଲା । ଟୁଟୁ ଖୁସିରେ ପତ୍ର ଗୁଡିକ ଖାଇ ଗଲା ଆଉ ମେଁ ମେଁ କରିବାକୁ ଲାଗିଲା !

"ତୁ ଯଦି ଚାହୁଁଛୁ, ଏଥିରୁ କଛି ଖାଇ ଦେ, ବଢିଆ ମଜା ଲାଗୁଛି," କୁନା ତାହାର ହାତରେ ଥିବା ଥଳୀରୁ କଛି କୋଳ ଧରେଇଦେଲା ମୟୂ କୁ । ମୟୂ ଖୁସିରେ ଖାଇ ଦେଲା ଆଉ ପଚାରିଲା, "ଏହି କୋଳର ନାମ କଣ?"

"ଏହାକୁ ତୁତ କୁହନ୍ତି," କୁନା କହିଲା, "ଆମେ ମାନେ ଖାଉଛୁ ଏଠିକ ଆସି ସବୁ ଦିନ । ମଜା ଲାଗୁଛି । କଛି ବର୍ଷ ପୂର୍ବେ ଦୁଷ୍ମନ୍ତ କକା ଆର ଗାଆଁକୁ ଯାଇଥିଲେ ସେଠାରେ ରେଶମ ଚାଷ ଦେଖିବାକୁ । ଫେରିଲାବେଳେ ଖଣ୍ଡିଏ ଡାଙ୍ଗ ଧରି ଆସିକ ଏଇଠି ପୋତି

ଦେଇଥିଲା ରାସ୍ତା କଡ଼ରେ ଆଉ ସେଇଟା ବର୍ଷା ଦିନ ହେଇଥିବାରୁ ବଞ୍ଚିକ ଏହି ଗଛଟିଏ ହେଇଛି ।"

"ଓଃ ଏହି ଗଛର ପତ୍ରକୁ ରେଶମ ପୋକ ଖାଆନ୍ତି କ? ମୁଁ ବହିରେ ପଢ଼ିଥିଲି କିନ୍ତୁ ଏହି ଗଛକୁ କେବେ ଦେଖି ନଥିଲି । ଏହି ଆଡେ କେବେ ଏକା ବୁଲି ବୁଲି ଆସି ନଥିଲି ତେଣୁ ଏହି ଗଛ କଣ ଜାଣି ପାରି ନଥିଲି । କିନ୍ତୁ ବାପାଙ୍କ ସହ ଗାଡ଼ିରେ ବସି ଏପଟେ ଯାଇଛି ବହୁତ ଥର," ମୟ କହିଲା ।

"ହଁ ରେଶମ ପୋକ ଚାଷ ପାଇଁ ଏହି ଗଛର ପତ୍ର ବ୍ୟବାହାର ହୁଏ ଖାଦ୍ୟ ରୂପରେ । ପୋକ ପତ୍ର ଖାଏ ଆଉ ଅନ୍ୟମାନେ ଏହାର କୋଳି," କହିକ ପାପୁନ ହସିଲା ।

"ଏହି କୋଳି ତ ଭଲ ଲାଗୁଛି, ଟୁଟୁ ବି ଦୁଇ ଚାରିଟା ଖାଇ ସାରିଲାଣି," କହିଲା ମୟ ପାଟିରେ ଆଉ ଦୁଇ ତିନଟା କୋଳି ପକେଇକ ।

"ହଁ ଏହି କୋଳିରେ ଭିଟାମିନ ସି, ଭିଟାମିନ କେ, ରାଇବୋଫ୍ଲାବିନ, ଲୌହ, ମାଗ୍ନେସିଅମ ପୋଟାସିଅମ ଏବଂ ତନ୍ତୁ ଅଛି ଯାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହା ମଧୁମେହ ଏବଂ କର୍କଟ ରୋଗରେ ଉପକାରୀ ସିଦ୍ଧ ହେବ ବୋଲି ଅନୁମାନ କରା ଯାଏ ! ଏହାକୁ ଶୁଖେଇକ ରଖା ଯାଇ ପରେ ମଧ୍ୟ । ଏହି କଥା ଆମକୁ ସ୍କୁଲ ରେ ସାର କହିଥିଲେ," କୁନା କହିଲା ।

"ହଁ ସାର ମଧ୍ୟ କହୁଥିଲେ, ଏହି ଗଛର ଡାଳରେ ଲୋକ ବୁଣା ବୁଣି ମଧ୍ୟ କରନ୍ତି । ଏହାର କାଠରେ ସରଞ୍ଜାମ ତିଆରି ହେଇ ପାରେ ଏବଂ ବଡ ଦେବା ପାଇଁ ଏହାର ଡାଳ ବ୍ୟବହାର ହୋଇ ପାରେ । ଜାଳେଣି କାଠ ଭଳି ମଧ୍ୟ ଏହା ବ୍ୟବହାର ହେଇ ପାରେ । ଏଇଟା କଳା ରଙ୍ଗର କିନ୍ତୁ ସାର କହୁଥିଲେ ଧଳା ଆଉ ନାଲି ରଙ୍ଗର କୋଳି ଥିବା ଗଛ ମଧ୍ୟ ଅଛି । ଏହାର କିଛି କିସମ ସୌଂଧର୍ଯ୍ୟ କରଣ ପାଇଁ ମଧ୍ୟ ବ୍ୟବାହାର ହୁଏ ଯେଉଁଥିରେ ଡାଳ ଗୁଡିକ ତଳକୁ ଲମ୍ବି ଥାଏ ଆଉ ଯାହାକୁ ଉଇପିଙ୍ଗ ମଲବେରୀ କୁହନ୍ତି, "ପାପୁନ କହିଲା ।

ମୟୁ ଭାବିଲା କେତେ ଭଲ ହୁଅନ୍ତା ଯଦି ଏହି ଗଛଟି ଘର ପାଖରେ ଥାଆନ୍ତା ! ଏତେ ବାଟ ଆସିବାକୁ ପଡନ୍ତା ନାହିଁ । ତାହାର ଛେଳ ମଧ୍ୟ ଭୋକଲା ରୁହନ୍ତା ନାହିଁ ଆଉ ସିଏ ମଧ୍ୟ ଖରା ବେଳେ ଛାଇ ତଳେ ବସି କଛି କୋଳ ଖାଇ ପାରନ୍ତା !

"ଏହି ଡାଳ ଖଣ୍ଡିଏ ନେଇକ ପୋତି ଦେ ତୋ ବାଡ଼ିରେ ମଧ୍ୟ କୋଳ ଫଳବ । ଆମେ ତ ଭଡା ଘରେ ରହୁଛୁ, ତେଣୁ ଆମର ବାଡ଼ି ନାହିଁ," କୁନା କହିଲା ଆଉ କଛି ଡାଳ ବଢ଼େଇ ଦେଲା ମୟୁ ହାତକୁ । "ଆଉ ଯେ ଯାଏଁ ତୋର ବାଡ଼ିରେ କୋଳ ହେଇନ ଏଠିକ ଆସେ ମିଶିକ ଖାଇବା ଆଉ ଟୁଟୁକୁ ମଧ୍ୟ ଖୁଆଇବା," ପାପୁନ କହିଲା ।

"ଏହି ଡାଳ ନେଇକ ଯିବି, ଟୁଟୁ ପତ୍ର ଖାଇଲା ପରେ ଡାଂଗ ଗୁଡିକ ପୋତି ଦେବି," କହିକ ଡାଳ ନେଇକ ମୟୁ ବାହାରିଗଲା ଘର ଆଡ଼କୁ ।

ଯୁକ୍ତରାଷ୍ଟ୍ର ଆମେରିକା

# ଶ୍ରମିକ ଭାଇ



ନର୍କାର ଚଇନ

ମୁଁ ପର୍ ଅଟଇ ଅତି ଆପଣାର
ତୁମରି ଶ୍ରମିକ ଭାଇ
ରକତ ନଗାଡ଼ି ଆପଣା ଦେହରୁ
କାମ କରେ ତୁମ ପାଇଁ।
କାଉ କାଆ କଲେ ଖାଇକ ପଖାଳ
ବାହାରି ଯାଏ ମୁଁ ଘରୁ
ଯେତେ ଖଟିଲେବି ର୍ତି ହୋଇଯାଏ
କାମ ମୋର ସରୁ ସରୁ।
ନୁଆଁଣିଆ ଗ୍ଳଛପର ଘରରେ
ରହନ୍ତି ମୋ' ଛୁଆ ପିଲ୍
ବାବୁ ଭୟା ପାଇଁ କୋଠା ତିଆରିରେ
କରେନ ଟିକଏ ଢିଲ୍।
ମାନେ ନାହିଁ ମୁହିଁ ଖର୍ କ ବରଷା
ବତାସ କାକର ଜାଡ଼
ମୁଣ୍ଡର ଝାଳକୁ ତୁଣ୍ଡେ ମାରି ନତି
ଗଢ଼ିଦିଏ ବନ୍ଧ ବାଡ଼।
ଦେଶ ଦୁନଆର ପ୍ରଗତି ପାଇଁକ
ଗଢ଼େ କଳ କାରଖାନା
ସେଥିପାଇଁ ଆଜି ଗରିବ ଗୁରୁବା
ପାଉଛନ୍ତି ମୁଠେ ଦାନା।
ପାଏନାହିଁ ଜମା ଉଚତ ମୂଲ ମୁଁ

ଯେତେ କଲେ ଶ୍ରମ ଦାନ
ତଥାପି କେବେହେଁ କାହାରି ଉପରେ
କରେନାହିଁ ଅଭିମାନ।
ଆଖି ଦୁଇଟିରୁ ଲୁହ ଝରିଲେ ବି
ଓଠେ ମୋର ହସ ଥାଏ
ଆନର ମଙ୍ଗଳେ କାମ କରୁଅଛି
ଏତିକ ସନ୍ତୋଷ ପାଏ।

ଶିକ୍ଷକ, ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ ଗୋଳାବନ୍ଧ,
ତେଲକୋଇ, କେନ୍ଦୁଝର

# ମଣିଷ ପରି ମଣିଷଟିଏ



ବିଜୟ କୁମାର ଛାଟୋଇ

ମଣିଷ ପରି ମଣିଷଟିଏ
ଦେବତା ସମ ଲୋକ,
ମାଟିର ମୋହ କମିଆଁ କଲା
ଭୁଲିଲେ ଶୋଷଭୋକ ।୧ ।

ବରଷା ବଢ଼ି ବତାସ ହେଲେ
ଆଖିରୁ ଝରେ ଲୁହ,
ଅବୁଝା ମନ ବୁଝଇନାହିଁ
ଅକୁହା ଦୁଃଖ ସୁଅ ।୨ ।

ଗରିବଘରେ ଜନମ ତାଙ୍କ
ଅଭାବ ହୁଏ ଭାରି,
ତଥାପି ଜାତି ହିତରେ ସବୁ
ସଂପତ୍ତି ଦେଲେ ସାରି ।୩ ।

ଭାଷା ଜାତିକୁ ଗୋଟିଏ କରି
ରଖିବା ପାଇଁ ମନ,
ଭାଗବତକୁ ପୁରପଲ୍ଲୀରେ
ବାଣ୍ଟି ରଖିଲ ମାନ ।୪ ।

ବୁଝାଇ ଥାଅ ସଭିଏଁ ଆମେ
ଏକ ଭଉଣୀଭାଇ,
ଏହିବାଣୀକୁ ଗାଇଜ ସାର୍
ଲୋକ ଉଠିଲେ ଗାଇ ।୫ ।

ତୁମରି ଲାଗି ବକୁଳବନେ
କବିଏ ମଧୁକଣ୍ଠେ,
ଜାତିର ଇତିହାସ ଘୋଷିଲେ
ଜନମ ଭୂଇଁ ଜଠେ ।୬ ।

ଆଖିରେ ତୁମ ସମତା ଗୁଣ
ମମତା ଥାଇ ପୁରି,
ଦୁଃଖୀ ଜନଙ୍କ ସେବା ପାଇଁ କ
ଥାଅ ନଇତି ଘୁରି ।୭ ।

ଛୁଆଁ ଅଛୁଆଁ ମାନଲ ନାହିଁ
ବାଢ଼ିଲ ବେଦବାଣୀ,
ସେବେ ଠୁ ପ୍ରଗ୍ଧରକ ନାମକୁ
ଓଡ଼ିଶା ଅଛି ଜାଣି ।୮ ।

ପ୍ରତିଷ୍ଠାତା ସମ୍ପାଦକ, ପ୍ରଗ୍ଧରକ ଅନନ୍ତ ମିଶ୍ର ସ୍ମୃତି
ସାହିତ୍ୟ ସଂସଦ ଓଡିଶା, ସତ୍ୟବାଦୀ, ପୁରୀ-୭୫୨୦୪୫

# ଭକତି କୁସୁମ



ମୀନାକ୍ଷି ପାଢୀ

ସରଗ ର୍ଇଜୁ ଓହ୍ଲାଇ ଆସିଛ
ଅମୃତମୟୀ ଗୁରୁମା'
ଜ୍ଞାନ ଗାରିମାରେ ବିଭୂଷିତା ଧନ୍ୟା,
ତୁମେ କେଉଁ ଦେବକନ୍ୟା !

ଅଜ୍ଞାନ ଅମାର ଅନ୍ଧକାରେ ଆଗୋ
ଜାଳଛ ଜ୍ଞାନର ବତୀ,
ତୁମ ଚରଣରେ ଗୁରୁମା' ମୋଅର
ନିରନ୍ତର ଥାଉ ମତି ।

ଉଷର ମରୁରେ ଫୁଟାଇଛ ଫୁଲ,
ଆହେ, ଗୁରୁଜୀ ମୋଅର,
ଜ୍ଞାନର ଆଲୋକେ ଦେଖାଇଛ ପଥ,
ତୁମ ପାଦେ ନମସ୍କାର।

ଗୁରୁଜୀ, ଗୁରୁମା ମୋର ପ୍ରିୟ ଅତି,
ପିତା, ମାତା ଆଉ ସାଥୀ,
ପୂଜୁଛି,ପୂ ଜିବି ହୃଦୟ କନ୍ଦରେ
ଦେଇ ଅନାବିଳ ଭକ୍ତି।

ଚକଟୀ, ଗଞ୍ଜାମ

# ବରଷାରାଣୀ



ନୀଳମାଧବ ସାହୁ

ପଶ୍ଚିମ ଆକାଶରୁ କଳାହାଣ୍ଡିଆ ମେଘ ଗାଁ' ଆଡକୁ କ୍ଷିପ୍ରଗତିରେ ମାଡି ଆସୁଥାଏ । "ଛାତ ଉପରୁ ସବୁ ଲୁଗାପଟା ଶୀଘ୍ର ଆଣେ", ମାଆ ଲିସାକୁ କହୁଥାଏ । ବର୍ଷା ଆସୁଆସୁ ସମସ୍ତଙ୍କ ଘରେ, ଛାତରେ ସୁଖୁଥିବା ଲୁଗାପଟା ଆଣିବାକୁ ଆରମ୍ଭ ହୋଇଯାଏ ଧାଁଧପଡ । ଲିସା ଖବରକାଗଜରୁ ପ୍ରଥମରୁ ଜାଣିବାକୁ ପାଇଛି ଯେ, ବର୍ଷା ଅଭାବରୁ ନଦୀନାଳ ଓ ପୋଖରୀରେ ପାଣି ଶୁଖି ଯାଇଛି, ବିଲବାଡିସବୁ ଫାଟି ଆଁ ହୋଇ ଯାଇଛି, ଲୋକମାନେ ଚାଷକାମ ଆରମ୍ଭ କରିପାରୁ ନାହାନ୍ତି ଓ ବହୁତ ଚିନ୍ତିତ ଅଛନ୍ତି । ଯେତେବେଳେ ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟି ବର୍ଷା ହେଲା ଗାଁର ଲୋକମାନେ ବହୁତ ଖୁସି ଓ ଆନନ୍ଦିତ ଥିଲେ ତାହା କହିଲେ ନସରେ । ଲିସା ବି ବହୁତ ଖୁସିହେଲା ଓ ଝରକା ପାଖରେ ବସି ବର୍ଷା ପାଗର ମଜା ନେଲା ।  କିଛିଦିନ ମଧ୍ୟରେ ଗାଁରେ ଥିବା ପୋଖରୀ ନାଳ ଇତ୍ୟାଦି ସବୁରେ ପାଣି ପରିପୂର୍ଣ୍ଣ ହେଲା, ଗାଁ ଲୋକଙ୍କ ଧାନରୁଆ ମଧ୍ୟ ସରିଲା । ଖାଦ୍ୟ ଉତ୍ପାଦନରୁ ଆରମ୍ଭ କରି ଜୀବିକା ନିର୍ବାହ ପର୍ଯ୍ୟନ୍ତ ଭାରତର ଲୋକମାନେ ବର୍ଷା ଉପରେହିଁ ନିର୍ଭର କରନ୍ତି । ତେଣୁ ଭାରତ ପରି କୃଷିବହୁଳ ଦେଶରେ ନିୟମିତ ବର୍ଷା ଓ ବର୍ଷାଜଳର ସଂରକ୍ଷଣ ନିତାନ୍ତ ଆବଶ୍ୟକ ।



ଆଗରୁ ଲିସା ବିଜ୍ଞାନ ବହିରୁ ପଢିଛି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ଆଗଭଳି ନିୟମିତ ବର୍ଷା ଆଉ ହେଉନାହିଁ | କେତେବେଳେ ମରୁଡି ତ କେତେବେଳେ ବନ୍ୟା ଦେଖାଯାଉଛି | ଭାରତ ପରି ଦେଶକୁ ଏହାର ଅବସ୍ଥା ଭୋଗ କରିବାକୁ ପଡୁଛି | ଲିସା, ତା' ଅଜାଙ୍କୁ ଏହି ବର୍ଷା ବିଷୟରେ ପଚାରିଲା | ତା' ଅଜା ଅତୀତ ବିଷୟରେ ଲିସାକୁ ଜଣାଇଲେ | ଆଗରୁ ଲୋକମାନେ ଚାଷପାଇଁ ବର୍ଷା ଉପରେ ନିର୍ଭର କରୁଥିଲେ | ବର୍ଷା ମଧ୍ୟ ପ୍ରାୟ ଠିକଠାକ ହେଉଥିଲା | ଲୋକସଂଖ୍ୟା ବୃଦ୍ଧି ଯୋଗୁଁ ସେମାନଙ୍କ ଆବଶ୍ୟକତା ପୂର୍ଣ୍ଣ କରିବାକୁ ପ୍ରାକୃତିକ ସମ୍ପଦର ବ୍ୟବହାର ମଧ୍ୟ ବହୁଳଭାବେ ବଢ଼ିବାରେ ଲାଗିଲା | ଧୀରେଧୀରେ ସହରୀକରଣ, କଳକାରଖାନା ସବୁ ବଢ଼ିବାରେ ଲାଗିଲା ଓ ଅପରପକ୍ଷେ ଜଙ୍ଗଲର ପରିମାଣ କମି କମିଗଲା | ପର୍ଯ୍ୟାୟକ୍ରମେ ପରିବେଶର ସନ୍ତୁଳନ ଅବକ୍ଷୟ ହେବାଦ୍ୱାରା ତାହାର ପ୍ରଭାବ ସିଧାସଳଖ ପାଣିପାଗ ଓ ବୃଷ୍ଟିପାତ ଉପରେ ପଡିଲା | ବର୍ତ୍ତମାନ ପରିସ୍ଥିତିରେ ଆଉ ଠିକ ସମୟରେ ବର୍ଷା ହେଉନ, କେତେବେଳେ ସ୍ୱଳ୍ପ ବର୍ଷା ତ କେତେବେଳେ ଅତ୍ୟଧିକ ବର୍ଷା | ଆଗକୁ କେଉଁ ସମୟରେ ବର୍ଷାହେବ ସେଇଟା ବି କହିବାଟା ମୁସ୍କିଲ ହୋଇଯିବ ବୋଧେ !



କିଛି ଦିନପରେ ଲିସା ବର୍ଷାଜଳର ଉପକାରିତା ବିଷୟରେ ସମସ୍ତଙ୍କଠୁ ତଥ୍ୟ ସଂଗ୍ରହ କଲା| ସେ ଏଥିପାଇଁ ତା' ଶିକ୍ଷକ, ବାପା, ମାଆ, ଭାଇ ଓ ଅନ୍ୟ ସାଙ୍ଗମାନଙ୍କୁ ପଚାରିଲା | ଲିସା, ବର୍ଷାଜଳର ବ୍ୟବହାର ବିଷୟରେ ପ୍ରଥମେ ତା' ମାଆଠାରୁ ଜାଣିବାକୁ ପାଇଲା | ମାଆ ଛାତରୁ ପଡୁଥିବା ବର୍ଷାପାଣିକୁ ସଂଗ୍ରହକରି ଘର ସଫାଠୁ ଆରମ୍ଭକରି ବାସନକୁସନ ଧୋଇବାରେ ମଧ୍ୟ ବ୍ୟବହାର କରିଦିଏ | ସେହି ପରି ବାପା କହିଲେ ଯେ ବର୍ଷା ଅଛିତ କୃଷିକାର୍ଯ୍ୟ ଅଛି, ଅର୍ଥାତ ବର୍ଷାଜଳକୁ ମୁଖ୍ୟତଃ ଚାଷକାମରେ ବ୍ୟବହାର କରାଯାଏ | ପୁଣି

ଶିକ୍ଷକ ବର୍ଷାଜଳର ଅନ୍ୟାନ୍ୟ ବ୍ୟବହାର ବିଷୟରେ ଅବଗତ କରାଇଲେ | ବର୍ଷା ହେବାଦ୍ୱାରା ଭୂତଳ ଓ ଜଳାଶୟ ଜଳର ସ୍ତର ଠିକରୂପେ ବଜାୟ ରହୁଛି | ବିଭିନ୍ନ ଗଛର ମଞ୍ଜି ଗଜାହୋଇ ନୂତନ ଗଛରେ ପରିଣତ ହେଉଛି ଯାହାଫଳରେ ନୂତନ ଜଙ୍ଗଲ ସୃଷ୍ଟି ହେବାରେ ସହାୟକ ହେଉଛି | ମାଟିର ଜଳୀୟଅଂଶ ବି ବଜାୟ ରହୁଛି | ଜଙ୍ଗଲର ଜଳାଶୟ ଓ ଝରଣାରେ ପାଣିର ଅଭାବ ରହେନାହିଁ ଏବଂ ସେହି ପାଣିକୁ ବନ୍ୟଜୀବମାନେ ମଧ୍ୟ ବ୍ୟବହାର କରନ୍ତି | ଲିସାର ଭାଇ ବୁଝେଇଦେଲା ଯେ ଆମେ ଯେଉଁ ପାଣି ପିଉଛନ୍ତି ସେଗୁଡାକ ବି ବର୍ଷାଜଳର ସମାହାର ଯାହାକ ଭୂପୃଷ୍ଠରେ ସଂରକ୍ଷିତ ହୋଇ ରୁହେ | ତେଣୁ ଭବିଷ୍ୟତରେ ଖରାଦିନରେ କୁଅଁର ପାଣି ନଶୁଖିବା ପାଇଁ ବର୍ଷାଜଳର ସଂରକ୍ଷଣ ନିତାନ୍ତ ଆବଶ୍ୟକ |



ତା'ପରେ କିଛିଦିନର ବ୍ୟବଧାନ ପରେ ବିଦ୍ୟାଳୟରେ ବିଜ୍ଞାନମେଳାର ଆୟୋଜନ ହୋଇଥିଲା | ଯେଉଁଥିରେ କି ଲିସା ବର୍ଷାଜଳ ସଂରକ୍ଷଣ ବିଷୟରେ ମୋଡେଲ ବନାଇ ନେଇଥିଲା | ଘର ଓ ବିଦ୍ୟାଳୟରେ କିପରି ବର୍ଷାଜଳ ଅମଳ କରାଯାଇ ପାରିବ ତାହା ସମସ୍ତଙ୍କୁ ଅବଗତ କରାଇଲା | ବର୍ଷାଜଳ ସଂରକ୍ଷଣ ନିମନ୍ତେ ଗୋଚର ଓ ଘାସ ପଡିଆରେ ଜଳ ବିଭାଜିକା ବା ୱାଟରସେଡର ଉପକାରିତା, ଗାଁଗହଳରେ ପୋଖରୀଗାଡ଼ିଆର ଉପକାରିତା ବିଷୟରେ ବି ଜଣାଇଲା | ଯେପରିକି ସକାଳୁ ଉଠିବାଠୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ନୀତିଦିନ ଆଜୀବନରେ ପାଣିର ବ୍ୟବହାର କାହାକୁ ଅଛପା ନାହିଁ | ଆମେ ଖାଉଥିବା ଖାଦ୍ୟବି ପାଣି ଅଭାବରେ ଅସମ୍ଭବ ଅଟେ | ଆଗରୁ ଗୋଟେ ଉକ୍ତିଅଛି, "ଜଳ ହିଁ

ଜୀବନ" ଯାହାକ ଯଥାର୍ଥ ଅଟେ | ତେଣୁ ଭବିଷ୍ୟତରେ ପିଇବା ପାଣିର ଅଭାବକୁ ଏଡ଼ାଇବା ପାଇଁ ବର୍ଷାଜଳ ଅମଳ ଏକ ଭଲ ପଦକ୍ଷେପ ଅଟେ | ଏହା ସହିତ ଜଙ୍ଗଲ ଓ ଘାସ ପଡିଆର ସଂରକ୍ଷଣ ମଧ୍ଯ ସେହିପରି ଆବଶ୍ୟକ ଅଟେ ଯାହାଦ୍ୱାର୍ ପରିବେଶର ସନ୍ତୁଳନ ବଜାୟ ରହେ ଓ ବର୍ଷା ଠିକ ସମୟରେ ହୁଏ | ବିଜ୍ଞାନ ମେଳାରେ ଲିସାର ପ୍ରୋଜେକ୍ଟକୁ ସବୁ ଶିକ୍ଷକ ପ୍ରଶଂସା କଲେ | ତାଙ୍କ ବିଦ୍ୟାଳୟରେ ବି ଏହାକୁ ରୂପାନ୍ତରିତ କରିବେ ବୋଲି ପ୍ରଧାନଶିକ୍ଷକ ଘୋଷଣା କଲେ | ଅନ୍ୟମାନେ ବି ନିଜଘର ପାଖରେ ବର୍ଷାଜଳ ଅମଳ ଯୋଜନାକୁ ଉପଯୋଗ କରିବା ଉଚତ ଯାହାଦ୍ୱାର୍ ଭୂତଳ ଜଳରସ୍ତର କମିବ ନାହିଁ |

ସମରଝୋଳ, ଗଂଜାମ, ଓଡିଶା

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ ୨, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ମଣିଷ



ପ୍ରତୀକ୍ଷା ଶତପଥୀ

ମଣିଷ ତୁ ଏମିତି ଏକ ପ୍ରାଣୀ

ଯାହାକୁ ବୁଝିବା ସହଜ ନୁହେଁ ।

ତୋ ରୂପ ମୁଁ ଦେଖିଛି ବହୁତ,

କିନ୍ତୁ ବୁଝିପାରି ନାହିଁ ।

ତୋ ରୂପ କେତେବେଳେ ସରଳ ତ

ଆଉ କେତେବେଳେ ଜଟିଳ ।

ଚହ୍ନିବା ତୋତେ ତ ବହୁତ କଷ୍ଟ

କିନ୍ତୁ ଅସମ୍ଭବ ନୁହେଁ ।

ସମୟ ଆସିଲେ ହିଁ

ଜଣାପଡେ ତୋ ଅସଲି ରୂପ ।

ଯେ ପ୍ରକୃତ ମଣିଷ ସେ

ନିଶ୍ଚୟ ଅସମୟରେ ସାହା ହେବ ।

ସିଭିଲ ଟାଉନସିପ୍, ରାଉରକେଲା
Pratikshyasatpathy07@gmail.com

# ବଣର୍‌ଇଜରେ ଲ୍‌ଗଛି ନଆଁ



ପ୍ରକାଶ କୁମାର ଗୁନ୍ଦ

ଅକଲ ମକଲ ଟକଲ ଟିଆଁ
ବଣରେ ଆମର ଲ୍‌ଗିଛି ନଆଁ
ବିଲୁଆ କହିଲ୍‌ ଆସି
ବିପଦ ବେଳରେ ଛାନଆ ନହୋଇ
ଥୟ୍‌ ଧର ଟିକେ ବସି ॥
କାଉ ବଣି ପାର୍‌ ଯେତକ ଥିଲେ
ବିକଳରେ ସବୁ ରଡି ଛାଡିଲେ
ହନୁବୁଢା ଗଛ ଡେଇଁ
କହିଲ୍‌ ଯାଉଛି ଆର ଜଙ୍ଗଲକୁ
ଏଠାରେ ରହିବି ନାହିଁ ॥
ଠେକୁଆ କହିଲ୍‌ ହେ ହନୁ ଅଜା
ଏବେଳେ ତୁମର ଇଏ କ ମଜା
ମନ କରି ଟିକେ ଦୃଢ
କେମିତି ବଞ୍ଚିବା ନଆଁର ଦାଉରୁ
ଉପାୟ୍‌ ଗୋଟିଏ କାଢ ॥
ହରିଣ ଛୁଆଟି ଦଉଡି ଆସି
କହିଲ୍‌ ଉପାୟ୍‌ ମୋ ପାଖେ ଅଛି
ଚ୍ଲ ଆମେ ସବୁ ଯିବା
ହାତୀ ମଉସାକୁ ଗୁହାରୀ କରି
ସାହାଯ୍ୟ ତାଙ୍କର ନେବା ॥

ହରିଣ କଥାକୁ ସମସ୍ତେ ଶୁଣି
ମନେ ମନେ ସବୁ ହୋଇଲେ ଗୁଣି
ଡେରି ନକରିକ ଗ୍ଲ
ହାତୀ ମଉସାଙ୍କ ସନ୍ଧାନେ ଗ୍ଲିଲେ
ନମାନକ ଢିପ ଖାଲ ॥
ସବୁ କଥା ଶୁଣି ଆସିଲା୍ ହାତୀ
ଦମ୍ଭରେ ତାହାର ଫୁଲା୍ଇ ଛାତି
ଗ୍ଲିଲା୍ ତ ନଇ ଆଡ଼େ
ଶୁଣ୍ଡରେ ତାହାର ପାଣି ଆଣି ପର୍
ଛିଞ୍ଚାରିଲା୍ ଗ୍ରିଆଡେ ॥
ଧୀରେ ଧୀରେ ଲିଭି ଗଲା୍ରେ ନଆଁ
ଖୁସିରେ ସଭିଏଁ ମାରିଲେ ଡିଆଁ
ବିପଦ ଗଲା୍ରେ ଟଳ
ଏବେ ଆମେ ସବୁ ସୁରକ୍ଷିତ ପର୍
ବଡ ପାଟିରେ କହିଲା୍ ଛେଳ ॥
ଶୁଣି ସିଂହ ର୍ଜା ଆସିଲେ ଧାଇଁ
ତୁରନ୍ତ ହାତୀକୁ ଡାକଲେ ତହିଁ
ସାହାସୀ ଘୋଷଣା କଲେ
ପୁରସ୍କାର ରୂପେ ଫୁଲ ମାଳଟିଏ
ବେକରେ ପିନ୍ଧେଇ ଦେଲେ ॥
ବଣ ମୂଲକ ହେଲା୍ ଗହଳ
ସଭିଏଁ ହୋଇଲେ ଚଳଚଞ୍ଚଳ
ଯେଝା କାମେ ଯିଏ ଗଲେ
କାଲିଠାରୁ ଗଛ ଲଗେଇବେ ବୋଲି
ସମସ୍ତେ ଶପଥ ନେଲେ ॥

ଜୟପୁର ଶାସନ, ପିପିଲି, ପୁରୀ

# ଚିତ୍ର

ସ୍ମୃତି କାଜଲ ଜେନା



ଭୁବନେଶ୍ୱର

# ଆପଣଙ୍କ ମତାମତ

ସମ୍ପାଦକ, ସଦିଚ୍ଛା। ବେଦନ୍ତୀ ପାଇଲି। ଚମତ୍କାର ସାଜସଜ୍ଜା ପ୍ରମାଣିତ କରୁଛି ସମ୍ପାଦନାର ଅଭିଜ୍ଞତା କେତେ ଅଧିକ । ତା ଛଡ଼ା ପ୍ରତି ମାସରେ ଏତେ ବଡ ଅବୟବ ନେଇ ନହାତି ନୟମିତ ଏକ ପତ୍ରିକା କୁ ପ୍ରକାଶ କରି ଆସିବା କମ ବଡ଼ କଥା ନୁହେଁ। ଅନେକ ଇ ପତ୍ରିକା ଆମ ରାଜ୍ୟରୁ ପ୍ରକାଶ ପାଉଛି ସତ, ଅନେକେ ଦଶ ବାର ପୃଷ୍ଠାର ପତ୍ରିକା ଟେ କରୁଛନ୍ତି ତାହା ପୁଣି ଅନଷ୍ଠା ଭାବେ ଯଥା ଆଜି ବାହାରିବ କାଲି ବାହାରିବ କହି ଚୁପ୍ ହୋଇ ଗଲେଣି। କେତେକ ଏବେବି ଭୁଆଁ ବୁଲେଇବା ରେ ବ୍ୟସ୍ତ। ଆପଣଙ୍କୁ ସାଧୁବାଦ ଯେ ଆପଣ ନଜ କର୍ତ୍ତବ୍ୟ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ। ବହୁତ୍ ଧନ୍ୟବାଦ ।

ଆନନ୍ଦ କୁମାର ମାଇତି, ସଭାପତି - ଅନ୍ତରୀକ୍ଷ NGO

ବେଦାନ୍ତୀ ର ପ୍ରତି ପାଦ ପ୍ରତି ଶବ୍ଦ ରେ ଭରି ରହିଛି ସ୍ରଷ୍ଟା ଙ୍କ ଲେଖନୀ ଚଳଚଞ୍ଚଳ ପ୍ରକାଶ କରି ନଜର କାୟା ବିସ୍ତାର କରିଚାଲିଛି ବିଶ୍ୱ ସାହିତ୍ୟ ଦର୍ପଣ ସମ୍ମୁଖରେ । ଧନ୍ୟବାଦ ବେଦାନ୍ତୀ ର ସମୂହ କର୍ମୀ କର୍ତ୍ତା ସମ୍ପାଦକ ଏବଂ ଆବାହକ ଶ୍ରୀ ଅରବିନ୍ଦ ମିଶ୍ର ସତ୍ୟ ସାଧନା ଜୀବନ ଦର୍ଶନ ର ଏକ ଜ୍ୱଳନ୍ତ ଉଦାହରଣ ସ୍ୱରୂପ ଏକ ବିରଳ ବ୍ୟକ୍ତିତ୍ୱ ମାନଙ୍କ ମଧ୍ୟରେ ଅଛନ୍ତି ନଶ୍ଚିତ । ଧନ୍ୟ ଆପଣ ଏବଂ ଆପଣଙ୍କ ଭାଷା ପ୍ରତିଷ୍ଠାନ । ପ୍ରଭୁ ଜଗନ୍ନାଥ ମାଁ ମାଣିକେଶ୍ୱରୀ ଆପଣଙ୍କୁ ଅନୁଷ୍ଠାନ କୁ ଏବଂ ସାହିତ୍ୟ କୁ ଶିଖର ଦେଶରେ ପରାକାଷ୍ଠା ର ପ୍ରଦୀପ ଭାବେ ଆପଣଙ୍କୁ ସାହିତ୍ୟ ର ମହାରଥୀ ଭାବେ ପହଞ୍ଚାଇବାକୁ ପ୍ରାର୍ଥନା କରୁଛି ।

ଅଜିତ ପାଢ଼ି, ନୂଆଗାଁ

ସମ୍ମାନନୀୟ ସମ୍ପାଦକ ମହାଶୟ,

ମୋ ପ୍ରିୟ ପତ୍ରିକା "ବେଦାନ୍ତୀ"ର ଏଇ ଅଗଷ୍ଟ ଇସୁ ଏବେ ସାଙ୍ଗେ ସାଙ୍ଗେ ପଢି ଆପଣଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ଏଥରର ଆପଣଙ୍କ ଲେଖନୀରେ ପ୍ରକୃତି ପରିବେଶ ଓ ବୃକ୍ଷ ରୋପଣ ଖୁବ୍ ସୁନ୍ଦର ଭାବରେ ପରିବେଷଣ କରିଛନ୍ତି। ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା। ଆଉଥରେ ଆପଣଙ୍କୁ କୃତଜ୍ଞତା ଜଣାଉଛି ମୋ ଲେଖାଟିକୁ ଗ୍ରହଣ କରିଥିବାରୁ।

**ପୁଷ୍ପାଞ୍ଜଳ ପଣ୍ଡା, ଷ୍ଟାଟିଷ୍ଟିକାଲ ଅଫିସର, ଯାଜପୁର**

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୯/୨୦୨୧ | କାଳୀୟ ଦଳନ ଏକାଦଶୀ |
| ୦୫/୦୯/୨୦୨୧ | ଗୁରୁ ଦିବସ |
| ୦୭/୦୯/୨୦୨୧ | ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ଓ ରେସହସ୍ରା ସ୍ନାନ |
| ୦୯/୦୯/୨୦୨୧ | ବାଲି ତୃତୀୟା ଓ ଗୌରୀ ବ୍ରତ |
| ୧୦/୦୯/୨୦୨୧ | ଗଣେଶ ଚତୁର୍ଥୀ ବ୍ରତ |
| ୧୧/୦୯/୨୦୨୧ | ନୂଆଖାଇ |
| ୧୨/୦୯/୨୦୨୧ | ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ |
| ୧୪/୦୯/୨୦୨୧ | ଶ୍ରୀ ରାଧାଷ୍ଟମୀ |
| ୧୬/୦୯/୨୦୨୧ | ସୁଦଶା ବ୍ରତ |
| ୧୭/୦୯/୨୦୨୧ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା |
| ୧୮/୦୯/୨୦୨୧ | ସନ ୧୪୨୯ ସାଲ ପ୍ରବେଶ |
| ୧୯/୦୯/୨୦୨୧ | ଅନନ୍ତ ବ୍ରତ |
| ୨୦/୦୯/୨୦୨୧ | ଇନ୍ଦ୍ରୋସ୍ୱବ ପୂର୍ଣ୍ଣିମାର ଚନ୍ଦ୍ରପୂଜା, ଭାଗବତ ଜନ୍ମ |
| ୨୬/୦୯/୨୦୨୧ | ଅଶ୍ୱ ପଞ୍ଚମୀ |
| ୨୭/୦୯/୨୦୨୧ | ଗଜଷଷ୍ଠୀ |
| ୨୮/୦୯/୨୦୨୧ | ମୂଳାଷ୍ଟମୀ, ଦ୍ୱିତୀୟବାହନ ଓଷା |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭ୍ବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



ଶିଳ ଶିଳପୁଆ ବେସର ବଟା
ଶିଳ ବଟା ବିରି ଗୁଉଳ ପିଠା
ଶିଳର ମହତ୍ୱ କେତେ
ସ୍ୱାଦ ତ ନଆର୍ ଗୁଣବି ଅଲଗା
କଏ ବା ଭାବୁଛି ଏତେ?
କୂଅପାଣି କଢା, ଶିଳରେ ବଟା
ସ୍ୱଚ୍ଛ ରହେ ସଦା ହାତ ଓ ଅଣ୍ଟା
ଆଇ ଜେଜେମାଙ୍କ ଜମାନା କାଳରେ
କଏ ଭାବୁଥିଲା ଔଷଧ କଥା?
ଟିକେ ପରିଶ୍ରମ ଦେହ ସୁସ୍ଥତା
ଆଧୁନକ ନାରୀ ଶ୍ରମ ଆପଣଉ
ଉତ୍ତର ଦାୟାଦ ଶିଖୁ ଏ କଥା ॥

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ସମୟ ଗଡିଲା ଯୁଗ ବଦଳଲା
ଯାନ୍ତ୍ରିକ ଜୀବନ ହେଲା ଆଧାର
ଶିଳ-ଶିଳୁପୁଆ କୋଣଠେସା ହେଲେ
ରୋଷେଇ ଶାଳ ରେ ନୂଆ ଉପଗ୍ରହ

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ମାଆ ହାତ ଶିଳ ବଟା ବେସର ତିଅଣ
ଶିଳ ବଟା ବିରିପିଠା ଝୁରେ ସଦା ମନ ।
ବୁଧେଇ ଓଷା ଅବା ହେଉ ଷଠି ପୂଜା
ବାହା ପରବରେ ଶିଳ, ପୁଆ ଆଗେ ଖୋଜା ।
ଗ୍ରାଇଣ୍ଡରେ କାମ ସିନା ହୁଅଇ ସଅଳ
ସ୍ୱାଦ ଆଉ ପରମ୍ପରା ସାଥେ ଯୋଡା ଶିଳ ॥

**ବିଜେତା: ପୁଷ୍ପଲତା ବେହେରା, ରାଉରକେଲା, ଓଡିଶା**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁ ନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇ ପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ଲକ୍ଷ୍ନୌ ରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**